Digitized by srujanika@gmail.com

ମୃତ୍ୟୁରଶ୍ମି

[ବୈଜ୍ଞାନିକ ଗଳ୍ପ]

ଡକ୍ଟର ଗୋକୁଳାନନ୍ଦ ମହାପାତ୍ର

ବିଜ୍ଞାନଭାରତୀ ।। କଟକ

Digitized by srujanika@gmail.com

MRUTUERASHMI
By Prof. Gokulananda Mohapatra

ପ୍ରଥମ ପ୍ରକାଶ ଫେବୃୟାରୀ ୨୦୦୦

ପ୍ରକାଶକ
ବିଜ୍ଞାନଭାରତୀ
ଆଲାମଚାନ୍ଦ ବଜାର, କଟକ ୭୫୩୦୦୨

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦ ବଜାର, କଟକ ୭୫୩୦୦୨

ପ୍ରଚ୍ଛଦ
ଶଶିକାନ୍ତ ରାଉତ

ମୁଦ୍ରଣ
ଶ୍ୟାମ ପ୍ରିଣ୍ଟର୍ସ, କଟକ

ମୂଲ୍ୟ ଟ ୭୦.୦୦

Digitized by srujanika@gmail.com

ମୁଖବନ୍ଧ

ମୃତ୍ୟୁରଶ୍ମି ନଅଗୋଟି ବୈଜ୍ଞାନିକ ଗଳ୍ପକୁ ନେଇ ରଚିତ । ଏଥିରେ ଯେଉଁ ଗଳ୍ପଗୁଡ଼ିକ ସ୍ଥାନ ପାଇଛି, ସେସବୁ ଏ ଯୁଗ ପାଇଁ ଅସମ୍ଭବ ଜଣା ପଡ଼ିଲେହେଁ ଏସବୁ ଯେ ଆସନ୍ତାଯୁଗରେ ଘଟିବ, ଏଥିରେ ସନ୍ଦେହ ନାହିଁ । ବିଜ୍ଞାନର ବର୍ତ୍ତମାନ ଯେଉଁ ଅଗ୍ରଗତି ହୋଇଛି, ସେଥିରେ ଏସବୁ ସମ୍ଭବ ହୋଇ ନ ପାରେ, କିନ୍ତୁ ଭବିଷ୍ୟତରେ ବିଜ୍ଞାନରେ ଯେଉଁ ଅଭୂତପୂର୍ବ ଅଗ୍ରଗତି ହେବ, ସେଥିରେ ଏସବୁ ନିତିଦିନିଆ କଥା ହୋଇ ପଡ଼ିବ । ଆଜିକାଲି ହୃଦ୍‌ଯନ୍ତ୍ର ପରିରୋପଣ ଏକ ସାଧାରଣ କଥା ହୋଇଗଲାଣି । ମସ୍ତିଷ୍କ ପରିରୋପଣ କେଉଁଠି ହୋଇ ନାହିଁ । କିନ୍ତୁ ଭବିଷ୍ୟତରେ ଏହା ହୃଦ୍‌ଯନ୍ତ୍ର ପରିରୋପଣ ଭଳି ଯେ ଏକ ସାଧାରଣ କଥା ହୋଇଯିବ ଏହାକୁ ଅସ୍ୱୀକାର କରାଯାଇ ନ ପାରେ ।

ଗ୍ରହାଣୁ ବୋମା ଆମକୁ ବର୍ତ୍ତମାନ ଅସମ୍ଭବ ଜଣାପଡୁଛି, କିନ୍ତୁ ଭବିଷ୍ୟତରେ ବିଜ୍ଞାନର ଅଗ୍ରଗତି ଫଳରେ ଏହା ସମ୍ଭବ ହେବ ଓ ଏହା ସାହାଯ୍ୟରେ ଜାତି ଜାତି ଭିତରେ ଯେ ଯୁଦ୍ଧ ହେବ ଏହାକୁ ଏଡ଼ାଇ ଦିଆଯାଇ ନ ପାରେ ।

ଆମ ବିଶ୍ୱର କୋଟିକୋଟି ନକ୍ଷତ୍ରରେ କୋଟିକୋଟି ଗ୍ରହ ଉପଗ୍ରହ ଅଛନ୍ତି । ସେଥିଭିତରୁ ଅନେକରେ ଜଳ, ବାୟୁ ତଥା ପୃଥିବୀଭଳି ଜୀବଜଗତ ଓ ମଣିଷ ଥାଇପାରନ୍ତି । ଦିନେ ହୁଏତ ଅନ୍ୟଗ୍ରହର ମଣିଷମାନେ ପୃଥିବୀକୁ ଆକ୍ରମଣ କରି ତାରକାଯୁଦ୍ଧ ଘଟାଇପାରନ୍ତି ।

ମୃତ୍ୟୁରଶ୍ମି ଆଜି ଅସମ୍ଭବ ନୁହେଁ । ଭବିଷ୍ୟତର ମୃତ୍ୟୁରଶ୍ମି ବର୍ତ୍ତମାନଠାରୁ ଅଧିକ ଭୟାବହ ହେବ । ଏହାକୁ ନେଇ ଯୁଦ୍ଧ କଲେ ମଣିଷସମାଜ ପୃଥିବୀପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ ।

ଏହିଭଳି ଭାବରେ ଦେଖିଲେ, ଏହି ପୁସ୍ତକଟିରେ ସନ୍ନିବେଶିତ ଗଳ୍ପଗୁଡ଼ିକ ବର୍ତ୍ତମାନ ପାଇଁ ଅସମ୍ଭବ ଜଣାପଡ଼ିଲେ ମଧ୍ୟ ଭବିଷ୍ୟତ ପାଇଁ ସମ୍ଭବ ହୋଇପାରେ ।

ପରିଶେଷରେ ଏହି ଗଳ୍ପଗୁଡ଼ିକୁ ପଢ଼ି ପାଠକପାଠିକାମାନେ ଯଦି ସେମାନଙ୍କ କଳ୍ପନାଶକ୍ତିକୁ ପ୍ରସାରିତ କରିପାରନ୍ତି ତେବେ ଏହା ଆଧୁନିକ ଯୁଗ ପାଇଁ ଉପଯୋଗୀ ହେବ ।

ଲେଖକ

ଆମ୍ରପଲ୍ଲୀ
ଦୋଳମୁଣ୍ଡାଇ, କଟକ–୯
ତା ୧୦.୨.୨୦୦୦

Digitized by srujanika@gmail.com

ସୂଚୀପତ୍ର

୧. କୃତ୍ରିମ ମଣିଷ (Man Made Man) ୧

୨. ମସ୍ତିଷ୍କ ପରିରୋପଣ (Brain Transplantation) ୨୧

୩. ସରୋଗେଟ୍ ମା (Sarogate Mother) ୪୫

୪. ଗ୍ରହାଣୁ ବୋମା (Asteroid Bomb) ୬୫

୫. କମ୍ପ୍ୟୁଟରର ଚେସଖେଳ (Computer's Chessplay) ୮୮

୬. ତାରକା ଯୁଦ୍ଧ (Star War) ୧୦୭

୭. ମହାଶୂନ୍ୟର ବିପଦ (Dangers from Space) ୧୨୧

୮. ସମୟରେ ଫାଟ (Crack in Time) ୧୩୮

୯. ମୃତ୍ୟୁରଶ୍ମି (Death Ray) ୧୫୩

Digitized by srujanika@gmail.com

କୃତ୍ରିମ ମଣିଷ

ପ୍ରଶାନ୍ତବାବୁଙ୍କର ନିଦ ହଠାତ୍ ଭାଜିଗଲା । ଠିକ୍ ସେହି ସମୟରେ କୋଇଲି ଘଣ୍ଟାଟି ବୋବାଇ ଉଠିଲା କୁଉ-କୁଉ-କୁଉ ଠିକ୍ ଛଅଥର । ତାଙ୍କର ଦୃଷ୍ଟି ପଡ଼ିଗଲା ସେହି କୋଇଲି ଘଣ୍ଟାଟି ଉପରେ । ସମୟ ସମୟରେ ନିଦ ଭାଜିଗଲେ ମଧ୍ୟ ବିଛଣାରୁ ଉଠିବାକୁ ଇଚ୍ଛା ହୁଏ ନାହିଁ । ସେ ଭାବିବାକୁ ଲାଗିଲେ ସେହି ଘଣ୍ଟାଟି ବିଷୟରେ । ପ୍ରଶାନ୍ତ ବାବୁ ଘଣ୍ଟାଟିକୁ ଆଣିଥିଲେ ବିଦେଶରୁ ପଢ଼ାସାରି ଫେରିବାବେଳେ ସୁଇଜରଲାଣ୍ଡର ସୁପ୍ରସିଦ୍ଧ ନଗରୀ ଜେନିଭାରୁ । ଏହି କୋଇଲି ଘଣ୍ଟାଟିର ବିଶେଷତ୍ୱ ହେଲା ଠିକ୍ ସମୟ ହେଲାମାତ୍ରେ କୋଇଲିଟିଏ ତା ଛୋଟ କୋଠରି ଭିତରୁ ବାହାରିଆସି ସମୟ ଅନୁସାରେ ସେତିକିଥର ବୋବାଇଦେଇ ପୁଣି ନିଜ କୋଠରି ଭିତରକୁ ଚାଲିଯାଇ ଦୁଆର ବନ୍ଦ କରିଦିଏ । ପ୍ରଶାନ୍ତବାବୁଙ୍କର ଏହି କୋଇଲି ଘଣ୍ଟାଟି ଅତି ପ୍ରିୟ । ବିଦେଶରୁ ଆଣିଥିବାରୁ ନିଜକୁ ବହୁତ ଧନ୍ୟ ମନେକରନ୍ତି । ତାଙ୍କର ସାଙ୍ଗସାଥୀମାନେ କହନ୍ତି "ପ୍ରଶାନ୍ତ, ତୁ ତ ସୁବିଖ୍ୟାତ ଜେନିଭା ନଗରୀରୁ ହଜାର ହଜାର ଘଣ୍ଟା ମଧ୍ୟରୁ ଏହି ସୁନ୍ଦର ବୋବାଉଥିବା କୋଇଲି ଘଣ୍ଟାଟିକୁ ପସନ୍ଦ କରି ଆଣିଲୁ । ଅଥଚ ପସନ୍ଦ କରି ଜୀବନସାଥୀଟିଏ ଆଣିପାରିଲୁନି ବିଦେଶରୁ ? କେତେବଡ଼ ଭୁଲ କଲୁ କହିଲୁ ? ଆଉ ଏଠି କ'ଣ ଜୀବନସାଥୀ ବାଛିବୁ ? ଜୀବନ ତୋର ଅସମ୍ପୂର୍ଣ୍ଣ ରହିଯିବ ନିଶ୍ଚୟ ।"

ପ୍ରଶାନ୍ତ ବାବୁ ବିଦେଶରୁ ଫେରିଲାପରେ ବର୍ତ୍ତମାନ ଏଠାରେ ଗୋଟିଏ ଇଞ୍ଜିନିଅର ପୋଷ୍ଟରେ ନିଯୁକ୍ତି ପାଇଛନ୍ତି । ବାହାଘର ପ୍ରଶ୍ନ ଏପର୍ଯ୍ୟନ୍ତ ଉଠି ନାହିଁ । ଘରେ ସେ ଏକୁଟିଆ ଓ ତାଙ୍କର କୁକୁର ଲାସି । ରୋଷେଇବାସ କରିବା ପାଇଁ ଚାକରଟିଏ । ପ୍ରଶାନ୍ତ ବାବୁ ଓ ସାଥୀ ଲାସି ବେଶ୍ ଆନନ୍ଦରେ ଦିନ କାଟନ୍ତି । ଲାସିକୁ ପ୍ରଶାନ୍ତବାବୁ କେବେ ପାଖରୁ ଛାଡ଼ନ୍ତି ନାହିଁ । ସେ ଯେତେବେଳେ ଯାହା ଖାଆନ୍ତି, ଲାସି ସବୁବେଳେ ସେଥିର ଅଂଶୀଦାର ହୋଇଥାଏ । ସେ ମଧ୍ୟ ଯେତେବେଳେ ବାହାରକୁ ବୁଲି ଯାଆନ୍ତି ଲାସି ସବୁବେଳେ ତାଙ୍କ ସାଙ୍ଗରେ ଥାଏ । ଅଧିକାଂଶ ସମୟ ପ୍ରଶାନ୍ତବାବୁ ଲାସି ସାଙ୍ଗରେ ଖେଳନ୍ତି ଓ ତାକୁ କ୍ରୀଡ଼ାକୌଶଳ ଶିଖାଇବାରେ ସମୟ କଟାଇ ଦିଅନ୍ତି । ବାକି ସମୟତକ ବୈଜ୍ଞାନିକ ପତ୍ରପତ୍ରିକା ଆଦି ପଢ଼ିବାରେ କଟିଯାଏ । ତାଙ୍କର ବିଜ୍ଞାନ ପ୍ରତି ଭାରି ଆଗ୍ରହ ।

Digitized by srujanika@gmail.com

ସେଦିନ ରବିବାର । ପ୍ରଶାନ୍ତ ବାବୁ ବିଛଣାରୁ ଉଠିଲେ । ଦେଖିଲେ ପାଗଟା ବେଶ୍ ଭଲ ହୋଇଛି । ଭୋରୁ ଆକାଶ ପୂରା ମେଘାଛନ୍ନ ଥିଲେ ମଧ୍ୟ ବର୍ତ୍ତମାନ ବେଶ୍ ପରିଷ୍କାର ସଫାହୋଇ ନୀଳ ହୋଇଗଲାଣି । ସେ ଭାବିଲେ ବର୍ତ୍ତମାନ ଲାସିକୁ ନେଇ ଗାଡ଼ିରେ ଘେରାଏ ବୁଲି ଆସିଲେ କିଛି ମନ୍ଦ ହୁଅନ୍ତା ନାହିଁ । ଲାସି ମଧ୍ୟ ପ୍ରଶାନ୍ତବାବୁଙ୍କ ପାଖେପାଖେ ରହି ବେଶ୍ ବୁଲିବା ପ୍ରିୟ ହୋଇଯାଇଛି । ତାକୁ ଡାକିବା ମାତ୍ରେ ସେ ଖୁବ୍ ଖୁସି ହୋଇଯାଇ ସାଙ୍ଗେ ସାଙ୍ଗେ ଲାଙ୍ଗୁଳ ହଲାଇ ହଲାଇ ଗାଡ଼ି ପାଖକୁ ଦୌଡ଼ିଗଲା । ପ୍ରଶାନ୍ତବାବୁ ସିଧା ରୋଡ଼ରେ ଡ୍ରାଇଭ୍ କରିବାକୁ ଲାଗିଲେ । କିଛିବାଟ ଗଲାପରେ ପ୍ରଶାନ୍ତବାବୁଙ୍କର ହଠାତ୍ ମନେପଡ଼ିଲା ଯେ ସେ ଆଜି ଉଠିଲାପରେ କିଛି ଜଳଖିଆ ଖାଇ ନାହାନ୍ତି । ଲାସି ମଧ୍ୟ କିଛି ଖାଇ ନାହିଁ । ତେଣୁ ଗୋଟିଏ ଭଲ ରେଷ୍ଟୁରାଣ୍ଟ ଖୋଜିବାକୁ ପଡ଼ିବ । ଗାଡ଼ିରେ ମଧ୍ୟ ପେଟ୍ରୋଲ ନାହିଁ । ଆଗେ ପେଟ୍ରୋଲ ନେଇଗଲେ ତା'ପରେ ଖାଇବା ବ୍ୟବସ୍ଥା ହେବ । କାଲି ଗୋଟିଏ ସାଙ୍ଗର ପାର୍ଟିରୁ ଫେରିଥିବାରୁ ନିଦ ମଧ୍ୟ ଭୋଗ ହୋଇ ନାହିଁ । ପ୍ରଶାନ୍ତବାବୁଙ୍କର ଧାରଣା ଯେ କେବଳ ଶୋଇରହି ବିଶ୍ରାମ ନେଲେ କ'ଣ କ୍ଳାନ୍ତି ଦୂର ହୁଏ ? କିଛିବାଟ ଡ୍ରାଇଭ୍ କରି ମନଟା ଫୁର୍ତ୍ତି କରିନେଲେ ସେ ଭାବନ୍ତି ସବୁକିଛି ଦୂର ହୋଇଯିବ । ସେଥିପାଇଁ ସେ ଆଜି ବେଶି ସମୟ ନ ଶୋଇ ବୁଲି ବାହାରିଛନ୍ତି । ଆଗରେ ଏକ ପେଟ୍ରୋଲ ଷ୍ଟେସନ ଦେଖାଗଲା । ସେଠାରେ ସେ ଗାଡ଼ି ଅଟକାଇଲେ ଓ କିଛି ପେଟ୍ରୋଲ ଭର୍ତ୍ତି କରିବା ପାଇଁ ବରାଦ କରିଦେଲେ ।

ପାଖରେ ଏକ ବିରାଟ କୋଠାଘର । ଘର ଆଗରେ ଗୋଟିଏ ବଗିଚାରେ ଦଶ ବାରବର୍ଷର ଅନିନ୍ଦ୍ୟ ସୁନ୍ଦରୀ ଝିଅଟିଏ ତା'ର ଅତି ଆଦରର ବିଲେଇଛୁଆକୁ କୋଳରେ ଧରି ଗେଲ କରୁଛି । ଲାସି ବିଲେଇ ଛୁଆକୁ ଦେଖି ଗାଡ଼ିରୁ ଚଟ୍‌କରି ଡେଇଁପଡ଼ି ଭୋ ଭୋ ହୋଇ ଏକାଡ଼ିଆଁକେ ଯାଇ ଝିଅଟି ଆଗରେ ହାଜର । ପ୍ରଶାନ୍ତବାବୁ ଯେତେ ଡାକିଲେ ମଧ୍ୟ ଶୁଣିବାକୁ ନାହିଁ । କାଳେ ଲାସି ବିଲେଇ ଛୁଆକୁ ଆକ୍ରମଣ କରିବ, ଏହି ଭୟରେ ପ୍ରଶାନ୍ତବାବୁ ତା ପଛେ ପଛେ ଦୌଡ଼ିଲେ । କୁକୁରଟିକୁ ଦୌଡ଼ିଆସିବା ଦେଖି ଝିଅଟା ତାଟଙ୍ଗା ହୋଇଗଲା । କ'ଣ କରିବ ଭାବି ନ ପାରି ହଠାତ୍ ଏକ ଅଦ୍ଭୁତ ଯନ୍ତ୍ର ତା ପକେଟରୁ ବାହାର କରି ଲାସି ଆଡ଼କୁ ଦେଖାଇବା ମାତ୍ରେ ଲାସି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ଏହାଦେଖି ପ୍ରଶାନ୍ତବାବୁ ବଡ଼ ଆଶ୍ଚର୍ଯ୍ୟ ହୋଇଗଲେ । ଘଟଣାଟା କ'ଣ ହେଲା ଜାଣିବା ପାଇଁ ସେ ମଧ୍ୟ ଆଗ୍ରହର ସହିତ ଝିଅଟି ପାଖକୁ ଦୌଡ଼ିଗଲେ । ଝିଅଟି ହଠାତ୍ ଦୌଡ଼ିଯାଇ ଘର ଭିତରେ ପଶିଯାଇ କବାଟ ବନ୍ଦକରିଦେଲା । ପ୍ରଶାନ୍ତବାବୁ ଯେତେ

Digitized by srujanika@gmail.com

ଡାକିଲେ ହେଁ କେହି ଶୁଣିଲେ ନାହିଁ । ପ୍ରଶାନ୍ତବାବୁଙ୍କର ଲାସି ଅତି ପ୍ରିୟ । ସେ ତାକୁ ଛାଡ଼ି ରହିବେ କିପରି ? ସେ ଭାବି ପାରିଲେ ନାହିଁ ପ୍ରକୃତରେ ଲାସିର ଏ କ'ଣ ହେଲା ? ଏ ସବୁ ଭାବି ତାଙ୍କ ମୁଣ୍ଡ ଗୋଳମାଳ ହୋଇଗଲା । ସେ ଖୁବ୍ ଜୋର୍‌ରେ କବାଟ ବାଡ଼େଇବାରେ ଲାଗିଗଲେ । କିଛି ସମୟ ପରେ ଏକ ବୟସ୍କଲୋକ ଦ୍ୱାର ଖୋଲିଲେ । ପ୍ରଶାନ୍ତବାବୁ ଏକା ନିଃଶ୍ୱାସରେ ତାଙ୍କୁ ସବୁକଥା କହିଗଲେ ।

ଲୋକଜଣକ ହସିଲେ, "ଦେଖନ୍ତୁ ମିଷ୍ଟର, ଆପଣ ଏତେ ବ୍ୟସ୍ତ ହୋଇ ପଡୁଛନ୍ତି କାହିଁକି ? ଆପଣଙ୍କ କୁକୁର ଏହି ପାଖଆଖରେ କେଉଁଠି ବୁଲୁଥିବ । ଆଉ ଆପଣ ଏ କି ଆଶ୍ଚର୍ଯ୍ୟ କଥା କହୁଛନ୍ତି, କୁକୁରଟି ଅନ୍ତର୍ଦ୍ଧାନ ହୋଇଗଲା । ଆପଣ ବୋଧହୁଏ ବହୁ ସମୟ ଡ୍ରାଇଭ୍ କରି କରି କ୍ଳାନ୍ତ ହୋଇ ପଡ଼ିଛନ୍ତି ସେଥିପାଇଁ ଆପଣଙ୍କୁ ସେପରି ବୋଧହେଲା । ଚାଲନ୍ତୁ ଦେଖିବା ହୁଏତ ଅଦୂରରେ କୁକୁରଟି କେଉଁଠି ବୁଲୁଥାଇପାରେ ।

ପ୍ରଶାନ୍ତବାବୁ ଓ ସେହି ଲୋକଜଣକ ଲାସିକୁ ଖୋଜିବାକୁ ବାହାରିଗଲେ । ଲୋକଜଣକ କହିଲେ, "ଆପଣ ଗୋଟିଏ ପଟେ ଖୋଜନ୍ତୁ ମୁଁ ଆରପଟେ ଖୋଜୁଛି ।" ପ୍ରଶାନ୍ତବାବୁ କହିଲେ, "ଦେଖନ୍ତୁ, ମୋ ଆଖି ଆଗରେ ମୋ କୁକୁର କୁଆଡ଼େ ଅଦୃଶ୍ୟ ହୋଇଗଲା, ଆଉ ଆପଣ କ'ଣ କହୁଛନ୍ତି ନା ଖୋଜିବା ଚାଲନ୍ତୁ ।" ଲୋକଜଣକ ହସିଲେ, "ମୋ କଥା ବିଶ୍ୱାସ କରନ୍ତୁ, ଆପଣଙ୍କ କୁକୁର ନିଶ୍ଚୟ ଏଠାରେ କେଉଁଠି ଥିବ । କୁଆଡ଼େ ଅଦୃଶ୍ୟ ହୋଇ ଯାଇ ନାହିଁ । ଚାଲନ୍ତୁ ଖୋଜିବା, ଆଉ ଡେରି କରିବା ଉଚିତ ନୁହେଁ ।" କିଛିସମୟ ଖୋଜାଖୋଜି କରିବା ପରେ ଲାସି କୁଆଡ଼େ ଥିଲା ସାଙ୍ଗେ ସାଙ୍ଗେ ଦୌଡ଼ି ଆସିଲା । ପ୍ରଶାନ୍ତବାବୁ ଏସବୁ ଦେଖି ବଡ଼ ଆଶ୍ଚର୍ଯ୍ୟ ହୋଇଗଲେ । ସେ କିଛିସମୟ ପୂର୍ବରୁ ଲାସି ଲାସି ଏତେ ଡାକିଲେ ଶୁଣିଲା ନାହିଁ, କିନ୍ତୁ ସାଙ୍ଗେ ସାଙ୍ଗେ କୁଆଡ଼େ ଥିଲା ଚାଲି ଆସିଲା ? ପ୍ରଶାନ୍ତବାବୁ ଲୋକଟିକୁ ଭଦ୍ରତା ଦୃଷ୍ଟିରୁ ଧନ୍ୟବାଦ ଦେବା ଛଡ଼ା ତାଙ୍କର ଅନ୍ୟ କିଛି ଉପାୟ ନ ଥିଲା । ସେ ସାଙ୍ଗେ ସାଙ୍ଗେ ଲାସିକୁ ନେଇ ଗାଡ଼ି ପାଖକୁ ଫେରିଆସି ଗାଡ଼ିରେ ବସି ବାହାରିଗଲେ । ମୁଣ୍ଡ ଭିତରେ ସେହି ଗୋଟିଏ ଚିନ୍ତା, ଘଟଣାଟା ପ୍ରକୃତରେ କ'ଣ ହେଲା ? ସେ ଅନୁଭବ କରିପାରିଲେ ଯେ, ତାଙ୍କୁ ଭୀଷଣ ଭୋକ ହେଲାଣି । ଲାସିକୁ ମଧ କମ୍ ହେଉ ନ ଥିବ । ସେ ଆହୁରି ଆଗକୁ ଆଗକୁ ଚାଲିଲେ । ହଠାତ୍ ତାଙ୍କ ଗାଡ଼ିରେ କ'ଣ ଗୋଟାଏ ଧକ୍କା ଲାଗିଲା ପରି ମନେହେଲା । ଚାହୁଁ ଚାହୁଁ ତାଙ୍କର ଆମେରିକାରୁ ଆଣିଥିବା ନୂଆ ପ୍ଲିମଥ୍ ଗାଡ଼ିଟି ଭାଙ୍ଗି ଚୂରମାର୍

Digitized by srujanika@gmail.com

ହୋଇଗଲା । ଲାସି ଓ ସେ ନିଜେ ବାହାରେ ପଡ଼ିଗଲେ । ପ୍ରଶାନ୍ତବାବୁ ନିଜ ଅବସ୍ଥା ଭୁଲି ଲାସି ପାଖକୁ ଦୌଡ଼ିଗଲେ । ସେ ଅଚେତ୍ ହୋଇ ପଡ଼ିଯାଇଛି । ମୁଣ୍ଡରେ ଆଘାତ ଲାଗି ରକ୍ତର ସ୍ରୋତ ଛୁଟି ଚାଲିଛି । ଲାସିର ଏ ଅବସ୍ଥା ଦେଖି ତାଙ୍କ ହୃଦୟ ସମ୍ଭାଳିଲା ନାହିଁ । ସେ ଲାସିକୁ ଧରି ଅତି କରୁଣ ଭାବରେ 'ଲାସି' 'ଲାସି' ବୋଲି ଚିତ୍କାର କରିବାକୁ ଲାଗିଲେ । ଗାଡ଼ିର ଅବସ୍ଥା ଓ ନିଜର ଅବସ୍ଥା କଥା ସେ ସେତେବେଳେ ପୂରାପୂରି ଭୁଲି ଯାଇଥିଲେ ।

ଏହି ଦୁର୍ଘଟଣା ଦେଖି ନିକଟରେ ଥିବା କେତେଜଣ ଲୋକ ଦୌଡ଼ିଆସି ତାଙ୍କୁ ଧରି ଉଠାଇଲେ । ପ୍ରଶାନ୍ତବାବୁ ଆଜି ପର୍ଯ୍ୟନ୍ତ କେବେ ଦୁର୍ଘଟଣାର ସମ୍ମୁଖୀନ ହୋଇ ନ ଥିଲେ । ସେ ଆମେରିକା ଭଳି କାର୍‌ବହୁଳ ଦେଶରେ ଖୁବ୍ ସ୍ପିଡ୍‌ରେ ଗାଡ଼ି ଚଳାଇ ଆସିଛନ୍ତି, ଯେଉଁଠାରେ କି ପ୍ରତିଦିନ ଶହ ଶହ ଗାଡ଼ି ଦୁର୍ଘଟଣା ହୁଏ, କିନ୍ତୁ ସେ କେଉଁଠି ଦୁର୍ଘଟଣାର ସମ୍ମୁଖୀନ ହୋଇ ନାହାନ୍ତି । ଅଥଚ ଆଜି ହଠାତ୍ ଏ ଖୋଲା ରାସ୍ତାରେ,– ଆଉ ଭାବି ପାରିଲେନି । ସେ ଚାରିଆଡ଼କୁ ଲକ୍ଷ୍ୟ କରି ଦେଖିଲେ ଯେ, ଗାଡ଼ି ଦୁର୍ଘଟଣା ଘଟିବାର କୌଣସି କାରଣ ନାହିଁ । ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା ଯେ, କିଛି କାରଣ ନ ଥିବା ସତ୍ତ୍ୱେ ଗାଡ଼ିଟି ଏପରି ଭାବରେ ଚୁରମାର୍ ହୋଇଗଲା କିପରି ? ଏସବୁ ଦେଖି ସେ ବଡ଼ ଆଶ୍ଚର୍ଯ୍ୟ ହୋଇଗଲେ । ଲୋକଗୁଡ଼ିକ ତାଙ୍କୁ କହିଲେ, "ବାବୁ ଚାଲନ୍ତୁ ଆମ ସାଙ୍ଗରେ, ପାଖରେ ଗୋଟିଏ ଡାକ୍ତରଖାନା ଅଛି । ସେଠାରେ ଡାକ୍ତରବାବୁ ଆପଣଙ୍କ ଚିକିତ୍ସା କରିବେ ।

ପ୍ରଶାନ୍ତବାବୁଙ୍କର ଇଚ୍ଛା ହେଉ ନ ଥିଲା ଲାସିକୁ ସେହିପରି ଅବସ୍ଥାରେ ଛାଡ଼ି ସେଠୁ ଚାଲି ଯିବାପାଇଁ । ଲୋକମାନେ କିନ୍ତୁ ତାଙ୍କୁ ଜିଗର କରି ପାଖ ଡାକ୍ତରଖାନାକୁ ନେଇଗଲେ । କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥା ଯେ ସେଠାରେ ସେ ଦେଖିବାକୁ ପାଇଲେ ସେହି ଭଦ୍ରବ୍ୟକ୍ତିଙ୍କୁ, ଯେ କି ତାଙ୍କ କୁକୁରକୁ ଖୋଜି ଦେଇଥିଲେ । ଆଉ ଅନ୍ୟ ଦୁଇଜଣ ଲୋକ ମଧ୍ୟ ସେଠାରେ ଥିଲେ । ଦୁଇଜଣଙ୍କର ପୋଷାକପତ୍ରରୁ ମନେ ହେଉଥିଲା କମ୍ପାଉଣ୍ଡର ବୋଲି । ତାଙ୍କ ଗହଣରେ ଜଣେ ବୈଜ୍ଞାନିକ ମଧ୍ୟ ଥିଲେ । ପ୍ରଶାନ୍ତବାବୁଙ୍କୁ ଗୋଟିଏ ଚେୟାର ଦିଆଗଲା ବସିବା ପାଇଁ ।

ଡାକ୍ତରଜଣକ ସଙ୍ଗେ ସଙ୍ଗେ ପ୍ରଶାନ୍ତବାବୁଙ୍କ କ୍ଷତସ୍ଥାନ ଓ ଫାଟି ଯାଇଥିବା ସ୍ଥାନ ଉପରେ ଏକପ୍ରକାର ଯନ୍ତ୍ରରୁ ଅଦୃଶ୍ୟ ରଶ୍ମି ପକାଇଲେ । ସଙ୍ଗେ ସଙ୍ଗେ କ୍ଷତସ୍ଥାନଗୁଡ଼ିକ ଭଲ ହୋଇ ସୁସ୍ଥ ସ୍ଥାନ ଭଳି ଦିଶିଲା । ରକ୍ତ ଆଦି ସବୁ ଉଭେଇଗଲା । ବୈଜ୍ଞାନିକଜଣକ ଖୁବ୍ ଗମ୍ଭୀର ଦେଖାଯାଉଥିଲେ । ସେ କହିଲେ, "ଦେଖନ୍ତୁ ପ୍ରଶାନ୍ତବାବୁ, ଆପଣଙ୍କୁ ବହୁତଗୁଡ଼ିଏ ଘଟଣା ବଡ଼ ଆଶ୍ଚର୍ଯ୍ୟ ମନେ

Digitized by srujanika@gmail.com

ହେଉଥିବ, ନୁହେଁ ? ପ୍ରଥମତଃ ଆପଣଙ୍କ କୁକୁର ଅଦୃଶ୍ୟ ହୋଇଯିବା, ଦ୍ୱିତୀୟରେ କିଛି କାରଣ ନ ଥିବା ସତ୍ତ୍ୱେ ଆପଣଙ୍କର ନୂଆ ପ୍ଲିମଥ୍ ଗାଡ଼ିଟି ଭାଙ୍ଗି ଚୂର୍‌ମାର୍ ହୋଇଯିବା, ତୃତୀୟରେ ଆପଣଙ୍କ କ୍ଷତସ୍ଥାନ ପୂରାପୂରି ଉଭେଇଯିବା । ଆମେ ଆପଣଙ୍କୁ ଏ ସବୁ କେମିତି ହେଲା ବୁଝାଇଦେବା ପାଇଁ ପ୍ରସ୍ତୁତ ଅଛୁ, କିନ୍ତୁ ଏ ସବୁ ବିଷୟ ଜାଣିସାରିବା ପରେ ଆପଣ ଯେପରି ଆପଣଙ୍କ ପୂର୍ବସ୍ଥାନକୁ ଫେରିବା କଥା ନ ଭାବନ୍ତି । ଆମେ ଜାଣିପାରିଛୁ ଯେ, ଆପଣ ଜଣେ ବିଶିଷ୍ଟ ବୈଜ୍ଞାନିକ ଓ ଆପଣଙ୍କ ଭଳି ବୈଜ୍ଞାନିକମାନେ ଆପଣଙ୍କ ରାଜ୍ୟରେ ବହୁତ ଉନ୍ନତିମୂଳକ କାମରେ ଲାଗିଛନ୍ତି । ଆମ ଅଞ୍ଚଳ କିନ୍ତୁ ପୃଥିବୀରେ ନୁହେଁ । ଆମେ ପୃଥିବୀ ବାହାରର ଲୋକ । ଆପଣଙ୍କ ପୃଥିବୀ ତୁଳନାରେ ଆମେ ବିଜ୍ଞାନରେ ବହୁତ ଉନ୍ନତି କରି ପାରିଛୁ, ଯାହାକି ଆପଣମାନେ କଳ୍ପନା କରିପାରିବେ ନାହିଁ । ଆମେ କିନ୍ତୁ ଚାହୁଁନା ଯେ ଆମର ଏହି ଗୁପ୍ତ ତଥ୍ୟଗୁଡ଼ିକ ବାହାରେ ପ୍ରକାଶ ପାଉବୋଲି । ତେଣୁ କରି ଆମେ ଅନ୍ୟମାନଙ୍କଠାରୁ ଦୂରରେ ରହିବାକୁ ଚେଷ୍ଟା କରୁଛୁ । ଆପଣ ଏହି ବିଷୟରେ କିଛି ଚିନ୍ତା କରୁଥିବାରୁ ଓ କିଛି ସନ୍ଦେହ ପ୍ରକାଶ କରିଥିବାରୁ ଆମେ ଜାଣିଶୁଣି ଆପଣଙ୍କ ଗାଡ଼ିକୁ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ଦେଇଥିଲୁ । ଆପଣ, ଆପଣଙ୍କ କୁକୁର ଓ ଗାଡ଼ି ବିଷୟରେ ବ୍ୟସ୍ତ ହେବା ଉଚିତ ନୁହେଁ । ସେଗୁଡ଼ିକ ଭଲ ଅବସ୍ଥାରେ ଆପଣଙ୍କୁ ଯଥାସମୟରେ ଫେରାଇ ଦିଆଯିବ ।

ପ୍ରଶାନ୍ତ ବାବୁ ଏ କଥାଗୁଡ଼ିକ ଶୁଣିସାରି କହିଲେ, "ମୋ ଗାଡ଼ି ତ ଭାଙ୍ଗି ଏକବାର ଚୂର୍‌ମାର୍ ହୋଇଯାଇଛି । ତାକୁ ସଜାଡ଼ିବା ତ ଅସମ୍ଭବ । ଆଉ ଲାସି, ତା'ର ତ ହୃତ୍‌ସ୍ପନ୍ଦନ ଆସ୍ତେ ଆସ୍ତେ କମି ଆସି ବନ୍ଦ ହୋଇ ଯାଇଥିବ । ସେ ତ ଆଉ ବଞ୍ଚି ନ ଥିବ ।" ଏତକ କହି ପ୍ରଶାନ୍ତବାବୁ ଭୋ ଭୋ ହୋଇ କାନ୍ଦି ଉଠିଲେ ।

ବୈଜ୍ଞାନିକଜଣକ କହିଲେ, "ପ୍ରଶାନ୍ତବାବୁ, ଆପଣ ମୋଟେ ବ୍ୟସ୍ତ ହୁଅନ୍ତୁ ନାହିଁ । ଲାସିର ହୃଦ୍‌ସ୍ପନ୍ଦନ ପୂରା ବନ୍ଦ ହୋଇ ଯାଇଥିଲେ ମଧ୍ୟ ଆମେ ତାକୁ ସକ୍ରିୟ କରିଦେଇପାରିବୁ । ଆମର ଏଠି କୌଣସି ଲୋକକୁ ମରିବାକୁ ଦିଆଯାଏ ନାହିଁ । ଆମେ ଆପଣଙ୍କୁ ସବୁ ବିଷୟ ବୁଝାଇଦେବୁ । ଆପଣ ମୋଟେ ବ୍ୟସ୍ତ ହୁଅନ୍ତୁ ନାହିଁ ।"

ଏହାପରେ ବୈଜ୍ଞାନିକଜଣକ ଏକ ସୁଇଚ୍ ଟିପିଲେ ଓ ସଙ୍ଗେ ସଙ୍ଗେ ଏକ ଅନିନ୍ଦ୍ୟସୁନ୍ଦରୀ ତରୁଣୀଟିଏ ଆସି ତାଙ୍କ ସମ୍ମୁଖରେ ଠିଆ ହେଲେ । ବୈଜ୍ଞାନିକ ତାଙ୍କୁ କହିଲେ, "ଦେଖ ପାରମିତା, ଏହି ଭଦ୍ରବ୍ୟକ୍ତିଙ୍କୁ ଭିତରକୁ ନେଇ ତାଙ୍କ ଖାଇବା ପିଇବାର ବ୍ୟବସ୍ଥା କର ଓ ତାଙ୍କପାଇଁ ଗୋଟିଏ ଭଲ ସୁସଜ୍ଜିତ ରୁମ୍ ମଧ୍ୟ ଯୋଗାଡ଼ କରିଦିଅ, ଯେପରିକି ସେ ଭଲ ଭାବରେ ବିଶ୍ରାମ ନିଅନ୍ତି । ଆଉ ଦେଖ, ତାଙ୍କର କୌଣସିଥିରେ ଯେମିତି କିଛି ଅସୁବିଧା ନ ହୁଏ ।

Digitized by srujanika@gmail.com

ତରୁଣୀଜଣକ ପ୍ରଶାନ୍ତବାବୁଙ୍କୁ ସାଙ୍ଗେ ସାଙ୍ଗେ ଭିତରକୁ ଡାକି ନେଇଗଲେ । ସେ ଯୁବତୀଟିର ସୌନ୍ଦର୍ଯ୍ୟରେ ଏତେ ମୁଗ୍ଧ ହୋଇ ଯାଇଥିଲେ ଯେ ଯନ୍ତ୍ରଚାଳିତ ଭଳି ତାଙ୍କ ପଛେ ପଛେ ଚାଲିଲେ । କିଛିଦୂର ଗଲାପରେ ଏକ ସୁସଜ୍ଜିତ କୋଠରି ପଡ଼ିଲା । ସେହି ଘର ଭିତରେ ଗୋଟିଏ ଖୁବ୍ ବଡ଼ ଯନ୍ତ୍ର ଥିଲା । ସେମାନେ ସେ ଘରେ ପହଞ୍ଚିଲାକ୍ଷଣି ଗୋଟିଏ ଡାଇନିଂ ଟେବୁଲ ଓ କେତୋଟି ଚେୟାର ମନକୁ ମନ ଚାଲି ଆସିଲା ।

ତରୁଣୀଜଣକ ପ୍ରଶାନ୍ତବାବୁଙ୍କୁ ଚେୟାର ଉପରେ ବସାଇ ତା'ର ଲୀଳାଲୋଳ ନୟନକୁ ନଚାଇ କହିଲା, "ବସନ୍ତୁ ପ୍ରଶାନ୍ତବାବୁ । ଏଇଟା ଆମର ଡାଇନିଂ ହଲ୍ । ଆପଣ ପରା ରେଷ୍ଟୁରାଣ୍ଟ ଖୋଜୁଥିଲେ ଖାଇବା ପାଇଁ । ଏଠାରେ ଆମର ସବୁପ୍ରକାର ଖାଇବାର ବ୍ୟବସ୍ଥା ଅଛି । ଆପଣ ଯାହା ଚାହିଁବେ ତାହା ସଙ୍ଗେ ସଙ୍ଗେ ମିଳିପାରିବ । କୁହନ୍ତୁ ନା ବର୍ତ୍ତମାନ ଆପଣ କ'ଣ ଖାଇବେ ?"

ଏ ସବୁ ଆଶ୍ଚର୍ଯ୍ୟ ଜିନିଷ, ଘରଦ୍ୱାର, ଯନ୍ତ୍ରପାତି ଦେଖି ପ୍ରଶାନ୍ତବାବୁଙ୍କର ଭୋକଶୋଷ କେତେବେଳୁ ଉଭେଇଗଲାଣି ।

ତରୁଣୀଟି ପୁଣି କହିଲା, "ଆପଣ ଅତ୍ୟଧିକ ବ୍ୟସ୍ତ ହୋଇ ପଡୁଛନ୍ତି ପ୍ରଶାନ୍ତବାବୁ । ଆପଣ ମୋଟେ ବ୍ୟସ୍ତ ହୁଅନ୍ତୁନି । ଆପଣଙ୍କ କାର୍, ଆପଣଙ୍କ ଲାସି ଯଥା ସମୟରେ ଆପଣଙ୍କୁ ଫେରାଇ ଦିଆଯିବ । ସେସବୁକୁ ସାମୟିକ ନଷ୍ଟ କରି ଦିଆଯାଇଛି । ଆପଣ ତ ସକାଳୁ କିଛି ଖାଇ ନାହାନ୍ତି । ଆପଣ ତ ରେଷ୍ଟୁରାଣ୍ଟରେ ଖାଇବା ପାଇଁ ମନେ ମନେ ଇଚ୍ଛା ପ୍ରକାଶ କରିଥିଲେ ।"

"ଆପଣ କେମିତି ଜାଣିଲେ ପାରମିତା ଦେବୀ, ମୁଁ ସକାଳୁ କିଛି ଖାଇନି ବୋଲି ?"

"ଆପଣଙ୍କ ମନକଥା ଆମ ପକ୍ଷରେ ଜାଣିବା ବିଶେଷ କିଛି କଷ୍ଟକର ନୁହେଁ ପ୍ରଶାନ୍ତବାବୁ । ସେଥିପାଇଁ ଆମର ସ୍ୱତନ୍ତ୍ର ଯନ୍ତ୍ର କାର୍ଯ୍ୟ କରୁଛି । ଆପଣ ପ୍ରତି ମୁହୂର୍ତ୍ତରେ କ'ଣ ଭାବୁଛନ୍ତି, ମୁଁ ଜାଣିପାରୁଛି । ଖାଲି ମୁଁ ନୁହେଁ, ଆମ ଡିରେକ୍ଟର ମଧ୍ୟ ଜାଣି ପାରୁଛନ୍ତି ।'

"ଆପଣଙ୍କ ଡିରେକ୍ଟର ? ସେ ପୁଣି କିଏ ?"

"ଯେଉଁ ଲୋକଙ୍କ ଆଦେଶରେ ମୁଁ ଆପଣଙ୍କୁ ଏଠାକୁ ଘେନି ଆସିଲି ।

"ଆପଣମାନେ କେଉଁଠିକାର ଲୋକ ପାରମିତା ଦେବୀ ? ଆପଣ କ'ଣ ଆମ ପୃଥିବୀର ଲୋକ ନୁହନ୍ତି ? ଆପଣ ତ ଆମଭଳି ସମାନ ଦିଶୁଛନ୍ତି । ଠିକ୍ ଆମରି ଚେହେରା ଆମଭଳି କଥାବାର୍ତ୍ତା, ଚାଲିଚଳନ, ସବୁକିଛି ଆମଭଳି ।"

Digitized by srujanika@gmail.com

"ଆମେ କିଏ, ଆମେ କେଉଁଠୁ ଆସିଛୁ, ସେ ବିଷୟରେ ଆପଣ ଜାଣିବାକୁ ଚେଷ୍ଟା କରନ୍ତୁନି ପ୍ରଶାନ୍ତବାବୁ ! ସେଇଟା ନ ଜାଣିବାହିଁ ଆପଣଙ୍କ ପାଇଁ ଭଲ । ସେଇଟା ଆମର ପୂରାପୂରି ଗୋପନୀୟ ।"

"ଗୋପନୀୟ ? ମାନେ ? ଆପଣମାନେ କ'ଣ ଆମ ପୃଥିବୀର ଲୋକ ନୁହନ୍ତି ? ଆପଣମାନେ କ'ଣ ଅନ୍ୟ ଗ୍ରହର ଲୋକ ? ଆମ ଗ୍ରହରେ ଆସି ଗୋଇନ୍ଦାଗିରି କରୁଛନ୍ତି ନା କଅଣ ? ଆମ ସରକାର ଏକଥା ଜାଣିଲେ ଆପଣମାନେ ରାଷ୍ଟ୍ରଦ୍ରୋହ ଅପରାଧରେ ଦୋଷୀ ହୋଇ କଠିନ ଦଣ୍ଡରେ ଦଣ୍ଡିତ ହେବେ ।"

ହସିଲେ ପାରମିତା ଦେବୀ ବଡ଼ ମନମତାଣିଆ ଭଙ୍ଗୀରେ । "ଆପଣଙ୍କ ସରକାର ଜାଣିବେ କେମିତି ?"

"ମୁଁ କହିଦେବି ।"

"ଆପଣ ପାରିବେ ?" ତା'ର ଅପୂର୍ବ ଲୀଳାଲୋଳ ଦୃଷ୍ଟିରେ ଆଖିକୁ ନଚାଇ କହିଲା ।

"ହଁ, ହଁ, ନ କହିବି କାହିଁକି ?"

"ମୋ ମୁହଁକୁ ଅନାଇ କୁହନ୍ତୁତ, ପାରିବେ ?"

"ମୁଁ ନ କହିଲେ ହେଁ, ଆପଣମାନେ ଦିନେ ନା ଦିନେ ଧରା ପଡ଼ିଯିବେ । ସେତେବେଳେ ଆପଣମାନଙ୍କୁ କେହି ରକ୍ଷା କରିବାକୁ ନ ଥିବ ।

ରାଷ୍ଟ୍ରଦ୍ରୋହ ପାଇଁ ଅପରାଧର ଦଣ୍ଡ କ'ଣ ଜାଣନ୍ତି ପାରମିତା ଦେବୀ ? "କି ଦଣ୍ଡ ?" ହସି ହସି ପଚାରିଲେ ପାରମିତା ଦେବୀ ।

"ମୃତ୍ୟୁଦଣ୍ଡ ।" ଉତ୍ତର ଦେଲେ ପ୍ରଶାନ୍ତବାବୁ ।

ପାରମିତା ଦେବୀ ପୁଣି ହସିଲେ । "ଆପଣ ଜାଣନ୍ତି, ଆମ ପାଇଁ ମୃତ୍ୟୁଦଣ୍ଡ କିଛି ନୁହେଁ । ଆପଣମାନେ ଆମକୁ ମାରିଦେଲେ ମଧ୍ୟ ଆମେ ପୁଣି ବଞ୍ଚି ଉଠିବୁ । ଆପଣ କାର୍ ଏକ୍ସିଡେଣ୍ଟ୍‌ରେ କେମିତି ମଲାପ୍ରାୟ ହୋଇ ଯାଇଥିଲେ ମନେପକାନ୍ତୁତ ? ଆମ ଯନ୍ତ୍ର ସାହାଯ୍ୟରେ ପୁଣି ବଞ୍ଚିଲେତ ? ଆପଣଙ୍କ କ୍ଷତସବୁ କେମିତି କୁଆଡ଼େ ଉଭେଇଗଲା ?"

"ସତରେ ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି ପାରମିତା ଦେବୀ, ଆପଣମାନେ ବିଜ୍ଞାନରେ ଏତେ ଶକ୍ତିଶାଳୀ ହେଲେ କେମିତି ?"

"ଆମେ ଯେଉଁ ଗ୍ରହରୁ ଆସିଛୁ, ସେଠାରେ ବିଜ୍ଞାନ ଖୁବ୍ ଉନ୍ନତ । ସେଠାକାର ଉନ୍ନତ ସଭ୍ୟତା, ଉନ୍ନତ ଜୀବନଧାରଣର ମାନ, ଉଚ୍ଚତର ବୈଜ୍ଞାନିକ ଗବେଷଣା

Digitized by srujanika@gmail.com

ସେଠାକାର ବିଜ୍ଞାନ ତଥା ଟେକ୍‌ନୋଲଜିକୁ ଖୁବ୍ ଉନ୍ନତ କରିପାରିଛି । ଆମ ଗ୍ରହ ତୁଳନାରେ ଆପଣମାନଙ୍କ ଗ୍ରହରେ ବିଜ୍ଞାନର ଅଗ୍ରଗତି କିଛି ନୁହେଁ ।''

''ଆପଣମାନେ କେଉଁ ଗ୍ରହର ଲୋକ ମୋତେ କହିବେନି ପାରମିତା ଦେବୀ ? ମୁଁ ଏହାକୁ ନିଶ୍ଚୟ ଗୋପନୀୟ ରଖିବି । ଆଉ କେଉଁଠି ପ୍ରକାଶ କରିବିନି ।''

''ତା'ହେଲେ ମୁଁ ଆମର ପରିଚୟ ଦେଇପାରେ । ତେବେ ଦେଖନ୍ତୁ ପ୍ରଶାନ୍ତବାବୁ, ଏହା ଯେମିତି ଅର୍ନ୍ୟତ୍ର ପ୍ରକାଶ ନ ପାଏ । ଆମେ ପୃଥିବୀଠାରୁ ବହୁ ଦୂର ଆଉ ଏକ ନକ୍ଷତ୍ର ମଣ୍ଡଳରୁ ଆସିଛୁ । ଏହି ନକ୍ଷତ୍ରରେ ଆପଣମାନଙ୍କ ସୌରଜଗତ ଭଳି ଏକ ସୌରଜଗତ ଅଛି । ସେଥିରେ ଆମ ଗ୍ରହସମେତ ଶତାଧିକ ଗ୍ରହ ରହିଛି । ଆମ ଗ୍ରହ ବ୍ୟତୀତ ସେହି ସୌରଜଗତର ଆଉ କୌଣସି ଗ୍ରହରେ ମଣିଷ ନାହାନ୍ତି । ଆମ ଗ୍ରହଟି ଆକାରରେ ଏକ ଛୋଟିଆ ଗ୍ରହ । ଜନସଂଖ୍ୟା ମଧ ବେଶି ନୁହେଁ । ହେଲେ ସେଠାରେ ଏକ ଖୁବ୍ ପ୍ରାଚୀନ ସଭ୍ୟତା ଅଛି । ଆପଣଙ୍କ ସଭ୍ୟତାଠାରୁ ଆହୁରି ପ୍ରାଚୀନ । ବହୁବର୍ଷ ଧରି ବୈଜ୍ଞାନିକ ଗବେଷଣା ଫଳରେ ସେଠାକାର ବିଜ୍ଞାନ, ଶିଳ୍ପ, ଟେକ୍‌ନୋଲଜି ଖୁବ୍ ଉନ୍ନତ ହୋଇପାରିଛି । ଆମ ଗ୍ରହରେ ଜନସଂଖ୍ୟା ସୀମିତ ଥିବାରୁ ଆମର ବୈଜ୍ଞାନିକ ଗବେଷଣା, ଶିଳ୍ପ କାରଖାନା, ଯାନବାହନ ଆଦିକୁ ଚଳାନ୍ତି କୃତ୍ରିମ ମଣିଷ । ମଣିଷଗୁଡ଼ିକ କୃତ୍ରିମ ହେଲେହେଁ ସେମାନେ ଅବିକଳ ମଣିଷ ଭଳି ଦିଶନ୍ତି । ସେହିଭଳି ଯିବା ଆସିବା, କଥା-ବାର୍ତ୍ତା, କାମ-କାର୍ଯ୍ୟ କରିପାରନ୍ତି । ଉପରୁ ଦେଖିଲେ କେହି ସେମାନଙ୍କୁ କୃତ୍ରିମ ମଣିଷ ବୋଲି ଭାବିବନି ।''

ଆମ ଗ୍ରହରେ ଏକ ଅସୁବିଧା ହୋଇଥିବାରୁ ଆମେ ଆପଣଙ୍କର ଦ୍ୱାରସ୍ଥ ହୋଇଛୁ । ଲକ୍ଷ ଲକ୍ଷ ବର୍ଷର ବୈଜ୍ଞାନିକ ସଭ୍ୟତା ଫଳରେ ଆମ ଗ୍ରହର ଶକ୍ତିର ଉତ୍ସ ଶେଷ ହୋଇଯାଇଛି । ଆମ ଦେଶରେ ଶକ୍ତିର ଅଭାବ ଅତ୍ୟଧିକ ଉତ୍କଟ । ଆମେ ଆମ ସୂର୍ଯ୍ୟ ଠାରୁ ସୌରଶକ୍ତିକୁ ଆହରଣ କରୁ ସତ, କିନ୍ତୁ ତାହା ଆମ ଅଭାବ ମେଣ୍ଟାଇପାରେନି । ତେଣୁ ଆମେ ଶକ୍ତିର ଅନ୍ୟ ଉତ୍ସ ପାଇଁ ଖୋଜି ଖୋଜି ଆପଣଙ୍କ ଗ୍ରହ ଠାରେ ଆସି ପହଞ୍ଚିଛୁ । ଆମେ ଦେଖୁଛୁଁ ପୃଥିବୀର ଅଭ୍ୟନ୍ତରରେ ଅମାପ ଶକ୍ତି ରହିଛି । ଆମେ ଆପଣଙ୍କ ଅଜ୍ଞାତରେ ପୃଥିବୀର ଅଭ୍ୟନ୍ତରରୁ ସେହି ଶକ୍ତିକୁ ଚୋରି କରି ଆମ ଗ୍ରହକୁ ଏକ ପ୍ରକାର ତରଙ୍ଗ ସାହାଯ୍ୟରେ କ୍ରମାଗତ ଭାବରେ ପ୍ରେରଣ କରୁଛୁ । ଏହାଫଳରେ ଆମ ଗ୍ରହରେ ଶକ୍ତିର ଅଭାବ ମେଣ୍ଟାଯାଉଛି । ଆମକୁ ଏଠାରେ କେହି ସନ୍ଦେହ ନ କରିବା ପାଇଁ ଆମେ ଆପଣମାନଙ୍କ ଗ୍ରହର ପୋଷାକପତ୍ର ପିନ୍ଧିବା, କଥାବାର୍ତ୍ତା ଆଦି କରିବା ଶିଖି ନେଇଛୁ । ଏଠାରୁ ଅଳ୍ପଦୂର ଏକ ଘନଜଙ୍ଗଲ ଭିତରେ

Digitized by srujanika@gmail.com

ଏକ ପର୍ବତ କ୍ରୋଡ଼ରେ ଆମ କାରଖାନା ରହିଛି । ସେଠାରେ ଆପଣମାନଙ୍କ ପୃଥିବୀରୁ ଭୂତାପିକ ଶକ୍ତି ଆହରଣ କରାଯାଇ ଆମ ଗ୍ରହକୁ ପଠାଯାଉଛି । ଆମେତ ଏଠାକାର ଲୋକଙ୍କ ସହିତ ମିଳିମିଶି ଚଳୁଛୁ । ଏ ପର୍ଯ୍ୟନ୍ତ କେହି ଆମକୁ ସନ୍ଦେହ କରି ନାହାନ୍ତି । ତା'ଛଡ଼ା ପୃଥିବୀ ଏଡ଼େ ବିରାଟ ଯେ ତା'ର ଭୂତାପିକ ଶକ୍ତି ଆମେ ଚୋରି କଲେ ମଧ୍ୟ ଏହାର ସେମିତି କିଛି ହ୍ରାସ ଘଟିବନି । ତା'ଛଡ଼ା ଆପଣମାନେ ଏହି ଅସରନ୍ତି ଶକ୍ତିକୁ କାହିଁକି କାମରେ ଲଗାଉ ନାହାନ୍ତି, ଆମେ ଆଶ୍ଚର୍ଯ୍ୟ ହେଉଛୁ ।''

"ଆପଣଙ୍କ ଗ୍ରହରେ କ'ଣ ଆମଭଳି ଭୂମିତଳେ ତାପଶକ୍ତି ନାହିଁ ?''

"ନା, ଆମ ଗ୍ରହ ଗୋଟାସାରା ଶୀତଳ । ଲକ୍ଷ ଲକ୍ଷ ବର୍ଷ ହେଲା, ସେ ଶକ୍ତି ବ୍ୟବହୃତ ହୋଇ ନିଃଶେଷ ହୋଇଯାଇଛି ।''

"ଆପଣମାନଙ୍କ ଗ୍ରହର ଅସୁବିଧା କଥା ଆମ ସରକାରଙ୍କ ସହିତ କଥାବାର୍ତ୍ତା କରି ଆପଣମାନେ ଖୋଲାଖୋଲି ଭାବରେ ଶକ୍ତି ନେଉ ନାହାନ୍ତି କାହିଁକି ? ଶକ୍ତି ଚୋରି କରିବା ଏକ ଗର୍ହିତ କଥା । ଆମର ତ ସେ ଭୂତାପିକ ଶକ୍ତି ଅସୀମ, ଆମର କିଛି କାମରେ ଲାଗୁନି ।''

"ଆମେ ଆମ ଅସୁବିଧା କଥା କହିଲେ ଆପଣଙ୍କ ସରକାର କ'ଣ ଆମକୁ ଆମ ଦରକାର ଅନୁଯାୟୀ ଶକ୍ତି ଯୋଗାଇଦେବେ ? ସେମାନେ ଓଲଟି କହିବେ, 'ଆମେ ଦେଇଦେଲେ, ଆମର ଭବିଷ୍ୟତରେ ଅଭାବ ପଡ଼ିଯିବ ।' ଆପଣମାନେ ଗୋଟିଏ ଭୁଲ କରୁଛନ୍ତି ପ୍ରଶାନ୍ତବାବୁ । ଆପଣମାନେ କୋଇଲା, ଜଳବିଦ୍ୟୁତ୍, ପରମାଣୁ ଆଦିରୁ ଶକ୍ତି ସଂଗ୍ରହ ନ କରି ପୃଥିବୀର ଅଭ୍ୟନ୍ତରରେ ଥିବା ବିରାଟ ଶକ୍ତିକୁ କାର୍ଯ୍ୟରେ ଲଗାନ୍ତୁ, ଦେଖିବେ, ଆପଣମାନଙ୍କର ଶକ୍ତି ଅନଟନ ରହିବନି । ଏହା ଏତେ ଶସ୍ତା ଓ ସୁବିଧା ହୋଇଯିବ ଯେ ଏହା ଆଗରେ ସୌରଶକ୍ତି କି ସଂଯୋଜନ ଶକ୍ତି ମୋଟେ ପାସଙ୍ଗରେ ପଡ଼ିବ ନାହିଁ । ଆପଣମାନେ ସେହି ଶକ୍ତିକୁ ସୁବିଧାରେ ସଂଗ୍ରହ କରିବା ବାଟ ଜାଣି ନାହାନ୍ତି ବୋଧେ । ଆପଣମାନେ ଚାହିଁଲେ ଆମେ ଆପଣମାନଙ୍କୁ ଶିଖାଇ ଦେବାପାଇଁ ପ୍ରସ୍ତୁତ ଅଛୁ । ଆମେ ବି ଆପଣମାନଙ୍କୁ ଆବଶ୍ୟକୀୟ ଯନ୍ତ୍ରପାତି ଯୋଗାଇଦେଇ ପାରିବୁ ।''

"ତା ହେଲେତ ବେଶ୍ ଭଲ କଥା । ଆମ ସରକାର ଏକଥା ଜାଣିଲେ ଭାରି ଖୁସି ହେବେ । ପ୍ରତି ବଦଳରେ ଆପଣଙ୍କୁ ଭୂତାପିକ ଶକ୍ତି ଅବାଧରେ ନେବା ପାଇଁ ଅନୁମତି ଦେବେ । ଯେହେତୁ ଆପଣମାନେ ବିଜ୍ଞାନରେ ଖୁବ୍ ଉନ୍ନତ, ବହୁକ୍ଷେତ୍ରରେ ଆମେ ଆପଣଙ୍କ ସାହାଯ୍ୟ ଲୋଡ଼ିପାରୁ । ଆପଣମାନେ ଚୋରି କରିବା ଛାଡ଼ି ଆମ ସରକାରଙ୍କୁ ଦେଖାକରି ସେମାନଙ୍କ ସହିତ ଆଲୋଚନା କରନ୍ତୁ ।''

Digitized by srujanika@gmail.com

"କିନ୍ତୁ ଆପଣମାନେ ଦେବେନି । ଓଲଟି ଆମର ଶକ୍ତି ନେବାରେ ବାଧା ଜନ୍ମାଇବେ । ଆପଣମାନଙ୍କ ଅଜ୍ଞାତରେ ନେଇ ଯାଉଛୁ, ଭଲ ହୋଇଛି । ଆପଣମାନେ ଜାଣିପାରୁ ନାହାନ୍ତି ।"

"ହଁ, ଆପଣ ପରା କ୍ଷୁଧାର୍ତ୍ତ ପ୍ରଶାନ୍ତବାବୁ ? ଆପଣ ଏ ପର୍ଯ୍ୟନ୍ତ କିଛି ଖାଇ ନାହାନ୍ତି ଯେ । କାହିଁ, ଖାଇବା କଥା ତ କିଛି କହୁ ନାହାନ୍ତି ?"

"ଆପଣଙ୍କୁ ଦେଖି ମୋର କ୍ଷୁଧା କେଉଁଆଡ଼େ ଉଭେଇଗଲାଣି ପାରମିତା ଦେବୀ । ଆପଣ ଏତେ ସୁନ୍ଦର ଆପଣଙ୍କର ଏହି ଭୁବନମୋହିନୀ ରୂପ, ତଳ ତଳ ଯୌବନ ମୋର ଭୋକଶୋଷକୁ ମେଣ୍ଟାଇ ଦେଇଛି ।"

ହସିଲେ ପାରମିତା ଦେବୀ । "ସୌନ୍ଦର୍ଯ୍ୟ ମନର କ୍ଷୁଧାକୁ ମେଣ୍ଟାଇପାରେ ପ୍ରଶାନ୍ତବାବୁ, ପେଟର କ୍ଷୁଧାକୁ ମେଣ୍ଟାଇପାରେନି ।"

ଏତକ କହି ପାରମିତା ଦେବୀ ସେହି ଯନ୍ତ୍ରର ଏକ ସୁଇଚ୍ ଟିପିଲେ । ସେହି ରୁମ୍‌ର କାନ୍ଥଘଣ୍ଟାରେ ଥିବା କୋଇଲି ଘଣ୍ଟା କୁ-କୁ ହୋଇ ଦଶଥର ବାଜି ଉଠିଲା । ପ୍ରଶାନ୍ତବାବୁ ଠିକ୍ ଦଶଟାରେ ଘରୁ ଖାଇ ପିଇ ଅଫିସ୍‌କୁ ଯା'ନ୍ତି । ସେ ସବୁଠାରୁ ଯେଉଁ ଖାଦ୍ୟକୁ ଅତ୍ୟଧିକ ଭଲ ପା'ନ୍ତି, ସେହି ଖାଦ୍ୟସବୁ ଗରମ ଗରମ ରନ୍ଧା ହୋଇ ଟେବୁଲ ଉପରକୁ ମନକୁ ମନ ଚାଲି ଆସିଲା । କଣ୍ଟା ଚାମଚ, ତଉଲିଆ ସବୁ କିଛି ।

"ଆଉ ଡେରି କାହିଁକି ପ୍ରଶାନ୍ତବାବୁ । ଏଥର ଆରମ୍ଭ କରନ୍ତୁ । ଏ'ତ ସବୁ ଆପଣଙ୍କର ଅତି ପ୍ରିୟ ଖାଦ୍ୟ, ନୁହେଁ କି ପ୍ରଶାନ୍ତବାବୁ ?" ଯୁବତୀଟି ତା'ର ମୃଗାକ୍ଷୀ ଦୁଇଟିକୁ ନଚାଇ କହିଲା ।

ଟେବୁଲ ଉପରେ ବଢ଼ା ହୋଇଥିବା ଖାଦ୍ୟଆଡ଼କୁ ଆଖିବୁଲାଇ ଆଣି ପ୍ରଶାନ୍ତବାବୁ କହିଲେ "ମୋତେ ଆଶ୍ଚର୍ଯ୍ୟ ଲାଗୁଛି ପାରମିତା ଦେବୀ, ମୁଁ କେଉଁ କେଉଁ ଖାଦ୍ୟକୁ ଭଲ ପାଏ ଆପଣ ଜାଣିଲେ କେମିତି ? ମୁଁ ତ ଦେଖୁଛି, ମୋର ସବୁ ପ୍ରିୟ ଖାଦ୍ୟ ଆପଣ ଏଠି ତିଆରି କରାଇ ଆଣିଛନ୍ତି ।"

"ଫେର୍ ସେଇ ପ୍ରଶ୍ନ ? ଆପଣଙ୍କୁ ମୁଁ ପରା ଥରେ କହିଛି, ଆମେ ଆପଣଙ୍କ ମନକଥା ସବୁବେଳେ ଜାଣିପାରୁ । ଆପଣ କ'ଣ କ'ଣ ଖାଇବାକୁ ଭଲ ପାଆନ୍ତି ଆମେ ନ ଜାଣିବୁ କେମିତି ?"

"କିନ୍ତୁ, ଏସବୁକୁ ରାନ୍ଧିଲା କିଏ ?"

"କାହିଁକି, ଆପଣଙ୍କ ସାମନାରେ ସେଇ ଯେଉଁ ଯନ୍ତ୍ରଟି ଥୁଆ ହୋଇଛି । ସେ ତ ଆପଣଙ୍କ ମନକଥା ଜାଣିପାରି ଆପଣ ଠିକ୍ ଦଶଟା ବେଳେ କ'ଣ ଖାଇବାକୁ ଭଲ ପାଆନ୍ତି, ସେଇ ଅନୁସାରେ ରାନ୍ଧି ଥୋଇ ଦେଇଛି ।"

Digitized by srujanika@gmail.com

"କିନ୍ତୁ ଗୋଟିଏ କଥା ଆପଣ ଜାଣିପାରି ନାହାନ୍ତି ପାରମିତା ଦେବୀ । ଲାସି ମୋ ପାଖରେ ନ ଖାଇଲେ ମୁଁ ଖାଏନି । ଆପଣ ଭୁଲି ଯାଇଛନ୍ତି ସେ କଥା ।"

"ଆରେ, ସତେତ, କିନ୍ତୁ କରାଯିବ କ'ଣ । ଆପଣଙ୍କ ଲାସି ତ ମୃତ ।"

"କିନ୍ତୁ ଲାସି ମୋ ପାଖରେ ନ ଖାଇଲେ ମୁଁ ତ ଖାଇ ପାରିବିନି ପାରମିତା ଦେବୀ । ମୁଁ ଆଗେ ଲାସିକୁ ଖୁଆଇ ପରେ ଖାଏ ।"

"ହେଉ", ସୁଇଚ୍ ଟିପି ନିଜ ଭାଷାରେ ଡିରେକ୍ଟରଙ୍କ ସହ କ'ଣ କଥାବାର୍ତ୍ତା କଲେ କେଜାଣି ଆଉ ଏକ ସୁଇଚ୍ ଟିପିଦେଲାମାତ୍ରେ ଲାସି ଘରଦୁଆର ଦେଇ ପ୍ରଶାନ୍ତବାବୁଙ୍କ ପାଖକୁ ଲାଞ୍ଜ ହଲାଇ ଦୌଡ଼ି ଆସିଲା । ପ୍ରଶାନ୍ତବାବୁ ଲାସିକୁ ଦେଖି ଖୁସି ହୋଇ କୋଡ଼ରେ ବସାଇ ତାକୁ ଆଗ ଖୁଆଇବାକୁ ଲାଗିଲେ । ଲାସି ଖୁବ୍ ଆନନ୍ଦରେ ଲାଙ୍ଗୁଳ ହଲାଇ ଖାଇବାକୁ ଲାଗିଲା । ଲାସିକୁ ଖୁଆଇ ସାରି ପ୍ରଶାନ୍ତବାବୁ ନିଜେ ଖାଇଲେ । ଖାଦ୍ୟଗୁଡ଼ିକ ଖୁବ୍ ସୁସ୍ୱାଦୁ ଓ ଗରମ । ସତେ ଯେପରି କିଏ ତାଙ୍କୁ ବର୍ତ୍ତମାନ ରାନ୍ଧିକରି ଦେଇଛି ।

"କିନ୍ତୁ ଆପଣ ଯେ ଠିଆ ହୋଇ ରହିଲେ ପାରମିତା ଦେବୀ ? ଆପଣ କିଛି ଖାଆନ୍ତୁ ନା ?"

"ଆମ ଖାଦ୍ୟ ଅଲଗା, ପ୍ରଶାନ୍ତବାବୁ । ଆମେ ଆପଣଙ୍କ ଖାଦ୍ୟ ଖାଇ ପାରିବୁନି । ଆମର ପୂରାପୂରି ଅଲଗା ପ୍ରକାରର ଖାଦ୍ୟ । ଆପଣ ଖାଇ ସାରନ୍ତୁ, ପରେ ଆମେ ଖାଇବୁ ।"

ତରୁଣୀଟି ପୁଣି କହିଲା, "ପ୍ରଶାନ୍ତବାବୁ, ଆପଣ ବୋଧହୁଏ ଖାଦ୍ୟଗୁଡ଼ିକ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ, ନୁହେଁ ? ଆମର ଏଠାରେ ଏପରି ବ୍ୟବସ୍ଥା ଅଛି । ଆମର ଯାହା ଇଚ୍ଛା, ତାହା ଆମେ ସାଙ୍ଗେ ସାଙ୍ଗେ ଖାଇପାରିବୁ । ଏହି ବଟନ୍‌ଗୁଡ଼ିକୁ ଖାଲି ପ୍ରେସ୍‌କଲେ ହେଲା । ଆମର ଏଠାରେ କେହି କେବେ ରାନ୍ଧନ୍ତି ନାହିଁ । ଆମ ପାଇଁ ଯନ୍ତ୍ର ରାନ୍ଧି ଦିଏ । ଏଗୁଡ଼ିକୁ ସବୁ ଆମେ ବିଜ୍ଞାନବଳରେ କରିପାରିଛୁ । ଆହୁରିମଧ୍ୟ ଏଠି ବହୁ ଆଶ୍ଚର୍ଯ୍ୟ କଥା ଅଛି ଜାଣିବାପାଇଁ । ଚାଲନ୍ତୁ ଡିରେକ୍ଟର ସାହେବଙ୍କ ପାଖକୁ ଯିବା । ସେ ଆପଣଙ୍କୁ ବହୁକଥା କହି ବୁଝାଇ ଦେବେ ।"

ତରୁଣୀଟି ପ୍ରଶାନ୍ତବାବୁଙ୍କୁ ଡିରେକ୍ଟର ସାହେବଙ୍କ ପାଖରେ ନେଇ ଗୋଟାଏ ହଲ୍‌ରେ ପହଞ୍ଚାଇଦେଲା । ଡିରେକ୍ଟର ସାହେବ ସେତେବେଳକୁ ତାଙ୍କ ପାଇଁ ଅପେକ୍ଷା କରି ବସିଥିଲେ ।

Digitized by srujanika@gmail.com

ଡିରେକ୍ଟର କହିଲେ, ''ଦେଖନ୍ତୁ ପ୍ରଶାନ୍ତବାବୁ, ଏହି ରୁମ୍‌ଟା ହେଲା ଆମର ସବୁ ଗୁପ୍ତତଥ୍ୟ ଥିବା ରୁମ୍ । ଆମେ କ'ଣ ପାଇଁ ପୃଥିବୀକୁ ଆସିଛୁ, ପାରମିତା ଆପଣଙ୍କୁ ସବୁ କହିସାରିଛି । ଏହି କଥାଟି ଯଦି ବାହାରେ ପ୍ରକାଶ ପାଇଯାଏ, ତେବେ ଆମେ ବହୁ ଅସୁବିଧାର ସମ୍ମୁଖୀନ ହେବୁ । ଆପଣ ସେହି ପୁରୁଣା କଥାକୁ ସ୍ମରଣ କଲେ । ମନେପକାନ୍ତୁ, ସେହି ବାଳିକାଟି ଯେ କି ଆପଣଙ୍କ କୁକୁରକୁ ଅଦୃଶ୍ୟ କରିପାରିଥିଲା ଏକ ଅଦ୍ଭୁତ ଯନ୍ତ୍ର ସାହାଯ୍ୟରେ ।'' ସେହି ଯନ୍ତ୍ରଟିକୁ ଡିରେକ୍ଟର ପ୍ରଶାନ୍ତବାବୁଙ୍କ ହାତକୁ ବଢ଼ାଇ ଦେଇ କହିଲେ, ''ଏହି ସେହି ଯନ୍ତ୍ର, ଏହା ସାହାଯ୍ୟରେ ଆମେ ସବୁ ଜିନିଷକୁ ଅଦୃଶ୍ୟ କରିପାରୁ ଓ ପୁଣି ପୂର୍ବ ଅବସ୍ଥାକୁ ଫେରାଇ ଆଣିପାରୁ । କେତୋଟି ପରୀକ୍ଷାକରି ଯନ୍ତ୍ରର ଚମତ୍କାରିତା ତାଙ୍କୁ ଦେଖାଇଦେଲେ ଓ ନିଜେ ପରୀକ୍ଷା କରି ଦେଖିବା ପାଇଁ ତାଙ୍କୁ କହିଲେ ।

''ଆଉ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ କ'ଣ ଜାଣନ୍ତି ? ଆମେ ଗୋଟିଏ ଲୋକକୁ ମାରିଦେଇ ସାଙ୍ଗେ ସାଙ୍ଗେ ମଧ୍ୟ ପୁଣି ଜୀବିତ ଅବସ୍ଥାକୁ ଫେରାଇ ଆଣିପାରୁ ।'' ଡିରେକ୍ଟର ଏତକ କହୁ କହୁ ଗୋଟିଏ ଛୁରାରେ ତାଙ୍କ ପାଖରେ ଠିଆ ହୋଇଥିବା ଜଣେ ସହକାରୀକୁ ହତ୍ୟା କଲେ । ସେ ତଳେ ପଡ଼ିଯାଇ ତାଙ୍କ ଛାତିରୁ ରକ୍ତର ସ୍ରୋତ ଛୁଟି ଚାଲିଲା । ପ୍ରଶାନ୍ତବାବୁ ଏହା ଦେଖି ଅଚେତ ହେବା ଉପରେ । ଡିରେକ୍ଟର କହିଲେ, ''ଆପଣ ନିଜକୁ ସଂଯତ କରନ୍ତୁ ପ୍ରଶାନ୍ତବାବୁ । ଏହିକ୍ଷଣି ସବୁ ଠିକ୍ ହୋଇଯିବ । ସାଙ୍ଗେ ସାଙ୍ଗେ ଲୋକଟି କିପରି ତା'ର ଜୀବନ ଫେରି ପାଉଛି ଦେଖନ୍ତୁ ।''

ଏତକ କହି ଡିରେକ୍ଟର ସେହି ଯନ୍ତ୍ର ସାହାଯ୍ୟରେ ତା'ର ପ୍ରତ୍ୟେକ ରକ୍ତକଣିକାକୁ ପୁଣି ଛାତି ଭିତରେ ପୂରାଇଦେଲେ ଓ କ୍ଷତ ସ୍ଥାନରେ ଯନ୍ତ୍ରଟିକୁ କିଛି ସମୟ ପାଇଁ ଦେଖାଇବାରୁ ସେ ସ୍ଥାନ ଭଲ ହୋଇଗଲା । ସଙ୍ଗେ ସଙ୍ଗେ ଲୋକଟି ତା'ର ଜୀବନ ଫେରି ପାଇ ପୂର୍ବଭଳି କଥାବାର୍ତ୍ତା କଲା ।

ଏହାଦେଖି ପ୍ରଶାନ୍ତବାବୁଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ପ୍ରଶାନ୍ତବାବୁ ନିଜେ ଭାବିବାକୁ ଲାଗିଲେ । ଧନ୍ୟ ଏମାନେ । ବିଜ୍ଞାନବଳରେ କ'ଣ ନ କରି ପାରୁଛନ୍ତି ସତେ ? ଆଉ ବା କ'ଣ ବାକି ରହିଲା ? ସେ ଭାବିବାକୁ ଲାଗିଲେ ଆମ ଲୋକମାନେ ପ୍ରକୃତରେ କେତେ ପଛରେ ପଡ଼ିଛନ୍ତି । ତା'ପରେ ଡିରେକ୍ଟର ତାଙ୍କୁ ସେହିପରି ଏକ ଯନ୍ତ୍ର ଉପହାର ଦେଲେ ଓ ସେହି ତରୁଣୀକୁ ଡାକି ପ୍ରଶାନ୍ତବାବୁଙ୍କୁ ତାଙ୍କ ଶୋଇବା ରୁମ୍‌ରେ ପହଞ୍ଚାଇ ଦେଇ ଆସିବାପାଇଁ କହିଲେ । ଗଲାବେଳେ ଡିରେକ୍ଟର କହିଲେ, ''ଦେଖନ୍ତୁ ପ୍ରଶାନ୍ତବାବୁ, ଆପଣଙ୍କୁ ସବୁପ୍ରକାର

Digitized by srujanika@gmail.com

ସୁବିଧା ଏଠି ଦିଆହେବ । ଖାଇବା-ପିଇବା, ଗାଉଣା-ବାଜଣା କେଉଁଥିରେ ଆପଣଙ୍କର ଅଭାବ ରହିବନି । ଆପଣ ଏଠି ଯାହା ଚାହିଁବେ, ପ୍ରକାଶ କଲାକ୍ଷଣି ପାଇଯିବେ । ଆପଣଙ୍କ ସାଥୀ ହେବାପାଇଁ ସୁନ୍ଦରୀ ପାରମିତା ଆପଣଙ୍କଠାରେ ରହିବ । ଆପଣ ଏସବୁ ସତ୍ତ୍ୱେ ଯେପରି ଏ ଜାଗା ଛାଡ଼ି ପଳାଇଯିବାକୁ ଚେଷ୍ଟା ନ କରନ୍ତି । ଏହା କଲେ ଆପଣ ମହା ବିପଦରେ ପଡ଼ିବେ ।

ପ୍ରଶାନ୍ତବାବୁ କିଛି ଉତ୍ତର ନ ଦେଇ ତରୁଣୀଟି ପଛରେ ଶୋଇବା କକ୍ଷ ଆଡ଼େ ଚାଲିଲେ ।

ପ୍ରଶାନ୍ତବାବୁ ନିଜର ଶୋଇବାଘର ଦେଖି ଚମକି ପଡ଼ିଲେ । ରୁମ୍‌ଟି ଅତି ଲୋଭନୀୟ ଭାବରେ ସଜା ହୋଇଥିଲା ଯାହାକି ଅବର୍ଣ୍ଣନୀୟ । ସେହି ରୁମ୍‌ରେ ରଖା ହୋଇଥିଲା ସବୁକିଛି ଫର୍ଣ୍ଣିଚର ଓ କାନ୍ଥ ସ୍ୱଚ୍ଛ ଧଳା ରଙ୍ଗରେ ରଞ୍ଜିତ ହୋଇଥିଲା । ଧଳା ରଙ୍ଗ ଦିଆ ହେବାର କାରଣ ସେଗୁଡ଼ିକ ଇଚ୍ଛା ଅନୁସାରେ ବିଭିନ୍ନ ରଙ୍ଗକୁ ବଦଳା ଯାଇପାରିବ । ଇଚ୍ଛାକଲେ ରୁମ୍‌ଟି ନାଲି, ନେଳି, ବାଇଗଣୀ ଇତ୍ୟାଦି ବିଭିନ୍ନ ରଙ୍ଗର ହୋଇପାରିବ । ନିଜେ ଆନନ୍ଦ ପାଇବା ପାଇଁ ସବୁକିଛି ସେ ରୁମ୍‌ରେ ଖଞ୍ଜା ହୋଇଥିଲା । ତରୁଣୀଜଣକ କହିଲା, "ପ୍ରଶାନ୍ତବାବୁ, ଆପଣଙ୍କର ଯାହାକିଛି ଆବଶ୍ୟକ ସବୁ ଏଠାରେ ଅଛି । ଆଉକିଛି ଯଦି ଦରକାର, କହିଲେ ମୁଁ ତାହା ପୂରଣ କରିବା ପାଇଁ ପ୍ରସ୍ତୁତ ଅଛି । ଆପଣ ଖାଲି କହିଲେ ହେଲା ।"

ପ୍ରଶାନ୍ତବାବୁ ଚାରିଆଡ଼କୁ ଅନାଇ କହିଲେ, "ନାଇଁ, ସବୁତ ଏଠି ଅଛି । ମୋର ଆଉକିଛି ଦରକାର ନାହିଁ, ଅଶେଷ ଧନ୍ୟବାଦ ।" ପ୍ରଶାନ୍ତବାବୁ ଏସବୁ ଦେଖି ନିଜକୁ ନିଜେ ଭାବିବାକୁ ଲାଗିଲେ । ଜଣେ ଲୋକର ଦୁନିଆରେ ଖୁସି ହେବାପାଇଁ ଖାଲି ମାତ୍ର ଏତିକି କ'ଣ ଦରକାର ? ବିନା ପରିଶ୍ରମରେ ସବୁ ଖାଇବା ପିଇବା ମିଳି ଯାଉଥିବ ଓ ନିଜେ ଉପଭୋଗ କରିବା ପାଇଁ ସବୁକିଛି ଜିନିଷ ତା ପାଖରେ ଥିବ । ରେଡ଼ିଓ, ଟେଲିଭିଜନ, ଷ୍ଟେରିଓ, ଭିଡ଼ିଓ ସବୁକିଛି । ଏତିକିରେ ସେ କ'ଣ ଆନନ୍ଦ ପାଇପାରିବେ ? ନ ପାଇବେ ବା କାହିଁକି ?

ଏହିପରି ଭାବରେ ପ୍ରଶାନ୍ତବାବୁ କିଛିଦିନ ରହିଲା ପରେ ତାଙ୍କର ମନେହେଲା, ତାଙ୍କର ଯେମିତି ବହୁତ କିଛି ଅଭାବ ରହି ଯାଇଛି । ସେ କୌଣସି ଉପାୟରେ ନିଜ ଘରକୁ ଫେରିଯିବା ପାଇଁ ବ୍ୟାକୁଳ ହୋଇଉଠିଲେ । ଘରକୁ ଗଲାବେଳେ ସାଙ୍ଗରେ ସେହି ଅଦ୍ଭୁତ ଯନ୍ତ୍ରଟିକୁ ନେବା ପାଇଁ ଭାରି ଇଚ୍ଛା, ଯାହାକୁ ଦେଖିଲେ, ପୃଥିବୀର ପ୍ରତ୍ୟେକେ ବିସ୍ମିତ ନ ହୋଇ ରହି ପାରିବେନି ଓ ପୃଥିବୀରେ ଏହା ଏକ ନୂଆ ଚାଞ୍ଚଲ୍ୟ ସୃଷ୍ଟି କରିବ । ଏହି ତଥ୍ୟଗୁଡ଼ିକ କଥା କେମିତି ଯାଇ ନିଜ ସାଙ୍ଗସାଥୀମାନଙ୍କୁ କହିବେ ତାଙ୍କ ମନ ଆଉଟୁପାଉଟୁ ହେବାକୁ ଲାଗିଲା ।

Digitized by srujanika@gmail.com

ଲାସି ସବୁବେଳେ ପ୍ରଶାନ୍ତବାବୁଙ୍କ ପାଖେ ପାଖେ ଥାଏ । ତାକୁ ମଧ୍ୟ ଖାଇବାକୁ ମିଳୁଛି ବୋଲି ତା ମନ ବେଶ୍ ଖୁସି । ତା'ଛଡ଼ା ତା'ର ପ୍ରିୟ ମାଷ୍ଟର ତ ସବୁବେଳେ ତା ପାଖେ ପାଖେ । ଆଉ ତା'ର ବା କ'ଣ ଅଭାବ ? ପ୍ରଶାନ୍ତବାବୁ ଲାସି ଅବସ୍ଥାକୁ ନିଜ ଅବସ୍ଥା ସାଙ୍ଗରେ ତୁଳନା କଲେ । ପଶୁ ପାଇଁ ସିନା ସେତକ ହୋଇଗଲେ ସେ ଯଥେଷ୍ଟ ଖୁସିରେ ରହିପାରିବ, କିନ୍ତୁ ମନୁଷ୍ୟ ? ସେ ତ ପଶୁଠାରୁ ବହୁଗୁଣ ଉଚ୍ଚରେ । ଭଗବାନ୍‌ଙ୍କ ଜୀବଜଗତରେ ମନୁଷ୍ୟ ହେଉଛି ଶ୍ରେଷ୍ଠକୃତି । ସେ କ'ଣ କେବେ ଏଇ ସାମାନ୍ୟ ଜିନିଷ କେତୋଟିରେ ସନ୍ତୁଷ୍ଟ ରହିପାରେ ?

ଇତି ମଧ୍ୟରେ ତରୁଣୀ ପାରମିତା ଦେବୀଙ୍କ ଆଡ଼କୁ ପ୍ରଶାନ୍ତବାବୁ କ୍ରମଶଃ ଆକୃଷ୍ଟ ହୋଇ ପଡ଼ିଥାନ୍ତି । ଏଣେ ପାରମିତା ଦେବୀ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥାନ୍ତି ପ୍ରଶାନ୍ତବାବୁଙ୍କ ମନ ନେଇ ତାଙ୍କୁ ସବୁଦିନ ପାଇଁ ବାନ୍ଧି ରଖିବା ପାଇଁ । ଯେମିତି ସେ ଏଠାରୁ ଆଉ ପଳାଇବା ପାଇଁ ମନ ନ ବଳାନ୍ତି । କିନ୍ତୁ ପ୍ରଶାନ୍ତବାବୁ ସବୁବେଳେ ଚିନ୍ତାମଗ୍ନ । ତାଙ୍କର ସେହି ଏକମାତ୍ର ଚିନ୍ତା କିପରି ଘରକୁ ଫେରିବେ, ସେହି ଅଦ୍ଭୁତ ଜାଗାରୁ । ସାଙ୍ଗରେ ସେ ଯଦି ପାରମିତା ଦେବୀଙ୍କୁ ନେଇଯାଇ ପାରନ୍ତି, ତେବେ ସବୁଠାରୁ ଆନନ୍ଦଦାୟକ ହୁଅନ୍ତା । ପାରମିତା ଦେବୀ ଯୁବତୀ, ସୁନ୍ଦରୀ, ଯୌବନର ରକ୍ତିମ ଆଭାରେ ଅତ୍ୟଧିକ ଆକର୍ଷଣୀୟା; କଥା ତାଙ୍କର ଅମୃତ ଭଳି । ଚାଲିଚଳନ, କଥାବାର୍ତ୍ତା, ସବୁଥିରେ ସେ ପ୍ରଶାନ୍ତବାବୁଙ୍କୁ ନିଜର କରି ନେଇପାରିଛନ୍ତି । ପାରମିତା ଦେବୀ ତାଙ୍କର ଶୟନେ-ସ୍ୱପନେ-ଜାଗରଣେ ସର୍ବଦା ଆକର୍ଷଣର ବିଷୟ । କିନ୍ତୁ ଏହା କ'ଣ କେବେ ସମ୍ଭବ ହୋଇପାରିବ ? ସେ ଯେ ଅନ୍ୟ ଏକ ଗ୍ରହର ତରୁଣୀ । ହେଲେ ତାଙ୍କୁ ଛାଡ଼ି ସେ କ'ଣ କେବେ ବଞ୍ଚି ପାରିବେ ? ପାରମିତା ଦେବୀଙ୍କୁ ସେ ସ୍ତ୍ରୀ ଭାବରେ ନ ପାଇଲେ ଜୀବନ ତାଙ୍କର ସବୁଠାରୁ ଦୁଃଖମୟ ହୋଇପଡ଼ିବ ।

ସେ ସିନା ପାରମିତା ଦେବୀଙ୍କୁ ଏତେ ଭଲ ପାଆନ୍ତି, କିନ୍ତୁ ପ୍ରତିଦାନରେ ସେ ତାଙ୍କୁ ସେତିକି ଭଲ ପାଆନ୍ତି ତ ? ପାରମିତା ଦେବୀ ନିଶ୍ଚୟ ତାଙ୍କୁ ଭଲ ପାଆନ୍ତି । ତା' ନ ହୋଇଥିଲେ ସେ ଯେତେଥର ତାଙ୍କୁ ନିଜ କୋଳକୁ ଟାଣି ନେଇଛନ୍ତି, ସେ ତ କେବେ ସେଥିରେ ବାଧା ଦେଇ ନାହାନ୍ତି । ସେ ବହୁବାର ତାଙ୍କର ପ୍ରଣୟିନୀ ଭଳି ତାଙ୍କ କୋଳରେ ମୁଣ୍ଡ ରଖି ତାଙ୍କ କଥା ଶୁଣିଛନ୍ତି । କେବେ ଅନିଚ୍ଛା ଦେଖାଇ ତାଙ୍କଠାରୁ ପଳାଇଯିବାକୁ ଚେଷ୍ଟା କରି ନାହାନ୍ତି । ସେ ଯେତେବେଳେ ତାଙ୍କଠାରୁ ଯାହା ଚାହିଁଛନ୍ତି, ସେ ତ ଅକାତରେ ସେସବୁ ଦାନ କରିଛନ୍ତି । ଯେଉଁ ନାରୀ ତାଙ୍କର ଏତେ ନିକଟ ହୋଇଛନ୍ତି,

Digitized by srujanika@gmail.com

ଏତେ ସହଜରେ ତାଙ୍କୁ ଧରା ଦେଇଛନ୍ତି, ସେ କ'ଣ କେବେ ତାଙ୍କ ଆଡ଼କୁ ଆସକ୍ତ ନ ହୋଇ ରହିଥାଇ ପାରନ୍ତି ? ତାଙ୍କର ସୁବିଧା ଅସୁବିଧା କଥା ପାରମିତା ଦେବୀ ଯେତେ ବୁଝନ୍ତି, ନିଜର ସ୍ତ୍ରୀଟିଏ ଥିଲେବି ସେ ଏତେ ବୁଝନ୍ତା କି ନାହିଁ ସନ୍ଦେହ । ତାଙ୍କର ଟିକିଏ ଅସୁବିଧା ହୋଇଗଲେ ସେ ଯେତେ ବ୍ୟସ୍ତ ହୋଇପଡ଼ନ୍ତି, ନିଜ ସ୍ତ୍ରୀ ବି ଏତେ ବ୍ୟସ୍ତ ହୋଇପଡୁ ନ ଥାନ୍ତେ ? ଏହା ନିଶ୍ଚିତ ପାରମିତା ଦେବୀ ତାଙ୍କ ପ୍ରତି ଆସକ୍ତ । ପାରମିତା ଦେବୀ ତାଙ୍କର, ସେ ପାରମିତା ଦେବୀଙ୍କର । ପାରମିତା ଦେବୀଙ୍କୁ ଛାଡ଼ି ସେ ବଞ୍ଚି ପାରିବେନି ।

ପ୍ରଶାନ୍ତବାବୁଙ୍କୁ ସଦାସର୍ବଦା ଚିନ୍ତାମଗ୍ନ ଦେଖି ପାରମିତା ଦେବୀ ପଚାରିଲେ, "ପ୍ରଶାନ୍ତବାବୁ, ଆପଣଙ୍କର କ'ଣ କେଉଁଥିରେ କିଛି ଅଭାବ ରହି ଯାଉଛି ନା କ'ଣ ? ଆପଣ ସବୁବେଳେ କାହିଁକି ଏତେ ଗମ୍ଭୀର ଓ ଚିନ୍ତାମଗ୍ନ ଥିଲାଭଳି ଜଣାପଡୁଛନ୍ତି ? ମୁଁ କ'ଣ ଆପଣଙ୍କୁ ଯାହା ଯାହା ଆନନ୍ଦ ଦେବା ଦରକାର, ତାହା ଦେଇପାରୁନି ? କେଉଁଥିରେ ମୋର କିଛି ତ୍ରୁଟି ରହିଯାଉଛି ନା କଅଣ ? କୁହନ୍ତୁ ପ୍ରଶାନ୍ତବାବୁ ଆପଣଙ୍କର ପ୍ରକୃତରେ ଆଉ କ'ଣ ଦରକାର ବା ଆପଣଙ୍କର ଏଠାରେ ଆଉ କ'ଣ ଅଭାବ ରହି ଯାଉଛି ? ମୁଁ ସେସବୁ ପୂରଣ କରିବାକୁ ପ୍ରସ୍ତୁତ ଅଛି ।"

ପ୍ରଶାନ୍ତବାବୁ ହଠାତ୍ ନିଜ ଭାବନାରାଜ୍ୟରୁ ଖସି ଆସି କହିଲେ, "ନା, ନା, ପାରମିତା ଦେବୀ, ଆପଣଙ୍କର କେଉଁଥିରେ କିଛି ତ୍ରୁଟି ନାହିଁ, ହେଲେ ଆପଣ ନିଜେ ଭାବି ଦେଖନ୍ତୁ ତ, ମଣିଷର କ'ଣ ଆନନ୍ଦ ପାଇବା ପାଇଁ ଏଇସବୁ ଯଥେଷ୍ଟ ?"

"ଆପଣ କ'ଣ କହିବାକୁ ଚାହାନ୍ତି, ପ୍ରଶାନ୍ତବାବୁ ?"

"ଦେଖନ୍ତୁ ପାରମିତା ଦେବୀ, ସମାଜରେ ଭାଇଭଉଣୀ, ସ୍ୱାମୀ-ସ୍ତ୍ରୀ, ବାପ-ମା'ଙ୍କର ଯେଉଁ ଅପୂର୍ବ ସ୍ନେହ-ମମତା, ଯାହାକୁ ଆମେ ସଂସାର କହୁ, ସେଗୁଡ଼ିକ କ'ଣ ଆପଣ ଏଠାରେ ପାଇପାରୁଛନ୍ତି ? କିଛି ପରିଶ୍ରମ ପରେ ବିଶ୍ରାମ । ସେଥିରେ କି ଅପାର ଆନନ୍ଦ । ଆଉ ଏଠାରେ ସେସବୁ କିଛି ନାହିଁ । ଆଚ୍ଛା କହିଲେ ପାରମିତା ଦେବୀ, ଆପଣ କ'ଣ ପ୍ରକୃତରେ ଏହା ଭିତରେ ରହି ବିଶେଷ ସୁଖୀ ହୋଇପାରିଛନ୍ତି ? ମୁଁ ତ କାହିଁକି ଏହି କେତେଦିନ ଭିତରେ ପୂରା ଅଣନିଃଶ୍ୱାସୀ ହୋଇଗଲିଣି ।"

ପାରମିତା ଦେବୀ ହସିଲେ, ଏକ ମାଦକଭରା ହସ । "ମୁଁ ବୁଝୁଛି ପ୍ରଶାନ୍ତବାବୁ, ଆପଣ ପ୍ରକୃତରେ କ'ଣ ଚାହାନ୍ତି ।" ପାରମିତା ଦେବୀ କେବେ ପ୍ରଶାନ୍ତବାବୁଙ୍କ ବିଚ୍ଛେଦ ଚାହୁଁ ନ ଥିଲେ । ସେ ବହୁତ ଚେଷ୍ଟା କରୁଥିଲେ ପ୍ରଶାନ୍ତବାବୁଙ୍କୁ ଏଠାକାର

Digitized by srujanika@gmail.com

ସ୍ଥାୟୀ ବାସିନ୍ଦା କରି ରଖି ନେବାକୁ । ତାଙ୍କୁ ତ ତାଙ୍କର ସବୁ ରହସ୍ୟ କହି ସାରିଲେଣି । ଚାଲିଗଲେ ବିପଦ । କିନ୍ତୁ ପ୍ରଶାନ୍ତବାବୁଙ୍କଠାରୁ ଏହିପରି କଥା କେଇପଦ ଶୁଣି ପାରମିତା ଦେବୀଙ୍କର ମନ ଭୀଷଣ ଦୁଃଖ ହେଲା । ମନ ଭିତରେ ପ୍ରଶ୍ନ ଉଠିଲା, ୟାଙ୍କୁ କ'ଣ ସେ ସବୁଦିନ ପାଇଁ ଏଠି ରଖିପାରିବେନି ? ନିଜ ମନର ଦୁଃଖକୁ ପ୍ରକାଶ ନ କରି କହିଲେ, "ଚାଲନ୍ତୁ ପ୍ରଶାନ୍ତବାବୁ, କିଛି ସମୟ ବାହାରେ ବୁଲି ଆସିବା । ଆପଣ ପରା ବେଳେବେଳେ ଲାସିକୁ ନେଇ କାର୍‌ରେ ବୁଲି ଯାଆନ୍ତି । ଆପଣ ଏଠି ବସି ବସି ଏହି ଟେଲିଭିଜନ, ରେଡ଼ିଓ, ରେକର୍ଡ଼ ପ୍ଲେୟାର, ଭିଡ଼ିଓ ଦେଖି ଦେଖି ବୋର୍ ହୋଇ ପଡ଼ିବେଣି ।

ଏତକ କହି ସେ ପ୍ରଶାନ୍ତବାବୁ ଓ ଲାସିକୁ ଧରି ରୁମ୍‌ରୁ ବାହାରିପଡ଼ିଲେ । ହଠାତ୍ ଠିଆ ହୋଇଯାଇ କହିଲେ, "ଆରେ, ଆପଣଙ୍କ ଗାଡ଼ିତ ଧ୍ୱଂସ ପାଇଯାଇଛି । ଯିବା କେମିତି ? ସଙ୍ଗେ ସଙ୍ଗେ ସୁଇଚ୍ ଟିପି ଡିରେକ୍ଟରଙ୍କ ସହିତ କ'ଣ କଥାହେଲେ କେଜାଣି କହିଲେ, "ଆପଣଙ୍କ ପ୍ଲିମଥ୍ ଗାଡ଼ି ଠିକ୍ ହୋଇ ବର୍ତ୍ତମାନ ଗେଟ୍ ପାଖରେ ଠିଆ ହୋଇଛି ପ୍ରଶାନ୍ତବାବୁ । ଚାଲନ୍ତୁ, ଆମେ ସେଥିରେ ବୁଲି ଆସିବା ।"

"ମୁଁ ଏହି ଯନ୍ତ୍ରଟାକୁ ସଙ୍ଗରେ ନେଇପାରେ କି ପାରମିତା ଦେବୀ ? ବଡ଼ ଅଦ୍ଭୁତ ଯନ୍ତ୍ର ଇଏ । ବଡ଼ ଭଲ ଲାଗୁଛି ମୋତେ ।"

"ଆପଣ ଏ ଯନ୍ତ୍ରକୁ ସଙ୍ଗରେ ନେବେ ? କାହିଁକି ? କ'ଣ ଦରକାର ?" ପାରମିତା ଦେବୀଙ୍କ ମୁହଁ ବିଷଣ୍ଣ ହୋଇଗଲା ।

"ନେଲେ କ୍ଷତି କ'ଣ ? ସଙ୍ଗରେ ଥାଉ ? କାଳେ ବାଟରେ କିଛି ଦରକାରରେ ଆସିପାରେ ।"

"ଲାସିକୁ ନେବେନା ଛାଡ଼ିଦେଇ ଯିବେ ଏଠି ?"

"ନା, ନା, ଲାସି ବି ଯିବ । ଆପଣ, ମୁଁ ଆଉ ଲାସି । ତା ସହିତ ଏ ଯନ୍ତ୍ର ।"

ପାରମିତା ଦେବୀ କିଞ୍ଚିତ ଅନ୍ୟମନସ୍କ ହେଲାଭଳି ଜଣାପଡ଼ିଲେ । କିଛି ସମୟ ଚିନ୍ତା କରି କହିଲେ, "ହେଉ ଚାଲନ୍ତୁ । ଆପଣଙ୍କ ମନରେ ଆଘାତ ଦେବାକୁ ମୁଁ ଚାହୁଁନି ପ୍ରଶାନ୍ତବାବୁ ।"

ନିଜ ପ୍ଲିମଥ୍ ଗାଡ଼ିର ଷ୍ଟିଅରିଂ ଧରିଲେ ପ୍ରଶାନ୍ତବାବୁ । ପାଖରେ ପାରମିତା ଦେବୀ ତାଙ୍କ ଦେହକୁ ଲାଗି ବସିଥାନ୍ତି । ପଛ ସିଟ୍‌ରେ ଲାସି । କିଛିଦୂର ଗଲାପରେ ପ୍ରଶାନ୍ତବାବୁ ବଡ଼ ତନ୍ମୟ ହୋଇ ଆରମ୍ଭ କଲେ, "ପ୍ରକୃତି ଦେବୀ କେଡ଼େ ସୁନ୍ଦର ଦେଖୁଛନ୍ତି ପାରମିତା ଦେବୀ ? ଚାରିଆଡ଼େ ଦିଗନ୍ତ ବିସ୍ତାରିତ

Digitized by srujanika@gmail.com

ପର୍ବତମାଳା, ଅଦୂରରେ-ନିଘଞ୍ଚ-ନିକୁଞ୍ଜ ପୁଞ୍ଜିତ କାନନ ଶ୍ରେଣୀ, ଅଦୂରରେ ବିବିଧ ବୃକ୍ଷ ପରିଶୋଭିତ ନୟନ ତୃପ୍ତିକର ଉପବନ କ'ଣ ଲୋଡ଼େ ଜାଣନ୍ତି ପାରମିତା ଦେବୀ ?'' ପାରମିତା ଦେବୀଙ୍କ କାନ୍ଧ ଉପରେ ନିଜ ବାମ ହାତ ରଖି ତାଙ୍କୁ ନିଜ ଆଡ଼କୁ ଟିକିଏ ଆଉଜାଇ ନେଇ ପଚାରିଲେ ପ୍ରଶାନ୍ତବାବୁ ।

"ଆପଣ ବଡ଼ କଳ୍ପନାବିଳାସୀ ହୋଇ ପଡୁଛନ୍ତି ପ୍ରଶାନ୍ତବାବୁ ।'' ପ୍ରଶାନ୍ତବାବୁଙ୍କ ଛାତି ଉପରେ ମୁଣ୍ଡ ରଖି ପାରମିତା ଦେବୀ ତାଙ୍କ ମୁହଁକୁ ଅନାଇ ହସି ହସି କହିଲେ ।

"ନା ପାରମିତା ଦେବୀ, ମୁଁ କଳ୍ପନାବିଳାସୀ ହେବାକୁ ଚାହେଁନି । ମୁଁ ବାସ୍ତବତାକୁ ନେଇ ଉପଭୋଗ କରିବାକୁ ଚାହେଁ । ଖାଲି କଳ୍ପନାରେ ବିଭୋର ହେବାକୁ ଚାହେଁନି । ଚାଲନ୍ତୁ, ପାରମିତା ଦେବୀ, ଆମେ ଏଠାରୁ ପଳେଇଯିବା । ମୁଁ ଆପଣଙ୍କୁ ନେଇ ସୁଖର ସଂସାର ଗଢ଼ିବାକୁ ଚାହେଁ ।''

କହୁ କହୁ ପ୍ରଶାନ୍ତବାବୁଙ୍କ ମୁହଁ ପାରମିତା ଦେବୀଙ୍କ ମୁହଁ ପାଖକୁ ଲାଗି ଆସିଲା । ସେ ସଙ୍ଗେ ସଙ୍ଗେ ପାରମିତା ଦେବୀଙ୍କ ଆରକ୍ତ କପୋଳ ଉପରେ ମଧୁର ଚୁମ୍ବନର ଏକ ରକ୍ତିମ ରେଖା ଟାଣିଦେଲେ, କିନ୍ତୁ ଏ କ'ଣ ? ପାରମିତା ଦେବୀଙ୍କଠାରେ ସେ ଅନୁଭବ କରି ପାରୁନାହାନ୍ତି ପ୍ରଣୟର ଉଷ୍ମତା । ତାଙ୍କୁ ଜଣାପଡୁଥିଲା, ପାରମିତା ଦେବୀଙ୍କ ଚାରୁସ୍ନିଗ୍ଧ ଶରୀର ସତେ ଯେମିତି ଶୀତଳ । ତାଙ୍କୁ ନିଜ ଛାତି ସହିତ ଭିଡ଼ି ଧରି ଆଉ ଏକ ଚୁମ୍ବନ ଟାଣିଦେଲେ ସତ, କିନ୍ତୁ ରକ୍ତମାଂସର ପ୍ରଣୟିନୀ ଭଳି ସେ ପ୍ରତିଦାନରେ ଆବଶ୍ୟକୀୟ ଉଷ୍ମତା ପାଇ ପାରିଲେନି ତାଙ୍କଠାରୁ, ଯାହାକୁ ପାଇଥିଲେ ହୁଏତ ତାଙ୍କ ଶରୀରରେ ଯୌନ ଶିହରଣ ଓ ମନରେ ଯୌନ ଉନ୍ମାଦନା ଖେଳି ଯାଇଥାନ୍ତା । ଜଣେ ରକ୍ତମାଂସ ଶରୀରର ପ୍ରଣୟିନୀଙ୍କୁ ଏଭଳି ଆଲିଙ୍ଗନ କରିଥିଲେ ପ୍ରଶାନ୍ତବାବୁ ଯେମିତି ଆନନ୍ଦ ପାଇଥାନ୍ତେ, ଏଠି ସେମିତି ପାଇଲା ଭଳି ଅନୁଭବ କଲେ ନାହିଁ । ମନେହେଲା ପାରମିତା ଦେବୀ ସତେ ଯେମିତି ନିର୍ଜୀବ, ଜଡ଼ । ଫଳରେ ତାଙ୍କର ଅତୃପ୍ତ ମନ ତୃପ୍ତ ନ ହୋଇ ସେହିଭଳି ଅତୃପ୍ତ ରହିଗଲା ।

ପ୍ରଶାନ୍ତବାବୁଙ୍କ ଆଲିଙ୍ଗନରୁ ମୁକ୍ତ ହୋଇ ପାରମିତା ଦେବୀ ହସି ହସି କହିଲେ, "ଆପଣ ଏଇ ଆନନ୍ଦ ଚାହୁଁଥିଲେ ନା ଆଉକିଛି ଅଧିକ ଚାହୁଁଥିଲେ ପ୍ରଶାନ୍ତବାବୁ ? ପାଇଲେ ତ ସେହି ଆନନ୍ଦ ? ଆପଣ ମୋତେ ନେଇ ସୁଖର ସଂସାର ଗଢ଼ିବାର ଯେଉଁ ଆଶା ପୋଷଣ କରିଥିଲେ, ତାହା ଆପଣଙ୍କୁ ସୁଖର ସଂସାର ଦେଇପାରିବ ତ ? ଆପଣ ମୋତେ ସାଥୀ ଭାବରେ ଯାହା ପାଇଲେ ସେତିକି ଯଥେଷ୍ଟ, ସ୍ତ୍ରୀ ଭାବରେ ପାଇବାର ଚେଷ୍ଟା କରନ୍ତୁ ନାହିଁ । କଲେ ହତାଶ ହେବେ ନିଶ୍ଚୟ । ମୁଁ ସେଥିପାଇଁ ସୃଷ୍ଟି ହୋଇନି ପ୍ରଶାନ୍ତବାବୁ ।

Digitized by srujanika@gmail.com

ପ୍ରଶାନ୍ତବାବୁଙ୍କ ମନରେ ଦ୍ୱନ୍ଦ୍ୱ ପରେ ଦ୍ୱନ୍ଦ୍ୱ । ଏ କ'ଣ, ଏଡ଼େ ସୁନ୍ଦରୀ ତରୁଣୀକୁ ଆଲିଙ୍ଗନ କରି ମଧ୍ୟ ସେ ଆନନ୍ଦ ପାଇପାରୁ ନାହାନ୍ତି ? ସୁନ୍ଦର ମାଦକଭରା ଚେହେରା, ଯୌନାକର୍ଷୀ ବକ୍ଷ ସୌନ୍ଦର୍ଯ୍ୟର ସୁକୋମଳ ଶରୀର, ଯୌନାବେଗ ସୃଷ୍ଟିକାରୀ ଆକର୍ଷଣୀୟ ଦୃଷ୍ଟିଭଙ୍ଗୀ ସମେତ ଏକ ସୁନ୍ଦରୀ ତରୁଣୀର ସବୁକିଛି ଗୁଣ ତାଙ୍କଠାରେ ଅଛି । କିନ୍ତୁ ଏ କ'ଣ, ସବୁ ଥାଇ ନ ଥିଲାଭଳି । ସେ କାହିଁକି ଆନନ୍ଦ ପାଇପାରୁ ନାହାନ୍ତି ତାଙ୍କ ପାଖରେ ଥାଇ ? ତାଙ୍କଠାରେ ପ୍ରଣୟିନୀର ଉଷ୍ମତା କାହିଁ ? ପାରମିତା ଦେବୀ ତାଙ୍କ ପ୍ରତି ତ ଆକୃଷ୍ଟ । ତେବେ ଏ ସବୁର ଅଭାବ କାହିଁକି ? ପାରମିତା ଦେବୀ କ'ଣ ଛଳନାମୟୀ ? ପ୍ରଣୟିନୀର ଛଳନା କରୁଛନ୍ତି ତାଙ୍କ ସହିତ ? ସିଏ ତ ସବୁକିଛି ତାଙ୍କଠାରେ ଅର୍ପଣ କରି ଦେଇଛନ୍ତି, ଅଥଚ ସେ ସେଥିରୁ ଆନନ୍ଦ ପାଇପାରୁ ନାହାନ୍ତି କାହିଁକି ?

ଏହା ତାଙ୍କର ଭ୍ରମ । ପାରମିତା ଦେବୀଙ୍କୁ ସ୍ତ୍ରୀ ଭାବରେ ପାଇ ପାରିଲେ, ସେ ସବୁକିଛି ତାଙ୍କଠାରୁ ପାଇପାରିବେ ।

ପାରମିତା ଦେବୀ କ'ଣ କହୁଥିଲେ ସେଥିପ୍ରତି ଧ୍ୟାନ ନ ଦେଇ ପ୍ରଶାନ୍ତବାବୁ ଜୋର୍‌ରେ ଗାଡ଼ି ନିଜ ଘର ଅଭିମୁଖେ ଛୁଟାଇଦେଲେ । ସେ ମନେ ମନେ ଭାବିଲେ, ପାରମିତା ଦେବୀଙ୍କଠାରେ ଯନ୍ତ୍ରଫନ୍ତ୍ର ତ କିଛି ନାହିଁ । ସେ କ'ଣ ତାଙ୍କୁ ଆଉ ଅଟକାଇ ପାରିବେ ?

"ଦେଖନ୍ତୁ, ପ୍ରଶାନ୍ତବାବୁ । ଆପଣଙ୍କୁ ଡିରେକ୍ଟର ଯାହା କହିଥିଲେ ଆପଣ ଭୁଲି ଯାଉଛନ୍ତି । ଆପଣ ନିଜ ଘର ସଂସାରକୁ ଫେରିଯିବାକୁ ମୋଟେ ଚେଷ୍ଟା କରନ୍ତୁନି । ଫେରିଲେ ବିପଦ । ମୋତେ ଘେନିଗଲେ ଆହୁରି ବିପଦ ।"

ପ୍ରଶାନ୍ତବାବୁ ପାରମିତା ଦେବୀଙ୍କ କଥାକୁ ନ ଶୁଣି ଆହୁରି ଜୋର୍‌ରେ ଗାଡ଼ି ଚଳେଇଦେଲେ । କିଛିବାଟ ଯିବାପରେ ହଠାତ୍ କ'ଣ ହେଲା କେଜାଣି ଗାଡ଼ିଟି ମନକୁ ମନ ଅଟକିଗଲା । ପରେ ପରେ ଏହା ଆଗକୁ ଯିବ କ'ଣ ପଛେଇ ପଛେଇ ଆସିଥିବା ସ୍ଥାନକୁ ଫେରି ଆସିଲା । ପ୍ରଶାନ୍ତବାବୁ ଯେତେ ଚେଷ୍ଟା କଲେ ବି ଗାଡ଼ିକୁ ଆଗକୁ ଆଉ ଚଳାଇ ପାରିଲେ ନାହିଁ । ନିଜ ସ୍ଥାନକୁ ଫେରି ଆସିବାକ୍ଷଣି ଦୁଇଜଣ ପ୍ରହରୀ ପହଞ୍ଚି ଯାଇ ତାଙ୍କୁ ଡିରେକ୍ଟରଙ୍କ କୋଠରିକୁ ଘେନିଗଲେ । ଡିରେକ୍ଟରଙ୍କର କଡ଼ାଦୃଷ୍ଟି ପ୍ରଶାନ୍ତବାବୁଙ୍କ ଉପରେ ପଡ଼ିଲାମାତ୍ରେ, ପ୍ରଶାନ୍ତବାବୁ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ, କିନ୍ତୁ ସେହି ପ୍ରହରୀ ଦ୍ୱୟ ତାଙ୍କୁ ଧରି ଆଣି ପୁଣି ତାଙ୍କ ସାମନାରେ ଛିଡ଼ାକରାଇଦେଲେ ।

ଡିରେକ୍ଟର କହିଲେ, "ବୃଥା ଚେଷ୍ଟା କରନ୍ତୁ ନାହିଁ ପ୍ରଶାନ୍ତବାବୁ । ମୁଁ ଆପଣଙ୍କୁ ପ୍ରଥମରୁ ହିଁ ସେୟା କହିଥିଲି । ଆପଣ ଜାଣନ୍ତି ନାହିଁ, ଏହି କିଛି ସମୟତଳେ

Digitized by srujanika@gmail.com

ଆପଣ ଯାହାଙ୍କୁ ନେଇ ସୁଖର ସଂସାର ଗଢ଼ିବେ ବୋଲି ଆଶା ପୋଷଣ କରିଥିଲେ, ସେହି ସୁନ୍ଦରୀ ପାରମିତା ରକ୍ତମାଂସ ଶରୀରର ଏକ ସାଧାରଣ ନାରୀ ନୁହେଁ । ସେ ଏକ ସୁନ୍ଦରୀ ତରୁଣୀର ରୂପଲାବଣ୍ୟ ପାଇଥିଲେ ହେଁ ସେ ଏକ କୃତ୍ରିମ ମଣିଷ । ଆମ ବିଜ୍ଞାନର ସେ ଏକ ଅଭିନବ ସୃଷ୍ଟି । ନା ତା'ର ହୃଦୟ ଅଛି, ନା ତା'ର ନାରୀସୁଲଭ ପ୍ରଣୟ ଅଛି । ଅତି ସୁନ୍ଦରୀ ଦିଶୁଥିଲେ ହେଁ ସେ ଏକ ଜୀବନହୀନ କୃତ୍ରିମ ଯୁବତୀ । କୃତ୍ରିମ ନାରୀ ହୋଇଥିବାରୁ ପାରମିତା ନା ଜାଣେ ପ୍ରେମ, ନା ଜାଣେ ଭଲ ପାଇବା । ଆମେ ତାକୁ ଯେତିକି ଶିଖାଇଛୁ, ତା'ଠାରୁ ସେ ଅଧିକ କିଛି କରିପାରେନା । ସେ ଜଣେ ସାଧାରଣ ନାରୀର ରୂପ, କଥାବାର୍ତ୍ତା ଆଦି ହାସଲ କରିଥିଲେ ହେଁ ନାରୀର ଅନ୍ୟ ବହୁଗୁଣ ତା'ଠାରେ ନାହିଁ । ଆସିବ ବା କୁଆଡୁ ? ସେ ତ ଏକ ଯନ୍ତ୍ର । ଆମେ ଯେତିକି ଗୁଣ ତାକୁ ଦେଇଛୁ, ସେ ସେତକ ଗୁଣ ପ୍ରକାଶ କରି ଆପଣଙ୍କୁ ଖୁବ୍ ନିଜର କରିପାରିଥିଲା । ଆପଣଙ୍କର ଭୁଲ୍, ଆପଣ ପାରମିତାକୁ କୃତ୍ରିମ ନାରୀ ବୋଲି ଜାଣି ନ ପାରି ନିଜର କରିବାକୁ ଚେଷ୍ଟା କରିଥିଲେ । ଆପଣ ସେତକ ଜାଣିଥିଲେ ତାହାର ପ୍ରଣୟ-ଭିକ୍ଷା କରି ନ ଥାନ୍ତେ କି ତାକୁ ନେଇ ଏଠାରୁ ପଳେଇଯିବାକୁ ଚେଷ୍ଟା କରି ନ ଥାନ୍ତେ । ସେମାନେ ଆମ ଇଚ୍ଛାଶକ୍ତି ଦ୍ୱାରା ପରିଚାଳିତ ହେଉଥିବାରୁ ତାଙ୍କ ସହିତ ଆପଣଙ୍କ କଥାବାର୍ତ୍ତା ଆମେ ଜାଣିପାରୁଥିଲୁ । ଆପଣ ଚାହିଁଲେ ବି ସେ ଆପଣଙ୍କ ସହିତ ପଳାଇ ଯାଇପାରି ନ ଥାନ୍ତା । ଆପଣ ଏଠୁ ପଳେଇବାକୁ ଚେଷ୍ଟାକରି ଏକ ବଡ଼ ଅପରାଧ କରିଛନ୍ତି । ମୁଁ ଆପଣଙ୍କୁ ମୂଳରୁ ସେହିକଥା କହିଥିଲି । ପାରମିତା ମଧ୍ୟ ଆପଣଙ୍କୁ ସେହିକଥା ବାରମ୍ବାର ଚେତାଇ ଦେଇଥିଲା । ଆପଣ ତା କଥା ନ ଶୁଣି ଏକ ବଡ଼ ଅପରାଧ କରିଛନ୍ତି । ଏହି ଅପରାଧର ଶାସ୍ତି କ'ଣ ଜାଣନ୍ତି ? ମୃତ୍ୟୁଦଣ୍ଡ । ଆପଣ ମୃତ୍ୟୁ ପାଇଁ ପ୍ରସ୍ତୁତ ହୋଇଯା'ନ୍ତୁ ପ୍ରଶାନ୍ତବାବୁ । ବର୍ତ୍ତମାନ ଆପଣଙ୍କୁ ମୃତ୍ୟୁଦଣ୍ଡ ଦେବାଛଡ଼ା ଅନ୍ୟ ପନ୍ଥା ଆମର ନାହିଁ ।'' କାରଣ ଆପଣ ନିଜ ସଂସାରକୁ ଫେରିଗଲେ ଆମ ରହସ୍ୟ ପ୍ରଘଟ କରିଦେବେ । ତେଣୁ ମୃତ୍ୟୁହିଁ ଆପଣଙ୍କ ସର୍ବଶ୍ରେଷ୍ଠ ଶାସ୍ତି ।

ମୃତ୍ୟୁଦଣ୍ଡ ନାଁ ଶୁଣି ପ୍ରଶାନ୍ତବାବୁଙ୍କ ଛାତି ଦାଉଁକିନା ହୋଇଗଲା । ମୁଖମଣ୍ଡଳ କଳାକାଠ ପଡ଼ିଗଲା । ସତେ ଯେମିତି ଦେହର ସବୁ ରକ୍ତ ପାଣି ପାଲଟି ଯାଉଛି ।

ଆପଣଙ୍କ ଉପରେ ମୃତ୍ୟୁଦଣ୍ଡ କିଏ ଜାହିର କରିବ ଜାଣନ୍ତି ? ଆପଣ ଯାହାକୁ ଖୁବ୍ ଭଲ ପାଉଥିଲେ, ଯାହାକୁ ନେଇ ସୁଖର ସଂସାର ଗଢ଼ିବାକୁ ଚାହୁଁଥିଲେ,

Digitized by srujanika@gmail.com

ଯାହାଙ୍କଠାରେ ଆପଣ ପ୍ରଣୟ-ଭିକ୍ଷା କରିଥିଲେ, ସେହି ପାରମିତା ଏକ ଯନ୍ତ୍ର ସାହାଯ୍ୟରେ ବର୍ତ୍ତମାନ ଆପଣଙ୍କୁ ମୃତ୍ୟୁଗାମୀ କରାଇବ । ସେ ମଣିଷ ହୋଇଥିଲେ କରିପାରି ନ ଥାନ୍ତା । କାରଣ ସେ ଆପଣଙ୍କ ପ୍ରଣୟିନୀ । ସେ ତ ମଣିଷ ନୁହଁ ଏକ ଯନ୍ତ୍ର । ତା'ର ଅସୁବିଧା ହେବ ନାହିଁ ଆପଣଙ୍କ ପ୍ରତି ଦଣ୍ଡବିଧାନ କରିବାରେ ।

ପ୍ରଶାନ୍ତବାବୁଙ୍କ ମୁହଁରେ ଏକପ୍ରକାର କଳା କାଚର ଘୋଡ଼ଣୀ ଘୋଡ଼ାଇ ଦିଆଗଲା । ପାରମିତାଦେବୀଙ୍କୁ ଏକ ଆଶ୍ଚର୍ଯ୍ୟଜନକ ବନ୍ଧୁକ ଦିଆଗଲା ପ୍ରଶାନ୍ତବାବୁଙ୍କୁ ଗୁଳି କରିବାପାଇଁ । ଡିରେକ୍ଟର ଗଣି ଚାଲିଲେ ଏକ–ଦୁଇ... । ଠିକ୍ ଦଶ ପରେ ହେଲା 'ଠୋ' ।

ପ୍ରଶାନ୍ତବାବୁଙ୍କର ନିଦ ହଠାତ୍ ଭାଙ୍ଗିଗଲା । ଦେଖିଲେ ଲୋକଟି ଗାଡ଼ିରେ ପେଟ୍ରୋଲ ଦେଇସାରି ପଇସା ନେବାପାଇଁ ଡାକୁଛି । ପ୍ରଶାନ୍ତବାବୁଙ୍କୁ ଲୋକଟି କହିଲା, ''ବାବୁ, ଆପଣଙ୍କୁ ମୁଁ ବହୁତ ସମୟ ହେଲା ଡାକୁଛି, କିନ୍ତୁ ଆପଣ ନିଦରେ ଶୋଇ ପଡ଼ିଛନ୍ତି । ପ୍ରଶାନ୍ତବାବୁ ବୁଝିଲେ ଯେ, ଯାହାସବୁ ଘଟିଗଲା ସେଗୁଡ଼ାକ ଖାଲି ଦିବାସ୍ୱପ୍ନ, ଯାହାକୁକି ସେ କେବେ ଜୀବନରେ ଭୁଲିପାରିବେ ନାହଁ । ଦେଖିଲେ, ପଛ ସିଟ୍‌ରେ ବିଚରା ଲାସି ଭୋକରେ ଶୋଇପଡ଼ିଛି । ତାଙ୍କୁ ବି କମ୍ ଭୋକ ହେଉ ନାହିଁ । ସେ ସିଧା ଡ୍ରାଇଭ୍ କଲେ ରେଷ୍ଟୁରାଣ୍ଟ ଆଡ଼କୁ । ତାଙ୍କର ମନେ ପଡ଼ି ଯାଉଥାଏ ସ୍ୱପ୍ନର ନାୟିକା ସେହି ସୁନ୍ଦରୀ ପାରମିତା ଦେବୀଙ୍କ ହସ ହସ ମୁହଁ । ମନ ଭିତରେ ଦ୍ୱନ୍ଦ୍ୱ ପରେ ଦ୍ୱନ୍ଦ୍ୱ, ଏଡ଼େ ସୁନ୍ଦରୀ ତରୁଣୀ ପାରମିତା ଦେବୀ, ପ୍ରକୃତ ନାରୀ ନ ହୋଇ କ'ଣ କୃତ୍ରିମ ନାରୀ ହୋଇପାରନ୍ତି ?

Digitized by srujanika@gmail.com

ମସ୍ତିଷ୍କ ପରିରୋପଣ

"ମଧୁ, ମଧୁ, କୁଆଡ଼େ ଗଲୁ, ଶୁଣିଲୁ" ?

ଅବିନାଶବାବୁଙ୍କ ଭଳି କିଏ ଜଣେ ଡାକିବାର ଶୁଣି ମଧୁ ହଠାତ୍ ଚମକି ପଡ଼ିଲା । ମନକୁମନ ପଚାରିଲା, "ଆଁ, ଆମ ବାବୁ ନା କଅଣ ? ଠିକ୍ ତାଙ୍କରି ଭଳି ଡାକ । ଏମିତି କିଏ ଡାକିଲା ଜାଣିବା ପାଇଁ ଦାଣ୍ଡଘରକୁ ଚାଲିଯାଇ ଜଣେ ଅଚିହ୍ନା ଭଦ୍ରଲୋକଙ୍କୁ ଦେଖି ଶଙ୍କିଯାଇ ପଛକୁ ଦି'ପାଦ ଘୁଞ୍ଚି ଆସିଲା ମଧୁ ।

"କିରେ ଆସୁଥିଲୁ, ହଠାତ ପୁଣି ଫେରିଗଲୁ କାହିଁକି ? ମୋ ଡାକ କ'ଣ ତୋ କାନରେ ପଡୁନି କିରେ ?

ମନେ ମନେ "ଆଁ, ଠିକ୍ ଆମ ବାବୁଙ୍କ କହିବା ରୀତି । ଟିକିଏ ବି ଏପଟ ସେପଟ ନାହିଁ । କିନ୍ତୁ ଏ କିଏ ? ଇଏତ ଆମବାବୁ ନୁହନ୍ତି ।"

ସେ ଧୀରେ ଧୀରେ ଆଗନ୍ତୁକଙ୍କ ପାଖକୁ ଆସି ଅତି ସନ୍ତର୍ପଣରେ ତାଙ୍କ ଆଗରେ ଠିଆ ହେଲା ।

"ଆରେ, ମା ଘରେ ଅଛନ୍ତି ?"

"ନାଇଁ ଆଜ୍ଞା, କଲେଜ ଯାଇଛନ୍ତି ।"

"ଏତେ ସକାଳୁ ? ଓଃ, ଭୁଲି ଯାଇଥିଲି, ଆଜିପରା ବୁଧବାର । ତାଙ୍କର ଆଜି ସକାଳିଆ ପ୍ରାକ୍ଟିକାଲ କ୍ଲାସ୍ ଥିବା କଥା ।"

"ହଁ, ଆଜ୍ଞା ।"

"ଆରେ, କ'ଣ ଖାଇ ଯାଇଛନ୍ତି ? ସେହି ପଖାଳ ନା ଆଉ କିଛି ?"

"ହଁ ଆଜ୍ଞା, ପଖାଳ ।"

"ଆଉ ସେଥିସହ ଶାଗଖରଡ଼ା ଓ ବାଇଗଣ ଭଜା ?

"ହଁ ଆଜ୍ଞା, ଆପଣ ଯାହା ଅନୁମାନ କରିଛନ୍ତି, ତାହା ଠିକ୍ ।" ଉତ୍ତର ଦେଉ ଦେଉ ମନେ ମନେ ଆଶ୍ଚର୍ଯ୍ୟ ହେଉଥିଲା ମଧୁ । ମନ ଭିତରେ ତା'ର ପ୍ରଶ୍ନ ପରେ ପ୍ରଶ୍ନ । ଇଏ ଭଦ୍ରଲୋକ କିଏ ? ଆମ ଘରର ଭିତିରି କଥା କ'ଣ ସବୁ ନିଜର ଲୋକଭଳି କହି ପକାଉଛନ୍ତି ?

Digitized by srujanika@gmail.com

"ଶାଗ କ'ଣ ବଜାରରୁ ଆଣିଥିଲୁ ?"

"ନାଇଁ ଆଜ୍ଞା, ମା' କ'ଣ ବଜାର ଶାଗ ଖାଆନ୍ତି ଯେ ଆଣିବି । ଆମ ବାଡ଼ିଶାଗ ।"

"ବାଇଗଣ ବି ବାଡ଼ିର ?"

"ହଁ, ଆଜ୍ଞା ।"

"ଯେଉଁ ବାଇଗଣ ଗଛ ମୁଁ ଲଗାଇ ଯାଇଥିଲି ସେଇ ଗଛ କ'ଣ ଏ ପର୍ଯ୍ୟନ୍ତ ଫଳୁଛି ?"

"ହଁ ଆଜ୍ଞା, ଫଳୁଛି ।"

ଆଗନ୍ତୁକ ଚାରିଆଡ଼କୁ ଅନାଉ ଅନାଉ କହିଲେ, "ଆରେ ଏ ଘରଟାରେ ଏତେ ଅଳନ୍ଧୁ କାହିଁକି ? ତୋତେ କ'ଣ ଦିଶୁନି କିରେ ? ଦୁଇମାସ ହେବ ଝଡ଼ା ହୋଇନି ବୋଧେ ? ଡ୍ରଇଂରୁମ୍‌ଟା କ'ଣ ଏମିତି ସଜଡ଼ା ହୋଇଛି ? ସୋଫାଗୁଡ଼ିକୁ ମୁଁ ଯେମିତି ସଜାଇ ପକାଏ, ତୁ କ'ଣ ଜାଣିନୁ ? ବଡ଼ ସୋଫାଟା ପରା ଏ ପାଖରେ ପଡ଼ିବା କଥା, ସେ ପାଖରେ ପକାଇଛୁ କାହିଁକି ?"

"ମା ପକାଇଛନ୍ତି ଆଜ୍ଞା । ମୁଁ ପକାଇନି ।"

"ହେଉ, ଧରିଲୁ । ମୁଁ ଠିକ୍ ଭାବରେ ପକାଇ ଦିଏ । ସେଣ୍ଟ୍ରାଲ ଟେବୁଲର ସେ ଫୁଲଦାନିଟା କୁଆଡ଼େଗଲା ?"

"ମା, ଆରଘରେ ନେଇ ରଖି ଦେଇଛନ୍ତି ।"

"କ'ଣ ଆଜିକାଲି ଫୁଲଦାନିରେ ଫୁଲ ରଖାଯାଉ ନାହିଁ କିରେ ?" ଫୁଲଦାନିଟା ସେ ଘରୁ ଆଣି ଏଠି ରଖ । ମୁଁ ଯାଉଛି ବାଡ଼ିରୁ ଫୁଲ ତୋଳି ଆଣେ । ଫୁଲଚାଙ୍ଗୁଡ଼ିଟା ଆଣିଲୁ । ବାଡ଼ିରେ ଏବେ ସବୁ ରକମର ଫୁଲ ଫୁଟୁଛି ତ ? ମୁଁ ଯେଉଁ ଫୁଲଗଛ ସବୁ ଲଗାଇଥିଲି, ସେସବୁ ଗଛରେ ଫୁଲ ଫୁଟୁଛି ନା ନାହିଁ ?

ମଧୁ ହାତରୁ ଫୁଲଚାଙ୍ଗୁଡ଼ିଟା ନେଉ ନେଉ ଆଗନ୍ତୁକ କହିଲେ, "ଆରେ, ଏ ପିତ୍ତଳ ଚାଙ୍ଗୁଡ଼ିଟା କ'ଣ ? ବେତ ଚାଙ୍ଗୁଡ଼ିଟା କୁଆଡ଼େଗଲା କି ? ଇଏ ପିତ୍ତଳ ଚାଙ୍ଗୁଡ଼ି କ'ଣ ହୁଏ ?"

"ମା, ମନ୍ଦିରକୁ ଫୁଲ ନେଇ ଯାଆନ୍ତି ।"

"ମା କ'ଣ ମାତାଜୀ ହୋଇଗଲେଣି କିରେ ? ଯାକୁତ ବୁଢ଼ୀ ମାତାଜୀମାନେ ଧରି ପୂଜା କରିବା ପାଇଁ ମନ୍ଦିରକୁ ଯାଆନ୍ତି ।"

Digitized by srujanika@gmail.com

ମଧୁ ହାତରୁ ପିତ୍ତଳ ଫୁଲଚାଙ୍ଗୁଡ଼ିଟା ନେଇ ଆଗନ୍ତୁକ ବାଡ଼ିରୁ ଫୁଲ ତୋଳିବାକୁ ବାହାରିଗଲେ । ଫୁଲ ତୋଳୁଥାନ୍ତି, ଏଣେ ଗୁଣୁ ଗୁଣୁ ହୋଇ ଗୀତ ଗାଉଥାନ୍ତି । ମଧୁ ଘର ଝାଡୁ ଝାଡୁ କାନ ଦେଇ ଶୁଣୁଥାଏ । ଠିକ୍ ସେହି ଗୀତ, ବାବୁ ଫୁଲ ତୋଳିଲାବେଳେ ଯେମିତି ଗୀତ ଗାଆନ୍ତି, ଏଠି ଠିକ୍ ସେମିତି ଗାଉଛନ୍ତି । ଅଳନ୍ଧୁ ଝାଡୁ ଝାଡୁ ମଧୁ ଭାବୁଥାଏ, ଏ କ'ଣ ଠିକ୍ ସେହି ଗୀତ, ସେହି ସ୍ୱର, ଟିକିଏ ବି ତଫାତ୍ ନାହିଁ । ଅଲଗା ଲୋକ ଜଣେ, ଅଥଚ ଆମ ବାବୁଙ୍କ ସବୁ କଥା, ଗୀତ ବୋଲି ପାରୁଛନ୍ତି କେମିତି ? ଇଏ କ'ଣ ତା'ହେଲେ ଆମ ବାବୁ ? ନା, ତା କେମିତି ହେବ ? ଆମ ବାବୁଙ୍କ ଭଳି ତ ଟିକିଏ ବି ଦିଶୁ ନାହାନ୍ତି ।

ଆଗନ୍ତୁକ ଫୁଲଦାନିରେ ଫୁଲ ସଜାଉ ସଜାଉ କହିଲେ, "ଆରେ ଏ ଘରୁ ବାପାଙ୍କ ଫଟୋ କୁଆଡ଼େ ଗଲା ? ବାପାଙ୍କ ଫଟୋ ଜାଗାରେ କ'ଣ ମୋ ଫଟୋ ଟଙ୍ଗା ଯାଇଛି । ପୁଣି ମୋ ଫଟୋରେ ଫୁଲମାଳ ଚନ୍ଦନ ଲଗାଯାଇ ପୂଜା କରାଯାଉଛି ନା କଅଣ ? ମୁଁ କ'ଣ ମରିଗଲିଣି କିରେ ? ମୋତେ ପୂଜା କରାଯାଉଛି କାହିଁକି ?"

"ମା ପୂଜା କରୁଛନ୍ତି, ଆଜ୍ଞା ।"

"ଆଁ, ମା ମୋତେ ପୂଜା କରୁଛନ୍ତି ? କାହିଁକି ? ଏଠୁ ବାପାଙ୍କ ଫଟୋ କୁଆଡ଼େ ଗଲା ?"

"ସେ ଘରେ ଟଙ୍ଗା ହୋଇଛି ଆଜ୍ଞା ।"

"ସେ ଫଟୋ ଆଣ । ଏଠୁ ମୋ ଫଟୋ ନେଇଯାଇ ଏଠି ବାପାଙ୍କ ଫଟୋ ଟାଙ୍ଗ ।"

ଶୋଇବା ଘରକୁ ଚାଲିଯାଇ, "ଶୋଇବା ଘରେ ଏମିତି କ'ଣ ହୋଇଛି କିରେ ? ଏଠୁ ଦୁଇଟା ଖଟ ଭିତରୁ ଗୋଟାଏ କ'ଣ ଉଠିଯାଇ ମାତ୍ର ଗୋଟିଏ ପଡ଼ିଛି । ସେ ଖଟଟା କୁଆଡ଼େ ଗଲା ?"

"ମା, ଗୋଟିଏ ଖଟ ଖୋଲି ଷ୍ଟୋର୍‌ରୁମ୍‌ରେ ରଖି ଦେଇଛନ୍ତି ଆଜ୍ଞା ।"

"ମୁଁ ବୁଝିପାରୁନି ମଧୁ, ମାତ୍ର ଦୁଇମାସ ଭିତରେ ଆମ ଘରେ ଏତେସବୁ ପରିବର୍ତ୍ତନ ହୋଇଗଲା କେମିତି ଓ କାହିଁକି ?"

"ଯା, ସେ ଖଟଟା ଆଣ । ମୁଁ ତାକୁ ଏଠାରେ ଫିଟ୍ କରିଦିଏ । ଏ ଘରଟା ବି କେତେ ଅପରିଷ୍କାର ହୋଇଛି ? ତୁ ଏ ଘରଟାକୁ ଭଲ ଭାବରେ ଝାଡ଼ୁ । ଖଟଟା ଆଣି ଏଠି ରଖ । ମୁଁ ଗାଧୋଇ ଆସେ, ଫିଟ୍ କରିଦେବି । ଗାଧୁଆଘରେ ପାଣି ଅଛି ତ ?"

Digitized by srujanika@gmail.com

"ହଁ, ଆଜ୍ଞା, ଅଛି ।"

"କ'ଣ ଗରମ ପାଣି ?"

"ନାଇଁ, ଆଜ୍ଞା ।"

"ଆରେ ତୁ କ'ଣ ଜାଣିନୁ, ମୁଁ ଗରମ ପାଣି ନ ହେଲେ ଗାଧାଏ ନାହିଁ । ଶୀଘ୍ର ଯା, ଗରମପାଣି କରି ଆଣ ।"

ମଧୁ ଗରମପାଣି କରି ଗାଧୁଆଘରେ ରଖିଲା । ଆଗନ୍ତୁକ ଗାଧୁଆଘରକୁ ଗଲେ । ଯାଉ ଯାଉ କହିଦେଇଗଲେ, "ଏ ଘରଟାକୁ ଭଲ ରୂପେ ଝାଡ଼ୁ । ଶୋଇବା ଘରଟା କ'ଣ ଏତେ ଅପରିଷ୍କାର ହେବା କଥା ?"

ମଧୁ ତାଙ୍କ ଚାଲିଯିବା ବାଟକୁ ଅନାଇ ରହିଲା । ଭାବିଲା, ପୂରାପୂରି ଆମ ବାବୁଙ୍କ ଭଳି ଚାଲି । ସେହି କଥା, ସେହି ରୀତି । ଟିକିଏ ବି ଏପାଖ ସେପାଖ ନାହିଁ । କିଏ ଏହି ଭଦ୍ରଲୋକ ?"

ଆଗନ୍ତୁକ ଗାଧୋଇ ଆସି ଖଟ ଫିଟ୍ କରୁ କରୁ ମଧୁକୁ ପଚାରିଲେ, "ଜଳଖିଆ କଲୁଣି କିରେ ? ମୁଁ କ'ଣ ଖାଇ ଅଫିସ୍ ଯାଏ, ମନେ ଅଛି ତ ? ନା, ତାକୁ ବି ଭୁଲି ସାରିଲୁଣି ।"

"ନାଇଁ ଆଜ୍ଞା, ଭୁଲିନି । ଆପଣଙ୍କର ତ ଅଣ୍ଡା, ଟୋଷ୍ଟ, ସିରିଏଲ ଆଉ ଦୁଧ । ତା ସହିତ ଚା' ।"

"ଠିକ୍ ମନେରଖିଛୁ ? ସେସବୁ ଘରେ ଅଛି ତ ?"

"ନାଇଁ, ଆଜ୍ଞା । ଅଣ୍ଡା, ପାଉଁରୁଟି, ସିରିଏଲ ଘରେ ନାହିଁ । ଖାଲି ଦୁଧ ଅଛି ।" ସେସବୁ ଢେର୍ ଦିନ ହେଲା ସରିଗଲାଣି ।"

"ମା, ଆଉ ଆଣି ନାହାନ୍ତି ?"

"ନାଇଁ ଆଜ୍ଞା, ଆଉ ଆଣି ନାହାନ୍ତି ।"

"କାହିଁକି ?"

"ଦରକାର ପଡୁନି । କିଣିବେ କାହିଁକି ।"

"ଆରେ, ମୁଁ ଦିଲ୍ଲୀ ଗଲାବେଳେ ମା'ଙ୍କୁ ପରା କହି ଯାଇଥିଲି, ସେ ସକାଳୁ ପଖାଳଖିଆ ଛାଡ଼ି ପ୍ରତିଦିନ ଆମ୍ଲେଟ, ଟୋଷ୍ଟ, ସିରିଏଲ ଆଦି ଖାଇବେ ବୋଲି । ସେସବୁକୁ ନ ଖାଇ ସେହି ପଖାଳ ଚଳାଇଛନ୍ତି ।"

"ମା, ପରା ଆଜିକାଲି ଅଣ୍ଡା ଛୁଉଁ ନାହାନ୍ତି ଆଜ୍ଞା ।"

Digitized by srujanika@gmail.com

"କାହିଁକି ? ଆଗରୁ ତ ଖାଉଥିଲେ । ଆମ ଘରେ ତ ଅଣ୍ଡାଝୋଳ ହୁଏ । ସେ ତାକୁ ତ ବେଶ୍ ଆନନ୍ଦରେ ଖାଆନ୍ତି ।"

"ଆଜିକାଲି ଅଣ୍ଡା ଆମ ଘରକୁ ଆସୁନି ଆଜ୍ଞା ।"

"ତା'ହେଲେ ତୁ କି ଜଳଖିଆ କରିବୁ ଆଉ ? ହେଉ ଥାଉ, ମୁଁ ଅଫିସ୍‌ରେ ଜଳଖିଆ ମଗାଇନେଇ ଖାଇନେବି । ମୁଁ ବର୍ତ୍ତମାନ ଅଫିସ୍ ଯାଉଛି । ଅଫିସ୍ ବେଳ ହୋଇଗଲାଣି । ମା' ଆସିଲେ କହିଦେବୁ ମୁଁ ଦିଲ୍ଲୀରୁ ଆଜି ଫେରିଲି ।"

× × × ×

ଅବିନାଶବାବୁ ନିଜ ଅଫିସ୍‌ର କଲିଙ୍ଗ୍‌ବେଲ୍ ଚିପିଲେ । ଚପରାସୀ ଆସି ସଲାମ୍ ବଜାଇ ଠିଆ ହେଲା । ସେକ୍ରେଟେରୀଙ୍କୁ ଡାକି ଦେବାପାଇଁ କହିଦେଇ ସେ ଫାଇଲ୍ ଦେଖିବାରେ ଲାଗିଗଲେ । ଦେଖୁ ଦେଖୁ ମନେ ମନେ ଭାବିଲେ, "ଏ କ'ଣ, ଦିଲ୍ଲୀ ଗଲାବେଳେ ଯେଉଁ ଫାଇଲ ଯେଉଁଠି ଥିଲା, ଦୁଇମାସ ପରେ ବି ସେହି ଫାଇଲ୍ ଠିକ୍ ସେଇଠି ଅଛି । ଟେବୁଲ୍, ରେକ୍, କିଟ୍‌କାଟ୍ ସବୁଆଡ଼େ ସେହି ପୁରୁଣା ଫାଇଲ୍ ।

ଏହି ସମୟରେ ସେକ୍ରେଟେରୀ ଆସି ନମସ୍କାର ଜଣାଇ ଠିଆ ହେଲା ।

"ଓଃ, ତୁମେ ନୂଆ ହୋଇ ଆସିଛ ବୋଧେ ? ନମ୍ରତା ସ୍ଥାନରେ ତୁମେ ବୋଧେ ଆସିଛ ?"

"ହଁ, ସାର୍", ସେକ୍ରେଟେରୀ ଧୀରସ୍ୱରରେ ଜଣାଇଲା ।

"ତୁମ ନାଁ ?"

"ଶୁଭଶ୍ରୀ ତ୍ରିପାଠୀ ।"

"ତୁମେ ଏଥିପୂର୍ବରୁ କେଉଁଠି ଥିଲ ?"

"ବ୍ରହ୍ମପୁର ଅଫିସ୍‌ରେ ସାର୍ ।"

"ନମ୍ରତା ହେଡ୍ ଅଫିସ୍‌କୁ ବଦଳି ହୋଇଗଲା ନା ?"

"ହଁ, ସାର୍ ।"

"ତୁମ ହାତରେ ବର୍ତ୍ତମାନ କ'ଣ ଅଧିକ କାମ ଅଛି ଶୁଭଶ୍ରୀ ?"

"ନାଇଁ ସାର୍, କିଛି ନାହିଁ । ମୁଁ ଏଠାରେ ଜଏନ୍ କଲାଦିନରୁ ସେମିତି ବସିଛି ଆଜ୍ଞା । କିଛି କାମ ନାହିଁ ।"

"ଆଁ, କାମ ନାହିଁ ? ଅଫିସ୍ ସାରା କାହାରି କ'ଣ କିଛି କାମ ନାହିଁ ?"

Digitized by srujanika@gmail.com

"ନାଇଁ ଆଜ୍ଞା ଗତ ଦୁଇମାସ ହେଲା ଏହି ଅଫିସ୍‌ରେ ସମସ୍ତେ ବସି ବସି ଘରକୁ ଫେରୁଛନ୍ତି । ଦରମା ବି ଦୁଇମାସ ହେଲା କେହି ପାଇ ନାହାନ୍ତି ଆଜ୍ଞା ।"

"ଆଁ, ଦୁଇମାସ ହେଲା କେହି ଦରମା ପାଇ ନାହାନ୍ତି ? କ'ଣ କହୁଛ ତମେ ?"

"ହଁ ସାର୍‌, ଏହି ଅଫିସ୍‌ରେ ଦୁଇମାସ ହେଲା କେହି ଦରମା ପାଇ ନାହାନ୍ତି ।"

ଆଗନ୍ତୁକ ସୁଇଚ୍ ଟିପିଲେ । ଚପରାସୀ ଆସି ଠିଆ ହେଲା ।

"ଯା, ଅଫିସ୍‌ର ବଡ଼ବାବୁ ସମେତ ସମସ୍ତଙ୍କୁ ଏଠାକୁ ଡାକି ଆଣ ।"

ଚପରାସୀ ଡକାରେ ଅଫିସ୍‌ର ବଡ଼ବାବୁଙ୍କଠାରୁ ଆରମ୍ଭ କରି ତଳ କିରାଣି ପର୍ଯ୍ୟନ୍ତ ସମସ୍ତେ ଆସି ଆଗନ୍ତୁକଙ୍କ ସାମନାରେ ଆଗପଛ ହୋଇ ଠିଆ ହେଲେ । ସମସ୍ତଙ୍କ ଧାରଣା ମୃତ ଅବିନାଶବାବୁଙ୍କ ସ୍ଥାନରେ ଇଏ ନୂଆବାବୁ ଆଜି ଜଏନ କଲେ । ସେ ସମ୍ଭବତଃ ସମସ୍ତଙ୍କୁ ସାକ୍ଷାତ କରି ପରିଚିତ ହେବାକୁ ଚାହାନ୍ତି । ଆଗନ୍ତୁକ ବଡ଼ବାବୁଙ୍କୁ ଲକ୍ଷ୍ୟକରି ପଚାରିଲେ, "ଇଏ କ'ଣ ସତ, ବଡ଼ବାବୁ, ଆପଣମାନେ ସମସ୍ତେ ଦୁଇମାସ ହେଲା ଦରମା ପାଇ ନାହାନ୍ତି ?"

"ହଁ ସାର୍‌, ଆମେ କେହି ପାଇନୁ । ପାଇବୁ କେମିତି ଆଜ୍ଞା ? ଡ୍ରଇଂ ଅଫିସର ଥିଲେ ସିନା ଦରମା ଡ୍ର କରିଥିଲେ ଆମେ ପାଇଥାନ୍ତୁ । ଅବିନାଶବାବୁଙ୍କ ମୃତ୍ୟୁ ପରେ ଏଠାରେ ବଳରାମବାବୁ ଜଏନ କରିବା କଥା । ବଳରାମବାବୁଙ୍କୁ କ୍ୟାନ୍‌ସର ହୋଇଥିବାରୁ ସେ ବୋମ୍ବେର ଟାଟା କ୍ୟାନ୍‌ସର ଇନ୍‌ଷ୍ଟିଚିଉଟ୍‌ରେ ରହି ଚିକିତ୍ସିତ ହେଉଛନ୍ତି । ସେ ନ ଆସିବାରୁ ତାଙ୍କ ସ୍ଥାନରେ ମନ୍ଦରଧରବାବୁ, ମାନେ ଆପଣଙ୍କର ଏଠାରେ ପୋଷ୍ଟିଂ ହେଲା । ଆପଣ ପୁଣି ଛୁଟି ନେଇ ଡେର୍‌ଦିନ ଘରେ ରହିଗଲେ । ଆଜିତ ଆପଣଙ୍କର ଜଏନ କରିବା କଥା । ଆପଣ ସମ୍ଭବତଃ ଆଜି ଜଏନ କରୁଛନ୍ତି । ଆମେ ସମସ୍ତେ ଆପଣଙ୍କୁ ଅନାଇ ବସିଛୁ ଆଜ୍ଞା । ଆପଣ ନ ଆସିଥିବାରୁ ଆମ୍ଭେମାନେ ବସି ବସି ବିରକ୍ତ ହୋଇ ଘରକୁ ଯାଉଥିଲୁ ସାର୍‌ ।"

"ଆରେ, ତୁମ୍ଭେମାନେ ଭୁଲ କରୁଛ । ମୁଁ ମନ୍ଦରଧରବାବୁ ନୁହେଁ । ମୁଁ ଅବିନାଶବାବୁ । ତୁମ୍ଭେମାନେ କ'ଣ ମୋତେ ଚିହ୍ନିପାରୁନ ? ତୁମ୍ଭେମାନେ ତ ଜାଣିଛ, ଦିଲ୍ଲୀରେ ମୋର ସାଙ୍ଘାତିକ ଏକ୍‌ସିଡ଼େଣ୍ଟ ହୋଇଥିଲା । ମରି ଯାଇଥିଲି ଜାଣ । ଆମେରିକା ଫେରନ୍ତା ଡାକ୍ତର ଥିବାରୁ ମୋତେ ଚିକିତ୍ସା କରି ସେ ବଞ୍ଚାଇଦେଲେ । ମୁଁ ଏବେ ଦିଲ୍ଲୀରୁ ଭଲ ହୋଇ କଟକ ଆସିଲି ।"

Digitized by srujanika@gmail.com

"ତା କେମିତି ହେବ ସାର୍ ? ଆପଣ ପରା ଦିଲ୍ଲୀରେ ଦେହତ୍ୟାଗ କଲେ । ହେଡ୍ ଅଫିସ୍‌ରୁ ଦେବକାନ୍ତବାବୁ ଆପଣଙ୍କ ଦାହ ପାଇଁ ଦିଲ୍ଲୀ ଯାଇଥିଲେ । କଟକରୁ ଆପଣଙ୍କ ସ୍ତ୍ରୀ ନୀତାଦେବୀ ମଧ୍ୟ ଆପଣଙ୍କୁ ଦାହ କରିବା ପାଇଁ ଦିଲ୍ଲୀ ଯାଇଥିଲେ । ସେମାନେ ଆପଣଙ୍କ ଦାହକାର୍ଯ୍ୟ ସମାପନ କରି କଟକ ଫେରି ଆସିଥିଲେ ।"

"ଆରେ, ଦେବକାନ୍ତବାବୁ ଦିଲ୍ଲୀରେ କାହାର ଦାହକାର୍ଯ୍ୟ ଶେଷ କରି ଆସିଲେ ? ମୁଁ ତ ବଞ୍ଚିଛି । ମୁଁ ତ ମରିନି । କାହିଁ ସେ ତ ମୋତେ ଦିଲ୍ଲୀରେ କେବେ ଦେଖାକରି ନାହାନ୍ତି । ସେ କେଉଁ ହସ୍‌ପିଟାଲକୁ ଯାଇଥିଲେ ? ମୁଁ ତ ଗୋବିନ୍ଦବଲ୍ଲଭ ପନ୍ଥ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲି । ସେ କେଉଁ ହସ୍‌ପିଟାଲରେ କାହାର ଦାହକାର୍ଯ୍ୟ ଶେଷ କରି ଆସିଲେ ?"

"ସେ ତ ସେହି ହସ୍‌ପିଟାଲରୁ ଅବିନାଶବାବୁଙ୍କ ଶବ ନେଇ ଦିଲ୍ଲୀ ଶ୍ମଶାନଘାଟରେ ଦାହ କରି ଆସିଥିଲେ । ତାଙ୍କ ସ୍ତ୍ରୀ ବି ଦାହ କଲାବେଳେ ସେଠି ଥିଲେ । ସେ ତ ମୁଖାଗ୍ନି ଦେଇଥିଲେ ସାର୍ ।"

"ଆପଣମାନେ କ'ଣ ସବୁ ଭୁଲ ଭାଲ କହୁଛନ୍ତି । ଆପଣ ଆଉ କାହା କଥା କହୁଛନ୍ତି ନା କ'ଣ ? ଆଗ ଗଲେ, ହେଡ୍ ଅଫିସ୍‌କୁ ଫୋନ୍ କରିବେ, ମନ୍ଦରଧରବାବୁଙ୍କୁ ନ ଆସିବା ପାଇଁ । ହେଡ୍ ଅଫିସ୍‌କୁ ଫୋନ୍ କରନ୍ତୁ ବଡ଼ବାବୁ, କହିବେ, ଅବିନାଶବାବୁ ଦିଲ୍ଲୀରୁ ଫେରି କଟକରେ ନିଜ କାର୍ଯ୍ୟରେ ଯୋଗଦେଲେଣି । ମନ୍ଦରଧରବାବୁ ଏଠାକୁ ଆସିବା ଦରକାର ନାହିଁ । ସେ ଯେଉଁଠି ଅଛନ୍ତି, ସେଠାରେ ଥାଆନ୍ତୁ ।"

"ହେଉ, ମୁଁ ଫୋନ୍ କରି ଆସୁଛି ଆଜ୍ଞା ।"

"ଏକାଉଣ୍ଟାଣ୍ଟ ହୃଷୀକେଶବାବୁ କୁଆଡ଼େ ଗଲେ ?" ଆଗନ୍ତୁକ ପଚାରିଲେ ।

ଗହଳି ଭିତରୁ ବାହାରି ଆସି ହୃଷୀକେଶବାବୁ ଆଗନ୍ତୁକଙ୍କ ସାମନାରେ ନମସ୍କାର ଜଣାଇ ଠିଆ ହେଲେ ।

"ଦେଖନ୍ତୁ, ହୃଷୀକେଶବାବୁ, ଦୁଇମାସ ହେଲା ଅଫିସରେ କେହି କାଳେ ଦରମା ପାଇ ନାହାନ୍ତି । ଦୁଇ ମାସର ପୂରା ଦରମା ବିଲ୍ ଯଦି ନ ହୋଇଛି, ଶୀଘ୍ର କରି ଆଣନ୍ତୁ । ମୁଁ ସଙ୍ଗେ ସଙ୍ଗେ ଦସ୍ତଖତ କରୁଛି । ଆପଣ ନିଜେ ଯାଇ ବେଙ୍କ୍‌ରୁ ଦରମା ନେଇ ଆସନ୍ତୁ । ଆଜି ସମସ୍ତେ ଦରମା ପାଇବେ । ହଁ, ମୋ ଦରମା ବିଲ୍ କରିବେନି । ମୋ ବିଲ୍‌ଟା ପରେ ହେବ । ମୋ ଛୁଟି ସେଙ୍କ୍‌ସନ ହେଲେ ମୋ ଦରମା ବିଲ୍ ହେବ ।"

Digitized by srujanika@gmail.com

"ହେଉ ଆଜ୍ଞା, କରି ଆଣୁଛି ।" ଏତକ କହି ହୃଷୀକେଶବାବୁ ନିଜ ସିଟ୍‌କୁ ଚାଲିଗଲେ । ଜୟନ୍ତବାବୁ, ରଜନୀବାବୁ ଯିବାକୁ ଚାହାଁଥିଲେ । ଆଗନ୍ତୁକ ପଚାରିଲେ, "ମୁଁ ଦିଲ୍ଲୀ ଯିବା ପୂର୍ବରୁ ଆପଣମାନଙ୍କୁ ଯେଉଁସବୁ କାମ ଦେଇ ଯାଇଥିଲି, ସେ କାମସବୁ ହୋଇଯାଇଛି ତ ?"

"ହଁ, ଆଜ୍ଞା, ହୋଇଯାଇଛି ।"

"ସଙ୍ଗେ ସଙ୍ଗେ ଆଣନ୍ତୁ, ମୁଁ ଦେଖି ଦିଏ । ବହୁତ ବିଳମ୍ବ ହୋଇଗଲାଣି । ଆଜି ସେଗୁଡ଼ିକ ହେଡ୍ ଅଫିସ୍‌କୁ ଯିବ ।"

ଅଫିସ ବାବୁମାନେ ନିଜ ନିଜ ସିଟ୍‌କୁ ଯିବେ କଅଣ, ଅଫିସ୍‌ର ଶେଷମୁଣ୍ଡ ରୁମ୍‌ରେ ଏକତ୍ରିତ ହୋଇ ଏହି ଅଦ୍ଭୁତ ଘଟଣା ସମ୍ପର୍କରେ ନିଜ ନିଜ ମଧ୍ୟରେ ଆଲୋଚନା କରିବାକୁ ଲାଗିଲେ । ରଜନୀବାବୁ କହିଲେ, "କି ଆଚମ୍ବିତ କଥା, ନୀତାଦେବୀ ଦିଲ୍ଲୀରେ ନିଜେ ତାଙ୍କ ସ୍ୱାମୀଙ୍କୁ ଦାହ କରି ଆସିଛନ୍ତି ବୋଲି ମୋତେ କହିଲେ । ଦାହ ହେଲାପରେ ଏ ଆସିଲେ କୁଆଡୁ ? ଦାହ ତ ହୋଇଗଲା, ତାଙ୍କ ଅସ୍ତିତ୍ୱ ଗଲା । ସେ ପୁଣି ଆସିବେ କୁଆଡୁ ?"

ମୋତେ ସେଇଆ ତ ଆଶ୍ଚର୍ଯ୍ୟ ଲାଗୁଛି ରଜନୀବାବୁ । ସେ ମଲେ, ଖବରକାଗଜରେ ବାହାରିଲା । ଆମ ଅଫିସ୍‌ରେ ଶୋକସଭା ହେଲା, ତାଙ୍କ ନିଜ ଘରେ ଦଶଦିନର ଶୁଦ୍ଧିକ୍ରିୟା ହେଲା । ତାଙ୍କ ସ୍ତ୍ରୀ ନୀତାଦେବୀ ବିଧବା ହେଲେ । ଦି'ମାସ ପରେ ଇଏ ଆସି କହୁଛନ୍ତି କ'ଣ ନା ମୁଁ ଅବିନାଶବାବୁ । ଇଏ କ'ଣ ପାଗଳାଟାଏ କିରେ ?"

"ଆରେ ପାଗଳ ଭଳି ତ ଜଣାପଡୁ ନାହାନ୍ତି । ଭଲ ମଣିଷ ଭଳି କଥା କହୁଛନ୍ତି । ଆମ ସମସ୍ତଙ୍କୁ ଠିକ୍ ଠିକ୍ ଚିହ୍ନୁଛନ୍ତି । ଅଫିସ୍‌ର କାମ କାର୍ଯ୍ୟ ସବୁ ଠିକ୍ ଭାବରେ ଜାଣିଛନ୍ତି । ପ୍ରକୃତରେ ଏ ଲୋକ କିଏ ? ଏ ଲୋକଟି ଅତ୍ୟଧିକ ରହସ୍ୟଜନକ ଜଣାପଡୁଛନ୍ତି । ନିଜକୁ ଅବିନାଶବାବୁ ବୋଲି କହି ଆମ ସମସ୍ତଙ୍କୁ ବୋକା ବନାଉ ନାହାନ୍ତି ତ ? ଜଣେ ବାହାରଲୋକ ଅଫିସ୍‌ରେ ବସି କାମ କଲେ ହେଡ୍ ଅଫିସ୍ ଆମକୁ ଦୋଷୀ ଭାବରେ ଧରିବ । ଆମେ ଜାଣୁଛେ, ଏ ଲୋକ ଅବିନାଶବାବୁ ନୁହେଁ, ଆମେ ଏହାଙ୍କୁ ଅଫିସ୍‌ରେ ପୂରାଇଦେବା ଉଚିତ ହୋଇନି । ବଡ଼ବାବୁ ଗଲେ, ଆପଣ ଆଗ ହେଡ୍ ଅଫିସ୍‌କୁ ଫୋନ୍ କରିବେ । କହିବେ, ବାହାରର ଜଣେ ଲୋକ ନିଜକୁ ଅବିନାଶବାବୁ ବୋଲି କହି ଅବିନାଶବାବୁଙ୍କ ସ୍ଥାନରେ ବସି ଅଫିସ୍ କାମ କରୁଛି । ଆମେ ଜଣାଇଦେବା ପରେ ସେମାନେ ଯାହା କରିବା କଥା କରିବେ । ଆମ ଉପରୁ ଦୋଷ କଟିଯିବ ।"

Digitized by srujanika@gmail.com

ଆପଣ ହୃଷୀବାବୁ ଦରମା ବିଲ୍ ନେଇ ଯାଆନ୍ତୁ । ସେ ତ ବିଲ୍ ଉପରେ ଦସ୍ତଖତ କରିବେ । ଆମେ ଦସ୍ତଖତରୁ ଜାଣିପାରିବାନି ଇଏ ଅବିନାଶବାବୁ କି ନୁହେଁ ?

"ଆରେ, ଚେହେରା ଦେଖି କ'ଣ ଜାଣିପାରୁନାହଁ ଯେ ଦସ୍ତଖତ ପର୍ଯ୍ୟନ୍ତ ଯିବ ? ଚେହେରାରେ ସିନା ସନ୍ଦେହ ହେଲେ ଦସ୍ତଖତ ଉପରକୁ ଯିବା କଥା । ଚେହେରା ତ ପୂରାପୂରି ଅଲଗା । ଅବିନାଶବାବୁଙ୍କ ଭଳି କଥାବାର୍ତ୍ତା କଲେ କ'ଣ ହେଲା ? ମୋର ଷୋଳଅଣା ବିଶ୍ୱାସ, ଇଏ ଲୋକ ମୋଟେ ଅବିନାଶବାବୁ ନୁହନ୍ତି । ସେ ଆମ ସମସ୍ତଙ୍କୁ ବୋକା ବନାଉଛନ୍ତି । ହେଡ୍ ଅଫିସ୍‌କୁ ଫୋନ୍ କଲେ, ସେମାନେ ପୋଲିସ ଆଣି ସଙ୍ଗେ ସଙ୍ଗେ ଏହାଙ୍କୁ ହାତକଡ଼ା ପକାଇ ଜେଲକୁ ନେଇଯିବେ । ଏ ପୁଅ ଜାଣିବ, ଠକାଇବାର ପରିଣାମ କ'ଣ ।"

× × × ×

କ'ଣ ହୃଷୀବାବୁ, ଦରମା ଆସିଗଲା ? ଆଜି ଆଜ୍ଞା ଦରମା ମିଳିଯିବଟି ? ଦି'ମାସ ହେଲା ବଡ଼ ହଇରାଣ ହେଲୁଣି ଆଜ୍ଞା ।

"ଆରେ ଭାଇ, କ'ଣ କହିବି ଆଉ ? ଦରମା ଫରମା କିଛି ମିଳିପାରିବ ନାହିଁ ଆଉ । ଏ ସିନା ବିଲ୍‌ରେ ଦସ୍ତଖତ କଲେ, କିନ୍ତୁ ବେଙ୍କ୍ ବିଲ୍ ଫେରାଇ ଦେଲା । କହିଲା କ'ଣ ନା ଯାଙ୍କ ଦସ୍ତଖତ ଅବିନାଶବାବୁଙ୍କ ଦସ୍ତଖତ ସହ ମିଳୁନି । ବିଲ୍ ପଠାଇବା ବେଳେ ମୋର ମଧ୍ୟ ସେମିତି ସନ୍ଦେହ ହେଉଥିଲା । ଅବିନାଶବାବୁଙ୍କ ଦସ୍ତଖତଠାରୁ ଯାଙ୍କ ଦସ୍ତଖତ ଅଲଗା ।"

"ମୁଁ ପରା କହୁଥିଲି ଆଜ୍ଞା, ଇଏ କାହିଁକି ଆମ ଅବିନାଶବାବୁ ହେବେ । ଅବିନାଶବାବୁଙ୍କର ତ କିଛି ଲକ୍ଷଣ ଯାଙ୍କଠାରେ ନାହିଁ । ଖାଲି ଆମକୁ, ଅଫିସ୍‌କୁ ଅଫିସ୍ କାମକୁ ଚିହ୍ନି ପାରୁଛନ୍ତି ବୋଲି ସେ କ'ଣ ଅବିନାଶବାବୁ ହୋଇଯିବେ ? ହେଇ, ଦେଖିଲେ ତ ଦସ୍ତଖତ ମିଳୁନି । ଅଫିସ୍ ତ ଶେଷ ହେବାକୁ ବସିଲାଣି । କାହିଁ ହେଡ୍ ଅଫିସ୍‌ରୁ କେହି ଆସିଲେ ନାହିଁ ଏ ପର୍ଯ୍ୟନ୍ତ ?"

"ଆରେ କିଏ କହିଲା ଆସିଲେ ନାହିଁ ବୋଲି । ହେଡ୍ ଅଫିସ୍‌ରୁ ପରା ଦେବକାନ୍ତବାବୁ ଆସିଥିଲେ । ତାଙ୍କ ସହିତ ନୀଳାଦ୍ରିବାବୁ ସରଜମିନ୍ ତଦନ୍ତ ପାଇଁ ଆସିଥିଲେ । ସେମାନେ ଅଳ୍ପ ସମୟ ରହି, ଅଲକ୍ଷିତରେ ଏହାଙ୍କୁ ଦେଖି ବଡ଼ବାବୁଙ୍କ ସହିତ କଥାବାର୍ତ୍ତା କରି ଥାନାକୁ ଯାଇଛନ୍ତି । ସମ୍ଭବତଃ ସେମାନେ ଥାନାରେ ଏତାଲା ଦେଇଥିବେ ଏହାଙ୍କ ସମ୍ବନ୍ଧରେ । ପ୍ରକୃତରେ ଅବିନାଶବାବୁ ନ ହୋଇ ଅବିନାଶବାବୁଙ୍କ ଭଳି ଅଭିନୟ କରିବା କମ୍ ବଡ଼ ଅପରାଧ ନୁହେଁ । ପୁଣି

Digitized by srujanika@gmail.com

ଏକ ଅଫିସ୍‌ରେ ଅବିନାଶବାବୁ ସାଜି କାମ କରିବା କେତେ ବଡ଼ ଅପରାଧ ସେ ଜାଣିପାରୁ ନାହାନ୍ତି । ପୋଲିସ ଅଫିସରମାନେ ଆସିଲେ ସିନା ଠିକ୍ ବାଟ ଏହାଙ୍କୁ ଦେଖାଇଦିଅନ୍ତେ ।

× × × ×

କଲେଜରୁ ଫେରି ନୀତାଦେବୀ ମଧୁଠାରୁ ସବୁକଥା ଶୁଣିଲେ । ଡ୍ରଇଂରୁମ୍ ସଜାରୁ ତାଙ୍କର ସନ୍ଦେହ ହେଲା ଅବିନାଶ ଛଡ଼ା ଏଭଳି ସଜା ତ ଅନ୍ୟ କେହି କରି ନ ପାରନ୍ତି । ସେ ବାବୁ କେମିତିକା କ'ଣ, ରୂପ ଚେହେରା କେମିତି, ସବୁ ମଧୁଠାରୁ ବୁଝିନେଲେ ନୀତାଦେବୀ । ସନ୍ଦେହ ହେଲା, ସେମିତି ଚେହେରା ତ ଅବିନାଶର ନୁହେଁ । ପୁଣି ସେ ଯେତେବେଳେ ଦିଲ୍ଲୀରେ ଅବିନାଶକୁ ମୁଖାଗ୍ନି ଦେଇ ନିଜ ହାତରେ ଦାହ କରି ଆସିଛନ୍ତି, ରକ୍ତମାଂସ ଶରୀର ନେଇ ପୁଣି ଅବିନାଶ ଆସିବ କୁଆଡୁ ? ଆଗନ୍ତୁକଟି ପ୍ରକୃତରେ କିଏ, ସେ ଯେତେ ଭାବିଲେହେଁ କିଛି ଠିକ୍ କରି ପାରିଲେନି । କଲେଜରୁ ଫେରି ସେ ମୁହଁ ହାତ ଧୋଇବେ କ'ଣ ଏଇ ଚିନ୍ତାରେ ସେ ଖାଲି ଘାରି ହେବାକୁ ଲାଗିଲେ । ବେଳେବେଳେ ମଧୁ ପାଖକୁ ଯାଇ ଆଗନ୍ତୁକଙ୍କ ସମ୍ପର୍କରେ କେତେ କଥା ପଚାରୁଥାନ୍ତି । ମଧୁର ଉତ୍ତରରେ ସେ ଆହୁରି ସନ୍ଦିହାନ ହୋଇ ପଡୁଥାନ୍ତି ।

ଏହି ସମୟରେ ବାହାରୁ 'ମଧୁ' 'ମଧୁ' ଡାକ ଶୁଭିଲା । ଏହି ଡାକରେ ନୀତାଦେବୀ ଚମକିପଡ଼ିଲେ "ଆଁ, ଇଏ କ'ଣ ଠିକ୍ ଅବିନାଶର ଡାକଭଳି ? ଅବିନାଶ ମୃତ୍ୟୁ ପରେ ପୁଣି ଫେରିଆସିଲା ନା କ'ଣ ? ଏ ଡାକ ତ ତାଙ୍କ ଛଡ଼ା ଆଉ କାହାର ହୋଇ ନ ପାରେ । ନୀତାଦେବୀ ହଠାତ୍ ଉଠିପଡ଼ି ଭିତର ଘରକୁ ଚାଲିଯାଇ ମଧୁକୁ ତାଙ୍କଠାକୁ ପଠାଇଦେଲେ ।

ମଧୁ ଯାଇ ବାବୁଙ୍କ ପାଖରେ ପହଞ୍ଚିଛି କି ନାହିଁ ଆଗନ୍ତୁକ ପଚାରିଲେ, "ଆରେ, ମା' କଲେଜରୁ ଫେରିଲେଣି ଟି ?"

"ହଁ, ଆଜ୍ଞା ଫେରିଲେଣି ।"

"କେତେବେଳେ ଫେରିଲେ କିରେ ?"

"ଏଇ, ବର୍ତ୍ତମାନ ଆଜ୍ଞା ।"

"ଆଁ, ସକାଳ ସାତଟାରୁ ଯାଇଥିଲେ, ଫେରୁଛନ୍ତି ବର୍ତ୍ତମାନ ? ଖାଇଲେ କେଉଁଠି ?"

"କଲେଜ କେଣ୍ଟିନ୍‌ରେ ଆଜ୍ଞା ।"

"କାହିଁକି ଘରକୁ ଆସିଲେନି ?"

Digitized by srujanika@gmail.com

"ଏତେବାଟ ଆସିବେ, ପୁଣି ଯିବେ । ରିକ୍ସାରେ ଯାହା ଖରଚ ହୋଇଯିବ, ସେଥିରେ ସେ ତ ବେଶ୍ ଭଲ ଭାବରେ ସେଠି ଖାଇପାରିବେ । ଅନ୍ୟଥା ଯାଇ ଆସି ହଇରାଣ ହେବେ କାହିଁକି ?"

"କିନ୍ତୁ ଆଗରୁ ତ ଘରକୁ ଆସି ଖାଇ ପୁଣି କ୍ଲାସ୍ ଥିଲେ କଲେଜ ଯାଉଥିଲେ ।" ଆଜିକାଲି ତୋ ମା' ଭାରି ହିସାବୀ ହୋଇଗଲେଣି କିରେ ?

ଶୋଇବାଘରୁ ନୀତାଦେବୀ ଆଗନ୍ତୁକଙ୍କ ସମସ୍ତ କଥା ମନଧ୍ୟାନ ଦେଇ ଶୁଣୁଥିଲେ । ଅବିନାଶବାବୁ ବଞ୍ଚିଥିଲେ, ସେ ଠିକ୍ ଏମିତି କହିଥାନ୍ତେ । ପ୍ରିୟ ସ୍ୱାମୀଙ୍କ କଥା ମନେପକାଇ ଆଖିରୁ ଲୁହ ଗଡ଼ାଇବାକୁ ଲାଗିଲେ । ଯାଙ୍କ କଥାବାର୍ତ୍ତା ଶୁଣିଲେ କିଏ କାହିଁକି ଭାବିବ ଅବିନାଶ ବଞ୍ଚି ନାହାନ୍ତି ବୋଲି ।

"ବାବୁ, ଆପଣଙ୍କ ପାଇଁ ଚା' ଆଣିବି ?"

"ମୁଁ ସନ୍ଧ୍ୟାବେଳେ କ'ଣ ଚା' ଖାଏ ଯେ ଆଣିବୁ ?"

"ମୋର ଭୁଲ ହୋଇଗଲା ବାବୁ, ଆପଣ ସନ୍ଧ୍ୟାବେଳେ ଚା' ଖାଆନ୍ତିନି । କଫି ଖାଆନ୍ତି ।"

"ଆରେ କଫି ଘରେ ଅଛି ?"

"ନାଇଁ ବାବୁ, କଫି ତ ଢେର୍‌ଦିନ ହେଲା ସରି ଗଲାଣି । ମା' ଆଉ କଫି ମଗାଇ ନାହାନ୍ତି । ମା'ତ ଚା' ଖାଆନ୍ତି, କଫି ତାଙ୍କର କ'ଣ ହେବ ?"

"ମୁଁ ଦେଖୁଛି, ଏଇ କେତେଦିନ ଭିତରେ ଏହି ଘରେ ସବୁକିଛି ଓଲଟପାଲଟ ହୋଇଯାଇଛି । ମୁଁ ମାତ୍ର, ଦୁଇମାସ ଦିଲ୍ଲୀ ଡାକ୍ତରଖାନାରେ ପଡ଼ିଗଲି, ତା ଭିତରେ କ'ଣ ଏତେ ପରିବର୍ତ୍ତନ ହୋଇଗଲା ?"

"ଆରେ ମା କେଉଁଠି ଅଛନ୍ତି ? ମୁଁ ଅଫିସ୍‌ରୁ ଆସିଲେ ସେ ସଙ୍ଗେ ସଙ୍ଗେ ମୋ'ଠାକୁ ଚାଲି ଆସନ୍ତି । ଆଜି ଆସୁ ନାହାନ୍ତି କାହିଁକି ?"

"ମା'ଙ୍କୁ ଡାକି ଆଣିବି ଆଜ୍ଞା ।"

"ମା'ଙ୍କୁ ମୋ'ଠାକୁ ଡାକିବୁ ? କ'ଣ ସେ ନିଜେ ଆସି ପାରିବେନି ?" ଏତକ କହି ଆଗନ୍ତୁକ 'ନୀତା' 'ନୀତା' କହି ନାଁ ଧରି ଡାକିଲେ ।

ଠିକ୍ ସେହି ଡାକ । ଟିକିଏ ବି ଫରକ ନାହିଁ । ଇଏ ଅବିନାଶ ଛଡ଼ା ଅନ୍ୟ କେହି ହୋଇ ନ ପାରନ୍ତି । ନୀତାଦେବୀ ଆଗନ୍ତୁକଙ୍କ ଡାକରେ ଅତି ସନ୍ତର୍ପଣରେ ଧୀରେ ଧୀରେ ଆସି ତାଙ୍କ ଆଗରେ ତଳକୁ ମୁହଁ ପୋତି ଠିଆହେଲେ ।

Digitized by srujanika@gmail.com

ନୀତାଦେବୀଙ୍କୁ ବୈଧବ୍ୟବେଶରେ ଦେଖି ଆଗନ୍ତୁକ ଚମକିପଡ଼ି ପଚାରିଲେ, "ଏ କ'ଣ ନୀତା, ତୁମର ଆଜି ଏ ବେଶ କାହିଁକି ? ତୁମ ହାତ, କାନ, ବେକ କ'ଣ ଅଳଙ୍କାରଶୂନ୍ୟ, କିଛି ନାହିଁ । ଯେଉଁ ଧଳାଶାଢ଼ିକୁ ପିନ୍ଧିଲେ ମୁଁ ବିରକ୍ତ ହୁଏ, ତୁମର ଆଜି ପରିଧାନ ସେହି ଧଳା ଶାଢ଼ି । ତୁମେ କ'ଣ ଭାବିଛ, ମୁଁ ମରି ଯାଇଛି, ସେଥିପାଇଁ ତୁମର ଆଜି ଏ ବୈଧବ୍ୟ ବେଶ ?"

ଅବିନାଶବାବୁଙ୍କ କଥା କେଇପଦରେ ନୀତାଦେବୀଙ୍କ କୋହ ଉଠିଲା । ସେ କୌଣସି ପ୍ରକାରେ ଉଠୁଥିବା କୋହକୁ ସମ୍ଭାଳି ନେଇ ମୁହଁପୋତି ଠିଆହୋଇ ରହିଲେ । ଆଖିରୁ କେବଳ ଲୋତକସ୍ରୋତ ଅବାରିତ ବାରି ଭଳି ବହି ଚାଲିଲା ।

"ତୁମର ଧାରଣା ନୀତା, ମୁଁ ମରି ଯାଇଛି ? ମୁଁ ପ୍ରକୃତରେ ମରିବା ଅବସ୍ଥାକୁ ଚାଲି ଯାଇଥିଲି ଜାଣ । ତୁମ ଶଙ୍ଖା, ସିନ୍ଦୂର ଟାଣଥିବାରୁ ମୁଁ ମରୁ ମରୁ ବଞ୍ଚିଗଲି ନୀତା । ଆଜି ତୁମର ସେହି ପୂର୍ବ ଅବିନାଶ ତୁମଠାକୁ ପୁଣି ଫେରି ଆସିଛି ।"

ନୀତାଦେବୀ ପୂର୍ବଭଳି ଲୁହ ଗଡ଼ାଇବାରେ ଲାଗିଥାନ୍ତି ।

ଅବିନାଶବାବୁ ଉଠିପଡ଼ି ନିଜ ପକେଟରୁ ରୁମାଲ କାଢ଼ି ନୀତାଦେବୀଙ୍କ ଲୁହ ପୋଛିଦେବାକୁ ଯାଉଥିଲେ । ନୀତାଦେବୀ ହଠାତ୍ ଦୁଇପାଦ ପଛକୁ ଘୁଞ୍ଚିଯାଇ ତୀବ୍ରସ୍ୱରରେ କହିଲେ, "ଆପଣ ଏ କ'ଣ କରିବାକୁ ଚାଲି ଆସୁଛନ୍ତି ? ଆପଣ ପ୍ରକୃତରେ କିଏ, ମୁଁ ତ ଏ ପର୍ଯ୍ୟନ୍ତ ଜାଣିନି । ଅଥଚ ଆପଣ ଚାଲି ଆସୁଛନ୍ତି ମୋ ଲୁହକୁ..."

"ମୋତେ କ'ଣ ତୁମେ ଚିହ୍ନିପାରୁନ ନୀତା ? ମୁଁ ପରା ତୁମ ଅବିନାଶ । ଦିଲ୍ଲୀ ଦୁର୍ଘଟଣାରେ ଅନେକ ଦିନ ରୋଗଶଯ୍ୟାରେ ପଡ଼ିଗଲି । ଏବେ ଭଲ ହୋଇ ଘରକୁ ଫେରୁଛି । ମୁଁ ସେଠି ଏତେଦିନକାଳ ନିଃସହାୟ ଅବସ୍ଥାରେ ରୋଗଶଯ୍ୟାରେ ପଡ଼ିରହିଲି । ତୁମ୍ଭେମାନେ କେହି ଦିନକ ପାଇଁ ମୋ'ଠାକୁ ଗଲନି କି ମୋ ଖବର ଅନ୍ତର ଟିକିଏ ନେଲନି । ଆଜି ଏତେଦିନ ପରେ ଭଗବାନ୍‌ଙ୍କ ଦୟାରୁ ମୁଁ ଭଲ ହୋଇ ଆସୁଛି । ତୁମେ କହୁଛ କ'ଣ ନା ମୁଁ କିଏ ? ଇଏ ପରିହାସର ବେଳ ନୁହେଁ ନୀତା, ବାସ୍ତବତାକୁ ହୃଦୟଙ୍ଗମ କର ।"

"କିନ୍ତୁ ଆପଣ ତ ଅବିନାଶ ନୁହନ୍ତି ।" ତୀବ୍ରସ୍ୱରରେ ନୀତାଦେବୀ କହିଲେ ।

"ମୁଁ ଅବିନାଶ ନୁହେଁ ?" ଉଚ୍ଚସ୍ୱରରେ ହସି ଉଠିଲେ ଆଗନ୍ତୁକ ।

"ତା'ହେଲେ ମୁଁ କିଏ ?"

"ତା ମୁଁ କହି ପାରିବିନି । ତେବେ ମୁଁ ନିଶ୍ଚିତ ଯେ ଆପଣ ଅବିନାଶ ନୁହନ୍ତି ।"

Digitized by srujanika@gmail.com

"ମୁଁ ଯଦି ଅବିନାଶ ନୁହେଁ, ତା'ହେଲେ ଅବିନାଶ କିଏ ? ତୁମେ ଅବିନାଶ କାହାକୁ କହୁଛ ?"

ନୀତାଦେବୀ ହଠାତ୍ ଶୋଇବା ଘରକୁ ଚାଲିଯାଇ ଅବିନାଶର ଫଟୋ ଆଣି ଆଗନ୍ତୁକଙ୍କ ସାମନାରେ ଧରି କହିଲେ, "ଇଏ ହେଉଛି ଅବିନାଶ ।"

"ହଁ, ମୁଁ ତ ମନା କରୁନି । ଇଏତ ମୋ ଫଟୋ । ନୀଳକମଳ ଫଟୋ ଷ୍ଟୁଡ଼ିଓରୁ ଦୁଇବର୍ଷ ତଳେ ଉଠାଇଥିଲି । ସେତେବେଳେ ତୁମ ସହିତ ମୋର ବିବାହ ହୋଇ ନ ଥିଲା ।"

"ଏହି ଫଟୋ ଯଦି ଅବିନାଶର, ଆପଣ ଅବିନାଶ ହେବେ କେମିତି ? ଏହି ଫଟୋ ଓ ଆପଣଙ୍କ ଚେହେରା ଭିତରେ ଆକାଶପାତାଳ ପ୍ରଭେଦ । ଆପଣ ସେହି ଦର୍ପଣରେ ନିଜକୁ ଟିକିଏ ଦେଖିଲେ ।"

ଆଗନ୍ତୁକ ହଠାତ୍ ନିକଟସ୍ଥ ଦର୍ପଣକୁ ଅନାଇ ଦେଇ ଚମକି ପଡ଼ିଲେ । "ଆଁ, ଏ କ'ଣ ?" ମନେ ମନେ କହିଲେ, "ଦର୍ପଣରେ ଏ କିଏ ? ଦର୍ପଣରେ ମୁଁ ତ ନୁହେଁ । ଏ ଚେହେରା କାହାର ? ମୋ ଚେହେରା ଗଲା କୁଆଡ଼େ ? ଦିଲ୍ଲୀରେ ଏତେଦିନ ଚିକିତ୍ସା ଭିତରେ ମୋ ରୂପ କ'ଣ ଏମିତି ବଦଳିଗଲା ? ଦୁର୍ଘଟଣାରେ ମୁଁ କ'ଣ ଏତେ ଖଣ୍ଡିଆଖାବରା ହୋଇ ଯାଇଥିଲି, ଯା' ପାଇଁ କି ପ୍ଲାଷ୍ଟିକ ଅସ୍ତ୍ରୋପଚାର ଆଦି ଦରକାର ପଡ଼ିଲା, ଫଳରେ ମୋ ରୂପ ଏମିତି ବଦଳିଗଲା । ଏ କ'ଣ ସମ୍ଭବ ?"

କିଛି ସମୟ ତଟସ୍ଥ ରହି କହିଲେ, "ତୁମେ ବିଶ୍ୱାସକର ନୀତା, ମୁଁ ଅବିନାଶ । ମୁଁ ଅବିନାଶ ଛଡ଼ା ଅନ୍ୟ କେହି ନୁହେଁ । ମୋ ଚେହେରା କେମିତି ଏତେ ବଦଳିଗଲା, ମୁଁ କହି ପାରିବିନି । ହୋଇପାରେ ପ୍ଲାଷ୍ଟିକ୍ ଅସ୍ତ୍ରୋପଚାର–

"ଥାଉ, ଥାଉ, ଏତେ ବନେଇଚୁନେଇ କହିବାର ଆବଶ୍ୟକତା ନାହିଁ । ମୁଁ ଭଲ ଭାବରେ ଜାଣିଛି, ଆପଣ ଅବିନାଶ ନୁହନ୍ତି । ଆପଣ କେମିତି ଅବିନାଶ ହେବେ ? ଦିଲ୍ଲୀରେ ଗୋବିନ୍ଦବଲ୍ଲଭ ପନ୍ଥ ହସ୍‌ପିଟାଲରେ ଅବିନାଶର ମୃତ୍ୟୁ ହୋଇଥିଲା । ମୁଁ ସେଠାକୁ ଯାଇ ଅବିନାଶର ମୃତଦେହକୁ ନେଇ ଦିଲ୍ଲୀର ଶ୍ମଶାନଘାଟଠାରେ ନିଜେ ଦାହ କରି ଆସିଛି । ଅବିନାଶର ମୃତଦେହକୁ ଦାହ କଲାପରେ ଅବିନାଶ ପୁଣି କେଉଁଠୁ ଆସିବ, ଆପଣ ନିଜେ ବିଚାର କରନ୍ତୁ ।"

ଏହି ସମୟରେ ଦୁଇଜଣ ପୋଲିସ ଅଫିସର ନୀତାଦେବୀଙ୍କ ଡ୍ରଇଂରୁମ୍ ଭିତରକୁ ପଶି ଆସି ନୀତାଦେବୀଙ୍କୁ ଲକ୍ଷ୍ୟକରି ପଚାରିଲେ, "ଆପଣ କ'ଣ ନୀତାଦେବୀ ? ଆପଣଙ୍କ ସ୍ୱାମୀ ବୋଲି ଦାବି କରୁଥିବା ଭଦ୍ରଲୋକଜଣକ କିଏ ? ଆଗନ୍ତୁକଙ୍କ

Digitized by srujanika@gmail.com

ଆଡ଼କୁ ଅନାଇ ଏଇ କ'ଣ ସେହି ଲୋକ ? ଏହାଙ୍କ ନାମରେ ୱାରଣ୍ଟ ଅଛି । ଷ୍ଟ୍ରେଟେଜିକ୍ ମେଟେରିଆଲ ଡିଷ୍ଟ୍ରିବ୍ୟୁଟର କୋମ୍ପାନୀର କଟକ ଶାଖାର ପରିଚାଳକ ବୋଲି ଇଏ ନିଜକୁ ଦାବି କରି ଆଜି ସେଠାରେ ଅଫିସ୍ ପରିଚାଳନା କରିଛନ୍ତି । କୋମ୍ପାନୀର ଜେନେରାଲ ମେନେଜର ଏହାଙ୍କ ବିରୋଧରେ ମୋକଦ୍ଦମା କରିଛନ୍ତି, ଯେ ଏ ନିଜକୁ ଅବିନାଶବାବୁ ବୋଲି କହି ଅଫିସ୍‌ରେ ଅନଧିକାର ପ୍ରବେଶ କରି ମନକୁମନ ଅଫିସ୍ କାମ କରିଛନ୍ତି । ଜେନେରାଲ ମେନେଜରଙ୍କ ବକ୍ତବ୍ୟ ହେଉଛି ଅବିନାଶବାବୁ ଯେ କି ତାଙ୍କ କଟକ ଶାଖାର ପରିଚାଳକ ଥିଲେ ସେ ଦୁଇମାସ ହେଲା ଇହଧାମ ତ୍ୟାଗ କଲେଣି । ଅଫିସ୍ ଓ ତାଙ୍କ ପରିବାରର ଲୋକେ ତାଙ୍କ ମୃତ୍ୟୁ ସାର୍ଟିଫିକେଟ୍ ଆଦି ପାଇ ସାରିଲେଣି ।

ପୋଲିସ ଅଫିସରମାନେ ହାତକଡ଼ା ଲଗାଉ ଲଗାଉ ଆଗନ୍ତୁକଟି ନୀତାଦେବୀଙ୍କୁ ଲକ୍ଷ୍ୟକରି କହିଲା, "ତୁମେ ବି କ'ଣ ବିଶ୍ୱାସ କରୁଛ ନୀତା, ମୁଁ ଅବିନାଶ ନୁହେଁ ବୋଲି ? କୋମ୍ପାନୀର କର୍ମକର୍ତ୍ତାମାନେ ବିଶ୍ୱାସ କରି ନ ପାରନ୍ତି, କିନ୍ତୁ ମୁଁ ତୁମର ହାତଧରି ବିବାହ କରିଥିଲି, ତୁମେ ଯଦି କହିବ ମୁଁ ଅବିନାଶ ନୁହେଁ, ତେବେ ମୋର କାରାଗାରରେ ରହିବା ହିଁ ଶ୍ରେୟସ୍କର । ମୋତେ ଯଦି ମୋ ନିଜର ସ୍ତ୍ରୀ ଚିହ୍ନି ନ ପାରିଲା, ତେବେ ଜେଲ ହିଁ ମୋର ପ୍ରକୃଷ୍ଟ ସ୍ଥାନ ।"

× × × ×

"ତୁ କ'ଣ ସତରେ ବିଶ୍ୱାସ କରୁଛୁ ନୀତା, ସିଏ ଅବିନାଶ ନୁହନ୍ତି ବୋଲି ?"

"କେମିତି ବିଶ୍ୱାସ କରିବି କହିଲୁ ପୁଷ୍ପା ? ସେ ସିନା ଅବିନାଶ ହୋଇଥିଲେ ମୁଁ ବିଶ୍ୱାସ କରନ୍ତି । ସେ ତ ମୋଟେ ଅବିନାଶ ନୁହନ୍ତି । ସେ ନିଜକୁ ଅବିନାଶ ବୋଲି ଯେତେ କହିଲେ କ'ଣ ଅବିନାଶ ହୋଇଯିବେ ?"

"କିନ୍ତୁ ତୁ କହୁଛୁ ପରା ସେ ଅବିକଳ ଅବିନାଶ ଭଳି କଥା କହୁଛନ୍ତି । ଘରର ଯାବତୀୟ କଥା ସେ ଜାଣନ୍ତି । ଅବିନାଶ ହୋଇ ନ ଥିଲେ ସେ ତୋ ଘରର ଟିକିନିଖି କଥା କହିପାରନ୍ତେ କେମିତି ?"

ସେହିକଥା ପାଇଁତ ମୁଁ ତୋଠାକୁ ଦୌଡ଼ି ଆସିଛି ପୁଷ୍ପା । ତାଙ୍କ ଅଫିସ୍ ଦପ୍ତର ତାଙ୍କୁ ସ୍ୱୀକାର କରୁ ନ ଥିବାରୁ ସେମାନେ ତାଙ୍କ ଉପରେ ମୋକଦ୍ଦମା କରି ତାଙ୍କୁ ଆରେଷ୍ଟ କରି ନେଇ ହାଜତରେ ରଖିଛନ୍ତି ।"

"ତା'ହେଲେ, ତୁ କ'ଣ ଭାବୁଛୁ ନୀତା ?"

"କ'ଣ ଭାବିବି ଆଉ ? ଏହି ହାତରେ ଦିଲ୍ଲୀରେ ଅବିନାଶଙ୍କ ମୃତଶରୀରକୁ ଦାହ କରି ଆସିଛି । ନିଜେ ଦାହ କଲାପରେ କେମିତି କହିବି କହିଲୁ ସେ ଅବିନାଶ ବୋଲି ।"

Digitized by srujanika@gmail.com

"ତୁ ଯାହା ଭାବୁଛୁ ନୀତା, ତାହା ସମ୍ଭବତଃ ଠିକ୍ ନୁହେଁ । ତୁ କ'ଣ ଠିକ୍ ଭାବରେ ଜାଣିଛୁ, ତୁ ଅବିନାଶ ବାବୁଙ୍କୁ ଦାହ କରିଛୁ ବୋଲି ।"

"ମୋ ସ୍ୱାମୀଙ୍କୁ କ'ଣ ମୁଁ ଚିହ୍ନି ପାରିବିନି ? ତୁ କି କଥା କହୁଛୁ ମୁଁ ବୁଝିପାରୁନି ପୁଷ୍ପା । ମୁଁ ଭଲ ଭାବରେ ଦେଖିଛି ମୁଁ ଯାହାଙ୍କୁ ଦାହ କରି ଆସିଥିଲି ସେ ମୋ ସ୍ୱାମୀ ଅବିନାଶ ଛଡ଼ା ଅନ୍ୟ କେହି ନୁହନ୍ତି । ତା'ଛଡ଼ା ଦିଲ୍ଲୀରେ ମୋ ଦାଦା, କଟକରୁ ଯାଇଥିବା ଦେବକାନ୍ତବାବୁ ମଧ୍ୟ ତାଙ୍କ ମୃତଦେହକୁ ଦେଖିଛନ୍ତି ।"

ଯଦି ଦାହ କରିଥିଲୁ ସେ ପୁଣି ଅବିନାଶବାବୁ ହୋଇ ଆସିଲେ କୁଆଡୁ ? ଆସିଲେ ଯଦି ତାଙ୍କ ରୂପ ଏଭଳି ବଦଳିଗଲା କାହିଁକି ?"

"ସେତିକି ମୋ ମୁଣ୍ଡରେ ପଶୁନି ପୁଷ୍ପା । ଏହା କେମିତି ହେଲା ? ଏମିତି କ'ଣ ହୋଇପାରେ ? ମୃତଲୋକ କ'ଣ ପୁଣି ଜୀବନ ନେଇ ଫେରି ଆସିପାରେ, ପୁଣି ଅନ୍ୟଜଣେ ଲୋକର ରୂପ ନେଇ ? ଏହି ରହସ୍ୟର ଉଦ୍‌ଘାଟନ କିଏ କରିପାରିବ କହିଲୁ ?"

"ମୁଁ କିଛିଦିନ ତଳେ ଗୋଟାଏ ବୈଜ୍ଞାନିକ ଗପ ପଢ଼ିଥିଲି ନୀତା । ଗପଟିର ନାଁ ହେଉଛି "ସେ କିନ୍ତୁ ସେ ନୁହେଁ" । ଆମେରିକାର ଏକ ମେଗାଜିନରେ ଆମ ଦେଶର ଜଣେ ଲେଖକ ଏହି ଗପଟି ଲେଖିଥିଲେ । ସେ ଆହୁରି ସୂଚାଇଥିଲେ, ତାଙ୍କ ଗପଟି ଏକ ସତ୍ୟ ଘଟଣା ଉପରେ ଆଧାରିତ । ସେହି ଗପରେ ଯେମିତି ହୋଇଥିଲା ଏଠି ସେମିତି ହୋଇନି ତ ?"

"ତୁ କ'ଣ କହୁଛୁ ମୁଁ ବୁଝିପାରୁନି ପୁଷ୍ପା । ଟିକିଏ ଫିଟାଇକରି କହ ?"

"ତୋ କଥା ଏକ ମସ୍ତିଷ ପରିରୋପଣ ଘଟଣା ସହିତ ମିଳିଯାଉଛି ନୀତା! । ମସ୍ତିଷ ପରିରୋପଣ ହେଲେ ଏମିତି ଘଟଣା ଘଟିଥାଏ ।"

"ମସ୍ତିଷ ପରିରୋପଣ ପୁଣି କ'ଣ ? ତୁ କ'ଣ କ'ଣ ଅଜବ କଥାସବୁ ମୁହଁକୁ ଆଣୁଛୁ, ମୁଁ ବୁଝିପାରୁନି ।"

"ହଁ ନୀତା, ଏହା ଯଦି ସମ୍ଭବ ହୋଇଥିବ, ତେବେ ଏହି ମସ୍ତିଷ ପରିରୋପଣ ଯୋଗୁଁ ହୋଇ ପାରିଥାଏ । ତୁ ଅବିନାଶବାବୁଙ୍କୁ ମୃତ୍ୟୁ ପରେ ଦାହ କରିଥିଲେହେଁ ଅବିନାଶବାବୁ ଅନ୍ୟ ଏକ ରୂପ ନେଇ ତୋ'ଠାକୁ ଫେରିଆସି ପାରିଥାନ୍ତି ।"

"ଫେର୍ ସେମିତି ଗୋଳମାଳିଆ କଥା କହିଲୁ, ମୋ ମୁଣ୍ଡକୁ କିଛି ପଶୁନି ।"

"ମୋଟେ ଗୋଳମାଳିଆ କଥା ନୁହେଁ । ଏହା କେମିତି ସମ୍ଭବ ହୋଇଥିବ, କହୁଛି ଶୁଣ ।"

Digitized by srujanika@gmail.com

ନୀତା ପୁଷ୍ପା ମୁହଁକୁ ଏକଲୟରେ ଅନାଇ ରହିଲା ସେ କ'ଣ କହିବ ଶୁଣିବାପାଇଁ ।

ପୁଷ୍ପା ଆରମ୍ଭ କଲା, ''ଅବିନାଶବାବୁଙ୍କର ଦିଲ୍ଲୀରେ କାର୍ ଦୁର୍ଘଟଣା ହେଲା । ମନେକର ଦୁର୍ଘଟଣା ଏମିତି ଭାବରେ ହେଲା, ଯେଉଁଥିରେ ତାଙ୍କ ମସ୍ତିଷ୍କର କୌଣସି କ୍ଷତି ନ ହୋଇ ଶରୀରର ହାତ, ଗୋଡ଼, ହୃତ୍‌ପିଣ୍ଡ, ବୃକ୍‌କ ଆଦି ପୂରାପୂରି ନଷ୍ଟ ହୋଇଗଲା । ଦୁର୍ଘଟଣା ପରେ ତାଙ୍କୁ ଆଖପାଖର ଲୋକେ ଡାକ୍ତରଖାନାକୁ ନେଇଗଲେ । ଡାକ୍ତର ଦେଖିଲେ ରୋଗୀର ବଞ୍ଚିବା ଆଶା କମ୍ । କାହିଁକି ନା ତାଙ୍କର ହୃତ୍‌ପିଣ୍ଡ, ବୃକ୍‌କ ଆଦି ସବୁ ନଷ୍ଟ ହୋଇ ଯାଇଛି ।

ମନେକର ଏହି ସମୟରେ ସେହି ହସ୍‌ପିଟାଲକୁ ଆଉ ଏକ ରୋଗୀ ଆସିଲା, ଯା'ର ଦୁର୍ଘଟଣାରେ ମସ୍ତିଷ୍କଟି ପୂରାପୂରି ନଷ୍ଟ ହୋଇଯାଇଛି, କିନ୍ତୁ ଶରୀରର ମୁହଁ, ନାକ, ଗୋଡ଼, ହାତ, ହୃତ୍‌ପିଣ୍ଡ, ବୃକ୍‌କ ଆଦି ସବୁ ଠିକ୍ ଅଛି । ଇଏ ରୋଗୀ ମଧ ମରିବା ଉପରେ । ମସ୍ତିଷ୍କ ଯେତେବେଳେ ପୂରାପୂରି ନଷ୍ଟ ହୋଇଯାଇଛି, ରୋଗୀ ବଞ୍ଚିବ କେମିତି ? ଏହି ଦୁଇଟିଯାକ ରୋଗୀ ନିଶ୍ଚିତ ଭାବରେ ମୃତ୍ୟୁମୁଖରେ ପଡ଼ିବା କଥା । ବୁଝିଲୁ ତ ?''

''ହଁ, ବୁଝିଲି ।''

ମନେକର, ସେତିକିବେଳେ ଜଣେ ଯଦି ଚିନ୍ତା କରେ ଯେ, ଅକ୍ଷତ ମସ୍ତିଷ୍କଥିବା ରୋଗୀର ମୁଣ୍ଡରୁ ମସ୍ତିଷ୍କଟିକୁ ଅପସାରଣ କରି ଭଲ ଶରୀର ଥିବା ରୋଗୀର କ୍ଷତିଗ୍ରସ୍ତ ମସ୍ତିଷ୍କକୁ ବାହାର କରି ସେସ୍ଥାନରେ ଏହି ମସ୍ତିଷ୍କକୁ ପରିରୋପଣ କରିଦିଆଯାଏ, ତେବେ ଦୁଇଜଣଙ୍କ ଭିତରୁ ଅନ୍ତତଃ ଜଣେ ରୋଗୀ ବଞ୍ଚିଯାଇ ପାରିବ । ଅସ୍ତ୍ରୋପଚାର ପରେ ଜଣେ ଲୋକର ଶରୀର ସହିତ ଅନ୍ୟଜଣେ ଲୋକର ମସ୍ତିଷ୍କର ମିଳନ ହେବ । ଯେହେତୁ ମସ୍ତିଷ୍କ ହିଁ ମଣିଷର ସବୁକିଛି, ରୂପ କିଛି ନୁହେଁ, ମସ୍ତିଷ୍କଟି ଯାହାର, ଶରୀରଟି ଆଉ ଯାହାର ହେଉପଛେ ସେ ସେହି ଲୋକ ବୋଲି ପରିଚିତ ହେବ । ହୋଇପାରେ ଅବିନାଶବାବଙ୍କ ମସ୍ତିଷ୍କ ଆଉ କେଉଁ ଲୋକର ଶରୀରରେ ପ୍ରତିରୋପିତ ହୋଇଥିବାରୁ ଏହି ଲୋକଟି ଅବିନାଶବାବୁଙ୍କର ଚେହେରା ନ ନେଇ ଅବିନାଶବାବୁ ଭଳି କାର୍ଯ୍ୟ କରିବ । ନ୍ୟାୟତଃ ଏହି ଲୋକଟି ଅବିନାଶବାବୁଙ୍କ ଭଳି ନ ଦିଶିଲେହେଁ ସେ ଯେ ଅବିନାଶବାବୁ, ଏଥିରେ ଦ୍ୱିଧା କରିବାର କିଛି ନାହିଁ ।

''ତା'ମାନେ, ତୁ କହିବାକୁ ଚାହୁଁଛୁ, ଅବିନାଶର ମସ୍ତିଷ୍କ ଆଉ ଏକ ଲୋକର ମୁଣ୍ଡରେ ପରିରୋପିତ ହୋଇଥିବାରୁ ସେ ଲୋକ ଅବିନାଶର ଚେହେରା ନ ପାଇ ମଧ ଅବିନାଶ ଭଳି ବ୍ୟବହାର ଦେଖାଇବ । ତୁ ସିନା କହି ଦେଉଛୁ, କାହିଁକି ନା ତୁ ଗୋଟାଏ ଗପରେ ଏହାକୁ ପଢ଼ିଛୁ ବୋଲି, କିନ୍ତୁ ଗପ କ'ଣ

Digitized by srujanika@gmail.com

କେବେ ସତ୍ୟ ହୁଏ ଯେ ଏହା ସମ୍ଭବ ହେବ ? ଗପ ଯେମିତି କାଳ୍ପନିକ, ତୋ କଥା ମଧ୍ୟ ସେମିତି କାଳ୍ପନିକ । କଳ୍ପନା ଓ ବାସ୍ତବତା ଭିତରେ ପାର୍ଥକ୍ୟ ଢେର୍ ପୁଷ୍ପା ।''

"ମୁଁ ଯାହା କହିଲି, ତାହା ପୂରାପୂରି କଳ୍ପନା ନୁହେଁ, ନୀତା । ପାଶ୍ଚାତ୍ୟ ଜଗତରେ ଏଭଳି ଅସ୍ତ୍ରୋପଚାର ସମ୍ଭବ ହେଲାଣି ବୋଲି ମୁଁ ଢେର୍ ଜାଗାରେ ପଢ଼ିଛି । ମସ୍ତିଷ୍କ ପରିରୋପଣ ଆଉ କଳ୍ପନାର ବିଷୟବସ୍ତୁ ହୋଇ ରହିନି । ହୃତ୍‌ପିଣ୍ଡ ପରିରୋପଣ ପରି ଏହା ବାସ୍ତବତା କ୍ଷେତ୍ରକୁ ଆସିଗଲାଣି ପରା ।''

"ହୋଇପାରେ ପୁଷ୍ପା, ଏହା କିନ୍ତୁ ଆମ ଦେଶରେ ନୁହେଁ । ଆମ ଦେଶ ପାଶ୍ଚାତ୍ୟ ଦେଶ ହୋଇନି ଯେ ଏଠି ମସ୍ତିଷ୍କ ପରିରୋପଣ ସମ୍ଭବ ହେବ ।''

"ମସ୍ତିଷ୍କ ପରିରୋପଣ ଛଡ଼ା, ତୋ ସମସ୍ୟାକୁ ଆଉ କୌଣସି ଉପାୟରେ ବ୍ୟାଖ୍ୟା କରିବା ସମ୍ଭବ ନୁହେଁ । ତୁ ବିଶ୍ୱାସ କର ବା ନ କର ମୋର ପୂରା ବିଶ୍ୱାସ ଅବିନାଶବାବୁଙ୍କର ମସ୍ତିଷ୍କ ପରିରୋପଣ ହୋଇଛି । ଏହି ଲୋକଟି ଅନ୍ୟ ଲୋକ ଭଳି ଦିଶିଲେ ହେଁ ଏ ନିଶ୍ଚୟ ଅବିନାଶବାବୁ । ନ୍ୟାୟତଃ ଶରୀରରେ ମସ୍ତିଷ୍କଟି ଯାହାର, ଶରୀରଟି ତାହାର ନ ହେଉ ପଛକେ ସେହି ଲୋକଟି ମସ୍ତିଷ୍କର ପରିଚୟରେ ସେହି ଲୋକ ଭାବରେ ପରିଚିତ ହେବ ।''

"ତୁ ଗୋଟାଏ ବାଟ କର ନୀତା । ତୋ ଦାଦା ପରା ଦିଲ୍ଲୀ ପୋଲିସ ବିଭାଗରେ କାମ କରୁଛନ୍ତି । ତୁ ତୋ ଭାଇକୁ ଧରି ତାଙ୍କଠାକୁ ଚାଲି ଯା' । ସେ ପତ୍ତା ଲଗାନ୍ତୁ, ଅବିନାଶବାବୁଙ୍କ ଦୁର୍ଘଟଣା ପରେ ତାଙ୍କଠାରେ ଏଭଳି ପରିରୋପଣ ହୋଇଛି କି ନାହିଁ । ଉପରେ ସିନା ତୋତେ କେହି କିଛି କହିବେ ନାହିଁ, ପୋଲିସବାଲାମାନେ ଭିତିରିଆ ସନ୍ଧାନ ନେଲେ ଏହାର ସତ୍ୟାସତ୍ୟ ଜଣାପଡ଼ିଯିବ ।''

"ତୋ ଉପଦେଶକୁ ଗ୍ରହଣ କରିବାପାଇଁ ମୋ ମନ ମୋଟେ କହୁନି । ମୁଁ ଅବିନାଶର ମଲାପରେ ତା ମୃତଦେହକୁ ଦିଲ୍ଲୀ ଡାକ୍ତରଖାନାରେ ଦେଖିଛି । ତା ମୁଣ୍ଡରୁ ମସ୍ତିଷ୍କ ବାହାର କରାଯାଇଥିଲା ବୋଲି ଯେତେବେଳେ କହୁଛୁ, ମୁଣ୍ଡ ଉପରେ ତ ଅସ୍ତ୍ରୋପଚାରର କିଛି ଲକ୍ଷଣ ଥା'ନ୍ତା । କାହିଁ ସେମିତି କିଛି ଲକ୍ଷଣ ତ ମୋ ଆଖିରେ ପଡ଼ିଲାନି ।''

"ତୁ କେମିତି ଜାଣିବୁ ? ମସ୍ତିଷ୍କ ପରିରୋପଣ ହୋଇଥିଲେ ଖୁବ୍ ଗୋପନରେ କରା ହୋଇଥିବ । ପରିରୋପଣ ପାଇଁ ଅସ୍ତ୍ରୋପଚାର ପରେ ତାଙ୍କ ମୁଣ୍ଡରେ ପଟି ବନ୍ଧା ହୋଇଥିବ । ତୁ ଜାଣିବୁ କେମିତି ? ତୋର ସିନା ସନ୍ଦେହ ହୋଇଥିଲେ ତୁ ମୁଣ୍ଡର ପଟି ଖୋଲିଥାନ୍ତୁ । ଖୋଲିଥିଲେ ବା ତୁ କ'ଣ

Digitized by srujanika@gmail.com

ଜାଣିପାରିଥାନ୍ତୁ ? ଦେହ ସହିତ ମୁଣ୍ଡ ବି ଆଘାତ ପାଇ ନଷ୍ଟ ହୋଇଯାଇଛି ବୋଲି ଜାଣିଥାନ୍ତୁ ।''

''ହଁ ପୁଷ୍ପା, ତୁ ଯାହା କହୁଚୁ ଠିକ୍ । ମୋତେ ତାଙ୍କର ଢଙ୍କା ହୋଇଥିବା ଶବଟିକୁ ଅଳ୍ପ ସମୟ ପାଇଁ ମୁହଁରୁ ଢଙ୍କା କାଢ଼ି ଦେଖାଇ ଦିଆଯାଇଥିଲା । ମୋ ଆଖିରେ ସେତେବେଳେ ଏତେ ଲୁହ ଭରି ଯାଇଥିଲା ଯେ ମୁଁ ତାଙ୍କୁ ଖାଲି ଚିହ୍ନିପାରିଲି ସିନା, ତାଙ୍କୁ ଭଲ ଭାବରେ ଲକ୍ଷ୍ୟକରି ପାରି ନ ଥିଲି । ଦାଦା ଓ ଅନ୍ୟମାନେ ମୋ ଭଳି ଅଳ୍ପ ସମୟ ପାଇଁ ତାଙ୍କ ଶବକୁ ଦେଖି ଢାଙ୍କି ଦେଇଥିଲେ । ତା'ପରେ ତ ଶ୍ମଶାନକୁ ନିଆଗଲା । ସେଠାରେ ଦାହ ପରେ ଆମେ ସମସ୍ତେ ଫେରି ଆସିଲୁ । ଶବର ମସ୍ତିଷ୍କ କାଢ଼ିନେଇ ଅନ୍ୟଜଣେ ଲୋକର ନଷ୍ଟ ହୋଇଥିବା ମସ୍ତିଷ୍କଟି ପୂରାଇ ଦିଆଯାଇଛି କି କ'ଣ ଆମେ ଜାଣିଥିଲେ ସିନା ସନ୍ଦେହ କରି ଏପଟସେପଟ କରି ପରୀକ୍ଷା କରିଥାନ୍ତୁ । ଏଭଳି ଯଦି ହୋଇଥାଏ, ତେବେ ଅତି ଗୋପନୀୟ ଭାବରେ ହୋଇଥିବ ବୋଲି ମୁଁ ଭାବୁଛି । ହସ୍ପିଟାଲରୁ ମିଳିଥିବା ମୃତ୍ୟୁ ସାର୍ଟିଫିକେଟରେ ସେମିତି କିଛି ଉଲ୍ଲେଖ ନ ଥିବାରୁ ପୋଲିସର କାହିଁକି ବା ସନ୍ଦେହ ହେବ ?''

''ତା'ହେଲେ ତୋର ବର୍ତ୍ତମାନ ଏକମାତ୍ର ବାଟ ହେଉଛି, ଏହାର ସତ୍ୟାସତ୍ୟ ଜାଣିବାପାଇଁ ତୋ ଦାଦାଙ୍କ ପାଖକୁ ଦିଲ୍ଲୀ ଯିବା । ସେ ଭିତିରିଆ ଖବର ନେଇ ଏହାର ସତ୍ୟାସତ୍ୟ ଜାଣିପାରିବେ । ମୋର ପୂରା ବିଶ୍ୱାସ, ମୁଁ ଯାହା ଅନୁମାନ କରିଛି ଠିକ୍ ତାହା ହିଁ ହୋଇଥିବ । ତା ଯଦି ହୋଇଥିବ, ତେବେ ତୋ ଅବିନାଶ ତୋତେ ନିଶ୍ଚୟ ମିଳିଯିବ ନୀତା ।''

× × × ×

''କିଏ, ମା ନୀତା ? ତୁ ହଠାତ୍, କେତେବେଳେ ଆସିଲୁ ମା ? କାହିଁ ଆସିବା ପୂର୍ବରୁ ମୋତେ ତ ଖବର ଦେଇନୁ ମା ?''

''ନା, ଦାଦା, ହଠାତ୍ ଦରକାର୍ ପଡ଼ିଲା ବୋଲି ଚାଲି ଆସିଲି ।''

''ହଠାତ୍ ଏମିତି କ'ଣ ଦରକାର ପଡ଼ିଲା ଯେ ମୋତେ ଚିଠି ନ ଦେଇ ଚାଲି ଆସିଲୁ ମା ?''

ନୀତା, ଦାଦାଙ୍କୁ ତା ମୃତ ସ୍ୱାମୀଙ୍କ କଥାସବୁ ଗୋଟି ଗୋଟି କହିଗଲା । ଅବିନାଶ ରୂପ ନ ଥାଇ ଅବିନାଶର ସମସ୍ତ ପ୍ରକୃତି ଥିବା ଜଣେ ଲୋକ କଟକରେ ପହଞ୍ଚି କେମିତି ତା ଘରକୁ ଆସିଥିଲା, ତା ଅଫିସ୍‌କୁ ଯାଇ ଅଫିସ୍ କାର୍ଯ୍ୟ କରି କର୍ତ୍ତୃପକ୍ଷଙ୍କ ଦ୍ୱାରା ସେଠାରେ ଆରେଷ୍ଟ ହୋଇ ଜେଲରେ ରହିଲା,

Digitized by srujanika@gmail.com

ସବୁକଥା ଗୋଟି ଗୋଟି କରି କହିଗଲା । ସେଥିସହିତ ପୁଷ୍ପାର ସମ୍ଭାବନା ତଥ୍ୟକୁ ମଧ୍ୟ ନ ସୂଚାଇ ରହି ପାରିଲାନି । ଏହା ଯଦି ସମ୍ଭବ ହୋଇଥାଏ, ତେବେ ତା ଅବିନାଶ ମରିନି ବୋଲି ସୂଚାଇବାକୁ ଭୁଲିଲାନି ନୀତା ।

ଦେବଦତ୍ତବାବୁ ଝିଆରୀଠାରୁ ସମସ୍ତ କଥା ଶୁଣିଲେ । ଜଣେ ଦକ୍ଷ ପୋଲିସ ଅଫିସର ହୋଇଥିବାରୁ ଏହାକୁ ମନ ଭିତରେ କିଛି ସମୟ ଆଲୋଚନା କରି କହିଲେ, "ଏହା ଯଦି ସତ ହୋଇଥାଏ ମା, ତେବେ ମୁଁ ଅନୁସନ୍ଧାନ କରାଇ ଏହାର ସତ୍ୟାସତ୍ୟ ନିଶ୍ଚୟ ଉଦ୍‌ଘାଟନ କରିପାରିବି । ସେପରି ହୋଇଥିଲେ ତୁ ନିଶ୍ଚୟ ଅବିନାଶକୁ ଫେରିପାଇବୁ ମା । ଏତେ ଅଳ୍ପ ବୟସରୁ ତୋର ଏ ବିଧବା ରୂପ ମୋ ଆଖିରେ ଲୁହ ନେଇ ଆସୁଛି । ଭଗବାନ୍ କରନ୍ତୁ ତୋ ସନ୍ଦେହ ସତ ହେଉ ମା ।"

ଦେବଦତ୍ତବାବୁ ଦିଲ୍ଲୀର ବଛାବଛା ଡିଟେକ୍‌ଟିଭମାନଙ୍କୁ ଏ କାର୍ଯ୍ୟରେ ନିୟୋଜିତ କଲେ । ମସ୍ତିଷ୍କ ପରିରୋପଣ ଯଦି ହୋଇଥାଏ, ତେବେ ସରକାରଙ୍କ ବିନା ଜ୍ଞାତସାରରେ ହେବା ଅନ୍ୟାୟ । ଏହା ସମ୍ଭବତଃ ଏକ ଧର୍ତ୍ତବ୍ୟ ଅପରାଧ ହେବ ।

ଯାହାହେଉ, ଏହି ଘଟଣାର ରହସ୍ୟ ଉଦ୍‌ଘାଟନ କରିବାକୁ ଦେବଦତ୍ତବାବୁଙ୍କୁ ବେଶିଦିନ ଲାଗିଲାନି । ଡିଟେକ୍‌ଟିଭମାନେ ଲାଗିପଡ଼ି ଅଳ୍ପ କେଇଦିନ ଭିତରେ ସମସ୍ତ ତଥ୍ୟ ସଂଗ୍ରହ କରି ଦେବଦତ୍ତବାବୁଙ୍କ ଆଗରେ ଥୋଇଦେଲେ ।

ଦିଲ୍ଲୀରେ ଶେଠ୍ ନିହାଲଚାନ୍ଦ ହେଉଛନ୍ତି ଏକ ବଡ଼ ବ୍ୟବସାୟୀ । ଧନଦୌଲତରେ ତାଙ୍କ ସମକକ୍ଷ ହେଲାଭଳି ଆଉ କୌଣସି ବ୍ୟବସାୟୀ ଦିଲ୍ଲୀରେ ନାହାନ୍ତି । ଦିଲ୍ଲୀ ନଗରୀର ଉପକଣ୍ଠରେ ତାଙ୍କର ବହୁ କଳକାରଖାନା ରହିଛି । ଦିଲ୍ଲୀର କରଲବାଗ୍ ଅଞ୍ଚଳରେ ତାଙ୍କର ରାଜନଅର ଭଳି ବିରାଟ କୋଠା । ଶେଠ୍‌ଙ୍କ ଏକମାତ୍ର ପୁଅ ବନବିହାରୀ ଚାନ୍ଦ ଦିନେ ତାଙ୍କ କାରଖାନାରୁ ଘରକୁ ଫେରୁଥିଲେ । ଦିଲ୍ଲୀଠାରୁ ଦୁଇ ତିନି ମାଇଲ ଦୂରରେ ତାଙ୍କ ଗାଡ଼ି ଗୋଟିଏ ମାଲବୋଝାଇ ଟ୍ରକ୍ ସହିତ ଧକ୍‌କା ହେବାଫଳରେ କାର୍‌ଟି ଭାଙ୍ଗିରୁଜି ରାସ୍ତା ତଳକୁ ଖସିପଡ଼ିଲା । ଡ୍ରାଇଭର ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ମରି ପଡ଼ିଲା । ବନବିହାରୀବାବୁ ଖଣ୍ଡିଆଖାବରା ହୋଇ ସେଠି ଅଚେତ ଅବସ୍ଥାରେ ପଡ଼ି ରହିଲେ । ଟ୍ରକ୍‌ଟି ଆକ୍‌ସିଡେଣ୍ଟ କରି ଜୀବନ ଭୟରେ ପଳାଇଗଲା । ସ୍ଥାନୀୟ ଲୋକେ ବହୁ କଷ୍ଟରେ ବନବିହାରୀବାବୁଙ୍କୁ ଆଣି ଗୋବିନ୍ଦବଲ୍ଲଭ ପନ୍ଥ ହସ୍‌ପିଟାଲରେ ଏଡ଼୍‌ମିସନ୍ କରାଇଦେଇ ଶେଠ୍ ନିହାଲଚାନ୍ଦଙ୍କୁ ଫୋନ୍‌ରେ ସବୁକଥା ଜଣାଇଦେଲେ ।

ଶେଠ୍ ଫୋନ୍ ଖବର ପାଇ ତାଙ୍କ ହଲକ ଶୁଖିଗଲା । ସେ ସଙ୍ଗେ ସଙ୍ଗେ ହସ୍‌ପିଟାଲକୁ ଦୌଡ଼ି ଆସିଲେ । ହସ୍‌ପିଟାଲରେ ପୁଅର ଏଭଳି ଅବସ୍ଥାଦେଖି

Digitized by srujanika@gmail.com

ସେ ମ୍ରିୟମାଣ ହୋଇପଡ଼ିଲେ । ଡାକ୍ତରଙ୍କ ସହିତ ଆଲୋଚନା କଲାରୁ ସେ ଜାଣିଲେ ଯେ, ଏହି ଏକ୍ସିଡ଼େଣ୍ଟରେ ବନବିହାରୀବାବୁଙ୍କ ମସ୍ତିଷ୍କଟି କେବଳ ନଷ୍ଟ ହୋଇ ଯାଇଛି । ଶରୀରର ବାକି ସମସ୍ତ ଅଂଶ ଠିକ୍ ଅଛି । ମସ୍ତିଷ୍କଟି ନଷ୍ଟ ହୋଇ ଯାଇଥିବାରୁ ତାଙ୍କର ବଞ୍ଚିବା ଆଶା ଖୁବ୍ କମ୍ ।

ଶେଠ୍ ନିହାଲଚାନ୍ଦ ଅନନ୍ୟୋପାୟ ହୋଇ ଆମେରିକାରୁ କୌଣସି ବଡ଼ ଡାକ୍ତର ଅଣାଇବା କଥା ଡାକ୍ତରଙ୍କୁ ପଚାରିଲେ । ତେବେ ଆମେରିକାର ବିଶିଷ୍ଟ ମସ୍ତିଷ୍କ ରୋଗ ବିଶେଷଜ୍ଞ ଡାକ୍ତର ଜେମ୍ସ୍ ମାଇକେଲସନ୍‌ଙ୍କ ଛାତ୍ର ଡାକ୍ତର ମାଲହୋତ୍ରା ଦିଲ୍ଲୀରେ ଏ.ଆଇ.ଏ.ଏମ୍.ଏସ୍.ରେ ଯୋଗ ଦେଇଥିବାରୁ ତାଙ୍କୁ ଦେଖାଇବା ପାଇଁ ସେ ଏ.ଆଇ.ଏ.ଏମ୍.ଏସ୍. ହସ୍‌ପିଟାଲକୁ ଖବର ଦେଇଛନ୍ତି ବୋଲି କହିଲେ । ତାଙ୍କ ମତରେ, ସେ ଦେଖିବା ଯାହା, ଡାକ୍ତର ମାଇକେଲସନ୍‌ଙ୍କୁ ଦେଖାଇବା ତାହା । ମାଇକେଲସନ୍‌ଙ୍କର ସେ ହେଉଛନ୍ତି ସବୁଠାରୁ ଦକ୍ଷ ଶିଷ୍ୟ । ମସ୍ତିଷ୍କ ଅସ୍ତ୍ରୋପଚାରରେ ମାଇକେଲସନ୍‌ଙ୍କ ସମସ୍ତ ଦକ୍ଷତା, ଅସ୍ତ୍ରୋପଚାର ଚାତୁରୀ ସେ ହାସଲ କରି ପାରିଛନ୍ତି ।

ଖବର ପାଇ ଡାକ୍ତର ମାଲହୋତ୍ରା ସଙ୍ଗେ ସଙ୍ଗେ ଗୋବିନ୍ଦବର୍ଲ୍ଲଭ ପନ୍ଥ ହସ୍‌ପିଟାଲକୁ ଆସି ରୋଗୀକୁ ପରୀକ୍ଷାକଲେ । ନାନା ପରୀକ୍ଷାକରି ସେ ଜାଣିପାରିଲେ ରୋଗୀର ମସ୍ତିଷ୍କଟି ପୂରାପୂରି ନଷ୍ଟ ହୋଇଯାଇଥିବାରୁ ରୋଗୀଟିକୁ ବଞ୍ଚାଇବା ଆଶା ଖୁବ୍ କମ୍ । ସେ ପରୀକ୍ଷା କରି ସାରି ନିରାଶ ହୋଇ ଉଠିଗଲେ । ଗଲାବେଳେ ହସ୍‌ପିଟାଲର କର୍ମକର୍ତ୍ତାମାନଙ୍କୁ କହିଦେଇଗଲେ, ଏହି ରୋଗୀର ନଷ୍ଟ ହୋଇ ଯାଇଥିବା ମସ୍ତିଷ୍କଟି କାଢ଼ି ଗୋଟିଏ ସୁସ୍ଥ ମସ୍ତିଷ୍କ ପରିରୋପଣ କଲେ ରୋଗୀଟି ହୁଏତ ବଞ୍ଚି ଯାଇପାରେ । ତେବେ ସଙ୍ଗେ ସଙ୍ଗେ ସୁସ୍ଥ ମସ୍ତିଷ୍କ ମିଳିବା ତ ସମ୍ଭବ ନୁହେଁ । କୌଣସି କାରଣରୁ ମରିବାକୁ ଯାଉଥିବା ରୋଗୀର ମସ୍ତିଷ୍କ ଯଦି ସୁସ୍ଥ ଥାଏ, ତେବେ ମୃତ୍ୟୁର ଠିକ୍ ଅବ୍ୟବହିତ ପରେ ସେହି ମସ୍ତିଷ୍କକୁ ନେଇ ବନବିହାରୀବାବୁଙ୍କ ମସ୍ତିଷ୍କରେ ପରିରୋପଣ କଲେ ସେ ହୁଏତ ବଞ୍ଚିଯାଇପାରନ୍ତି । ସେଭଳି ଏକ ରୋଗୀଠାରୁ ସୁସ୍ଥ ମସ୍ତିଷ୍କ ମିଳିବା ପର୍ଯ୍ୟନ୍ତ ଏ ରୋଗୀକୁ ଶୀତଳ କକ୍ଷରେ ତରଳ ଯବକ୍ଷାରଜାନର ନିମ୍ନ ତାପକ୍ରମରେ ରଖି ଦିଆଯାଉ । ସେଭଳି ସୁସ୍ଥ ମସ୍ତିଷ୍କଥିବା ମୃତ୍ୟୁମୁଖୀ ରୋଗୀ ମିଳିଲେ ତାଙ୍କୁ ଖବର ଦେବାକୁ କହି ଦେଇଗଲେ ।

ଡାକ୍ତର ମାଲହୋତ୍ରାଙ୍କ ଉପଦେଶ ଶୁଣି ଗୋବିନ୍ଦବଲ୍ଲଭ ପନ୍ଥ ହସ୍‌ପିଟାଲର କର୍ମକର୍ତ୍ତାମାନେ ବନବିହାରୀ ଚାନ୍ଦଙ୍କ ଲାକ୍ଷଣିକ ମୃତ୍ୟୁ ପରେ ତାଙ୍କ ଶରୀରକୁ ସଙ୍ଗେ ସଙ୍ଗେ ଶୀତଳୀକୃତ କକ୍ଷରେ ତରଳ ଯବକ୍ଷାରଜାନ ଭିତରେ ଅନିର୍ଦ୍ଦିଷ୍ଟକାଳ ପାଇଁ ରଖିଦେଲେ ।

Digitized by srujanika@gmail.com

ସୌଭାଗ୍ୟବଶତଃ ଏହି ଘଟଣାର ମାତ୍ର ସାତଦିନ ପରେ ଅବିନାଶବାବୁ କାର୍ ଦୁର୍ଘଟଣାରେ ପଡ଼ି ଅଚେତ ଅବସ୍ଥାରେ ସେହି ଡାକ୍ତରଖାନାକୁ ଆସିଲେ । ଡାକ୍ତରମାନେ ଦେଖିଲେ ଦୁର୍ଘଟଣାରେ ଅବିନାଶବାବୁଙ୍କର ସବୁ ଅଙ୍ଗପ୍ରତ୍ୟଙ୍ଗ ନଷ୍ଟ ହୋଇଯାଇଛି । ସୌଭାଗ୍ୟବଶତଃ ମସ୍ତିଷଟି ଅକ୍ଷତ ଅବସ୍ଥାରେ ଅଛି । ଡାକ୍ତରମାନଙ୍କ ମତ ରୋଗୀଟି ଅଳ୍ପ ସମୟ ଭିତରେ ମୃତ୍ୟୁବରଣ କରିବ । ତାକୁ ରକ୍ଷା କରିବାପାଇଁ କୌଣସି ବ୍ୟବସ୍ଥା ସମ୍ଭବ ନୁହେଁ ।

ଏଇ ରୋଗୀଟିକୁ ଦେଖି ଡାକ୍ତରମାନେ ଏକ ଉପଯୁକ୍ତ ରୋଗୀ ମିଳିଗଲା ବୋଲି ଭାବି ଡାକ୍ତର ମାଲହୋତ୍ରାଙ୍କୁ ଖବର ଦେଲେ । ସେ ଆସି ଅବିନାଶବାବୁଙ୍କୁ ନାନା ଭାବରେ ପରୀକ୍ଷା କରି ଦେଖିଲେ ଯେ ଅବିନାଶବାବୁ ଅଳ୍ପ ସମୟ ମଧ୍ୟରେ ମରିଯିବେ । ଯେହେତୁ ଏହାଙ୍କ ମସ୍ତିଷଟି ସୁସ୍ଥ ଅଛି, ଏହି ମସ୍ତିଷକୁ ନେଇ ଶୀତଳକକ୍ଷରେ ଥିବା ମୃତ ବନବିହାରୀବାବୁଙ୍କ ମୁଣ୍ଡରେ ପରିରୋପଣ କଲେ ହୁଏତ ବନବିହାରୀବାବୁ ଜୀବନ ଫେରି ପାଇପାରନ୍ତି ।

ଡାକ୍ତରମାନେ ଡାକ୍ତର ମାଲହୋତ୍ରାଙ୍କ ସହିତ ମସ୍ତିଷ ପରିରୋପଣ ନେଇ ଆଲୋଚନା ଚଳାଇଥାନ୍ତି, ହଠାତ୍ ଖବର ଆସିଲା ଯେ ନବାଗତ ରୋଗୀଟି ଇହଧାମ ତ୍ୟାଗ କଲା । ଡାକ୍ତର ମାଲହୋତ୍ରାଙ୍କ ନିର୍ଦ୍ଦେଶରେ ମସ୍ତିଷ ପରିରୋପଣ ଅସ୍ତ୍ରୋପଚାର ପାଇଁ ସମସ୍ତ ବ୍ୟବସ୍ଥା କରାଗଲା । ଡାକ୍ତର ମାଲହୋତ୍ରା ବାରଘଣ୍ଟା ଧରି ଅସ୍ତ୍ରୋପଚାର କରି ବନବିହାରୀବାବୁଙ୍କ ମସ୍ତିଷରେ ଅବିନାଶବାବୁଙ୍କ ସୁସ୍ଥ ମସ୍ତିଷଟି ପରିରୋପଣ କଲେ ଓ ବନବିହାରୀବାବୁଙ୍କ ନଷ୍ଟ ହୋଇ ଯାଇଥିବା ମସ୍ତିଷଟି ନେଇ ଅବିନାଶବାବୁଙ୍କ ମୁଣ୍ଡ ଭିତରେ ପୂରାଇ ସିଲାଇକରି ପଟି ବାନ୍ଧିଦେଲେ ।

ଅବିନାଶବାବୁଙ୍କ ଆତ୍ମୀୟମାନେ ଆସି ତାଙ୍କ ପଟିବନ୍ଧା ମୃତଦେହକୁ ଶ୍ମଶାନକୁ ଘେନିଯାଇ ଦାହ କରିଦେଲେ । ଅବିନାଶବାବୁଙ୍କ ମୃତ୍ୟୁ ସାର୍ଟିଫିକେଟ ସେମାନଙ୍କୁ ଦିଆ ହୋଇଗଲା ।

କିଛିଦିନ ପରେ ଯେତେବେଳେ ବନବିହାରୀ ଚାନ୍ଦ ସୁସ୍ଥ ହୋଇ ଡାକ୍ତରଖାନାରୁ ଘରକୁ ଯିବା ପାଇଁ ଅନୁମତି ପାଇଲେ, ଶେଠ୍ ନିହାଲଚାନ୍ଦ ତାଙ୍କୁ ଘରକୁ ନେବାପାଇଁ ଆସିଥିଲେ । ଶେଠ୍‌ଙ୍କ ଶତ ପ୍ରବର୍ତ୍ତନା ସତ୍ତ୍ୱେ ସେ ତାଙ୍କ ସହିତ ତାଙ୍କ ଘରକୁ ଯିବାକୁ ରାଜି ହେଲେ ନାହିଁ । ସେ ଶେଠ୍‌ଙ୍କ ପୁଅ ବୋଲି ଯେତେ କହିଲେ ହେଁ ସେ ତାହାକୁ ଅସ୍ୱୀକାର କରି ନିଜକୁ ଅବିନାଶ ବୋଲି ସର୍ବଦା କହିଲେ ।

ନିଜ ପୁଅର ଏଭଳି ମନୋବୃତ୍ତି ଦେଖି ଶେଠ୍ ଭାବିଲେ ଯେ, ଅସ୍ତ୍ରୋପଚାର ପରେ ପୁଅ ବଞ୍ଚି ସୁସ୍ଥ ହୋଇଥିଲେ ହେଁ ତାର ମସ୍ତିଷଟି ସମ୍ପୂର୍ଣ୍ଣଭାବେ ସୁସ୍ଥ ଓ କାର୍ଯ୍ୟକ୍ଷମ ହୋଇପାରିନି । ତେଣୁ ସେ ପ୍ରକୃତରେ କିଏ ଜାଣି ନ ପାରି

Digitized by srujanika@gmail.com

ଏଣୁ ତେଣୁ ଗୁଡ଼ାଏ କହୁଛି । ହସପିଟାଲରେ ଆଉ କିଛିଦିନ ରହିଲେ ତାର ମୁଣ୍ଡ ଠିକ୍ ହୋଇଯାଇପାରେ, ଏହି ଆଶାରେ ପୁଅକୁ ଆହୁରି କିଛିଦିନ ହସ୍‌ପିଟାଲରେ ରଖିବାପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଜଣାଇଲେ ।

ଶେଠ୍‌ଙ୍କ ଘରର ଲୋକେ ତାଙ୍କୁ ସାକ୍ଷାତ କରିବା ପାଇଁ ବାରମ୍ବାର ଆସୁଥିବାରୁ ଦିନେ ବିରକ୍ତ ହୋଇ ରୋଗୀଟି ସମସ୍ତଙ୍କ ଅଜାଣତରେ ହସ୍‌ପିଟାଲ ଛାଡ଼ି ପଳାଇଗଲା । ଶେଠ୍ ନିଜ ଲୋକ ଓ ପୋଲିସ ଲଗାଇ ଯେତେ ଖୋଜାଖୋଜି କଲେହେଁ କେଉଁଠି ତାଙ୍କର ପତ୍ତା ମିଳିଲାନି ।

ରୋଗୀଟି ନିଜକୁ ଅବିନାଶ ବୋଲି ଭାବି ଦିନେ ଦିଲ୍ଲୀରୁ ଟିକଟ କାଟି କଟକସ୍ଥ ତା ନିଜ ଘରକୁ ପଳାଇଗଲା । କଟକରେ ପହଞ୍ଚି ପ୍ରଥମତଃ ସେ ନିଜ ଘରକୁ ଗଲା । ସେଠାରେ ତୁମେ କେହି ତାକୁ ଚିହ୍ନି ନ ପାରିବାରୁ ନିଜ ଅଫିସ୍‌କୁ ଆସି କାର୍ଯ୍ୟରେ ଯୋଗଦେଲା । ବାହାରର କେହି ଲୋକ ଅଫିସ୍‌ରେ ପଶି କାର୍ଯ୍ୟ କରିଥିବାରୁ ଅନଧିକାର ପ୍ରବେଶ ଯୋଗୁଁ ପୋଲିସ ଦ୍ୱାରା ଆରେଷ୍ଟ ହୋଇ ଜେଲରେ ରହିଲା ।

ତୁ ଏଥର ବୁଝିଲୁ ମା, ଏଇ ହେଉଛି ଅବିନାଶର କାହାଣୀ । ସେ ବର୍ତ୍ତମାନ ଜେଲରେ ଅଛି ଭଲ ହୋଇଛି । ଏଠାକାର ପୋଲିସ ଯେତେବେଳେ ତାକୁ ଖୋଜୁଛି, ମୁଁ ତାକୁ କଟକରୁ ଦିଲ୍ଲୀକୁ ଘେନି ଆସୁଛି ମା । ଏଠାରେ ବିଚାର ହେଲେ ଜଣାପଡ଼ିବ, ସେ ପ୍ରକୃତରେ ବନବିହାରୀ ନା ଅବିନାଶ ।

ଆଗନ୍ତୁକକୁ ଦିଲ୍ଲୀ ଆଣିବାପରେ ଶେଠ୍ ନିହାଲଚାନ୍ଦ ସେ ତାଙ୍କ ପୁଅ ବୋଲି ଦାବି କରି କୋର୍ଟରେ ମୋକଦ୍ଦମା ଦାଏର କଲେ । ପୋଲିସ ବିଭାଗ ମଧ୍ୟ ଶେଠ୍ ନିହାଲଚାନ୍ଦ ଓ ଡାକ୍ତର ମାଲହୋତ୍ରା ଓ ଗୋବିନ୍ଦବଲ୍ଲଭ ପନ୍ଥ ହସ୍‌ପିଟାଲର ମୁଖ୍ୟ ଚିକିତ୍ସକଙ୍କ ନାମରେ କୋର୍ଟରେ ମୋକଦ୍ଦମା ରୁଜୁ କଲେ । ପୋଲିସର ମତ ଡାକ୍ତର ମାଲହୋତ୍ରା ଓ ତାଙ୍କ ସହକର୍ମୀ ଦଳ ଶେଠ୍ ନିହାଲଚାନ୍ଦଙ୍କୁ ତାଙ୍କ ପୁତ୍ର ଫେରାଇଦେବା ପାଇଁ ଅନ୍ୟ ଏକ ରୋଗୀର ମସ୍ତିଷ୍କ ଚୋରି କରି ବଞ୍ଚାଇବାକୁ ଚେଷ୍ଟାକରି ଏକ ଅକ୍ଷମଣୀୟ ଅପରାଧ କରିଛନ୍ତି । ଏହି ଡାକ୍ତରମାନେ ନିଜପାଇଁ ଆର୍ଥିକ ଲୋଭର ଲାଳସାରେ ଏଭଳି କାର୍ଯ୍ୟ କରିଛନ୍ତି । ସେମାନେ ଶେଠ୍‌ଙ୍କ ପୁତ୍ରକୁ ବଞ୍ଚାଇବା ଆଶାରେ ଅନ୍ୟଜଣେ ଲୋକକୁ ମାରିଦେଇ ତା'ର ମସ୍ତିଷ୍କକୁ ଅପହରଣ କରିଛନ୍ତି । ଏଥିପାଇଁ ଶେଠ୍ ଓ ଡାକ୍ତର ମାଲହୋତ୍ରା ଓ ତାଙ୍କର ସହକର୍ମୀ ଦଳକୁ କଠିନ ଦଣ୍ଡ ମିଳିବା ଉଚିତ । ବିଚାର ଇତିହାସରେ ଏହା ଏକ ବିଚିତ୍ର ମୋକଦ୍ଦମା ହୋଇଥିବାରୁ ଚାରିଆଡ଼େ ଏହାର ପ୍ରଚାର ହୋଇଗଲା ।

Digitized by srujanika@gmail.com

ଏହି ମୋକଦ୍ଦମାକୁ ବିଚାର କଲାବେଳେ ନୀତାଦେବୀ ସମେତ ବହୁ ଲୋକଙ୍କ ସାକ୍ଷ୍ୟ ପ୍ରମାଣ ନେବାକୁ ପଡ଼ିଲା । ଉଭୟ ପକ୍ଷର ଓକିଲଙ୍କ ଜବାବ ସୁଆଲ ପରେ ଜଜ୍ ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ରାୟ ଦେଲେ । ସେ କହିଲେ, "ବିଭିନ୍ନ ସାକ୍ଷୀଙ୍କ ଜମାନବନ୍ଦୀ ତଥା ମସ୍ତିଷ୍କ ବିଶେଷଜ୍ଞମାନଙ୍କ ବୟାନରୁ ମୋର ହୃଦ୍‌ବୋଧ ହୋଇଛି ଡାକ୍ତର ମାଲହୋତ୍ରା ଓ ତାଙ୍କ ସହକର୍ମୀମାନେ ଯେଉଁମାନେ ପ୍ରଥମଥର ପାଇଁ ଭାରତରେ ମସ୍ତିଷ୍କ ପରିରୋପଣ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପାଦନ କରି ଚିକିତ୍ସାକ୍ଷେତ୍ରରେ ଭାରତର ସୁନାମ ଖୁବ୍ ଉପରକୁ ଘେନି ଯାଇଛନ୍ତି, ସେମାନେ ଶେଠ୍ ନିହାଲଚାନ୍ଦଙ୍କଠାରୁ କୌଣସି ଅର୍ଥଲାଳସାରେ ଏପରି କରି ନାହାନ୍ତି । ସେ ଚିକିତ୍ସା ବିଜ୍ଞାନରେ ଯେଉଁ ଶ୍ରେଷ୍ଠ ପରାକାଷ୍ଠା ଦେଖାଇଲେ, ସେଥିପାଇଁ ସାରା ଭାରତ ତାଙ୍କଠାରେ ଋଣୀ ହେବା ସଙ୍ଗେ ସଙ୍ଗେ ଏହି କୃତକାର୍ଯ୍ୟତା ପାଇଁ ଗର୍ବିତ ହେବା ଉଚିତ । ଏଥିପାଇଁ ସେ ଆମ ସମସ୍ତଙ୍କର ଧନ୍ୟବାଦର ପାତ୍ର ତଥା ନମସ୍ୟ । ପୋଲିସ ବିଭାଗ ତାଙ୍କୁ ମସ୍ତିଷ୍କ ଚୋରି ଅପରାଧରେ ଦୋଷୀ ସାବ୍ୟସ୍ତ କରିବାପାଇଁ ଯେଉଁ ହୀନଚେଷ୍ଟା କରିଛି, ମୁଁ ସେଥିପାଇଁ ପୋଲିସ ବିଭାଗକୁ ଗଭୀର ଭାବରେ ନିନ୍ଦା କରିବା ସଙ୍ଗେ ସଙ୍ଗେ ତାଙ୍କୁ ଏହି ଦୋଷରୁ ସମ୍ମାନର ସହ ମୁକ୍ତ କରୁଛି । ଏଡ଼େ ବିରାଟ ବ୍ୟକ୍ତିଙ୍କୁ ଆମେ ସଂକୀର୍ଣ୍ଣ ଚୋରି ଓ ଅର୍ଥଲାଳସା ଭିତରକୁ ଟାଣି ନେଇ ତାଙ୍କର ବିରାଟ ବ୍ୟକ୍ତିତ୍ୱ ପ୍ରତି କମ୍ ବଡ଼ ଅବମାନନା କରିନାହୁଁ । ଅସ୍ତ୍ରୋପଚାର ପରେ ଭଲ ହେବା ଲୋକଟି ଯେ ଶେଠ୍ ନିହାଲଚାନ୍ଦଙ୍କ ପୁତ୍ର ହୋଇପାରିବ ନାହିଁ, ଏହା ଡାକ୍ତର ମାଲହୋତ୍ରା ଜାଣିଥିଲା ବେଳେ ସେ ଏପରି ଅପକର୍ମ କରିବାକୁ କଦାପି ଯାଇ ନ ପାରନ୍ତି । ଅସ୍ତ୍ରୋପଚାର ପରେ ଶେଠ୍‌ଙ୍କ ପୁଅ ଯେ ଶେଠ୍‌ଙ୍କ ପୁଅ ହୋଇ ରହିବ, ତହିଁର କିଛି ଗ୍ୟାରେଣ୍ଟି ସେ ଦେଇ ନ ଥିଲେ । ଏହି ଅସ୍ତ୍ରୋପଚାରରେ ସେ କିଛି ମନ୍ଦ ଉଦ୍ଦେଶ୍ୟ ନ ରଖି ମାନବିକତା ଦୃଷ୍ଟିରୁ ସେ ଏଥିରେ ହାତ ଦେଇଥିଲେ । ସାଧାରଣତଃ ଦୁଇଟି ରୋଗୀ ମରି ଯାଉଥିବାସ୍ଥଳେ ଅନ୍ତତଃ ଜଣକୁ ବଞ୍ଚାଇ ମାନବିକତା ପାଇଁ ସେ କମ୍ ବଡ଼ କାମ କରି ନାହାନ୍ତି । ଯେହେତୁ ଶରୀରର ମାଲିକ ହେଉଛି ମସ୍ତିଷ୍କ, କାରଣ ମସ୍ତିଷ୍କର ପରିଚାଳନାରୁ ହିଁ ଶରୀରଟି ଚଳୁଛି, ତେଣୁ ମସ୍ତିଷ୍କ ଯାହାର, ଶରୀର ତାହାର ହେଉ ବା ନ ହେଉ, ସେ ସେହି ଶରୀରର ମାଲିକ ହେବାକଥା । ତେଣୁ ଜୀବନ ପାଇଥିବା ଲୋକଟି ବନବିହାରୀ ଚାନ୍ଦ ହେବେ କି ଅବିନାଶ ରାୟ ହେବେ, ତାହା ବିଚାର କରି ନାନା ପ୍ରମାଣରୁ ମୁଁ ସ୍ଥିର ସିଦ୍ଧାନ୍ତରେ ପହଞ୍ଚିଛି ଯେ ଜୀବନ ପାଇଥିବା ଲୋକଟି ବନବିହାରୀ ଚାନ୍ଦ ହୋଇ ନ ପାରେ । ସେ ହେଉଛନ୍ତି ଅବିନାଶ ରାୟ । ଅବିନାଶବାବୁଙ୍କ ଶରୀରଟି

Digitized by srujanika@gmail.com

ପ୍ରକୃତରେ ବନବିହାରୀବାବୁଙ୍କ ଶରୀରରୁ ଆସିଥିଲେହେଁ, ଜୀବନ ପାଇଥିବା ଲୋକଟି ଅବିନାଶ ହିଁ ହେବ । କାରଣ ମସ୍ତିଷ୍କ ହିଁ ବ୍ୟକ୍ତିର ପରିଚାୟକ । ତେଣୁ ମୁଁ ରାୟ ଦେଉଛି ଜୀବନ ପାଇଥିବା ଲୋକଟି ଅବିନାଶ ରାୟ । ସେ ଶେଠ୍ ନିହାଲ ଚାନ୍ଦଙ୍କ ପୁତ୍ର ବନବିହାରୀ ଚାନ୍ଦ ଭଳି ଦିଶିଲେ ହେଁ ସେ ପ୍ରକୃତରେ ବନବିହାରୀ ଚାନ୍ଦ ହୋଇ ନ ପାରନ୍ତି । ଏହାଙ୍କ ଉପରେ ଶେଠ୍ ନିହାଲ ଚାନ୍ଦଙ୍କ କୌଣସି ଅଧିକାର ନାହିଁ । ସେ ଅବିନାଶ ରାୟ ହୋଇଥିବାରୁ ତାଙ୍କ ଉପରେ ତାଙ୍କ ସ୍ତ୍ରୀ ନୀତାଦେବୀଙ୍କର ଷୋଳଅଣା ଅଧିକାର ରହିଛି ।

●

Digitized by srujanika@gmail.com

ସରୋଗେଟ୍ ମା

ଏକ

"କିଏ ଜ୍ୟୋସ୍ନା ? ତୁମେ ହଠାତ୍, ପୁଣି ଏତେ ସକାଳୁ ? ସ୍ମିତାକୁ ଦେଖା କରିବାକୁ ଚାଲିଆସିଲ ନା କ'ଣ ? ଦେଖ, ଚତୁର୍ଥୀ କାର୍ଯ୍ୟ ନ ସରିଲା ପର୍ଯ୍ୟନ୍ତ ଯେମିତି ନ ଯାଅ ଏଠୁ । ତୁମେ ହେଲ ଆଜି ଆମ ଘରେ ପ୍ରଥମ ଅତିଥି ।"

"ଅଶେଷ ଧନ୍ୟବାଦ ଆପଣଙ୍କ ନିମନ୍ତ୍ରଣ ପାଇଁ । ନିଶ୍ଚୟ ରକ୍ଷା କରିବାକୁ ଚେଷ୍ଟା କରିବି । ସ୍ମିତା କେଉଁଠି ଅଛି ଆଗ କହିଲେ ?"

"ସେହି ଘରେ ଅଛି । ରୁହ, ମୁଁ ନୂଆବୋଉଙ୍କୁ ଡାକି ଦେଉଛି, ସେ ତୁମକୁ ସ୍ମିତା ପାଖକୁ ନେଇଯିବେ । ଆରେ ବୁଲୁ, ଗଲୁ ବାପ, ବଡ଼ବୋଉଙ୍କୁ ଟିକିଏ ଡାକି ଆଣିବୁ ।"

"ହଉ, ଯାଉଛି ବାପା ।"

"କ'ଣ ହେଲା କି ବିନୋଦ ? ମୋତେ ହଠାତ୍ ଡାକରା କାହିଁକି ?"

"କ'ଣ କହୁଥିଲି କି ନୂଆବୋଉ, ଇଏ ହେଉଛନ୍ତି ସ୍ମିତା ସାଙ୍ଗ ଜ୍ୟୋସ୍ନା । ଚିହ୍ନିଛଟି ଯାଙ୍କୁ ? ସ୍ମିତାକୁ ଦେଖା କରିବାକୁ ଆସିଛନ୍ତି । ତୁମେ ତାଙ୍କୁ ଟିକିଏ ନେଇଗଲ ସ୍ମିତା ପାଖକୁ ।"

"ନମସ୍କାର ! ହେଉ ଆସନ୍ତୁ । ଆପଣ ଆଜି ଏତେ ସକାଳୁ ଚାଲି ଆସିଲେ ଯେ ରାତିକୁ ଆସିବେ ନାହିଁ ନା କଅଣ ?"

"ନାଇଁ, ନାଇଁ, ନିଶ୍ଚେ ଆସିବି । ସ୍ମିତା ଘରୁ ଚତୁର୍ଥୀଭାର ଓ ଲୋକବାକ ବୋଧହୁଏ ଅଳ୍ପ ସମୟ ଭିତରେ ପହଞ୍ଚିଯିବେ ।"

ସ୍ମିତା ରୁମ୍ ଭିତରକୁ ଜ୍ୟୋସ୍ନାକୁ ପଠାଇଦେଇ ସୁଚିତ୍ରାଦେବୀ ଫେରି ଆସିଲେ । ଜ୍ୟୋସ୍ନାକୁ ଦେଖି ସ୍ମିତା ଚମକି ପଡ଼ିଲା । "ଆଲୋ, ତୁ କୁଆଡ଼େ ହଠାତ୍ ? ଆମ ଘରେ ସବୁ ଭଲ ତ ?"

"ହଁ, ହଁ, ତମ ଘରେ ସବୁ ଭଲ । ମୁଁ ତତେ ଗୋଟିଏ କଥା ଜଣାଇ ଦେବା ପାଇଁ ଚାଲି ଆସିଲି । ତମ ଘର ଲୋକେ ଅଳ୍ପ ସମୟ ଭିତରେ ଆସି ପହଞ୍ଚି ଯିବେ । ସେମାନେ ଏଠି ପହଞ୍ଚିବା ପୂର୍ବରୁ ମୁଁ ତୋତେ ଗୋଟିଏ କଥା କହିଦେଇ ଚାଲିଯିବି ।

Digitized by srujanika@gmail.com

"ଇମିତି କି କଥା କି ଲୋ, ସଙ୍ଗେ ସଙ୍ଗେ କ'ଣ କହିଦେଇ ଚାଲିଯିବୁ ?"

"ହଁ ସ୍ମିତା, ସେମିତି ଏକ ଜରୁରୀ କଥା । ଦୁଆର, ଝରକା ସବୁ ଟିକିଏ ବନ୍ଦ କରିଦେଲୁ । ମୁଁ କଥାଟା କହିଦେଇ ଶୀଘ୍ର ଚାଲିଯାଏ ।"

"ତୁ ଏମିତି କ'ଣ କହୁଛୁ ? ମୋତେ ତୋ କଥା ଶୁଣି ଡର ମାଡ଼ିଲାଣି । ଦୁଆର ଝରକା ସବୁ ବନ୍ଦ କରିବାକୁ କାହିଁକି କହୁଛୁ ?"

"କାଳେ କଥାଟା ଆଉ କାହା କାନରେ ପଡ଼ିଯିବ, ସେଥିପାଇଁ ସେସବୁକୁ ବନ୍ଦ କରିଦେବାକୁ କହୁଛି । ଅତି ଗୋପନୀୟ କଥା । ଏହି କଥାର ଟେର୍ ଯେମିତି ଏହି ଘରେ ଅନ୍ୟ କେହି ନ ପାଆନ୍ତି ।"

"ଆଁ, ଏମିତି କି କଥା କି ଲୋ ?"

"ଆଲୋ, କଥାଟା ଭାରି ଗୋଳମାଳିଆ । ତୁମ ଘରେ ଏକଥା ଶୁଣି ପରା କାନ୍ଦବୋବାଳି ପଡ଼ିଛି ।"

"ଆଁ, କାନ୍ଦବୋବାଳି ?" କାନ୍ଦ କାନ୍ଦ ସ୍ୱରରେ ପଚାରିଲା ସ୍ମିତା । "କି କଥା କହିଲୁ !"

"ଆଲୋ ତୁ ଜାଣିଛୁ ? ବିନୋଦବାବୁ କାଳେ ତୋତେ ବିବାହ କରିବାପୂର୍ବରୁ ଆଉ ଗୋଟିଏ ସ୍ତ୍ରୀକୁ ବିଭା ହୋଇଥିଲେ । ସେ ସ୍ତ୍ରୀ ପାଖରୁ ତାଙ୍କର ପୁଅଟିଏ ଅଛି । ସେ ପୁଅ ନାଁ ହେଉଛି ବୁଲୁ । ତୁ ହେଲୁ ତାଙ୍କର ଦ୍ୱିତୀୟପକ୍ଷ ସ୍ତ୍ରୀ, ମାନେ ଦୁବେଇବରର କନିଆ ।"

"ଆଁ, ସତ କହୁଛୁ, ମୁଁ ଦ୍ୱିତୀୟପକ୍ଷ ସ୍ତ୍ରୀ ? କାନ୍ଦ କାନ୍ଦ ସ୍ୱରରେ ପଚାରିଲା ସ୍ମିତା ।"

"ଆଲୋ ହୁଣ୍ଡୀ, କାନ୍ଦୁଛୁ କଅଣ ? ଇଏ କାନ୍ଦିବାବେଳ ନୁହେଁ । ତୁ ନିଜେ ଟାଣ ହୁଅ । ତୁ ଦେଖି ପାରୁନୁ, ବିନୋଦ ଯେଉଁ ପୁଅକୁ କାଖେଇ ନେବା ଆଣିବା କରୁଛି, ସେ ପୁଅର ମୁହଁ ବିନୋଦ ମୁହଁ ସହିତ କେମିତି ମିଳି ଯାଉଛି । ସେ ତାକୁ 'ବାପା', 'ବାପା' ବୋଲି ଡାକୁଛି ଶୁଣିନୁ ? ମୁଁ ଆସିଲାବେଳେ ସେ ଦୁହିଁଙ୍କୁ ପରା ଦେଖି ଆସିଛି । ଦୁଇଜଣଙ୍କ ମୁହଁ ପୂରାପୂରି ସମାନ । ସାକ୍ଷାତ ବାପ-ପୁଅ ।"

"ଆମ ଘରେ ଏ କଥା କ'ଣ କେହି ଜାଣି ନ ଥିଲେ ? ବାପା ଜାଣିଥିଲେ ତ ଏଠି ମୋତେ ବିବାହ ଦେଇ ନ ଥାନ୍ତେ ।"

"ନା, ବରପକ୍ଷ ଖୁବ୍ ଚତୁରତାର ସହିତ ଏ କଥାଟାକୁ ଲୁଚାଇଛନ୍ତି । ତୋ ବିଭାଘର ପରେ ଏକଥା ଜଣାପଡ଼ିଲା । ତୋ ବାପା ବୋଉ କାନ୍ଦି କାନ୍ଦି ଅତି ଦୁଃଖରେ ବିଛଣା କାମୁଡ଼ି ପଡ଼ିଛନ୍ତି ।"

Digitized by srujanika@gmail.com

"ଭାଇ କ'ଣ କହୁଛନ୍ତି ?"

"ସେ ଏକଥା ଶୁଣି ରାଗରେ ନିଆଁ ହୋଇଯାଇଛନ୍ତି । ସେ କହୁଛନ୍ତି, ସେମାନଙ୍କ ନାଁରେ ମୋକଦ୍ଦମା କରି ଏ ବିଭାଘରକୁ ରଦ୍ଦ କରିବେ । ସେ ସକାଳୁ କଚେରିକୁ ଯାଇଛନ୍ତି, ଫେରି ନାହାନ୍ତି । ଆଜି କୋର୍ଟରୁ ଇଞ୍ଜକ୍‌ସନ୍ ଅର୍ଡ଼ର ଆଣି ଏଠା ଚତୁର୍ଥୀ କାର୍ଯ୍ୟ ବନ୍ଦ କରିବେ । ତୋର ତ ପୁନର୍ବିବାହ ହୋଇନି । ତୋତେ ଏଠୁ ନେଇ ଅନ୍ୟତ୍ର ବିବାହ ଦେବେ । ପାତ୍ର ଠିକ୍ ହୋଇଯାଇଛି । ସେମାନେ ଆମ ସହିତ ଖେଳିଛନ୍ତି, ଆମେ ସେମାନଙ୍କ ସହିତ ସେମିତି ନ ଖେଳିଲେ ସେମାନେ ବୁଦ୍ଧି ଶିଖିବେନି । ତୁ ସାବଧାନ ହୋଇ ଚଳୁଥିବୁ । ମଧୁଶଯ୍ୟା ଘରକୁ ମୋଟେ ଯେମିତି ନ ଯାଉ । ଚତୁର୍ଥୀ କାମ ସମ୍ଭବତଃ ହୋଇ ପାରିବନି ଆଜି । କୋର୍ଟ ଅର୍ଡ଼ର ଦେଇ ବନ୍ଦ କରିଦେବ ବୋଧେ । ମୁଁ ତୋତେ ଏତକ କହିବାପାଇଁ ଆଗତୁରା ଚାଲି ଆସିଲି । ତୁ ସାବଧାନ ହୋଇ ଚଳୁଥିବୁ । ଦେଖ୍, ଏକଥା ଯେମିତି କାନକୁ ଦି'କାନ ନ ହୁଏ । ହେଉ, ମୁଁ ଯାଉଛି, ତୁ ଥା' । ହୁଏତ ତୋ ସ୍ୱାମୀ ଆଜି ଆରେଷ୍ଟ ହୋଇଯାଇ ପାରନ୍ତି ।"

ସ୍ମିତା ସେତିକିବେଳୁ ଅନାଇ ବସିଛି, କେତେବେଳେ ତା ଭାଇ ଆସିବେ । ଅନାଇ ଅନାଇ କେତେବେଳୁ ସେ ପଲଙ୍କ ଉପରେ ଢୁଳାଇ ପଡ଼ିଲାଣି ତାକୁ ଜଣା ନାହିଁ । ନିଦରେ ଶୋଇ ସେ ସ୍ୱପ୍ନ ଦେଖୁଛି । ତା ଭାଇ କୋର୍ଟରୁ କାଗଜପତ୍ର ଓ ଅର୍ଡ଼ର ସଙ୍ଗେ ପୋଲିସ ନେଇ ଆସିଛନ୍ତି । ସେମାନେ ୱାରଣ୍ଟ ଦେଖାଇ ବିନୋଦକୁ ଆରେଷ୍ଟ କରିଛନ୍ତି । ଘରର ଲୋକେ ଯେତେ କାକୁତିମିନତି କଲେହେଁ ସେମାନେ ଛାଡ଼ିବାକୁ ନାରାଜ । ଭାଇ ତାକୁ କାର୍‌ରେ ବସାଇ ଘରକୁ ନେଇ ଯାଉଛନ୍ତି । ଏଇ ଘଟଣା ପାଇଁ ବର ଘରେ କାନ୍ଦବୋବାଳି ପଡ଼ିଛି । ଏହି କାନ୍ଦବୋବାଳିରେ ହଠାତ୍ ସ୍ମିତାର ନିଦ ଭାଙ୍ଗିଗଲା । ଆଖିମେଲି ଦେଖେ ତ ଘରେ କେହି ନାହିଁ । ସେ ଏକା ପଲଙ୍କରେ ଶୋଇ ରହି ସ୍ୱପ୍ନ ଦେଖୁଛି । ସେ ଉଠିପଡ଼ି ଚାରିଆଡ଼କୁ ଅନାଇଲା, କାଳେ କେହି ତାକୁ ଡାକି ଡାକି ଫେରି ଯାଇ ନାହାନ୍ତି ତ ।

କିଛି ସମୟପରେ ସ୍ମିତାକୁ ଚତୁର୍ଥୀବେଦୀକୁ ନେବାପାଇଁ ବଡ଼ ଯାଆ ସୁଚିତ୍ରାଦେବୀ ଆସି ପହଞ୍ଚି ଗଲେ । ଚତୁର୍ଥୀବେଦୀକୁ ଗଲାବେଳେ ସ୍ମିତା ମନେ ମନେ ଭାବୁଥାଏ, "ଜ୍ୟୋତ୍ସ୍ନା ତ ଏତେକଥା କହିଦେଇ ଗଲା, କାହିଁ ସେମାନେ ସବୁ ଗଲେ କୁଆଡ଼େ ? କାହିଁ କେହି ତ ଆସିବାକୁ ନାହାନ୍ତି ? ଆମ ଘରୁ ଚତୁର୍ଥୀଭାର କୁଆଡ଼େ ଗଲା ? ଆସିବ ନାହିଁ ନା କଅଣ ?"

Digitized by srujanika@gmail.com

ଦୁଇ

"ଏ କ'ଣ ବିନୋଦ, ତୁମେ ପୁଅକୁ ଧରି କୁଆଡ଼େ ଚାଲିଛ ଶୁଣେ ? ଆଜି ପରା ତୁମର ମଧୁଶଯ୍ୟା ରାତି ? ସ୍ମିତା ପରା ତୁମକୁ ମଧୁଶଯ୍ୟା କକ୍ଷରେ ଅପେକ୍ଷା କରି ବସିଛି । ରାତି କେତେ ହେଲାଣି ଖିଆଲ ଅଛି ତ ? ପୁଅକୁ ମୋତେ ଦେଇକି ଯାଅ । ସେ ଆଜି ମୋ ପାଖରେ ଶୋଉ ।"

"ନା, ନା, ମୁଁ ମୋ ବାପା ପାଖରେ ଶୋଇବି ।"

"ନାଁରେ ବୁଲୁ, ଆଜି ବାପାଙ୍କ ପାଖରେ ଶୁଅନ୍ତିନି । କାଲିଠାରୁ ଶୋଇବୁ । ତୁ ମୋ କୋଳକୁ ଆ । ମୁଁ ତୋତେ ମଜା ମଜା ଗପ କହି ଶୁଆଇ ପକାଇବି ।"

"ନା, ନା, ମୁଁ ମୋ ବାପା ପାଖରେ ଶୋଇବି ।"

"ଥାଉ ଥାଉ ନୂଆବୋଉ, ସେ ଆଜି ଚାଲୁ, ମୋ ପାଖରେ ଶୋଇବ ।"

"ନୂଆବୋହୂଟା କ'ଣ ଭାବିବ କହିଲ ତୁମ କୋଳରେ ଏ ପିଲାଟାକୁ ଦେଖିଲେ ?"

"ମୁଁ ତାକୁ ସବୁକଥା ବୁଝାଇଦେବି, ନୂଆବୋଉ ।"

"ଆମେ ବାପା କୁଆଡ଼େ ଯାଉଛନ୍ତି ? ଆମ ଶୋଇବା ଘର ପରା ସେଠି ? ତୁମେ ଏଆଡ଼େ କୁଆଡ଼େ ଯାଉଛ ବାପା ?"

"ଆମେ ପରା ତୋ 'ନୂଆ ମା' ପାଖକୁ ଯାଉଛେରେ । ସେ ତୋତେ ଭାରି ଗେହ୍ଲା କରିବ । ତୁ ତାଙ୍କ ପାଖକୁ କ'ଣ ଯିବୁନି ?"

"ହଁ ବାପା, ଯିବି । ନୂଆ ମା'କୁ ଦେଖିବି । ନୂଆ ମା କେଉଁ ଘରେ ଅଛି ବାପା ?"

"ସେଇ ଘରେ ପରା । ଆମେ ପରା ସେଇଠିକି ଯାଉଛେ ।"

ନିଜ ସ୍ୱାମୀଙ୍କୁ ଛୋଟ ପିଲାଟିଏ କୋଳରେ ଧରି ମଧୁଶଯ୍ୟା କୋଠରି ଭିତରକୁ ପଶି ଆସିବା ଦେଖି ସ୍ମିତା ଅସ୍ଥିର ହୋଇପଡ଼ିଲା । ମୁହଁରୁ ଓଢ଼ଣା ଖସାଇ ଦେଇ ଅନାଇବାକୁ ଚେଷ୍ଟାକଲା ପିଲାଟିକୁ । ପିଲାଟି ଦେଖିବାକୁ ଅବିକଳ ସ୍ୱାମୀଙ୍କ ଭଳି । ସେଇ ମୁହଁ, ସେଇ ଆଖି । ମନ ଭିତରେ ତା'ର ଏକ ଆତଙ୍କ ମିଶ୍ରିତ ଶିହରଣ ଖେଳିଗଲା । "ଇଏ କ'ଣ ତା'ହେଲେ ସ୍ୱାମୀଙ୍କ ପୂର୍ବ ସ୍ତ୍ରୀର ପୁତ୍ର ! ନଚେତ୍ ଏତେ ସାମଞ୍ଜସ୍ୟ ଆସନ୍ତା କୁଆଡୁ ? ଏଇ କିଛି ସମୟତଳେ ଜ୍ୟୋତ୍ସ୍ନା ଯାହା କହିଦେଇ ଯାଇଥିଲା, ତାହା କ'ଣ ପ୍ରକୃତରେ ସତ୍ୟ ?"

ବିନୋଦ ପୁଅକୁ ଖଟ ଉପରେ ବସାଇଦେଇ ଦୁଆର ବନ୍ଦ କରିବାକୁ ଯାଉଛି, ହଠାତ୍ ଆଉ ଦୁଆର ଖୋଲି ଚଟ୍‌କିନା ଘରୁ ପଳାଇଗଲା ସ୍ମିତା । ବିନୋଦ

Digitized by srujanika@gmail.com

ଦୁଆର ବନ୍ଦ କରିବ କ'ଣ, ସ୍ମିତା ସ୍ମିତା ଡାକି ତା ପଛରେ ଗୋଡ଼ାଇଗଲା । ସ୍ମିତା ପବନ ବେଗରେ ଦୌଡ଼ିଯାଇ ଅଗଣାରେ ଥିବା କୂଅ ଭିତରକୁ ଚଟ୍‌କିନା ଡେଇଁ ପଡ଼ିଲା । ବିନୋଦ ଅନନ୍ୟୋପାୟ ହୋଇ ସ୍ମିତାକୁ ରକ୍ଷା କରିବା ପାଇଁ ତା ପଛେ ପଛେ କୂଅ ଭିତରକୁ ଡେଇଁ ପଡ଼ିଲା । ଏହି ଡାକ ଓ କୂଅରେ ପଡ଼ିବା ଶବ୍ଦରେ ଘରର ସମସ୍ତେ ଉଠିପଡ଼ି ସେହି କୂଅ ପାଖକୁ ଦୌଡ଼ି ଆସିଲେ । ବିନୋଦ ସ୍ମିତାକୁ ପାଣିରେ ବୁଡ଼ିଯିବାରୁ ରକ୍ଷା କରିନେଲା । ଘରର ଅନ୍ୟମାନଙ୍କ ପ୍ରଚେଷ୍ଟାରେ ସେମାନଙ୍କୁ କୂଅରୁ ବାହାର କରାଗଲା । ସେତେବେଳକୁ ସ୍ମିତା ପୂରାପୂରି ଅଚେତ ହୋଇ ପଡ଼ିଥିଲା । ସଙ୍ଗେ ସଙ୍ଗେ ଏକ ଗାଡ଼ିରେ ସ୍ମିତାକୁ ଡାକ୍ତରଖାନାକୁ ନିଆଗଲା ।

ତହିଁ ପରଦିନ । ସ୍ମିତାକୁ ଦେଖିବାପାଇଁ ଡାକ୍ତରଖାନାକୁ ଯାଇଥାଏ ବିନୋଦ ପୁଅ ବୁଲୁ ସହିତ । ସ୍ମିତା କୋଠରିକୁ ପଶିଗଲାକ୍ଷଣି ସ୍ମିତା ଝରକାଆଡ଼କୁ ଅନାଇ ବସିଥାଏ । ବୁଲୁକୁ ଖଟ ଉପରେ ବସାଇ ଦେଉ ଦେଉ ବିନୋଦ କହିଲା, "ତୁମେ କ'ଣ ପାଇଁ ଯେ ଏତେବଡ଼ କାଣ୍ଡ କରି ବସିଲ ମୁଁ ବୁଝିପାରୁନି ସ୍ମିତା ! ତୁମେ ଆତ୍ମହତ୍ୟା କଲେ ମୋର ଓ ଏହି ଛୋଟ ପିଲାଟିର ଅବସ୍ଥା କ'ଣ ହେବ, ସେ ଆଡ଼କୁ ଟିକିଏ ଦୃଷ୍ଟି ଦେଇଛ ସ୍ମିତା ?"

"ମୁଁ ମରିଗଲେ ତୁମର ତ କିଛି କ୍ଷତି ହେବନି । ଆଉ ଗୋଟିଏ ବିବାହ କରିବ । ଠିକ୍ ଯେମିତି ତୁମ ପ୍ରଥମ ସ୍ତ୍ରୀର ମୃତ୍ୟୁ ପରେ ମୋତେ ବିବାହ କଲ ।"

"ତୁମେ ଏମିତି କ'ଣ କହୁଛ, ମୁଁ ବୁଝିପାରୁନି ସ୍ମିତା । ପ୍ରଥମ ସ୍ତ୍ରୀ, ଦ୍ୱିତୀୟ ସ୍ତ୍ରୀ, ଏମିତି କ'ଣ କହୁଛ ?"

"ଲୋକେତ ସେଇଆ କହୁଛନ୍ତି । ଆମ ଘରେ ତ ସେଇଆ ପ୍ରଚାରିତ ହୋଇଯାଇଛି । ମୁଁ ହେଉଛି ତୁମର ଦ୍ୱିତୀୟପକ୍ଷ ସ୍ତ୍ରୀ ।"

"ଆଁ, ତୁମେ ମୋ ଦ୍ୱିତୀୟପକ୍ଷ ସ୍ତ୍ରୀ ? ଏତେବଡ଼ ମିଛ କଥା ତୁମକୁ କିଏ କହିପାରିଲା ଶୁଣେ ।"

"ହେଉ, ତାହା ମିଛ ହେଲା । ବୁଲୁ ଯେ ତୁମ ନିଜ ପୁଅ, ଏହାକୁ କ'ଣ ତୁମେ ଅସ୍ୱୀକାର କରିବ ?"

"ଓଃ, କଥା ତାହାହେଲେ ଯାଇ ସେଠି ? ତୁମେ ଭାବୁଛ ବୁଲୁ ମୋ ନିଜ ପୁଅ ? କାହିଁକି ନା ସେ ମୋତେ ବାପା ବୋଲି ଡାକୁଛି । ତୁମର ଏହା ଏକ ବିରାଟ ଭୁଲ ସ୍ମିତା । ବୁଲୁ ମୋ ପୁଅ ନୁହେଁ କି ତୁମେ ମୋ ଦ୍ୱିତୀୟପକ୍ଷ ସ୍ତ୍ରୀ ନୁହଁ । ବୁଲୁ ପ୍ରକୃତରେ କିଏ, କହୁଛି ଶୁଣ ।

Digitized by srujanika@gmail.com

ଇଏ ମୋ ସାନଭଉଣୀ ଗୀତାର ପୁଅ । ମୋ ଭଉଣୀ, ଭିଣୋଇ ଓ ଏହାର ବଡ଼ଭାଇ ପଞ୍ଜାବର୍ଗ ଆତଙ୍କବାଦୀଙ୍କ ଦ୍ଵାରା ନିହତ ହେବାପରେ ଏଇ ପିଲାଟିର ଜନ୍ମ । ଏହି ପିଲାଟିର ମୋ ଛଡ଼ା ନିଜର ବୋଲି କେହି ନାହିଁ ଦୁନିଆରେ । ଯେଉଁମାନେ ଅଛନ୍ତି, ସେମାନେ ସମସ୍ତେ ଏହାର ଶତ୍ରୁ । ଏହାର ମା-ବାପା ନିହତ ହେବାର ଦେଢ଼ବର୍ଷ ପରେ ଏହାର ଜନ୍ମ । ଏହାର ଜନ୍ମ ଆମ ଦେଶରେ ନୁହେଁ । ଆମେରିକାରେ ଇଏ ଜନ୍ମ ହୋଇଛି । ଇଏ ମୋ ଭଉଣୀଭିଣୋଇଙ୍କ ନିଜ ପୁଅ, ତାଙ୍କ ବିରାଟ ସମ୍ପତ୍ତିର ଏକମାତ୍ର ଉତ୍ତରାଧିକାରୀ ।

ସ୍ୱାମୀ ଏସବୁ କ'ଣ କହି ଯାଉଛନ୍ତି ବୁଝି ନ ପାରି ତାଙ୍କୁ ବଲବଲ କରି ଅନାଇ ରହିଥାଏ ସ୍ମିତା । ବିସ୍ମୟରେ ସେ ଆହୁରି ଜଡ଼ ପାଲଟିଗଲାଣି ।

ସ୍ମିତାର ବିସ୍ମୟକୁ ଆହୁରି ବଢ଼େଇବାକୁ ନ ଦେଇ ବିନୋଦ ଆରମ୍ଭ କଲା, "ସିଏ ସାତ ଆଠ ବର୍ଷ ତଳର କଥା ସ୍ମିତା । ମୋ ସାନଭଉଣୀ ଗୀତାର ବିଭାଘର ହୋଇଥାଏ ଦିଲ୍ଲୀର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ନିକୁଞ୍ଜକିଶୋର ରାୟଙ୍କ ସହିତ । ଦିଲ୍ଲୀର ଜଣେ ବଡ଼ ମିଲ୍ ମାଲିକ ଓ କୋଟିପତି ଭାବରେ ସାରା ଦେଶରେ ଜଣାଶୁଣା । ଦିଲ୍ଲୀର ମେହେରଲ୍ଲିଠାରେ ତାଙ୍କର ରଜାନଅରଭଳି ବିରାଟ ନଅର ।

ତିନି

"ଗୀତା, ଗୀତା । ଶୁଣିଲ, ଶୁଣିଲ ।" ନିକୁଞ୍ଜବାବୁ ଡ୍ରଇଂରୁମ୍‌ରେ ଖବର କାଗଜ ପଢୁ ପଢୁ ନିଜ ସ୍ତ୍ରୀ ଗୀତାକୁ ଡାକ ପକାଇଲେ ।

"ହଁ, ହଁ, କ'ଣ କି ? ମୁଁ ଚା' ନେଇ ଯାଉଛି । ଏଇ ଗଲି ।" କିଚିନ୍‌ରୁ ଉତ୍ତରଦେଲା ଗୀତା ।

"ଏତେ ଲୋକ ଥାଉ ଥାଉ ତୁମେ କାହିଁକି ଯେ 'ଚା' କରିବାକୁ ଯାଇଛ ମୁଁ ବୁଝିପାରୁନି । ସେମାନେ ସବୁ କୁଆଡ଼େଗଲେ କି ?"

"କାହିଁକି ? ସେମାନେ ସବୁ ତ ଅଛନ୍ତି । ଜଳଖିଆ ତିଆରି କରୁଛନ୍ତି । ମୁଁ ତୁମ ପାଇଁ ଆଗ ଚା' କରି ନେଉଛି ।"

"ଚା' ଦରକାର ନାହିଁ, ତୁମେ ଏଆଡ଼େ ଆସିଲ ।"

"ଚା' କପ୍ ହାତରେ ଧରି ଗୀତା ଆସୁ ଆସୁ କହିଲା, "ହଠାତ୍ କ'ଣ ହେଲା କି ? ମୋତେ ଏଡ଼େ ପାଟିରେ ଡକରା ?"

Digitized by srujanika@gmail.com

"ଏଇ ଖବରକାଗଜରେ ବାହାରିଥିବା ଗୋଟାଏ ଖବର ପାଇଁ ଡାକୁଥିଲି ।"

ଚା' ପ୍ଲେଟ୍‌କୁ ଟି'ପୟ ଉପରେ ଥୋଉ ଥୋଉ ଗୀତା କହିଲା, "ଚା' ଟିକିଏ ନିଜ ହାତରେ ତିଆରି କରି ଆଣୁ ଆଣୁ ଏତେ ଡାକରା ?"

"ତୁମକୁ ଚା' କରିବାକୁ କିଏ କହିଲା ଶୁଣେ ?"

"କାହିଁକି ? ସେମାନେ ସବୁ ଜଳଖିଆ ତିଆରି କରୁଛନ୍ତି । ତେଣୁ ସେମାନେ ଚା' କଲେ ଜଳଖିଆ ତିଆରି ଡେରି ହୋଇଯିବ ଭାବି ମୁଁ ଆଗ ତୁମ ପାଇଁ ଚା' ଟିକିଏ ଘେନି ଆସିଲି । ଏଥିରେ କ'ଣ ହୋଇଗଲା ଯେ ?"

"ତୁମେ କିଚିନ୍‌କୁ ଯିବା କ'ଣ ଦରକାର କହିଲ ? ଚାକର, ଚାକରାଣୀ, ପୂଝାରୀ ଏତେଲୋକ ଥାଉ ଥାଉ ତୁମର ସେଠିକି ଯିବାର ଆବଶ୍ୟକତା କ'ଣ ?"

"ତୁମ ପାଇଁ ମୁଁ କ'ଣ କିଛି ଗୋଟାଏ କରିବିନି ? ଖାଲି ବସିଥିବି ?"

"ତୁମେ ରୋଷେଇଘରକୁ ଯାଇ ଏ ସବୁ କାମ କଲେ ତୁମର ଏ ଚମ୍ପକକଳିକା-ନିନ୍ଦୀ ଅଙ୍ଗୁଳି ରହିବଟି ? ରୋଷେଇଘରର ଧୂଆଁ ଓ ଗରମ ପବନ ବାଜିଲେ ତୁମର ଏହି ପଦ୍ମପଳାଶ-ନିନ୍ଦୀ ଢଳ ଢଳ ମୁଖମଣ୍ଡଳର କମନୀୟ କାନ୍ତି ଧ୍ୱଂସ ପାଇଯିବନି ଦିନ କେଇଟା ଭିତରେ ? ସାତହଜାର ଝିଅଙ୍କ ଭିତରୁ ଯାହାକୁ ସୌନ୍ଦର୍ଯ୍ୟ ପାଇଁ ଏତେ କଷ୍ଟରେ ବାଛିଥିଲି, ସେହି ସୌନ୍ଦର୍ଯ୍ୟ କ'ଣ ଏହି ରୋଷାଇଘରର ଆବଦ୍ଧ ଦୂଷିତ ବାୟୁ ଭିତରେ ଏମିତି ନଷ୍ଟ ହୋଇଯିବ ? ମୁଁ ତୁମକୁ କେତେ କଷ୍ଟରେ ଲାଭ କରିଛି ଜାଣ ?"

"କ'ଣ ଶିବଙ୍କ ଉପରେ ଲକ୍ଷେ ଚମ୍ପା ଚଢ଼ାଇ ନା ଆଉକିଛି କରି ?"

"ନା, ଗୀତା । ଶିବଙ୍କ ଉପରେ ଲକ୍ଷେ ଚମ୍ପା ଚଢ଼ାଇ ନୁହଁ, କମ୍ପ୍ୟୁଟର ଉପରେ ଲକ୍ଷେ ଚମ୍ପା ଚଢ଼ାଇ ।"

"ଆଁ, କମ୍ପ୍ୟୁଟର ଉପରେ ଲକ୍ଷେ ଚମ୍ପା ଚଢ଼ାଇ ?" ମୁଖରେ ଆଶ୍ଚର୍ଯ୍ୟର ଭାବ ଫୁଟାଇ ପଚାରିଲା ଗୀତା ।

"ହଁ ଗୀତା, କମ୍ପ୍ୟୁଟର ଉପରେ । ମୋତେ ବିଭା ହେବାପାଇଁ ଇଚ୍ଛୁକ ଥିବା ସାତହଜାର ଝିଅଙ୍କ ଭିତରୁ ତୁମକୁ ପରା ବାଛିଥିଲା କମ୍ପ୍ୟୁଟର, ମୋ ପତ୍ନୀ ଭାବରେ ।"

"କମ୍ପ୍ୟୁଟର ମୋତେ ବାଛିଲା, ତୁମ ପତ୍ନୀ ଭାବରେ ? ମୁଁ କିଛି ବୁଝିପାରୁନି, ତୁମେ କ'ଣ କହୁଛ ?"

"ହଁ ଗୀତା, ତୁମକୁ ମୋ ସ୍ତ୍ରୀ ଭାବରେ କମ୍ପ୍ୟୁଟର ବାଛିଛି ।"

Digitized by srujanika@gmail.com

"ଏହା କେମିତି ହେଲା ମୁଁ ବୁଝିପାରୁନି ।" କମ୍ପ୍ୟୁଟରର ଭୂମିକା ମୋତେ ଆହୁରି ଆଶ୍ଚର୍ଯ୍ୟ କରୁଛି ।

"ଦେଖ ଗୀତା, ବର-କନ୍ୟା ନିର୍ବାଚନରେ ସ୍ୱାମୀ-ସ୍ତ୍ରୀଙ୍କର ମନ ମିଳିବା ହେଲା ସବୁଠାରୁ ବଡ଼ କଥା । ମନ ଯଦି ଠିକ୍ ରୂପେ ନ ମିଳେ, ତେବେ ଅକାଳରେ ବିଚ୍ଛେଦ ଘଟେ । ଖାଲି ମନ ମିଳିଲେ ମଧ୍ୟ ହେବନି । ମନ ସହିତ ରୂପ, ଗୁଣ, ଉଚ୍ଚତା, ସ୍ୱାସ୍ଥ୍ୟ, ରକ୍ତ, ମିଜାଜ୍ ଆଦି ସବୁକିଛି ମେଳ ଖାଇବା କଥା । ଯାହାର ଏସବୁ ମିଳିଗଲା, ସେମାନେ ଆଦର୍ଶ ସ୍ୱାମୀ-ସ୍ତ୍ରୀ ହୋଇପାରିବେ । ମନେକର, ମନ ମିଳିଗଲା, ରକ୍ତ ଯଦି ନ ମିଳିଲା, ତେବେ ସାଂସାରିକ ଜୀବନ ସୁଖମୟ ହେବନି । ପିଲାପିଲି ହେବେନି । ହେଲେ ନାନାଦି ଦୁଃସାଧ୍ୟ ରୋଗ ହେବ । ଦି'ଜଣଙ୍କ ମିଜାଜ୍ ଯଦି ନ ମିଳିଲା, ତେବେ ସବୁ ଗଲା । ସୁଖର ସଂସାର ଭାଙ୍ଗି ଚୂନା ହୋଇଯିବ ।"

"ମନ ମିଳିଲା କି ନ ମିଳିଲା ଜଣାପଡ଼ିବ କେମିତି ?" ଗୀତା ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

"ହେଉ, ତୁମେ ଆଗ କହିଲ, ତୁମ ମନ ମୋ ମନ ସହିତ ମିଳୁଛି ନା ନାହିଁ ?"

"ମିଳିଲାଭଳି ତ ଜଣାପଡୁଛି । ହେଲେ ଏହା କେତେଦିନ ରହିବ କେଜାଣେ ? ପୁରୁଷଙ୍କ ମନରେ କ'ଣ ଠିକ୍ ଠିକଣା ଅଛି ଯେ, ଏହା ସବୁଦିନ ପାଇଁ ମିଳିକି ରହିଥିବ । ଭ୍ରମର ଜାତିତ, ସୁନ୍ଦର ଫୁଲ ପାଇଲେ ଫର୍‌କିନା ଉଡ଼ିଯିବେ ।"

"ଭ୍ରମର, ଫୁଲ, ଏସବୁ କ'ଣ କହୁଛ ? ଅତି ଗାଉଁଲିଆ କଥା ।"

"ତୁମ ପୁରୁଷମାନଙ୍କୁ ଆଉ କ'ଣ କୁହାଯାଇ ପାରିବ କହିଲ ? ତୁମେମାନେ ତ ଜାତିରେ ହେଲ ଭ୍ରମର ! କେତେବେଳେ କେଉଁଠିକି ଉଡ଼ିଯିବ, ତା'ର କ'ଣ ଠିକ୍ ଠିକଣା ଅଛି ?"

"ନା ଗୀତା, ଆମ ଦୁଇଜଣଙ୍କ ମନ ଅମେଳ ହେବାର ସମ୍ଭାବନା ନାହିଁ କି ଆମର ବିଚ୍ଛେଦ ହେବାର ଆଶଙ୍କା ମଧ୍ୟ ନାହିଁ । ଏହି ପଦ୍ଧତିରେ ବର୍ତ୍ତମାନ ପରା ଆମେରିକାରେ ବିଭାଘର ଚାଲିଲାଣି । ଏ ପର୍ଯ୍ୟନ୍ତ କେଉଁଠି ଅମେଳ ହେବାର ସୂଚନା ମିଳିନି । ଆମର ଅମେଳ ହେବ ବୋଲି ତୁମେ କାହିଁକି ଆଶଙ୍କା କରୁଛ ଶୁଣେ ? ଏଇଟା ପରା ଗୋଟାଏ ବୈଜ୍ଞାନିକ ପଦ୍ଧତି । ଏହାକୁ ଅବିଶ୍ୱାସ କଲେ କ'ଣ ଚଳିବ ?"

Digitized by srujanika@gmail.com

"ଏହି ମନ ମିଳା କେମିତି ହୁଏ ଟିକିଏ କହିଲ ? ଏଥିରେ କମ୍ପ୍ୟୁଟରର ଭୂମିକା ପୁଣି କ'ଣ ମୁଁ ଜାଣିପାରୁନି ।" ଗୀତା ପଚାରିଲା ।

"ଦୁଇଟି ମନ ମିଳାଯାଏ, ନିଜ ନିଜ ସମ୍ବନ୍ଧରେ କେତେଗୋଟି ପ୍ରଶ୍ନର ଉତ୍ତରରୁ । ଏହି ପ୍ରଶ୍ନଗୁଡ଼ିକ ତିଆରି ହୁଏ ଜଣେକ ଦକ୍ଷ ମନସ୍ତତ୍ତ୍ୱବିଦ୍‌ଙ୍କ ଦ୍ୱାରା । ତୁମେ ଓ ମୋ ବେଳେ କ'ଣ ହୋଇଥିଲା ଜାଣିଛ ? ଜଣେ ମନସ୍ତତ୍ତ୍ୱବିଦ୍ ଶହେଗୋଟି ପ୍ରଶ୍ନ ନେଇ ଏକ କୋଶ୍ଚେନାୟାର ତିଆରି କରିଥିଲେ । ଏହି କୋଶ୍ଚେନାୟାରରେ ଉତ୍ତର ଲେଖିବାପାଇଁ ତୁମ ସମେତ ବିଭିନ୍ନ ରାଜ୍ୟର ସାତହଜାର ଝିଅଙ୍କୁ ଦିଆଯାଇଥିଲା । ମନେ ପକାଇଲ ବିଭାଘର ପୂର୍ବରୁ ଏପରି ଏକ କୋଶ୍ଚେନାୟାର ପୂରଣ କରିଥିଲ କି ନାହିଁ ? ସେଥିସହିତ ମୋତେ ବି ଗୋଟିଏ ଦିଆଯାଇଥିଲା । ଏହି ଯେଉଁ ସାତହଜାର କୋଶ୍ଚେନାୟାର ଉତ୍ତର ମିଳିଲା, ତାକୁ ମିଳାଇ କେଉଁ ଉତ୍ତର ମୋ ଉତ୍ତର ସହିତ ଅଧିକ ମିଳୁଛି, ସାତହଜାର ଭିତରୁ ବାହାର କରିବା ମଣିଷ ପକ୍ଷରେ କଷ୍ଟକର । ତେଣୁ ଏଥିପାଇଁ ଗୋଟିଏ କମ୍ପ୍ୟୁଟରକୁ ଲଗାଗଲା । କମ୍ପ୍ୟୁଟର ଆଖିପିଛୁଳାକେ ଗଣନା କରି ବାହାର କରିଦେଲା କେଉଁଗୁଡ଼ିକ ସବୁଠାରୁ ଅଧିକ ମିଳୁଛି । ସେତେବେଳେ ସାତହଜାର ଝିଅଙ୍କ ଭିତରୁ ତୁମକୁ ମିଶାଇ ପାଞ୍ଚଶହ ଆଠଗୋଟି ଝିଅଙ୍କ ଉତ୍ତର ମୋ ଉତ୍ତର ସହିତ ମିଳିଥିଲା । ଏହା ହେଲା ମନ ମିଳା । ଖାଲି ତ ମନ ମିଳିଗଲେ ହେବନି । ମନ ସହିତ ରକ୍ତ, ଉଚ୍ଚତା, ସ୍ୱାସ୍ଥ୍ୟ, ବର୍ଣ୍ଣ, ରୂପ, ମିଜାସ ଆଦି ମିଳିବା କଥା । ଏଥିଭିତରୁ ଏସବୁ କାହା ସହିତ ଅଧିକ ମିଳୁଛି ବାଛିବା ପାଇଁ କମ୍ପ୍ୟୁଟରକୁ ପୁଣି ଲଗାଗଲା । କମ୍ପ୍ୟୁଟର ଏସବୁ ମିଳାମିଳି କରି ବାହାରକଲା ପାଞ୍ଚଗୋଟି ଝିଅ, ଯେଉଁମାନଙ୍କର ସବୁକିଛି ମୋ ସହିତ ମିଳି ଯାଉଥିଲା । ସେମାନଙ୍କ ଭିତରୁ ତମେ ଜଣେ ଥିଲ । ଏହି ପାଞ୍ଚଜଣ ଝିଅଙ୍କ ବିଭିନ୍ନ ପୋଜ୍‌ର ଫଟୋ ମୋତେ ଦିଆଗଲା ସେମାନଙ୍କ ଭିତରୁ ମୋ ମନଲାଖି କିଏ ବାଛିବା ପାଇଁ । ମୁଁ ବହୁତ ଚିନ୍ତାକରି ସେଥିଭିତରୁ ଗୋଟିକୁ ବାଛିଲି ଓ ସେହି ଗୋଟିଏ ହେଲ ତୁମେ ।"

"ମୋତେ ପାଇବା ପାଇଁ ତୁମେ ଏତେ କଷ୍ଟ କରିଛ ? ଏତେ ନ କରି ଜାତକ ମିଳାଇ ଦେଇଥିଲେ ତ ଛିଡ଼ି ଯାଇଥାନ୍ତା । ଏତେ ହଇରାଣ ହୋଇ ନ ଥାନ୍ତ ?"

"ଜାତକମିଳା ଅତି ପୁରୁଣାକାଳିଆ କଥା ଗୀତା । ଆଧୁନିକ ଯୁଗ ପାଇଁ ମୋଟେ ଠିକ୍ ନୁହେଁ । ଏଥିରେ ବୈଜ୍ଞାନିକପଦ୍ଧତି ବୋଲି କିଛି ନାହିଁ । ଏହା ପୂରାପୂରି ଏକ ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ । ସେହି ପଦ୍ଧତିରେ ଉପଯୁକ୍ତ ପାତ୍ର-ପାତ୍ରୀ ବାଛିବା ଆଧୁନିକ ଯୁଗ ପାଇଁ ମୋଟେ ଉପଯୋଗୀ ନୁହେଁ ।"

Digitized by srujanika@gmail.com

"ଓଃ, ସେଇଥିପାଇଁ ତୁମେ ମୋତେ ରୋଷାଇ ଘରକୁ ନ ଛାଡ଼ି ସ୍ୱର୍ଗର ଅପ୍ସରୀ କରି ରଖିବାକୁ ଚାହଁ ।"

"ନାଁ ଗୀତା, ସ୍ୱର୍ଗର ଅପ୍ସରୀ ନୁହେଁ, ତା'ଠାରୁ ଢେର୍ ବେଶି ।" ଏତକ କହି ନିକୁଞ୍ଜବାବୁ ଗୀତାକୁ ଟାଣିନେଲେ ନିଜ କୋଳକୁ । ସଙ୍ଗେ ସଙ୍ଗେ ତାଙ୍କ ମୁହଁ ପାଖେଇ ଆସିଲା ଗୀତାର ମୁହଁ ପାଖକୁ ମିଳନ ଆଶାରେ ।

"ହାଁ, ହାଁ, ଏ କ'ଣ କରୁଛ ଯେ ? କିଏ ଯଦି ଚାଲି ଆସିବ କ'ଣ ଭାବିବ କହିଲ ?"

"କେହି କିଛି ଭାବିବେନି । ଏହା ତୁମ ମନର ବିକାର । ତୁମେ ଆଉ ମୁଁ ଘର ଭିତରେ ଅଛୁ ଜାଣି କେହି ବିନାନୁମତିରେ ହଠାତ୍ ପଶି ଆସିବେନି ଏ ଘର ଭିତରକୁ ?"

"ତେଣେ ଚା' ଥଣ୍ଡା ହୋଇଗଲାଯେ ? ଏତେ କଷ୍ଟରେ ଚା' କରି ଆଣିଥିଲି । ଚୁମ୍ୱନଟି ମୋ ଆଡ଼କୁ ନ ବଢ଼ାଇ ତା ଆଡ଼କୁ ବଢ଼ାଇ ଦେଇଥିଲେ ମୋ ଶ୍ରମ କେତେ ସାର୍ଥକ ହୋଇଥାନ୍ତା କହିଲ ?"

ଚାରି

ନିକୁଞ୍ଜବାବୁଙ୍କ ଆୟା ଶର୍ମିଷ୍ଠା ଡ୍ରଇଂରୁମ୍ ଭିତରକୁ ପଶିଆସି ଖବର ଦେଲା, "ସାର୍, ସୁଜିତ୍‌ବାବୁ ଆସିଛନ୍ତି । ତାଙ୍କୁ ଭିତରକୁ ଡାକି ଆଣିବି ?"

"କିଏ, ସୁଜିତ୍ ଆସିଛି ? ତୁ ଏଡ଼ିକି ହୁଣ୍ଡୀଟିଏ, ତାଙ୍କୁ ଭିତରକୁ ନ ଡାକି ବାହାରେ ଠିଆ କରାଇଦେଇ ମୋତେ ପଚାରିବାକୁ ଆସିଛୁ ? ଯା, ଶୀଘ୍ର ଡାକିଆଣ । ସିଏ ଏ ଘରେ ନୂଆ ନା କଅଣ ? ତୁ କ'ଣ ଚିହ୍ନିନୁ ତାଙ୍କୁ ?" ନିକୁଞ୍ଜବାବୁ ଟିକିଏ ବିରକ୍ତ ହେଲାଭଳି କହିଲେ ।

"ସୁଜିତ୍‌ବାବୁ ଢେର୍ ଦିନ ପରେ ଆମ ଘରକୁ ଆସୁଛନ୍ତି ।" ଗୀତା ଉଠିପଡ଼ି କହିଲା, "ମୁଁ ଯାଏ, ତାଙ୍କ ପାଇଁ ଚା' ପଠାଇଦିଏ । କ'ଣ ଏକ ଜରୁରୀ କାମ ପାଇଁ ଆସିଛନ୍ତି ବୋଧେ ?"

ସୁଜିତ୍‌ବାବୁଙ୍କୁ ଡ୍ରଇଂରୁମ୍ ଭିତରକୁ ପଶି ଆସିବା ଦେଖି ନିକୁଞ୍ଜବାବୁ ପାଟି କରି ଉଠିଲେ । "ଆରେ, ସୁଜିତ୍ ଯେ ? ଆସ, ଆସ । ଅନେକଦିନ ପରେ ଦେଖା । କ'ଣ ହୋଇଥିଲା ତୁମର ? ଦେଖା ନ ଥିଲା କାହିଁକି ? କାରବାର କେମିତି ଚାଲିଛି ଭାଇ ?"

Digitized by srujanika@gmail.com

ସୁଜିତ୍‌ବାବୁଙ୍କୁ ଚିନ୍ତାମଗ୍ନ ଦେଖି ନିକୁଞ୍ଜବାବୁ ହଠାତ୍ ବିବ୍ରତ ହୋଇପଡ଼ି ପଚାରିଲେ, "କ'ଣ ହେଲା ସୁଜିତ୍ ? ଏମିତି ମୁହଁ ଶୁଖାଇ ଆସିଛ ଯେ ? କ'ଣ କିଛି..."

"ହଁ ଭାଇ, ସେମିତି କିଛି ନ ହୋଇଥିଲେ ତୁମ ପାଖକୁ ଏ ଅବେଳଟାରେ ଆସିଥାନ୍ତି କାହିଁକି ? ମୁଁ ବଡ଼ ହଇରାଣରେ ପଡ଼ିଯାଇଛି ନିକୁଞ୍ଜ ।"

"କ'ଣ ହୋଇଛି କହୁନ ଯେ ?" ସୋଫାରେ ଟିକିଏ ସଳଖ ହୋଇ ବସି ପଚାରିଲେ ନିକୁଞ୍ଜବାବୁ ।

"ଆଉ କ'ଣ କହିବି ଭାଇ ? ତୁମେତ ଜାଣିଛ ସ୍ନିଗ୍ଧା ଆଜକୁ ଦଶବର୍ଷ ହେଲା ଆମ ଘରକୁ ବୋହୂ ହୋଇ ଆସିଲାଣି । ଗୋଟିଏ ବି ପିଲାର ସେ ମା' ହୋଇପାରିନି । ଡାକ୍ତରମାନେ ପରୀକ୍ଷାକରି କହି ସାରିଲେଣି ତା'ର ମା' ହେବାର ସୌଭାଗ୍ୟ କେବେ ଆସିବନି । ତା' ପେଟରେ ଯେଉଁ ଫେଲୋପିଆନ୍ ନଳୀ ଅଛି, ଯାହାଦେଇ ଗର୍ଭକୋଷରୁ ଡିମ୍ବାଣୁ ଜରାୟୁକୁ ଆସେ, ତାହା ସ୍ରଷ୍ଟାଙ୍କ ଭ୍ରମବଶତଃ ଗୋଟିଏ ଜାଗାରେ ବନ୍ଦ ହୋଇ ଯାଇଛି । ତେଣୁ ଏହା ମଧ୍ୟଦେଇ ଡିମ୍ବାଣୁ ଗର୍ଭାଶୟକୁ ଆସିବା ସମ୍ଭବ ନୁହେଁ । ଏ ପରିସ୍ଥିତିରେ ସେ ଅନ୍ତଃସତ୍ତ୍ୱା ହେବ କେମିତି ? ଖାଲି ସେତିକି ହୋଇଥିଲେ ଅସୁବିଧା ନ ଥିଲା । ଭାରତରେ ଏବେ ହେଉଥିବା ଟେଷ୍ଟ୍‌ଟିଉବ୍ ବେବି ପଦ୍ଧତି ଅନୁସରଣ କରି ସ୍ନିଗ୍ଧା ଅନ୍ତଃସତ୍ତ୍ୱା ହୋଇପାରିଥାନ୍ତା । କିନ୍ତୁ ତା'ର ଜରାୟୁ ଅସ୍ୱାଭାବିକ ଭାବେ ଛୋଟ ହୋଇଥିବାରୁ ସେଥିରେ କୌଣସି ଶିଶୁ ରହି ବଢ଼ିବା ସମ୍ଭବ ନୁହେଁ । ତେଣୁ ସ୍ନିଗ୍ଧାର ଭାଗ୍ୟରେ ମା' ହେବାର କୌଣସି ସମ୍ଭାବନା ନାହିଁ ।"

"ହଁ, ତା ତ ମୁଁ ଜାଣେ ତୁ ପରା ସେଥର କହିଥିଲୁ । ସେଥିପାଇଁ ତୋତେ କହିଥିଲି ଆମେରିକାର କୌଣସି ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବାପାଇଁ । ତୁ କରିଥିଲୁ ନା ନାହିଁ ?"

"ହଁ, କରିଥିଲି । ସେମାନେ ଚାହୁଁଛନ୍ତି ସ୍ନିଗ୍ଧାକୁ ଆମେରିକାରେ ଆଉ ଥରେ ପରୀକ୍ଷା କରିବା ପାଇଁ । ସେମାନଙ୍କ ମତ, ଭାରତୀୟ ଡାକ୍ତରମାନଙ୍କ ପର୍ଯ୍ୟବେକ୍ଷଣ ଯଦି ଠିକ୍ ହୋଇଥାଏ, ତେବେ 'ସରୋଗେଟ୍ ମା' ପଦ୍ଧତି ଅନୁସରଣ କରି ସ୍ନିଗ୍ଧା ଅନ୍ତଃସତ୍ତ୍ୱା ନ ହୋଇ ମଧ୍ୟ ପିଲାର ମା ହୋଇପାରିବ । ସେଥିପାଇଁ ସ୍ନିଗ୍ଧାକୁ ଆମେରିକା ଯିବାକୁ ପଡ଼ିବ । ସେମାନେ ଯାହା କହୁଛନ୍ତି, ତାହା କ'ଣ ସମ୍ଭବ ନିକୁଞ୍ଜ ? ସ୍ନିଗ୍ଧା ଅନ୍ତଃସତ୍ତ୍ୱା ହେବନି, ଅଥଚ ନିଜ ପିଲାର ମା ହୋଇ ପାରିବ ?"

"ହଁ, ମୁଁ ତ ମୂଳରୁ ତୋତେ ସେହିକଥା କହିଥିଲି, ତୋର କ'ଣ ମନେ ନାହିଁ ? ବୋମ୍ବେର ମୋ ସାଙ୍ଗ ଶେଠ୍ ଲକଡ଼ିୱାଲାର ପିଲାପିଲି ହେଉ ନ

Digitized by srujanika@gmail.com

ଥିଲା । ସେ ତା'ର ସ୍ତ୍ରୀକୁ ଆମେରିକା ନେଇ ସେଠାରେ ଏହି ପଦ୍ଧତିରେ ପୁଅଟିଏ ପରା କରାଇ ଆଣିଛି । ଏହି ସରୋଗେଟ୍ ମା' ପଦ୍ଧତି ବହୁ ନିଃସନ୍ତାନ ବାପ ମା'ଙ୍କୁ ସନ୍ତାନ ଦେଇପାରିଛି ସୁଜିତ୍ । ତୋର ଏଥିରେ ସନ୍ଦେହ କରିବାର କିଛି ନାହିଁ । ଏହା ପୂରାପୂରି ଏକ ବିଜ୍ଞାନସମ୍ମତ ବାସ୍ତବ ପଦ୍ଧତି, ତୋର ଶୀଘ୍ର ଏହାର ସାହାଯ୍ୟ ନେବା ଉଚିତ୍ ।''

''ଆରେ ଭାଇ, ତୁ ସିନା କହିଦେଉଛୁ, ମୋତେ କାହିଁକି କେମିତିକା କେମିତିକା ଲାଗୁଛି । ସତରେ କ'ଣ ଏହି ପଦ୍ଧତିରେ ସ୍ନିଗ୍ଧା ନିଜ ସନ୍ତାନର ମା' ହୋଇପାରିବ ? ଏହି ବିଷୟରେ ଭଲ ଭାବରେ ବୁଝିବା ପାଇଁ ସିଗ୍ଧା ମୋତେ ତୋ ପାଖକୁ ପଠାଇଛି ।''

''ଆରେ, ଏଥିରେ ବୁଝିବାର କ'ଣ ଅଛି ? ଏହା ଶତକଡ଼ା ଶହେଭାଗ ସଫଳ ପଦ୍ଧତି । ଆଖିବୁଜି ଆମେରିକା ପଳାଇବା କଥା ।''

''ଆରେ, ଏଥିରେ ଅକୃତକାର୍ଯ୍ୟ ହେବାର ସମ୍ଭାବନା ମୋଟେ ନାହିଁ ତ ?''

''ନା, ସୁଜିତ୍ । କହିଲିପରା, ଏଥିରେ କୃତକାର୍ଯ୍ୟତାର ପରିମାଣ ଶହେରୁ ଶହେ । ଏହି ପଦ୍ଧତି ପ୍ରତି ସନ୍ଦେହ କରିବାର କିଛି ନାହିଁ । ତେବେ ଆମେରିକାର ସରୋଗେଟ୍ ମା' ପଦ୍ଧତିର ସାହାଯ୍ୟ ନେବା ପୂର୍ବରୁ ସରୋଗେଟ୍ ମା' ସହିତ କାଗଜପତ୍ରରେ ସବୁ ଠିକ୍ ଭାବରେ ଲେଖାପଢ଼ି କରିସାରି ଆଗେଇବା ଦରକାର । କାଗଜପତ୍ର ଠିକ୍ ନ ଥିଲେ ହଇରାଣ ହୋଇଯିବା କଥା ।''

''ଆଁ, ହଇରାଣ ହୋଇଯିବା କଥା ? ତୁ କ'ଣ କହୁଛୁ, ମୁଁ ବୁଝିପାରୁନି ନିକୁଞ୍ଜ । ଟିକିଏ ବୁଝେଇକରି କହ ।''

''ତୁ ତ ଜାଣିଛୁ ସୁଜିତ୍, ତୁମର ଯେଉଁ ପିଲାଟି ହେବ, ସେ ପିଲାଟି ସ୍ନିଗ୍ଧା ଜରାୟୁରେ ନ ବଢ଼ି ସରୋଗେଟ୍ ମା' ଜରାୟୁରେ ବଢ଼ିବ । ସରୋଗେଟ୍ ମା' ତ ମାର୍କିନ ଯୁବତୀ । ତା ସହିତ ଯଦି ଆଗରୁ ଠିକ୍ ଭାବରେ କାଗଜପତ୍ରରେ ଲେଖାପଢ଼ା ହୋଇ ନ ଥିବ, ତେବେ ସେ ବେଳେବେଳେ ଫାଙ୍କି ଦେଇପାରେ ଯେ, ତୁମ ପିଲାକୁ ସେ ତା' ଜରାୟୁରେ ବହନ କରୁଛି ବୋଲି । ମୂଳରୁ ପାରିଶ୍ରମିକ କେତେ ନେବ ଠିକ୍ ହୋଇ ଲେଖାପଢ଼ି ହୋଇ ନ ଥିଲେ ପିଲା ପ୍ରସବ କରିସାରି ତୁମକୁ ଦେଲାବେଳକୁ ଅଧିକ ପାରିଶ୍ରମିକ ଦାବି କରି ବସିବ ।''

''ଆଁ, ଏମିତି ହୋଇପାରେ ?''

''ହଁ, ନ ହେବ କାହିଁକି ? ସେମାନଙ୍କ ଦେଶରେ ସେମାନଙ୍କ ଲୋକଙ୍କ ସହିତ ଯେତେବେଳେ ହେଉଛି, ଆମେ ତ ବିଦେଶୀ, ଆମ ସହିତ ସେମିତି

Digitized by srujanika@gmail.com

ନ ହେବ କାହିଁକି ? ଶୁଣିବୁ, ନିଉୟର୍କ ନିକଟବର୍ତ୍ତୀ ନିଉଜେର୍ସିରେ କ'ଣ ହେଲା ? ସେଠାର ଜଣୈକା ସ୍ତ୍ରୀ ଲୋକ ଜଣେ ଧନୀଲୋକର ପିଲାପାଇଁ ସରୋଗେଟ୍ ମା' ହେଲା । ମୂଳରୁ ସ୍ତ୍ରୀଲୋକଟି ନିଃସନ୍ତାନା । ତେଣୁ ଗର୍ଭରେ ଧାରଣ କରିଥିବା ପିଲାଟି ପ୍ରତି ତା'ର ଲୋଭ ହେଲା । ପ୍ରସବ ପରେ ପୁଅଟିଏ ହେବାରୁ ସେ ତାକୁ ଧନୀଲୋକକୁ ନ ଦେଇ ନିଜ ଘରକୁ ନେଇ ପଳାଇଲା । ପୂର୍ବରୁ କିଛି ଲେଖାପର୍ନ୍ତି ହୋଇ ନ ଥିବାରୁ କୋର୍ଟ କିଛି ସାହାଯ୍ୟ କରି ପାରିଲାନି ।

"ଆଁ, ଏମିତି ହେଲେ ତ ଆହୁରି ବିପଦ ।' ସୁଜିତ୍ କହିଲା ।

"ଖାଲି କ'ଣ ସେତିକି ?" ଆଉ ଗୋଟିଏ ଜାଗାରେ କ'ଣ ହେଲା ଶୁଣିବୁ ?

ପିଲା ପ୍ରସବପରେ ସରୋଗେଟ୍ ମା' ପିଲାର ବାପା ବିରାଟ ଧନୀଲୋକ ବୋଲି ଜାଣି ଦାବି କଲା ଅଢ଼େଇ ଲକ୍ଷ ଡଲାର । ମୂଳରୁ ମୌଖିକ ଭାବରେ ଚୁକ୍ତି ହୋଇଥିଲା ପଚିଶହଜାର ଡଲାର । ଅଢେଇଲକ୍ଷ ଡଲାର ନ ପାଇଲେ ସେ ପିଲାଟିକୁ ହସ୍ତାନ୍ତର କରିବାକୁ ଅମଙ୍ଗ ହେଲା । ଆଗରୁ ତ କିଛି ଲେଖାପଢ଼ା ହୋଇ ନ ଥିଲା । ସରୋଗେଟ୍ ମା' ଏତେ ଅଧିକ ଦାବି କରିବାରୁ ବାଧହୋଇ ଧନୀଲୋକଟି ସେତକ ଅର୍ଥ ଦେଇ ପିଲାଟିକୁ ସରୋଗେଟ୍ ମା'ଠାରୁ ମୁକୁଳାଇଲେ । ଏହିଭଳି କେତୋଟି ଘଟଣା ବିଭିନ୍ନ ସମୟରେ ଘଟିଯାଇଥିବାରୁ ମୁଁ ତୋତେ ଆଗତୁରା ସାବଧାନ କରି ଦେଉଛି ସୁଜିତ୍ । ତୁ ଆଗ କାଗଜପତ୍ରରେ ଠିକ୍ ଭାବରେ ଲେଖାପଢ଼ା କରାଇନେଇ ସରୋଗେଟ୍ ମା'ର ସାହାଯ୍ୟ ନେବୁ, ନଚେତ୍ ହଇରାଣ ହୋଇଯାଇପାରୁ ।

"ହଁ ଭାଇ, ତୁ ଠିକ୍ କଥା କହିଚୁ । ମୁଁ ଆଗ ଆମେରିକା ଗଲେ ଗୋଟିଏ ଓକିଲର ସାହାଯ୍ୟ ନେଇ ଡାକ୍ତରଙ୍କ ସାମନାରେ ସରୋଗେଟ୍ ମା' ସହିତ କାଗଜ କଲମରେ ଚୁକ୍ତି ଆଦି କରାଇନେବି ।"

"ତା'ହେଲେ ତୁମେସବୁ କେବେ ଆମେରିକା ଯାଉଛ ଶୁଣେ ? ପାସ୍‌ପୋର୍ଟ ଓ ଭିସା ଆଦି ସବୁ ହୋଇଗଲାଣି ତ ?"

"ହଁ ଭାଇ, ସେସବୁ ହୋଇଯାଇଛି । ଆସନ୍ତା ରବିବାର ଦିନ ଆମେ ଦିଲ୍ଲୀ ଛାଡୁଛୁ । ସୋମବାର ଦିନ ନିଉୟର୍କରେ ଡାକ୍ତରଙ୍କ ସହିତ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।"

"କୁଆଡ଼େ ବାହାରୁଛନ୍ତି ସୁଜିତ୍‌ବାବୁ ?" ପଚାରୁ ପଚାରୁ ବୈଠକଖାନା ଭିତରକୁ ପଶି ଆସିଲା ଗୀତା ।

"ସୁଜିତ୍, ଆମେରିକା ଯାଉଛି ଗୀତା । ତା ସହ ତୁମ ସଙ୍ଗିନୀ ସ୍ନିଗ୍ଧା ବି ।"

Digitized by srujanika@gmail.com

"ହଠାତ୍ ଆମେରିକା ? ପୁଣି ଏକ ସଙ୍ଗେ ଦି'ଜଣ ?"

"ହଁ ଗୀତା, ତୁମେ ତ ଜାଣିଛ ସ୍ନିଗ୍ଧାର ପିଲାଛୁଆ ହେଉ ନାହାନ୍ତି । ଆମେରିକା ଯାଇ ସରୋଗେଟ୍ ମା'ର ସାହାଯ୍ୟ ନେଇ ଯଥାରୀତି ଚିକିତ୍ସା ନ କଲେ ସେ ପିଲା ମୁଖ ଦେଖିପାରିବନି । ଆମେରିକା ଡାକ୍ତରଙ୍କ ଉପଦେଶରେ ସେମାନେ ଆମେରିକା ଯାଉଛନ୍ତି । ସେମାନଙ୍କ ଫ୍ଲାଇଟ୍ ଆସନ୍ତା ରବିବାର ।"

"ବାଃ, ଭାରି ବଢ଼ିଆ ହେଲା । ଆପଣମାନେ ଶୀଘ୍ର ଆମେରିକା ଯାଇ ଫେରି ଆସନ୍ତୁ । ସ୍ନିଗ୍ଧା କୋଳରେ ପିଲାଟିଏ ଦେଖିଲେ ମୁଁ ଖୁବ୍ ଖୁସି ହେବି ସୁଜିତ୍‌ବାବୁ । ଭଗବାନ୍ ତାକୁ ପୁଅଟିଏ ଦିଅନ୍ତୁ, ଏହା ମୋର ଦୟାମୟଙ୍କଠାରେ ସବୁବେଳେ ପ୍ରାର୍ଥନା ।"

ସୁଜିତ୍‌ବାବୁ ଚାଲିଗଲାପରେ ଗୀତା ପଚାରିଲା, "ତୁମେ କହିଲ ଯେ, ସରୋଗେଟ୍ ମା' ପଦ୍ଧତିରେ ସ୍ନିଗ୍ଧାର ପିଲା ଆମେରିକାରେ ହେବ । ସରୋଗେଟ୍ ମା' ପଦ୍ଧତି କଅଣ ? ସରୋଗେଟ୍ ମା' ତୁମେ କାହାକୁ କହୁଛ ?"

"ତୁମେ ଜାଣିନ ? ଆମେ ଯାହାକୁ ଧାଈମା କହୁ, ସେ ହେଲା ସରୋଗେଟ୍ ମା' ।" ଧାଈମା ଠିକ୍ ନୁହେଁ । ସେହିଭଳି—

"ପିଲାର ଯେ ଲାଳନପାଳନ କରେ, ସେ ପରା ଧାଈମା । କିନ୍ତୁ ଏ କ'ଣ ସେଇଆ ?"

"ସରୋଗେଟ୍ ମା' ତା'ଠାରୁ ଟିକିଏ ଅଧିକ । ସେ ଖାଲି ଲାଳନପାଳନ କରେ ନାହିଁ, ପିଲାକୁ ଜନ୍ମଦିଏ ମଧ୍ୟ ।"

"ଆଁ, ଜନ୍ମ ଦିଏ ? କ'ଣ ଯେ କହୁଛ, ମୁଁ କିଛି ବୁଝି ପାରୁନି । ମା'ତ ଜନ୍ମଦେବ ପିଲାକୁ, ଏ ଧାଈମା ଜନ୍ମ ଦେବ କୁଆଡୁ ?"

"ନା ଗୀତା, ଇଏ ଏକ ନୂଆ ପ୍ରକାର ବ୍ୟବସ୍ଥା । ପାଶ୍ଚାତ୍ୟଦେଶର ଅତ୍ୟାଧୁନିକା ନାରୀମାନେ ଆଜିକାଲି ସୌନ୍ଦର୍ଯ୍ୟହାନି ହେବ ବୋଲି ନିଜ ନିଜର ଭାବି ସନ୍ତାନଙ୍କୁ ଗର୍ଭରେ ଧାରଣ କରିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଏହି ସରୋଗେଟ୍ ମା'ମାନେ ସେ କାମଟିକୁ ସେମାନଙ୍କ ପାଇଁ ସମ୍ପାଦନ କରୁଛନ୍ତି ।"

"ଇଏ ପୁଣି ଗୋଳମାଳିଆ କଥା, ମୁଁ କିଛି ବୁଝିପାରୁନି । ସତେ ଯେମିତି ମୋ ମୁଣ୍ଡରେ ସବୁକିଛି ଗୋଳମାଳ ହୋଇଯାଉଛି । ପିଲାର ମା' ନିଜ ପିଲାଟିକୁ ଗର୍ଭରେ ଧାରଣ ନ କରି ସେ ପିଲାଟିକୁ ଆଉଜଣେ ସ୍ତ୍ରୀଲୋକ ତା ଗର୍ଭରେ ଧାରଣ କରିବ କିପରି ? ଇଏ କେମିତିକା କଥା ? ଇଏତ ଏକ ଅନୈତିକ କଥା ।"

Digitized by srujanika@gmail.com

"ଏହା ମୋଟେ ଅନୈତିକ ନୁହେଁ । ମୁଁ ତୁମକୁ ସବୁ କଥା ବୁଝାଇ କହୁଛି ଶୁଣ । ପାଶ୍ଚାତ୍ୟ ଦେଶମାନଙ୍କରେ ଆଜିକାଲି ବହୁ ଅତ୍ୟାଧୁନିକା ଲଳନା ନିଜ ପିଲାର ମା' ହେବା ପାଇଁ ଆଗ୍ରହୀ, କିନ୍ତୁ ପିଲାଟିକୁ ଦଶମାସ କାଳ ଗର୍ଭରେ ଧାରଣ କରି ଗର୍ଭଧାରଣ କଷ୍ଟ ଭୋଗ କରିବାକୁ ପ୍ରସ୍ତୁତ ନୁହନ୍ତି । ଗର୍ଭଧାରଣରେ ଯେଉଁ କଷ୍ଟ, ବାହାରକୁ ବୁଲିଯିବାରେ ଯେଉଁ ଅସୁବିଧା, ଘରେ ଚଳାଚଳିରେ ଯେଉଁ ବ୍ୟାଘାତ, ପୁଣି ଦଶମାସ ପରେ ପିଲାକୁ ଜନ୍ମ ଦେଲାବେଳେ ଯେଉଁ ମରଣାନ୍ତକ ପ୍ରସବ କଷ୍ଟ, ଏସବୁକୁ ସହ୍ୟ କରିବାକୁ ଆଧୁନିକା ମାର୍କିନ୍ ନାରୀମାନେ ମୋଟେ ପ୍ରସ୍ତୁତ ନୁହନ୍ତି । ସେମାନେ ଚାହାନ୍ତି ବାପ ଯେମିତି ବିନା କଷ୍ଟରେ ପିଲାର ବାପ ହୋଇପାରୁଛି, ସେମାନେ ମଧ୍ୟ ସେହିଭଳି ବିନା କଷ୍ଟରେ ପିଲାର ମା' ହେବେ । ସେଥିପାଇଁ ସେ ଦେଶରେ ଗୋଟିଏ ଦମ୍ପତିର ପିଲାକୁ ଗର୍ଭରେ ଧାରଣ କରୁଛି ଆଉଜଣେ ସ୍ତ୍ରୀଲୋକ । ସେ ଦଶମାସର ସବୁ କଷ୍ଟ, ପ୍ରସବ ବେଦନା ଭୋଗ କରି ପିଲାଟିକୁ ଜନ୍ମ ଦେଉଛି । ଏଇ କଷ୍ଟ ବାବଦକୁ ସେ ଦମ୍ପତିଠାରୁ ପାଉଛି ଏକ ମୋଟା ପାରିଶ୍ରମିକ । ସେଇ ସ୍ତ୍ରୀଟି ହେଉଛି ପିଲାଟିର ସରୋଗେଟ୍ ମା ।"

"ଏମିତି କ'ଣ ପ୍ରକୃତରେ ହୋଇପାରୁଛି ? ମୁଁ ସତରେ ଧାରଣା କରିପାରୁନି ।"

"ହଁ, ଗୀତା, ହୋଇପାରୁଛି । ତୁମେ ତ ଜାଣିଛ ଟେଷ୍ଟ୍‌ଟିଉବ ବେବି କଥା । ଜାଣିଛଟି ?"

"ହଁ, ଜାଣିଛି ।"

"ଟେଷ୍ଟ୍‌ଟିଉବ୍ ବେବି ଯାହା, ଇଏ ପ୍ରାୟ ସେଇଆ । ତଫାତ୍ ଖୁବ୍ କମ୍ ।"

"କେମିତି ?"

"ଟେଷ୍ଟ୍‌ଟିଉବ୍ ବେବି ପଦ୍ଧତିରେ କ'ଣ ହୁଏ ଜାଣ ? ଯେଉଁ ସ୍ତ୍ରୀ ଲୋକର ଫେଲୋପିଆନ୍ ନଳୀ କି ଆଉ କେଉଁଠି କିଛି ଅସୁବିଧା ଥାଏ, ସ୍ତ୍ରୀଟି ଅନ୍ତଃସତ୍ତ୍ୱା ହୋଇପାରେନି । ତା'ର ଗର୍ଭକୋଷ ଓ ଗର୍ଭାଶୟ ଠିକ୍ ଥିଲେହେଁ ଏହି ଅସୁବିଧା ଯୋଗୁଁ ସେ ବନ୍ଧ୍ୟାନାରୀ ଭାବରେ ପରିଗଣିତ ହୁଏ । ସେସବୁ ଜାଗାରେ ଏଇ ଟେଷ୍ଟ୍‌ଟିଉବ୍ ବେବି ପଦ୍ଧତିର ସାହାଯ୍ୟ ନିଆଯାଇ ସ୍ତ୍ରୀ ଲୋକଟିକୁ ଅନ୍ତଃସତ୍ତ୍ୱା କରାଯାଇ ପିଲାର ମା' କରା ହୋଇପାରୁଛି । ସେ କ୍ଷେତ୍ରରେ କ'ଣ କରାଯାଉଛି ଜାଣ ? ପ୍ରଥମତଃ, ସ୍ତ୍ରୀଟିର ଗର୍ଭକୋଷରେ ଅସ୍ତ୍ରୋପଚାର କରି ପରିପକ୍ୱ ଡିମ୍ବାଣୁଟିଏ ବାହାର କରାଯାଉଛି । ତାକୁ ଏକ ଯନ୍ତ୍ର ଭିତରେ ଥୋଇ ବାପର ଶୁକ୍ରାଣୁ ଦ୍ୱାରା ନିଷିକ୍ତ କରାଯାଉଛି । ତତ୍‌ପରେ ଏହି ନିଷିକ୍ତ ଡିମ୍ବାଣୁଟିକୁ ସ୍ତ୍ରୀର ଗର୍ଭାଶୟରେ

Digitized by srujanika@gmail.com

ସ୍ଥାପନା କରାଯାଉଛି । ଏହାଫଳରେ ଅନ୍ତଃସତ୍ତ୍ୱା ହୋଇପାରୁ ନ ଥିବା ସ୍ତ୍ରୀଲୋକଟି ଅନ୍ତଃସତ୍ତ୍ୱା ହୋଇ ଗର୍ଭଧାରଣ କରି ପାରୁଛି । ଦଶମାସ ଗର୍ଭଧାରଣ ପରେ ସେ ଯେଉଁ ଶିଶୁଟିକୁ ଜନ୍ମ ଦେଉଛି, ତାକୁ ହିଁ କୁହାଯାଉଛି ଟେଷ୍ଟ୍‌ଟିଉବ୍ ବେବି ।

କିନ୍ତୁ ଏଠି ଅବଶ୍ୟ ଟିକିଏ ଅଲଗା ପଦ୍ଧତି ଅନୁସାରେ କରାଯାଏ । ନିଷିକ୍ତ ଡିମ୍ବାଣୁଟିକୁ ମା'ର ଗର୍ଭାଶୟରେ ସ୍ଥାପନା କରା ନ ଯାଇ ଆଉଜଣେ ସୁସ୍ଥ ସ୍ତ୍ରୀଲୋକ ଜରାୟୁରେ ସ୍ଥାପନା କରାଯାଏ । ଫଳରେ ପିଲାର ପ୍ରକୃତ ମା' ଗର୍ଭବତୀ ନ ହୋଇ ଆଉଜଣେ ଅଲଗା ସ୍ତ୍ରୀଲୋକ ଗର୍ଭବତୀ ହୁଏ । ଦଶମାସର ସମସ୍ତ ଦୁଃଖକଷ୍ଟ, ଅସୁବିଧା ସେ ଭୋଗ କରେ । ଦଶମାସ ପରେ ସେ ଶିଶୁଟିକୁ ଜନ୍ମ ଦିଏ । ସେଇ ହେଉଛି ଶିଶୁଟିର ସରୋଗେଟ୍ ମା' । ଜନ୍ମିତ ଶିଶୁଟି ଉପରେ ସରୋଗେଟ୍ ମା'ର କିଛି ଅଧିକାର ନ ଥାଏ । ସେ ପ୍ରସବ ପରେ ପିଲାଟିକୁ ବାପା ମା'ଙ୍କୁ ଦେଇ ତା ପାରିଶ୍ରମିକ ନେଇ ଚାଲିଯାଏ । ଯେଉଁ ମା'ର ଡିମ୍ବାଣୁରୁ ପିଲାଟି ଜନ୍ମ ହୁଏ, ସେ ହୁଏ ତା'ର ପ୍ରକୃତ ମା' । ଏହି ଶିଶୁଟି ସରୋଗେଟ୍ ମା'ର କୌଣସି ଗୁଣ ହାସଲ କରେନି ।"

"ଏଭଳି ସରୋଗେଟ୍ ମା' ହେବାପାଇଁ କ'ଣ ସ୍ତ୍ରୀଲୋକ ମିଳନ୍ତି ? ନୀଚସ୍ତରର ସ୍ତ୍ରୀଲୋକେ ଏଥିପାଇଁ ମିଳୁଥିବେ ସମ୍ଭବ ।"

"କାହିଁକି ? ଏଥିରେ ଖରାପ କି ଅନୈତିକ କଥା ତ କିଛି ନାହିଁ । ଏଥିପାଇଁ ବହୁ ଭଲ ଭଲ ଘରର ସ୍ତ୍ରୀଲୋକେ ଏପରିକି କେତେ ଅବିବାହିତା ଝିଅ ମଧ୍ୟ ବାହାରି ଆସନ୍ତି । ଆମେରିକାରେ ସରୋଗେଟ୍ ମା ହେବା ପାଇଁ ସ୍ତ୍ରୀ ଲୋକର ଅଭାବ ନାହିଁ । ସେ ଦେଶର ଖବରକାଗଜ ଖୋଲି ପକାଅ, ଦେଖିବ ଶହ ଶହ ବିଜ୍ଞାପନ । ଗୋଟିଏ ଗୋଟିଏ ସରୋଗେଟ୍ ମା ହେବା ପାଇଁ ଅନ୍ୟୂନ କୋଡ଼ିଏ ପଚିଶ ହଜାର ଡଲାରରୁ କମ୍ ପାରିଶ୍ରମିକ ମିଳେନି । ତେଣୁ ସେ ପରିସ୍ଥିତିରେ ଭଲ ଘରର ସ୍ତ୍ରୀଲୋକେ ଆସିବେନି କାହିଁକି ? ଏହାତ କିଛି ପାପ କଥା ନୁହେଁ, କି ଏଥିରେ ଅନୈତିକତା ବୋଲି ତ କିଛି ନାହିଁ ।"

ଯାହା କୁହ, ବଡ଼ ବିଚିତ୍ର ଏ ବିଜ୍ଞାନର ଅବଦାନ । ପିଲାର ପ୍ରକୃତ ମା ହେବ ଜଣେ, ଅଥଚ ପାରିଶ୍ରମିକ ଆଶାରେ ଆଉଜଣେ ସ୍ତ୍ରୀଲୋକ ଗର୍ଭ କଷ୍ଟ ଭୋଗ କରିବ ।"

ତୁମେ କ'ଣ ଭାବୁଛ ଗୀତା, ଆମର ଭାବୀ ସନ୍ତାନ ପାଇଁ ଗୋଟିଏ ସରୋଗେଟ୍ ମା' ଆଜିଠାରୁ ଯୋଗାଡ଼ କଲେ କେମିତି ହୁଅନ୍ତା ?"

"ନା, ବାବା ନା, ମୋର ଦରକାର ନାହିଁ । ମୋ ପିଲାକୁ ମୁଁ ନିଜେ ଗର୍ଭରେ ଧାରଣ କରିବି । ମୁଁ ବାବା ଆମେରିକାନଙ୍କ ଭଳି ସେତେ ଅତ୍ୟାଧୁନିକା

Digitized by srujanika@gmail.com

ନୁହେଁ । ନିଜ ସନ୍ତାନକୁ ନିଜ ଗର୍ଭରେ ଧାରଣ କରିବାରେ ଯେଉଁ ଆନନ୍ଦ, ସେଇ ଆନନ୍ଦ କ'ଣ ମିଳିବ ଆଉଜଣେ ଗର୍ଭଧାରଣ କଲେ ?''

''କିନ୍ତୁ ମୁଁ କ'ଣ ଚାହେଁ, ଜାଣ ଗୀତା ?''

''କ'ଣ ଚାହଁ ?''

''ମୁଁ ଚାହେଁ, ତମ ସନ୍ତାନର ଗର୍ଭଧାରଣ କରୁ ଅନ୍ୟ ଜଣେ ସ୍ତ୍ରୀ ଲୋକ ?''

''ଆଁ, କାହିଁକି ?''

''ତୁମେ ଗର୍ଭଧାରଣ କଲେ ତୁମର ଏହି ଅପ୍ସରାନିନ୍ଦୀ ରୂପଲାବଣ୍ୟରେ ଯେଉଁ ମଳିନତା ପଡ଼ିଯିବ ମୁଁ ତାକୁ ସହ୍ୟ କରିପାରିବିନି । ମୁଁ ଚାହେଁ, ତୁମର ଏହି ରୂପଲାବଣ୍ୟ ଅତୁଟ ରହୁ, ଆମର ପିଲା ପଛେ ନ ହେଉ ।''

''ତା'ହେଲେ ତୁମେ ଏ ଯେଉଁ ବିରାଟ ଧନସମ୍ପତ୍ତି ଅର୍ଜନ କରୁଛ, ତାକୁ ତୁମ ଅନ୍ତେ ଭୋଗ କରିବ କିଏ ?''

''ହଁ, ତା'ପାଇଁ ଆମର ପୁଅଟିଏ ଦରକାର । ହେଲେ ନିଜେ ଗର୍ଭଧାରଣ ନ କରି ଅନ୍ୟ ଗର୍ଭରେ ପିଲା କରିବା ନାହିଁ କାହିଁକି ? ଅନ୍ୟ ଲୋକ ତ ମିଳିବେ, ଗର୍ଭଧାରଣ କରିବାପାଇଁ ।''

''ବାଃ, ଭାରି ବଢ଼ିଆ କଥାଟିଏ କହିଲ ? ମୋ ପିଲାକୁ ଅନ୍ୟଜଣେ ସ୍ତ୍ରୀଲୋକ ତା ଗର୍ଭରେ ଧାରଣ କରିବ ? କି ଅଲକ୍ଷଣା କଥା । ଦେଖ, ସେମିତି କଥା ଯେମିତି ମୋ ଆଗେ ଆଉ ନ କୁହ ।''

''ତୁମେ ଦଶମାସ କାଳ ମୋ ସହ ବୁଲାବୁଲି ନ କରି ଘର ଭିତରେ ନିଜର କଦାକାର ରୂପ ଧରି ରହିବ । ମୋ୍ତେ ତ ଭଲ ଲାଗିବନି ମୋଟେ, ତମକୁ ମଧ ଭଲ ଲାଗିବନି ଗୀତା ।''

''ଥାଉ, ଥାଉ, ପିଲା ଗର୍ଭରେ ଧାରଣ କଲେ କାଳେ ରୂପ କଦାକାର ହୋଇଯାଏ ।''

''ତୁମେ ବୁଝୁନ ଗୀତା, ପିଲା ଗର୍ଭରେ ଛଅ ସାତ ମାସ ହେଲେ ତୁମେ କେଡ଼େ ଅସୁନ୍ଦର ଦିଶିବ ଜାଣିନ ? ତୁମେ ନିଜେ ତ ବାହାରକୁ ବାହାରିବାକୁ ପଛେଇବ ।'' ବିଭିନ୍ନ ପାର୍ଟି, ମିଟିଂ ଆଦିରେ ଯୋଗ ଦେବ କେମିତି ?

''ଥାଉ, ଥାଉ, ତୁମେ ଆଉ ଏତେ ବନେଇ ଚୂନେଇ କରି କହନି । ସୃଷ୍ଟିର ଆଦିକାଳରୁ ସ୍ତ୍ରୀଲୋକ ତ ଏହିଭଳି ଗର୍ଭଧାରଣ କରି ଆସୁଛନ୍ତି । ଆମେ ସମସ୍ତେ ତା'ରି ଭିତରେ ଜନ୍ମ ନେଇଛେ । ସେଇ ତ ନାରୀ ଜାତିର ଏକ ଧର୍ମ, ଏକ ଗୌରବ ।''

Digitized by srujanika@gmail.com

"ଧର୍ମ ନା ଅଭିଶାପ ? ଆଦି ନାରୀ ଇଭ୍‌କୁ ଭଗବାନ୍ ପରା ଅଭିଶାପ ଦେଇଥିଲେ ଏହି ଗର୍ଭଧାରଣ ପାଇଁ ? ଆଜି ସେହି ଅଭିଶାପକୁ ବିଜ୍ଞାନ ଆଡ଼େଇ ଦେଇ ପାରିଛି । ଏ ବିଜ୍ଞାନଯୁଗରେ ସେ ପୁରୁଣାକାଳିଆ ରୀତିକୁ କ'ଣ ମାନିବା କଥା ? ନୂଆ ଯୁଗ ହେଲା, ନୂଆ ରୀତି ବାହାରିଲା, ଆମେ ସେଇ ଯୁଗ ସହିତ ତାଳଦେଇ ଚାଲିବା ନାଇଁ କାହିଁକି ?"

"ଥାଉ, ଥାଉ, ସେସବୁ ଅଲକ୍ଷଣା କଥା । ତୁମେ ଯଦି ଅଧିକ କହିବ, ତେବେ ମୁଁ ତୁମ ସହିତ କଥାବାର୍ତ୍ତା କରିବିନି ।" ଏତକ କହି ଗରଗର ହୋଇ ଗୀତା ସେଠୁ ଉଠି ଚାଲିଗଲା ।

ପାଞ୍ଚ

"କ'ଣ ହେଲା ତୁମର ? ଏମିତି ମନ ମାରି ବସିଛ ଯେ ?" କହୁ କହୁ ଡ୍ରଇଂରୁମ୍ ଭିତରକୁ ପଶି ଆସିଲା ଗୀତା । ସ୍ୱାମୀଙ୍କର ଆଖି ଛଳଛଳ ଦେଖି ଗୀତାର ଛାତି ଦାଉଁକିନା ହୋଇଗଲା । ସେ ସ୍ୱାମୀଙ୍କ ପାଖରେ ବସିପଡ଼ି ତାଙ୍କର କ'ଣ ହେଲା ବୋଲି ପୁଣି ଥରେ ପଚାରିଲା ।

ନିକୁଞ୍ଜବାବୁ କିଛି ଉତ୍ତର ନ ଦେଇ ଆମେରିକା ଡାକ୍ତର ପଠାଇଥିବା ଏକ ତାରବାର୍ତ୍ତା ଗୀତା ହାତକୁ ବଢ଼ାଇଦେଲେ । ଗୀତା ତାରବାର୍ତ୍ତାଟି ପଢ଼ି ତା ମୁଣ୍ଡ ଘୂରାଇଗଲା । ସେ ହଠାତ୍ କ'ଣ କରିବ ଭାବି ଠିକ୍ କରି ପାରିଲାନି । ତାକୁ ଚାରିଆଡ଼ ଅନ୍ଧାର ଦିଶିଲା । କାନ୍ଦ କାନ୍ଦ ସ୍ୱରରେ କହିଲା, "ତା'ହେଲେ, ତୁମେ ବର୍ତ୍ତମାନ କ'ଣ କରିବ ବୋଲି ଭାବୁଛ ?"

"ଆଉ କ'ଣ କରିବି ? ଆଜି ଯେମିତିହେଲେ ମୋତେ ଆମେରିକା ଯିବାକୁ ପଡ଼ିବ । ମୁଁ ନ ଗଲେ ସୁଜିତ୍ ଆଉ ସ୍ନିଗ୍ଧାର ଶବସତ୍କାର କରିବ କିଏ ? କେତେବଡ଼ ଆଶା ଆକାଙ୍କ୍ଷା ନେଇ ସେମାନେ ସତେ ଯାଇ ନ ଥିଲେ ଆମେରିକା । ଫଳ ଏମିତି ହେବ ବୋଲି ସେମାନେ କ'ଣ କେବେ କଳ୍ପନା କରିଥିଲେ ? ତୁମେ ଗଲ ଗୀତା, ମୋ ଯିବା ପାଇଁ ସମସ୍ତ ବନ୍ଦୋବସ୍ତ କରିବ । ମୁଁ ଆମ ଟ୍ରାଭଲିଂ ଏଜେଣ୍ଟକୁ ଫୋନ୍ କରୁଛି ଉଡ଼ାଜାହଜ ଟିକଟପାଇଁ ।

ଠିକ୍ ଦୁଇଦିନ ପରେ ହଠାତ୍ ଡ୍ରଇଂରୁମ୍‌ର ଫୋନ୍ ବାଜି ଉଠିଲା । ସେତେବେଳକୁ ଗୀତାଦେବୀ ସଙ୍ଗିନୀ ସ୍ନିଗ୍ଧାର ମୃତ୍ୟୁ ଦୁଃଖରେ ମ୍ରିୟମାଣ ହୋଇ ଅନ୍ୟମନସ୍କ ଭାବରେ ସେଠାରେ ପଡ଼ିଥିବା ଗୋଟିଏ ମେଗାଜିନ୍ ଓଲଟାଉଥାନ୍ତି । ସେ ଫୋନ୍ ଧରିଲେ । ଆରପାଖରୁ ସ୍ୱାମୀଙ୍କ ସ୍ୱର ବାରିପାରି କ'ଣ କହିବେ ଶୁଣିବାପାଇଁ

Digitized by srujanika@gmail.com

ଉତ୍ସୁକ ହୋଇପଡ଼ିଲେ । ଫୋନ୍‌ରେ କହିଲେ, "ହଁ, ହଁ, ମୁଁ ଗୀତା । କ'ଣ ହେଲା ? ସବୁ ଠିକ୍ ଅଛି ତ ? ଶବ ସତ୍କାର ଠିକ୍ ଭାବେ ହୋଇଯାଇଛି ତ ? ସୁଜିତ୍‌ବାବୁଙ୍କ ଦାଦିପୁଅ ଭାଇ ଆସିଥିଲେ । ସେ କହି ଯାଇଛନ୍ତି, ତୁମେ ଆସିଲାବେଳେ ତାଙ୍କ ସଲ ସଙ୍ଗରେ ନେଇ ଆସିବ । ଶୁଦ୍ଧିକ୍ରିୟାରେ ସେ ସଲ ଏଠି ଦରକାର ହେବ । ସେମାନଙ୍କ ଏକ୍‌ସିଡେଣ୍ଟ୍ କେମିତି ହେଲା ଟିକିଏ କହିଲ ? ସେମାନଙ୍କ ପିଲା ହେବାକଥା କେତେଦୂର ଗଲା ?"

"ସେସବୁ ଠିକ୍ ଅଛି ଗୀତା । ସରୋଗେଟ୍ ମା ଜରାୟୁରେ ସେମାନଙ୍କ ନିଷିକ୍ତ ଡିମ୍ବାଣୁଟି ସ୍ଥାପନା ହେବାର ସାଢ଼େ ସାତମାସ ପରେ ଏହି ଦୁର୍ଘଟଣାଟି ଘଟିଲା । ନିଷିକ୍ତ ଡିମ୍ବାଣୁଟି ସ୍ଥାପନା ହେବାପରେ ସେମାନେ ପିଲା ଜନ୍ମ ପର୍ଯ୍ୟନ୍ତ ଆମେରିକାରେ ରହିବା ସ୍ଥିର କଲେ । ସେମାନେ ନିଉୟର୍କର ହୋଟେଲ ଏମ୍ବାସେଡ଼ର୍‌ରେ ରହୁଥିଲେ । ସେମାନଙ୍କ ସହିତ ସେମାନଙ୍କ ଦାୟାଦକୁ ବହନ କରୁଥିବା 'ସରୋଗେଟ୍ ମା' ମଧ୍ୟ ସେହି ହୋଟେଲରେ ଅବସ୍ଥାନ କରୁଥିଲା । ସରୋଗେଟ୍ ମା'ର ସ୍ୱାସ୍ଥ୍ୟ ତଥା ଜରାୟୁରେ ବଢ଼ୁଥିବା ପିଲାର ଅବସ୍ଥା ଥରକୁଥର ପରୀକ୍ଷା କରାଯାଉଥାଏ । ଡାକ୍ତରଙ୍କ ପରାମର୍ଶରେ ସରୋଗେଟ୍ ମା'ର ଖାଦ୍ୟ, ପାନୀୟ ସବୁ ଠିକ୍ ହେଉଥାଏ । ସେ ଯେମିତି ସ୍ୱାସ୍ଥ୍ୟବାନ୍ ଖାଦ୍ୟ ଖାଏ, ଖରାପ ଖାଦ୍ୟାଭ୍ୟାସଠାରୁ ଦୂରରେ ରହେ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଥାନ୍ତି ସୁଜିତ୍ ଓ ସ୍ନିଗ୍ଧା । ପିଲାଟି ସରୋଗେଟ୍ ମା' ଜରାୟୁରେ ଠିକ୍ ଭାବରେ ବଢ଼ୁଥିବାର ପ୍ରମାଣ ପାଇ ସେମାନଙ୍କ ଖୁସି କହିଲେ ନ ସରେ । ସାଢ଼େ ସାତମାସ ବେଳକୁ ସେମାନେ ନାନା ପରୀକ୍ଷା କରି ଯେତେବେଳେ ଜାଣିପାରିଲେ ଯେ ପୁଅଟିଏ ହେବ, ସେତେବେଳେ ସେମାନଙ୍କ ଆନନ୍ଦର ସୀମା ରହିଲାନି ।

ସେମାନେ ଦିନେ ମନଖୁସିରେ କାର୍‌ରେ ୱାସିଂଟନ୍ ବୁଲିଯିବାକୁ ବାହାରିଲେ । ସରୋଗେଟ୍ ମା' ସେହି ହୋଟେଲରେ ରହିଥାଏ । ସେମାନେ ଦିନେ ଦୁଇଦିନ ୱାସିଂଟନ୍‌ରେ ରହି ଫେରି ଆସିବେ ବୋଲି କହି ସରୋଗେଟ୍ ମା'ଠାରୁ ବିଦାୟ ନେଲେ । ସେମାନେ ୱାସିଂଟନ୍‌ରେ ପହଞ୍ଚିବା ପାଇଁ ସାତ ଆଠ ମାଇଲ ଦୂର ଥାଏ, ଏକ ନଦୀପୋଲ ଉପରୁ ତଳକୁ ଆସୁଥିବା ଏକ ଗତିଶୀଳ ଟ୍ରକ୍ ସହିତ ସେମାନଙ୍କ କାର୍ ଧକ୍କା ଖାଇ ତଳକୁ ଗଡ଼ିପଡ଼ିଲା । ଏହି ଧକ୍କାରେ କାର୍‌ଟି ପୂରାପୂରି ଭାଙ୍ଗିରୁଜି ଚୂର୍ମାର ହୋଇଗଲା । ସ୍ୱାମୀ-ସ୍ତ୍ରୀ ଦୁହେଁ ଅତ୍ୟଧିକ କ୍ଷତବିକ୍ଷତ ହୋଇ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପ୍ରାଣତ୍ୟାଗ କଲେ । ଗାଡ଼ି ଚଳାଉଥିବା ଡ୍ରାଇଭରଟି ମଧ୍ୟ ଦିନେ ଦୁଇଦିନ ପରେ ହସ୍‌ପିଟାଲରେ ଇହଧାମ ତ୍ୟାଗ କଲା । ମୁଁ ଭାରତରୁ ଆସି ହୋଟେଲରେ ପହଞ୍ଚିଲାବେଳକୁ ସେମାନଙ୍କ ଶବ ହୋଟେଲକୁ

Digitized by srujanika@gmail.com

ଅଣାଯାଇ ସାରିଥାଏ । ସେ ଦୁହେଁ ଏମିତି ଭାବରେ ଖଣ୍ଡିଆଖାବରା ହୋଇ ଯାଇଥାନ୍ତି ଯେ, ସେମାନଙ୍କୁ ଚିହ୍ନି ହେଉ ନ ଥାଏ । ଯାହାହେଉ, ଠିକ୍ ଭାବରେ ସେମାନଙ୍କ ଶବ ସତ୍କାର ହୋଇଗଲା । ସେମାନଙ୍କ ସଲ ଆଦି ଠିକ୍ ଭାବରେ ସଂଗ୍ରହ କରାଯାଇଛି ସଙ୍ଗରେ ନେବାପାଇଁ ।''

''ତାଙ୍କ ଭାବୀ ସନ୍ତାନଙ୍କୁ ବହନ କରୁଥିବା ସରୋଗେଟ୍ ମା' ସେହି ହୋଟେଲରେ ଅଛି ତ ?''

''ନା ଗୀତା, ଦୁର୍ଘଟଣା ପରେ ସେ ତା ନିଜ ଘରକୁ ଚାଲି ଯାଇଛି । ତା ଘର ଏଠୁ ବେଶୀଦୂର ନୁହେଁ । ନିଉୟର୍କ ନିକଟସ୍ଥ ନିଉଜେର୍ସି ରାଜ୍ୟରେ । ମୁଁ ଭାରତ ଫେରିବା ପୂର୍ବରୁ ସରୋଗେଟ୍ ମା'କୁ ଦେଖା କରିଯିବି । ଆଜି ଡାକ୍ତରଙ୍କ ସହିତ ମିଶି ତା ଘରକୁ ଯିବା ପାଇଁ ଠିକ୍ କରିଛି । ସେଠୁ ଫେରିଲେ ଆସନ୍ତା କାଲି ମୁଁ ଏଠୁ ଭାରତ ଫେରିବି । ସରୋଗେଟ୍ ମା' ପିଲା ଜନ୍ମ କରିବା ଆଉ ମାତ୍ର ଦେଢ଼ମାସ ବାକି । ଡାକ୍ତରଙ୍କ ତତ୍ତ୍ୱାବଧାନରେ ସରୋଗେଟ୍ ମା' ରହିବା ପାଇଁ ସମସ୍ତ ବନ୍ଦୋବସ୍ତ କରି ଦେଇଯିବି । ପିଲା ପ୍ରସବବେଳକୁ ମୁଁ ପୁଣିଥରେ ଆମେରିକା ଆସିବି ।''

ନିକୁଞ୍ଜବାବୁ ଦିଲ୍ଲୀ ଫେରିଆସି ତାଙ୍କ ନିଜ ଅଫିସ୍ କକ୍ଷରେ ବସି ଫାଇଲ୍ ଦେଖୁଥାନ୍ତି, ହଠାତ୍ ତାଙ୍କ ଫୋନ୍ ବାଜି ଉଠିଲା । ସେ ଫୋନ୍ କାନରେ ଲଗାଇଛନ୍ତି କି ନାହିଁ, ଆରପାଖରୁ ଆମେରିକାନ୍ ଡାକ୍ତର ମେଜରଙ୍କ ସ୍ୱର ଶୁଣି ଚମକିପଡ଼ିଲେ । ସୁଜିତ୍‌ର ଭାବୀ ସନ୍ତାନର କ'ଣ କିଛି ହେଲା କି କଅଣ ଆଶଙ୍କା କରି ସେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ଆରପାଖରୁ ଡାକ୍ତର ମେଜର କହିଲେ, ''ସରୋଗେଟ୍ ମା'ର ଗର୍ଭରେ ପିଲାଟି ଠିକ୍ ଅଛି ମିଷ୍ଟର ରାୟ । ଆଉ ମାସେ ରହିଲା ପ୍ରସବ ଦିନ । ମୋର ଆଶା ପିଲାଟି ଠିକ୍ ଭାବରେ ଜନ୍ମଲାଭ କରିବ । ହେଲେ ଗୋଟିଏ ଅସୁବିଧା ହୋଇଯାଇଛି ଏ ଭିତରେ । ଜଣାପଡୁଛି ପିଲାଟିର ସରୋଗେଟ୍ ମା' ଏକ ଖଳ ପ୍ରକୃତିର ସ୍ତ୍ରୀ ଲୋକ । ସେ ଏଠା କୋର୍ଟରେ ଗୋଟିଏ ମୋକଦ୍ଦମା ଦାଏର କରିଛି ଏଇ କେତେଦିନ ତଳେ ତୁମମାନଙ୍କ ବିରୋଧରେ । ସେ କହୁଛି, ସୁଜିତ୍ ଓ ସ୍ମିତ୍ତାର ଭାବୀ ଦାୟାଦକୁ ସେ ତା ନିଜ ଗର୍ଭରେ ବହନ କରୁଛି । ଯେହେତୁ ସେ ଦୁହେଁ ନିଃସନ୍ତାନ ହୋଇ ମୃତ୍ୟୁବରଣ କରିଛନ୍ତି, ତାଙ୍କ ସମସ୍ତ ସମ୍ପତ୍ତି ତା ଗର୍ଭସ୍ଥିତ ପିଲାଟି ପାଇବା ଉଚିତ । ଯେହେତୁ ସେ ସେହି ପିଲାଟିକୁ ନିଜ ଗର୍ଭରେ ବହନ କରୁଛି, ସେହିସବୁ ସମ୍ପତ୍ତି ସେ ପାଇବା ହକ୍‌ଦାର । ଏହା ଏକ ଅଦ୍ଭୁତ ପ୍ରକାର ମୋକଦ୍ଦମା ମିଷ୍ଟର ରାୟ । ଆମେରିକାରେ କୌଣସି ସରୋଗେଟ୍ ମା'

Digitized by srujanika@gmail.com

ଏମିତି କେବେ ଅନ୍ୟାୟ ଦାବି କରିବାର ମୁଁ ଜାଣି ନାହିଁ । ମୁଁ ତାକୁ ବହୁତ ବୁଝାଇଲି । ହେଲେ, ସେ କିନ୍ତୁ ତା ସିଦ୍ଧାନ୍ତରେ ଅଟଳ । ସେ ମୋକଦ୍ଦମା ପ୍ରତ୍ୟାହାର କରିବାକୁ ରାଜି ନୁହେଁ । ମୋକଦ୍ଦମା ନୋଟିସ୍ ମୋତେ ଦିଆହୋଇଛି । ତୁମେ ଏହା ଭିତରେ ପାଇଯିବ । ତାରିଖର କିଛିଦିନ ପୂର୍ବରୁ ତୁମେ ଆସି ଏଠା ଓକିଲଙ୍କ ସହ ପରାମର୍ଶ କରିବା ଦରକାର । ମୋକଦ୍ଦମାକୁ ଠିକ୍ ରୂପେ ତଦ୍‌ବିର କଲେ ସରୋଗେଟ୍ ମା' କେସ୍‌ରେ ଜିତି ପାରିବନି । ତା'ଛଡ଼ା ଚୁକ୍ତି ସମ୍ପର୍କୀୟ ସମସ୍ତ କାଗଜପତ୍ର ମୋ'ଠାରେ ଅଛି । ତୁମେ ଚିନ୍ତା ନ କରି ତାରିଖ ପୂର୍ବରୁ ଆମେରିକା ଚାଲି ଆସ ।

ହଠାତ୍ ଏହି ସମ୍ବାଦ ପାଇ ନିକୁଞ୍ଜବାବୁଙ୍କ ମଥା ଘୂରିଗଲା । ସେ ଘର ଭିତରକୁ ଦୌଡ଼ିଯାଇ ଗୀତାକୁ ସବୁକଥା କହିଲେ । ଶେଷରେ ସରୋଗେଟ୍ ମା' ସୁଜିତ୍ ଓ ସ୍ମିତାର ଭାବୀ ସନ୍ତାନକୁ ନେଇ ଏମିତି ଖେଳ ଖେଳିବ ବୋଲି ସେମାନେ ଆଶା କରି ନ ଥିଲେ । ନିଉୟର୍କରେ ମୋକଦ୍ଦମା ଲଢ଼ିବାପାଇଁ ନିକୁଞ୍ଜବାବୁ କାଳବିଳମ୍ବ ନ କରି ସେହିଦିନ ସନ୍ଧ୍ୟା ଫ୍ଲାଇଟ୍‌ରେ ଆମେରିକା ରମାନା ହୋଇଗଲେ ।

ନିଉୟର୍କ କୋର୍ଟରେ ମୋକଦ୍ଦମା ଚାଲିଲା । ଡାକ୍ତର ଓ ନିକୁଞ୍ଜବାବୁ ସରୋଗେଟ୍ ମା' ସହିତ ହୋଇଥିବା ସମସ୍ତ ଚୁକ୍ତିପତ୍ର କୋର୍ଟରେ ଦାଖଲ କରିବାରୁ ସେମାନେ ଡିଗ୍ରୀ ପାଇଲେ । କୋର୍ଟ ଆଦେଶ ଦେଲା ସରୋଗେଟ୍ ମା'ଠାରୁ ଜନ୍ମ ନେବାକୁ ଥିବା ଶିଶୁଟି ଉପରେ ସରୋଗେଟ୍ ମା'ର କିଛି ଅଧିକାର ନାହିଁ । ପ୍ରସବ ପରେ ସନ୍ତାନଟିକୁ ନିକୁଞ୍ଜବାବୁଙ୍କୁ ଦେଇ ସେ ତା'ର ପାରିଶ୍ରମିକ ନେଇ ବିଦା ହୋଇଯିବା ଉଚିତ୍ । ସୁଜିତ୍‌ବାବୁଙ୍କ ସମସ୍ତ ସମ୍ପତ୍ତିର ମାଲିକ ହେବ ଏହି ଜନ୍ମ ହେବାକୁ ଯାଉଥିବା ଶିଶୁଟି । ପ୍ରସବ ପର୍ଯ୍ୟନ୍ତ ସରୋଗେଟ୍ ମା' ଡାକ୍ତର ମେଜରଙ୍କ ତତ୍ତ୍ୱାବଧାନରେ ତାଙ୍କ କ୍ଲିନିକ୍‌ରେ ରହିବ ।

ନିକୁଞ୍ଜବାବୁ ଅନ୍ୟକିଛି ଉପାୟ ନ ଦେଖି ପିଲାଟି ଜନ୍ମ ହେବା ପର୍ଯ୍ୟନ୍ତ ନିଉୟର୍କରେ ରହିବାପାଇଁ ଠିକ୍ କଲେ । ପିଲାଟି ଜନ୍ମହେବାପରେ ସରୋଗେଟ୍ ମା'କୁ ତା'ର ପାରିଶ୍ରମିକ ଦେଇ ବିଦା କରିଦେଲେ । ଶେଷରେ ସେ ନିଜେ ଶିଶୁପୁତ୍ରଟିକୁ ଧରି ଭାରତ ଫେରି ଆସିଲେ । ଶୁଶୁଟିକୁ ସୁଜିତ୍‌ର ଦାଦିପୁଅ ଭାଇଙ୍କ ତତ୍ତ୍ୱାବଧାନରେ ରଖି, ପିଲାଟିର ମାଲିକାନା କାଗଜପତ୍ର ତାଙ୍କୁ ଦେଇ ନିଜ ଘରକୁ ଫେରି ଆସିଲେ ।

Digitized by srujanika@gmail.com

ଛଅ

"ତୁମେ ଆଜି କାହିଁକି ଶେଥା ଦିଶୁଛ ଗୀତା ! କ'ଣ ତମ ଦେହ ଭଲ ନାହିଁ ଆଜି ?" ଏତକ କହି ଗୀତା ପାଖକୁ ନିକୁଞ୍ଜବାବୁ ପାଖେଇ ଆସିଲାବେଳକୁ ଗୀତା ଘୁଞ୍ଚିଯାଇ ବାରଣ କଲା, "ହାଁ ହାଁ, ଏ କ'ଣ କରୁଛ ? ତୁମେ ମୋତେ ଛୁଅଁ ନାହିଁ ? ଆଜି ପରା ମୁଁ ଗାଧୋଇଛି ।"

"ଆଜି ଗାଧୋଇଛ ? ତୁମେ ପରା ଏହି ଦଶ ବାରଦିନ ତଳେ କହୁଥିଲ କ'ଣ ନା ଗାଧୋଇଛ ବୋଲି । ଆଜି ପୁଣି ଗାଧୋଇଲ କେମିତି ?"

"ହଁ, ଆଜି ପୁଣି ଗାଧୋଇଛି, ବହୁତ ଗୁଡ଼ାଏ ରକ୍ତ ବି ଯାଇଛି । ଆଗରୁ କେବେ ଏତେ ରକ୍ତ ଯାଉ ନ ଥିଲା । ତା'ଛଡ଼ା ଅଠେଇଶଦିନ ଜାଗାରେ ଦଶ ଦିନ ।"

"ଆଁ, ଅଠେଇଶ ଦିନ ଜାଗାରେ ଦଶଦିନ ? ଇଏତ ସାଧାରଣ କଥା ନୁହେଁ ଗୀତା । ଡାକ୍ତରଙ୍କ ସହିତ ପରାମର୍ଶ କରିବା ଦରକାର । ଇମିତି ତ କେବେ ହୁଏନି । ଏହା ନୂଆ ପ୍ରକାର କୌଣସି ରୋଗର ଆଭାସ ନୁହେଁ ତ ?"

ହସିଦେଲା ଗୀତା, ଏକ ଶୁଷ୍କ ରକ୍ତହୀନତା ହସ । "ତୁମେ ଏତେ ଭୟ ପାଇଯାଅନି । କେମିତି କ'ଣ ହୋଇଯାଇଛି ଟିକିଏ । ହୁଏତ ଆପେ ଆପେ ସବୁ ଠିକ୍ ହୋଇଯିବ । କ'ଣ କେଉଁଠି ଟିକିଏ ବ୍ୟତିକ୍ରମ ଯୋଗୁଁ ଏମିତି ହୋଇ ପାରିଥାଏ ।"

"ନା ଗୀତା, ତୁମେ ଏହାକୁ ଏତେ ସାଧାରଣ ବୋଲି ଭାବନି । ତୁମକୁ ଦେଖିଲାବେଳକୁ ମନରେ ଦୁଃଖ ଆସୁଛି । ତୁମର ସେଇ ଅପ୍‌ସରାନିନ୍ଦୀ ରୂପ ଆଜି ମଳିନ ପଡ଼ି ଯାଇଛି । ତମର ସେଇ ଢଳ ଢଳ ମୁଖପଦ୍ମ ଆଜି ଯେମିତି ତୁମଠାରୁ ଦୂରେଇଯିବା ଆରମ୍ଭ କରିଛି ।"

"କ'ଣ ବା ଟିକିଏ ହୋଇଯାଇଛି, ତୁମେ ଏତେ ଦୂରକୁ କ'ଣ ଭାବିଗଲଣି ?"

"ନା ଗୀତା, ମୁଁ ବର୍ତ୍ତମାନ ଡାକ୍ତରଙ୍କୁ ଫୋନ୍ କରୁଛି । ସେ ନ ଦେଖିଲେ ହେବନି । ନଚେତ୍ ମୁଁ ତୁମ ରୋଗ କଥା ଭାବି ଭାବି ପାଗଳ ହୋଇଯିବି ।"

ଗୀତାକୁ ପରୀକ୍ଷା କରି ଦିଲ୍ଲୀର ବିଶିଷ୍ଟ ନାରୀରୋଗ ବିଶେଷଜ୍ଞ ମିସ୍ ସାନ୍ୟାଲ ଯେତେବେଳେ ପରୀକ୍ଷାଗୃହରୁ ବାହାରି ଆସିଲେ, ସେ ବଡ଼ ଚିନ୍ତିତା ଥିଲାଭଳି ଜଣାପଡୁଥାନ୍ତି । ନିକୁଞ୍ଜବାବୁ ହଠାତ୍ ତାଙ୍କଠାକୁ ଦୌଡ଼ି ଯାଇ ପଚାରିଲେ, "ଆପଣ କ'ଣ ଦେଖିଲେ ଡାକ୍ତର ସାନ୍ୟାଲ ? ଗୀତାର ସେମିତି କିଛି ବଡ଼ ଅସୁବିଧା ହୋଇନାହିଁ ତ ?"

Digitized by srujanika@gmail.com

ଗୀତା ସେତେବେଳକୁ ପରୀକ୍ଷାଗୃହରୁ ବାହାରି ଆସୁଥିଲା । ନିକୁଞ୍ଜବାବୁଙ୍କୁ ବ୍ୟସ୍ତ ହେବାର ଦେଖି ଡାକ୍ତର ସାନ୍ୟାଲ କହିଲେ, "ନା ସମ୍ଭବତଃ ସେମିତି କିଛି ଅସୁବିଧା ହୋଇନି । ତେବେ ଆହୁରି କେତେଗୁଡ଼ିଏ ପରୀକ୍ଷା କରିବାକୁ ପଡ଼ିବ । ପରୀକ୍ଷାର ରିପୋର୍ଟ ନ ମିଳିଲା ପର୍ଯ୍ୟନ୍ତ କିଛି ନିର୍ଧାର୍ଯ୍ୟ ଭାବରେ କହି ହେବନି ମିଷ୍ଟର ରାୟ ।"

× × × ×

"ଦେଖନ୍ତୁ ମିଷ୍ଟର ରାୟ । ଆପଣ ଗୀତାଦେବୀଙ୍କୁ କିଛି କହିବେନି । ଗୀତାଦେବୀଙ୍କ ଜରାୟୁରେ କ୍ୟାନ୍‌ସର ହୋଇଛି । ତେବେ କ୍ୟାନ୍‌ସର ଆରମ୍ଭ ଅବସ୍ଥାରେ ଅଛି । ବେଶିଦୂର ଆଗେଇନି । ବର୍ତ୍ତମାନ ଅପରେସନ କରି ସେ ଜରାୟୁଟିକୁ କାଟି ବାହାର କରିଦେଲେ ସେ ସମ୍ପୂର୍ଣ୍ଣ ଭଲ ହୋଇଯିବେ ।"

"ଆଁ, କ୍ୟାନ୍‌ସର ହୋଇଛି ?" ନିକୁଞ୍ଜବାବୁଙ୍କୁ ଚାରିଆଡ଼ ହଠାତ୍ ଅନ୍ଧାର ଦିଶିଲା । ସେ କିଛି ସମୟ ଚୁପ୍ ରହିଯାଇ ଥର ଥର ଗଳାରେ କହିଲେ, "ଆପଣ କ'ଣ କହୁଛନ୍ତି ସେ ସମ୍ପୂର୍ଣ୍ଣ ଭଲ ହୋଇଯିବେ ? ଆଉକିଛି ଅସୁବିଧା ହେବନି ତ ?"

"ନା, କିଛି ଅସୁବିଧା ହେବ ନାହିଁ, ସେ ପୂରାପୂରି ଆରୋଗ୍ୟ ହୋଇଯିବେ । ରୋଗ ଆରମ୍ଭ ଅବସ୍ଥାରେ ଅଛି, ଚିନ୍ତା କରିବାର କିଛି ନାହିଁ । ଦେଖନ୍ତୁ, ଗୀତାଦେବୀଙ୍କୁ ଏହା କହିବେନି । କହିଲେ ସେ ହୁଏତ ଭାଙ୍ଗିପଡ଼ିବେ । ଏତେ ଅଳ୍ପବୟସରୁ ଏଭଳି ଅପରେସନ କରାଯାଏନି । ସେ ଯେତେବେଳେ ଜାଣି ପାରିବେ ଯେ ସେ ଆଉ ଜୀବନରେ କେବେ ମା' ହୋଇପାରିବେନି, ଭାଙ୍ଗିପଡ଼ିବା ସ୍ୱାଭାବିକ । ତେବେ ଅପରେସନ ପରେ ଜାଣିଲେ କିଛି କ୍ଷତି ନାହିଁ । ଅପରେସନ ପୂର୍ବରୁ ନ ଜାଣିଲେ ହେଲା ।"

× × × ×

ନିକୁଞ୍ଜବାବୁ ଗୋଟିଏ ଫୁଲତୋଡ଼ା ନେଇ ନର୍ସିଂ ହୋମ୍‌ରେ ଗୀତାର କୋଠରିର ଖଟ ପାଖରେ ଥିବା ଟି'ପୟ ଉପରେ ଥୋଇ ଦେଇଛନ୍ତି କି ନାହିଁ, ଗୀତା କହି ପକାଇଲା, "ଫୁଲତୋଡ଼ାଟା ତ ବେଶ୍ ବଢ଼ିଆ ହୋଇଛି । କ'ଣ ଆମ ମାଳୀ କରି ଦେଇଛି ? ଇଏତ ଆମ ବଗିଚା ଫୁଲ ପରି ଦିଶୁନି ।"

"ନା ଗୀତା, ଏ ଆମ ବଗିଚା ଫୁଲ ନୁହେଁ । ଆସିଲାବେଳେ ନର୍ସରୀରୁ ତୁମପାଇ କିଣି ଆଣିଛି । କେମିତି ହୋଇଛି ?"

"ଭାରି ସୁନ୍ଦର ।"

"କ'ଣ ତୁମଠୁ ସୁନ୍ଦର ?"

Digitized by srujanika@gmail.com

"ହୁଁ, ତୁମର ସବୁବେଳେ ସେଇକଥା । ମୋତେ ସବୁବେଳେ ସୁନ୍ଦର ସୁନ୍ଦର କହି କହିତ ଏମିତି ଅସୁନ୍ଦର କରି ପକାଇଲ ।"

ଗୀତାର ମୁହଁରେ ହାତ ଦେଉ ଦେଉ ନିକୁଞ୍ଜବାବୁ କହିଲେ, "ଛି, ଗୀତା, ଏସବୁ କଥା କ'ଣ ମୁହଁକୁ ଆଣୁଛ ? ତୁମେ ଆଗରୁ ଯେମିତି ସୁନ୍ଦର ଥିଲ, ଏବେ ବି ଠିକ୍ ସେମିତି ସୁନ୍ଦର ଅଛ । ବରଂ ଆଗ ଅପେକ୍ଷା ଅଧିକ ସୁନ୍ଦର ଦିଶୁଛ ବର୍ତ୍ତମାନ ।"

"ହଁ, ଥାଉ ଥାଉ । ଆଉ ମୋତେ ଭୁଲାଇବାକୁ ଚେଷ୍ଟା କରନି । ନର୍ସ ମୋତେ ସବୁକଥା କହି ଦେଇଛି । ତୁମେ ଜାଣିଛ ଏହି ଅପରେସନ ପରେ ମୁଁ ଆଉ ମୋ ଜୀବନରେ କେବେ 'ମା' ହୋଇ ପାରିବିନି । ମୋତେ ଜଣେ ବନ୍ଧ୍ୟାନାରୀ ଭାବରେ ଚିରଦିନ ପାଇଁ ଜୀବନ କାଟିବାକୁ ପଡ଼ିବ । ସନ୍ତାନଟିଏ ପାଇଁ ତୁମକୁ ପୁଣି ଆଉ ଗୋଟିଏ ବିବାହ କରିବାକୁ ପଡ଼ିବ ।" କାନ୍ଦ କାନ୍ଦ ସ୍ୱରରେ କହିଲା ଗୀତା ।

"ତୁମେ ଏସବୁ କଥା କାହିଁକି ମୁହଁକୁ ଆଣୁଛ ଶୁଣେ ? ତୁମେ ସିନା ସାଧାରଣ ଭାବରେ ନିଜ ସନ୍ତାନର 'ମା' ହୋଇପାରିବନି, ତେବେ—

"ଥାଉ ଥାଉ, ସେ ଆକାଶ କୟାଁ, ଚିଲିକାମାଛ କଥା କୁହନି । ଏହା କ'ଣ କେବେ ସମ୍ଭବ ହେବ, ମୋର ସେଥିରେ ଯଥେଷ୍ଟ ସନ୍ଦେହ ଅଛି ।"

"ନା ଗୀତା, ଏଥିରେ ସନ୍ଦେହ କରିବାର କିଛି ନାହିଁ । ତୁମେ ଟିକିଏ ସୁସ୍ଥ ହୋଇଗଲେ, ଆମେ ଆମେରିକା ଯିବା । ସେଠାକାର ଡାକ୍ତରମାନଙ୍କ ଚିକିତ୍ସାରେ ସବୁ ହୋଇପାରିବ । ଡାକ୍ତର ସାନ୍ୟାଲଙ୍କ ମତରେ ତୁମର ଜରାୟୁ ସିନା କାଟି ଦିଆଯାଇଛି, ତୁମ ଗର୍ଭକୋଷ ଆଦି ଠିକ୍ ଅଛି । ସରୋଗେଟ୍ ମା' ପଦ୍ଧତିରେ ତୁମେ ତୁମ ନିଜ ସନ୍ତାନର 'ମା' ନିଶ୍ଚୟ ହୋଇପାରିବ । ତୁମ ସାଙ୍ଗ ସ୍ନିଗ୍ଧାର କେମିତି ହେଲା ଦେଖିଲନି ?"

"ହଁ, ପିଲାର ମୁହଁ ଦେଖିବା ପୂର୍ବରୁ ତା ଜୀବନ ଗଲା । କିଏ ଜାଣେ, ମୋ ଭାଗ୍ୟରେ କ'ଣ ଅଛି ? ମୋତେ ଏ ସବୁ କେମିତିକା କେମିତିକା ଜଣାପଡୁଛି ।"

"ତୁମେ ଏତେ ଅଧୈର୍ଯ୍ୟ ହୋଇପଡ଼ନି ଗୀତା । ସରୋଗେଟ୍ ମା' ପଦ୍ଧତିରେ ସାରା ପୃଥିବୀରେ ଯେ ସବୁଠାରୁ ବଡ଼ ବିଶେଷଜ୍ଞ ଡାକ୍ତର ଜେମ୍‌ସ ମେଜର ତାଙ୍କ ସହିତ ଏପଏଣ୍ଟମେଣ୍ଟ ହୋଇଯାଇଛି । ଆଉ ମାସକ ପରେ ଆମର ତାଙ୍କ ସହିତ ସାକ୍ଷାତ କରିବା କଥା । ସେ ନିଶ୍ଚୟ ତୁମକୁ ମାତୃତ୍ୱର ଗୌରବ ଦେଇପାରିବେ ବୋଲି ମୋର ଦୃଢ଼ବିଶ୍ୱାସ । ସେ ତ ତୁମ ବାନ୍ଧବୀ ସ୍ନିଗ୍ଧାର ପରା ଡାକ୍ତର ଥିଲେ । ତୁମର କ'ଣ ତାଙ୍କ ଉପରେ ଆସ୍ଥା ଆସୁନି ।"

Digitized by srujanika@gmail.com

ସାତ

"ଆପଣ ପରୀକ୍ଷା କରି କ'ଣ ଦେଖିଲେ ଡାକ୍ତର ମେଜର ? ଗୀତା ନିଜ ସନ୍ତାନର ମା' ହୋଇପାରିବ ତ ?"

"ହଁ, କିଛି ଅସୁବିଧା ନାହିଁ । ତେବେ ଜଣେ ସମବୟସୀ ସରୋଗେଟ୍ ମା' ଆଣିବା ଦରକାର । ସୁଜିତ୍ ଭଳି ନୀଚ ପ୍ରକୃତିର ସରୋଗେଟ୍ ମା' ଯେମିତି ନ ଆଣ ମିଷ୍ଟର ରାୟ ।"

ଦେଖ, ନିଉୟର୍କ ଟାଇମ୍ସ ଖବରକାଗଜରେ ସରୋଗେଟ୍ ମା' ହେବାପାଇଁ ବହୁ ଭଲ ଭଲ ଘରର ସ୍ତ୍ରୀଲୋକେ ବିଜ୍ଞାପନ ଦିଅନ୍ତି । ସେଥିରୁ ସେମାନଙ୍କ ଠିକଣା ନେଇ ସେମାନଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ଭିତରୁ ସମବୟସୀ ଭଲ ସ୍ୱଭାବର ସ୍ତ୍ରୀ ଲୋକଟିଏ ବାଛି ଆଣିଲେ ହେଲା । ଏଠାରେ ବାକି ଯାହାକିଛି ଲେଖାପଢ଼ା କରିବାକୁ ପଡ଼ିବ, ମୁଁ କରେଇ ନେବି ।

ସରୋଗେଟ୍ ମା' ହେବାପାଇଁ ଯିଏ ବଛା ହୋଇ ଆସିଲେ, ସେ ହେଉଛନ୍ତି ମିସେସ୍ ବ୍ରାଉନ୍, ଘର ନିଉୟର୍କ ନଗରୀରେ । ଗୀତାର ସମବୟସୀ । ସ୍ୱଭାବ ଚରିତ୍ର ଖୁବ୍ ଭଲ । ଅତ୍ୟଧିକ ମିଷ୍ଟାଳାପୀ । ଗୀତା ମିସେସ୍ ବ୍ରାଉନ୍‌ଙ୍କୁ ଦେଖିଲାଦିନଠୁ ଏତେ ଖୁସି ଯେ; ନିଜର ଭଉଣୀଟିଏ ପାଇଗଲା ଭଳି ମନେ କରୁଥାଏ ।

ଗୀତାର ଅସ୍ତ୍ରୋପଚାର ସରୁ ସରୁ ଦିନ ଦୁଇଟା । ଡାକ୍ତର ମେଜର ଗୀତାର ଗର୍ଭକୋଷକୁ ଅପରେସନ କରି ସେଥିରୁ ପରିପକ୍ୱ ଡିମ୍ବାଣୁଟିଏ ବାହାର କରୁ କରୁ ଦୁଇଗୋଟି ପରିପକ୍ୱ ଡିମ୍ବାଣୁ ଏକ ସଙ୍ଗେ ବାହାରି ପଡ଼ିଲା । ଡାକ୍ତର ଦୁଇଟିଯାକକୁ ସମଭାବରେ ନିକୁଞ୍ଜ ବାବୁଙ୍କ ଶୁକ୍ରାଣୁ ଦ୍ୱାରା ନିଷେକ କରାଇଦେଲେ । ତରଳ ଯବକ୍ଷାରଜାନ ଭିତରେ ଦୁଇଟିକୁ କିଛିଦିନ ପାଇଁ ରଖି ଦିଆଗଲା ।

ଯେଉଁଦିନ ମିସେସ୍ ବ୍ରାଉନ୍‌ଙ୍କଠାରେ ନିଷିକ୍ତ ଡିମ୍ବାଣୁଟି ସ୍ଥାପନା କରାଯିବା କଥା, ସେଦିନ ଗୀତାର ଆନନ୍ଦ କହିଲେ ନ ସରେ । ଡାକ୍ତରଙ୍କ ପାଖରେ ମିସେସ୍ ବ୍ରାଉନ୍‌ଙ୍କୁ ନେଇ କେତେ ଲେଖାପଢ଼ି ହେଲା । ଏସବୁ ଦେଖି ଗୀତା ତାଟଙ୍ଗା । ସରୋଗେଟ୍ ମା'ର ସନ୍ତାନ ନେଇ ଭବିଷ୍ୟତରେ କାଳେ କିଛି ଗଣ୍ଡଗୋଳ ହୋଇପାରେ, ସେଥିପାଇଁ ଏଠାକାର ନିୟମ ଅନୁଯାୟୀ ମୂଳରୁ ସବୁକିଛି ଲେଖାପଢ଼ି ହୋଇ ରହିବା ଦରକାର । ମିସେସ୍ ବ୍ରାଉନ୍, ଗୀତା ଓ ନିକୁଞ୍ଜବାବୁଙ୍କୁ କେତେ ରେଜିଷ୍ଟାର ଓ କାଗଜପତ୍ରରେ ଯେ ଦସ୍ତଖତ କରିବାକୁ ପଡ଼ିଲା, ତା'ର ଇୟତ୍ତା ନାହିଁ । ଡାକ୍ତର ମେଜର ଯେଉଁ ଦୁଇଟି ଡିମ୍ବାଣୁକୁ ନିଷିକ୍ତ କରିଥିଲେ, ସେଥିମଧ୍ୟରୁ ଗୋଟିଏ ମିସେସ୍ ବ୍ରାଉନ୍‌ଙ୍କ ଜରାୟୁରେ ସ୍ଥାପନା କରି ଅନ୍ୟଟିକୁ ସେମିତି ରଖିଦେଲେ । ଆଶା ଯଦି ପ୍ରଥମ ସ୍ଥାପନାଟି କୌଣସି କାରଣବଶତଃ ଅକୃତକାର୍ଯ୍ୟ ହୁଏ, ତେବେ

Digitized by srujanika@gmail.com

ଦ୍ୱିତୀୟଟି ବ୍ୟବହୃତ ହେବ । ଚୁକ୍ତି ଅନୁଯାୟୀ ମିସେସ୍ ବ୍ରାଉନ୍ ଗୀତାର ବାସଭବନରେ ରହିଲେ । ନିକୁଞ୍ଜବାବୁ ଗୀତାକୁ ଆମେରିକାରେ ଛାଡ଼ିଦେଇ ଦିଲ୍ଲୀ ଫେରି ଆସିଲେ । ପ୍ରସବବେଳକୁ ରହିଲେ ଚଳିବ । ତା ନ କରି ବର୍ତ୍ତମାନ ଠାରୁ ରହିଲେ ନିଜ ବ୍ୟବସାୟ, କଳକାରଖାନା ଆଦିକୁ ଦେଖିବ କିଏ ? ସେସବୁ ଅବହେଳିତ ହୋଇଯିବ ।

ଯେଉଁଦିନ ମିସେସ୍ ବ୍ରାଉନ୍ ଡାକ୍ତର ମେଜରଙ୍କ ନର୍ସିଂହୋମ୍‌ରେ ଗୀତାର ପୁତ୍ର ସନ୍ତାନଟିକୁ ଜନ୍ମ ଦେଲେ, ସେଦିନ ଗୀତା ଓ ନିକୁଞ୍ଜବାବୁଙ୍କ ଆନନ୍ଦ କହିଲେ ନ ସରେ । ଭଗବାନ୍ ଏତେଦିନେ ସେମାନଙ୍କ ଡାକ ଶୁଣିଲେ । ଭଗବାନ୍‌ଙ୍କୁ ମନେ ମନେ ପ୍ରାର୍ଥନା କରି ତାଙ୍କ ଉଦ୍ଦେଶ୍ୟରେ ଶତ ନମସ୍କାର ଜଣାଇଲେ ସେମାନେ । ସେମାନେ ମିସେସ୍ ବ୍ରାଉନ୍‌ଙ୍କୁ କେମିତି ଧନ୍ୟବାଦ ଦେବେ ଭାବି ପାରିଲେନି । ସେମାନେ ସାରା ଜୀବନ ତାଙ୍କଠାରେ ଋଣୀ ହୋଇ ରହିଲେ ବି ଏହା ତାହା ସହିତ ସମାନ ହେବନି ।

ପିଲାଟି ବେଶ୍ ସୁସ୍ଥସବଳ ହୋଇଥାଏ । ଜଣେ ପାଶ୍ଚାତ୍ୟ ନାରୀର ଗର୍ଭରୁ ଜନ୍ମ ନେଇଥିଲେ ହେଁ ପିଲାଟି ଦେଖିବାକୁ ଭାରତୀୟ ପିଲା ଭଳି ହୋଇଥାଏ । ମୁହଁ ଠିକ୍ ମା'ର ମୁହଁ ଭଳି । ସେହି ନାକ, ସେହି ଆଖି, ସେହି ରଙ୍ଗ । ପିଲାଟିକୁ ନେଇ ନର୍ସିଂହୋମରୁ ଘରକୁ ଫେରିଲାବେଳେ ଡାକ୍ତର ମେଜର ପଚାରିଲେ, "ସେହି ଆର ନିଷିକ୍ତ ଡିମ୍ବାଣୁକୁ କ'ଣ କରାଯିବ ମିଷ୍ଟର ରାୟ ? କ'ଣ ନଷ୍ଟ କରିଦେବା ? ତା'ର ତ ଆଉ କିଛି ଆବଶ୍ୟକତା ନାହିଁ ବର୍ତ୍ତମାନ ।"

"ଆଁ, ନଷ୍ଟ କରିଦେବେ ? ନାଇଁ ନାଇଁ, ରଖିଥାନ୍ତୁ । ରଖିଲେ କ'ଣ କିଛି କ୍ଷତି ଅଛି ?"

"ନାଇଁ, କିଛି କ୍ଷତି ନାହିଁ । ଏଇଟା ସାଇତି ରଖିବାକୁ ହେଲେ ଏଠି ନ ରଖି କ୍ରାଏଟୋରିୟମ୍‌ରେ ରଖିବାକୁ ପଡ଼ିବ ।"

"ହେଉ, ତାହା ହିଁ କରନ୍ତୁ । ସେ କିଛିଦିନ କ୍ରାଏଟୋରିୟମ୍‌ରେ ରହୁ, ପରେ ଦେଖିବା । ତା ପାଇଁ ଯାହା ଖରଚ ହେବ, ବିଲ୍‌ଟି ମୋ'ଠାକୁ ପଠାଇ ଦିଅନ୍ତୁ । ମୁଁ ଆମେରିକା ଛାଡ଼ିବା ପୂର୍ବରୁ ବିଲ୍‌ଟି ପେମେଣ୍ଟ କରି ଦେଇଯିବି ।

ନିଜ ପୁଅକୁ ଧରି ଯେଉଁଦିନ ନିକୁଞ୍ଜବାବୁ ଓ ଗୀତା ଦିଲ୍ଲୀକୁ ଫେରି ଆସିଲେ, ସେଦିନ ସେମାନଙ୍କ ଆନନ୍ଦ କହିଲେ ନ ସରେ । ଶହ ଶହ ଲୋକ ପିଲାଟିକୁ ଦେଖି ଆଶୀର୍ବାଦ କରିବାକୁ ଧାଇଁ ଆସିଲେ । ବନ୍ଧୁବାନ୍ଧବ, କୁଣିଆ-ମୈତ୍ର, ସାଙ୍ଗ-ସାଥି ମେଳରେ ନିକୁଞ୍ଜବାବୁଙ୍କ ବାସଭବନ ମୁଖରିତ ହୋଇ ଉଠିଲା । ଦେବଦେବୀଙ୍କ ମନ୍ଦିରରେ ନାନା ପୂଜାଅର୍ଚ୍ଚନା ଚାଲିଲା । ଆଶା, ସମସ୍ତଙ୍କ ଶୁଭାଶିଷ ପଡୁ ପିଲାଟି ଉପରେ, ପିଲାଟି ଦୀର୍ଘାୟୁ ହେବ ।

Digitized by srujanika@gmail.com

ଆଠ

ଏହିଭଳି ଆନନ୍ଦରେ କଟିଗଲା ତିନିବର୍ଷ । ଦିନେ ସେ ପଞ୍ଜାବରେ ଥିବା ନିଜ ହୋସିଆରପୁରସ୍ଥ ଟେଲିଭିଜନ ତିଆରି କାରଖାନା ଦେଖିବାକୁ ଯାଇଥିଲେ ସ୍ତ୍ରୀ ଗୀତା ଓ ଛୋଟପୁଅ ବାବୁଲି ସହିତ । ଖରାଦିନ । ହୋସିଆରପୁରରେ ବେଶ୍ ଗରମ ପଡ଼ିଥାଏ । ଦିନେ ସନ୍ଧ୍ୟାବେଳେ ସେମାନେ ନିଜ କାରଖାନା ନିକଟସ୍ଥ ବାସଭବନରେ ବସି ଭି.ସି.ଆର୍.ରେ ଏକ ଚଳଚ୍ଚିତ୍ର ଦେଖୁଥିଲେ । ଗେଟ୍ ପାଖରେ ଦରୱାନ ପହରା ଦେଉଥିଲା । ଗରମ ଯୋଗୁଁ ସେମାନେ ଡ୍ରଇଂରୁମ୍‌ର ଦୁଆର ଝରକା ମେଲାକରି ଦେଇଥିଲେ । ହଠାତ୍ ଦଳେ ସନ୍ତ୍ରାସବାଦୀ କେଉଁଆଡ଼େ ଥିଲେ, ତାଙ୍କ ଡ୍ରଇଂରୁମ୍ ଭିତରକୁ ପଶି ଆସି ଗୋଟାକ ପରେ ଗୋଟାଏ ଗୁଳି କରି ସମସ୍ତଙ୍କୁ ଆଖିପିଛୁଳାକେ ମାରି ଶୁଆଇଦେଲେ । ସେମାନଙ୍କୁ ହତ୍ୟା କରି ସନ୍ତ୍ରାସବାଦୀମାନେ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ, ଜଣାପଡ଼ିଲାନି । ସମସ୍ତ ଘଟଣା ସାମାନ୍ୟ କେଇ ମିନିଟ୍ ଭିତରେ ରୂପେଲି ପରଦାରେ ଘଟିଲା ଭଳି ଘଟିଗଲା ।

ଏହି ମର୍ମନ୍ତୁଦ ଦୁର୍ଘଟଣା କଥା ଯେତେବେଳେ ଦିଲ୍ଲୀର ମେହରଲ୍ଲି ବାସଭବନରେ ପହଞ୍ଚିଲା, ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ । ଶିଳ୍ପକାରଖାନା ତଥା ବ୍ୟବସାୟ ପ୍ରତିଷ୍ଠାନ ଆଦିରେ ଶୋକର ଛାୟା ଖେଳିଗଲା । ସମସ୍ତଙ୍କ ମନରେ ଗୋଟିଏ କଥା, "ଆଃ କେଡ଼େ ହତଭାଗ୍ୟ ପରିବାର ! ଏକ ସଙ୍ଗେ ସମସ୍ତେ ଶେଷ ହୋଇଗଲେ । ପିଣ୍ଡ ଦେବାପାଇଁ ବଂଶରେ କେହି ଜଣେହେଲେ ବି ରହିଲେନି ?"

ଶୁଦ୍ଧିକ୍ରିୟା ପରେ କଳକାରଖାନା ଓ ବ୍ୟବସାୟ ପ୍ରତିଷ୍ଠାନ ନେଇ ନାନା ଗୋଳମାଳ ଉପୁଜିଲା । ନିକୁଞ୍ଜବାବୁଙ୍କ ସମ୍ପତ୍ତିର କିଏ ଉତ୍ତରାଧିକାରୀ ହେବ, ତା ନେଇ ନାନାଦି ଅଶାନ୍ତି ଆରମ୍ଭ ହୋଇଗଲା । ନିକୁଞ୍ଜବାବୁଙ୍କ ଦାଦିପୁଅ ଭାଇମାନେ ପହଞ୍ଚିଗଲେ । ସମ୍ପତ୍ତିର ଉତ୍ତରାଧିକାରୀସୂତ୍ରେ ଦାବି କରି କୋର୍ଟରେ ମୋକଦ୍ଦମା ଆରମ୍ଭ କରିଦେଲେ । ସେମାନଙ୍କ ଦାବି ହେଲା, ଯେହେତୁ ନିକୁଞ୍ଜବାବୁଙ୍କ ସମ୍ପତ୍ତିର କେହି ଉତ୍ତରାଧିକାରୀ ନାହାନ୍ତି, ସେମାନେ ତାଙ୍କର ଦାଦିପୁଅ ଭାଇ ହୋଇ ଥିବାରୁ ସେହି ସମ୍ପତ୍ତିର ମାଲିକ ସେମାନେ ହେବା ଉଚିତ୍ । ଏହି ମୋକଦ୍ଦମା ଭାରତର ଇତିହାସରେ ଏକ ବଡ଼ ମୋକଦ୍ଦମା ହୋଇଥିବାରୁ ଦେଶ ବିଦେଶର ଖବରକାଗଜରେ ଏ ବିଷୟ ବାହାରି ପଡ଼ିଲା । ଭାରତର ବଡ଼ ବଡ଼ ଓକିଲ ମୋକଦ୍ଦମାରେ ଲଢ଼ିବା ପାଇଁ ବୋମ୍ବେ, କଲିକତାରୁ ଡକାହୋଇ ଦିଲ୍ଲୀ ଆସିଲେ ।

Digitized by srujanika@gmail.com

ଏଇ ଖବରଟି ଆମେରିକାର ନିଉୟର୍କ ଟାଇମ୍‌ସ ଖବର କାଗଜରେ ବାହାରିଥିଲା । ନିକୁଞ୍ଜବାବୁଙ୍କ ପୁଅର ସରୋଗେଟ୍ ମା' ମିସେସ୍ ବ୍ରାଉନ୍ ଦିନେ ଖବରକାଗଜ ପଢୁପଢୁ ଏହି ଦୁଃଖଦାୟକ ସମ୍ବାଦଟି ପଢ଼ି ଚକିତ ହୋଇଗଲେ ।

ମିଷ୍ଟର ରାୟ, ଗୀତା ଓ ତାଙ୍କ ପୁଅ ସମସ୍ତେ ଏକ ସଙ୍ଗେ ମୃତ୍ୟୁମୁଖରେ ପଡ଼ିଥିବାରୁ ତାଙ୍କର ଭାରି ମନ କଷ୍ଟ ହେଲା । କେତେ ସରାଗରେ ସେମାନେ ପିଲାଟିକୁ ନେଇ ଭାରତ ଫେରି ନ ଥିଲେ ସତେ ! ବିଧାତା କ'ଣ ସେମାନଙ୍କ ଭାଗ୍ୟରେ ଶେଷରେ ଏଇଆ ଲେଖିଥିଲା ? ତେବେ ତାଙ୍କ ସମ୍ପତ୍ତି ନେଇ ଭାଇ ବିରାଦରିମାନେ ମୋକଦ୍ଦମା ଲଗାଇଥିବାରୁ ସେ ବିସ୍ମିତ ହେଲେ । ଭାବିଲେ "କାହିଁକି" ମିଷ୍ଟର ରାୟ ତ ନିଃସନ୍ତାନ ନୁହନ୍ତି । ତାଙ୍କର ଏବେ ବି ଗୋଟିଏ ସନ୍ତାନ ଉତ୍ପାଦନକ୍ଷମ ନିଷିକ୍ତ ଡିମ୍ବାଣୁ ଆମେରିକାରେ ମହଜୁଦ ଅଛି । ଦରକାର ପଡ଼ିଲେ ସେ ବି ତ ତାଙ୍କ ସନ୍ତାନ ହୋଇ ଠିଆ ହୋଇପାରିବ । ତେବେ ଅଯଥା ଏସବୁ ମାଲିମୋକଦ୍ଦମା କାହିଁକି ?"

ମିସେସ୍ ବ୍ରାଉନ୍ ଏହି ଦୁଃଖଦାୟକ ଘଟଣା କଥା କାହାକୁ କହିବେ ଭାବି ଠିକ୍‌କରି ନ ପାରି ସଙ୍ଗେ ସଙ୍ଗେ ଡାକ୍ତର ମେଜରଙ୍କ କ୍ଲିନିକ୍‌କୁ ଦୌଡ଼ିଲେ । ତାଙ୍କ କ୍ଲିନିକ୍‌ରେ ପହଞ୍ଚି ନିଉୟର୍କ ଟାଇମ୍‌ସରେ ବାହାରିଥିବା ସମ୍ବାଦ କଥା ତାଙ୍କୁ ଜଣାଇଲେ । ସେଥିସହ କାଗଜରେ ବାହାରିଥିବା ମାଲିମୋକଦ୍ଦମାର ଖବରକୁ ମଧ୍ୟ ନ ଦେଖାଇ ରହି ପାରିଲେନି । ଡାକ୍ତର ମେଜର ଖବରଟି ପଢ଼ି ଅତ୍ୟଧିକ ଦୁଃଖିତ ହେଲେ । ତାଙ୍କ ଆଖିଆଗରେ ନିକୁଞ୍ଜବାବୁ, ଗୀତା ଓ ଛୋଟ ପୁଅର ବିଦାୟକାଳୀନ ମୁହଁ ଭାସି ଉଠିଲା । ସେମାନେ କେତେ ସରାଗରେ ଭାରତ ଫେରି ନ ଥିଲେ ସତେ ! ଶେଷରେ ସେମାନଙ୍କ ଭାଗ୍ୟରେ କ'ଣ ଏଇଆ ଲେଖାଥିଲା ?

"ସେମାନଙ୍କ ଅନ୍ୟ ନିଷିକ୍ତ ଡିମ୍ବାଣୁଟି କ୍ରାଏଟୋରିୟମ୍‌ରେ ଗଚ୍ଛିତ ଅଛି ତ ଡାକ୍ତର ?" ମିସେସ୍ ବ୍ରାଉନ୍ ନୀରବତା ଭଙ୍ଗ କରି ପଚାରିଲେ ।

ଏହି ପ୍ରଶ୍ନରେ ଡାକ୍ତର ମେଜର ହଠାତ୍ ପ୍ରକୃତିସ୍ଥ ହୋଇପଡ଼ି କହିଲେ, "ଆଁ ! ହଁ, ହଁ, ମିସେସ୍ ବ୍ରାଉନ୍, ଗଚ୍ଛିତ ଅଛି ।"

"କାହିଁକି ? କ'ଣ ପାଇଁ ପଚାରିଲ୍ ଯେ ?"

"ମୁଁ କ'ଣ କହୁଥିଲି କି ଡାକ୍ତର, ଆପଣତ ଦେଖୁଛନ୍ତି ମିଷ୍ଟର ରାୟଙ୍କ ଉତ୍ତରାଧିକାରୀ ନେଇ ଭାରତରେ କେମିତି ମାଲିମୋକଦ୍ଦମା ଆରମ୍ଭ ହୋଇ ଯାଇଛି । ସେହି ମାଲିମୋକଦ୍ଦମାର ପୂର୍ଣ୍ଣ ଅବସାନ ଘଟନ୍ତା, ଯଦି ସେହି ନିଷିକ୍ତ ଡିମ୍ବାଣୁଟି

Digitized by srujanika@gmail.com

ଏକ ସନ୍ତାନରେ ପରିଣତ ହୋଇପାରନ୍ତା । ଏହି ସନ୍ତାନଟି ହୁଅନ୍ତା ସେମାନଙ୍କର ସମ୍ପତ୍ତିର ଆଇନଗତ ଦାୟାଦ । ମିଷ୍ଟର ରାୟ ଆଉ ନିଃସନ୍ତାନ ଭାବରେ ଗଣାଯା'ନ୍ତେ ନାହିଁ ।''

''ଓଃ, ଏଥର ବୁଝିଲି ତୁମ ପ୍ରଶ୍ନର ଉଦ୍ଦେଶ୍ୟ ମିସେସ୍ ବ୍ରାଉନ୍ । ତୁମେ ପ୍ରକୃତରେ ଠିକ୍ କଥା କହିଛ । ହଁ, ସେହି ନିଷିକ୍ତ ଡିମ୍ବାଣୁଟି ଯଦି ଗୋଟିଏ ସନ୍ତାନରେ ପରିଣତ ହୁଏ, ତେବେ ଏହି ମୋକଦ୍ଦମାର ପରିସମାପ୍ତି ଘଟନ୍ତା । ମିଷ୍ଟର ରାୟ ନିଃସନ୍ତାନ ବୋଲି ପରିଗଣିତ ହୁଅନ୍ତେନି । ଅତି ସୁନ୍ଦର ତୁମ ବିଚାରଧାରା ମିସେସ୍ ବ୍ରାଉନ୍, ଅଶେଷ ଧନ୍ୟବାଦ ।''

''ଆପଣ ଶୀଘ୍ର ଏକଥା ଲେଖି ଦିଲ୍ଲୀ କୋର୍ଟକୁ ଜଣାଇଦିଅନ୍ତୁ । ଆପଣଙ୍କ ପତ୍ର ଗୋଟିଏ ପରିବାରକୁ ନିଶ୍ଚିହ୍ନ ହେବାରୁ ରକ୍ଷା କରନ୍ତା ଡାକ୍ତର ।''

''ହଁ, ହଁ, ଠିକ୍ କହିଛ ମିସେସ୍ ବ୍ରାଉନ୍ । ଆଜି ମୁଁ ଦିଲ୍ଲୀ କୋର୍ଟକୁ ଲେଖୁଛି ସେ କଥା । ତୁମ ଚିନ୍ତାଧାରାଟି ବେଶ୍ ସମୟୋପଯୋଗୀ ହୋଇଛି ।''

''କୋର୍ଟ ଯଦି ଆପଣଙ୍କ କଥାକୁ ଗ୍ରହଣ କରେ, ତେବେ ମୁଁ ବିନା ପାରିଶ୍ରମିକରେ ସେହି ସନ୍ତାନର ସରୋଗେଟ୍ ମା' ହେବାପାଇଁ ପ୍ରସ୍ତୁତ ଅଛି ଡାକ୍ତର । ଆମେରିକାରେ ଥିଲାବେଳେ ସେହି ପରିବାର ମୋର ଯେଉଁ ଉପକାର କରିଛନ୍ତି, ମୁଁ ଜୀବନ ସାରା ତାକୁ ଭୁଲି ପାରିବିନି ଡାକ୍ତର । ସେହି ପରିବାରକୁ ନିଶ୍ଚିହ୍ନ ହେବାରୁ ରକ୍ଷା କରିପାରିଲେ ମୁଁ ନିଜକୁ ଅତି ଗୌରବାନ୍ୱିତ ମନେ କରିବି ।''

ଡାକ୍ତର ମେଜର ମିସେସ୍ ବ୍ରାଉନ୍‌କୁ ଏହି କଥା କହିଦେଲେ ସିନା, କିନ୍ତୁ ପରେ ପରେ ଭାବିହେଲେ କ୍ରାଏଟୋରିୟମ୍‌ରେ ନିଷିକ୍ତ ଡିମ୍ବାଣୁଟି ସୁସ୍ଥ ଅବସ୍ଥାରେ ଥିବ ତ ? ସେ ତ ଢେର୍ ଦିନ ହେଲା ଡିମ୍ବାଣୁଟିକୁ ପରୀକ୍ଷା କରି ନାହାନ୍ତି । ସେ କାଳବିଳମ୍ବ ନ କରି ନିଷିକ୍ତ ଡିମ୍ବାଣୁଟିକୁ ପରୀକ୍ଷା କରିବାପାଇଁ କ୍ରାଏଟୋରିୟମ୍‌କୁ ଦୌଡ଼ିଲେ । ସେ ପରୀକ୍ଷା କରି ଦେଖିଲେ ଡିମ୍ବାଣୁଟି ବେଶ୍ ସୁସ୍ଥ ଅଛି । ଏହାକୁ ନେଇ ଏକ ସରୋଗେଟ୍ ମା' ଗର୍ଭରେ ସ୍ଥାପନା କଲେ ଏହା ଏକ ସୁସ୍ଥ ସନ୍ତାନରେ ପରିଣତ ହୋଇପାରିବ । ତେଣୁ ସେ ସଙ୍ଗେ ସଙ୍ଗେ ଦିଲ୍ଲୀ କୋର୍ଟକୁ ଏସବୁ କଥା ବର୍ଣ୍ଣନା କରି ଖଣ୍ଡିଏ ଚିଠି ଲେଖିଲେ ।

ଦିଲ୍ଲୀ କୋର୍ଟରୁ ଆଦେଶ ପାଇ ଦଳେ ବିଶେଷଜ୍ଞ ଆମେରିକା ଆସିଲେ ଏଇ ବିଷୟଟିକୁ ପରୀକ୍ଷା କରି ଦେଖିବାପାଇଁ । ଡାକ୍ତର ମେଜରଙ୍କ ଦାବି କେତେଦୂର ଯୁକ୍ତିଯୁକ୍ତ, ତାକୁ ପରୀକ୍ଷା କରି ଦେଖିବା ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । ସେମାନେ ଏଠାକାର କାଗଜପତ୍ର ଦେଖି କ୍ରାଏଟୋରିୟମ୍‌ରେ ଥିବା ନିଷିକ୍ତ ଡିମ୍ବାଣୁଟିକୁ

Digitized by srujanika@gmail.com

ପରୀକ୍ଷା କରି ଫେରିଯାଇ ଦିଲ୍ଲୀ କୋର୍ଟରେ ରିପୋର୍ଟ ଦେଲେ ଯେ, ଡାକ୍ତର ମେଜର ଯାହା କହିଛନ୍ତି, ତାହା ପୂରାପୂରି ସତ୍ୟ । ସେଇ ନିଷିକ୍ତ ଡିମ୍ବାଣୁଟି ସୁବିଧା ପାଇଲେ ଏକ ସୁସ୍ଥ ସନ୍ତାନରେ ପରିଣତ ହୋଇପାରିବ ଓ ସେ ହେବ ନିକୁଞ୍ଜକିଶୋର ରାୟଙ୍କ ଆଇନଗତ ଦାୟାଦ ।

ଏହିସବୁ ବିଷୟ ଆଲୋଚନାକୁ ବିଚାରକୁ ନେଇ ଜଜ୍ ରାୟ ଦେଲେ ଯେ, ମୃତ ନିକୁଞ୍ଜକିଶୋର ରାୟଙ୍କ ସତୁରିକୋଟି ଟଙ୍କା ସମ୍ପତ୍ତିର ମାଲିକ ହେବ ସେଇ ନିଷିକ୍ତ ଡିମ୍ବାଣୁଟି, ଯାହା ଆମେରିକାର ହଲ୍‌ଡେନ୍ କ୍ରାଏଟୋରିୟମ୍‌ରେ ସଞ୍ଚିତ ହୋଇ ରହିଛି । କୋର୍ଟର ହେପାଜତରେ ସେ ଏକ ଶିଶୁ ସନ୍ତାନରେ ପରିଣତ ହେଲେ ସେଇ ସନ୍ତାନଟି ହେବ ନିକୁଞ୍ଜକିଶୋର ରାୟ ସଂସ୍ଥାର ମାଲିକ । ନିକୁଞ୍ଜବାବୁଙ୍କ ଭାଇ, ପୁତୁରାମାନେ ଏ ସମ୍ପତ୍ତିରୁ କିଛି ପାଇବେନି ।

ପିଲାଟି ଜନ୍ମ ହେବାପରେ ଭାଇପୁତୁରାଙ୍କ ହେପାଜତରେ ନ ରହି ମାମୁଁଘର ହେପାଜତରେ ରହିଲା । ସେଇ ପିଲାଟି ହେଉଛି ଏଇ । ସେ ଏତେ ଦିନକାଳ ନିଜ "ମା' କାହିଁ, ମା' କାହିଁ" ହୋଇ ଆଜି ଏଠି ଶୋଇପଡ଼ିଛି । ଏହି ବାପମା' ଛେଉଣ୍ଡ ପିଲାଟିକୁ ତୁମେ କୋଳକୁ ନେଇ ଏହାପ୍ରତି ମାତୃତ୍ୱ ଢାଳିଦେଲେ, ପିତୃମାତୃହରା ପିଲାଟି ଟିକିଏ ବାତ୍ସଲ୍ୟପ୍ରେମ ପାଇପାରନ୍ତା । କୁହ ସ୍ମିତା, ତୁମେ ତାକୁ ସେଥିରୁ ବଞ୍ଚିତ କରିବ ନାହିଁ ତ ?

ସେତେବେଳକୁ ସ୍ମିତାର ଆଖିରେ ଲୁହ ଭରି ଯାଇଥିଲା । ସେ ସୁପ୍ତ ପିଲାଟିକୁ ନିଜ କୋଳକୁ ଉଠାଇ ନେଇ ତା' ମୁହଁରେ ଘନ ଘନ ଚୁମ୍ବନ ଆଙ୍କି ଦେଉ ଦେଉ କହିଲା, "ତୁମେ ନିଶ୍ଚିତ ହୁଅ । ଏ ପୁଅ ହେବ ଆମର ଜ୍ୟେଷ୍ଠପୁତ୍ର । ଆମର ଯେବେ ପିଲାହେବ, ସେ ଏହାକୁ ନିଜ ବଡ଼ଭାଇ ଭଳି ଯେମିତି ଦେଖିବ, ସେଥିପାଇଁ ମୁଁ ତୁମକୁ ନିର୍ଭର ପ୍ରତିଶ୍ରୁତି ଦେଉଛି ଆଜିଠାରୁ ।

Digitized by srujanika@gmail.com

ଗ୍ରହାଣୁ ବୋମା

ହଠାତ ନିଦ ଭାଜିଗଲା । ଧୀରେ ଧୀରେ ଆଖି ମେଲିଲି । ଶୀତତାପ ନିୟନ୍ତ୍ରିତ ଶୟନକକ୍ଷର ପଲଙ୍କ ଉପରେ ମୁଁ ବେଶ୍ ଆରାମରେ ଶୋଇଛି । ମୋଠାରୁ ଅଳ୍ପ ଦୂରେଇ ଯାଇ ପଲଙ୍କର ଆରପାଖରେ ଗାଢ଼ନିଦରେ ଶୋଇଯାଇଛି ଗୀତା । ଶୟନକକ୍ଷର ନିଷ୍ପ୍ରଭ ନୀଳ ଆଲୋକରେ ଗୀତା ଦିଶୁଥାଏ ଅସ୍ପଷ୍ଟ ଓ ସୁନ୍ଦର, ଆଲୁଳାୟିତ କେଶଗୁଚ୍ଛ ଓ ତ୍ରସ୍ତବିତ୍ରସ୍ତ ବସନ ତା'ର ସାରା ତନୁଟିକୁ ଆବୃତ କରି ପାରିନି । ଯେଉଁ ଅଦ୍ଭୁତ ସ୍ୱପ୍ନ ଯୋଗୁଁ ନିଦଟା ଭାଜିଗଲା, ସେଇ ସ୍ୱପ୍ନକଥା ମନେ ପକାଇ ଉଠି ବସିଲି । କି ଅଜବ ସ୍ୱପ୍ନ ସତେ ! ମଣିଷ ବି ବେଳେ ବେଳେ ଏମିତି ଅଜବ ସ୍ୱପ୍ନ ଦେଖିପାରେ ଭାବି ପାରିଲିନି ! ଗୀତାକୁ ନ ଉଠାଇ ଏକାକୀ ଶେଯରୁ ଉଠି ଆସିଲି । ଅଜାଣତଭାବେ ମୋ ପାଦଦୁଇଟି ଆଗେଇ ଚାଲିଲା ଗ୍ୟାରେଜ୍‌ଆଡ଼େ । ମନକୁ ମନ ଗ୍ୟାରେଜ ଖୋଲି ଗାଡ଼ିନେଇ ବାହାରି ପଡ଼ିଲି । ଗାଡ଼ି ଛୁଟିଚାଲିଲା ମାନମନ୍ଦିର ଅଭିମୁଖେ । ଅଦୂରବର୍ତ୍ତୀ ପାହାଡ଼ ଉପରେ ଆମର ବିରାଟ ମେକଡୋନାଲ୍ଡ ମାନମନ୍ଦିର ।

ମାନମନ୍ଦିରରେ ସେଦିନ ରାତି ଡିଉଟିରେ ଥାଏ ଜ୍ୟୋତିର୍ବିଜ୍ଞାନବିତ୍ ମିସ୍ ଜୁଲି ଡୋନର । ମାନମନ୍ଦିରର ପର୍ଯ୍ୟବେକ୍ଷଣ କକ୍ଷରେ ସେ ପର୍ଯ୍ୟବେକ୍ଷଣରତା । କକ୍ଷଟି ଭିତରୁ ବନ୍ଦଥିଲା । ଦୁଆରେ କଲିଙ୍ଗବେଲ ଟିପିଲି । ପର୍ଯ୍ୟବେକ୍ଷଣ ଛାଡ଼ି ଦୁଆର ଖୋଲିଲା ଜୁଲି । ମୋତେ ଏ ଅସମୟରେ ଦୁଆର ପାଖରେ ଦେଖି ହଠାତ୍ ଅବାକ ହୋଇଗଲା ସେ । ଅଲକ୍ଷ୍ୟରେ ତା' ପାଟିରୁ ବାହାରି ପଡ଼ିଲା, "ଆପଣ ହଠାତ୍ ଏ ଅସମୟରେ ସାର୍ ?"

"ହଁ ଜୁଲି ! ହଠାତ୍ ଚାଲିଆସିଲି । କହୁ କହୁ ଭିତରକୁ ପଶି ଯାଇ ନିକଟସ୍ଥ ସୋଫାରେ ବସି ପଡ଼ିଲି ।

ଜୁଲି ଦୁଆର ବନ୍ଦ କଲା । ନିର୍ଜନ ଘନ ଅନ୍ଧକାର ରାତି । ଚାରିଆଡ଼ ନିସ୍ତବ୍ଧ । ନିଶା ସାଇଁ ସାଇଁ ଗର୍ଜୁଛି । ପର୍ଯ୍ୟବେକ୍ଷଣାଗାରରେ କେହି ନାହିଁ । ଜୁଲି ଆଉ ମୁଁ । ଝରକା ଦେଇ ଲକ୍ଷ୍ୟ କଲି ପାହାଡ଼ ଉପରୁ ତଳକୁ ଅସ୍ପଷ୍ଟ ଦିଶୁଛି ଆମ ବସତିଗୁଡ଼ିକ । ଠାଏ ଠାଏ ରାସ୍ତା ଆଲୋକ ଓ ଘର ଆଲୋକର ଝାପ୍‌ସା ଝାପ୍‌ସା ଚିହ୍ନ ।

Digitized by srujanika@gmail.com

ଦୁଆର ବନ୍ଦ କରି ଜୁଲି ମୋତେ ଲକ୍ଷ୍ୟ କଲା, ତନ୍ଦ୍ରାବିଜଡ଼ିତ ଆଖି, ଭାରାକ୍ରାନ୍ତ ମନ । ଭାଷାର ଅସ୍ପଷ୍ଟତା ତାକୁ ଆହୁରି ଆଶ୍ଚର୍ଯ୍ୟ କଲା । ହଠାତ୍ ବୁଝିପାରିଲାନି ସେ ମୋ ଆସିବାର କାରଣ । ପଚାରିଲା "ଆପଣ ବୋଧହୁଏ ହଠାତ୍ ନିଦରୁ ଉଠି ଚାଲି ଆସିଛନ୍ତି ସାର୍ ?

"ହଁ ଜୁଲି" ସୋଫାକୁ ଟିକିଏ ଆଉଜି ଯାଇ ଉତ୍ତରଦେଲି । ଶୋଇଥିଲି ହଠାତ୍ ନିଦ ଭାଙ୍ଗିଗଲା ଆଉ ନିଦ ହେଲାନି । ଭାବିଲି ଯାଏ ମାନମନ୍ଦିର ଆଡ଼େ ଟିକିଏ ବୁଲିଆସେ । କାହାକୁ ନ କହି ମୁଁ ଚାଲିଆସିଛି । ଏମିତି କି ରୀତା ବି ଜାଣିନି ।'

"କିନ୍ତୁ ସାର୍, "କ'ଣ କହିବାକୁ ଯାଉଥିଲା ଜୁଲି । ସେ କହିବା ପୂର୍ବରୁ ମୁଁ ତାକୁ ପଚାରିଲି, "ତୁମେ ଇକାରସ ସମ୍ବନ୍ଧରେ କିଛି ଆଧୁନିକ ସମ୍ବାଦ ପଢ଼ିଛ ଜୁଲି ?"

"ହଁ ସାର୍ ପଢ଼ିଛି, କାହିଁକି ?

"କେଉଁ ବିଷୟରେ ପଢ଼ିଛ ଶୁଣେ ? ଇକାରସର ସୃଷ୍ଟି ରହସ୍ୟ ନେଇ କିଛି ପଢ଼ିଛ ?

"ହଁ ସାର୍, ଏଷ୍ଟ୍ରୋନମିକାଲ ଜର୍ଣ୍ଣାଲର ଚଳିତସଂଖ୍ୟାରେ ଏକ ସୁନ୍ଦର ପ୍ରବନ୍ଧ ବାହାରିଛି ଇକାରସ ସମ୍ବନ୍ଧରେ । ଲେଖକ ନାନା ପ୍ରମାଣ ଦେଇ ପ୍ରତିପାଦନ କରିଛନ୍ତି ଇକାରସ ସମେତ ଗ୍ରହାଣୁଗୁଡ଼ିକର ସୃଷ୍ଟି ରହସ୍ୟ । ତାଙ୍କ ମତରେ ମଙ୍ଗଳ ଓ ବୃହସ୍ପତି ଗ୍ରହର କକ୍ଷଦ୍ୱୟ ମଧ୍ୟରେ ଥିବା କକ୍ଷରେ ସୂର୍ଯ୍ୟ ପରିକ୍ରମା କରୁଥିବା ଏକ ବିରାଟ ଗ୍ରହରୁ ଏସବୁର ସୃଷ୍ଟି ହୋଇଛି । ଏହି ଗ୍ରହଟି ଥିଲା ପୃଥିବୀ ଭଳି ବିରାଟ । ପୃଥିବୀର ଅବସ୍ଥା ସହିତ ସେହି ଗ୍ରହର ଅବସ୍ଥା ଥିଲା ଅନେକାଂଶରେ ସମାନ । ସେଠି ପୃଥିବୀ ଭଳି ଜଳ, ସ୍ଥଳ, ବାୟୁ, ଉଦ୍ଭିଦ, ପ୍ରାଣୀ ସବୁ କିଛି ଥିଲେ । ସେଠି ଆଜକୁ ପଚାଶ ହଜାର ବର୍ଷ ତଳେ ଗଢ଼ି ଉଠିଥିଲା ଏକ ସୁସଭ୍ୟ ବିଜ୍ଞାନୋନ୍ନତ ମଣିଷ ସମାଜ । ନିଜ ନିଜ ମଧ୍ୟରେ ଯୁଦ୍ଧ କରି ଅତି ଶକ୍ତିଶାଳୀ ପ୍ରତିବସ୍ତୁ ମାରଣାସ୍ତ୍ର ପ୍ରୟୋଗ ଫଳରେ ସେହି ଗ୍ରହଟି ଧ୍ୱଂସ ପାଇଗଲା । ସେଥି ସହିତ ଧ୍ୱଂସ ପାଇଗଲା ଗ୍ରହ ଉପରେ ଥିବା ସୁସଭ୍ୟ ମଣିଷ ସମାଜ ଓ ତାର ଯାନ୍ତ୍ରିକ ସଭ୍ୟତା । ସେହି ଯୁଦ୍ଧ ବେଳେ ସେଠାରୁ ଏକ ମହାଶୂନ୍ୟଯାନରେ ଜୀବନ ବିକଳରେ ଖସି ପଳାଇ ଆସିଥିଲେ ଦୁଇଜଣ ଯୁବକ ଯୁବତୀ ପୃଥିବୀପୃଷ୍ଠକୁ । ସେତେବେଳେ ପୃଥିବୀପୃଷ୍ଠରେ ରାଜୁତି କରୁଥିଲେ ହିଂସ୍ର ପଶୁପକ୍ଷୀମାନେ । ଏମାନେ ସେମାନଙ୍କ ସହିତ ଯୁଦ୍ଧ କରି ପାହାଡ଼ର ଏକ ଗୁମ୍ଫାରେ ଆଶ୍ରୟ ନେଇ ବଞ୍ଚି ରହିଲେ । ପୃଥିବୀର ମଣିଷ ସମାଜ ସେହିମାନଙ୍କଠାରୁ

Digitized by srujanika@gmail.com

ଆରମ୍ଭ । ସେହିମାନେ ହେଉଛନ୍ତି ଆମର ପୂର୍ବପୁରୁଷ ଆଦାମ୍ ଆଉ ଇଭ୍ । ଲେଖକଙ୍କ ମତରେ ପୃଥିବୀର ଆଧୁନିକ ମଣିଷ ଡାରୱଇନ୍‌ଙ୍କ ମତରେ ମାଙ୍କଡ଼ ଭଳି ପ୍ରାଣୀରୁ ମନ୍‌କ୍ରମନ ଉଦ୍ଭବ ହୋଇ ନାହିଁ । ପୃଥିବୀର ମାନବ ସମାଜ ସେହି ଯୁବକଯୁବତୀଙ୍କ ଦାୟାଦ ।

ଯୁଦ୍ଧବେଳେ ସେହି ଗ୍ରହଟି ଧ୍ୱସ୍ତବିଧ୍ୱସ୍ତ ହୋଇ ଛୋଟବଡ଼ ଖଣ୍ଡରେ ବିଭକ୍ତ ହୋଇଗଲା । ସେହି ଖଣ୍ଡ ବିଖଣ୍ଡ ଭିତରୁ ଗୋଟିଏ ହେଲା ଏହି ଗ୍ରହାଣୁ ଇକାରସ । ଏତଦ୍‌ବ୍ୟତୀତ ସିରସ୍, ପାଲାସ, ଭେଷ୍ଟା, ଜୁନୋ, ଇଡାଲଗୋ, ଏଡୋନସ୍, ଏରସ୍, ଏପଲୋ, ହାରମସ୍ ପ୍ରଭୃତି ପ୍ରାୟ ଦେଢ଼ହଜାର ସରିକି ଛୋଟ ବଡ଼ ଗ୍ରହାଣୁ ଅଛନ୍ତି । ଏବେ ବି ସେମାନଙ୍କ ଜୀବନ ଇତିହାସର କରୁଣ କାହାଣୀ ବର୍ଣ୍ଣନା କରିବା ପାଇଁ ମହାଶୂନ୍ୟର ସେହି ଅନନ୍ତ କକ୍ଷପଥରେ ସେମାନେ ଲକ୍ଷ୍ୟହୀନ ଭାବରେ ଘୂରି ବୁଲୁଛନ୍ତି । ଆଉ....

ହଠାତ୍ ଟେଲିଫୋନ୍ ବାଜି ଉଠିଲା । ଜୁଲିର ବର୍ଣ୍ଣନା ବନ୍ଦ ହୋଇଗଲା । ସେ ଦୌଡ଼ିଯାଇ ଫୋନ୍ ଧରିଲା । କହିଲା "ହଁ, ହଁ ମୁଁ ଜୁଲି । ହଁ ଡିରେକ୍ଟର ବର୍ତ୍ତମାନ ଏଠାରେ ଅଛନ୍ତି ।"

କଥାବାର୍ତ୍ତାରୁ ଅନୁମାନ କରିନେଲି, ଘରୁ ଗୀତା ବୋଧହୁଏ ଫୋନ୍ କରିଛି । ଗୀତାର ନିଦ ଯେତେବେଳେ ଭାଙ୍ଗିଯାଇଥିବ ସେ ଉଠି ମୋତେ ନ ପାଇ ଖୋଜିଥିବ । କେଉଁଠି ନ ପାଇ ମାନମନ୍ଦିରକୁ ଫୋନ୍ କରିଛି । ମାର୍କିନ୍ ମହିଳା ସେ । ତାକୁ ନ କହି ଏହି ଅର୍ଦ୍ଧରାତ୍ରିରେ ଘରୁ ବାହାରି ଆସିବାକୁ ସେ ପସନ୍ଦ କରି ପାରିନି । ସ୍ୱାମୀର ପ୍ରତ୍ୟେକ କାମଉପରେ ସ୍ତ୍ରୀର ଜାଣିବାର ଷୋଳପଣ ଅଧିକାର । ହଠାତ୍ ଘରୁ ନ କହି ଚାଲିଆସିବା ଅର୍ଥ ଗୀତା ପ୍ରତି ଏକ ବଡ଼ ଅପମାନ ।

ହଠାତ୍ ବାହାରେ ରିଙ୍ଗ୍ ହେଲା । ଜୁଲି ସେତେବେଳେ ଅନ୍ୟ ରୁମ୍‌କୁ ଯାଇଥିଲା ମେଗାଜିନଟି ଆଣିବାପାଇଁ, ରିଙ୍ଗ୍ ଶୁଣି ମୋ ପାଖକୁ ଆସିବ କଅଣ କବାଟ ଖୋଲିଦେବାକୁ ଚାଲିଗଲା ।

ଧରିନେଲି ଅଭିମାନମୟୀ ଗୀତା ଚାଲିଆସିଲା ବୋଧେ । ଅଭିମାନଭରା ସ୍ୱରରେ ସେ ବର୍ତ୍ତମାନ କେତେ କ'ଣ ଗାଇଯିବ ମୋ ବିରୋଧରେ ଜୁଲି ଆଗରେ । କେତେଭାବରେ ସେ ମୋତେ ଦୋଷୀ ସାବ୍ୟସ୍ତ କରିବାକୁ ଭୁଲିବନି ଏଥର ।

କିନ୍ତୁ ଜୁଲି ସହିତ ଗୀତା ପରିବର୍ତ୍ତରେ ମୋ ପାଖକୁ ଆସିଲେ ଜଣେ ସାମରିକ ଅଫିସର, ହାତରେ ଏକ ଜଉମୁଦ ଚିଠି । ଚିଠିଟି ଆସିଛି ମାଉଣ୍ଟ ପାଲମୋର ମାନମନ୍ଦିରର ଡିରେକ୍ଟରଙ୍କଠାରୁ । ଚିଠିଟି ନେଇ ଖୋଲିଲି । ଚିଠିରେ ଲେଖାଥିଲା

Digitized by srujanika@gmail.com

ସଙ୍ଗେ ସଙ୍ଗେ ମାଉଣ୍ଟ ପାଲମୋର ଅଭିମୁଖେ ଯିବା ପାଇଁ । ନିମନ୍ତ୍ରଣର କାରଣ ଚିଠିରେ କିଛି ଲେଖା ନ ଥିଲା, ସମ୍ଭବତଃ ଗୋପନୀୟ ।

ସଙ୍ଗେ ସଙ୍ଗେ ସେହି ଅର୍ଦ୍ଧରାତ୍ରିରେ ବାହାରି ପଡ଼ିଲି ମାଉଣ୍ଟ ପାଲମୋର ଅଭିମୁଖେ । ଗୀତାଠାରୁ ବିଦାୟନେବାକୁ ବେଳ ନ ଥାଏ । ଗୀତାକୁ ଫୋନ୍‌ରେ ମୋ ଯିବା କଥା ଜଣାଇ ଦେବା ପାଇଁ କୁଲିକୁ କହିଦେଇ ଗଲି ।

ମାଉଣ୍ଟ ପାଲମୋରରେ ଏକ ରାତିଅଧିଆ ଆଲୋଚନାଚକ୍ର । ହଠାତ୍ ଏକ ଜରୁରୀ ସଂବାଦରେ ପାଖଆଖର ଜ୍ୟୋତିର୍ବିଦ୍‌ମାନେ ଡକରାପାଇ ଏଠି ସମ୍ମିଳିତ ହୋଇଥାଆନ୍ତି । ସୋଭିଯେଟ୍ ରାଷ୍ଟ୍ରରୁ ଆମ ଗୋଇନ୍ଦାମାନେ ସଂଗ୍ରହ କରିଥିବା ଏକ ଅତି ଗୁପ୍ତଖବରରେ ମାର୍କିନ ସରକାର ଥରହର । ଯୁକ୍ତରାଷ୍ଟ୍ର ସରକାରଙ୍କ ଅନୁରୋଧ କ୍ରମେ ବୈଜ୍ଞାନିକ ତଥା ଜୋତିର୍ବିଦ୍‌ମାନଙ୍କ ଏକ ଗୁପ୍ତ ଆଲୋଚନା ଡକାଯାଇଛି । ଏହି ପ୍ରାଥମିକ ଆଲୋଚନାପରେ ଆଉ ଏକ ବଡ଼ ଆକାରର ଆଲୋଚନା ଚାଲିବାର ଯୋଜନା ରହିଛି ।

ଆଲୋଚନା ଆରମ୍ଭ କରିବାକୁ ଯାଇ ମାର୍କିନ ସେନାପତି ଜନ୍ ଷ୍ଟୋରଓ୍ବେଲ୍ ଉଠି ଠିଆ ହୋଇ କହିଲେ, "ଆପଣମାନେ ସମସ୍ତେ ଅବଗତ ଥିବେ, ଆମ ସୌରଜଗତର ଗ୍ରହାଣୁ ଇକାରସ ସମ୍ବନ୍ଧରେ । ଏହା ଆସନ୍ତା ୧୯୬୮ ମସିହା ଜୁନ୍ ମାସ ୧୪ ତାରିଖ ଦିନ ଆମ ପୃଥିବୀର ଆକର୍ଷଣ କ୍ଷେତ୍ରର ଖୁବ୍ ନିକଟକୁ ଚାଲି ଆସୁଛି । ଏହା ଆମର ଏତେ ନିକଟକୁ ଚାଲିଆସୁଛି ଯେ ଇକାରସକୁ ଯଦି ଆଉ ଟିକିଏ ନିକଟକୁ ଆସିବା ପାଇଁ ଠେଲା ଦିଆଯାଏ ତେବେ ଏହା ହୁଏତ ଆମ ପୃଥିବୀର ଆକର୍ଷଣ କ୍ଷେତ୍ର ଭିତରକୁ ଚାଲି ଆସିପାରେ, ଫଳରେ ଏହା ପୃଥିବୀ ଦ୍ୱାରା ଏତେ ଜୋରରେ ପୃଥିବୀ ଆଡ଼କୁ ଟାଣିହୋଇ ଆସିବ ଯେ ଏହା ସେହି ଆକର୍ଷଣ ଯୋଗୁଁ ଏକ ବିରାଟ ବିସ୍ଫୋରଣ ସହ ପୃଥିବୀ ସହିତ ଆଘାତ ପାଇବା ସମ୍ଭାବନା । ଏହା ଫଳରେ ପୃଥିବୀର ଖଣ୍ଡିଏ ଅଂଶ ବିଚ୍ଛିନ୍ନ ହୋଇଯାଇପାରେ । ଆମ ଗୁପ୍ତ ସମ୍ବାଦଦାତା ଆହୁରି ଜଣାଇଛନ୍ତି ଯେ ରୁଷୀୟମାନେ ଯୋଜନା କରୁଛନ୍ତି ଯେ ସେମାନେ ଅତି ଶକ୍ତିଶାଳୀ ରକେଟ୍ ସାହାଯ୍ୟରେ ବିଭିନ୍ନ ପ୍ରକାର ନିଉକ୍ଲିଆର ବୋମାକୁ ନେଇ ଇକାରସ ଉପରେ ବିସ୍ଫୋରଣ କରାଇ ଇକାରସକୁ ଏମିତି ଏକ ଠେଲା ପୃଥିବୀଆଡ଼କୁ ଦେବେ, ଯା ଫଳରେ ଏହା ଭୀମବେଗରେ ପୃଥିବୀଆଡ଼କୁ ଟାଣିହୋଇ ଆସି ଆମେରିକା ଯୁକ୍ତରାଷ୍ଟ୍ର ସହିତ ବାଧା ପାଇ ପୂରାପୂରି ଏହାକୁ ପୃଥିବୀପୃଷ୍ଠରୁ ନିଶ୍ଚିହ୍ନ କରିଦେବ । ଆମ ଗୁପ୍ତ ସମ୍ବାଦଦାତାମାନେ ଆହୁରି ମଧ୍ୟ ଜଣାଇଛନ୍ତି ଯେ ଇକାରସକୁ ଏକ ଗ୍ରହାଣୁ ବୋମା ଭାବରେ ବ୍ୟବହାର କରି ଆମର ଧ୍ୱଂସସାଧନ କରିବା ରୁଷିଆର ପ୍ରଧାନ ଲକ୍ଷ୍ୟ । ସେଥିପାଇଁ ଯଥାବିଧି ଯୋଜନା ସୋଭିଯେଟ ରାଷ୍ଟ୍ରରେ ହୋଇସାରିଛି ।

Digitized by srujanika@gmail.com

ଆମେ ଯଦି ଏତିକିବେଳୁଁ ସାବଧାନ ନ ହେଉ, ତେବେ ଆମେ ସମସ୍ତେ ସେମାନଙ୍କ ହୀନଚକ୍ରାନ୍ତର ଶିକାର ହେବାଛଡ଼ା ଗତ୍ୟନ୍ତର ନାହିଁ ।

ମାର୍କିନ ସେନାପତିଙ୍କ ଏହି ମନ୍ତବ୍ୟ ସମସ୍ତଙ୍କ ମନଭିତରେ ଆଶଙ୍କା ଓ ଭୟର ଏକ ଅଦୃଶ୍ୟ ଝଡ଼ ବୁହାଇଦେଲା । ମନରେ ଏତାଦୃଶ ଅସ୍ଥିରତା ହେତୁ ଏହା କେତେଦୂର ସମ୍ଭବ କି ଯୁକ୍ତିଯୁକ୍ତ, ଚିନ୍ତା କରିବାକୁ ଅନେକେ ସମୟ ପାଇଲେନି । ସମସ୍ତେ ମନେକଲେ ସତେ ଯେମିତି ଏକ ବଡ଼ ବିପଦ ସେମାନଙ୍କ ଦେଶ ଉପରକୁ ମାଡ଼ି ଆସୁଛି ଓ ଲୋକମାନେ ଘରଦ୍ୱାର ଛାଡ଼ି ପଳାଇବା ଆରମ୍ଭ କରିଦେଲେଣି ।

"କିନ୍ତୁ ଆପଣଙ୍କ ସଂଗୃହୀତ ଗୋପନୀୟ ସମ୍ବାଦର ସତ୍ୟତା ଉପରେ ଆପଣ ପୂରାପୂରି ନିର୍ଭରଶୀଳ ତ, ଜେନେରାଲ ଷ୍ଟୋରୱେଲ ?" ୟର୍କ ମାନମନ୍ଦିରର ଯୁବକ ଜ୍ୟୋତିର୍ବିଦ ହଚକିନ୍‌ସନ ସମ୍ବାଦର୍ ଗୁରୁତ୍ୱ ପ୍ରତି ଈଷତ୍ ଆକ୍ଷେପ କରି କହିଲେ ।

ମାର୍କିନ ସେନାପତି ହଠାତ୍ ଅପମାନିତବୋଧକରି ସାମାନ୍ୟ ଉତ୍ତେଜିତ ହୋଇ କହିଲେ, "ଆପଣ କ'ଣ ମୋତେ ଏକ କିଶୋର ପାଇଲେ ଡକ୍ଟର ହଚକିନ୍‌ସନ ? ଗୁପ୍ତସମ୍ବାଦ ପ୍ରତି ଆପଣଙ୍କ ଏଭଳି ବ୍ୟଙ୍ଗାତ୍ମକ ଆକ୍ଷେପ ସ୍ପୃହଣୀୟ ନୁହେଁ । ଆପଣ ଜଣେ ଗୁରୁତ୍ୱପୂର୍ଣ୍ଣ ମାନମନ୍ଦିରର ଡିରେକ୍ଟର ହୋଇ ଏଭଳି କିଶୋରସୁଲଭ ପ୍ରଶ୍ନ କେମିତି ପଚାରୁଛନ୍ତି, ମୁଁ ତାହାହିଁ ଶୁଣି ଆଶ୍ଚର୍ଯ୍ୟ ହେଉଛି । ଆପଣ ଏହାଦ୍ୱାରା କ'ଣ ପ୍ରମାଣ କରିବାକୁ ଚାହାନ୍ତି ଯେ ଏହି ସମ୍ବାଦର ଗୁରୁତ୍ୱ କିଛି ନାହିଁ । ଇକାରସକୁ ନେଇ ଏଭଳି ଜଘନ୍ୟ ଧ୍ୱଂସାତ୍ମକ ଖେଳ ଖେଳିବା ସୋଭିଏଟମାନଙ୍କ ପକ୍ଷରେ କ'ଣ ସମ୍ଭବ ନୁହେଁ ?"

ଆରମ୍ଭରୁ ଆଲୋଚନାର ମୋଡ଼ ଏଭଳି ଭାବରେ ଆଗେଇବା ମୋତେ ଭଲ ଲାଗିଲାନି । ଏକତ୍ରିତ ହୋଇଥିବା ଅନ୍ୟ ଜ୍ୟୋତିର୍ବିଦ୍‌ମାନେ ମୋ ଭଳି ଠିକ୍ ଅନୁଭବ କରୁଥିବାର ସେମାନଙ୍କ ମୁଖମଣ୍ଡଳରୁ ଜଣା ପଡୁଥିଲା ।

ମାଉଣ୍ଟ ପାଲମୋର ମାନମନ୍ଦିରର ପ୍ରଧାନ ଜ୍ୟୋତିର୍ବିଦ ଆଲୋଚନାକୁ ପ୍ରକୃତବାଟକୁ ଆଣିବା ପାଇଁ ଉଠି ଠିଆହୋଇ କହିଲେ, "କ୍ଷମା କରିବେ, ଯେଉଁଥିପାଇଁ ଏହି ଗୁପ୍ତ ଆଲୋଚନା ଡକା ଯାଇଛି, ତହିଁର ଉଦ୍ଦେଶ୍ୟ ପଣ୍ଡ ହେବ, ଯଦି ଆଲୋଚନା ଏଭଳିଭାବରେ ଅନ୍ୟବାଟରେ ଗତିକରେ । ତେବେ ବର୍ତ୍ତମାନ ଆମ ସରକାରଙ୍କ ହସ୍ତଗତ ହୋଇଥିବା ଗୁପ୍ତଖବରର ସମ୍ଭାବନା କେତେଦୂର ଯଥାର୍ଥ, ଆମର ବିଚାର କରିବା କଥା । ଇକାରସ ପୃଥିବୀର ନିକଟ ହେବା ନେଇ ଆମ ପର୍ଯ୍ୟବେକ୍ଷଣାଗାର ଯେଉଁ କଳନା କରିଛି, ତହିଁର ଏକ ସଂକ୍ଷିପ୍ତ ବିବରଣୀ ଆଲୋଚନାକୁ ନେଲେ ଆମେ ଏହି ଗୁପ୍ତ ସମ୍ବାଦର ସତ୍ୟାସତ୍ୟ ନିର୍ଣ୍ଣୟ କରି ପାରିବା ।

Digitized by srujanika@gmail.com

ମଙ୍ଗଳ ଓ ବୃହସ୍ପତି କକ୍ଷର ମଧ୍ୟବର୍ତ୍ତୀ ଏକ କକ୍ଷରେ ସୂର୍ଯ୍ୟପରିକ୍ରମା କରୁଥିବା ସହସ୍ରାଧିକ ଗ୍ରହାଣୁ ଭିତରୁ ଏହି ଇକାରସ ଗୋଟିଏ । ସିରସ, ଭେଷ୍ଟା, ଏରସ୍ ଆଦି ବଡ଼ ବଡ଼ ଗ୍ରହାଣୁମାନଙ୍କଠାରୁ ଇକାରସ ଆକାରରେ ଯଥେଷ୍ଟ ଛୋଟ ହେଲେହେଁ ଏହାର ବ୍ୟାସ ୫୦ ମାଇଲରୁ କମ୍ ହେବନି । ଏହାର କକ୍ଷ ବଡ଼ ବିଚିତ୍ର ଧରଣର । ଏହାର କକ୍ଷଟି ଏତେ ଲମ୍ବାଳିଆ ଯେ ଏହା ଗୋଟିଏ ପାଖରେ ବୁଧ କକ୍ଷ ପର୍ଯ୍ୟନ୍ତ ଲମ୍ବି ଯାଇଅଛି ତ, ଅନ୍ୟ ପାଖରେ ବୃହସ୍ପତି କକ୍ଷକୁ ଅତିକ୍ରମ କରିଛି । ୧୯୬୮ ମସିହା ଜୁନ ମାସ ୧୪ ତାରିଖ ଅପରାହ୍ଣ ୩ ଘଟିକା ୪୫ ମିନିଟ ୪୭ ସେକେଣ୍ଡରେ ଏହା ପୃଥିବୀର ନିକଟତମ ହେବ ଓ ସେତେବେଳେ ପୃଥିବୀଠାରୁ ଏହାର ଦୂରତ୍ୱ ରହିବ ମାତ୍ର ୬,୧୭୮,୯୮୮ ମାଇଲ ।

ଗଣନା ଦ୍ୱାରା ଜଣାଯାଇଛି ପୃଥିବୀର ପ୍ରକୃତ ଆକର୍ଷଣ କ୍ଷେତ୍ର ଯେଉଁ କ୍ଷେତ୍ର ଭିତରକୁ ଆସିଲେ ଇକାରସ ପୃଥିବୀ ଦ୍ୱାରା ଆକୃଷ୍ଟ ହୋଇ ପୃଥିବୀଆଡ଼କୁ ଧାବମାନ ହେବ, ଏହାର ଦୂରତ୍ୱ ପୃଥିବୀଠାରୁ ମାତ୍ର ୬, ୧୭୮, ୯୮୩ ମାଇଲ । ଏହି ଦୂରତାରୁ ସ୍ପଷ୍ଟ ବୁଝା ପଡୁଛି ଯେ ଇକାରସ ପୃଥିବୀର ନିକଟତମ ହେଉଥିବା ଅବସ୍ଥାରେ ମଧ ପୃଥିବୀର ଆକର୍ଷଣ କ୍ଷେତ୍ରଠାରୁ ମାତ୍ର ପାଞ୍ଚମାଇଲ ଦୂରରେ ରହୁଛି । କୌଣସି ପ୍ରକାରେ ଯଦି ଇକାରସ ଏହି ପାଞ୍ଚମାଇଲ ପଥକୁ ଅତିକ୍ରମ କରି ପୃଥିବୀର ଆକର୍ଷଣ କ୍ଷେତ୍ର ଭିତରକୁ ଚାଲି ଆସେ, ତେବେ ଏହା ପୃଥିବୀ ଦ୍ୱାରା ନିଶ୍ଚୟ ଟାଣି ହୋଇ ଆସିବ । ଧୀରେ ଧୀରେ ଏହାର ବେଗ ପୃଥିବୀଆଡ଼କୁ ବଢ଼ି ଚାଲିବ । ଟାଣିହେବାର ମାତ୍ର ୩୧ ଘଣ୍ଟା ୫୯ ମିନିଟ ଓ ୪୮ ସେକେଣ୍ଡ ଭିତରେ ପୃଥିବୀ ସହିତ ବାଧା ପାଇ ଏଭଳି ଏକ ବିରାଟ ବିସ୍ଫୋରଣ ସୃଷ୍ଟି କରିବ, ଯାହାର ପ୍ରଚଣ୍ଡତାର ଆକାର କଳନା କରିବା ଅସମ୍ଭବ । ଏହି ଧକ୍କା ଫଳରେ ପୃଥିବୀର ଏକଷଷ୍ଠାଂଶ ଲୋପ ପାଇଯିବ । ଇକାରସର ଦିଗ, ଗତି, ବେଗ ଆଦି ଉପରେ ନିର୍ଭର କରେ ଏହା ପୃଥିବୀର ଠିକ୍ କେଉଁ ଅଂଶ ଉପରେ ଆଘାତ କରିବ ଓ ପୃଥିବୀର କେଉଁ କେଉଁ ଦେଶ ଏହା ଦ୍ୱାରା ଧ୍ୱଂସ ପାଇଯିବେ । ଗୁପ୍ତ ସମ୍ବାଦରୁ ଯାହା ଜଣାପଡୁଛି ସୋଭିଯେଟମାନଙ୍କର ପରିକଳ୍ପନା ଯେ ଇକାରସର ବେଗ, ଗତି, ଦିଗକୁ ଆଣବିକ ମାରଣାସ୍ତ୍ର ସାହାଯ୍ୟରେ ନିୟନ୍ତ୍ରଣ କରିପାରିଲେ ଏହା ସାହାଯ୍ୟରେ ପୃଥିବୀର ଯେକୌଣସି ଦେଶ ଉପରେ ଆଘାତ କରାଯାଇ ପାରିବ । ସୋଭିଯେଟମାନଙ୍କ ହାତରେ ଯେଉଁ ଅତି ଶକ୍ତିଶାଳୀ ବିଭିନ୍ନଧରଣର ରକେଟ କ୍ଷେପଣାସ୍ତ୍ର ଆଦି ରହିଛି, ତାହା ସାହାଯ୍ୟରେ ଇକାରସକୁ ଆମ ପୃଥିବୀର ଆକର୍ଷଣ କ୍ଷେତ୍ର ଭିତରକୁ ଟାଣି ଆଣି ଆମ ଦେଶ ସହିତ ଆଘାତ କରାଇବା

Digitized by srujanika@gmail.com

ଅସମ୍ଭବ ନୁହେଁ । ଗଣନାର ଅବଶ୍ୟ ଏକ ଅତି ସୂକ୍ଷ୍ମାତିସୂକ୍ଷ୍ମ ପ୍ରମାଦ ହେଲେ, ଏହା ଅଭିପ୍ରେତ ସ୍ଥାନ ଉପରେ ଆଘାତ କରି ନ ପାରେ । ଏହା ସାହାଯ୍ୟରେ ଅନ୍ୟ ଦେଶକୁ ଧ୍ୱଂସ କରିବା ଯୋଜନା କରୁ କରୁ ସାମାନ୍ୟ ଏକ ପ୍ରମାଦ ଯୋଗୁଁ ନିଜ ଦେଶ ଯେ ଧ୍ୱଂସ ପାଇଯାଇପାରେ, ସେ ସମ୍ଭାବନାକୁ ମଧ୍ୟ ଏଡ଼ି ଦେଇ ହେବନି । ତେଣୁ ଏଭଳି ଏକ ବିପଦ ଥାଉ ଥାଉ ସୋଭିଯେଟମାନେ ଇକାରସକୁ ନେଇ ଏଭଳି ଏକ ଦୁଷ୍କର୍ମ କରିବେ କି କଥଣ ବିଚାର କରିବା କଥା ।

"ଇକାରସକୁ ଏକ ଗ୍ରହାଣୁ ବୋମା ଭାବରେ ବ୍ୟବହାର କରିବା କଥା, ଯାହା ପ୍ରଧାନ ଜ୍ୟୋତିର୍ବିଦ ମହାଶୟ କହିଗଲେ, ମୋତେ କଳ୍ପନା-ମୂଳକ ଭଳି ଜଣାପଡୁଛି । ଗ୍ରହାଣୁ ବୋମା ଏବେ ବି କଳ୍ପନାତ୍ମକ, ମୁଁ ଜୋର ଦେଇ କହିପାରେ ।" ଜ୍ୟୋତିର୍ବିଦ ରସେଲ ଆଲୋଚନାରେ ଭାଗ ନେଇ କହିଲେ ।

ରସେଲଙ୍କ ଏହି ଉକ୍ତି ଶୁଣି ବହୁ ବୈଜ୍ଞାନିକ ଏକ ସଙ୍ଗରେ ପ୍ରତିବାଦ କରି ଉଠିଲେ । ସେମାନଙ୍କ ମିଳିତ ମତ, ଗ୍ରହାଣୁ ବୋମା କଳ୍ପନାତ୍ମକ ନୁହେଁ । ପୁଣି ଇକାରସ ପୃଥିବୀର ଏତେ ନିକଟବର୍ତ୍ତୀ ହେଉଥିବାବେଳେ ସେ ସମ୍ଭାବନାକୁ ମଧ୍ୟ ଏଡ଼ି ଦେଇ ହେବନି । ଖାଲି ଇକାରସ କାହିଁକି, ଦରକାର ପଡ଼ିଲେ ସୌରଜଗତର ସହସ୍ରାଧିକ ଗ୍ରହାଣୁକୁ ବୋମା ଭାବରେ ବ୍ୟବହାର କରି ପୃଥିବୀ, ଚନ୍ଦ୍ର ଓ ଆମ ସୌରଜଗତର ଯେକୌଣସି ଗ୍ରହ ଉପଗ୍ରହକୁ ଆଘାତ କରିହେବ ।

"ଖାଲି ସେତିକି ନୁହେଁ", ମାର୍କିନ ସେନାପତି ଷ୍ଟୋରୱେଲ୍ ପୁଣି ଠିଆ ହୋଇ କହିଲେ, "ଇକାରସକୁ ନେଇ ରୁଷିଆ ପକ୍ଷରୁ ବିପଦ ଆସିବାରେ ଆମ୍ଭେମାନେ ଯେତିକି ଭୟଭୀତ, ରୁଷୀୟମାନେ ତା'ଠାରୁ କମ୍ ଭୟଭୀତ ନୁହନ୍ତି । ସେମାନଙ୍କ ଦେଶରେ ଏକ ସମ୍ବାଦ ପ୍ରଚାରିତ ହୋଇଯାଇଛି ଯେ, ଆମେରିକାର ବୈଜ୍ଞାନିକମାନେ ଇକାରସକୁ ଏକ ଗ୍ରହାଣୁ ବୋମା ଭାବରେ ବ୍ୟବହାର କରି ରୁଷିଆକୁ ଧ୍ୱଂସ କରିବାକୁ ଗବେଷଣା ଚଳାଇଛନ୍ତି । ସେମାନେ ପୂରା ଭାବରେ ନିଶ୍ଚିତ ଯେ ଏହା ଆମ ସାମରିକ ଶକ୍ତିର ବାହାରେ ନୁହେଁ ।

ପ୍ରିନ୍‌ସ୍‌ଟନ ମାନମନ୍ଦିରର ଯୁବକ ଜ୍ୟୋତିର୍ବିଦ ଜେଲିନସ୍କି ଉଠିପଡ଼ି କହିଲେ "ଇକାରସକୁ ନେଇ ଆମେ ଯେମିତି ରୁଷିଆକୁ ଭୟ ଓ ସନ୍ଦେହ କରୁଛୁ, ରୁଷିଆ ଠିକ୍ ଆମକୁ ସେହିଭଳି ଭୟ ଓ ସନ୍ଦେହ କରୁଛି । ପରସ୍ପର ପ୍ରତି ଏତାଦୃଶ ଭୟ ଓ ସନ୍ଦେହ ଥିବାରୁ ମୋର ବିଶ୍ୱାସ ଇକାରସକୁ ନେଇ ରୁଷିଆ ଏଭଳି ଏକ ଦୁଷ୍କର୍ମରେ ଲିପ୍ତ ହେବନି ! ତେଣୁ ଏହି ଗୁପ୍ତ ଆଲୋଚନା ନିରର୍ଥକ । ମୋ ମତରେ ଏହି ଆଲୋଚନା ଭାଙ୍ଗି ଦେଇ ଆମେ ସମସ୍ତେ ନିଜ ନିଜ କାର୍ଯ୍ୟ କ୍ଷେତ୍ରକୁ ଫେରିଯିବା ଉଚିତ ।"

Digitized by srujanika@gmail.com

ଜେଲିନସ୍କିଙ୍କ ଏହି ମନ୍ତବ୍ୟ ଆଲୋଚନା କକ୍ଷରେ ଏକ ବିରାଟ ହାସ୍ୟ-ରୋଳ ସୃଷ୍ଟି କଲା । ପଛ ସିଟ୍‌ରୁ ଥାଇ କେତେକେ ଜେଲିନସ୍କିଙ୍କୁ ବ୍ୟଙ୍ଗାତ୍ମକ ଆକ୍ଷେପ କରିବାକୁ ଛାଡ଼ି ନ ଥିଲେ ।

× × × ×

ୱାସିଂଟନସ୍ଥ ମାର୍କିନ ସାମରିକ ବିଭାଗର ପ୍ରଧାନ ଦପ୍ତର ପେଣ୍ଟାଗନଠାରେ ପ୍ରଧାନ ସେନାପତିଙ୍କ ଆଲୋଚନା କକ୍ଷରେ ଏକ ଉଚ୍ଚସ୍ତରୀୟ ଗୁପ୍ତ ଆଲୋଚନାସଭା ବସିଛି । ନିମନ୍ତ୍ରିତ ହୋଇ ମୋ ସହିତ ଶତାଧିକ ଜ୍ୟୋତିର୍ବିଦ ଓ ବିଶେଷଜ୍ଞ ଯୋଗ ଦେଇଥାଆନ୍ତି । ଆମ୍ଭମାନଙ୍କ ଆଲୋଚନାର ବିଷୟବସ୍ତୁ ହେଉଛି ରୁଷିଆ ଯଦି ଇକାରସକୁ ଆମେରିକା ସହିତ ଆଘାତ କରାଇ ଆମେରିକାର ଧ୍ୱଂସ ଘଟାଇବାକୁ ଟାଣିଆଣେ, ଆମେ ଏହାର ପ୍ରତିରୋଧ କରିପାରିବୁ କେମିତି ?

ଜ୍ୟୋତିର୍ବିଦ ଟମ୍ପସନ ଆଲୋଚନାରେ ଭାଗ ନେଇ କହିଲେ, "ଆମେ ଯେଉଁ ମୁହୂର୍ତ୍ତରେ ଜାଣିପାରିବା ଯେ ଇକାରସକୁ ରୁଷିଆ ପୃଥିବୀର ଆକର୍ଷଣ କ୍ଷେତ୍ର ଭିତରକୁ ଘେନି ଆସିଲା ଓ ଏହା ସାହାଯ୍ୟରେ ଆମକୁ ଧ୍ୱଂସ କରିବାର ଯୋଗାଡ଼ କରାଯାଉଛି, ସଙ୍ଗେ ସଙ୍ଗେ ଆମେ ଆମର ଶହେ ମେଗାଟନ୍ ବୋମା ଓ ଆୟନ ରକେଟ ସାହାଯ୍ୟରେ ଇକାରସକୁ ଧ୍ୱଂସ କରିଦେବା ଛଡ଼ା ଅନ୍ୟ ଉପାୟ ନାହିଁ । ମୋର ବିଶ୍ୱାସ ଆମ ହାତରେ ଯେଉଁ ଦୁଇଶହ ସରିକି ଶହେ ମେଗାଟନ୍ ବୋମା ରହିଛି, ସେଥିରୁ ମାତ୍ର କେତେଗୋଟି ଇକାରସକୁ ପୂରାପୂରି ଧ୍ୱଂସ କରିବାକୁ ଯଥେଷ୍ଟ ।

"କିନ୍ତୁ ଆମେ ପ୍ରମାଣ ନ ପାଇଲା ପର୍ଯ୍ୟନ୍ତ ଯେ ଏହା ଆମ ଦେଶକୁ ଆଘାତ କରିବାକୁ ଆସୁଛି, ଆମେ ଏହାକୁ ଧ୍ୱଂସ କରି ଲାଭ କଅଣ ? ଏହା ଯଦି ଆମର କ୍ଷତି ନ କରି ପୃଥିବୀର ଅନ୍ୟ କୌଣସି ଦେଶକୁ ଧ୍ୱଂସ କରେ ତେବେ ଆମେ ସେଥିପାଇଁ ଚିନ୍ତାକରି ଲାଭ ନାହିଁ । ତେଣୁ ଗଣନାରୁ ନିର୍ଧାର୍ଯ୍ୟ ଭାବରେ ନ ଜାଣିବା ପର୍ଯ୍ୟନ୍ତ ଯେ ଏହା ଆମ ଦେଶକୁ ଧ୍ୱଂସ କରିବାକୁ ଆସୁଛି, ଆମେ ଏହାକୁ ନଷ୍ଟ କରିବା ପାଇଁ ଆମର ଗଚ୍ଛିତ ମେଗାଟନ ବୋମାଗୁଡ଼ିକୁ ନଷ୍ଟ କରିବା ଉଚିତ ନୁହେଁ ।" ଟମ୍ପସନ କହିଲେ ।

"କିନ୍ତୁ ଆପଣ ଭୁଲି ଯାଉଛନ୍ତି ଡକ୍ଟର ଟମ୍ପସନ ଆଲୋଚନାରେ ଭାଗ ନେବାକୁଯାଇ କହିଲି", ଇକାରସ ଆମେରିକାକୁ ଆଘାତ ନ କରି ଯଦି ଅନ୍ୟ କୌଣସି ଦେଶକୁ ଆଘାତ କରେ, ତେବେ ପୃଥିବୀର ସେହି ଅଂଶ ନିଶ୍ଚିହ୍ନ ହୋଇଯିବ ସିନା, କିନ୍ତୁ ଆଘାତଜନିତ କମ୍ପନକୁ ପୃଥିବୀର ଅନ୍ୟଦେଶ ସହି ପାରିଲେ ତ ହୁଏ । ଏହି ଆଘାତ ଯୋଗୁଁ ସାରା ପୃଥିବୀରେ ଏଭଳି ଭୂମିକମ୍ପ, ଭୂମିପାତ,

Digitized by srujanika@gmail.com

ସାମୁଦ୍ରିକ ଜୁଆର ଆଦି ଦେଖା ଦେବ, ଯା'ଫଳରେ ପୃଥିବୀର ବହୁ ସହର, ନଗର, ନଭଶ୍ଚୁମ୍ବୀ ପ୍ରାସାଦ, ଅଟ୍ଟାଳିକା, ରାସ୍ତାଘାଟ ଧ୍ୱଂସ ପାଇଯିବା ସମ୍ଭାବନା । ସାଗରର ଜଳରାଶି ସମୁଦ୍ରରୁ ଉଛୁଳି ପଡ଼ି କୂଳସ୍ଥ ବହୁ ଗ୍ରାମ, ଜନବସତିକୁ ଜଳ ପ୍ଲାବିତ କରିଦେବ । ଆମର ନିଉୟର୍କ ବୋଷ୍ଟନ ଆଦି ନଗରୀ ରହିବ କି ନାହିଁ ସନ୍ଦେହ ।

"ଖାଲି ସେତିକି ନୁହେଁ, ମୁଁ କହି ଚାଲିଲି, "ଇକାରସକୁ ଯଦି ଶୂନ୍ୟରେ ଧ୍ୱଂସକରି ଦିଆଯାଏ, ତେବେ ତାର ଧ୍ୱଂସାବଶେଷ ପୃଥିବୀଆଡ଼କୁ ଆକୃଷ୍ଟ ହୋଇ ପୃଥିବୀର ବିଭିନ୍ନ ଅଂଶକୁ ଆଘାତ କରି ପରମାଣୁ ବୋମା ଭଳି ତାଣ୍ଡବ ଲୀଳା ସୃଷ୍ଟି କରିପାରେ । ତେଣୁ ଇକାରସକୁ ଧ୍ୱଂସ କରିଦେଲେ ଯେ ସମସ୍ୟାର ସମାଧାନ ହେବ, ତା ନୁହେଁ । ଧ୍ୱଂସପ୍ରାପ୍ତ ଇକାରସ ଆହୁରି ବି କେତେ ନୂଆ ନୂଆ ସମସ୍ୟା ସୃଷ୍ଟି କରିବ ।"

"ଆପଣମାନଙ୍କ ଯୋଜନାଠାରୁ ମୋ ଯୋଜନା ଭିନ୍ନ ।" ଉଠି ଠିଆ ହୋଇ କହିଲେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଜ୍ୟୋତିର୍ବିଜ୍ଞାନବିତ୍ ଡକ୍ଟର ସମରଫେଲ୍ଡ ।

"ମୋ ମତରେ ପୃଥିବୀ ଆଡ଼କୁ ଆକୃଷ୍ଟ ହୋଇ ଆସୁଥିବା ଇକାରସକୁ ପୃଥିବୀର କୌଣସି ରାଷ୍ଟ୍ର ସହିତ ବାଧା ପାଇବାକୁ ନ ଦେଇ ତା'ର ଗତିପଥକୁ ଆମେ ଏମିତି ଭାବରେ ବଦଳାଇ ଦେଇପାରିବା, ଯେମିତିକି ଏହା ପୃଥିବୀର କୌଣସି ସ୍ଥଳଭାଗ ସହିତ ବାଧା ନ ପାଇ ଆଟଲାଣ୍ଟିକ କିମ୍ବା ପ୍ରଶାନ୍ତ ମହାସାଗର ଭିତରେ ପଶିଯିବ, ଫଳରେ ଏହା ସାଗରର ଗହ୍ୱରରେ ଏମିତି ଭାବରେ ଲୁଚିଯିବ, ଯେମିତିକି ତା' ସତ୍ତା ଆଉ ମିଳିବନି । ଇକାରସର ଆକାରରୁ ମୋର ଧାରଣା ଯେ ଏହାକୁ ମହାସାଗରର ଅତଳ ଗହ୍ୱରରେ ପୂରାଇ ଦେବା ଅସମ୍ଭବ ହେବନି ।

"କିନ୍ତୁ ଆପଣ ଭୁଲିଯାଉଛନ୍ତି ଡକ୍ଟର ସମରଫେଲ୍ଡ", ମୁଁ ଉଠି ଠିଆ ହୋଇ କହିଲି, "ଇକାରସ ଆଟଲାଣ୍ଟିକ ମହାସାଗରରେ ନିକ୍ଷିପ୍ତ ହେଲେ ଯେଉଁ ବିରାଟ ଜୁଆର ଉଠିବ, ସେହି ଜୁଆର ହେତୁ ପୂର୍ବ ଉପକୂଳର ବୋଷ୍ଟନ, ନିଉୟର୍କ ଆଦି ଆମର ବଡ଼ ବଡ଼ ସହର ରହିବଟି ? ପୂର୍ବ ଉପକୂଳର ରାଜ୍ୟ ସବୁ ଜଳପ୍ଲାବିତ ହେବା ଫଳରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିବେ, ହଜାର ହଜାର ଜନବସତି ଶ୍ମଶାନରେ ପରିଣତ ହେବ, ଶହ ଶହ କୋଟି ଡଲାରର ସମ୍ପତ୍ତି ନଷ୍ଟ ହେବ । ନଦୀଗୁଡ଼ିକର ଜଳ ବିପରୀତ ଦିଗକୁ ଠେଲି ହୋଇଯାଇ ଦେଶ ଅଭ୍ୟନ୍ତରର ଗାଁ ଗଣ୍ଡା ସହରକୁ ବନ୍ୟା ପ୍ଲାବିତ କରିଦେବ ।"

× × × ×

Digitized by srujanika@gmail.com

ଜୁନ୍‌ମାସ ୧୪ ତାରିଖ ୧୯୬୮ ମସିହା । ଇକାରସ ଉପରେ ଆଖି ରଖିଥିବା ମାର୍କିନ ବିଜ୍ଞାନୀ ମହଲରେ ଉତ୍କଣ୍ଠା ବେଳକୁ ବେଳ ବଢ଼ିବାରେ ଲାଗିଛି । କିନ୍ତୁ ନିରାପତ୍ତା ଦୃଷ୍ଟିରୁ ସେ ଉତ୍କଣ୍ଠା ସାଧାରଣରେ ପ୍ରକାଶ କରାଯାଉନି । ସାଧାରଣ ଲୋକେ ଖବରକାଗଜ ଆଦିରୁ ଜାଣିଲେଣି ଗ୍ରହାଣୁ ଇକାରସ ସେଦିନ ପୃଥିବୀର ନିକଟତମ ହେବ । ସାମରିକ ନିର୍ଦ୍ଦେଶମତେ ଯୁକ୍ତରାଷ୍ଟ୍ରର ବଡ଼ ବଡ଼ ମାନମନ୍ଦିର, ମହାକାଶ କେନ୍ଦ୍ର, ରକେଟ ପ୍ରେରଣ କେନ୍ଦ୍ର ଆଦି ପାଖେଇ ଆସୁଥିବା ଇକାରସ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥାନ୍ତି । କେଉଁ ମୁହୂର୍ତ୍ତରେ କ'ଣ ଘଟିବ କହିବା ମୁସ୍କିଲ । ହେଲେ ଯେକୌଣସି ଘଟଣାକୁ ମୁକାବିଲା କରିବା ପାଇଁ ଯୁକ୍ତରାଷ୍ଟ୍ର ସାମରିକ ବାହିନୀ ଜାଗ୍ରତିଆର ହୋଇ ରହିଥାନ୍ତି ।

× × × ×

ଆଉ ମାତ୍ର ଅଧଘଣ୍ଟାଏ ଭିତରେ ଇକାରସ ପୃଥିବୀର ନିକଟତମ ହେବ ସାର୍ । ଦେଖିବେନି ଏହା କେତେ ବଡ଼ ଓ ସ୍ପଷ୍ଟ ଦିଶୁଛି ?'' ଇକାରସକୁ ଦୂରବୀକ୍ଷଣରେ ଲକ୍ଷ୍ୟ କରୁ କରୁ ଜୁଲି ତନ୍ମୟ ହୋଇ ପାଟିକରି ଉଠିଲା । ଦେଖୁ ଦେଖୁ କ'ଣ ଦେଖିଲା କେଜାଣି, ବଡ଼ ଜୋର୍‌ରେ ପାଟିକରି କହିଲା, ''ସାର୍, ସାର୍, ଏ କଅଣ, ମୁଁ ଇକାରସର ପୃଷ୍ଠ ଉପରେ ଦେଖୁଛି ଭଙ୍ଗାରୁଜା ପ୍ରାସାଦର ଜୀର୍ଣ୍ଣ ଶୀର୍ଣ୍ଣ ରୂପ । ଜଣାପଡୁଛି ସତେଯେମିତି ବହୁବର୍ଷ ତଳେ ଏହି ପ୍ରାସାଦ ସବୁ ତିଆରି ହୋଇଥିଲା ଇକାରସ ପୃଷ୍ଠରେ, କାଳକ୍ରମେ ସେଗୁଡ଼ିକ ଭାଙ୍ଗିରୁଜି ଯାଇଛି । ଇକାରସକୁ ଦେଖିଲାବେଳକୁ ମନେ ହେଉଛି ଯେମିତି ଏହା ଏକ ବିରାଟ ସହରର ଖଣ୍ଡ ବିଖଣ୍ଡିତ ଅଂଶ ମାତ୍ର ଅବା ହଜିଯାଇଥିବା ଇତିହାସର ଛିନ୍ନ ପୃଷ୍ଠାଟିଏ ।''

ଜୁଲି ମୁହଁରୁ ଏତକ ଶୁଣି ଚମକିପଡ଼ିଲି । ମୋ ପାଟିରୁ ଅଲକ୍ଷ୍ୟରେ ବାହାରି ପଡ଼ିଲା, ''ଆଁ, ଇକାରସ ପୃଷ୍ଠଭାଗରେ ଭଗ୍ନପ୍ରାସାଦ ।'' ଦୌଡ଼ିଗଲି ଦୂରବୀକ୍ଷଣଠାକୁ । ଜୁଲି ଦୂରବୀକ୍ଷଣ ଛାଡ଼ି ଦେଇ ଅଲଗା ହୋଇଗଲା ।

ଦୂରବୀକ୍ଷଣରେ ଯାହା ଦେଖିଲି, ନିଜ ଆଖିକୁ ବିଶ୍ୱାସ କରି ପାରିଲିନି । ଇକାରସ ଉପରେ ବିରାଟ ବିରାଟ ପ୍ରାସାଦର ଧ୍ୱଂସାବଶେଷ । ମନେ ମନେ ଭାବିଲି ଇକାରସର ସୃଷ୍ଟିନେଇ ଏବେ ଯେଉଁ ନୂତନ ତଥ୍ୟ ସୃଷ୍ଟି ହୋଇଛି; ସେହି ତଥ୍ୟକୁ ପ୍ରମାଣ କରିବା ପାଇଁ କି ଅକାଟ୍ୟ ପ୍ରମାଣ ସତେ ? ଜୁଲିକୁ ଆଦେଶ ଦେଲି ସଙ୍ଗେ ସଙ୍ଗେ ଇକାରସର ଏହି ଫଟୋ ଉଠାଇ ନେବାକୁ । ଭବିଷ୍ୟତରେ ଯେମିତି ଏହି ଦୃଶ୍ୟକୁ ଆଉ କେହି ଅସ୍ୱୀକାର ନ କରନ୍ତି, ତହିଁର ବ୍ୟବସ୍ଥା କରିବା ଦରକାର । ମନେ ମନେ ଭାବିଲି, ''ଆଃ ବିଚାରା ଇକାରସ !

Digitized by srujanika@gmail.com

ଏ ଦିନେ ନିଶ୍ଚୟ ଥିଲା ଏକ ସଭ୍ୟ ବିଜ୍ଞାନୋନ୍ନତ ବିରାଟ ଗ୍ରହର ଅଂଶ ବିଶେଷ । ଏହାର ଅଧିବାସୀଙ୍କର ଅବିବେକିତାର ଶିକାର ହୋଇ ଆଜି ସେହି ଗ୍ରହଟି ଖଣ୍ଡ-ବିଖଣ୍ଡିତ ହୋଇ ମହାଶୂନ୍ୟରେ ଘୂରି ବୁଲୁଛି । ମଣିଷର ଅବିବେକିତାର କି ମୂର୍ତ୍ତିମନ୍ତ ସାକ୍ଷ୍ୟ ସତେ ! ପୁଣି ଆଜି ସେଇ ଇକାରସକୁ ନେଇ ଆଉ ଗୋଟିଏ ଗ୍ରହ ଧ୍ୱଂସ ହେବାକୁ ଯାଉଛି । ମୁଁ ଏହିଭଳି ଭାବୁଛି, ହଠାତ୍ ଦେଖାଗଲା ଇକାରସ ଉପରେ ବିସ୍ଫୋରଣ । ଦୂର ଦିଗ୍‌ବଳୟରେ ଆତସବାଜି ବିସ୍ଫୋରିତ ହେଲା ଭଳି ଇକାରସ ଉପରେ ଘନ ଘନ ବିସ୍ଫୋରଣ ଦେଖାଦେଲା । ଇକାରସ ଚାହୁଁ ଚାହୁଁ ପୃଥିବୀର ଆକର୍ଷଣ କ୍ଷେତ୍ର ମଧ୍ୟକୁ ପଶିବାକୁ ଆରମ୍ଭ କଲା । ଠିକ୍ ଏହି ସମୟରେ ଇକାରସ ଉପରେ ବିପରୀତ ଦିଗରୁ ହେଲା ଘନ ଘନ ଆଘାତ । ବିଚାରା ଇକାରସ ସେହି ଆଘାତରେ ପୃଥିବୀଠାରୁ ପୁଣି ଦୂରେଇ ଗଲା । ଲକ୍ଷ୍ୟକଲି, ଇକାରସ ଉପରେ ସେହି ଭଗ୍ନାବଶେଷ ପ୍ରାସାଦର ଆଉ ଚିହ୍ନବର୍ଣ୍ଣ ନାହିଁ । ଏହି ବିପରୀତମୁଖୀ ଆଘାତ ଓ ପ୍ରତିଆଘାତ ଫଳରେ ସେ ସବୁ ଧୂଳିସାତ୍ ହୋଇଯାଇଛି । ମନରେ ବଡ଼ କ୍ଷୋଭ ହେଲା । ଆଃ କେତେ ବଡ଼ ସାକ୍ଷ୍ୟଟାଏ ଚାହୁଁ ଚାହୁଁ ଶେଷ ହୋଇଗଲା । ଆଉ ଭାବିପାରିଲିନି । ମନ ବଡ଼ ବିଷାଦରେ ପୂରିଗଲା ।

ଇକାରସର ବିପଦ ଆମ ଦେଶ ଉପରୁ ଗଲା ବୋଲି ମନ ଯେତେ ଖୁସି ହେବା କଥା ତା ନ ହୋଇ ଅଧିକ ଦୁଃଖ ହେଲା ଯେ ଏହି ସାକ୍ଷ୍ୟଗୁଡ଼ିକ ନଷ୍ଟ ହୋଇଗଲା ବୋଲି । ବଡ଼ ବିରକ୍ତ ହୋଇ ମାଉଣ୍ଟ ପାଲମୋର ମାନମନ୍ଦିରକୁ ଫୋନ୍ କରିବାକୁ ଉଠିଆସିଲି –''

ହଠାତ୍ ନିଦ ଭାଙ୍ଗିଗଲା । ଧୀରେ ଧୀରେ ଆଖି ମେଲିଲି । ଦେଖିଲି ଚାରିଆଡ଼େ ଫରଚା ପଡ଼ିଗଲାଣି । ମୁଁ ମୋ ଶୟନକକ୍ଷ ପଲଙ୍କର ଗୋଟିଏ ପାଖରେ ଶୋଇଛି । ଜୁଲି ମୋ ପାଖରେ ନାହିଁ କି ମୁଁ ମାନମନ୍ଦିର ଭିତରେ ଇକାରସକୁ ଲକ୍ଷ୍ୟ କରୁନି । ଅଦୂରରେ ରୀତା ଶୋଇଚି ଗାଢ଼ ନିଦରେ ଶାନ୍ତ ସୁଷୁପ୍ତ କପୋତୀଟିଏ ପରି । ଶରୀରର ବସ୍ତ୍ରାବରଣ ସମ୍ଭବତଃ ସାରା ଶରୀରକୁ ଆବୃତ କରିପାରିନି । ଠାଏ ଠାଏ ସେହି ଫାଙ୍କଦେଇ ରୀତାର ସୌନ୍ଦର୍ଯ୍ୟ ଫୁଟି ଦିଶୁଛି ଅତି ଆକର୍ଷଣୀୟ ଭାବରେ । ଗତ ରାତିରେ ଏତେ ବଡ଼ ସ୍ୱପ୍ନଟାଏ କ'ଣ ଦେଖିଲି ଭାବିବାକୁ ଚେଷ୍ଟା କଲି । ମଣିଷ ବି ବେଳେବେଳେ ଏଭଳି ଅଜବ ସ୍ୱପ୍ନ ଦେଖିପାରେ ? ଏମିତି ସ୍ୱପ୍ନ କାହିଁକି ଦେଖିଲି, କାରଣ ଖୋଜିବାକୁ ଚେଷ୍ଟାକଲି । ମନେ ପଡ଼ିଗଲା, ଗତ ରାତିରେ ଇକାରସର ସୃଷ୍ଟିନେଇ ଏଷ୍ଟ୍ରୋନମିକାଲ ମେଗାଜିନରେ ପ୍ରକାଶ ପାଇଥିବା ପ୍ରବନ୍ଧଟି କଥା । ଲକ୍ଷ୍ୟ କଲି ମେଗାଜିନଟି ରୀତା ପାଖରେ ପଡ଼ିଛି ।

Digitized by srujanika@gmail.com

ସମ୍ଭବତଃ ମୋ ଶୋଇପଡ଼ିବା ପରେ ସେ ମଧ୍ୟ ସେହି ପ୍ରବନ୍ଧକୁ ପଢୁଥିଲା, ପଢୁ ପଢୁ ଶୋଇ ପଡ଼ିଛି ।

ଗୀତାକୁ ହଲାଇ ଦେଲି, ସେ ଆଖି ମଳି ଉଠିଲା । ହଠାତ୍ ମୁଁ କାହିଁକି ତା ନିଦଟା ଭାଙ୍ଗିଦେଲି ଜାଣିବା ପାଇଁ ମୋ ମୁହଁକୁ ବଲବଲ କରି ଅନାଇ ରହିଲା ।

ପଚାରିଲି, "ତୁମେ କ'ଣ ଇକାରସ ସମ୍ବନ୍ଧୀୟ ସେହି ପ୍ରବନ୍ଧଟା କାଲି ରାତିରେ ପଢୁଥିଲ ଗୀତା ? ଗୀତା ମୋ ପ୍ରଶ୍ନ କିଛି ବୁଝି ନ ପାରି ମୋ ମୁହଁକୁ ବଲବଲ କରି ଅନାଇ ରହିଲା । ସେ ଧରି ପାରିଲାନି ମୋ ପ୍ରଶ୍ନଟା କ'ଣ ।

ପୁଣି ଥରେ ପଚାରିଲି ।

ସେ ଏଥର ମୁଣ୍ଡ ହଲାଇ 'ହଁ' ଜଣାଇଲା ।

ସେହି ତଥ୍ୟର ସତ୍ୟତା ସମ୍ବନ୍ଧରେ ମୁଁ ଅକାଟ୍ୟ ପ୍ରମାଣ ପାଇଛି ତୁମେ ଜାଣ ଗୀତା ।

'ଅକାଟ୍ୟ ପ୍ରମାଣ ?" ଅସ୍ପଷ୍ଟ ସ୍ୱରରେ ସେ କହିଲା ।

"ହଁ ଗୀତା, ଅକାଟ୍ୟ ପ୍ରମାଣ ।"

"କ'ଣ, କାଲି ରାତି ପର୍ଯ୍ୟନ୍ତ ତ ସେ କଥା କହୁ ନ ଥିଲ, ରାତିକ ଭିତରେ ତୁମେ ଏମିତି କି ପ୍ରମାଣ ପାଇଲ ଯେ –"

"ମୁଁ କାଲି ରାତିରେ ଇକାରସକୁ ଆମ ମାନମନ୍ଦିରରେ ଲକ୍ଷ୍ୟ କରିଥିଲି ଗୀତା । ଇକାରସର ପୃଷ୍ଠ ଉପରେ ସୁସଭ୍ୟ ମଣିଷ ତିଆରି ଭଗ୍ନସୌଧର ସ୍ପଷ୍ଟ ଚିହ୍ନ ମୁଁ ଦେଖିପାରିଛି ।

ଭଗ୍ନସୌଧର ଚିହ୍ନ ? ଇକାରସ ଉପରେ ? ତୁମେ ଦେଖିଛ ?

ଖାଲି ମୁଁ ଦେଖିନି ଗୀତା, ଜୁଲି ମଧ୍ୟ ଦେଖିଛି । ସେ ବି ଗତରାତିରେ ମୋ ସହିତ ମାନମନ୍ଦିରରେ ଥିଲା । ସେ ବି ସେସବୁର ଆଲୋକ ଚିତ୍ର ଉଠାଇଛି ।

ତୁମେ କ'ଣ ଯେ କହୁଛ ବୁଝିପାରୁନି । ତୁମେ କ'ଣ କାଲି ରାତିରେ ମାନମନ୍ଦିରକୁ ଯାଇଥିଲ । ଜୁଲି ବି ସେଠି ଥିଲା ?"

ହଠାତ୍ କଲିଂ ବେଲ୍ ବାଜି ଉଠିଲା ।

ଗୀତା ଯାଇ ଦୁଆର ଖୋଲିଲା ।

ଖବରକାଗଜବାଲା ଦୁଆର ମୁହଁରେ ଖବରକାଗଜ ଥୋଇ ଦେଇ ଗଲା । ଖବର କାଗଜର ସମ୍ମୁଖ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା" ଇକାରସ

Digitized by srujanika@gmail.com

ପୃଥିବୀ ନିକଟକୁ ଆସୁ ଆସୁ ହଠାତ୍ ଦୂରେଇ ଗଲା । ତା ନ ହୋଇଥିଲେ ପୃଥିବୀ ଉପରକୁ ଏକ ବଡ଼ ବିପଦ ମାଡ଼ି ଆସିଥାନ୍ତା ।

ଗୀତାକୁ ପଚାରିଲି, "ତୁମେ ଜାଣିଛ ଗୀତା, ଇକାରସ ପୃଥିବୀଆଡ଼କୁ ଆକୃଷ୍ଟ ହୋଇ ଆସୁ ଆସୁ ହଠାତ୍ କାହିଁକି ପୁଣି ଦୂରେଇଗଲା ?

ମୋ ମୁହଁରୁ ଏଭଳି ଧରଣର ପ୍ରଶ୍ନ ଶୁଣି ସେ ଆହୁରି ଶଙ୍କିତ ହୋଇ ପଡ଼ିଲା । ଏଭଳି ଅସ୍ୱାଭାବିକ ପ୍ରଶ୍ନ ତ ସେ କେବେ ମୋ ମୁହଁରୁ ଶୁଣିନି । ଅନ୍ୟମନସ୍କ ଭାବରେ ସେ କେତେ କ'ଣ ଭାବି ଯାଉଥାଏ । ମୋର ମସ୍ତିଷ୍କ ବିକୃତିର ଏହା ପୂର୍ବାଭାଷ ନୁହେଁ ତ ? ସେ ଥରେ ମୋ ମୁହଁକୁ, ଥରେ ଖବରକାଗଜ ଉପରକୁ ଅନାଇ କେତେକ'ଣ ଚିନ୍ତା କରୁଥାଏ । ମନେ ହେଉଥିଲା, ମୋର ଏଭଳି ପ୍ରଶ୍ନରେ ସେ ବଡ଼ ବିବ୍ରତ ଓ ଚିନ୍ତିତା ।

ଗୀତାକୁ ଆଉ ଅଧିକ ବିବ୍ରତ ହେବାକୁ ନ ଦେଇ ଗତ ରାତିରେ ଦେଖିଥିବା ସେହି ବିରାଟ ସ୍ୱପ୍ନ କଥା କହିବସିଲି ।

Digitized by srujanika@gmail.com

କମ୍ପ୍ୟୁଟରର ଚେସ୍ ଖେଳ

ମିଉନିକ ବିଶ୍ୱବିଦ୍ୟାଳୟ । ପାଶ୍ଚାତ୍ୟ ଜଗତର କଳା ଓ ବିଜ୍ଞାନ ଗବେଷଣାର ଏକ ଶ୍ରେଷ୍ଠ କେନ୍ଦ୍ର ଭାବରେ ପୃଥିବୀ ପ୍ରସିଦ୍ଧ । ଜର୍ମାନୀର ଶ୍ରେଷ୍ଠ ଶିଳ୍ପନଗରୀ ମିଉନିକ୍‌ର ପୃଷ୍ଠ ଉପରେ ଗଢ଼ିଉଠିଛି ଏହି ବିଶ୍ୱବିଦ୍ୟାଳୟଟି । ବିରାଟ ଜର୍ମାନ୍ ଜାତି ଏକ ସମୟରେ ଖଣ୍ଡ ବିଖଣ୍ଡିତ ହୋଇଥିଲେ ହେଁ ଓ ଏହାର ଶତ ଶତ ବୈଜ୍ଞାନିକ ଅର୍ଥଚାପରେ ହେଉ ବା ରାଜନୈତିକ ଚାପରେ ହେଉ, ଅପହରଣ କରାଯାଇଥିଲେହେଁ ଜର୍ମାନ୍ ଜାତିର ବିଜ୍ଞାନ ରାଜ୍ୟରେ ଉତ୍କର୍ଷତା ଏବେ ସୁଦ୍ଧା ଯଦି ମଉଳି ଯାଇନି, ତେବେ ଏହା ମୂଳରେ ରହିଛି ମିଉନିକ୍ ବିଶ୍ୱବିଦ୍ୟାଳୟ ଭଳି କେତୋଟି ସୁବିଖ୍ୟାତ ବିଶ୍ୱବିଦ୍ୟାଳୟ । ଜର୍ମାନୀର ଏହିଭଳି କେତୋଟି ବିଶ୍ୱବିଦ୍ୟାଳୟରେ ଯେଉଁ ବିଜ୍ଞାନ ମନୀଷୀମାନେ ନିଜ ଦୈହିକ ସୁଖସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଅପୂର୍ବ ଉତ୍ସାହ ଓ ଉନ୍ମାଦନାରେ ଅଦମ୍ୟ ଗବେଷଣା ଚଳାଇଛନ୍ତି ସେହି ଗବେଷଣା ହିଁ ଆଜି ଟେକିଧରିଛି ସାରା ଜାତିର ବିଜ୍ଞାନପ୍ରତିଭା । ଜର୍ମାନ୍‌ଜାତି ଆଜି ଶତ ନିଷ୍ପେଷିତ ହୋଇଥିଲେ ହେଁ ତାର ବୁଦ୍ଧି ବିଚକ୍ଷଣତା, ସୃଜନଶକ୍ତିକୁ କେହି ଛଡ଼ାଇ ନେଇ ପାରିନି କି ନେବା ସମ୍ଭବପର ନୁହେଁ । ଆମେରିକା, ରୁଷିଆ ଆଧୁନିକ ବିଜ୍ଞାନରେ ଖୁବ୍ ଆଗେଇଥିଲେ ହେଁ ସେମାନେ ବିଭିନ୍ନ ବିଷୟରେ ଜର୍ମାନୀକୁ ମଧ୍ୟ ଅନାଇ ବସନ୍ତି । ସେସବୁ ଦେଶର ଶିଳ୍ପକାରଖାନାରେ ଆଜି ବି ଜର୍ମାନ୍ ପ୍ରତିଭା ଲୁକ୍କାୟିତ ଭାବରେ କମ୍ କାର୍ଯ୍ୟ କରୁନି ।

ଜର୍ମାନୀର ଏତାଦୃଶ ଉତ୍କର୍ଷତା ପାଇଁ ଯେଉଁ କେତେ ଜଣ ବରେଣ୍ୟ ବୈଜ୍ଞାନିକ ଦାୟୀ, ସେମାନଙ୍କ ମଧ୍ୟରେ ଡକ୍ଟର ଭେର୍‌ନନ୍ ହେଉଛନ୍ତି ଅଗ୍ରଗଣ୍ୟ । ମିଉନିକ୍ ବିଶ୍ୱବିଦ୍ୟାଳୟର ପଦାର୍ଥବିଜ୍ଞାନାଧ୍ୟାପକ ଭାବରେ ସେ ଯେତେ ଖ୍ୟାତି ଲଭି ନାହାନ୍ତି, ତା'ଠାରୁ ଅଧିକ ଖ୍ୟାତି ଲଭିଛନ୍ତି, ମିଉନିକ୍ ବିଶ୍ୱବିଦ୍ୟାଳୟର କଂପ୍ୟୁଟର ଗବେଷଣାଗାରର ଡାଇରେକ୍ଟର ଭାବରେ । କଂପ୍ୟୁଟର-ବିଜ୍ଞାନରେ ସାରା ପୃଥିବୀରେ ଯେତେ ବିଶେଷଜ୍ଞ ଅଛନ୍ତି, ସେମାନଙ୍କ ମଧ୍ୟରେ ଡକ୍ଟର ଭେର୍‌ନନ୍ ଅଗ୍ରଗଣ୍ୟ ଓ ପୃଥିବୀର ଶ୍ରେଷ୍ଠତମ କଂପ୍ୟୁଟର ଗବେଷଣାକେନ୍ଦ୍ର ଭାବରେ ପ୍ରସିଦ୍ଧି ଲଭିଥିବା ମିଉନିକ୍ ବିଶ୍ୱବିଦ୍ୟାଳୟରେ ଥିବା ତାଙ୍କର କଂପ୍ୟୁଟର ଗବେଷଣାଗାର । ତାହା ସମ୍ମୁଖରେ ଠିଆହେବା ପାଇଁ କୌଣସି ଗବେଷଣାଗାର ଆଜି ପର୍ଯ୍ୟନ୍ତ ତିଆରି

Digitized by srujanika@gmail.com

ହୋଇ ନାହିଁ । ଆମେରିକା ଓ ଇଂଲଣ୍ଡର ବହୁ କମ୍ପାନୀ ଆଜିକାଲି ଯେଉଁସବୁ ଜଟିଳତମ କଂପ୍ୟୁଟର ଯନ୍ତ୍ର ତିଆରି କରି ସାରା ପୃଥିବୀରେ ଅସଂଖ୍ୟ ଲୋକଙ୍କର ମାନସିକ ଶ୍ରମକୁ ଲାଘବକରି ଅପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ କରୁଛନ୍ତି, ସେହି ଉପାର୍ଜନ ମୂଳରେ ରହିଛି– ବୈଜ୍ଞାନିକ ଭେରନନ୍‌ଙ୍କ ବୁଦ୍ଧି ଓ ପ୍ରତିଭା । ତାଙ୍କରି ଦ୍ୱାରା ଉଦ୍ଭାବିତ ବିଭିନ୍ନଧରଣର କଂପ୍ୟୁଟର ଯନ୍ତ୍ର ଉତ୍ପାଦନ କରି ଆମେରିକାର ବହୁ କମ୍ପାନୀ ଆଜି କୋଟିପତି । ସେଥିପାଇଁ ସାରା ଜର୍ମାନ୍ ଜାତିର ଅପୂର୍ବ ଶ୍ରଦ୍ଧା, ସମ୍ମାନ, ଅନୁରାଗ ଭାସିଆସିଛି ମିଉନିକ୍ ବିଶ୍ୱବିଦ୍ୟାଳୟର ଏହି ଗବେଷଣାଗାର ତଥା ଏହାର ପରିଚାଳକ ଭେରନନ୍‌ଙ୍କ ଆଡ଼କୁ । ଏକ ସମୟରେ ଦ୍ୱିଖଣ୍ଡିତ ଜର୍ମାନ ଜାତି ଆଜି ଗର୍ବ ଅନୁଭବ କରୁଛି, ଏବେବି ତାର ବୈଜ୍ଞାନିକ ପ୍ରତିଭା ଅପ୍ରତିହତ ।

ବୈଜ୍ଞାନିକ ଭେରନନ୍ ଆଧୁନିକ ଯନ୍ତ୍ର ମସ୍ତିଷ୍କ ବା କଂପ୍ୟୁଟର ଯନ୍ତ୍ରର ସର୍ବପ୍ରଥମ ଉଦ୍ଭାବକ ନ ହେଲେହେଁ କମ୍ପ୍ୟୁଟର ତିଆରି ବିଜ୍ଞାନରେ ଏକ ଅଦ୍ୱିତୀୟ ବିଶେଷଜ୍ଞ ଭାବରେ ପୃଥିବୀପ୍ରସିଦ୍ଧ । ପୃଥିବୀର ସବୁଠାରୁ ଜଟିଳତମ ତଥା ମୂଲ୍ୟବାନ ଯନ୍ତ୍ରକୁ ତିଆରି ତଥା ବିକ୍ରୟ କରି ଆମେରିକାର ଆଇ.ବି.ଏମ୍., ଆର୍.ସି.ଏ. ଆଦି କୋମ୍ପାନୀମାନେ ଆମେରିକାକୁ ଯେଉଁ ଅଜସ୍ର ଅର୍ଥ ପୃଥିବୀର ବିଭିନ୍ନ କୋଣରୁ ବୋହି ଆଣୁଛନ୍ତି, ସେହି ଧନ ମୂଳରେ ଯେ ଭେରନନ୍‌ଙ୍କ ପ୍ରତିଭା କାର୍ଯ୍ୟ କରୁଛି, ଏହା ହୁଏତ ସାଧାରଣ ଲୋକେ ଅବଗତ ନୁହନ୍ତି । ପୃଥିବୀର ପ୍ରତ୍ୟେକ କୋଣରେ ଯଦି କମ୍ପ୍ୟୁଟର ଯନ୍ତ୍ରର ପ୍ରଭାବ ପଡ଼ିଛି, ତେବେ ଏହି ପ୍ରଭାବ ପଛରେ ରହିଛି ବୈଜ୍ଞାନିକ ଭେରନନ୍‌ଙ୍କ ଅପୂର୍ବ ପ୍ରତିଭା । କମ୍ପ୍ୟୁଟର ସମ୍ବନ୍ଧୀୟ ବହୁପ୍ରକାର ପେଟେଣ୍ଟ ବିକ୍ରୟ କରି ଭେରନନ୍ ତାଙ୍କ ଗବେଷଣାଗାରକୁ ପୃଥିବୀର ଏକ ଅଦ୍ୱିତୀୟ କମ୍ପ୍ୟୁଟର ଗବେଷଣାଗାରରେ ପରିଣତ କରିପାରିଛନ୍ତି । ପୃଥିବୀର ସବୁଠାରୁ ଶକ୍ତିଶାଳୀ କମ୍ପ୍ୟୁଟର ଯନ୍ତ୍ର ଯେ ଖାଲି ସେଠି କାର୍ଯ୍ୟ କରୁଛି ତା' ନୁହେଁ, କମ୍ପ୍ୟୁଟରର ଅସଂଖ୍ୟ ପ୍ରକାର ନୂଆ ନୂଆ ବ୍ୟବହାର ସେଠି ଦେଖାଦେଇଛି । ଏହି ଗବେଷଣାଗାରରେ କମ୍ପ୍ୟୁଟର କେଉଁଠି ଖୁବ୍ ଜଟିଳ ଗଣିତର ସମାଧାନ କରୁଛି ତ କେଉଁଠି ଗୋଟିଏ ଭାଷାକୁ ଆଉ ଏକ ଭାଷାରେ ଅନୁବାଦ କରୁଛି ତ କେଉଁଠି ଯନ୍ତ୍ରଟିଏ ବସି ଛୋଟ ଛୋଟ ପିଲାଙ୍କୁ ସ୍କୁଲମାଷ୍ଟର ପଢ଼ାଇବା ଭଳି ପାଠ ପଢ଼ାଉଛି । କମ୍ପ୍ୟୁଟର ଯନ୍ତ୍ର ବସି କେଉଁଠି କବିଙ୍କ ଭଳି କବିତା ରଚନା କଲାଣି ତ କେଉଁଠି ବଡ଼ ବଡ଼ ରାଷ୍ଟ୍ରର ଅର୍ଥଦପ୍ତରର କର୍ମଚାରୀ ଭଳି ବଜେଟ ତିଆରି କରୁଛି । କମ୍ପ୍ୟୁଟରର ଅଭୂତପୂର୍ବ ବ୍ୟବହାର ଦିନକୁ ଦିନ ଦେଖାଦେଇଛି ଭେରନନ୍‌ଙ୍କ ଗବେଷଣାଗାରରେ । ଡକ୍ଟର ଭେରନନ୍‌ଙ୍କୁ ଯଦି ପଚରାଯାଏ, ଆପଣ କମ୍ପ୍ୟୁଟରର ଏମିତି କେତେ

Digitized by srujanika@gmail.com

ପ୍ରକାର ବ୍ୟବହାର ଆବିଷ୍କାର କରିବେ ? ସେ ହସି ହସି ଉତ୍ତର ଦିଅନ୍ତି – 'ମଣିଷ ଯା' କରୁଛି, କମ୍ପ୍ୟୁଟର ଯନ୍ତ୍ର ଠିକ୍ ସେମିତି ସବୁ କାମ କରିପାରିବ । ମଟରଗାଡ଼ି ଚଳାଇବାଠାରୁ ଆରମ୍ଭ କରି ଯୁଦ୍ଧ କରିବା ଓ ଗଭୀର ଚିନ୍ତାକରି ନାନା ତଥ୍ୟ ଆବିଷ୍କାର କରିବା ପର୍ଯ୍ୟନ୍ତ ସବୁ କାମ କମ୍ପ୍ୟୁଟର କରିପାରିବ । ମଣିଷ ତ ପ୍ରକୃତରେ ଆଉ କିଛି ନୁହେଁ; ପ୍ରକୃତିସୃଷ୍ଟ ଏକ ଅତି ଜଟିଳ କମ୍ପ୍ୟୁଟର ମାତ୍ର । ତେଣୁ ମଣିଷ ଯେଉଁ ଯେଉଁ କାମ କରୁଛି, କମ୍ପ୍ୟୁଟର ସେହି ସେହି କାମ କରିପାରିବାରେ ବିଚିତ୍ରତା କେଉଁଠି ! ଖାଲି ସେତିକି ନୁହେଁ, ସେ ଆହୁରି କହନ୍ତି ଯେ 'ଆମ ଗବେଷଣାଗାରରୁ ଦିନେ ଏମିତି କମ୍ପ୍ୟୁଟରଚାଳିତ ଯନ୍ତ୍ରମଣିଷ ବାହାରିବ, ଯାହାକି ସାଧାରଣ ମଣିଷ ଭଳି ସବୁ କାମ କରିପାରିବ । ସେଇ ହେବ ମୋ କମ୍ପ୍ୟୁଟର ଗବେଷଣାର ଚରମ ଆବିଷ୍କାର ।

ଭେର୍ନନ୍‌ଙ୍କ ଗବେଷଣାଗାରରେ କାମ କରିବାର ସୁବିଧା ପାଇବାପାଇଁ ପୃଥିବୀର କେଉଁଆଡୁ କେତେ ଯୁବକ ଯୁବତୀ ଯେ ପ୍ରାର୍ଥୀ ହୁଅନ୍ତି, ତା'ର କଳନା ନାହିଁ । ପୃଥିବୀର ସବୁଠାରୁ ଜଟିଳତମ ଓ ଆବଶ୍ୟକୀୟ ଯନ୍ତ୍ରରେ ଗବେଷଣା କରିବାକୁ ଇଚ୍ଛା ନ କରିବ ବା କିଏ ? ଦିନକୁ ଦିନ ନୂଆ ନୂଆ ପ୍ରକାର ଉଦ୍ଭାବନ କରି ଅଧ୍ୟାପକ ଭେର୍ନନ୍ ନିଜ ସହକର୍ମୀ ଦଳରେ ଏତେ ମଜ୍ଜିଯାଆନ୍ତି ଯେ ସେ ବେଳେ ବେଳେ ଭୁଲିଯାନ୍ତି ନିଜ କଥା, ନିଜ ପିଲାପିଲି, ସ୍ତ୍ରୀକୁଟୁମ୍ବ କଥା, ନିଜ ସୁଖଦୁଃଖ, ଖିଆପିଆ କଥା ।

ରାତି ପ୍ରାୟ ଦୁଇଟା । ହଠାତ୍ ମିସେସ୍ ଭେର୍ନନ୍‌ଙ୍କ ନିଦ ଭାଙ୍ଗିଗଲା । ଶେଯ ଅଣ୍ଡାଳି ପକାଇ ଦେଖନ୍ତି ତ ଶେଯରେ ସେ ଏକା । ଡକ୍ଟର ଭେର୍ନନ୍ ଏ ପର୍ଯ୍ୟନ୍ତ ଶୋଇବାକୁ ଆସି ନାହାନ୍ତି । ତାଙ୍କ ଦେହରେ ଏକ ପ୍ରକାର ଚମକ ଖେଳିଗଲା । ସଙ୍ଗେ ସଙ୍ଗେ ଆଲୁଅ ଜାଳି ଦେଖିଲେ ଘଡ଼ିରେ ବାଜିଛି ଦୁଇଟା । ବଡ଼ ଚିନ୍ତିତା ହୋଇପଡ଼ିଲେ ସେ । ଗବେଷଣାଗାରରୁ ଆସି କେଉଁ କୋଠରିରେ ପଢ଼ାପଢ଼ି କରୁଛନ୍ତି କି କଅଣ ଜାଣିବା ପାଇଁ ଏ ଘର ସେଘର ଖୋଜିବାକୁ ଲାଗିଲେ । କିନ୍ତୁ ସବୁଆଡ଼ ଶୂନ୍‌ଶାନ୍ । ପାଖ ଘରେ ପିଲା ଦୁଇଟି ଗାଢ଼ନିଦ୍ରାରେ ଶୋଇଛନ୍ତି । ବଡ଼ ଅଡୁଆ ଅଡୁଆ ଲାଗିଲା ତାଙ୍କୁ । ରାତି ଦୁଇଟା ପର୍ଯ୍ୟନ୍ତ ଅଧ୍ୟାପକ କ'ଣ ଗବେଷଣାଗାରରେ ଗବେଷଣାରେ ରତ ଅଛନ୍ତି ?

ମିସେସ୍ ଭେର୍ନନ୍ କ'ଣ କରିବେ କିଛି ଠିକ୍ କରିପାରିଲେନି । ଫୋନ୍ କରି ଜାଣିନେବେ କି ଗବେଷଣାଗାରକୁ ସିଧାସଳଖ ଦୌଡ଼ିଯିବେ, ଭାବିପାରିଲେନି । ଅନ୍ୟମନସ୍କ ଭାବରେ ତାଙ୍କ ହାତ ଗ୍ୟାରେଜ୍ ଚାବିପେଛା ଆଡ଼କୁ ଚାଲିଗଲା । ସେ ସେଇ ରାତ୍ରିପୋଷାକ ପିନ୍ଧି ଅନ୍ୟମନସ୍କ ଭାବେ ବାହାରିପଡ଼ିଲେ ଗବେଷଣାଗାର

Digitized by srujanika@gmail.com

ଅଭିମୁଖେ । ମିଉନିକ୍‌ର ସୁବିଖ୍ୟାତ ବିଥୋଭେନ୍ ଷ୍ଟ୍ରୀଟ୍‌ରେ ତାଙ୍କ ଗାଡ଼ି ଛୁଟି ଚାଲିଲା ମିଉନିକ୍ ବିଶ୍ୱବିଦ୍ୟାଳୟ ଅଭିମୁଖେ ।

ଗବେଷଣାଗାର ନିକଟରେ ପହଞ୍ଚିଲାବେଳକୁ ସାରା ଗବେଷଣାଗାରଟି ଦିନଭଳି ଆଲୋକିତ । ରାତି ଅଢ଼େଇଟା ବାଜି ଯାଇଥିଲେ ହେଁ ଗବେଷଣାଗାରରେ ଦିନଭଳି ଗହଳ ଚହଳ ଜଣା ପଡୁଥାଏ । ଯାଉ ଯାଉ ମିସେସ୍ ଭେର୍‌ନନ୍ ଭାବୁଥାନ୍ତି, ସମ୍ଭବତଃ କିଛି ଗୋଟାଏ ଦୁର୍ଘଟଣା ଘଟିଯାଇଛି ଗବେଷଣାଗାରରେ, ଯା' ପାଇଁ କି ଭେର୍‌ନନ୍ ଏ ପର୍ଯ୍ୟନ୍ତ ଗବେଷଣାଗାର ଛାଡ଼ି ପାରି ନାହାନ୍ତି । ତେଣୁ ସେ ତରତର ହୋଇ ଗାଡ଼ିକୁ ପୋର୍ଟିକୋରେ ଥୋଇଦେଇ ଗବେଷଣାଗାର ଭିତରକୁ ପଶିବାକୁ ଲାଗିଲେ । କୋଠରି ପରେ କୋଠରି ଅତିକ୍ରମ କରି ଅଧ୍ୟାପକଙ୍କ କୋଠରି ଭିତରକୁ ପଶିଗଲା କ୍ଷଣି ଦେଖିଲେ ଗବେଷକମାନଙ୍କର ଏକ ବିରାଟ ସଭା ବସିଛି, ଅଧ୍ୟାପକଙ୍କ କୋଠରିରେ । ସ୍ତ୍ରୀପୁରୁଷ ଗବେଷକ ମିଶି ପ୍ରାୟ ତିରିଶ ଚାଳିଶ ଜଣ ଅଧ୍ୟାପକଙ୍କୁ ଘେରି ବସିଛନ୍ତି । ଅଧ୍ୟାପକ ତାଙ୍କ ସହକର୍ମୀମାନଙ୍କୁ କ'ଣ ଏକ ବୁଝାଇବାରେ ଲାଗିଯାଇଥାନ୍ତି ।

ମିସେସ୍ ଭେର୍‌ନନ୍‌ଙ୍କୁ କୋଠରି ଭିତରକୁ ହଠାତ୍ ପଶିଆସିବାର ଦେଖି ଅଧ୍ୟାପକ ଚମକିପଡ଼ିଲେ– 'ଏଁ ତୁମେ ହଠାତ୍ କ'ଣ ଏଠି କ୍ୟାଥି ? ଏ ଅବେଳରେ ? କ'ଣ ଖାଇବା ପାଇଁ ଡାକିଆସିଲ ? ଖାଇବା ବେଳତ ବୋଧହୁଏ ହୋଇନି । ଏଇ ତ ସନ୍ଧ୍ୟା ହେଲା !'

'ଆଁ, ଏଇ ସନ୍ଧ୍ୟା ହେଲା ?

ହଁ, ଏଇକ୍ଷଣି ସନ୍ଧ୍ୟା ହେଲା ନାହିଁ ତ ଆଉ କଅଣ ?

ଘଡ଼ିଆଡ଼କୁ ଟିକିଏ ଦୃଷ୍ଟି ଅଛି ତ ବବ୍ ? ସମୟ ଗତି କ'ଣ ତୁମ ଇଚ୍ଛା ଦ୍ୱାରା ନିୟନ୍ତ୍ରିତ ହୁଏ, ନା ତାହାର ଗୋଟିଏ ସ୍ୱତନ୍ତ୍ର ଗତି ଅଛି; ଯେଉଁ ଗତି ଉପରେ କାହାରି ନିୟନ୍ତ୍ରଣ ନାହିଁ । ତୁମର ନାହିଁକି ମୋର ନାହିଁ କି ଦୁନିଆର କାହାରି ନାହିଁ ।

'ତାହେଲେ ମୋର ଭୁଲ୍ ହୋଇଗଲା ନା କଅଣ ?'

ଘଡ଼ିକୁ ଅନାଇ, 'ଆଁ , ରାତି ସାଢ଼େ ଦୁଇଟା ? ଟିକିଏ ଡେରି ହୋଇଗଲା ବୋଧେ ? ଜାଣିଛ କ୍ୟାଥି, ଆଜି ସନ୍ଧ୍ୟାବେଳୁ ଆମ ଗବେଷଣାଗାରରେ ଯେତେ ଖେଳ ହୋଇଯାଇଛି, ଆମେ ଏତେ ସମୟ ଧରି ଖାଲି ତା'ରି ଉପରେ ବସି ଆଲୋଚନା କରୁଛୁ, ଶେଷ ହେବାକୁ ନାହିଁ ।'

'ଆଁ, ଖେଳ ? ଗବେଷଣାଗାରରେ ? ମୁଁ ତ କିଛି ବୁଝିପାରୁନି ବବ୍ ତୁମ କଥାରୁ ।'

Digitized by srujanika@gmail.com

'ହଁ, ହଁ , ଖେଳ, ଏଇ ଚେସ୍ ଖେଳ, ତୁମର ଅତି ପ୍ରିୟ ଚେସ୍ ଖେଳ । ଆଜି ସନ୍ଧ୍ୟାବେଳୁ ଏତେବେଳ ପର୍ଯ୍ୟନ୍ତ ମିଉନିକ୍ର ବଛାବଛା ଚେସ୍‌ଖେଳାଳିଙ୍କର ପ୍ରତିଯୋଗିତା ପରା ଏଠି ଚାଲିଥିଲା ! ସମସ୍ତେ ତ ହାରିଗଲେ; ଛାଡ଼, ଆମେ ସେଥିପ୍ରତି ଦୃଷ୍ଟି ନ ଦେଇ ସେମାନଙ୍କର ଖେଳର ନାନାପ୍ରକାର ବିଶ୍ଳେଷଣ କରୁଥିଲୁ ଏଠି ?

'ଚେସ୍‌ଖେଳ, ପୁଣି ତା'ର ସବୁ ବିଶ୍ଳେଷଣ, ସମସ୍ତେ ହାରିଗଲେ' – ଏ ସବୁର ଅର୍ଥ କଅଣ ମୁଁ ତ କିଛି ଧରିପାରୁନି ବବ୍ । ଚେସ୍‌ଖେଳାଳିମାନେ ଏଠି ଚେସ୍ ଖେଳୁଥିଲେ ? କାହିଁକି ? କାହା ସହିତ ?

'ଆରେ, ସତେ ତ; ତୁମକୁ ଏ ପର୍ଯ୍ୟନ୍ତ ମୁଁ ଅସଲ କଥାଟା କହିନି ବୋଧେ । ତୁମେ ଜାଣିଛ କ୍ୟାଥି, ଏଥିଭିତରେ ଆମ ଗବେଷଣାଗାରରେ ଏମିତି ଗୋଟାଏ କମ୍ପ୍ୟୁଟର ଯନ୍ତ୍ର ତିଆରି କରାଯାଇଛି, ଯାହା କି ଜଣେ ମଣିଷ ଭଳି ଚେସ୍ ଖେଳିପାରୁଛି । ଜଣେ ଦକ୍ଷ ଖେଳାଳି ଯେମିତି ଖେଳିବ, ତା'ଠାରୁ ଭଲ ଖେଳିପାରୁଛି, ଏହି ଯନ୍ତ୍ରଟି । ଆଜି ସନ୍ଧ୍ୟାବେଳୁ ଆମେ ମିଉନିକ୍ର କେତେ ଜଣ ବଛା ବଛା ଚେସ୍‌ଖେଳାଳିଙ୍କୁ ଗୋପନୀୟ ଭାବରେ ଡକାଇ ଆଣି ଏହି ଯନ୍ତ୍ର ସହିତ ଖେଳାଉଥିଲୁ । ସେମାନେ ସମସ୍ତେ ହାରିଗଲେ । ଆମ ଯନ୍ତ୍ରର ଦକ୍ଷତା ଭଲଭାବରେ ପରୀକ୍ଷା ନ କରି ଆମେ ଆମ ଯନ୍ତ୍ର ବିଷୟରେ ପ୍ରକାଶ କରିବାକୁ ଇଚ୍ଛା କରୁନୁ । ସେହି ଭୟରେ ଏ ଯନ୍ତ୍ର କଥା ମୁଁ ମଧ୍ୟ ତୁମକୁ କହିନି । ଆମ ଯନ୍ତ୍ର ଏକ ଦକ୍ଷ ଚେସ୍‌ଖେଳାଳି ବୋଲି ଆମେ ନିଶ୍ଚିତ ହେବା ପରେ ଏହାର ପ୍ରଚାର କରାଯିବ । ତୁମେ ତ ଖୁବ୍ ଭଲ ଚେସ୍ ଖେଳିପାର କ୍ୟାଥି ! ଖେଳିବ ଆମର ଏହି ଯନ୍ତ୍ର ସହିତ ? ତୁମେ ନିଜେ ହୃଦୟଙ୍ଗମ କରିପାରିବ ଆମ ଯନ୍ତ୍ରର ଦକ୍ଷତା କେତେ ? କ'ଣ ଖେଳିବାକୁ ଯିବ ?

ମିସେସ୍ ଭେର୍‌ନନ୍ ଅଧ୍ୟାପକଙ୍କ ଭାଷା ଅନୁବାଦ କରିବା ଯନ୍ତ୍ର, ସଙ୍ଗୀତ ରଚନା କରିବା ଯନ୍ତ୍ର, ସୁମଧୁର ସ୍ୱରରଚନାକାରୀ ଯନ୍ତ୍ରର କାର୍ଯ୍ୟ କରିବା ଶକ୍ତି ଢେର ଥର ଦେଖିଛନ୍ତି । କିନ୍ତୁ ତାଙ୍କ ଧାରଣା ନ ଥିଲା ଯେ ଯନ୍ତ୍ରଟି ଦିନେ ମଣିଷ ଭଳି ନିଜ ପ୍ରିୟଖେଳ ଚେସ୍ ଖେଳିପାରିବ । ଯେତେବେଳେ ସେ ଜଣେ ଖେଳାଳି, ଏମିତି ଏକ ଯନ୍ତ୍ରକୁ ସେ ନ ଦେଖିବେ ବା କେମିତି ? ସେ ଯନ୍ତ୍ରଟିକୁ ଦେଖିବା ପାଇଁ ଉତ୍ସୁକ ହୋଇପଡ଼ିଲେ । ଅଧ୍ୟାପକଙ୍କ ସହିତ ସେ ସିଧାସଳଖ ଚାଲିଲେ କମ୍ପ୍ୟୁଟର କକ୍ଷକୁ ।

ମିସେସ୍ ଭେର୍‌ନନ୍ ଯଦିଚ ଏକ ଦକ୍ଷ ଚେସ୍ ଖେଳାଳି ନୁହନ୍ତି ତେବେ ଯା' ଖେଳନ୍ତି, ମନ୍ଦ ନୁହେଁ । ଚେସ୍ ଖେଳିବାକୁ ଭାରି ଆଗ୍ରହ । ଚେସ୍ ଖେଳର ନାଁ କହିଲେ ପାଞ୍ଚକିଲୋମିଟର ବାଟ ଦୌଡ଼ିଯିବେ ।

Digitized by srujanika@gmail.com

ଅଧ୍ୟାପକ ଓ ସହକର୍ମୀମାନଙ୍କ ସହିତ ମିସେସ୍ ଭେର୍‌ନନ୍ ଚେସ୍ ଖେଳର ରୁମ୍‌କୁ ପଶିଲେ । ରୁମ୍‌ର ଗୋଟିଏ ପାଖରେ ରହିଛି ବିରାଟ କମ୍ପ୍ୟୁଟର ଯନ୍ତ୍ର । ଯନ୍ତ୍ରରେ ଲାଗିଛି ଦୁଇଟି ବିରାଟ ବିରାଟ ହାତ । ମୁହଁ ଉପରେ ଆଖି ଦୁଇଟା କେମେରା ଲେନ୍‌ସ ଭଳି ଜକ୍‌ଜକ୍ ଦିଶୁଥାଏ । ଏହି ଆଖି ସାହାଯ୍ୟରେ ଯନ୍ତ୍ରଟି ଖେଳ ଦେଖି ନିଜ ବିବେଚନାନୁସାରେ ଦୁଇହାତ ସାହାଯ୍ୟରେ ଖେଳେ । ଯନ୍ତ୍ରଟିଠାରୁ ଅଳ୍ପ ଦୂରରେ ଗୋଟିଏ ଟେବୁଲ ଉପରେ ଚେସ୍ ଖେଳପଟା ପଡ଼ିରହିଛି । ରାଜା, ରାଣୀ, ସେନାପତି, ଘୋଡ଼ା, ଦୁର୍ଗ, ସୈନ୍ୟସାମନ୍ତମାନେ ଖେଳାମେଳା ହୋଇ ସେହି ପଟା ଉପରେ ପଡ଼ିଛନ୍ତି । ଟେବୁଲଟି ଯନ୍ତ୍ରକୁ ପ୍ରାୟ ଲାଗିଛି କହିଲେ ଚଳେ । ଯନ୍ତ୍ରଟି ସ୍ୱଚ୍ଛନ୍ଦରେ ହାତ ବଢ଼ାଇ ଏହି ଟେବୁଲ ଉପରେ ଖେଳିପାରିବ । ଯନ୍ତ୍ରର ବିପରୀତ ପାଖରେ ଖାଲି ଚେୟାରଟାଏ ପଡ଼ିଛି । ଯେଉଁମାନେ ଯନ୍ତ୍ର ସହିତ ଚେସ୍ ଖେଳିବେ, ସେମାନେ ଏହି ଚେୟାରରେ ବସି ଖେଳିବାର କଥା ।

ମିସେସ୍ ଭେର୍‌ନନ୍ ଚେସ୍ ଖେଳିବା ଅଭିପ୍ରାୟରେ ସଙ୍ଗେ ସଙ୍ଗେ ଖାଲି ପଡ଼ିଥିବା ଚେୟାରରେ ବସିପଡ଼ିଲେ । ସନ୍ଧ୍ୟାଠାରୁ ରାତି ଅଧ ପର୍ଯ୍ୟନ୍ତ ଛ' ସାତ ଜଣ ବଛା ବଛା ଚେସ୍‌ଖେଳାଳି ଯନ୍ତ୍ର ସହିତ ଚେସ୍ ଖେଳି ହାରିଗଲେଣି । ତେଣୁ ସେ ଯେ ଜିତିବେ, ସେ ଆଶା ତାଙ୍କର ନ ଥିଲେହେଁ ଯନ୍ତ୍ରର ଏହି କରାମତି ଦେଖିବା ତାଙ୍କର ଭାରି ଇଚ୍ଛା ।

ଚେୟାର ଉପରେ ବସିପଡ଼ି ସେ ଖେଳ ସଜାଇବାକୁ ଯାଉଛନ୍ତି, ହଠାତ୍ ଯନ୍ତ୍ର କହିଉଠିଲା, 'ଆପଣ କଷ୍ଟ କରନ୍ତୁନି ମିସେସ୍ ଭେର୍‌ନନ୍, ମୁଁ ସଜାଇ ଦେଉଛି । ଆପଣଙ୍କ ଅପେକ୍ଷା ମୁଁ ଶୀଘ୍ର ସଜାଇ ପାରିବି ।'

ଅନାଉ ଅନାଉ ଯନ୍ତ୍ରର ବିରାଟ ବିରାଟ ହାତ ଦୁଇଟା ରାଜା, ରାଣୀ, ସେନାପତି, ଦୁର୍ଗ, ଘୋଡ଼ା ଆଦିକୁ ଖେଳିବା ପଟା ଉପରେ ଯେମିତି ସଜାଇବାର କଥା, ଠିକ୍ ସେମିତି ଆଖି ପିଛୁଳାକେ ସଜାଇ ଥୋଇଦେଲା ।

ସଙ୍ଗେ ସଙ୍ଗେ ହାତ ଉଠାଇ ନେଇ କହିଲା, 'ଏଥର ଆଉ ଡେରି କାହିଁକି ମିସେସ୍ ଭେର୍‌ନନ୍ ? ଖେଳ ଆରମ୍ଭ ହେଉ । ଆରମ୍ଭଟା ଆପଣଙ୍କ ପକ୍ଷରୁ ହେଲେ ଖୁସି ହେବି ।

ମିସେସ୍ ଭେର୍‌ନନ୍ ସାର ଚଳାଇବାକୁ ଆରମ୍ଭ କଲେ । ତାଙ୍କ ଖେଳକୁ ଅନୁଧାନ କରି ଯନ୍ତ୍ର ତା ପକ୍ଷ ସାରକୁ ଚଳାଉଥାଏ ଠିକ୍ ଜଣେ ଦକ୍ଷ ଖେଳାଳି ଭଳି । ବେଳେ ବେଳେ ଗୋଟିଏ ଗୋଟିଏ ସାରକୁ ଠିକ୍ ରୂପେ ଚଳାଇବା ପାଇଁ ଯେଉଁଠି ମିସେସ୍ ଭେର୍‌ନନ୍ ଦୁଇ ତିନି ମିନିଟ୍ ସମୟ ନେଉଥାନ୍ତି, ସେଠି ଯନ୍ତ୍ରକୁ ସେକେଣ୍ଡଟାଏ ବି ଲାଗୁ ନ ଥାଏ । କେଉଁ ସାର କେଉଁଠାକୁ ଚଳାଇଲେ

Digitized by srujanika@gmail.com

କା' କା' ଉପରେ ତାର କି ପ୍ରଭାବ ପଡ଼ିବ, ସେ ସମ୍ବନ୍ଧରେ ଯନ୍ତ୍ରର ଧାରଣା ଏତେ ସ୍ପଷ୍ଟ ଯେ ଯନ୍ତ୍ରକୁ ଖୁବ୍ ଜଟିଳ ପରିସ୍ଥିତି ପାଇଁ ସେକେଣ୍ଡ କି ଦି' ସେକେଣ୍ଡରୁ ଅଧିକ ସମୟ ଚିନ୍ତା କରିବାକୁ ପଡୁ ନ ଥାଏ । ଯନ୍ତ୍ରର ଏତାଦୃଶ ପଟୁତା ଓ କ୍ଷୀପ୍ରତା ଦେଖି ମିସେସ୍ ଭେର୍‌ନନ୍ ଅବାକ୍ । ମିସେସ୍ ଭେର୍‌ନନ୍ ଖେଳିବେ କଅଣ, ଯନ୍ତ୍ରର ଏଭଳି ପଟୁତା ଦେଖି ଯନ୍ତ୍ରର ଦକ୍ଷତା ସମ୍ବନ୍ଧରେ ମନେ ମନେ ଚିନ୍ତା କରୁଛନ୍ତି, ହଠାତ୍ ଯନ୍ତ୍ରଟି କହିଉଠିଲା, 'କ୍ଷମା କରିବେ ମିସେସ୍ ଭେର୍‌ନନ୍, ଆପଣ ବର୍ତ୍ତମାନ ଚାରିଆଡ଼ୁ ବନ୍ଦୀ, ଆପଣ ଆଉ ପାଦେ କେଉଁ ଆଡ଼କୁ ଚଳାଇପାରିବେନି, ଦେଖିଲେତ ଆପଣ କେମିତି ହାରିଗଲେ ।'

ମିସେସ୍ ଭେର୍‌ନନ୍ ଚମକିପଡ଼ି ଦେଖନ୍ତିତ, ଯନ୍ତ୍ର ଯା କହିଛି ପୂରାପୂରି ଠିକ୍ । ତାଙ୍କର ଆଉ କେଉଁଆଡ଼କୁ ଚଳାଇବା ପାଇଁ ବାଟ ନାହିଁ; ତେଣୁ ହାରିବା ଛଡ଼ା ଅନ୍ୟ ଉପାୟ ନାହିଁ ତାଙ୍କର ।

ଏହି ସମୟରେ ଯନ୍ତ୍ର ପୁଣି କହିଲା, 'ଧନ୍ୟବାଦ, ହାରିଗଲେ ବୋଲି ମନ କଷ୍ଟ କରିବେ ନାହିଁ, କିନ୍ତୁ ଖେଳଟି ଖୁବ୍ ମଜାହେଲା; ନୁହେଁ ?

'ଖାଲି ସେତିକି ନୁହେଁ; କ୍ୟାଥି', ଅଧ୍ୟାପକ ପାଖରେ ଠିଆହୋଇ ଆରମ୍ଭ କଲେ, 'ତୁମେ ଖେଳିଲାବେଳେ ଖେଳରେ କେଉଁଠି କେଉଁଠି ଭୁଲ୍ କରିଥିଲ କେଉଁଠି କେଉଁଠି ଭୁଲ କରିଥିବା ଯୋଗୁଁ ହାରିଲ, ତା'ର ବିଶ୍ଳେଷଣ ଶୁଣିବ ? ତା' ବି ତୁମକୁ ଏ ଯନ୍ତ୍ର ଶୁଣାଇ ଦେଇପାରିବ । ତା'ହେଲେ ଭବିଷ୍ୟତରେ ତୁମେ ସେଭଳି ଭୁଲ୍ କେବେ କରିବନି । ଫଳରେ ତୁମର ଚେସଖେଳରେ ଆହୁରି ଉନ୍ନତି ହେବ ।''

'ଆଁ, ତା ବି ଏ ଯନ୍ତ୍ର କହିଦେଇପାରିବ ?'

'ହଁ, ମିସେସ୍ ଭେର୍‌ନନ୍ ! ''ଯନ୍ତ୍ର କହିଉଠିଲା'', ଦେଖନ୍ତୁ, ଆପଣ ଆପଣଙ୍କ ଘୋଡ଼ା, ଆପଣଙ୍କ ଦୁର୍ଗର ଅବସ୍ଥାନ ସେଠି ଯେମିତିଭାବରେ କଲେ, ସେମିତି ଭାବରେ କରିବାର ନ ଥିଲା; ଆପଣ ସେମିତିଭାବରେ କରିବାଦ୍ୱାରା ମୁଁ ସୁବିଧା ପାଇଗଲି । ତେଣୁ ମୋ ଘୋଡ଼ା ଓ ସେନାପତି ସେ ଦୁଇ ଜାଗାକୁ ଯାଇ ପାରିଲେ । ଫଳରେ ଆପଣଙ୍କ ହାରିବାରେ ଏହା ସାହାଯ୍ୟ କଲା । ଆପଣ ଏହି ଖେଳରେ ଏଇଭଳି ଛ' ଥର ଭୁଲ କରିଛନ୍ତି । ପଢ଼ନ୍ତୁ ଏହି କାଗଜ ଖଣ୍ଡିକ, ସେଥିରେ ଆପଣଙ୍କର ସବୁ ଭୁଲ୍ ଲେଖାହୋଇଛି ।' କହୁ କହୁ ଯନ୍ତ୍ର ଭିତରୁ କାଗଜଖଣ୍ଡିଏ ବାହାରିଆସିଲା ।

ମିସେସ୍ ଭେର୍‌ନନ୍ କାଗଜଖଣ୍ଡକୁ ନେଇ ପଢୁ ପଢୁ ଚମତ୍କୃତ ହୋଇଯାଇ କହିଲେ, 'ଆରେ ସତେ ତ, ହଁ ମୋର ତ ଠିକ୍ ମନେପଡୁଛି, ମୁଁ ସେଠି

Digitized by srujanika@gmail.com

ଗୋଟାଏ ବିରାଟ ଭୁଲ୍ କରି ପକାଇଥିଲି । କାଗଜଟିକୁ ପରୀକ୍ଷା କରି ନିଜ ଭୁଲଗୁଡ଼ିକ ପଢୁ ପଢୁ ବହୁତ ଖୁସି ହୋଇଗଲେ ମିସେସ୍ ଭେର୍‌ନନ୍ । ଯନ୍ତ୍ର ଯେଉଁ ଭୁଲଗୁଡ଼ିକ ଦେଖାଇଦେଇଛି, ସେଗୁଡ଼ିକ ପୂରାପୂରି ଠିକ୍ । ଯନ୍ତ୍ରର ଏତାଦୃଶ ଶକ୍ତିରେ ବିଭୋର ହୋଇ ସ୍ୱାମୀଙ୍କୁ କୁଣ୍ଢାଇ ପକାଇ ଭାବଗଦ୍‌ଗଦ୍ ଚିତ୍ତରେ କହିଲେ, 'ତୁମ ଯନ୍ତ୍ର ଅତି ଅଦ୍ଭୁତ ବବ୍ ! ତୁମ ଯନ୍ତ୍ର ଅତି ଅଦ୍ଭୁତ ! ତୁମ ଯନ୍ତ୍ରର ଟେର ପାଇଲେ ଆଜି ସାରା ପୃଥିବୀ ଚକିତ ହେବ । ବିଜ୍ଞାନ-ଜଗତରେ ଶ୍ରେଷ୍ଠ ଉଦ୍ଭାବକ ଭାବରେ ତୁମକୁ ସ୍ୱାଗତ ନ କରି କେହି ରହିପାରିବେନି ବବ୍ ! ତୁମର ଏହି ଉଦ୍ଭାବନ ସାରା ଜର୍ମାନ ଜାତିକୁ ଗୌରବାନ୍ୱିତ କରିବ ।' କହୁ କହୁ ମିସେସ୍ ଭେର୍‌ନନ୍ ଅତି ଖୁସି ହୋଇ ଅଧ୍ୟାପକ ଭେର୍‌ନନ୍‌ଙ୍କ କପୋଳ ଉପରେ ଆଙ୍କିଦେଲେ ଘନଘନ ଚୁମ୍ବନର ସୁନେଲି ଦାଗ ।

ଯେଉଁ ଦିନ ବୈଜ୍ଞାନିକ ଭେର୍‌ନନ୍‌ଙ୍କ ଅଦ୍ଭୁତ ଚେସ୍‌ଖେଳାଳି ଯନ୍ତ୍ର କଥା ବିଭିନ୍ନ ଦେଶର ଖବରକାଗଜରେ ବାହାରି ପଡ଼ିଲା, ସାରା ପୃଥିବୀରେ ଚହଳ ପଡ଼ିଗଲା ଯନ୍ତ୍ରର ଅପୂର୍ବ ପଟୁତା ପାଇଁ । ଯେଉଁ ଦିନ ଯନ୍ତ୍ର ସହିତ ପ୍ରତିଯୋଗିତାମୂଳକ ଭାବରେ ଖେଳିବା ପାଇଁ ପୃଥିବୀର ବଡ଼ ବଡ଼ ଚେସ୍‌ଖେଳାଳିମାନଙ୍କୁ ନିମନ୍ତ୍ରଣ କରାଗଲା, ସେ ଦିନ ଇଉରୋପରେ ଯେଉଁ ଚହଳ ଦେଖାଦେଲା, ସେକଥା କହିଲେ ନ ସରେ ! ଇଉରୋପର ସମସ୍ତଙ୍କ ମୁହଁରେ ଯନ୍ତ୍ର ତଥା ଏହାର ଉଦ୍ଭାବକ ଭେର୍‌ନନ୍‌ଙ୍କ ଉଚ୍ଛ୍ୱସିତ ପ୍ରଶଂସା । ମିଉନିକ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ଗବେଷଣାଗାର ଦିନକୁ ଦିନ ଖେଳାଳି ତଥା ଦର୍ଶକଙ୍କ ଭିଡ଼ରେ ଅତିଷ୍ଠ ହୋଇଉଠିଲା । ଯେଉଁ ଦିନ ଘୋଷିତ ହେଲା ଯେ ଯେଉଁ ଚେସ୍‌ଖେଳାଳି ସେହି ଯନ୍ତ୍ରକୁ ଚେସ୍‌ଖେଳରେ ପରାସ୍ତ କରି ଦେଇପାରିବ, ସେ ହେବ ସେହି ଯନ୍ତ୍ରର ମାଲିକ; ସେହିଦିନଠାରୁ ଚେସ୍‌ଖେଳାଳିଙ୍କ ଭିତରେ ଅପୂର୍ବ ଉତ୍ସାହ କଥା କହିଲେ ନ ସରେ ! ଏମିତି କି ଏହି ଖବର ପାଇ ଆଟଲାଣ୍ଟିକ ମହାସାଗର ଆରପାରି ଆମେରିକାରୁ ଚେସ୍‌ଖେଳାଳିମାନେ ଧାଇଁଲେ ଇଉରୋପର ଏହି ଯନ୍ତ୍ର ସହିତ ଖେଳିବା ପାଇଁ । ହାରିବା ଜିତିବା ଯା' ହେଉ ପଛକେ ଯନ୍ତ୍ର ସହିତ ଖେଳିଲେ ଅପୂର୍ବ ଅନୁଭୂତି ଆହରଣ କରିପାରିବେ !

ମିଉନିକ୍‌କୁ ଯେତେବେଳେ ଚେସ୍ ଖେଳାଳିମାନେ ଧାଡ଼ି ଛୁଟାଇଥାନ୍ତି, ସେତିକିବେଳେ ଠିକ୍ ସେହି ଗବେଷଣାଗାରକୁ ଧାଡ଼ି ଲଗାଇଥାନ୍ତି ଇଉରୋପ ତଥା ଆମେରିକାର ବଡ଼ବଡ଼ ପୁଞ୍ଜିପତିମାନେ । କିଏ ସ୍ୱତନ୍ତ୍ର ପ୍ଲେନ୍‌ରେ ଆସୁଛି ତ କାହାପାଇଁ ନିଜ ପ୍ଲେନ୍ ପ୍ରେରିତ ହେଉଛି ଇଉରୋପ ଆସିବା ପାଇଁ । ଆଇ.ବି.ଏମ୍., ଆର୍.ସି.ଏ.,

Digitized by srujanika@gmail.com

ଜେନେରାଲ ଇଲେକ୍ଟ୍ରିକ୍ ହନିୱେଲ ଆଦି କମ୍ପ୍ୟୁଟର ପ୍ରସ୍ତୁତକାରୀ କମ୍ପାନୀର କର୍ମକର୍ତ୍ତାମାନଙ୍କର ନିଦ ନାହିଁ । ସମସ୍ତଙ୍କର ଚିନ୍ତା ଡକ୍ଟର ଭେରନନ୍‌ଙ୍କର ଏହି ଅଦ୍ଭୁତ ପେଟେଣ୍ଟ କାହାର ହସ୍ତଗତ ହେବ ? ସମସ୍ତଙ୍କର ଆଶା, ଯେତେ ଅର୍ଥ ପଡୁ ପଛକେ ସେମାନେ ଏହି ପେଟେଣ୍ଟକୁ ହାସଲ କରିବେ । ଦିନକୁ ଦିନ ବଡ଼ ବଡ଼ ଚେସ୍‌ଖେଳାଳିମାନେ ଚେସ୍ ଖେଳରେ ଯନ୍ତ୍ରଠାରୁ ପରାସ୍ତ ହେଉଥିବା ଖବର ଯେତେ ବାହାରୁଥାଏ, ପୁଞ୍ଜିପତିମାନଙ୍କ ଠାରେ ପେଟେଣ୍ଟର ମୂଲ୍ୟ ସେତିକି ବଢୁଥାଏ । କିଏ ମନେ ମନେ ଭାବିଲାଣି ୧୦ କୋଟି ଡଲାର ପର୍ଯ୍ୟନ୍ତ ଦେବ ତ କିଏ ଭାବିସାରିଲାଣି ୨୦ କୋଟି ଡଲାର ଦେବ ବୋଲି । ଏମିତି ଶହେ କୋଟି ଡଲାର ପର୍ଯ୍ୟନ୍ତ ଦେବାର ଧାରଣା କାହା କାହା ମନକୁ ଯେ ନ ଆସିଛି, ତା ନୁହେଁ ।

ହଠାତ୍ ଦିନେ ଏହି ସମୟରେ ଖବରକାଗଜରେ ପ୍ରକାଶ ପାଇଲା ଆଉ ଏକ ଖବର । ଫ୍ରାନ୍ସ ଦେଶର ଜନୈକ ଚଷମା ନିର୍ମାଣକାରୀ ଆଉ ଏକ ଯନ୍ତ୍ର ଉଦ୍ଭାବନ କରିଛି; ଯାହାକି ମିଉନିକ୍‌ର ଯନ୍ତ୍ର ଭଳି ଚେସ୍ ଖେଳିପାରୁଛି । ଏ ଯନ୍ତ୍ରର ସୁବିଧା ହେଉଛି ଯେ ଏହା ଆକାରରେ ଛୋଟ, ଏଥିରେ ଯାନ୍ତ୍ରିକ ଜଟିଳତା ଅପେକ୍ଷାକୃତ କମ୍ ଓ ଅତି ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇପାରିବ । ଯନ୍ତ୍ରନିର୍ମାତା ଏହାକୁ ବିକ୍ରୟ କରିବାକୁ ଇଚ୍ଛୁକ; କିନ୍ତୁ ବର୍ତ୍ତମାନ ନୁହେଁ । ପୃଥିବୀର ବଡ଼ ବଡ଼ ଚେସ୍‌ଖେଳାଳିମାନଙ୍କୁ ହରାଇସାରିଲା ପରେ ସେ ଏହାକୁ ବିକ୍ରୟ କରିବା କଥା ଚିନ୍ତା କରିବେ । ସେତେବେଳେ ହୁଏତ ମାତ୍ର ଏକ ଲକ୍ଷ ଡଲାର ମୁଦ୍ରାରେ ଏହାକୁ ସେ ହସ୍ତାନ୍ତରିତ କରିଦେଇପାରିବେ ।

ଏହି ଖବର ଯେତେବେଳେ ପ୍ରକାଶ ପାଇଲା, ଅଧ୍ୟାପକ ଭେରନନ୍‌ଙ୍କ କମ୍ପ୍ୟୁଟର ଯନ୍ତ୍ରର ଖ୍ୟାତି ଓ ଚାହିଦା ଉପରେ ପ୍ରବଳ ଆଘାତ ପଡ଼ିଲା । ଯେଉଁ ପୁଞ୍ଜିପତିମାନେ ଆମେରିକାରୁ ଫ୍ରାନ୍ସ ଦେଇ ଜର୍ମାନୀ ଆଡ଼କୁ ମୁହାଁଇଥିଲେ, ସେମାନେ ଏମିତି ଏକ ଖବରରେ କ'ଣ କରିବେ ଠିକ୍ କରି ନ ପାରି ବାଟରୁ ଆଉ ଜର୍ମାନୀକୁ ନ ଯାଇ ନିଜ ନିଜ ଦେଶକୁ ବାହୁଡ଼ିଗଲେ । ଏକଲକ୍ଷ ଡଲାର ମୁଦ୍ରାରେ ଯଦି ଏମିତି ଗୋଟିଏ ଯନ୍ତ୍ର ମିଳିଯାଇପାରେ, ତେବେ ସେମାନେ ଶହ ଶହ କୋଟି ଡଲାର ଦେବା ପାଇଁ କାହିଁକି ବା ଯିବେ ? ଫ୍ରାନ୍ସ ଦେଶର ଏହି ଚେସ୍ ଖେଳାଳି ଯନ୍ତ୍ରଟି କେମିତି କାର୍ଯ୍ୟ କରୁଛି ଓ ଲୋକପ୍ରିୟ ହେଉଛି, ସେମାନେ ଲକ୍ଷ୍ୟ କରିବା ଉଚିତ ।

ଫ୍ରାନ୍ସ ଦେଶର ଏହି ଚେସ୍‌ଖେଳାଳି ଯନ୍ତ୍ର କଥା ଯେଉଁ ଦିନରୁ ବାହାରିଲାଣି, ସେଦିନରୁ ମିଉନିକ୍ ଯନ୍ତ୍ରର ଲୋକପ୍ରିୟତା କମି ଆସିଲାଣି । ଯଦିଚ ଏହା ପୃଥିବୀର

Digitized by srujanika@gmail.com

ସବୁ ବଡ଼ ବଡ଼ ଚେସ୍‌ଖେଳାଳିଙ୍କୁ ପରାସ୍ତ କରି ପୃଥିବୀର ଶ୍ରେଷ୍ଠ ଚେସ୍ ଖେଳାଳିର ଖ୍ୟାତି ଅର୍ଜନ କରିଛି, ତଥାପି ଏହି ଯନ୍ତ୍ରଟି ଆଡ଼କୁ ବେଶୀ ଲୋକଙ୍କର ଦୃଷ୍ଟି ନାହିଁ । ସମସ୍ତଙ୍କ ଦୃଷ୍ଟି ଏହାର ପ୍ରତିଯୋଗୀ ଯନ୍ତ୍ର ଆଡ଼କୁ । ଏହା ଫ୍ରାନ୍ସଦେଶର ଚେସ୍‌ଖେଳାଳିମାନଙ୍କୁ ହରାଇବାରେ ଲାଗିଛି । ଖବରକାଗଜର ବର୍ଣ୍ଣନା ଶୁଣି ଲୋକମାନେ ଆନନ୍ଦରେ ବିହ୍ୱଳ ହୋଇ ଉଠୁଛନ୍ତି । ଦିନକୁ ଦିନ ଫ୍ରାନ୍ସର ଛୋଟ ବଡ଼ ସହରରେ ଏହି ଚଷମା-ବ୍ୟବସାୟୀ ତା ଯନ୍ତ୍ରକୁ ନେଇ ନାନାପ୍ରକାର ପ୍ରତିଯୋଗିତା କରିବାରେ ଲାଗିଥାଏ । ଫ୍ରାନ୍ସ ଦେଶର ବଛା ବଛା ଖେଳାଳିମାନେ ଏହି ଯନ୍ତ୍ର ସହିତ ଖେଳି ହାରିଯାଉଥାନ୍ତି । ଫ୍ରାନ୍ସର ସମସ୍ତ ଖେଳାଳିଙ୍କୁ ପରାସ୍ତ କରିସାରିବା ପରେ ଫ୍ରାନ୍ସ ବାହାରେ ସବୁ ବଡ଼ ବଡ଼ ଦେଶକୁ ଯିବା ପାଇଁ ଅସଂଖ୍ୟ ନିମନ୍ତ୍ରଣ ଆସିଲା । ଫ୍ରାନ୍ସରୁ ବାହାରି ହଲାଣ୍ଡ, ବେଲଜିୟମ, ଇଂଲଣ୍ଡ, ପୋଲାଣ୍ଡ, ରୁଷିଆ ଆଦି ବହୁ ଦେଶ ଘୂରିସାରି ଯେତେବେଳେ ଜର୍ମାନୀରେ ପହଞ୍ଚିଲା, ଲୋକେ ଏହି ଯନ୍ତ୍ରକୁ ଦେଖିବା ପାଇଁ ପାଗଳ ହୋଇଉଠିଲେ । ଦିନକୁ ଦିନ ଜର୍ମାନୀର ସବୁ ବଡ଼ ବଡ଼ ସହର ବୁଲି ଜର୍ମାନୀର ବଡ଼ ବଡ଼ ଚେସ୍‌ଖେଳାଳିଙ୍କୁ ହରାଇବାକୁ ଲାଗିଲା । ଏହି ଯନ୍ତ୍ରର ଚେସ୍‌ଖେଳରେ ସମସ୍ତେ ଏତେ ମୁଗ୍ଧ ହୋଇପଡ଼ିଲେ ଯେ ସମସ୍ତଙ୍କ ମୁହଁରେ ଏହାର ଉଚ୍ଛ୍ୱସିତ ପ୍ରଶଂସା ।

ଫରାସୀ ଚେସ୍‌ଖେଳାଳି ଯନ୍ତ୍ରର ପ୍ରସିଦ୍ଧି ଦିନକୁ ଦିନ ଯେତେ ବଢୁଥାଏ, ଅଧ୍ୟାପକ ଭେର୍‌ନନ୍‌ଙ୍କ ଖ୍ୟାତିରେ ସେତେ କୁଠାରାଘାତ ହେଉଥାଏ । ତାଙ୍କ ତିଆରି କମ୍ପ୍ୟୁଟରର ଚାହିଦା ଯେ ଖାଲି କମିଗଲା ତାହା ନୁହେଁ, ତାଙ୍କର ପେଟେଣ୍ଟକୁ କେହି ଖରିଦ କରିବାକୁ ପୂର୍ବଭଳି ଆଗ୍ରହ ଦେଖାଇଲେ ନାହିଁ । ତେଣୁ ସେ ପେଟେଣ୍ଟ ରାଇଟକୁ ବିକ୍ରୟ କରି ସେହି ବିକ୍ରୟଲବ୍ଧ ଧନରେ ଗବେଷଣାଗାରର ପ୍ରସାର କରି ନୂଆ ନୂଆ ପ୍ରକାରର କମ୍ପ୍ୟୁଟର ଉଦ୍ଭାବନ କରିବାର ଯେଉଁ ଆଶା ପୋଷଣ କରିଥିଲେ, ସେ ଆଶା କେବଳ ଧୂଳିସାତ୍ ହିଁ ହେବା ସାର ହେଲା ।

ଫରାସୀ ଯନ୍ତ୍ରର ନିର୍ମାତାଙ୍କ ଘୋଷଣା ଯେ ତାଙ୍କ ଯନ୍ତ୍ର କମ୍ପ୍ୟୁଟର ଚାକିତ ନୁହେଁ, ଏହି ଘୋଷଣାଟି ଭେରନନ୍‌ଙ୍କ ଚିନ୍ତାରାଜ୍ୟରେ ଅପୂର୍ବ ଆଲୋଡ଼ନ ସୃଷ୍ଟି କରିଥିଲା । ତାଙ୍କର ବିଂଶାଧିକ ବର୍ଷର କମ୍ପ୍ୟୁଟର ବିଜ୍ଞାନରେ ଗବେଷଣା ଓ ବିଶେଷ ଜ୍ଞାନଲାଭ କଦାପି ସ୍ୱୀକାର କରିବନି ଯେ ଚେସ୍‌ଖେଳାଳି ଯନ୍ତ୍ର କେବେ କମ୍ପ୍ୟୁଟର ବିନା ସମ୍ଭବ ହୋଇପାରେ । ପୁଣି କମ୍ପ୍ୟୁଟର ହୋଇଥିଲେ ଏହା କ'ଣ କେବେ ଏତେ ଶସ୍ତାରେ ବିକ୍ରୟ ହୋଇପାରନ୍ତା ! କମ୍ପ୍ୟୁଟର ନିର୍ମାତାମାନେ ଯଦି ଏତେ ଶସ୍ତାରେ ଯନ୍ତ୍ରଟାଏ ହାସଲ କରିପାରୁଛନ୍ତି, ତେବେ ସେମାନେ ତାଙ୍କ

Digitized by srujanika@gmail.com

ଯନ୍ତ୍ର ପାଇଁ ଲାଳାୟିତ ହେବେ ବା କାହିଁକି ? ଫରାସୀ ଯନ୍ତ୍ରର ଲୋକପ୍ରିୟତା କମ୍ପ୍ୟୁଟର ବଜାରରେ ଏତେ ବଢ଼ିଯାଇଥାଏ ଯେ ଫରାସୀ ଯନ୍ତ୍ରର ନିର୍ମାତା ମାତ୍ର ଏକଲକ୍ଷ ଡଲାରରେ ବିକ୍ରୟ କରିବାକୁ ଚାହୁଁଥିଲାବେଳେ ଆମେରିକାର ଆଇ.ବି.ଏମ୍. ଓ ଆର୍.ସି.ଏ. ଭିତରେ ପ୍ରତିଯୋଗିତା ଲାଗି ଏହାର ମୂଲ୍ୟ ଏକ କୋଟି ଡଲାରକୁ ଉଠିଗଲାଣି । ତେବେ ଚୁକ୍ତି ହୋଇଥାଏ, ଯେଉଁଦିନ ଫରାସୀ ଯନ୍ତ୍ର ପୃଥିବୀର ସବୁ ଚେସ୍‌ଖେଳାଳିଙ୍କୁ ପରାସ୍ତ କରି ବିଜୟ ହାସଲ କରିବ, ସେଇଦିନ ଏହା ଖରିଦ୍ ହେବ ଅଧିକ ଅର୍ଥ ଦେଉଥିବା ଆଇ.ବି.ଏମ୍. କମ୍ପାନୀଦ୍ୱାରା ।

ଜର୍ମାନୀର ବଡ଼ ବଡ଼ ସହରର ବଛା ବଛା ଚେସ୍‌ଖେଳାଳିମାନଙ୍କୁ ପରାସ୍ତ କଲାପରେ ଏହାର ନିର୍ମାତା ଯନ୍ତ୍ରକୁ ଧରି ଆସିଲେ ମିଉନିକ୍ ସହରକୁ । ମିଉନିକ୍ ହେଉଛି ଶେଷ ସହର । ଏହି ସହରର ଚେସ୍‌ଖେଳାଳିମାନଙ୍କୁ ଯଦି ଏହି ଯନ୍ତ୍ର ହରାଇ ଦେଇପାରେ, ତେବେ ଏହା ବିଶ୍ୱବିଜୟୀ ଆଖ୍ୟାରେ ଭୂଷିତ ହେବ । ଚତୁର ଚଷମା ବ୍ୟବସାୟୀ ସାରା ଇଉରୋପରେ ଏହି ଖେଳ ଦେଖାଇ ଦେଖାଇ ଯେଉଁ ଅଜସ୍ର ଅର୍ଥ ଉପାର୍ଜନ କରି ସାରିଲାଣି, ସେଥିରେ ତା'ର କେତେ ପୁରୁଷ ଯେ ସୁଖସ୍ୱାଚ୍ଛନ୍ଦ୍ୟରେ କଟିଯିବ ତାର କଳନା ନାହିଁ ।

ଯେଉଁଦିନଠାରୁ ଫରାସୀ ଯନ୍ତ୍ର ମିଉନିକ୍ ସହରରେ ଖେଳ ଖେଳିବା ଆରମ୍ଭ କରିଛି, ବୈଜ୍ଞାନିକ ଭେର୍‌ନନ୍‌ଙ୍କ ଆତ୍ମଗ୍ଲାନି ଓ ଦୁଶ୍ଚିନ୍ତାର ଅନ୍ତ ନାହିଁ । ଗବେଷଣାଗାରର ଗବେଷକମାନେ ମଧ୍ୟ ଭେର୍‌ନନ୍‌ଙ୍କ ଭଳି ଚିନ୍ତାକୁଳ । ସହର ସାରା ଲୋକେ କହି ବୁଲୁଥାନ୍ତି, ସାମାନ୍ୟ ଚଷମା ବ୍ୟବସାୟୀଟାଏ ଯଦି ଏଡ଼େ ବଡ଼ ଯନ୍ତ୍ରଟାଏ ଏତେ ଶସ୍ତା ଓ ସୁବିଧାରେ ତିଆରି କରିପାରିଲା, ଭେର୍‌ନନ୍‌ଙ୍କୁ ସେହିଭଳି ଏକ ଚେସ୍‌ଖେଳାଳି ଯନ୍ତ୍ର ପାଇଁ ଆଉ ଏତେ ବାହାଦୁରି ଦିଆଯିବ କାହିଁକି ?

ନିଜ ବୁଦ୍ଧିମତ୍ତା ଓ ଗବେଷଣାଗାରର ସମ୍ମାନହାନିରେ ବୈଜ୍ଞାନିକ ଭେର୍‌ନନ୍ ଯେତେ ଚିନ୍ତିତ ନୁହନ୍ତି, ତା'ଠାରୁ ସେ ଅଧିକ ଚିନ୍ତିତ ଫରାସୀ ଯନ୍ତ୍ରର ମୂଳ କୌଶଳ ନେଇ । ସେ ଯେତେ ଚିନ୍ତା କରି ମଧ୍ୟ ଧରିପାରୁ ନ ଥାନ୍ତି ଏହାର ତିଆରି କୌଶଳ । ଏହି ଯନ୍ତ୍ରଟି ଯଦି କମ୍ପ୍ୟୁଟର ଯନ୍ତ୍ର ଦ୍ୱାରା ଚାଳିତ ନୁହେଁ, ତେବେ କମ୍ପ୍ୟୁଟର ସ୍ଥଳରେ ଆଉ କି ଯନ୍ତ୍ର ଏଥିରେ କାର୍ଯ୍ୟ କରିପାରେ ?

× × × ×

'ବବ୍ ତୁମେ ଜାଣିଛ, ଆଜି ସନ୍ଧ୍ୟାରେ ଜର୍ମାନୀ ତଥା ମିଉନିକ୍‌ର ସର୍ବଶ୍ରେଷ୍ଠ ଚେସ୍‌ଖେଳାଳି ରିଜେନ୍‌ବର୍ଗଙ୍କ ସହିତ ଫରାସୀ ଯନ୍ତ୍ର ଚେସ୍‌ଖେଳିବ ମିଉନିକ୍‌ର ନିମ୍‌ଫେନବର୍ଗ କାସଲରେ । ମୁଁ ଭାବୁଛି ବବ୍, ଆଜି ସେଇ ଖେଳ ଦେଖିବାକୁ ଯିବି ? ତୁମେ କ'ଣ ମୋ ସହିତ ଯିବନି ଖେଳ ଦେଖିବାକୁ ?

Digitized by srujanika@gmail.com

'ଆଉ ଅଧିକ ଅପମାନ ଦିଅନି କ୍ୟାଥି, ଅଧିକ ଅପମାନ ଦିଅନି । ଚେସ୍ ଖେଳିବା ପାଇଁ ଦିନେ ପୃଥିବୀର ସବୁ କୋଣରୁ ଲୋକେ ଯେଉଁ ଯନ୍ତ୍ରଠାକୁ ଦୌଡୁଥିଲେ, ସେହି ଯନ୍ତ୍ରର ନିର୍ମାତା କ'ଣ ଆଜି ଯିବ ଫରାସୀ ଯନ୍ତ୍ରର ଚେସ୍ ଖେଳ ଦେଖିବା ପାଇଁ ? ତୁମେ କ'ଣ ଭାବୁଛ କ୍ୟାଥି, ମୋର ଆତ୍ମସମ୍ମାନ ଏ ଭିତରେ ଏତେ ତଳକୁ ଖସିଆସିଲାଣି ବୋଲି ? ତୁମେ କିନ୍ତୁ ଯାଇପାର, ମୋର ସେଥିରେ ଆପତ୍ତି ନାହିଁ । ତେବେ ପୃଥିବୀର ଅଦ୍ୱିତୀୟ ଚେସ୍ ଖେଳାଳିର ଗୌରବ ଅର୍ଜନ କରିବା ପୂର୍ବରୁ ଫରାସୀ ଯନ୍ତ୍ରକୁ ଏହି ଗବେଷଣାଗାରର ଦ୍ୱାରସ୍ଥ ହେବାକୁ ନିଶ୍ଚୟ ଦିନେ ପଡ଼ିବ । ପୃଥିବୀର ଅଦ୍ୱିତୀୟ ଚେସ୍ ଖେଳାଳି ଭାବରେ ଆମ ଯନ୍ତ୍ରର ଯେଉଁ ସୁଖ୍ୟାତି ଅର୍ଜିତ ହୋଇଅଛି, ଆମ ଯନ୍ତ୍ର ସହିତ ଚେସ୍ ଖେଳି ଏହାକୁ ନ ହରାଇଲା ପର୍ଯ୍ୟନ୍ତ, ସେ ଯନ୍ତ୍ରକୁ ପୃଥିବୀର ଅଦ୍ୱିତୀୟ ଚେସ୍ ଖେଳାଳିର ଗୌରବ ଦେବ ବା କିଏ ? ତୁମେ ଦେଖିବ କ୍ୟାଥି, ଦିନେ ସେହି ଫରାସୀ ଯନ୍ତ୍ରକୁ ଖେଳିବାକୁ ପଡ଼ିବ ଆମ ଯନ୍ତ୍ର ସହିତ ।'

ମିଉନିକ୍ ସହରର ସୁବିଖ୍ୟାତ ବଟାନିକାଲ ଗାର୍ଡ଼ନ ଭିତରେ ଅବସ୍ଥିତ ନିମ୍ଫେନବର୍ଗ କାସଲ । ସପ୍ତଦଶ ଶତାବ୍ଦୀରେ ନିର୍ମିତ ଏହି ବିରାଟ ଦୁର୍ଗଟି ଏବେ ବି ଦର୍ଶକ ଗହଳିରେ ମୁଖରିତ ହୋଇ ଉଠେ ଗ୍ରୀଷ୍ମକାଳରେ, ଯେତେବେଳେ ପୃଥିବୀ ବିଖ୍ୟାତ ସଙ୍ଗୀତଜ୍ଞମାନେ ନିଜ ନିଜ ସଙ୍ଗୀତର ଅପୂର୍ବ ମୂର୍ଚ୍ଛନାରେ ମିଉନିକ୍ ଅଧିବାସୀଙ୍କୁ ସଙ୍ଗୀତ ବିଭୋର କରିବା ପାଇଁ ପୃଥିବୀର ବିଭିନ୍ନ କୋଣରୁ ଏଠାକୁ ଦୌଡ଼ି ଆସନ୍ତି । ଆଭିଜାତ୍ୟପୂର୍ଣ୍ଣ ପ୍ରେକ୍ଷାଳୟ ଭାବରେ ଏହି ପ୍ରେକ୍ଷାଳୟ ସାରା ଜର୍ମାନୀରେ ପ୍ରସିଦ୍ଧ । ଏହି ବିରାଟ ପ୍ରେକ୍ଷାଳୟରେ ଫରାସୀ ଯନ୍ତ୍ର ସହିତ ମିଉନିକ୍ ତଥା ଜର୍ମାନୀର ଶ୍ରେଷ୍ଠ ଚେସ୍ ଖେଳାଳି ରିଚ୍ଚେନବର୍ଗ ଖେଳିବା ଠିକ୍ ହୋଇଥାଏ । ରିଚ୍ଚେନ୍‌ବର୍ଗ ଭେର୍‌ନନ୍‌ଙ୍କ ଯନ୍ତ୍ର ସହିତ ଏଥି ପୂର୍ବରୁ ଖେଳି ପରାସ୍ତ ହୋଇ ସାରିଥାନ୍ତି । ଫରାସୀ ଯନ୍ତ୍ର ସହିତ ଖେଳି ଜର୍ମାନୀର ସମସ୍ତେ ପରାସ୍ତ ହୋଇ ସାରିଲେଣି, କେବଳ ସେ ଏକମାତ୍ର ବାକି ଥାନ୍ତି । ତାଙ୍କୁ ହରାଇ ସାରିଲେ ଫରାସୀ ଯନ୍ତ୍ର ପୃଥିବୀରେ ଶ୍ରେଷ୍ଠତମ ଚେସ୍ ଖେଳାଳିର କୃତିତ୍ୱ ଅର୍ଜନ କରିବ ।

ଠିକ୍ ସନ୍ଧ୍ୟା ସାତଟାରେ ଖେଳ ଆରମ୍ଭ ହେବା କଥା । ନିମ୍ଫେନବର୍ଗ କାସଲର ବିରାଟ ପ୍ରେକ୍ଷାଳୟ ଉଜ୍ଜ୍ୱଳ ଆଲୋକରେ ଦିନଭଳି ଉଦ୍ଭାସିତ । ପ୍ରେକ୍ଷାଳୟଟି ଲୋକାରଣ୍ୟ । ମିସେସ୍ ଭେର୍‌ନନ୍ ଖେଳଠାରୁ ଅଳ୍ପ ଦୂରରେ ବସିଥାନ୍ତି । ଖେଳ ଆରମ୍ଭ ହେଲା । କି ଚମତ୍କାର ସେ ଖେଳ ! ଦୁଇ ପକ୍ଷର ଖେଳ ଚାଳନା ଖୁବ୍ ଉଚ୍ଚକୋଟୀର । ମିସେସ୍ ଭେର୍‌ନନ୍‌ଙ୍କ ତୀକ୍ଷ୍ଣ ଦୃଷ୍ଟି ଯନ୍ତ୍ରର ଖେଳ

Digitized by srujanika@gmail.com

ପରିଚାଳନା ଉପରେ । ଅଧ୍ୟାପକ ଭେର୍‌ନନ୍‌ଙ୍କ ଯନ୍ତ୍ର ଯେତେ ଶୀଘ୍ର ଖେଳିପାରୁଥିଲା, ଏ ଯନ୍ତ୍ରର ସେ କ୍ଷିପ୍ରତା ନାହିଁ । ସାଧାରଣ ମଣିଷ ଜଣେ ଯେମିତି ଖେଳିବ ଏ କିଛି ତା'ଠାରୁ ଅଧିକ ନୁହେଁ । ପୁଣି ଯନ୍ତ୍ରର ଖେଳରେ ଭ୍ରମ ଯେ ନ ହେଉଥାଏ ତା ନୁହେଁ । ରିଜେନବର୍ଗ ପ୍ରାୟ ଘଣ୍ଟାଏ ଖେଳିବା ପରେ ହାରିଗଲେ । କିନ୍ତୁ ଖେଳଟା ମିସେସ ଭେର୍‌ନନ୍‌ଙ୍କ ଆଶାନୁରୂପ ହେଲାନି । ଚେସ୍ ଖେଳାଳି ଯନ୍ତ୍ରକୁ ସେ ଯେମିତି ଖେଳିବାକୁ ଆଶା କରୁଥିଲେ, ସେମିତି ଖେଳିପାରୁ ନ ଥିବା ଦେଖି ମିସେସ୍ ଭେର୍‌ନନ୍ ମନେ ମନେ ଆଶ୍ଚର୍ଯ୍ୟାନ୍ୱିତ ହେଉଥିଲେ । ବେଳେବେଳେ ତାଙ୍କ ମନ ସନ୍ଦେହର ଘନ ଛାୟାରେ ଆଚ୍ଛାଦିତ ହୋଇଯାଉଥାଏ ।

ଖେଳ ସରିବା ପରେ ଉପସ୍ଥିତ ଦର୍ଶକମାନଙ୍କ ଭିତରୁ କେତେକ ଯେତେବେଳେ ଫରାସୀ ଚେସ୍ ଖେଳାଳି ଯନ୍ତ୍ରକୁ ପୃଥିବୀର ଅଦ୍ୱିତୀୟ ଚେସ୍ ଖେଳାଳି ବୋଲି ଘୋଷଣା କରିବାକୁ ଯାଆନ୍ତି, ସେତେବେଳେ ଜନତା ଭିତରୁ ପାଟି ଉଠିଲା, 'ନାଁ, ନାଁ, ତା କଦାପି ହୋଇ ନ ପାରେ । ଜର୍ମାନୀର ସବୁ ଖେଳାଳି ହାରିଗଲେ ବି ମିଉନିକ୍‌ର ଅଦ୍ୱିତୀୟ ଚେସ୍ ଖେଳାଳି ଯନ୍ତ୍ର ଏବେବି ଭେର୍‌ନନ୍‌ଙ୍କ ଗବେଷଣାଗାରରେ ମହଜୁଦ୍ ଅଛି । ଫରାସୀ ଯନ୍ତ୍ର ଜର୍ମାନୀ ଯନ୍ତ୍ରକୁ ପରାସ୍ତ ନ କଲା ପର୍ଯ୍ୟନ୍ତ ଏହା ପୃଥିବୀର ଅଦ୍ୱିତୀୟ ଚେସ୍ ଖେଳାଳିର ଗୌରବ ଅର୍ଜନ କରି ନ ପାରେ ।'

ନାନା ତର୍କବିତର୍କ ପରେ ସିଦ୍ଧାନ୍ତ ହେଲା ଫରାସୀ ଯନ୍ତ୍ରକୁ ଭେର୍‌ନନ୍‌ଙ୍କ ଯନ୍ତ୍ର ସହିତ ଖେଳିବାକୁ ପଡ଼ିବ । ଏହି ଯନ୍ତ୍ର ଯଦି ଭେର୍‌ନନ୍‌ଙ୍କ ଯନ୍ତ୍ରକୁ ଚେସ୍‌ଖେଳରେ ହରାଇ ଦେଇପାରେ, ତେବେ ଏହା ପୃଥିବୀର ଅଦ୍ୱିତୀୟ ଚେସ୍ ଖେଳାଳିର ଗୌରବ ଅର୍ଜନ କରିବ । ଜୁଲାଇ ମାସ ୧୭ ତାରିଖ ଦିନ ଏହି ଐତିହାସିକ ଖେଳ ଦୁଇ ଯନ୍ତ୍ର ମଧ୍ୟରେ ଚାଲିବା ସ୍ଥିର ହେଲା ।

ଯେଉଁ ଦିନ ଏହି ଖବରଟି ଖବରକାଗଜଗୁଡ଼ିକର ସମ୍ମୁଖ ପୃଷ୍ଠା ଅଳଙ୍କୃତ କଲା, ସେଦିନ ଇଉରୋପ ତଥା ଆମେରିକାରେ ଚହଳ ଅବିସ୍ମରଣୀୟ । ଅଲଗା ଅଲଗା ଭାବରେ ପୃଥିବୀର ଶ୍ରେଷ୍ଠ ଚେସ୍‌ଖେଳାଳିର କୃତିତ୍ୱ ଅର୍ଜନ କରିଥିବା ଦୁଇଟି ଯନ୍ତ୍ର ଭିତରେ ଯେଉଁ ପ୍ରତିଯୋଗିତାମୂଳକ ଖେଳ ଚାଲିବ, ସେ ଖେଳକୁ ବା ନ ଦେଖିବ କିଏ ? ଦିନକୁ ଦିନ ଦୁଇ ଯନ୍ତ୍ର ମଧ୍ୟରେ ହେବାକୁ ଯାଉଥିବା ଚେସ୍ ଖେଳକୁ ଦେଖିବା ପାଇଁ ଦର୍ଶକମାନଙ୍କୁ ସୁବିଧା ଦେବାଲାଗି ଏହି ଖେଳର କର୍ମକର୍ତ୍ତାମାନଙ୍କ ଉପରେ ଏତେ ଚାପ ଆସି ପଡ଼ିଲା ଯେ ପ୍ରଥମରୁ ଠିକ୍ ହୋଇଥିବା ସ୍ଥାନ ନିମ୍‌ଫେନବର୍ଗ କାସଲକୁ ପରିବର୍ତ୍ତନ କରି ମିଉନିକ୍ ବିଶ୍ୱବିଦ୍ୟାଳୟର ଇନଡୋର ଷ୍ଟେଡିୟମରେ ଏହି ଖେଳ ହେବା ସ୍ଥିର ହେଲା ।

Digitized by srujanika@gmail.com

ତା ଛଡ଼ା ପୃଥିବୀର ବିଭିନ୍ନ ଖବରକାଗଜ, ପ୍ରେସ, ରେଡିଓ, ଟେଲିଭିଜନ ପ୍ରତିନିଧିମାନଙ୍କୁ ଯଥାଯଥ ସ୍ଥାନ ଦେବା ପାଇଁ ଜର୍ମାନ ସରକାର ଉପରେ ପ୍ରବଳ ଚାପ ପଡୁଥାଏ । ଏହିସବୁ ଦୃଷ୍ଟିରୁ ଶେଷରେ ନିର୍ଦ୍ଧାର୍ଯ୍ୟ ହେଲା ଯେ ଏହି ଖେଳ ଷ୍ଟେଡିୟମ୍‌ରେ ନ ହେବା ଛଡ଼ା ଅନ୍ୟ ଉପାୟ ନାହିଁ । ତା ଛଡ଼ା ପୃଥିବୀର ବହୁ ଦେଶର ରାଜନୈତିକ ପ୍ରତିନିଧି ମଧ୍ୟ ଏହି ପ୍ରତିଯୋଗିତା ଦର୍ଶନରୁ ବଞ୍ଚିତ ନ ହେବା ପାଇଁ ମିଉନିକ୍‌ର କର୍ମକର୍ତ୍ତାମାନଙ୍କଠାକୁ ବାରମ୍ବାର ଅନୁରୋଧ ଆସୁଥାଏ ।

ଖେଳ ସିନା ବିଶ୍ୱବିଦ୍ୟାଳୟ ଷ୍ଟେଡିୟମ୍‌ରେ ହେବା ଠିକ୍ ହୋଇଗଲା, ସେଠାକୁ ଭେର୍‌ନନ୍‌ଙ୍କ ଯନ୍ତ୍ର କେମିତି ନିଆଯିବ ସେଇ ହେଲା ପ୍ରଶ୍ନ । ଏପର୍ଯ୍ୟନ୍ତ ଭେର୍‌ନନ୍‌ଙ୍କ ଯନ୍ତ୍ର ସହିତ ଯେତେ ଖେଳ ହୋଇଛି, ସବୁ ହୋଇଛି କମ୍ପ୍ୟୁଟର ଗବେଷଣାଗାର ଭିତରେ । କିନ୍ତୁ ଯେହେତୁ ଏହି ଐତିହାସିକ ଖେଳ ଦେଖିବାକୁ ପୃଥିବୀର ସମସ୍ତେ ଆଗ୍ରହୀ, ସେତେବେଳେ ଏହାକୁ କମ୍ପ୍ୟୁଟର ଗବେଷଣାଗାରର ସଂକୀର୍ଣ୍ଣ ପରିସର ଭିତରେ କ'ଣ କରିହେବ ? ବୈଜ୍ଞାନିକ ଭେର୍‌ନନ୍ ଓ ତାଙ୍କ ସହକର୍ମୀ ଦଳ ପ୍ରାୟ ଦୁଇ ସପ୍ତାହ ଲାଗି ତାଙ୍କ ଚେସ୍ ଖେଳାଳି ଯନ୍ତ୍ରକୁ ପୂରାପୂରି ଖୋଲିନେଇ ଷ୍ଟେଡିୟମର ଏକ ନବ ନିର୍ମିତ ରଙ୍ଗମଞ୍ଚ ଉପରେ ପ୍ରତିଷ୍ଠା କଲେ । ଜର୍ମାନୀର ଟେଲିଭିଜନ୍ କମ୍ପାନୀ ସହିତ ଯୋଗସୂତ୍ର ସ୍ଥାପନ କରି ଆମେରିକାର ବଡ଼ ବଡ଼ ଟେଲିଭିଜନ କମ୍ପାନୀମାନେ ମହାକାଶରେ ଘୂର୍ଣ୍ଣାୟମାନ କୃତ୍ରିମ ଉପଗ୍ରହ ସାହାଯ୍ୟରେ ଏହି ଖେଳର ଜୀବନ୍ତ ଦୃଶ୍ୟ ଆମେରିକାକୁ ଘେନିଆସିବା ଠିକ୍ ହେଲା । ଏହା ଫଳରେ ଦୁଇ ଯନ୍ତ୍ର ମଧ୍ୟରେ ଚାଲିଥିବା ଐତିହାସିକ ଖେଳକୁ ପାଞ୍ଚ ହଜାର ମାଇଲ ଦୂରରେ ଥିବା ଆମେରିକାର ଲୋକେ ନିଜ ନିଜ ଘରେ ବସି ଟେଲିଭିଜନ କରିଆରେ ଦେଖିପାରିବେ ।

ଜୁଲାଇ ମାସ ୧୭ ତାରିଖ ଦିନ ତିନିଟା ବେଳେ ଏହି ଖେଳ ଆରମ୍ଭ ହେବା ଠିକ୍ ହୋଇଥାଏ । ଏହି ଖେଳକୁ ଦୁଇଟି ଯନ୍ତ୍ର ମଧ୍ୟରେ ଖେଳ ବୋଲି କେହି ଭାବୁ ନ ଥାନ୍ତି, ଭାବୁଥାନ୍ତି ସତେ ଯେମିତି ଏ ଖେଳ ହେଉଛି ଦୁଇ ଜାତି ଭିତରେ । ବର୍ତ୍ତମାନ ଲୋକଙ୍କ ମନରେ ପ୍ରଶ୍ନ ହେଉଛି, ଦୁଇ ଜାତି ମଧ୍ୟରେ ବଡ଼ କିଏ, ଜର୍ମାନ ଜାତି ନା ଫରାସୀ ଜାତି ? ବିଜ୍ଞାନରେ ଜର୍ମାନ ଜାତି କେବେ କାହା ଆଗରେ ମୁଣ୍ଡ ନୁଆଁଇନି । ସେ କ'ଣ କେବେ ମୁଣ୍ଡ ନୁଆଁଇବ ଛାର ଫରାସୀ ଜାତି ପାଖରେ ? ଯେଉଁ ଜାତିକୁ ସେ ପରିହାସ କରେ 'ଚଷାଜାତି' କହି । ଏ କଦାପି ହୋଇ ପାରେନା । ଫରାସୀ ଯନ୍ତ୍ର କଦାପି ହରାଇ ପାରିବନି ଜର୍ମାନ ଯନ୍ତ୍ରକୁ ।

Digitized by srujanika@gmail.com

ଖେଳ ଆରମ୍ଭ ହେବାକୁ ଆହୁରି ଢେର ସମୟ ବାକି, ମିଉନିକ୍ ବିଶ୍ୱବିଦ୍ୟାଳୟର ଇନଡୋର ଷ୍ଟାଡିୟମ ଦର୍ଶକରେ ଭରପୂର । ବହୁ ମାନ୍ୟଗଣ୍ୟ ଦର୍ଶକ ଦେଶରୁ ଓ ଦେଶ ବାହାରୁ ଷ୍ଟାଡିୟମର ବହୁ ସ୍ଥାନକୁ ଅଳଙ୍କୃତ କରିଥାନ୍ତି । ତାଛଡ଼ା ହଜାର ହଜାର ପ୍ରେସ ସମ୍ବାଦଦାତା, ଫଟୋ ଉଠାବାଲା, ସିନେମା, ରେଡିଓ, ଟେଲିଭିଜନ କୋମ୍ପାନୀର ଏଜେଣ୍ଟ ଦ୍ୱାରା ସ୍ଥାନଟି ମୁଖରିତ । ସମସ୍ତେ ଚାହୁଁଥାନ୍ତି ନିଜେ ଖେଳ ଦେଖିବେ ଏବଂ ନିଜ ଦେଶର ଲୋକଙ୍କୁ ଓ ପୃଥିବୀର ଅନ୍ୟ ଦର୍ଶକମାନଙ୍କୁ ସିନେମା, ରେଡିଓ, ଟେଲିଭିଜନ ଓ ଖବରକାଗଜ ଜରିଆରେ ଏହାକୁ ଦେଖାଇବେ ।

ଷ୍ଟେଡିୟମର ମଧ୍ୟସ୍ଥଳରେ ତିଆରି ହୋଇଥାଏ ଏହି ବିରାଟ ରଙ୍ଗମଞ୍ଚ । ରଙ୍ଗମଞ୍ଚର ମଧ୍ୟସ୍ଥଳରେ ଛୋଟ ଟେବୁଲଟିଏ । ଟେବୁଲ ଉପରେ ଚେସ୍ ଖେଳପଟା । ଟେବୁଲର ଗୋଟିଏ ପାଖରେ ଭେର୍ନନ୍‌ଙ୍କ ବିରାଟ ଚେସ୍ ଖେଳାଳି ଯନ୍ତ୍ର ଅବସ୍ଥିତ । ଅନ୍ୟ ପାଖରେ ଫରାସୀ ଯନ୍ତ୍ର ଓ ଯନ୍ତ୍ର ନିକଟରେ ଏହାର ନିର୍ମାତା ଦଣ୍ଡାୟମାନ । ନାନା ପ୍ରକାର ଆଲୋକରେ ରଙ୍ଗମଞ୍ଚଟି ଉଜ୍ଜ୍ୱଳି ପଡୁଥାଏ । ବିଭିନ୍ନ ଟେଲିଭିଜନ ଓ ଚଳଚ୍ଚିତ୍ର ନିର୍ମାତାମାନଙ୍କର ନାନା ପ୍ରକାର କାମେରା ଏହି ରଙ୍ଗମଞ୍ଚର ବିଭିନ୍ନ ସ୍ଥାନରେ ଖଞ୍ଜା ଯାଇଥାଏ । ଭେର୍ନନ୍‌ଙ୍କ ଯନ୍ତ୍ର ସହିତ ଏତେ ପ୍ରକାର ଯନ୍ତ୍ର ଲାଗିଥାଏ ଓ ଏ ସବୁ କେତେ ପ୍ରକାର ତାରରେ ପରସ୍ପର ସହିତ ସଂଯୁକ୍ତ ହୋଇଥାଏ ଯେ ଦେଖିଲେ ଜଣେ ଲୋକ ଧାରଣା କରିବ ଯେ ଏହା ହେଉଛି ପୃଥିବୀର ସବୁଠାରୁ ଜଟିଳତମ ଯନ୍ତ୍ର । ଏହାଠାରୁ ଅଧିକ ଜଟିଳତମ ଯନ୍ତ୍ର ବୋଧହୁଏ ତିଆରି ହୋଇପାରିନି । କିନ୍ତୁ ଅପରପକ୍ଷକୁ ଅନାଇଲାବେଳକୁ ଠିକ୍ ତାର ବିପରୀତ । ଫରାସୀ ଯନ୍ତ୍ରଟି ଅତି ସାଦାସିଧା । ଚେସ୍ ଖେଳାଳି ଯନ୍ତ୍ରଟି ଠିକ୍ ଗୋଟିଏ କୃତ୍ରିମ ମଣିଷ ଭଳି ଦିଶୁଥାଏ । ଏଥିରେ ଯାନ୍ତ୍ରିକ ଜଟିଳତା କିଛି ଥିଲା ଭଳି ଜଣାପଡୁ ନ ଥାଏ । ଯନ୍ତ୍ରଟିର ଅଧା ଗୋଟିଏ ଟେବୁଲ ଭିତରେ । ବାକି ଅଧକ ଟେବୁଲ ଉପରେ । ଟେବୁଲ ଉପର ଅଂଶରେ ଖେଳାଳିର ଦୁଇଟି ହାତ, ମୁଣ୍ଡ ଓ ବେକ ଥାଏ । ଦାନ ଚଳାଇ ଏହି ଅଂଶଟି ପ୍ରକୃତରେ ଖେଳେ । ଭେର୍ନନ୍‌ଙ୍କ ଯନ୍ତ୍ର ବିଦ୍ୟୁତ୍‌ଶକ୍ତି ସାହାଯ୍ୟରେ ଚାଳିତ ହେଉଥିବାରୁ ଏହି ଯନ୍ତ୍ରଟି ମେନ୍ ଲାଇନ୍ ସହିତ ସଂଯୁକ୍ତ ହୋଇଥାଏ । କିନ୍ତୁ ଫରାସୀ ଯନ୍ତ୍ରର ସେ ସବୁ କିଛି ନାହିଁ । ଛୋଟ ଛୋଟ ବେଟେରୀ ସାହାଯ୍ୟରେ ଟ୍ରାଞ୍ଜିଷ୍ଟର ପଦ୍ଧତିରେ ଏହା ପରିଚାଳିତ ବୋଲି ସମ୍ଭବତଃ ବାହାର ବିଦ୍ୟୁତ୍ ଲାଇନ୍ ଏହାର ଦରକାର ନାହିଁ ।

ଠିକ୍ ସମୟରେ ଖେଳ ଆରମ୍ଭ ହେଲା । ମିଉନିକ୍‌ର ତିନିଜଣ ବିଶିଷ୍ଟ ବିଚାରପତି ଏହି ପ୍ରତିଯୋଗିତାର ଫଳାଫଳ ପ୍ରକାଶ କରିବା ଦାୟିତ୍ୱରେ ରହିଥାନ୍ତି ।

Digitized by srujanika@gmail.com

ଖେଳ ଆରମ୍ଭ ହେବାକ୍ଷଣି କି ବିଚିତ୍ର ନିସ୍ତବ୍ଧତା ! ହଜାର ହଜାର ଲୋକ ଏକତ୍ର ଜମା ହୋଇ ମଧ୍ୟ ଚାରିଆଡ଼ ନିସ୍ତବ୍ଧ; ବୋଧ ହେଉଥାଏ, ସତେ ଯେମିତି ସେଠି ଜଣେ ସୁଦ୍ଧା ଲୋକ ନାହିଁ । ଖେଳ ଆରମ୍ଭ ହେବାକ୍ଷଣି ଭେଗ୍ନନ୍ଙ୍କ ଯନ୍ତ୍ରର ଧୀର ଗୁଞ୍ଜନ ଶବ୍ଦ ସଙ୍ଗେ ଟିକଟିକ୍ ଶବ୍ଦ, ସେଥି ସହିତ ଯନ୍ତ୍ରର ବିଭିନ୍ନ ପରଦାରେ ଚିକ୍‌ମିକ୍ ଆଲୋକ ଦର୍ଶକମାନଙ୍କୁ ସ୍ତବ୍ଧ କରି ପକାଉଥାଏ । ଯନ୍ତ୍ରର ଆଉ ଏକ ପାଖରୁ ଗୋଟିଏ ବିରାଟ ଲମ୍ବ କାଗଜ ଉପରେ କ'ଣଗୁଡ଼ିଏ ବକ୍ରରେଖା ମନକୁ ମନ ଟାଣି ହୋଇ ଯାଉଥାଏ । ଯନ୍ତ୍ର ନିଜ ହାତ ବଢ଼ାଇ ଖେଳପଟା ଉପରେ ସାରକୁ ଏପଟ ସେପଟ ଚଳାଇ ଖେଳୁଥାଏ । ଅପର ପକ୍ଷରେ ଖେଳୁଥିବା ଫରାସୀ ଯନ୍ତ୍ରଟିର ଭେଗ୍ନନ୍ଙ୍କ ଯନ୍ତ୍ର ଭଳି କିଛି ଯାନ୍ତ୍ରିକ ଜଟିଳତା ନ ଥାଇ ଜଣେ ସାଧାରଣ ମଣିଷ ଭଳି ଖେଳି ଚାଲିଥାଏ । ଭେଗ୍ନନ୍ଙ୍କ ଯନ୍ତ୍ର କେମେରା ଲେନ୍‌ସ ଭଳି ବିରାଟ ବିରାଟ ଆଖି ସାହାଯ୍ୟରେ ଗୋଟାସାରା ଖେଳକୁ ଦେଖି ନିଜେ ସାର ଚଳାଉଥାଏ । ଚାହୁଁ ଚାହୁଁ ପ୍ରତିଯୋଗିତା ବେଶ୍ ଘନେଇ ଆସିଲା । ଦୁଇପକ୍ଷର ଖେଳାଳି ବେଶ୍ ଟାଣ ଥିଲା ଭଳି ମନେ ହେଉଥାଏ । ସତେ ଯେମିତି କେହି କାହାକୁ କମ୍ ନୁହନ୍ତି । ଫରାସୀ ଯନ୍ତ୍ରଟି ବେଶ୍ ଦକ୍ଷତାର ସହିତ ସାର ଚଳାଉଥାଏ । ତେବେ କ୍ଷିପ୍ରତା ଅନେକ କମ୍ ଭେଗ୍ନନ୍ଙ୍କ ଯନ୍ତ୍ରଠାରୁ । ଦର୍ଶକମାନେ ଅନାଇ ରହିଥାନ୍ତି ଦୁଇ ଯନ୍ତ୍ରକୁ । ସେମାନଙ୍କ ମନରେ ବେଳକୁବେଳ କେତେ ପ୍ରକାରର ଧାରଣା ଉଙ୍କି ମାରୁଥାଏ । କେତେବେଳେ କିଏ ଭାବୁଥାଏ ତ ଜର୍ମାନୀ ଯନ୍ତ୍ର ଜିତିବ, ପର ମୁହୂର୍ତ୍ତରେ ମତ ବଦଳାଇ ଭାବୁଥାଏ ନା, ଫରାସୀ ଯନ୍ତ୍ର ବୋଧହୁଏ ଜିତିବ । ଯନ୍ତ୍ର ଭିତରେ ଏହି ଖେଳ-ମୁଗ୍ଧ ଦର୍ଶକମାନଙ୍କୁ ଜାତି ଜାତି ଭିତରେ ପ୍ରକୃତ ଯୁଦ୍ଧ ଭଳି ସତେ ଯେପରି ମନେ କରାଇ ଦେଉଥାଏ ।

ଖେଳ ପୂରା ଦମ୍‌ରେ ଚାଲିଛି, ହଠାତ୍ ଭେଗ୍ନନ୍ଙ୍କ ଯନ୍ତ୍ର କହିଉଠିଲା, 'ବନ୍ଧୁ, ଏଥର ଯିବ କୁଆଡ଼େ ? ତୁମ ରଜା, ରାଣୀ ସୈନ୍ୟସାମନ୍ତ ସମସ୍ତେ ବର୍ତ୍ତମାନ ବନ୍ଦୀ । ଏଥର ଚଳାଇଲ ତୁମ ସାର । ମୁଁ ଦେଖିବି, ତୁମେ କେଉଁଆଡ଼େ ଯିବ ?'

ଜର୍ମାନୀ ଯନ୍ତ୍ରର ଏହି ମନ୍ତବ୍ୟରେ ସମସ୍ତେ ଅବାକ୍ । ପ୍ରତ୍ୟେକ ପ୍ରତ୍ୟେକଙ୍କ ମୁହଁ ଚାହାଁଚାହିଁ ହେଲେ । 'ଆରେ, ସତେତ ଫରାସୀ ଯନ୍ତ୍ର ହାରିଗଲା ନା କଅଣ ?'

ଫରାସୀ ଯନ୍ତ୍ର ପୂରାପୂରି ଚୁପ୍ । ତୀକ୍ଷ୍ଣ ଦୃଷ୍ଟିରେ ଖେଳକୁ ଅନାଇ ରହିଥାଏ ।

ଭେଗ୍ନନ୍ଙ୍କ ଯନ୍ତ୍ର କହିଲା, 'ହେଉ ଚିନ୍ତା ନାହିଁ ବନ୍ଧୁ, ବଡ଼ ବଡ଼ ଖେଳାଳିମାନେ ପ୍ରଥମ ଥର ହାରନ୍ତି । ତେଣୁ ସେଥିପାଇଁ ଚିନ୍ତିତ ହୋଇ ଲାଭ ନାହିଁ । ଆଉ ଥରେ ଖେଳିବା ।'

Digitized by srujanika@gmail.com

ପୁଣି ଥରେ ଖେଳ ଆରମ୍ଭ ହେଲା । କିନ୍ତୁ ଅଳ୍ପ କିଛି ସମୟ ପରେ ପୁଣି ଫରାସୀ ଯନ୍ତ୍ରର ପରାଜୟ । ତାଳି ପରେ ତାଳିରେ ସଭାକକ୍ଷ କମ୍ପିଉଠିଲା । ଯେଉଁ ଫରାସୀ ଯନ୍ତ୍ର ପୃଥିବୀରେ ଶ୍ରେଷ୍ଠ ଚେସ୍ ଖେଳାଳିର କୃତିତ୍ୱ ଅର୍ଜନ କରିଥିଲା, ତାକୁ ପରାସ୍ତ ହେବାର ଦେଖିଲେ କେଉଁ ଜର୍ମାନ ଲୋକ ଖୁସି ନ ହୋଇ ରହିପାରିବ ।

ପୁଣି ଥରେ ଖେଳ ହେଲା । ଏଥର ବି ଫରାସୀ ଯନ୍ତ୍ରର ପରାଜୟ ! ଏମିତି ସାତ ଥର ଖେଳିବା ପରେ କୌଣସି ଥର ଫରାସୀ ଯନ୍ତ୍ର ବିଜୟ ହାସଲର ଗୌରବ ଅର୍ଜନ କରି ପାରିଲାନି । ଫରାସୀ ଯନ୍ତ୍ରର ନିର୍ମାତା ଅପମାନରେ ମ୍ରିୟମାଣ ହୋଇପଡ଼ିଲେ । ନିଜର ପରାଜୟ ସ୍ୱୀକାର କରି ସେ ନିଜ ଯନ୍ତ୍ରକୁ ସେଠୁ ଯେତେବେଳେ ଉଠାଇନେବାକୁ ଯାଆନ୍ତି, ଠିକ୍ ସେତିକିବେଳେ ଭେର୍ନନ୍‌ଙ୍କ ଯନ୍ତ୍ର ବଜ୍ରଗମ୍ଭୀର କଣ୍ଠରେ କହିଉଠିଲା, 'ବନ୍ଧୁବର ! ଖେଳ ସିନା ସରିଗଲା, ତୁମ ଇତିହାସଟା ତ ସରିନି । ତୁମ ପରାଜୟ ପାଇଁ ମୁଁ ଯେତେ ଦୁଃଖିତ ନୁହେଁ, ତୁମ ଭଣ୍ଡାମି ପାଇଁ ମୁଁ ଅତି ଦୁଃଖିତ । ଆହୁରି ଦୁଃଖିତ, ତୁମ ଭଣ୍ଡାମିକୁ ମୋ ଛଡ଼ା ସାରା ପୃଥିବୀରେ ଆଉ କେହି ଧରିପାରିଲେ ନାହିଁ ବୋଲି । ଏତେଦିନ ଧରି ତୁମେ ସାରା ଇଉରୋପକୁ ଠକାଇ ଠକାଇ ଆସିଲ, ଯେ ତୁମ ଚେସ୍ ଖେଳାଳି ଯନ୍ତ୍ର ପ୍ରକୃତରେ ଚେସ୍ ଖେଳୁଛି ବୋଲି । ତୁମେ ସିନା ବନ୍ଧୁ ତୁମ ଭଳି ମଣିଷମାନଙ୍କୁ ଚିଟା କାଟି ପାରିଲ, ମୋତେ ସେମିତି କଥା କହି ଚିଟା କାଟିପାରୁଛ କେଉଁଠି ? ଖେଳ ଆରମ୍ଭରୁ ତୁମ ଯନ୍ତ୍ର କେମିତି ଭାବରେ ଖେଳିଛି, ତା'ର ପ୍ରମାଣ ଦେଉଛି ଏଇ ବକ୍ର ରେଖାଗୁଡ଼ିକ । ମୁଁ ତୁମ ରହସ୍ୟ ଉଦ୍‌ଘାଟନ କରିବା ପୂର୍ବରୁ ଏଇ ବକ୍ରରେଖାଗୁଡ଼ିକୁ ଲକ୍ଷ୍ୟ କରିବାକୁ ଅନୁରୋଧ କରୁଛି । ଏହି ବକ୍ରରେଖାରୁ ତୁମେ ଜାଣିପାରିବ, ତୁମେ ଖେଳରେ କେଉଁଠି କେଉଁଠି ଓ କିପରି ଧରଣର ଭୁଲ୍ କରିଛ । ପୁଣି ବିଚିତ୍ର, ଯେଉଁ ଭୁଲ୍ ଥରେ କରିଛ, ଠିକ୍ ସେମିତି ଭୁଲ୍ ପର ଖେଳମାନଙ୍କରେ ବି କରିଛ । ତୁମର ସେହି ଭୁଲଗୁଡ଼ାକୁ ଅନୁଧ୍ୟାନ କରି ତୁମ ରହସ୍ୟ ଉଦ୍‌ଘାଟନ କରିବା ଉଦ୍ଦେଶ୍ୟରେ ତୁମକୁ ସାତଥର ଖେଳିବା ପାଇଁ ମୁଁ କାହିଁକି ଅନୁରୋଧ କରିଥିଲି, ତୁମେ ବୋଧହୁଏ ଜାଣିପାରୁଥିବ ଏଥର । ତୁମେ ଗୋଟିଏ ଭୁଲ୍ କେତେ ଥର କରିପାର ଦେଖିବା ପାଇଁ ମୁଁ ଏ କାରସାଦି କଲି । ତୁମେ ଯେଉଁସବୁ ଭୁଲ ବାରମ୍ବାର କରିଛ, ସେମିତି ଭୁଲ କେବେ କୌଣସି ଯନ୍ତ୍ର କରେନି । ତୁମେ ଯେମିତି ଭୁଲ କଲ, ସେମିତି ଭୁଲ ସାଧାରଣତଃ ମଣିଷମାନେ ହିଁ କରନ୍ତି । ତେଣୁ ମୋର ପୂରା ବିଶ୍ୱାସ, ତୁମେ ପ୍ରକୃତରେ ମୋଭଳି ନିର୍ଜୀବ ଯନ୍ତ୍ର ନୁହଁ, ତୁମେ ଗୋଟିଏ ଜୀବନ୍ତ ମଣିଷ, ଯନ୍ତ୍ର ଭିତରେ ଲୁଚି ରହି ଖେଳ ଖେଳୁଛ ।''

Digitized by srujanika@gmail.com

ଭେଉନନ୍‌ଙ୍କ ଯନ୍ତ୍ର ଏତକ କହିସାରିଛି କି ନାହିଁ ହଠାତ୍ ପ୍ରେକ୍ଷାଳୟରେ ଉଠିଲା ବିରାଟ ବିକ୍ଷୋଭ । ଦର୍ଶକମାନେ 'ଭଣ୍ଡ ଫରାସୀ ଯନ୍ତ୍ର' 'ଭଣ୍ଡ ଫରାସୀ ଯନ୍ତ୍ର' କହି ପାଟି କରି ଉଠିଲେ ।

ସଭା ଭିତରୁ ରଙ୍ଗମଞ୍ଚ ଉପରକୁ ଉଠିଆସି କେତେଜଣ ଦର୍ଶକ ଦାବି କଲେ ଫରାସୀ ଯନ୍ତ୍ରନିର୍ମାତାକୁ ଏହି ଅଭିଯୋଗର ଉତ୍ତର ଦେବାକୁ । ସେ ପ୍ରକୃତରେ ତା ଠକାମି ଯନ୍ତ୍ର ଭିତରେ ମଣିଷଟାଏ ରଖି ଖେଳ ଖେଳାଉଛି କି କଅଣ ଜାଣିବା ପାଇଁ ସେମାନେ ଦାବି କରି ବସିଲେ ।

ଦର୍ଶକମାନଙ୍କ ପକ୍ଷରୁ ପ୍ରବଳ ଚାପ ପଡ଼ିବାରୁ ବିଚରା ନିଜ ଦୋଷ ସ୍ୱୀକାର କଲା । ଦର୍ଶକମାନେ ରଙ୍ଗମଞ୍ଚ ଉପରକୁ ଉଠିଆସି ତା ଟେବୁଲଟିର ଆବଦ୍ଧ ଥିବା ତଳ ଅଂଶଟାକୁ ରାଗରେ ଫାଡ଼ି ପକାଇଲାରୁ ସେଥିଭିତରୁ ବାହାରିଲା ଅଠେଇଶ ଇଞ୍ଚ ଉଚ୍ଚର ବାମନଟିଏ । ଦର୍ଶକମାନେ ଏହି ବାମନଟିକୁ ନ ଚିହ୍ନି ରହି ପାରିଲେନି । ଏହି ବାମନଟି ଥିଲା ଏକ ସମୟରେ ୟୁରୋପର ଶ୍ରେଷ୍ଠ ଚେସ୍ ଖେଳାଳି । ଏହି ବାମନଟିକୁ ହରାଇବା କାହାରି ପକ୍ଷରେ ସମ୍ଭବପର ହେଉ ନ ଥିଲା । ହଠାତ୍ ଦିନେ ଏହି ବାମନଟି ରହସ୍ୟଜନକ ଭାବରେ ଇଉରୋପରୁ ଅନ୍ତର୍ହିତ ହୋଇଗଲା । ପୋଲିସଠାରୁ ଆରମ୍ଭ କରି ଗୋଇନ୍ଦାମାନେ ଏହାର କୌଣସି ଠାବ କରିପାରିଲେନି । କିଏ କହିଲା – ଏହା ସାଧାରଣଙ୍କ ସହିତ ମିଳିମିଶି ଚଳି ନ ପାରିବାରୁ ଆତ୍ମହତ୍ୟା କଲା; କିଏ କହିଲା, ଚେସ୍ ଖେଳାଳିମାନେ ମିଳି ଏହାକୁ ମାରିପକାଇଲେ, ଏମିତି କେତେ କ'ଣ ଗୁଜବ ଉଠିଲା ଏହି ବାମନ ସମ୍ପର୍କରେ । ହରଣଚାଳ ହେବା ପରଠାରୁ ବାମନ ରହିଲା ଏହି ଚଷମା ବ୍ୟବସାୟୀ ଘରେ ବନ୍ଦୀହୋଇ । ବାମନକୁ ଜୋରଜବରଦସ୍ତି ଏହି ଟେବୁଲ ଭିତରେ ପୂରାଇ ଚଷମା ବ୍ୟବସାୟୀ ଆରମ୍ଭ କଲା ତା'ର ନୂତନ ଖେଳ, ଯାନ୍ତ୍ରିକ ଚେସ୍ ଖେଳାଳି ।

ବାମନଟିକୁ ଟେବୁଲ ଭିତରୁ ବାହାର କରି ଆଣି ଦର୍ଶକମାନେ ସମସ୍ତଙ୍କୁ ଦେଖାଇବା ପାଇଁ ତାକୁ ଟେବୁଲ ଉପରେ ଠିଆ କରାଇଦେଲା ବେଳକୁ ଦୁଇ ଜଣ ସାଦା ପୋଷାକ ପିନ୍ଧା ଫରାସୀ ପୋଲିସ ଅଫିସର କେତେ ଜଣ ଜର୍ମାନ୍ ପୋଲିସ ଅଫିସରଙ୍କୁ ସଙ୍ଗରେ ଧରି ସେଠି ହାଜର ହୋଇଗଲେ । ହାତରେ ସେମାନଙ୍କର ଚଷମା ବ୍ୟବସାୟୀକୁ ଏରେଷ୍ଟ କରିବାର ପରୱାନା, ଚଷମା ବ୍ୟବସାୟୀର ହାତକୁ ୱାରେଣ୍ଟ ବଢ଼ାଇ ଦେଇ ଫରାସୀ ପୋଲିସ ଅଫିସର କହିଲେ, 'ଆପଣ ଓ ଆଉ ଏହି ବାମନଟି ବର୍ତ୍ତମାନ ଆମଠାରେ ବନ୍ଦୀ ।' ସେମାନଙ୍କ ହାତରେ ହାତକଡ଼ି ପିନ୍ଧାଇ କହିଲେ, 'ସାରା ଜନତାକୁ ଠକାଇ ଅର୍ଥ ଉପାର୍ଜନ କରିବା,

Digitized by srujanika@gmail.com

ବାମନକୁ ହରଣଚାଳ କରିବା ଓ ଅଟକ କରି ରଖିବା ଏବଂ ବାମନକୁ ଧମକ ଚମକ ଦେଖାଇ ତା'ଠାରୁ ଜୋର ଜବରଦସ୍ତି କାମ ଆଦାୟ କରିବା ଏହି ସବୁ ଅପରାଧରେ ଆଜି ତୁମକୁ ଆରେଷ୍ଟ କରାଯାଉଛି । ତମର ଏହି ଦୋଷ ବିଚାର ନ ହେବା ପର୍ଯ୍ୟନ୍ତ ତୁମକୁ ବନ୍ଦୀ ଭାବରେ ରଖାଯିବ ।

ଇଉରୋପର ମୋକଦ୍ଦମା ଇତିହାସରେ ଏ ହେଉଛି ସବୁଠାରୁ ରହସ୍ୟଜନକ ମୋକଦ୍ଦମା । ବିଚାରରେ ବିଚରା ଚଷମା ବ୍ୟବସାୟୀ ଦୋଷୀ ସାବ୍ୟସ୍ତ ହୋଇ ସାତବର୍ଷ ସଶ୍ରମ କାରାଦଣ୍ଡର ଆଦେଶ ପାଇଲା । ବାମନଟିକୁ ଖଲାସ କରି ଦିଆଯାଇ ଫ୍ରାନ୍‌ସର ଏକ ଅନାଥାଶ୍ରମକୁ ପଠାଇ ଦିଆଗଲା ।

ଠିକ୍ ଯେଉଁ ଦିନ ଏହି ବିଚାର ଶେଷ ହେଲା, ସେହିଦିନ ବୈଜ୍ଞାନିକ ଭେରନନ୍‌ଙ୍କ ଏହି ଚେସ୍ ଖେଳାଳି ଯନ୍ତ୍ରର ପେଟେଣ୍ଟ ରାଇଟ୍‌କୁ ଆମେରିକାର ସୁବିଖ୍ୟାତ ଆଇ.ବି.ଏମ୍. କମ୍ପାନୀ ଖରିଦ୍ କରିନେଲେ ଶହେ କୋଟି ଡଲାର ମୂଲ୍ୟରେ, ସେଥି ସହିତ ଏହି କମ୍ପ୍ୟୁଟର ଯନ୍ତ୍ରକୁ ମଧ୍ୟ । ଏହି ଯନ୍ତ୍ର ଛାଞ୍ଚରେ ଛୋଟ ବଡ଼ ବହୁ ଚେସ୍ ଖେଳାଳି ଯନ୍ତ୍ର ତିଆରି କରି ଆଇ.ବି.ଏମ୍. ଆଜିକାଲି ବଜାରରେ ବିକ୍ରୟ କରୁଛି । ଆଇ.ବି.ଏମ୍.ର ନିଉୟର୍କଠାରେ ଥିବା ପ୍ରସିଦ୍ଧ ପ୍ରଦର୍ଶନୀ ସୋ ରୁମ୍‌ରେ ଏହି ଭେରନନ୍‌ଙ୍କ ତିଆରି ମୂଳ ଯନ୍ତ୍ର ସକ୍ରିୟ ଅବସ୍ଥାରେ ରଖାଯାଇ ଲୋକମାନଙ୍କୁ ଦେଖାଯାଉଛି । ନିଉୟର୍କର ପଞ୍ଚମ ଏଭିନିଉରେ ଥିବା ଆଇ.ବି.ଏମ୍.ର ସେହି ବିରାଟ ସୋ-ରୁମ୍‌କୁ ଯେଉଁମାନେ ଯାଇଛନ୍ତି, ସେମାନେ ଏହି କମ୍ପ୍ୟୁଟର ଯନ୍ତ୍ରଟିକୁ ନ ଦେଖି ରହିପାରି ନାହାନ୍ତି । ଭବିଷ୍ୟତରେ ଯଦି କେହି ନିଉୟର୍କ ଯାଆନ୍ତି ଓ ପଞ୍ଚମ ଏଭିନିଉରେ ଥିବା ଆଇ.ବି.ଏମ୍. କମ୍ପାନୀର ସେହି ସୋ ରୁମ୍‌କୁ ଯିବାର ସୌଭାଗ୍ୟ ଅର୍ଜନ କରନ୍ତି, ତେବେ ସେମାନେ ଏହି ଐତିହାସିକ ଚେସ୍ ଖେଳାଳି ଯନ୍ତ୍ରଟିକୁ ଯେ ସେଠି ଦେଖିବାକୁ ପାଇବେ, ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ତାରକା ଯୁଦ୍ଧ

ସାନ୍‌ଫ୍ରାନ୍‌ସିସ୍‌କୋ ଆନ୍ତର୍ଜାତିକ ଉଡ଼ାଜାହାଜ ଘାଟିରେ ଆମ ଜାହାଜ ଦିନ ସାଢ଼େ ଏଗାରଟା ସୁଦ୍ଧା ପହଞ୍ଚିଯିବ ବୋଲି ଜଣାଇ ଦିଆଗଲା । ସାନ୍‌ଫ୍ରାନ୍‌ସିସ୍‌କୋରେ ଶୀଘ୍ର ପହଞ୍ଚିବୁ ବୋଲି ଆମେ ଖୁବ୍ ସଅଳ ସଅଳ ନିଉୟର୍କ ଛାଡ଼ିଥିଲୁ । ଆଶା ଥିଲା ଟ୍ରାନ୍‌ସ୍ ଓ୍ବରଲ୍‌ଡ୍ ଏୟାର ଲାଇନ୍‌ସର ଡି.ସି. ଏଇଟ୍ ଜେଟ୍ ବିମାନ ଆମକୁ ନଅଟା ସୁଦ୍ଧା ସାନ୍‌ଫ୍ରାନ୍‌ସିସ୍‌କୋ ଉଡ଼ାଜାହାଜ ଘାଟିରେ ପହଞ୍ଚାଇଦେବ; କିନ୍ତୁ ବାଟରେ ହଠାତ୍ ପାଗ ଖରାପ ହେବାରୁ ଆମକୁ ମିଜୋରୀ ରାଜ୍ୟସ୍ଥ କାନସାସ୍‌ସିଟି ଉଡ଼ାଜାହାଜ ଘାଟିରେ କିଛି ସମୟ ପାଇଁ ଅଟକିବାକୁ ପଡ଼ିଲା । ସାନଫ୍ରାନ୍‌ସିସ୍‌କୋରେ ଜାହାଜ ପହଞ୍ଚିବା ଯେତିକି ଡେରି ହେଉଥାଏ, ଜାହାଜ ଭିତରେ ସେତିକି ବ୍ୟସ୍ତ ହେଉଥାଏ ମୋ ସଙ୍ଗିନୀ ଲୁସି । ଦିନ ଏଗାରଟାବେଳେ ସାନ୍‌ଫ୍ରାନ୍‌ସିସ୍‌କୋ ବିଶ୍ୱବିଦ୍ୟାଳୟରେ ବିଶ୍ୱ ନିଉକ୍ଲିଆର ପଦାର୍ଥ ବିଜ୍ଞାନର ଯେଉଁ ବିରାଟ ସମ୍ମିଳନୀ ବସୁଥାଏ, ସେଥିରେ ପ୍ରାରମ୍ଭିକ ଅଧିବେଶନରେ ଯେ କେମିତି ଯୋଗ ଦେବ, ସେଇ ଥାଏ ତାର ପ୍ରଧାନ ଚିନ୍ତା । କିନ୍ତୁ ସାନ୍‌ଫ୍ରାନ୍‌ସିସ୍‌କୋରେ ପହଞ୍ଚିବା ଡେରି ହୋଇଯାଉଥିବାରୁ ସେ ବଡ଼ ବ୍ୟସ୍ତ ହୋଇ ପଡୁଥାଏ, ପ୍ରାରମ୍ଭିକ ଅଧିବେଶନରେ ଯୋଗଦେଇ ପାରିବନି ଭାବି ।

ଉଡ଼ାଜାହାଜର ଡେରି ହେତୁ ଲୁସିର ମନରେ ସରାଗ ନ ଥାଏ । ସେ କାନ୍‌ସାସ୍‌ସିଟିଠାରୁ ମୁହଁଟି ଶୁଖାଇ ତା ନିଜ ସିଟରେ ଚୁପ୍ କରି ବସି ରହିଥାଏ । କାହା ସହିତ କଥାବାର୍ତ୍ତା କି ହସଖୁସି ନାହିଁ । କଲମ୍ବିଆ ବିଶ୍ୱବିଦ୍ୟାଳୟର ଏକ ପ୍ରତିନିଧି ହିସାବରେ ଏତେ ବଡ଼ ବୈଜ୍ଞାନିକ ସମ୍ମିଳନୀରେ ଯୋଗଦେବା ଲୁସି ଜୀବନରେ ଏଇ ପ୍ରଥମ । ତାକୁ ବା ସୁଯୋଗ ମିଳିଥାନ୍ତା କୁଆଡୁ ? ଶେଷ ମୁହୂର୍ତ୍ତରେ ଅଧ୍ୟାପକ ହେନ୍‌ରିକସନ୍ ଏକ ଜରୁରୀ କାର୍ଯ୍ୟ ଉପଲକ୍ଷେ ଇଉରୋପ ଚାଲି ଯାଇଥିବାରୁ ତାଙ୍କ ସ୍ଥାନରେ ଲୁସି ପ୍ରତିନିଧିତ୍ୱ କରିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଇ ଯାଇଥିଲେ । ଲୁସିର ଭାରି ଇଚ୍ଛା ସେ କେମିତି ଅଧିବେଶନ ଆରମ୍ଭ ପୂର୍ବରୁ ସେଠି ପହଞ୍ଚିଯିବ ।

ବାସ୍ତବିକ୍ ନୂଆ କରି ଯେଉଁମାନେ ଏହିଭଳି ବଡ଼ ବଡ଼ ସମ୍ମିଳନୀରେ ଯୋଗ ଦିଅନ୍ତି, ସେମାନଙ୍କ ମନ ସାଧାରଣତଃ ସେମିତି ହୁଏ ଓ ହେବା ମଧ୍ୟ ସ୍ୱାଭାବିକ ।

Digitized by srujanika@gmail.com

ଅଧ୍ୟାପକଙ୍କ ସହିତ ମୁଁ ବହୁବାର ପ୍ରତିନିଧି ହିସାବରେ ଯୋଗ ଦେଇଥିବାରୁ ସମ୍ମିଳନୀଗୁଡ଼ାକ ମୋର ଦେହସୁହା ହୋଇଗଲାଣି । ଲୁସି ପିଏଚ୍.ଡି. ପାଇସାରିଲା ପରେ ପୋଷ୍ଟଡକ୍ ଭାବରେ ନୂଆ ହୋଇ ଯୋଗ ଦେଇଥାଏ । ତେଣୁ ଚାରିଆଡ଼େ ନାନା ମିଟିଂ, ସମ୍ମିଳନୀ ଆଦିରେ ଯୋଗ ଦେବାକୁ ଭାରି ଆଗ୍ରହ ତା'ର । ସାନ୍‌ଫ୍ରାନ୍‌ସିସ୍‌କୋ ସମ୍ମିଳନୀ ପାଇଁ ତା'ର ଆଗ୍ରହ ଏତେ ବେଶି ଯେ ସମ୍ମିଳନୀ ତାକୁ ପାଗଳ କରି ଦେଇଥାଏ କହିଲେ ଅତ୍ୟୁକ୍ତି ହେବନି ।

ଅଧ୍ୟାପକଙ୍କ ପୋଷ୍ଟଡକ୍ ଭିତରେ ମୁଁ ସବୁଠାରୁ ପୁରୁଣା । ଲୁସି ସବୁଠାରୁ ନୂଆ । ଆମେ ଦୁଇଜଣ ଗୋଟିଏ ପ୍ରୋବ୍ଲେମ୍ ଉପରେ କାମ କରୁଥାଉ । ବସ୍ତୁ ଆଉ ପ୍ରତିବସ୍ତୁ ଭିତରେ ପାର୍ଥକ୍ୟ କେଉଁଠି, ପ୍ରତିବସ୍ତୁର ପ୍ରକୃତ ଗଠନ କେମିତି ଓ ଏହି ପ୍ରତିବସ୍ତୁକୁ କୃତ୍ରିମ ଉପାୟରେ ପୃଥିବୀରେ ପ୍ରସ୍ତୁତ କରିବା ସମ୍ଭବପର କି ନୁହେଁ, ତାତ୍ତ୍ୱିକ ଗଣନାଦୃଷ୍ଟିରୁ ଆମେ ସେ ବିଷୟ ଉପରେ ଆଲୋକପାତ କରିବାକୁ ଚେଷ୍ଟା କରୁଥାଉଁ । ତା ଛଡ଼ା ଅଧ୍ୟାପକଙ୍କ ଇଚ୍ଛା ଯେ ସେ ତାଙ୍କ ଜୀବନକାଳ ଭିତରେ ଏହି ପୃଥିବୀରେ ଥାଇ ପ୍ରତିବସ୍ତୁ ପ୍ରସ୍ତୁତ କରିବାର ପଥ ଉନ୍ମୁକ୍ତ କରିଦେଇ ଯିବେ । ବିଶ୍ୱ ନିଉକ୍ଲିଆର ସମ୍ମିଳନୀର ଚାରିଦିନିଆ ଅଧିବେଶନ ଭିତରୁ ଦ୍ୱିତୀୟ ଦିନ ପ୍ରତିବସ୍ତୁ ଉପରେ ଆଲୋଚନା ପାଇଁ ସ୍ଥିର ହୋଇଥାଏ । ଲୁସି ଆଉ ମୁଁ ସେଇ ଆଲୋଚନାରେ ଭାଗ ନେବା ପାଇଁ ତିନି ହଜାର ମାଇଲ ଦୂର ନିଉୟର୍କ ସହରରୁ ଦୌଡ଼ି ଆସିଥାଉଁ ଏହି ପଶ୍ଚିମ ଉପକୂଳକୁ ।

ଏଗାରଟା ପଇଁଚାଳିଶ ମିନିଟରେ ଆମ ଜାହାଜ ସାନଫ୍ରାନସିସ୍‌କୋ ଉଡ଼ାଜାହାଜ ଘାଟିରେ ଲାଗିଲା । ଜାହାଜ ଓହ୍ଲାଇଲା ବେଳେ ପ୍ରଶାନ୍ତ ମହାସାଗରର ନୀଳ ଜଳରାଶି ସଙ୍ଗେ ସାନ୍‌ଫ୍ରାନସିସ୍‌କୋ ସହରର ଅପୂର୍ବ ସୌନ୍ଦର୍ଯ୍ୟ ବଡ଼ ମୁଗ୍ଧ କରୁଥାଏ ମୋତେ, କିନ୍ତୁ ଲୁସିର ସେ ଆଡ଼କୁ ଲକ୍ଷ୍ୟ ନାହିଁ । ଜାହାଜ ଭୂଇଁରେ ଲାଗିଲାକ୍ଷଣି ହଠାତ୍ ଦେଖିଲି ଲୁସିର ଶୁଖିଲା ମୁହଁ ପୁଣି ସତେଜ ହୋଇଉଠିଲା, ଠିକ୍ ଯେମିତି ଅପରାହ୍ଣର ମଉଳା ଫୁଲ ମଧ୍ୟରାତ୍ରିର କାକର ସ୍ପର୍ଶରେ ସତେଜ ହୋଇଉଠେ । ମନ ଭିତରର ଆନନ୍ଦର ଏକ ଢେଉ ତା'ର ସୁନ୍ଦର ମୁଖମଣ୍ଡଳ ଉପରେ ଫୁଟିଉଠିଲା ଲୁସିକୁ ଆହୁରି ସୁନ୍ଦର କରି । ଲୁସିକୁ ଉତ୍ସାହିତ କରିବା ପାଇଁ କହିଲି, "ଏଥର ତ ଆମେ ସାନ୍‌ଫ୍ରାନ୍‌ସିସ୍‌କୋରେ ପହଞ୍ଚିଗଲେ ଲୁସି, ଆଉ ଚିନ୍ତା କାହିଁକି ? ସମ୍ମିଳନୀରେ ପହଞ୍ଚିବାକୁ ଆଉ ବେଶି ଡେରି ଲାଗିବନି ବୋଧେ ।"

"ହୁଁ, ଡେରି ଲାଗିବନି ! ସମ୍ମିଳନୀ ତ କେତେବେଳୁ ଆରମ୍ଭ ହୋଇ ଯିବଣି । ଆମେ ଏଠି ଖଲାସ ହେଉ ହେଉ ବାରଟା । ପୁଣି ହୋଟେଲକୁ ଯିବା ।

Digitized by srujanika@gmail.com

ସେଠି ତ ପୁଣି ଡେରି ହେଉଛି କି କଅଣ ଜଣା ନାହିଁ । ତା ପରେ ସିନା ଯାଇ କନ୍‌ଫରେନ୍‌ସ । ସମ୍ମିଳନୀରେ ପହଞ୍ଚୁ ପହଞ୍ଚୁ ଆହୁରି ଦୁଇ ତିନି ଘଣ୍ଟା ବାକି । ମୋର ବେଶି ରାଗ ହେଉଛି ଏଇ ଇଉକ୍‌ଲେସ୍ ଟି.ଡବ୍‌ଲିଉ.ଏ. କୋମ୍ପାନୀ ଉପରେ ।''

''ବିଚରା ଉଡ଼ାଜାହାଜ କୋମ୍ପାନୀକୁ ଦୋଷ ଦେଇ ଲାଭ କଅଣ ? ପାଗ ପ୍ରତି ହାତ କାହାର ? ପାଗ ଖରାପ ହେଲା ବୋଲି ସିନା ଆମର ଡେରିହେଲା, ନଚେତ୍ ଆମେ ଏତେବେଳକୁ ତ ସମ୍ମିଳନୀ ଭିତରେ ।''

ସଅଳ ସଅଳ ଉଡ଼ାଜାହାଜ ଘାଟିରୁ ବାହାରି ପଡ଼ିଲୁ 'ହୋଟେଲ ଗଭର୍ଣ୍ଣର' ଅଭିମୁଖେ । ନିଉୟର୍କରୁ ଫୋନ୍ କରି ଲୁସି ଓ ମୋ ପାଇଁ ଦୁଇଟି ରୁମ୍ ରିଜର୍ଭ କରିଥାଉ । ହୋଟେଲଟି ସାନ୍‌ଫ୍ରାନ୍‌ସିସ୍‌କୋ ଡାଉନ୍ ଟାଉନ୍ ଅଞ୍ଚଳରେ । ବିଶ୍ୱବିଦ୍ୟାଳୟ ପାଖରୁ ବେଶୀ ଦୂର ନୁହେଁ । ହୋଟେଲରେ ପହଞ୍ଚି ମେନେଜରଙ୍କ ସହିତ କଥାବାର୍ତ୍ତା କଲାବେଳକୁ ଆଉ ଏକ ବିପଦ ଆସି ଆମ ଆଗରେ ଠିଆହେଲା । ସମ୍ମିଳନୀ ପାଇଁ ସାନ୍‌ଫ୍ରାନ୍‌ସିସ୍‌କୋ ସହରରେ ଏତେ ଭିଡ଼ ଯେ ଆମ ପାଇଁ ରିଜର୍ଭ ଥିବା ଦୁଇଟି ରୁମ୍ ଭିତରୁ ଗୋଟିଏ ରୁମ୍ ବିଦେଶାଗତ ଜନୈକ ବିଶିଷ୍ଟ ବୈଜ୍ଞାନିକଙ୍କୁ ଦିଆହୋଇ ଯାଇଛି ସାନ୍‌ଫ୍ରାନ୍‌ସିସ୍‌କୋ ସହର କର୍ତ୍ତୃପକ୍ଷଙ୍କ ଅନୁରୋଧ ତଥା ନିର୍ଦ୍ଦେଶ କ୍ରମେ । ଆମ ଦୁଇଜଣଙ୍କ ପାଇଁ ଗୋଟିଏ ମାତ୍ର ରୁମ୍ ଥିବା ଦେଖି ବ୍ୟସ୍ତ ହୋଇପଡ଼ିଲୁ । ଅନ୍ୟକୌଣସି ହୋଟେଲକୁ ଫୋନ୍‌କରି ଆମ ପାଇଁ ରୁମ୍ ଦେଖିବାକୁ ହୋଟେଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କଲୁ । କିନ୍ତୁ ସମ୍ମିଳନୀ ଉପଲକ୍ଷେ ଏତେ ଭିଡ଼ ଯେ, ସବୁଆଡ଼େ ନା ଛଡ଼ା ହଁ ମିଳୁ ନ ଥାଏ । ବଡ଼ ହତାଶ ହୋଇ ଲୁସି କହିଲା, ''ଆଉ କ'ଣ ? ରୁମ୍ କଥା ଯା ହେଉଛି ହେଉ, ଚାଲ ସମ୍ମିଳନୀକୁ ଯିବା । ତେଣେ ଡେରି ହୋଇଯାଉଛି ଯେ !''

''ଆରେ ରହିବା ବ୍ୟବସ୍ଥାଟା ଠିକ୍ କଲେ ସିନା ସମ୍ମିଳନୀକୁ ଯିବା । ଶେଷ ମୁହୂର୍ତ୍ତରେ ଏ ବିପଦ ଥିବ ବୋଲି କିଏ ଜାଣିଥିଲା ଲୁସି ?''

''ସେମାନେ ଆଉ ଗୋଟିଏ ରୁମ୍ ଯେକୌଣସି ଉପାୟରେ ଠିକ୍ କରି ରଖିଥିବେ ବୋଲି କହିଦେଇ ଯିବା, ନଚେତ୍....''

''ନଚେତ୍ ଆଉ କ'ଣ ?''

''ନ ହେଲେ ଗୋଟାଏ ରୁମ୍‌ରେ ଶୋଇପଡ଼ିବା । ତା ପାଇଁ ଚିନ୍ତା କରି ଏଠି ବସିରହିଲେ ତେଣେ ସମ୍ମିଳନୀ ଯିବା ଯେ ଡେରି ହୋଇଯାଉଛି ।''

ତରତରରେ ସିନା ଲୁସି ଏତକ କହିପକାଇଲା; କିନ୍ତୁ ପରମୁହୂର୍ତ୍ତରେ କ'ଣ ଭାବି ଶଙ୍କିତ ହୋଇ ପଡ଼ିଲା ।

Digitized by srujanika@gmail.com

ସାନ୍‌ଫ୍ରାନ୍‌ସିସ୍‌କୋ ବିଶ୍ୱବିଦ୍ୟାଳୟର ସାଣ୍ଟାମେରିଆ ହଲ୍‌ରେ ବିଶ୍ୱ ନିଉକ୍ଲିଆର ସମ୍ମିଳନୀର ପ୍ରାରମ୍ଭିକ ଅଧିବେଶନ ଅନୁଷ୍ଠିତ ହେଉଥାଏ । ପୃଥିବୀର ବହୁଦେଶରୁ ନିମନ୍ତ୍ରିତ ହୋଇ ନିଉକ୍ଲିଆର ବିଶେଷଜ୍ଞମାନେ ଆସି ଯୋଗ ଦେଇଥାନ୍ତି । ପ୍ରଥମ ଦିନର ଅଧିବେଶନରେ ସାନ୍‌ଫ୍ରାନ୍‌ସିସ୍‌କୋ ବିଶ୍ୱବିଦ୍ୟାଳୟର ଡିରେକ୍‌ଟର ଅତିଥିମାନଙ୍କୁ ସ୍ୱାଗତ ଭାଷଣ ଦେଲା ପରେ ସମ୍ମିଳନୀର କାର୍ଯ୍ୟ ଆରମ୍ଭ ହେଲା । ଯୁକ୍ତରାଷ୍ଟ୍ରର ସର୍ବୋଚ୍ଚ ନିଉକ୍ଲିଆର ବିଶେଷଜ୍ଞ ଡକ୍‌ଟର ରସ୍ ସଭାପତିତ୍ୱ କରୁଥାନ୍ତି ଏହି ପ୍ରାରମ୍ଭିକ ଅଧିବେଶନରେ । ଆମେ ସମ୍ମିଳନୀରେ ପହଞ୍ଚିଲା ବେଳକୁ ସକାଳର ଅଧିବେଶନ ଶେଷ ହୋଇ ଯାଇଥାଏ । ଲୁସି ମନ ବଡ଼ ଖରାପ, ପ୍ରାରମ୍ଭିକ ଅଧିବେଶନରେ ଯୋଗଦେଇ ପାରିଲାନି ବୋଲି । ହେଲେ ଉପରବେଳା ଅଧିବେଶନରେ ପୃଥିବୀବିଖ୍ୟାତ ସୋଭିଏଟ ବିଜ୍ଞାନବିତ୍ ଏକାଡେମିସିଆନ୍ ରସୋଭସ୍କି ସଭାପତିତ୍ୱ କରିବେ ବୋଲି ଠିକ୍ ହୋଇଥିବାରୁ ଉପରଓଳି ଅଧିବେଶନ ଅତି ଉପଭୋଗ୍ୟ ହେବ ବୋଲି ଲୁସି ମନ ଆନନ୍ଦରେ ନାଚୁଥାଏ ।

ବୈଜ୍ଞାନିକ ରସୋଭସ୍କି ଖାଲି ଯେ ସୋଭିୟେଟ୍ ରାଷ୍ଟ୍ରର ଶ୍ରେଷ୍ଠ ନିଉକ୍ଲିଆର ପଦାର୍ଥବିଦ୍ୟାବିତ୍, ତା ନୁହେଁ; ପୃଥିବୀର ନିଉକ୍ଲିଆର ବିଶେଷଜ୍ଞମାନଙ୍କ ଭିତରେ ଅଗ୍ରଗଣ୍ୟ । ନିଉକ୍ଲିଆର ପଦାର୍ଥ ବିଜ୍ଞାନର ତାତ୍ତ୍ୱିକ ଗଣନାରେ ତାଙ୍କ ସମକକ୍ଷ ହେବା ଭଳି କୌଣସି ବୈଜ୍ଞାନିକ ସାରା ପୃଥିବୀରେ ନାହାନ୍ତି । ଅଧ୍ୟାପକ ହେନ୍‌ରିକ୍‌ସନ୍ ଜର୍ମାନୀରେ ଗବେଷଣା କରୁଥିବା ବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବାରୁ ନିଜକୁ ଅଧିକ ଗୌରବାନ୍ୱିତ ମନେକରନ୍ତି । ତାଙ୍କ ବକ୍ତୃତା ଶୁଣିବାର ସୁଯୋଗ ମିଳିବାର ଆଶାରେ ଲୁସି ବଡ଼ ଆନନ୍ଦିତ ।

ଦ୍ୱିତୀୟ ଦିନର ଅଧିବେଶନ । ପ୍ରତିବସ୍ତୁ ବା ଏଣ୍ଟିମେଟରର ଉପରେ ଏକ ସିମ୍ପୋସିଅମ୍ ହେବା ସ୍ଥିର ହୋଇଥାଏ । ବିଭିନ୍ନ ଦେଶର ବୈଜ୍ଞାନିକମାନେ ଏଥିରେ ଭାଗ ନେଇଥାନ୍ତି । ସିମ୍ପୋସିୟମରେ ଭାଗ ନେବା ଛଡ଼ା ବହୁ ବୈଜ୍ଞାନିକ ଆଲୋଚନା ପାଇଁ ଗବେଷଣା ପ୍ରବନ୍ଧମାନ ପଠାଇଥାନ୍ତି । ଉଭୟ ତାତ୍ତ୍ୱିକ ଆଲୋଚନା ଓ ଅଭିକ୍ରିୟାମୂଳକ ପ୍ରବନ୍ଧମାନ ଆଲୋଚିତ ହେବା ପାଇଁ ସ୍ଥାନ ପାଇଥାଏ । ଲୁସି ଆଉ ମୋର ଦୁଇଟି ପ୍ରବନ୍ଧ ଆଲୋଚନା ପାଇଁ ଗୃହୀତ ହୋଇଥିବାରୁ ଆନନ୍ଦରେ ଲୁସିର ଗୋଡ଼ ଆଉ ତଳେ ଲାଗୁ ନ ଥାଏ । ସିମ୍ପୋସିୟମରୁ ବହୁତ କିଛି ଶିଖିବାର ଆଶା । ପ୍ରତିବସ୍ତୁ ଉପରେ ବିଭିନ୍ନ ଦେଶରେ ବିଶେଷତଃ ରୁଷିଆ, ଜର୍ମାନୀ, ଇଂଲଣ୍ଡ ଆଦି ଦେଶରେ କି କି ଧରଣର ଗବେଷଣା ଚାଲିଛି, ସେ ସମ୍ବନ୍ଧରେ ପ୍ରତ୍ୟକ୍ଷ ଧାରଣା ଅର୍ଜନ କରିବାର ଆଶା ନେଇ ଆମେ ପୂର୍ବ ଉପକୂଳରୁ ଏହି ପଶ୍ଚିମ ଉପକୂଳକୁ ହଜାର ହଜାର ମାଇଲ ଅତିକ୍ରମ କରି ଧାଇଁ ଆସିଥାଉ ।

Digitized by srujanika@gmail.com

ଯଥା ସମୟରେ ସିମ୍ପୋସିୟମ୍ ଆରମ୍ଭ ହେଲା । ଏକାଡେମିସିଆନ୍ ଗସୋଭସ୍କିଙ୍କ ନେତୃତ୍ୱରେ ଯେଉଁ ଦଳେ ରୁଷୀୟ ବୈଜ୍ଞାନିକ ଆସିଥାନ୍ତି, ପ୍ରତିବସ୍ତୁ ଉପରେ ସେମାନଙ୍କ ପଠିତ ପ୍ରବନ୍ଧମାନ ଦେଖି ଆମେ ତାଟଙ୍ଗା । ଆଶ୍ଚର୍ଯ୍ୟର କଥା, ଆମେ ପ୍ରତିବସ୍ତୁ ସମ୍ବନ୍ଧରେ ଯାହା କଳ୍ପନା କରି ନାହୁଁ, ସେମାନେ ତାକୁ କାର୍ଯ୍ୟରେ ପରିଣତ କରିସାରିଲେଣି । ଆମର ଯେଉଁ ବଦ୍ଧମୂଳ ଧାରଣା ଯେ ପ୍ରତିବସ୍ତୁ ପୃଥିବୀରେ ପ୍ରସ୍ତୁତ ହୋଇପାରିବନି, ତାହା ସେମାନଙ୍କ ଆଲୋଚନାରୁ ଭ୍ରମାତ୍ମକ ବୋଲି ପ୍ରତୀୟମାନ ହେଲା । ସାଧାରଣ ବସ୍ତୁକୁ ପ୍ରତିବସ୍ତୁରେ ରୂପାନ୍ତରିତ କରିବା ସମ୍ଭବପର, ଏହାର ତାତ୍ତ୍ୱିକ ଆଲୋଚନା ଶୁଣି ଆମେ ଯେ ଖାଲି ତଟସ୍ଥ ହେଲୁ, ତା ନୁହେଁ; ଏ ଦିଗରେ ଆମର ଥିବା ବିରାଟ ଭ୍ରମଧାରଣା କଥା ଭାବି ଲଜ୍ଜିତ ହେଲୁ । ରୁଷୀୟ ବୈଜ୍ଞାନିକ କୋଜୋଲଭ୍ ଯେତେବେଳେ ତାତ୍ତ୍ୱିକ ଆଲୋଚନା ପରେ ବସ୍ତୁକୁ ପ୍ରତିବସ୍ତୁରେ ପରିଣତ କରିବା ପାଇଁ ଅଭିକ୍ରିୟାମୂଳକ ଯୋଜନାମାନ ଉପସ୍ଥାପନ କଲେ, ଆମ ଆଖି ଯେ ଖାଲି ଉପରକୁ ଖୋସି ହୋଇଗଲା ତା ନୁହେଁ, ଆମେ ଯାହା ଦେଖୁଛୁ ଓ ଶୁଣୁଛୁ, ତାହା ସ୍ୱପ୍ନ କି ସତ୍ୟ ଜାଣି ପାରିଲୁନି । ପ୍ରତିବସ୍ତୁ ସମ୍ବନ୍ଧୀୟ ଆମ ଧାରଣା କେତେ ପୁରୁଣା ଓ ଭ୍ରମାତ୍ମକ ଭାବି ଲଜ୍ଜିତ ହେଲୁ । ସୋଭିୟେଟ୍ ବୈଜ୍ଞାନିକମାନଙ୍କର କି ଅଦ୍ଭୁତ ଆବିଷ୍କାର ! ଯେକୌଣସି ସାଧାରଣ ବସ୍ତୁକୁ ପ୍ରତିବସ୍ତୁରେ ରୂପାନ୍ତରିତ କରିହେବ, ତାତ୍ତ୍ୱିକ ଆଲୋଚନାରୁ ପ୍ରତିପାଦନ କରାଯାଇଛି ଓ ଅଭିକ୍ରିୟାମୂଳକ ଯୋଜନାରୁ ସ୍ପଷ୍ଟ ଜଣାପଡ଼ିଛି ଯେ, ଏହା ପୂରାପୂରି ସମ୍ଭବ । ଆମେ ଏତେ ଦିନ କାଳ ଭାବି ଆସୁଥିଲୁଁ ଯେ ପୃଥିବୀପୃଷ୍ଠରେ ଏଣ୍ଟିପ୍ରୋଟନ୍ ଓ ଏଣ୍ଟିନିଉଟ୍ରନ୍ ସୃଷ୍ଟି କରିବା ସମ୍ଭବ ହୋଇପାରେ; କିନ୍ତୁ ଏଣ୍ଟିମେଟର ବା ପ୍ରତିବସ୍ତୁ ମୋଟେ ସମ୍ଭବପର ନୁହେଁ । ପ୍ରତିବସ୍ତୁର ଯେଉଁ ବିଚିତ୍ର ପ୍ରକୃତି, ଏହା ବସ୍ତୁସଂସ୍ପର୍ଶରେ ଆସିଲେ ବିରାଟ ବିସ୍ଫୋରଣ ଘଟେ, ପ୍ରତିବସ୍ତୁକୁ ବସ୍ତୁଠାରୁ ଅଲଗା କରି ରଖିବା ଅତୀବ କଷ୍ଟସାଧ୍ୟ; ସେହି ସବୁ ଅସୁବିଧାକୁ ଏଡ଼ି ବସ୍ତୁକୁ ପ୍ରତିବସ୍ତୁରେ ପରିଣତ କରିବା ଯୋଜନା କେତେ ଉଚ୍ଚକୋଟୀର, ସେସବୁ ଯୋଜନାର କର୍ଣ୍ଣଧାର ସୋଭିୟେଟ୍ ବୈଜ୍ଞାନିକମାନଙ୍କୁ ମନେ ମନେ ଶତ ଧନ୍ୟବାଦ ନ ଦେଇ ରହି ପାରିଲୁନି । ସେମାନଙ୍କ ଯୋଜନା ଯଦି କାର୍ଯ୍ୟକାରୀ ହୁଏ, ତେବେ କିଏ କହିପାରିବ ଏହା ପୃଥିବୀରେ ଏକ ନୂତନ ଯୁଗ ସୃଷ୍ଟି କରିବନି ବୋଲି ।

ସାନ୍‌ଫ୍ରାନ୍‌ସିସ୍‌କୋ ବିଶ୍ୱବିଦ୍ୟାଳୟର ରେଷ୍ଟୁରାଣ୍ଟ ହଲରେ ମଧ୍ୟାହ୍ନଭୋଜନ କରୁ କରୁ ଲୁସିକୁ ପଚାରିଲି, "ସୋଭିୟେଟ୍‌ମାନଙ୍କ ଅଗ୍ରଗତି ଦେଖି ତୁମେ କ'ଣ ଭାବୁଛ ଲୁସି ? ଦେଖୁଛ ତ ସେମାନେ ଆମଠାରୁ କେତେ ଆଗରେ, ଆମେ ସେମାନଙ୍କର କେତେ ପଛରେ ପଡ଼ି ଯାଇଛେ ।"

Digitized by srujanika@gmail.com

ମୋ ସହିତ ଏକମତ ହୋଇ ଲୁସି କହିଲା, "ପ୍ରତିବସ୍ତୁ ସମ୍ବନ୍ଧୀୟ ଆମର କେତେଗୁଡ଼ିଏ ଭ୍ରମଧାରଣା ଏଥିପାଇଁ ଦାୟୀ । ଆମେ ବେଳେ ବେଳେ ଯେଉଁ ଭ୍ରମାତ୍ମକ ଦୃଢ଼ମତ ପୋଷଣ କରି ପକାଉଁଛୁ, ସେଥିପାଇଁ ଆମ ଗବେଷଣା ଆଗେଇ ପାରେନି । ପ୍ରତିବସ୍ତୁ କାହିଁକି ପୃଥିବୀରେ ତିଷ୍ଠିପାରିବନି, ସେ ସମ୍ପର୍କରେ ସେମାନଙ୍କ ଯୁକ୍ତି ଆପଣ ଶୁଣିଲେ ତ ? କୁହନ୍ତୁ ତ ଏହା କେତେ କନ୍‌ଭିନ୍‌ସିଙ୍ଗ ନ ହୋଇଛି ? ଅଥଚ ଆମେ ଏ ଦେଶରେ ଏଣ୍ଟିପ୍ରୋଟନ୍ ସୃଷ୍ଟି କରିଦେଇସାରି ଆଖିବୁଜି ବସିରହିଲେ କ'ଣ ନା ପୃଥିବୀରେ ଏଣ୍ଟିମେଟର ସୃଷ୍ଟିହେବା ସମ୍ଭବପର ନୁହେଁ । ଏଭଳି ପରିସ୍ଥିତିରେ ଆମେ ପଛାଇବୁ ନାହିଁ ତ ଆଉ କିଏ ପଛାଇବ ?"

× × × ×

ଅଧିବେଶନର ତୃତୀୟ ଦିନ । ସକାଳୁ ଉଠିଲାକ୍ଷଣି ହଠାତ୍ ଦେଖିଲି ଲୁସି ରୁମ୍‌ଟା ମେଲା ପଡ଼ିଛି । ଲୁସି ତ ଏତେ ସକାଳୁ ଉଠେନି, ତା' ରୁମ୍ ମେଲା ହେଲା କେମିତି ଭାବି ଲୁସି ରୁମ୍‌କୁ ଚାଲିଗଲି, ଦେଖିଲି ଲୁସି ରୁମ୍‌ରେ ନାହିଁ । ଏଣେତେଣେ ଖୋଜାଖୋଜି କଲି । କେଉଁଠି ତାକୁ ପାଇଲିନି । ମନ ବଡ଼ ସନ୍ଦେହୀ ହୋଇଉଠିଲା । ଭାବିଲି, ଲୁସି ଆଉ କ'ଣ ରୁମ୍ ବଦଳାଇ ଦେଲା କି ? ଜାଣିବା ପାଇଁ ହୋଟେଲ ଅଫିସକୁ ଯାଇ ପଚାରିଲି । ବଡ଼ ଆଶ୍ଚର୍ଯ୍ୟ, ଲୁସି ରୁମ୍ ବଦଳା ହୋଇନି । ମୋ ମନର ସନ୍ଦେହ ଆହୁରି ଦୃଢ଼ୀଭୂତ ହେବାକୁ ଲାଗିଲା । ପୋଲିସକୁ ଏ ସମ୍ପର୍କରେ ଖବର ଦେବି କି ଆଉ ଖୋଜାଖୋଜି କରିବି, ଭାବି କିଛି ଠିକ୍ କରି ପାରିଲିନି । ମୋତେ ନ କହି ହୁଏତ ସକାଳୁ କେଉଁ ସାଙ୍ଗସାଥି ପାଖକୁ ଚାଲିଯାଇଥିବ, ଅଧିବେଶନ ବେଳେ ନିଶ୍ଚୟ ସମ୍ମିଳନୀକୁ ଆସିବ, ଏହା ଭାବି ଶୀଘ୍ର ଅଧିବେଶନକୁ ଯିବା ପାଇଁ ପ୍ରସ୍ତୁତ ହେଲି ।

ବଡ଼ ଆଶ୍ଚର୍ଯ୍ୟର କଥା, ତୃତୀୟ ଦିନର ଅଧିବେଶନ ଶେଷ ହେବା ଉପରେ, ତଥାପି ଲୁସିର ଦେଖା ନାହିଁ । ବେଳକୁ ବେଳ ମୋ ସନ୍ଦେହ ଦୃଢ଼ୀଭୂତ ହେବାକୁ ଲାଗିଲା । ବହୁ ବନ୍ଧୁଙ୍କୁ ଲୁସି କଥା ପଚାରିଲି । କେହି କିଛି କହି ପାରିଲେନି । ଲୁସିର ଏ ଅଦ୍ଭୁତ ଅନ୍ତର୍ଦ୍ଧାନ ପଛରେ ଯେ କିଛି ଗୋଳମାଳ ଅଛି, ଏହି ସିଦ୍ଧାନ୍ତରେ ପହଞ୍ଚିବାକୁ ମୋତେ ବେଶି ଡେରି ଲାଗିଲାନି ।

ଲୁସି ସହିତ ମୋର ପରିଚୟ ବହୁ ଦିନରୁ । ଅଧ୍ୟାପକଙ୍କ ଅଧୀନରେ ସେ ଯେତେବେଳେ ଗବେଷଣା କରିବାକୁ ଆସିଲା, ତା'ର ସେଇ ମନମତାଣିଆ ରୂପରେ ମୁଗ୍ଧହୋଇ ମୁଁ ତା ଆଡ଼କୁ ଟାଣିହୋଇ ଯାଇଥିଲି । ଲୁସିର ଗବେଷଣା ଦାୟିତ୍ୱ ଅଧ୍ୟାପକ ମୋ ଉପରେ ଛାଡ଼ିଦେଇଥିଲେ । ତା ଗବେଷଣାକୁ ତଦାରଖ କରିବା, ଦରକାର ହେଲେ ତାକୁ କାମରେ ସାହାଯ୍ୟ କରିବା ପାଇଁ ଅଧ୍ୟାପକ ମୋତେ

Digitized by srujanika@gmail.com

ନିର୍ଦ୍ଦେଶ ଦେଇଥାନ୍ତି । ଲୁସି ଯେମିତି ରୂପରେ ଅଦ୍ୱିତୀୟା, ଗୁଣରେ ମଧ୍ୟ କମ୍ ନୁହେଁ । ତାତ୍ତ୍ୱିକ ପଦାର୍ଥ ବିଜ୍ଞାନରେ ବେଶ୍ ଦଖଲ । ବେଳେ ବେଳେ ମୋତେ ମଧ୍ୟ ପାଠ ନ ପଢ଼ାଇ ଛାଡ଼ିନି । ଲୁସିର ରୂପ ଆଉ ଗୁଣ ଅଧ୍ୟାପକଙ୍କ ସମେତ ଆମ ସାରା ଗବେଷଣାଗାର ଉପରେ ପୂରା ଆଧିପତ୍ୟ ବିସ୍ତାର କରି ରଖିଥାଏ । ଲୁସିକୁ ଯେ ମୁଁ ଖାଲି ଭଲ ପାଉଥିଲି ତା ନୁହେଁ, ପ୍ରତିବଦଳରେ ସେ ମଧ୍ୟ ମୋତେ ଖୁବ୍ ଭଲ ପାଉଥିଲା । ନିଉୟର୍କର କେନ୍ଦ୍ର ଉଦ୍ୟାନର ବୃକ୍ଷଲତାର ଆଢୁଆଳରେ ଆମର ଯେ କେତେ ସୁମଧୁର ସନ୍ଧ୍ୟା ବିତିଯାଇଛି, ତାର କଳନା ନାହିଁ । ଲୁସିର ଯେ ମୋ ଛଡ଼ା ଆଉ ପୁରୁଷବନ୍ଧୁ ନ ଥିଲେ ତା ନୁହେଁ, କିନ୍ତୁ ପୁରୁଷବନ୍ଧୁମାନଙ୍କ ଭିତରେ ମୋ ସ୍ଥାନ ଥିଲା ସବୁଠାରୁ ଉଚ୍ଚରେ । ଲୁସି ପିଏଚ୍.ଡି. ପାଇଲା ବେଳକୁ ସବୁ ପୁରୁଷବନ୍ଧୁ କଟିଯାଇ କେବଳ ମୁଁ ଏକା ରହିଯାଇଥିଲି । ଆମ ଦୁହିଁଙ୍କ ଭିତରେ ବିବାହ ହେବା ପ୍ରାୟ ଏକରକମ ଠିକ୍ ହୋଇଯାଇଥାଏ । ଲୁସିକୁ ଏତେ ଭଲ ପାଉଥିଲି ଯେ ତାକୁ କିଛିସମୟ ଛାଡ଼ି ମୋ ପକ୍ଷରେ ଚଳିବା ଏକରକମ ଅସମ୍ଭବ ହୋଇ ପଡ଼ିଥାଏ । ତେଣୁ ଲୁସିର ଏତାଦୃଶ ଅନ୍ତର୍ଦ୍ଧାନରେ ମୋ ମୁଣ୍ଡ ପାଗଳ ହୋଇଉଠିବା ସ୍ୱାଭାବିକ । ଏ ପରିସ୍ଥିତିରେ କ'ଣ କରିବି, ଠିକ୍ କରିବା କଷ୍ଟକର ହୋଇ ପଡ଼ିଥାଏ । ତେବେ ଶେଷରେ ପୋଲିସର ଆଶ୍ରୟ ନେବା ଛଡ଼ା ଅନ୍ୟ ଉପାୟ ନ ଦେଖି ପୋଲିସ ଷ୍ଟେସନକୁ ଯିବାକୁ ବାହାରିଲି ।

ଯିବାକୁ ବାହାରିଛି, ହଠାତ୍ ଏକ ଖବରରେ ମୁଁ ଏକା କାହିଁକି ଅଧିବେଶନରେ ଯୋଗ ଦେଇଥିବା ବୈଜ୍ଞାନିକମାନେ ଶଙ୍କିତ ହୋଇପଡ଼ିଲେ । ନିଉୟର୍କର ଜାତିସଂଘ ଅଫିସରେ ଏକ ତାରବାର୍ତ୍ତା କୌଣସି ଏକ ଅଜଣା ସ୍ଥାନରୁ ଆସି ପହଞ୍ଚିଛି ଯେ ପୃଥିବୀକୁ ଆକ୍ରମଣ କରିବାକୁ ଏକ ସୈନ୍ୟଦଳ ମହାଶୂନ୍ୟରେ ଆସି ପହଞ୍ଚିଛନ୍ତି । 'ଯୁଦ୍ଧଂ ଦେହି' ଡାକରେ ସେମାନେ ମହାଶୂନ୍ୟରେ ଥାଇ ପୃଥିବୀକୁ ବାର୍ତ୍ତା ପଠାଇଛନ୍ତି । ଏହି ଖବରଟି ମହାଶୂନ୍ୟରୁ ଆସିଛି କି ଅନ୍ୟ କେଉଁଠୁ ଆସିଛି, ଜାଣିବା ବଡ଼ ମୁସ୍କିଲ । ସାନଫ୍ରାନସିସ୍କୋର ତାରବିଭାଗ ଏହି ସମ୍ବାଦର ପ୍ରେରିତ ସ୍ଥାନ ନିର୍ଣ୍ଣୟ କରି ପାରୁ ନ ଥାନ୍ତି । ଏହି ଖବର ପହଞ୍ଚିବା ସଙ୍ଗେ ସଙ୍ଗେ ସାରା ଯୁକ୍ତରାଷ୍ଟ୍ରରେ ଚାଞ୍ଚଲ୍ୟ ଖେଳି ଯାଇଛି । ଅଧିବେଶନର ସଭାପତି ଏହି ଖବରରେ ଶଙ୍କିତ ହୋଇ ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବି ରଖିଦେଇଛନ୍ତି । ମିଳିତ ଜାତିସଂଘ ଏଭଳି ସମ୍ବାଦରେ ଭୀତତ୍ରସ୍ତ ହୋଇ ଆମେରିକା, ରୁଷ ଓ ଇଂରେଜ ସରକାରଙ୍କ ସାହାଯ୍ୟ ଭିକ୍ଷାକରିଛି । ଏଭଳି ବିପଦବେଳେ କେଉଁ ନୀତି ଧରିବାକୁ ପଡ଼ିବ, କ'ଣ କରିବାକୁ ହେବ, ଜାତିସଂଘ ପୂରାପୂରି ଛାଡ଼ି ଦେଇଛି ଉପରୋକ୍ତ

Digitized by srujanika@gmail.com

ଦେଶଗୁଡ଼ିକ ଉପରେ । ଆମେରିକା ସିନା ଲକ୍ଷଲକ୍ଷ କୋଟିକୋଟି ଡଲାର ଖରଚ କରି ସୋଭିଯେଟ ବିରୋଧରେ ତାରକା ଯୁଦ୍ଧ ଚଳାଇବାର ଯୋଜନା ତିଆରି କରୁଛି, ଦେଖୁ ଦେଖୁ ତାରକା ଯୁଦ୍ଧ ଆସି ତା ଦୁଆର ଆଗରେ ହାଜର । ଏମାନେ ପୃଥିବୀ ବାହାରୁ କେଉଁଦେଶରୁ ଆସିଛନ୍ତି ଜାଣି ନ ପାରି ଭୟଭୀତ ହୋଇ ପଡ଼ିଗଲେଣି । ଉପାୟ ନ ପାଇ ଆମେରିକା ସରକାର ରୁଷ ତଥା ଇଂରେଜ ସରକାର ସହିତ ମନ୍ତ୍ରଣା ଚଳାଇବା ଆରମ୍ଭ କରିଦେଇଛି, ଏ ଦିଗରେ କି ବିହିତ ବ୍ୟବସ୍ଥା କରିବାକୁ ପଡ଼ିବ, ତାହା ଠିକ୍ କରିବା ପାଇଁ ।

ମହାଶୂନ୍ୟର କେଉଁ ସ୍ଥାନରେ ଏହି ଶତ୍ରୁମାନେ ଅବସ୍ଥାନ କରି ପୃଥିବୀକୁ 'ଯୁଦ୍ଧଂ ଦେହି' ଡାକ ଦେଉଛନ୍ତି, ଜାଣିବା ପାଇଁ ଆମେରିକା ତଥା ରୁଷ ସରକାରଙ୍କର ସମସ୍ତ ଯନ୍ତ୍ରପାତି ମହାଶୂନ୍ୟକୁ ତନ୍ନ ତନ୍ନ କରି ପରୀକ୍ଷା କରିସାରିଲାଣି; କିନ୍ତୁ ଶତ ଚେଷ୍ଟା ସତ୍ତ୍ୱେ ଆକ୍ରମଣକାରୀଙ୍କୁ ଠାବକରିବା ସେମାନଙ୍କ ପକ୍ଷେ ସମ୍ଭବପର ହୋଇନି ।

ଅଧିବେଶନ ସିନା ମୁଲତବି ଥାଏ, ସଭ୍ୟମାନେ ଏହି ଘଟଣାରେ ଅସ୍ଥିର ହୋଇ ଏଣେତେଣେ ଦୌଡ଼ାଦୌଡ଼ି କରୁଥାନ୍ତି । ପୃଥିବୀ ପ୍ରତି ଏ ପୁଣି କି ବିପଦ ଭାବି କେତେ ସଭ୍ୟ ବ୍ୟତିବ୍ୟସ୍ତ ହୋଇପଡ଼ିଲେଣି । କେତେକଙ୍କ ପାଟିରୁ ବାହାରି ପଡୁଥାଏ, "ଆମେ ତ ଖାଇପିଇ ବେଶ୍ ଆରାମରେ ଥିଲେ; ହଠାତ୍ ଆମ ପ୍ରତି ଏ ବିପଦ କାହିଁକି ?"

ପୋଲିସ ଷ୍ଟେସନ ଆଡ଼େ ମୁହାଁଇଛି, ଜଣୈକ ଜାପାନୀ ବୈଜ୍ଞାନିକଙ୍କ ଅନୁରୋଧକ୍ରମେ ଅଟକିଗଲି । ଲୁସିର ଅନ୍ତର୍ଦ୍ଧାନ ପଛରେ ଏହି ଆକ୍ରମଣକାରୀ ଦଳଙ୍କ କିଛି ହାତ ଅଛି କି ନାହିଁ ଜାଣିବା ପାଇଁ ସେ ମୋତେ ଅଟକାଇଲେ । ଲୁସିର ଅଦ୍ଭୁତ ଅନ୍ତର୍ଦ୍ଧାନ ସବୁ ସଭ୍ୟଙ୍କ ଭିତରେ ଚହଳ ପକାଇଦେଇଥାଏ ।

ଜାପାନୀ ପଦାର୍ଥବିଦ୍ୟାବିତ୍ ଡକ୍ଟର ଇସୋ ଖାଲି ଯେ ବୈଜ୍ଞାନିକ ତା ନୁହେଁ, ସେ ମଧ୍ୟ ଜଣେ ବିଖ୍ୟାତ ବୈଜ୍ଞାନିକ ଔପନ୍ୟାସିକ । ବିଭିନ୍ନ ବୈଜ୍ଞାନିକ ଉପନ୍ୟାସ ରଚନା କରି ଓ ସେ ସମ୍ବନ୍ଧରେ ନାନା ଆଲୋଚନା କରି ତାଙ୍କର ଏପରି ଏକ ଦୂରଦୃଷ୍ଟି ହୋଇଗଲାଣି ଯେ, ବହୁ ରହସ୍ୟଜନକ ବ୍ୟାପାରକୁ ସେ ଖୁବ୍ ତୀକ୍ଷ୍ଣବୁଦ୍ଧି ସହିତ ବିଚାର କରି ସିଦ୍ଧାନ୍ତରେ ପହଞ୍ଚିପାରନ୍ତି । ଡକ୍ଟର ଇସୋଙ୍କ ଏତାଦୃଶ ବ୍ୟୁତ୍ପତ୍ତି ମୁଁ ସେତେବେଳେ ଉପଲବ୍ଧି କରି ପାରି ନ ଥିଲି, ପରେ ଅବଶ୍ୟ ଉପଲବ୍ଧି କରି ତାଙ୍କୁ ଅଶେଷ ଧନ୍ୟବାଦ ନ ଦେଇ ରହି ପାରିଲିନି । ଡକ୍ଟର ଇସୋଙ୍କ ମତ ଯେ ଲୁସିକୁ ଏହି ଆକ୍ରମଣକାରୀମାନେ ପୃଥିବୀରୁ ଅପହରଣ କରି ନେଇଯାଇ ପାରି ଥାନ୍ତି । ପୃଥିବୀ-ସମ୍ବନ୍ଧୀୟ ନାନା ବ୍ୟାପାର ଜାଣିବା

Digitized by srujanika@gmail.com

ପାଇଁ ସେମାନଙ୍କର ଜଣେ ପୃଥିବୀବାସୀ ଲୋଡ଼ା, ସେହି ସ୍ଥାନ ପୂରଣ କରିଛି ଲୁସି । ଡକ୍ଟର ଇସୋଙ୍କ ମତ ମୋତେ ବେଶ୍ ଯୁକ୍ତିଯୁକ୍ତ ଜଣାପଡ଼ିଲା; କିନ୍ତୁ ବିଶ୍ୱାସ ହେଲାନି । ବୈଜ୍ଞାନିକଙ୍କୁ ଧନ୍ୟବାଦ ଜଣାଇ ବିଦାୟ ନେଉଛି, ଆକାଶରୁ ଏକ ବିରାଟ ଶବ୍ଦରେ ଚମକିପଡ଼ିଲି । ଶବ୍ଦ ପରେ ପରେ ମହାଶୂନ୍ୟରୁ ଭାସିଆସିଲା ଗୁରୁଗମ୍ଭୀର ସ୍ୱରରେ ଏକ ଇଂରାଜୀ ଭାଷଣ । ବକ୍ତା ଆକାଶର ଅଳ୍ପ ଦୂରରେ ଥାଇ ଯେମିତି ଭାଷଣ ଦେଉଛନ୍ତି, ସେମିତି ବୋଧହେଲା କିନ୍ତୁ ଜାଣିହେଉନି ଏହା ଠିକ୍ କେଉଁଠାରୁ ଆସୁଛି ।

ହେ ପୃଥିବୀବାସୀଗଣ,

ତୁମ୍ଭେମାନେ ଆମ ବକ୍ତବ୍ୟ ଶୁଣି ଭୟପାଇ ଯାଅନାହିଁ । ଆମେ ପୃଥିବୀଠାରୁ ବହୁ ଦୂର ଆଉ ଏକ ଗ୍ରହର ଅଧିବାସୀ । ପୃଥିବୀଠାରୁ ଆମ ଗ୍ରହର ଦୂରତା ହେଉଛି ଦେଢ଼ଲକ୍ଷ ଆଲୋକବର୍ଷ । ଆମେ ତୁମ୍ଭମାନଙ୍କ ସହିତ ଯୁଦ୍ଧ କରିବା ଉଦ୍ଦେଶ୍ୟରେ ଆସିଥିଲୁ । ଆମ ଗ୍ରହରେ ବର୍ତ୍ତମାନ ଜନବସତି ତିଷ୍ଠିବା ଅସମ୍ଭବ ହୋଇପଡ଼ିଥିବାରୁ ଆମେ ସେ ଗ୍ରହ ଛାଡ଼ି ଅନ୍ୟ ଏକ ବସତିଯୋଗ୍ୟ ଗ୍ରହ ଖୋଜିବା ଆଶାରେ ଆପଣଙ୍କ ଗ୍ରହ ନିକଟରେ ପହଞ୍ଚିଥିଲୁ । ଆପଣମାନଙ୍କ ଗ୍ରହଟି ଅତି ଚମତ୍କାର । ଏହା ଆମ ବସତି ସ୍ଥାପନ ପାଇଁ ଖୁବ୍ ଅନୁକୂଳ । ଆମେ ଆପଣମାନଙ୍କ ସହ ଯୁଦ୍ଧ କରି ଏହି ଗ୍ରହକୁ ଅଧିକାର କରିନେବା ଥିଲା ଆମର ଇଚ୍ଛା । ସେଥିପାଇଁ ଆମେ ସୈନ୍ୟସାମନ୍ତ, ଅସ୍ତ୍ରଶସ୍ତ୍ର ଧରି ଏତେ ଦୂରରୁ ଆସିଥିଲୁ । ଆପଣମାନଙ୍କ ସହିତ ଯୁଦ୍ଧ କରି ପୃଥିବୀକୁ ଜୋରଜବରଦସ୍ତ ଦଖଲ କରିଥାନ୍ତୁ । ଆମ ହାତରେ ଥିବା ଅସ୍ତ୍ର ସାହାଯ୍ୟରେ ଆମେ ପୃଥିବୀକୁ ପୂରାପୂରି ଜନମାନବ ଶୂନ୍ୟ କରି ଏଠାରେ ବସତି ସ୍ଥାପନ କରି ରହିଥାନ୍ତୁ । ଆସନ୍ନ ଯୁଦ୍ଧ ପାଇଁ ଆମେ ତମ ପୃଥିବୀ ନିକଟ ମହାଶୂନ୍ୟରେ ଏକ ସାମରିକ ଘାଟି ସ୍ଥାପନ କରିଥିଲୁ । ତୁମେମାନେ ବିଜ୍ଞାନରେ ଆମ ଭଳି ବଳିୟାନ ନ ଥିବାରୁ ତୁମମାନଙ୍କୁ ଯୁଦ୍ଧରେ ହରାଇବାକୁ ଆମକୁ ଅଧଘଣ୍ଟାଏ ସମୟ ଲାଗିଥାନ୍ତା କି ନାହିଁ ସନ୍ଦେହ । ଏତିକି ସମୟ ଭିତରେ ଯୁଦ୍ଧ ଆରମ୍ଭ ହୋଇ ଶେଷ ହୋଇ ସାରନ୍ତାଣି । ତୁମେ ବର୍ତ୍ତମାନ କେହି ବଞ୍ଚି ନ ଥାନ୍ତ । ତୁମେମାନେ ଶୁଣି ଖୁସିହେବ ଆମେ ବର୍ତ୍ତମାନ ତୁମମାନଙ୍କ ସହ ଯୁଦ୍ଧ କରିବାକୁ ଚାହୁଁନୁ । ଆମେ କେତୋଟି ପରୀକ୍ଷାରୁ ଜାଣି ସାରିଲୁଣି ପୃଥିବୀ ଆମ ବସତି ସ୍ଥାପନ ପାଇଁ ଅନୁକୂଳ ହେଲେହେଁ ପୃଥିବୀ ବସ୍ତୁରୁ ତିଆରି ହୋଇଥିବାରୁ ଆମ ପାଇଁ ଏହା ମୋଟେ ଉପଯୋଗୀ ନୁହେଁ । ଆମେ ପ୍ରତିବସ୍ତୁ ଜଗତର ଲୋକ ହୋଇଥିବାରୁ ଆମେ ବସ୍ତୁରୁ ତିଆରି ପୃଥିବୀରେ ପାଦ ଦେଇପାରିବୁନି । ପାଦ ଦେଲାକ୍ଷଣି ଆମର ଧ୍ୱଂସ ଅନିବାର୍ଯ୍ୟ । ଆମେ ବର୍ତ୍ତମାନ ଏହି ସ୍ଥାନ

Digitized by srujanika@gmail.com

ପରିତ୍ୟାଗ କରି ଆମ ଗ୍ରହକୁ ଫେରିଯାଉଛୁ । ଆମେ ପୃଥିବୀ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ତୁମମାନଙ୍କ ଗ୍ରହରୁ ଜଣେ ଯୁବତୀଙ୍କୁ ଏଠାକୁ ଧରି ଆଣିଥିଲୁ । ତାଙ୍କ ପାଖରୁ ଆମେ ଜାଣିଲୁ ଆପଣମାନେ ବିଜ୍ଞାନରେ ଆମଭଳି ଉନ୍ନତ ନୁହନ୍ତି । ସେ ଆମ ମେଳରେ ରହି ଆମ ସହିତ କଥାବାର୍ତ୍ତା କରୁ କରୁ ସେ ଧୀର ପ୍ରକ୍ରିୟା ସାହାଯ୍ୟରେ ପ୍ରତିବସ୍ତୁରେ ପରିଣତ ହୋଇଗଲେଣି ତେଣୁ ତାଙ୍କୁ ବର୍ତ୍ତମାନ ପୃଥିବୀକୁ ଫେରାଇବା ନିରାପଦ ମଣୁନୁ । କାରଣ ଆପଣମାନେ ଜାଣନ୍ତି, ସେ ଯଦି ପୃଥିବୀକୁ ଏମିତି ଅବସ୍ଥାରେ ଫେରିଯାନ୍ତି, ତାଙ୍କ ଧ୍ୱଂସ ଅନିବାର୍ଯ୍ୟ । ତାଙ୍କୁ ପୁଣି ବସ୍ତୁରେ ପରିଣତ ନ କଲା ପର୍ଯ୍ୟନ୍ତ ଆପଣମାନଙ୍କ ପୃଥିବୀକୁ ପଠାଇବା ସମ୍ଭବ ନୁହେଁ । ବଡ଼ ଦୁଃଖର ବିଷୟ ତାଙ୍କୁ ଏଠି ବସ୍ତୁରେ ପରିଣତ କରିବା ପାଇଁ ଆମଠାରେ ବର୍ତ୍ତମାନ ଆବଶ୍ୟକମୁତାବକ କିଛି ଯନ୍ତ୍ରପାତି ନାହିଁ । ତେଣୁ ଆମର ଇଚ୍ଛା ଆମେ ତାଙ୍କୁ ଆମ ଗ୍ରହକୁ ନେଇଯାଇ ସେଠାରେ ଆମ ଯନ୍ତ୍ରପାତି ସାହାଯ୍ୟରେ ବସ୍ତୁରେ ପରିଣତ କରି ଆପଣମାନଙ୍କଠାକୁ ପୁଣି ଫେରାଇଦେବୁ । ଆମେ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଆପଣମାନେ ଯଦି ତାଙ୍କୁ ଦେଖିବାକୁ ଚାହାନ୍ତି, ତେବେ ଆପଣମାନେ ମହାଶୂନ୍ୟରେ ଏହି ସ୍ଥାନକୁ ଆସିପାରନ୍ତି । ଆମଠାରୁ ଅଯଥା କୌଣସି ଭୟ ବା ବିପଦ ଆଶଙ୍କା କରନ୍ତୁନି ।'' ଆମକୁ ଆପଣମାନଙ୍କର ବନ୍ଧୁ ଭାବରେ ଗ୍ରହଣ କରିବେ ବୋଲି ଆଶା ।''

ଏତିକି କହିସାରିବା ସଙ୍ଗେ ସଙ୍ଗେ ମହାଶୂନ୍ୟରୁ ଭାସିଆସୁଥିବା ସେଇ ଶବ୍ଦ କୁଆଡ଼େ ଉଭେଇଗଲା । ଏହି ବକ୍ତବ୍ୟ ପୃଥିବୀର ସବୁ ଦେଶକୁ ସମାନଭାବରେ ଶୁଣାଯାଉଥିଲା ଓ ପ୍ରତ୍ୟେକ ଦେଶର ପ୍ରଚଳିତ ଭାଷାକୁ ମନକୁ ମନ ଅନୁବାଦିତ ହୋଇ ଯାଉଥିଲା ବୋଲି ପରେ ଶୁଣି ଆଶ୍ଚର୍ଯ୍ୟ ହେଲୁ । ସେମାନେ ପୃଥିବୀରୁ ଧରିନେଇ ଯାଇଥିବା ମହିଳା ବୈଜ୍ଞାନିକ ଯେ ଲୁସି ଏଥିରେ ମୋର ତିଳେ ମାତ୍ର ସନ୍ଦେହ ରହିଲାନି । ଲୁସିକୁ କେମିତି ଉଦ୍ଧାର କରିବାକୁ ହେବ ଭାବି ବିଚଳିତ ହୋଇପଡ଼ିଲି । ପୋଲିସ ସାହାଯ୍ୟ ବିନା ଏ ଦିଗରେ କିଛି କରିବା ସମ୍ଭବପର ନୁହେଁ ଭାବି ସଙ୍ଗେ ସଙ୍ଗେ ପୋଲିସ ଷ୍ଟେସନ୍ ଅଭିମୁଖେ ଦୌଡ଼ିଲି ।

ସେମାନେ ମଧ୍ୟ ସେତେବେଳକୁ ପୃଥିବୀରୁ ଅପହୃତ ହୋଇଥିବା ବୈଜ୍ଞାନିକଙ୍କ କଥା ଜାଣିସାରିଲେଣି । ସେମାନେ ମୋ ପହଞ୍ଚିବାବେଳକୁ ଯୁକ୍ତରାଷ୍ଟ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଏ ବିଷୟରେ କ'ଣ କରିବାକୁ ହେବ ସ୍ଥିର କରି ସାରିଲେଣି । ମୁଁ ପହଞ୍ଚିଲାକ୍ଷଣି ସେମାନେ ମୋତେ ଯୁକ୍ତରାଷ୍ଟ୍ରର ରକେଟ୍ କେନ୍ଦ୍ର କେପ୍‌କେନେଡ଼ିକୁ ଯିବା ପାଇଁ ନିମନ୍ତ୍ରଣ କଲେ । ଲୁସିକୁ ଉଦ୍ଧାର କରିବା ପାଇଁ ମୁଁ ଯଦି ନିଜେ ମହାଶୂନ୍ୟର ସେହି ସ୍ଥାନକୁ ଯିବାକୁ ଇଚ୍ଛା କରେ, ତେବେ ସେମାନେ ମୋତେ

Digitized by srujanika@gmail.com

ପଠାଇବାକୁ କୁଣ୍ଠାବୋଧ କରିବେନି । ସେମାନଙ୍କ ପ୍ରସ୍ତାବରେ ରାଜିହେବା ଛଡ଼ା ମୋର ଅନ୍ୟ ଉପାୟ ନ ଥିଲା । ତେଣୁ ସଙ୍ଗେ ସଙ୍ଗେ କେପ୍‌କେନେଡ଼ି ମହାକାଶ କେନ୍ଦ୍ର ଉଦ୍ଦେଶ୍ୟରେ ଯିବା ପାଇଁ ପ୍ରସ୍ତୁତ ହୋଇପଡ଼ିଲି ।

ଯଥାସମୟରେ କେପ୍‌କେନେଡ଼ିରୁ ଆମକୁ ନେଇ ରକେଟ୍‌ଯାନ ଛାଡ଼ିଲା । ରକେଟଯାନ ଭିତରେ ଆମେ ଦଳେ ବୈଜ୍ଞାନିକ । ଲୁସିକୁ କୌଣସି ପ୍ରକାରେ ଉଦ୍ଧାର କରିବା ପାଇଁ ମୁଁ ଯାଇଥାଏ । ଅନ୍ୟମାନେ ପୃଥିବୀ ତରଫରୁ ପ୍ରତିନିଧିତ୍ୱ କରି ସେମାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ଯାଇଥାନ୍ତି । ଯଥାସ୍ଥାନରେ ପହଞ୍ଚିବାକୁ ବେଶୀ ସମୟ ଲାଗିଲାନି । ଦେଖିଲୁ, ମହାଶୂନ୍ୟ ଭିତରେ ବେଶ ବଡ଼ ସହରଟିଏ ଗଢ଼ି ଉଠିଛି । ସାରା ସହରଟି ମହାଶୂନ୍ୟରେ ଭାସୁଛି । ସହରଟିକୁ ଚାରିଆଡ଼ୁ ଯାନ୍ତ୍ରିକ ପ୍ରହରୀମାନେ ଜଗିରହିଛନ୍ତି । ଆମେ ସେହି ସହର ନିକଟତର ହେଲା କ୍ଷଣି ଆମକୁ ମହାଶୂନ୍ୟରୁ ବାରଣ ଆସିଲା । ସେମାନେ ପ୍ରତିବସ୍ତୁ-ଜଗତର ଲୋକ ହୋଇଥିବାରୁ ଆମେ ସେମାନଙ୍କ ନିକଟତର ହେବା ବିପଜ୍ଜନକ ଭାବି ପଛେଇ ଆସିଲୁ । ଦୂରରୁ ଥାଇ ସେମାନଙ୍କ ନିକଟକୁ ଖବର ଦେଲୁ ଯେ ଆମେ ସେମାନଙ୍କ ନେତାଙ୍କ ସହିତ ଦେଖାକରିବାକୁ ଇଚ୍ଛୁକ । ଆମେ ପୃଥିବୀରୁ ସେମାନଙ୍କ ପାଇଁ ଶୁଭବାର୍ତ୍ତା ଘେନି ଆସିଛୁ ।

ଆମ ବାର୍ତ୍ତା ପାଇ ସେହି ସହର ଭିତରୁ ବାହାରିଆସିଲେ ଜଣୈକ ଯୁବକ । ମହାଶୂନ୍ୟ ଭିତରେ ମହାଶୂନ୍ୟ ପୋଷାକ ନ ପିନ୍ଧି ସାଧାରଣ ପୋଷାକରେ ଆମ ଆଡ଼କୁ ଆଗେଇ ଆସିଲେ । ମହାଶୂନ୍ୟରେ ଯେମିତି ଚାଲିବା କଥା, ସେମିତି ନ ଚାଲି ଭୂଇଁରେ ଚାଲିଲା ଭଳି ଆମ ଆଡ଼କୁ ଆସୁଥାନ୍ତି । ଯୁବକଟି ଦେଖିବାକୁ ଅବିକଳ ଆମ ଭଳି । ପ୍ରତିବସ୍ତୁ ଜଗତର ଲୋକ ବୋଲି କିଛି ଚିହ୍ନ କେଉଁଠି ନାହିଁ । ଦେଖିଲେ କେହି କହିବନି ସେମାନେ ଆମ ପୃଥିବୀର ଲୋକ ନୁହନ୍ତି ବୋଲି ।

ସେ ଆସି ଆମଠାରୁ ଅଳ୍ପ ଦୂରରେ ଠିଆହେଲେ । ମୁଁ ତାଙ୍କଠାକୁ ଆଗେଇ ଯାଇ ଲୁସି କଥା ପଚାରିଲି । ସେ ଈଷତ୍ ହସି କହିଲେ, "ଲୁସିଠାରୁ ଆମେ ଜାଣିବାକୁ ପାଇଛୁ ଆପଣ କେମିତି ତାଙ୍କ ପାଇଁ ପାଗଳ । ଆମେ ତା ବୁଝିପାରିଛୁ; କିନ୍ତୁ ଆମେ ନାଚାର । ଲୁସିର ହଠାତ୍ ଏଭଳି ପରିବର୍ତ୍ତନ ହେବ ବୋଲି ଆମେ ମଧ୍ୟ ଆଶା କରି ନ ଥିଲୁ । ଲୁସିର ଗୋଟାଯାକ ଶରୀର ପ୍ରତିବସ୍ତୁକୁ ରୂପାନ୍ତରିତ ହେବାରେ ଆମେ ମଧ୍ୟ ଚିନ୍ତିତ । ତାଙ୍କୁ ଆପଣମାନଙ୍କୁ ଫେରାଇ ଦେବାକୁ ଇଚ୍ଛା ଥିଲେହେଁ ପୁନର୍ବାର ବସ୍ତୁରେ ପରିଣତ କରିବା ପାଇଁ ଆମଠାରେ କିଛି ଯନ୍ତ୍ରପାତି ଏଠି ନାହିଁ । ଆମେ ଲୁସିକୁ ସଙ୍ଗରେ ନେଇଯାଇ ଆମ ଗ୍ରହରେ

Digitized by srujanika@gmail.com

ତାଙ୍କୁ ଆମର ଯନ୍ତ୍ରପାତି ସାହାଯ୍ୟରେ ବସ୍ତୁରେ ପରିଣତ କଲେ, ତା'ପରେ ଆମେ ଆପଣମାନଙ୍କଠାକୁ ପଠାଇଦେବୁ । ଏହାଦ୍ୱାରା ଲୁସି ଶରୀରରେ କିଛି କଷ୍ଟ ହେବ ବୋଲି ଆଶଙ୍କା କରିବା ଅନୁଚିତ । ଏହି ଅସୁବିଧା ପାଇଁ ଆପଣମାନେ ଆମ୍ଭମାନଙ୍କୁ କ୍ଷମା କରିବେ ବୋଲି ଆଶା ।''

ଲୁସିକୁ ସେମାନେ ସେମାନଙ୍କ ଗ୍ରହକୁ ନେଇଯିବେ, ପୁଣି ଆଣି ଫେରାଇଦେବେ, ଏ କଥା ମୋତେ ଯେତିକି ଅସମ୍ଭବ ବୋଧହେଲା, ସେତିକି ସନ୍ଦେହ ଲାଗିଲା ମଧ । ମୁଁ ପଚାରିଲି, ''ଆପଣମାନଙ୍କ ଗ୍ରହ ପରା ଆମଠାରୁ ଦେଢ଼ ଲକ୍ଷ ଆଲୋକବର୍ଷ ଦୂରରେ ଅଛି ? ଲୁସି ସେଠାକୁ ଯାଇ ଫେରି ଆସିଲାବେଳକୁ ଆମେ କ'ଣ ଆଉ ଲୁସିକୁ ଦେଖିବାକୁ ବଞ୍ଚି ରହିଥିବୁ ? ଲୁସି ତା ଜୀବନକାଳ ଭିତରେ ଆପଣଙ୍କ ଗ୍ରହକୁ ଯାଇ ଫେରି ଆସିପାରେ; କିନ୍ତୁ ସେ ଆସି ପୃଥିବୀରେ ପହଞ୍ଚିଲାବେଳକୁ ପୃଥିବୀରେ ଯେ କେତେ ଲକ୍ଷ ବର୍ଷ ବିତି ଯାଇଥିବ, ସେଆଡ଼କୁ ଆପଣ ନଜର ଦେଇଛନ୍ତି କି ? ମୋ ଜୀବନର ଅତି ପ୍ରିୟ ଲୁସି ଏଠାକୁ ଫେରିଆସିବାର କେତେ ଲକ୍ଷ ବର୍ଷ ପୂର୍ବରୁ ମୁଁ ଯେ ବୁଢ଼ାହୋଇ ଇହଧାମରୁ ବିଦାୟ ନେଇଥିବି, ତା'ତ ଆପଣ ନିଶ୍ଚୟ ଅନୁମାନ କରିପାରୁଥିବେ ?''

ମୋ କଥାରେ ଯୁବକଟି ହସିଲେ । ''ଆପଣମାନଙ୍କ କଥା ଶୁଣି ମୋତେ ହସ ମାଡୁଛି ବୈଜ୍ଞାନିକ । ଆପଣମାନେ କେଉଁ ପୁରୁଣାକାଳିଆ କଥା କହୁଛନ୍ତି, ମୁଁ କିଛି ବୁଝିପାରୁନି । ଆପଣମାନଙ୍କର ଯଦି ଧାରଣା ଥାଏ ଯେ ଆମ ଗ୍ରହକୁ ଯାଇ ଫେରିଆସିବାକୁ ଲୁସିକୁ ଲକ୍ଷ ଲକ୍ଷ ବର୍ଷ ଲାଗିଯିବ, ତେବେ ମୁଁ ନାଚାର । ଆମ ଗ୍ରହ ଆପଣମାନଙ୍କ ଗ୍ରହଠାରୁ ଦେଢ଼ଲକ୍ଷ ଆଲୋକବର୍ଷ ଦୂରରେ ଥିଲେ ହେଁ ଆମେ ଆମ ଗ୍ରହଠାରେ ପହଞ୍ଚିବାକୁ ମାସକରୁ ଅଧିକ ସମୟ ଲାଗିବନି । ତେଣୁ ଦୁଇ ମାସ ଭିତରେ ଲୁସି ଆପଣମାନଙ୍କଠାକୁ ଫେରି ଆସିବାରେ ବିଚିତ୍ରତା କେଉଁଠି ବୁଝିପାରୁନି ଡକ୍ଟର ।

''କିନ୍ତୁ ଏ କେମିତି ହେବ ?'' ମୁଁ କହିଲି, ''ଆପଣମାନଙ୍କ ଯାନ ଯେତେ ଶକ୍ତିଶାଳୀହେଲେ ବି ଆଲୋକର ବେଗଠାରୁ ଅଧିକ ବେଗରେ ତ ଯାଇପାରିବନି ? ଆପେକ୍ଷିକ ତଥ୍ୟ –''

''ଆପଣ ହସାଇଲେ ବୈଜ୍ଞାନିକ, ହସାଇଲେ !'' ମୋ ମୁହଁରୁ କଥା ଛଡ଼ାଇ ନେଇ କହିଲେ, ''ଆପଣମାନେ ଯେ କେଉଁ ଯୁଗର କଥା କହୁଛନ୍ତି, ମୁଁ ବୁଝିପାରୁନି । ଆପଣମାନେ ଏମିତି ପୁରୁଣାକାଳିଆ ତଥ୍ୟକୁ ନେଇ କ'ଣ ଗବେଷଣା ଚଳାଇଛନ୍ତି ! ଆପଣମାନେ ଯେଉଁ ଆପେକ୍ଷିକ ତଥ୍ୟ କଥା କହୁଛନ୍ତି, ତାହା ଯେ ପୂରାପୂରି ପ୍ରମାଦପୂର୍ଣ୍ଣ ଆମେ ବହୁଦିନରୁ ପ୍ରମାଣ କରି ସାରିଲୁଣି । ବିଶ୍ୱର କୌଣସି ବସ୍ତୁର

Digitized by srujanika@gmail.com

ବେଗର କିଛି ସୀମା ନାହିଁ । ଆଲୋକର ବେଗଠାରୁ ଅଧିକ ବେଗରେ ଯିବା କୌଣସି ବସ୍ତୁ ପକ୍ଷରେ ସମ୍ଭବ ନୁହେଁ ବୋଲି ଯେଉଁ ତଥ୍ୟ ଆପଣଙ୍କ ପୃଥିବୀରେ ପ୍ରଚାରିତ ହୋଇଛି, ସେଟା ପୂରାପୂରି ଭୁଲ । ବସ୍ତୁ ଅବସ୍ଥାଚକ୍ରରେ ଯେ କୌଣସି ବେଗରେ ଯାଇପାରେ । ବେଗର କିଛି ସୀମା ନାହିଁ । ଏହି ଦେଖନ୍ତୁ, ଆମେ ଆପଣମାନଙ୍କଠାକୁ ଆସିଛୁ, ଆଲୋକ ବେଗର ବହୁ ଗୁଣ ବେଗରେ । ସେଥିପାଇଁ ସିନା ଆମେ ମାସକ ଭିତରେ ଏଠାରେ ଆସି ପହଞ୍ଚିପାରିଛୁ ।''

ଏହି ସମୟରେ ସେହି ଭାସମାନ ସହର ଭିତରୁ ଲୁସି ବାହାରି ଆମ ଆଡ଼କୁ ଧୀରେ ଧୀରେ ଆସିଲା । ଲୁସିକୁ ଦେଖି ମୁଁ ସ୍ଥିର ହୋଇ ରହିପାରିଲିନି । ଲୁସି ଆସି ସେହି ଯୁବକର ପଶ୍ଚାତ୍‌ଭାଗରେ ଠିଆହେଲା । ଦେଖିଲି ଲୁସିର ମୁହଁ ଶୁଖି ମଳିନ ପଡ଼ିଯାଇଛି । ସେ ଯେମିତି ସେମାନଙ୍କ ଦ୍ୱାରା ବନ୍ଦିନୀ; ସେହିଭଳି ଅନୁଭବ କଲା ଭଳି ଜଣା ପଡୁଥାଏ ତା ମୁହଁରୁ । ଜୀବନର ଏତେ ପ୍ରିୟ ଲୁସିର ଏ ଅବସ୍ଥା ଦେଖି ମୁଁ ନିଜକୁ ସମ୍ଭାଳି ପାରିଲିନି । ଲୁସି ଆଡ଼କୁ ଯିବାକୁ ଉପକ୍ରମ କରିଛି, ଯୁବକଟି ମୋତେ ସାବଧାନ ବାଣୀ ଶୁଣାଇ କହିଲା, ''ଆପଣ ଆଉ ଆଗକୁ ଯିବାକୁ ଚେଷ୍ଟା କରନ୍ତୁନି ବୈଜ୍ଞାନିକ; ମୋ ନିକଟତର ହେଲେ ଆପଣଙ୍କ ବିକର୍ଷଣ ଫଳରେ ମୁଁ ନିଜକୁ ସମ୍ଭାଳି ନେଇ ଆପଣଙ୍କୁ ରକ୍ଷା କରିପାରିବି, କିନ୍ତୁ ଲୁସି ବିଚାରୀକୁ ସେ ସବୁ କିଛି ଜଣା ନାହିଁ । ଆପଣ ଯଦି ଅଧିକ ଆଗେଇଯାନ୍ତି, ତେବେ ସେ ନିଜକୁ ସମ୍ଭାଳି ନ ପାରି ନିଜେ ଧ୍ୱଂସ ପାଇଯିବ, ସେଥିସହ ଆପଣ ବି । ବସ୍ତୁ ଓ ପ୍ରତିବସ୍ତୁର ନ୍ୟୁନତମ ନିରାପଦ ବ୍ୟବଧାନ ଆପଣ ଜାଣି ନ ଥିବାରୁ ଆଉ ଆଗକୁ ଅଗ୍ରସର ହେବାକୁ ଚେଷ୍ଟା କରନ୍ତୁନି ।

ଯୁବକଟିର କଥାରେ ମୁଁ ଆହୁରି ଅସ୍ଥିର ହୋଇ ପଡ଼ିଲି । ଆଖି ଆଗରେ ମୋର ପ୍ରିୟତମା ଲୁସିକୁ ଦେଖି ତା'ର ନିକଟତର ହୋଇପାରିବିନି ଭାବି ପାଗଳ ହୋଇଉଠିଲି । ଲୁସିକୁ ଦେଖି ମୁଁ ଏତେ ଦୁର୍ବଳ ଅନୁଭବ କରୁଥିଲି ଯେ ସେଭଳି ମୁହୂର୍ତ୍ତରେ ମୋର କ'ଣ କରିବା ଉଚିତ ବା ଅନୁଚିତ ଭାବିବାକୁ ମୋ ମନରେ ବଳ ନ ଥିଲା ।

କିଛି ସମୟ ପରେ ଲୁସି ସହ ସେମାନେ ସେମାନଙ୍କ ଗ୍ରହକୁ ଫେରିଯାଉଛନ୍ତି ବୋଲି କହି ଆମଠାରୁ ବିଦାୟ ନେଲେ । ଯୁବକଟି ବିଦାୟ ନେଇ ସେହି ଭାସମାନ ସହର ଭିତରକୁ ଚାଲିଗଲା । ଲୁସି କେବଳ ରହିଗଲା ମୋଠାରୁ ଶେଷ ବିଦାୟ ନେଇ ଫେରିଯିବ ବୋଲି ।

Digitized by srujanika@gmail.com

ଲକ୍ଷ୍ୟ କଲି, ଲୁସିର ଆଖି ଲୁହରେ ଭରିଯାଇଛି । ଦୁଃଖରେ ସେ ଏଭଳି ବାଷ୍ପରୁଦ୍ଧ ହୋଇ ଯାଇଥାଏ ଯେ ତା ପାଟିରୁ ମୋଟେ କଥା ବାହାରୁ ନ ଥାଏ । ଲୁସି ବର୍ତ୍ତମାନ ମୋ ଆଗରୁ ଚାଲିଯିବ, ମୁଁ ତାକୁ ଆଉ ଦେଖି ପାରିବିନି, ଭାବିଲାବେଳକୁ ମୋ ଆଖିରେ ଲୁହ ରହିଲାନି । ଲୁସି କ'ଣ ସତେ ପୁଣି ବସ୍ତୁରେ ପରିଣତ ହୋଇ ପୃଥିବୀକୁ ଫେରିଆସିପାରିବ, ମୋ ସମ୍ମୁଖରେ ଏହା ଏକ ବିରାଟ ପ୍ରଶ୍ନବାଚକ ଚିହ୍ନ ହୋଇ ଠିଆ ହେଲା । ସାଙ୍ଗ ହୋଇ ନିଉୟର୍କରୁ ଆସିଥିଲୁ, ସାଙ୍ଗ ହୋଇ ପୁଣି ଫେରିଥାନ୍ତୁ; କିନ୍ତୁ କି ଦୁର୍ଯୋଗ, ଆଜି ଆମେ ଦୁହେଁ ଅଲଗା ଅଲଗା ବାଟରେ !

ଭାସମାନ ସହରରୁ ପ୍ରତ୍ୟାବର୍ତ୍ତନର ଶେଷ ସଙ୍କେତ ପାଇ ଲୁସି ଫେରିଯିବାକୁ ଉଦ୍ୟତ ହେଉଛନ୍ତି, ମୁଁ ନିଜକୁ ଆଉ ସମ୍ଭାଳି ନ ପାରି ଲୁସିଠାକୁ ହଠାତ୍ ଦୌଡ଼ିଯାଇ ତାକୁ ଆଲିଙ୍ଗନ କରିଛି କି ନାହିଁ, ଆମ ଦୁଇଟି ଦେହର ସଂସ୍ପର୍ଶରେ ହେଲା ଏକ ବିରାଟ ବି-ସ୍ଫୋ-ର-ଣ ।

ଶତ ପରମାଣୁ ବୋମାର ଏକକାଳୀନ ବିସ୍ଫୋରଣ ଶବ୍ଦରେ ହଠାତ୍ ମୋ ନିଦ ଭାଙ୍ଗିଗଲା । ଭୟରେ 'ଲୁସି' 'ଲୁସି' କହି ଚିତ୍କାର କରିଉଠିଲି । ମୋଠାରୁ ଅଳ୍ପ ଦୂରରେ ଆଉ ଏକ ଖଟରେ ଶୋଇଥିଲା ସ୍ତ୍ରୀ ସୁସାନ । ମୋ ଚିତ୍କାର ଶୁଣି ମୋଠାକୁ ଦୌଡ଼ି ଆସି କ'ଣ ହେଲା କ'ଣ ହେଲା କହି ମୋ ଉପରେ ନଇଁ ପଡ଼ିଲା । ଆଖି ମେଲାକରି ସୁସାନକୁ ନଇଁ ପଡ଼ିଥିବା ଦେଖି, ତାକୁ କୁଣ୍ଢାଇ ପକାଇ କହିଲି " ଆମେ କ'ଣ ବିସ୍ଫୋରିତ ହୋଇ ନାହୁଁ ସୁସାନ ? ଲୁସି କ'ଣ ବିସ୍ଫୋରିତ ହୋଇ ନାହିଁ ?" ଏହିଭଳି ବାରମ୍ବାର ପ୍ରଶ୍ନରେ ତାକୁ ବ୍ୟତିବ୍ୟସ୍ତ କରିପକାଇଲି । ସେ ପର୍ଯ୍ୟନ୍ତ ମୋ ଛାତି ଭୟଙ୍କର ଭାବରେ ଥରୁଥିଲା । ମୁଁ ନିଜକୁ ଏତେ ଅସହାୟ ମଣୁଥିଲି ଯେ ସୁସାନର ସେହି ଉନ୍ନତ ବକ୍ଷ ଭିତରେ ମୁହଁ ଲୁଚାଇ ସାହସ ସଞ୍ଚୟ କରିବାକୁ ଚେଷ୍ଟା କଲି । "କ'ଣ ହେଲା; କ'ଣ ହେଲା" କହି ସୁସାନ ଜାଣିବାକୁ ଚାହୁଁଥିଲା ପ୍ରକୃତ ଘଟଣାଟା ।

Digitized by srujanika@gmail.com

ମହାଶୂନ୍ୟର ବିପଦ

ମହାଶୂନ୍ୟରେ ଯାତ୍ରା କଲାବେଳେ ମହାକାଶଚାରୀମାନେ ଅନ୍ୟ ଗ୍ରହଉପଗ୍ରହର ଅଭିଯାତ୍ରୀମାନଙ୍କ ଦ୍ୱାରା ବିପଦ ଆପଦର ସମ୍ମୁଖୀନ ହେବା ସମ୍ଭାବନାକୁ ତୁମେ କ'ଣ ପୂରାପୂରି ଉଡ଼ାଇ ଦେବାକୁ ଚାହୁଁଛ, ପୁଷ୍ପିତା ?"

ଆଲୋଚନା କରୁ କରୁ ମୋତେ ପ୍ରଶ୍ନ ଛଳରେ ପଚାରିଲେ ଡକ୍ଟର ଏଟ୍‌କିନ୍‌ସନ୍ । ଡକ୍ଟର ଏଟ୍‌କିନ୍‌ସନ୍ ମୋର ସହକର୍ମୀ, ଆମେ ଦୁହେଁ ଇଂଲଣ୍ଡର ଜୋଡ୍ରାଲବେଙ୍କ ବେତାର ଦୂରବୀକ୍ଷଣ ମାନମନ୍ଦିରର ସହକାରୀ ଜ୍ୟୋତିର୍ବିଦ୍ । ଗ୍ରୀଷ୍ମକାଳୀନ ଏକ ଅଳସ ସନ୍ଧ୍ୟାକୁ କଟାଇବା ପାଇଁ ସେଦିନ ସେ ଚାଲି ଆସିଥାନ୍ତି, ମୋ କ୍ୱାର୍ଟରକୁ । ସେତେବେଳେ ମୋ ଡ୍ରଇଂରୁମ୍‌ରେ ବସିଥାଏ ମୋର ସହଚରୀ କ୍ୟାଥି । ସେ ବି ଜଣେ ଗବେଷକ ଜୋଡ୍ରାଲବେଙ୍କ ମାନମନ୍ଦିରରେ । ଡକ୍ଟର ଏଟ୍‌କିନ୍‌ସନ୍ ପ୍ରଶ୍ନ ପଚାରିଲା ବେଳେ ମୁଁ କପ୍‌ରେ କଫି ଢାଳୁଥିଲି । କଫିରେ ଦୁଧ, ଚିନି ଗୋଳାଇ ଏଟ୍‌କିନ୍‌ସନ୍ ଓ କ୍ୟାଥି ହାତକୁ ବଢ଼ାଇ ଦେଉ ଦେଉ କହିଲି, "ମଣିଷର ବିଶ୍ୱାସ, ଅବିଶ୍ୱାସର ଏକ ସୀମା ଅଛି ଡକ୍ଟର ଏଟକିନ୍‌ସନ୍ । ମଣିଷ ବେଳେ ବେଳେ ତଥାକଥିତ ବାସ୍ତବତାକୁ ମଧ୍ୟ ଅବିଶ୍ୱାସ କରି ଉଡ଼ାଇ ଦେଇପାରେ । ନିହାତି କାଳ୍ପନିକ, ମନଗଢ଼ା କଥାକୁ ବି ସେ ବେଳେ ବେଳେ ନିରାଟ ସତ୍ୟ ବୋଲି ଧରିନେଇପାରେ । ତେବେ ଆପଣଙ୍କ କଥାକୁ ବିଶ୍ୱାସ କରିବି କି କରିବିନି, ଏପର୍ଯ୍ୟନ୍ତ ଠିକ୍ କରିପାରିନି ଡକ୍ଟର ।"

କଫି କପ୍‌ରେ ଓଠ ଲଗାଉ ଲଗାଉ ଏଟ୍‌କିନ୍‌ସନ୍ ମୋ ଆଡ଼କୁ ଅନାଇ କହିଲେ, "ମୁଁ ବି ଦିନେ ଠିକ୍ ତୁମ ଭଳି କୌଣସି କଥାକୁ ସହଜରେ ବିଶ୍ୱାସ କରୁ ନ ଥିଲି ପୁଷ୍ପିତା । କିନ୍ତୁ ଯେଉଁଦିନଠାରୁ ମୁଁ ମହାଶୂନ୍ୟ ସମ୍ବନ୍ଧରେ ଅଧିକ ଚିନ୍ତା କରିବାକୁ ଆରମ୍ଭ କଲି, ସେହିଦିନଠାରୁ ମୋତେ ମହାକାଶ ସମ୍ବନ୍ଧୀୟ ବହୁ କାଳ୍ପନିକ କଥା ନିରାଟ ସତ୍ୟ ବୋଲି ପ୍ରତୀୟମାନ ହେଲା । ତା'ଛଡ଼ା ଅନ୍ୟଗ୍ରହ ଉପଗ୍ରହରେ ମଣିଷ ଥିବା କଥା; ମହାଶୂନ୍ୟରେ ଅନ୍ୟ ଗ୍ରହ, ଉପଗ୍ରହର ଅଭିଯାତ୍ରୀଙ୍କୁ ଭେଟିବା କଥା, ମୋଠାରେ ଆଉ କାଳ୍ପନିକ ହୋଇ ରହିଲାନି । ଅନ୍ୟ ଗ୍ରହ ଉପଗ୍ରହରେ ଆମଭଳି ମଣିଷ ଯେ ଅଛନ୍ତି, ତାହାକୁ ମୁଁ ନିରାଟ ସତ୍ୟ ବୋଲି ଧରି ନେଇଛି ପୁଷ୍ପିତା ।"

Digitized by srujanika@gmail.com

କ୍ୟାଥି ହସିଲା ଏକ ଅତି ଆକର୍ଷଣୀୟ ଭଙ୍ଗୀରେ । ତାର ସେହି ହସରୁ ସତେ ଯେମିତି ଝରି ପଡୁଥିଲା ଅସଂଖ୍ୟ ମୁକ୍ତାରାଜି ।

ଡକ୍ଟର ଏଟ୍‌କିନ୍‌ସନ୍ ହାସ୍ୟମୟୀ କ୍ୟାଥି ଆଡ଼କୁ ଅନାଇରହିଲେ । ସୁନ୍ଦରୀ କ୍ୟାଥିର ଲୀଳାଲୋକ ନୟନର ହାସ୍ୟଛଟା ଏଟ୍‌କିନ୍‌ସନଙ୍କ ଠାରେ ବେଶ୍ ଆକର୍ଷଣୀୟ ହେଲା ଭଳି ମନେ ହେଉଥାଏ । ଅନିନ୍ଦ୍ୟ ସୁନ୍ଦରୀଟିଏ ଦେଖିଲେ ଲୋକେ ଯେମିତି ନିର୍ଲିପ୍ତ ନୟନରେ ତାକୁ ଅନାଇ ରହନ୍ତି, ଦୃଷ୍ଟି ଫେରାଇବାକୁ ଚାହାନ୍ତିନି, ଏଟକିନ୍‌ସନ୍ ଠିକ୍ ସେମିତି ଅନାଇ ରହିଥିଲେ ମୋ ସାଙ୍ଗ କ୍ୟାଥିକୁ ।

"ତୁମେ କ'ଣ ମୋ କଥାକୁ ହସି ଉଡ଼ାଇ ଦେଉଛ କ୍ୟାଥି ? "ଏଟକିନ୍‌ସନ୍ ପଚାରିଲେ" ମୁଁ ବି ଦିନେ ଠିକ୍ ତୁମପରି ଏହିଭଳି କଥାକୁ ହସରେ ଉଡ଼ାଇ ଦେଉଥିଲି । ଆମର ପ୍ରଧାନ ଜ୍ୟୋତିର୍ବିଦ୍ ଡକ୍ଟର ମାଇକେଲସନ୍ ବି । କିନ୍ତୁ ତୁମେ ଜାଣିଛ କ୍ୟାଥି ଡକ୍ଟର ମାଇକେଲସନ୍ ଗତ ଦୁଇବର୍ଷ ତଳେ ରୁଷିଆ ଭ୍ରମଣରୁ ଫେରିବା ଦିନଠାରୁ ଏଭଳି କଥାକୁ ଆଉ ପୂର୍ବଭଳି ଅବିଶ୍ୱାସ କରୁନାହାନ୍ତି । ଗତବର୍ଷ ମୁଁ ରୁଷ ଭ୍ରମଣରେ ଯାଇଥିଲା ବେଳେ ମହାକାଶ ସମ୍ବନ୍ଧୀୟ କେତେକ ଆଲୋଚନାଚକ୍ରରେ ଯୋଗଦେଇ ଆସିଲି; ଯା' ଫଳରେ ମୋର ମହାକାଶ ସମ୍ବନ୍ଧୀୟ ବହୁ ପୁରାତନ ମତବାଦକୁ ବଦଳାଇବାକୁ ବାଧହେଲି !"

ମୋ ଆଡ଼କୁ ଅନାଇ କହିଲେ "ମୁଁ ତୁମମାନଙ୍କୁ କେତୋଟି କଥା କହିବି ପୁଷ୍ପିତା, ଯେଉଁଗୁଡ଼ିକ ତୁମକୁ ମନଗଢ଼ା କଥା ଭଳି ବୋଧ ହୋଇପାରେ । କିନ୍ତୁ ଜାଣ ସେଗୁଡ଼ିକ ଖୁବ୍ ଗୁରୁତ୍ୱର ସହିତ ସୋଭିଏଟ୍ ରୁଷିଆର ବିଜ୍ଞାନୀ ମହଲରେ ଆଲୋଚିତ ହୁଏ । ତୁମେ ଜାଣିଛ କିଛି ବର୍ଷ ତଳେ ବୈଜ୍ଞାନିକମାନେ ପ୍ରମାଣ ଅଭାବରୁ ଯେଉଁ ସବୁ କଥାକୁ ଉଡ଼ାଇ ଦେଉଥିଲେ, ଆଜିକାଲି କିନ୍ତୁ ପ୍ରମାଣ ନାହିଁ ବା ମିଳୁନି ବୋଲି କହି ଉଡ଼ାଇ ଦେଉ ନାହାନ୍ତି । ସେମାନଙ୍କ ମତ ଆଜି ପ୍ରମାଣ ମିଳୁନି ବୋଲି ଯେ ଗ୍ରହଣ ଅଯୋଗ୍ୟ ତା ଠିକ୍ ନୁହେଁ, ହୁଏତ ଏହାର ପ୍ରମାଣ ଭବିଷ୍ୟତରେ ମିଳିଯାଇ ପାରିବ ।"

ମୁଁ ଆଉ କ୍ୟାଥି ଏଟକିନ୍‌ସନ୍‌ଙ୍କ ମୁହଁକୁ ବଲ ବଲ କରି ଅନାଇ ରହିଥାଉ । କ୍ୟାଥିର ସୁନ୍ଦର ମୁଖମଣ୍ଡଳରୁ ସେହି ମନଲୋଭା ହାସ୍ୟରେଖା କେତେବେଳୁ ବିଲୁପ୍ତ ହୋଇଗଲାଣି । ତାର ଚିନ୍ତା ରାଜ୍ୟକୁ ଧୀରେ ଧୀରେ ଆଚ୍ଛାଦନ କରି ଆସୁଥିବା ଏକ ଅନିଶ୍ଚିତ ଭାବନା, ମୁକ୍ତ ଆକାଶକୁ କଳା ବଉଦ ଢାଙ୍କିଲାଭଳି ତାର ମୁଖମଣ୍ଡଳକୁ ଆଚ୍ଛାଦନ କରିବାକୁ ଆରମ୍ଭ କରିଦେଇଥାଏ ।

ଏଟକିନ୍‌ସନ୍ କହି ଚାଲିଲେ, "ତୁମେ ଜାଣିଛ ପୁଷ୍ପିତା, ୧୯୫୭ ମସିହା ନଭେମ୍ବର ମାସ ୨ ତାରିଖ ଦିନ ସୋଭିଯେଟ୍ ରୁଷିଆ ମହାଶୂନ୍ୟକୁ ସ୍ପୁଟନିକ-ଦ୍ୱିତୀୟ

Digitized by srujanika@gmail.com

ଉପଗ୍ରହ ପ୍ରେରଣ କରିଥିଲା । ସେହି ମହାକାଶ ଅଭିଯାନରେ ସର୍ବପ୍ରଥମ ମହାକାଶ ଯାତ୍ରୀ ଥିଲା ଲାଇକା ନାମକ ଏକ ମାଈ କୁକୁର । ଲାଇକା ଏକ ଅଜଣା କାରଣ ହେତୁ ମହାକାଶରେ ମୃତ୍ୟୁବରଣ କଲା । ଲାଇକାର ମୃତ୍ୟୁପରେ ସୋଭିଯେଟ୍ ବୈଜ୍ଞାନିକମାନେ ଲାଇକାର ମୃତ୍ୟୁ ରହସ୍ୟ ଉଦ୍‌ଘାଟନ କରିବା ପାଇଁ ଏକ କମିସନ ବସାଇଥିଲେ । କିନ୍ତୁ ସେ କମିସନର ଫଳାଫଳ ସାଧାରଣରେ ପ୍ରକାଶ କରାଗଲା ନାହିଁ । କାହିଁକି ଜାଣ ?''

ମୁଁ ଆଉ କ୍ୟାଥି ଏଟ୍‌କିନ୍‌ସନ୍‌ଙ୍କ ଆଡ଼କୁ ଆହୁରି ଉତ୍ସୁକ ହୋଇ ଅନାଇ ରହିଲୁ । ଆମକୁ ବୋଧ ହେଉଥିଲା ଆମେ ଯେମିତି କିଛି ବୁଝିପାରୁନୁ, ଏଟ୍‌କିନ୍‌ସନ୍ କ'ଣ କହୁଛନ୍ତି । ସେ ପୁଣି ଆରମ୍ଭ କଲେ "ତା କାରଣ ତୁମେ ଜାଣିନ ପୁଷ୍ପିତା । ତା'ର କାରଣ ସାରାପୃଥିବୀ ବି ଜାଣିନି । କିନ୍ତୁ ମୁଁ ଜାଣେ, ମୁଁ ଜାଣେ ତହିଁର କାରଣ । ସେହି ଘଟଣାର ପ୍ରକୃତ କାରଣ ଗୋପନୀୟତା ଦୃଷ୍ଟିରୁ ସୋଭିଯେଟ୍ ସରକାର ପ୍ରକାଶ କରୁ ନାହାନ୍ତି । ହେଲେ ଗତ ଥର ସୋଭିଏଟ ରୁଷିଆ ପରିଭ୍ରମଣ ବେଳେ ମୁଁ ସେହି ଗୋପନୀୟତାର ସାମାନ୍ୟ ଆଭାଷ ପାଇପାରିଛି ମାତ୍ର ।''

ମୁଁ ଆଉ କ୍ୟାଥି ଆହୁରି ବିସ୍ମିତ ହୋଇ ତାଙ୍କ ଆଡ଼କୁ ଅନାଇ ରହିଲୁ । ବିସ୍ମୟରେ କ୍ୟାଥି ଏକରକମର ଜଡ଼ ପାଲଟି ଗଲାଭଳି ବୋଧ ହେଉଥାଏ । ଏଟ୍‌କିନ୍‌ସନ୍ ପୁଣି କହି ଚାଲିଲେ ।

"ରୁଷୀୟମାନେ ସ୍ପଷ୍ଟ ପ୍ରମାଣ ପାଇସାରିଛନ୍ତି ଯେ ଲାଇକାର ମୃତ୍ୟୁ ସ୍ୱାଭାବିକ ରୀତିରେ ହୋଇନି । ଲାଇକାକୁ ଏକ ବିଚିତ୍ର ଉପାୟରେ ମହାକାଶରେ ହତ୍ୟା କରାଯାଇଛି ।''

"ଆଁ, ଲାଇକାକୁ ହତ୍ୟା କରାଯାଇଥିଲା ? ହଠାତ୍ ପାଟିକରି ଉଠିଲା କ୍ୟାଥି ।'' ନା, ନା ଏହା ତ ହୋଇ ନ ପାରେ । ଲାଇକାର ମୃତ୍ୟୁବେଳେ ପ୍ରକାଶ କରାଯାଇଥିଲା ସୋଭିଯେଟ୍ ବୈଜ୍ଞାନିକମାନେ ଲାଇକାକୁ ପୃଥିବୀପୃଷ୍ଠକୁ ଫେରାଇ ଆଣିବାକୁ ଚେଷ୍ଟାକରି ବିଫଳ ହେବାରୁ ଲାଇକା ମହାକାଶରେ ମୃତ୍ୟୁବରଣ କରିବାକୁ ବାଧହେଲା ।''

"ହଁ, ହଁ, ମୋର ବି ତ ଠିକ୍ ସେଇଆ ମନେ ପଡୁଛି ଡକ୍ଟର ଏଟକିନ୍‌ସନ୍ ।'' ମୁଁ କହିଲି, ଆପଣ କ'ଣ ଯେ କହୁଛନ୍ତି, ବୁଝି ହେଉନି ।

"ତୁମେ ଖାଲି ପୁଷ୍ପିତା କାହିଁକି, ସାରା ପୃଥିବୀ ବି ଆଜି ବୁଝିପାରିବନି ମୋ କଥା । ସୋଭିଯେଟ୍ ରୁଷିଆର ବୈଜ୍ଞାନିକମାନେ ଏତେ ଦକ୍ଷ ଥାଉ ଥାଉ

Digitized by srujanika@gmail.com

ସାମାନ୍ୟ କୁକୁରଟାକୁ ସେମାନେ ଫେରାଇ ଆଣି ପାରିଲେନି କାହିଁକି ? ସେମାନଙ୍କ ପ୍ରଚେଷ୍ଟାକୁ ମହାକାଶରେ କେହି ଜଣେ ଅଦୃଶ୍ୟ ଭାବରେ ପ୍ରତିହତ କରିବାକୁ ଚେଷ୍ଟା କରିଥିଲା କି କଅଣ ତୁମେ ଜାଣିଛ ? ସେହି ଅଦୃଶ୍ୟ ହାତ ଲାଇକାର ମୃତ୍ୟୁପାଇଁ ଦାୟୀ ବୋଲି ବହୁ ସୋଭିଏଟ୍ ବିଶେଷଜ୍ଞ ମତ ଦିଅନ୍ତି । ସେହି ଅଦୃଶ୍ୟହାତ କାହାର, ତାହା କେମିତି ଲାଇକାକୁ ହତ୍ୟାକଲା, କାହିଁକି ହତ୍ୟାକଲା, ଏପର୍ଯ୍ୟନ୍ତ ପ୍ରହେଳିକାମୟ ହୋଇ ରହିଛି । ଇତିମଧ୍ୟରେ ଗୋଟିଏ ଯୁଗ ବିତି ଗଲାଣି, ସେହି ପ୍ରଶ୍ନ ଏବେବି କୁହେଳି ଆଚ୍ଛନ୍ନରୁ ମୁକ୍ତ ହୋଇପାରିନି ପୁଷ୍ପିତା ।

କ୍ୟାଥି ଓ ମୋର ବିସ୍ମୟ ବେଳକୁ ବେଳ ବହୁଗୁଣିତ ହେବାକୁ ଲାଗିଲା । ସେ କହିଚାଲିଲେ ।

"ଖାଲି ଲାଇକା କାହିଁକି, ଏପର୍ଯ୍ୟନ୍ତ ଗୁପ୍ତ ରଖାଯାଇଥିବା ତିନିଜଣ ରୁଷ ମହାକାଶଚାରୀଙ୍କ ମୃତ୍ୟୁ ମୂଳରେ ସେହିଭଳି ଯେ ଏକ ବିରାଟ ରହସ୍ୟ ରହିଛି ତାହାର ପ୍ରକୃତ ସତ୍ୟ ଏପର୍ଯ୍ୟନ୍ତ ଉଦ୍‌ଘାଟିତ ହୋଇପାରିନି ।

କ୍ୟାଥି ଏଥର ଆଉ ସ୍ଥିର ହୋଇ ବସି ପାରିଲାନି । ସେ ସୋଫାରୁ ଉଠି ବୈଠକଖାନାରେ ପଦଚାରଣ କରିବାକୁ ଆରମ୍ଭକଲା । ମୁଁ ନିଜ ଭିତରେ କିଭଳି ଏକ ଚଞ୍ଚଳତା ଅନୁଭବ କରିବାକୁ ଆରମ୍ଭ କଲି । ବେଳକୁ ବେଳ ଐନ୍ଦ୍ରଜାଲିକର କୁହୁକ ଭଳି ଏଟ୍‌କିନ୍‌ସନ୍‌ଙ୍କ କଥା ରହସ୍ୟମୟ ହୋଇ ଉଠୁଥାଏ । ମୋତେ ବୋଧ ହେଉଥାଏ ସତେ ଯେମିତି ସାରା ବୈଠକଖାନାଟି ଏକ ରହସ୍ୟପୁରୀରେ ପରିଣତ ହୋଇ ଆକାଶରେ ଦୋହଲୁଛି । ସେଥିରେ କ୍ୟାଥିର ପଦଚାରଣ ବୋଧ ହେଉଥାଏ, ସତେ ଯେମିତି ବେବିଲୋନ୍‌ର ସେହି ଦୋଳାୟମାନ ଉଦ୍ୟାନରେ ରାଜକୁମାରୀ ଫରିସ୍ତାଙ୍କ ସାନ୍ଧ୍ୟ ସମୀରଣ ସେବନ ।"

ଏଟ୍‌କିନ୍‌ସନ୍ ପୁଣି ଆରମ୍ଭ କଲେ, "୧୯୬୧ ମସିହା ଫେବୃୟାରୀ ମାସ ୧୭ ତାରିଖ ଦିନ ସୋଭିୟେଟ୍ ରୁଷିଆର ଆରଲ୍ ହ୍ରଦ କୂଳରେ ଥିବା ବାଇକୋନୁର ମହାକାଶଘାଟିରୁ ତିନିଜଣ ରୁଷ ମହାକାଶଚାରୀ ମହାଶୂନ୍ୟକୁ ପ୍ରେରିତ ହେଲେ । ସେମାନଙ୍କ ଭିତରୁ ଦୁଇଜଣ ପୁରୁଷ ଓ ଜଣେ ସ୍ତ୍ରୀ । ଏଇ ତିନିଜଣ ମହାକାଶଚାରୀ ମହାଶୂନ୍ୟରେ ପରିକ୍ରମା କରି ସାରି ପୃଥିବୀକୁ ଫେରି ପାରିଲେନି, ମହାଶୂନ୍ୟରେ ମୃତ୍ୟୁବରଣ କଲେ । ସେମାନେ ମହାକାଶରେ ଭ୍ରମଣ କରୁଥିଲାବେଳେ ଏକ ଅଜଣା ମହାକାଶଯାନ ସେମାନଙ୍କ ଯାନ ନିକଟଦେଇ ଚାଲିଗଲା । ଅଜଣା ଯାନଟି ଚାଲିଯିବା ସଙ୍ଗେ ସଙ୍ଗେ ସେମାନଙ୍କ ଯାନର ସବୁକିଛି ଯନ୍ତ୍ରପାତି ଅଚଳ ହୋଇଗଲା । ସେମାନେ ଶତ ଚେଷ୍ଟାସତ୍ତ୍ୱେ ମଧ୍ୟ ପୃଥିବୀର କୌଣସି ଷ୍ଟେସନ ସହିତ ଯୋଗାଯୋଗ କରିପାରିଲେନି । ସେମାନେ ପ୍ରଥମରୁ ସୋଭିଏଟ୍ ରୁଷିଆର ଯୋଗାଯୋଗ କେନ୍ଦ୍ର

Digitized by srujanika@gmail.com

ସହିତ ଏହି ଅଜଣା ଯାନ ସମ୍ପର୍କରେ କହିବାକୁ ଯାଇ କେତୋଟି କଥା କହିଛନ୍ତି, ହଠାତ୍ ଯୋଗାଯୋଗ ଛିନ୍ନ ହୋଇଗଲା, ଆଉ ସେମାନଙ୍କ ସହିତ ଯୋଗାଯୋଗ ସ୍ଥାପିତ ହୋଇପାରିଲାନି । ସେହି ତିନିଜଣ ମହାକାଶଚାରୀ ଆଉ ପୃଥିବୀକୁ ଫେରି ପାରିଲେନି । ମହାକାଶରେ ଚିରସମାଧି ଗ୍ରହଣ କଲେ । ସେମାନେ ମହାକାଶରେ କେଉଁଆଡ଼େ ଗଲେ ଏବେବି ରହସ୍ୟମୟ । କେତେକ ଆଶଙ୍କା କରନ୍ତି, ସେହି ନୃଶଂସ ଅଜଣା ମହାକାଶ ଯାନଟି ରୁଷୀୟ ମହାକାଶଯାନକୁ ଅଚଳ କରିଦେବା ଫଳରେ ରୁଷ ମହାକାଶଯାନ ଧ୍ୱଂସପ୍ରାପ୍ତ ହେଲା । ସୋଭିଏଟ୍ ସରକାର କେତେକ କାରଣବଶତଃ ଏହି ଘଟଣାକୁ ପ୍ରକାଶ କରି ନାହାନ୍ତି । ଏହା ଏବେବି ଏକ ଗୁପ୍ତ ସମ୍ବାଦ ଭାବରେ ସୋଭିଏଟ୍ ମହାକାଶ ବିଜ୍ଞାନୀ ମହଲରେ ଶୁଣାଯାଏ ।''

''କିନ୍ତୁ ଆପଣ ଯେ କ'ଣ କହୁଛନ୍ତି, ଆମେ ବୁଝି ପାରୁନୁ ଡକ୍ଟର ଏଟ୍‌କିନ୍‌ସନ୍'' ମୁଁ କହିଲି । ବୈଠକଖାନାରେ ପଦଚାରଣରୁ ନିବୃତ୍ତ ହୋଇ କ୍ୟାଥି ସେତେବେଳକୁ ସୋଫାରେ ଆସି ବସି ସାରିଲାଣି । ହଠାତ୍ କ୍ୟାଥି ଆଡ଼କୁ ଅନାଇଲି । ସେତେବେଳେ ସେ ସୋଫାରେ ପୂରାପୂରି ଜଡ଼ ପାଲଟି ଯାଇଥାଏ । ତା ମୁହଁରୁ କିଛି ଭାଷା ବାହାରୁ ନ ଥାଏ ।

ଏଥର ଏଟ୍‌କିନ୍‌ସନ୍ ସୋଫାରେ ନ ବସି ଘରଭିତରେ ପଦଚାରଣ କରିବାକୁ ଆରମ୍ଭ କଲେ । ''ଖାଲି ସେତିକି ନୁହେଁ ପୁଷ୍ପିତା'' ଏଟ୍‌କିନ୍‌ସନ୍ ପୁଣି କହିଚାଲିଲେ ''୧୯୬୭ ମସିହା ଅପ୍ରେଲ ମାସ ୧୨ ତାରିଖ ଦିନ ରୁଷ ମହାକାଶଚାରୀ କୋମାରୋଭ ସୋୟୁଜ-୧ ମହାକାଶଯାନରେ ମହାଶୂନ୍ୟକୁ ଯାଇ ପୃଥିବୀକୁ ଦକ୍ଷତାର ସହିତ ଅଠରଥର ପରିକ୍ରମା କରିସାରିବା ପରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ ବେଳେ ଯେଉଁଭଳି ଭାବରେ ମୃତ୍ୟୁବରଣ କଲେ, ସେହି ମୃତ୍ୟୁର କାରଣ କ'ଣ ଏକ ସାଧାରଣ ମାମୁଲି ଦୁର୍ଘଟଣା ବୋଲି ତୁମେ ଭାବୁଛ ? ଏହା ଏକ ମାମୁଲି ଦୁର୍ଘଟଣା ବୋଲି ସୋଭିୟେଟ୍ ସରକାର ଯେତେ ସଫେଇ ଦେଲେବି ସୋଭିୟେଟ୍ ବିଜ୍ଞାନୀମାନେ ମତ ଦିଅନ୍ତି, ଏହି ଦୁର୍ଘଟଣା ପଛରେ କାହାର ଏକ ଅଦୃଶ୍ୟ ହାତ କାମ କରିଥିଲା । ସେହି ଅଦୃଶ୍ୟ ହାତ କାହାର ଓ ତାହା କିଭଳି ଭାବରେ କାର୍ଯ୍ୟ କରି ଥିଲା, ଏବେ ବି ପ୍ରହେଳିକାମୟ ହୋଇ ରହିଛି । କୋମାରୋଭ ବଞ୍ଚିଥିଲେ ଅବଶ୍ୟ କିଛି ଆଭାଷ ଦେଇପାରିଥାନ୍ତେ ।

''ସୋୟୁଜ-୧ ମହାକାଶଯାନରେ ମହାକାଶ ଯାତ୍ରୀ କୋମାରୋଭ୍‌ଙ୍କର ଯେଉଁଭଳି ଦଶାହେଲା ବର୍ତ୍ତମାନ ମହାକାଶ ପରିକ୍ରମା କରୁଥିବା ସୋୟୁଜ-୧୧ ମହାକାଶଯାନର ଅଭିଯାତ୍ରୀଙ୍କର ସେଭଳି ଦଶା ହେବ ନାହିଁ ତ ଡକ୍ଟର ? ସେମାନେ ମହାଶୂନ୍ୟରେ ମହାକାଶ ଷ୍ଟେସନ ପ୍ରତିଷ୍ଠା ଦିଗରେ ଗତ ଜୁନମାସ ୬ ତାରିଖରୁ ଯେଉଁ ଗବେଷଣା

Digitized by srujanika@gmail.com

ଚଳାଇଛନ୍ତି, ସେହି ଗବେଷଣାକୁ ପଣ୍ଡ କରିବାପାଇଁ ଅନ୍ୟ ଗ୍ରହ ଉପଗ୍ରହର ଅଧିବାସୀମାନେ ପୂର୍ବଭଳି ଚେଷ୍ଟା କରିବେ ନାହିଁତ ? ତା'ଯଦି ହୁଏ – ।'' ଆଉ କହିପାରିଲାନି କ୍ୟାଥି । ସତେ ଯେମିତି ତା ଗଳାକୁ କିଏ ହଠାତ୍ ଚିପି ଧରିଲା ।

ହସିଲେ ଏଟ୍‌କିନ୍‌ସନ୍ । ''ଏଥିପାଇଁ ମୁଁ ପରା କହେ ସ୍ତ୍ରୀଲୋକଗୁଡ଼ାକ ଭାରି ଡରୁଆ, ସାହସ ବୋଲି ଟିକିଏ ନାହିଁ । ସୋୟୁଜ-୧ ର ଯେଉଁ ଦଶା ହେଲା, ସୋୟୁଜ-୧୧ର ସେହି ଦଶା ହେବ ବୋଲି ତୁମେ ଏମିତି ଆଶଙ୍କା କରୁଛ କାହିଁକି ଶୁଣେ ?

''ନା, ନା, ଡକ୍ଟର ଏଟକିନ୍‌ସନ୍ ।'' ବଡ଼ ଥର ଥର ଗଳାରେ କହିଲା ସଙ୍ଗିନୀ କ୍ୟାଥି । ''ମୋତେ ଆପଣଙ୍କ ବର୍ଣ୍ଣନା କାହାଣୀ ଭଳି ମନେ ହେଉଥିଲେ ହେଁ ମୋତେ ଯେମିତି ବୋଧ ହେଉଛି, ମହାକାଶରେ ଏମିତି ଏକ ଶକ୍ତି ଅନ୍ୟ କାହାକୁ ମହାଶୂନ୍ୟ ଭିତରକୁଯିବାକୁ ଦେବାକୁ ଚାହେନି । ସେମାନେ ଥରକୁଥର ଏହିଭଳି କାଣ୍ଡ ସୃଷ୍ଟି କରି ପୃଥିବୀବାସୀଙ୍କୁ ଭୟଭୀତ କରିବାକୁ ଚାହାନ୍ତି । ସେମାନେ ସମ୍ଭବତଃ ଚାହାନ୍ତିନି ମହାଶୂନ୍ୟରେ ଆଉ କାହାରି ଆଧିପତ୍ୟ । ସୋୟୁଜ-୧୧ର ଦଶା ସୋୟୁଜ-୧ ର ଦଶା ଭଳି ହେବ । ସୋୟୁଜ-୧୧ର ମହାକାଶଯାତ୍ରୀମାନେ ଜୀବନ୍ତ ଭାବରେ ପୃଥିବୀକୁ ଆଉ ଫେରି ଆସିପାରିବେନି ବୋଲି ମୋ କାନ ପାଖରେ ପ୍ରତିଧ୍ୱନିତ ହେଉଛି । ସେମାନଙ୍କ ମୃତ୍ୟୁର କାରଣ ସେହିଭଳି ଅଜଣା ରହିଯିବ'' ।

କ୍ୟାଥିର କଥାରେ ବଡ଼ ବ୍ୟସ୍ତ ହୋଇପଡ଼ିଲି । ''ଛି, ଛି, କ୍ୟାଥି, ତୁ ରୁଷ ମହାକାଶଚାରୀଙ୍କର କେଡ଼େ ବଡ଼ ଅମଙ୍ଗଳ କଥାଟା ଚିନ୍ତା କରୁଛୁ କହିଲୁ ? କିଏ ଯଦି ବାହାର ଲୋକ ଶୁଣିବ, ସେ ଆମକୁ କେତେ ଖରାପ ଭାବିବ କହତ ? ରୁଷ ଆମ ବନ୍ଧୁ ରାଷ୍ଟ୍ର, ସେମାନଙ୍କ ଅଭିଯାନର ଏଭଳି ଅମଙ୍ଗଳ ପାଞ୍ଚିବାଟା କେତେ ଖରାପ କଥା, କହିଲୁ ?''

''ତୁ କ'ଣ ଭାବୁଛୁ ପୁଷ୍ପିତା ମୁଁ କ'ଣ ଏହାକୁ ଖରାପ ବୋଲି ଭାବୁନି ? ହେଲେ କ'ଣ କରିବି ? ମୋ ମନ ଭିତରେ କିଏ ଯେମିତି ସତେ କହି ଦେଉଛି, ସୋୟୁଜ-୧୧ ମହାକାଶଯାନର ତିନିଜଣଯାକ ଯାତ୍ରୀ ମୃତ ଅବସ୍ଥାରେ ପୃଥିବୀକୁ ଫେରିବେ ।''

''ଛାଡ଼, ଆଉ ସେ ସମ୍ପର୍କରେ ଆଲୋଚନା କରି ଲାଭ ନାହିଁ ।'' କହୁ କହୁ ଡକ୍ଟର ଏଟକିନ୍‌ସନ୍ ଉଠିଲେ । ''ଅଧିକ ଆଲୋଚନା କରିବା ଅର୍ଥ ବନ୍ଧୁରାଷ୍ଟ୍ରର ଅଧିକ ଅମଙ୍ଗଳ ଚିନ୍ତା କରିବା । ତୁମେ କିଛି ମନେ କରିବ ନାହିଁ ପୁଷ୍ପିତା, ମୁଁ ଏବେ ଯାଉଛି । ରାତି ଅନେକ ହୋଇଗଲାଣି । ଆଜି ପରା ସୋୟୁଜ-୧୧

Digitized by srujanika@gmail.com

ମହାକାଶଯାନ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବ ? ସେମାନେ ଯେମିତି ସୁରୁଖୁରୁରେ ପୃଥିବୀକୁ ଫେରି ଆସନ୍ତୁ, ଏତିକି ଈଶ୍ୱରଙ୍କଠାରେ ପ୍ରାର୍ଥନା ।''

ଏତକ କହି ଡକ୍ଟର ଏଟକିନ୍‌ସନ୍ ଆମ ଦୁହିଁଙ୍କୁ ଶୁଭରାତ୍ରି ଜଣାଇ ବାହାରିଗଲେ । ସେତେବେଳପର୍ଯ୍ୟନ୍ତ କ୍ୟାଥିର ମୁଖମଣ୍ଡଳ ଏକ ଅଜଣା ଭୟ ଓ ଆଶଙ୍କାରେ ନିଷ୍ପ୍ରଭ ହୋଇ ଯାଇଥାଏ । ଏମିତିକି ଡକ୍ଟର ଏଟ୍‌କିନ୍‌ସନ୍ ଗଲାବେଳେ ସେ ତାଙ୍କୁ ଶୁଭରାତ୍ରି ଜଣାଇ ପାରିଲାନି ।

ଡକ୍ଟର ଏଟକିନ୍‌ସନ୍ ଚାଲିଗଲା ପରେ ମୁଁ କ୍ୟାଥିଠାରେ ବସିପଡ଼ି ପଚାରିଲି ।'' ତୁ ଏମିତି କ'ଣ ସବୁ କହିଗଲୁ କ୍ୟାଥି ? ଯିଏ ଶୁଣିବ, ସେ ଆମକୁ କେତେ ଖରାପ ଭାବିବ କହତ ? ରୁଷ ଦେଶର ମହାକାଶଚାରୀମାନେ ବର୍ତ୍ତମାନ ପରା ମହାକାଶରେ ବେଶ୍ ସଫଳତାର ସହିତ ପରିକ୍ରମା କରୁଛନ୍ତି । ଆଜି ସେମାନଙ୍କର ଫେରିବା ଦିନ । ସେମାନଙ୍କ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରି ସାରା ପୃଥିବୀ ଅନାଇ ବସିଛି । ଆଉ କେଇ ଘଣ୍ଟା ପରେ ସାରା ପୃଥିବୀ ମୁଖରେ ସେମାନଙ୍କ ଅପୂର୍ବ କୃତିତ୍ୱର ହେବ ଉଚ୍ଛ୍ୱସିତ ପ୍ରଶଂସା । ସେତିକିବେଳେ ତୁ କ'ଣ ଭାବୁଛୁ ନା' ସେମାନଙ୍କ ଅମଙ୍ଗଳ ।

''ନା ଲୋ ପୁଷ୍ପିତା, ହଠାତ୍ ମୋ ମନକୁ ଏଭଳି ଅଶୁଭ କଥାଟା କାହିଁକି ଚାଲିଆସିଲା ମୁଁ ବି ବୁଝିପାରୁନି । ମୋତେ ଭାରି ଖରାପ ଲାଗିଲାଣି । ମୁଁ ଯାଉଛି, ତୁ ଥା । କାଲି ଦେଖାହେବ ।'' ଏତକ କହି ବିଦାୟ ନେଲା କ୍ୟାଥି ।

× × × ×

ଜୋଡ୍ରାଲ ବେଙ୍କ ବେତାର ପର୍ଯ୍ୟବେକ୍ଷଣାଗାରର ପ୍ରଧାନ ଜ୍ୟୋତିର୍ବିଦ୍ ଡକ୍ଟର ମାଇକେଲସନ୍ ମହାକାଶ ମଧ୍ୟରେ ନିତିଦିନିଆ ପର୍ଯ୍ୟବେକ୍ଷଣ କରୁ କରୁ କ'ଣ ଦେଖି ହଠାତ୍ ଚମକି ପଡ଼ିଲେ । ସଙ୍ଗେ ସଙ୍ଗେ ଡକାଇ ପଠାଇଲେ ସହକାରୀ ଡିରେକ୍ଟର ଡକ୍ଟର ଏଟ୍‌କିନ୍‌ସନ୍‌ଙ୍କୁ ଓ ମୋତେ ! ମୁଖରେ ତାଙ୍କର ବିସ୍ମୟ କୁଞ୍ଚନରେଖା; ମନ ତାଙ୍କର ଚଞ୍ଚଳ ଓ ଭାରାକ୍ରାନ୍ତ । ଆମେ ଦୁହେଁ ପହଞ୍ଚି ଯାଆନ୍ତେ, ସେ ଆମ ଦୁହିଁଙ୍କୁ ଟାଣି ନେଇ ଘେନିଗଲେ ଦୂରବୀକ୍ଷଣ ନିକଟକୁ । ଦେଖିଲ ଦେଖିଲ, ଏ କି ଅଦ୍ଭୁତ ଦୃଶ୍ୟ ! ଦୂର ମହାଶୂନ୍ୟରେ ଦେଖୁନାହଁ ସେହି ଅଜଣା ଯାନଟିକୁ । କୃତ୍ତିକା ନକ୍ଷତ୍ର ମଣ୍ଡଳ ଭିତରୁ ବାହାରି କୁଆଡ଼କୁ ଆସୁଛି କହିଲ ? ପୃଥିବୀ ଆଡ଼କୁ ନୁହେଁ କି ?

ଡକ୍ଟର ଏଟ୍‌କିନ୍‌ସନ୍ ଦୂରବୀକ୍ଷଣରେ ଆଖି ଲଗାଇବା ପୂର୍ବରୁ ମୁଁ ଯାଇ ମହାକାଶର ସେହି ଅପୂର୍ବ ପରୀକ୍ଷା କରିବାରେ ଲାଗିଗଲି । ପୃଥିବୀଠାରୁ କୋଟି କୋଟି ମାଇଲ ଦୂରରେ ମହାକାଶଯାନଟିଏ, ଧୀର ମନ୍ଥର ଗତିରେ ଆଗେଇଆସୁଛି;

Digitized by srujanika@gmail.com

ମନେହେଉଛି ଏହି ଯାନଟି ଯେମିତି ପୃଥିବୀ ଅଭିମୁଖେ ଚାଲିଛି । ଦୂରବୀକ୍ଷଣରୁ କ୍ଷଣକ ପାଇଁ ଆଖି ବାହାର କରି ପଚାରିଲି, "ସାର୍ ଏହା ଦୃଷ୍ଟିଭ୍ରମ ନୁହେଁ ତ ?"

ହସିଲେ ବୃଦ୍ଧ ମାଇକେଲସନ୍ । "ଗତ ପଚାଶବର୍ଷ ଧରି ମହାକାଶକୁ ନିରୀକ୍ଷଣ କରି କରି ବୁଢ଼ା ହେଲି, ମୁଁ କ'ଣ ସେତକ ଅଭିଜ୍ଞତା ହାସଲ କରିନି ପୁଷ୍ପିତା, କେଉଁଟା ଦୃଷ୍ଟିଭ୍ରମ ଓ କେଉଁଟା ବାସ୍ତବ ଦୃଶ୍ୟ ତୁମେ ମୋତେ ଶିକ୍ଷା ଦେବ ? ତୁମେ ଯାହା ଦେଖୁଛ, ତାହା ଦୃଷ୍ଟିଭ୍ରମ ନୁହେଁ । ଆହୁରି କିଛି ସମୟ ନିରୀକ୍ଷଣ କର, ଏହା ଦୃଷ୍ଟିଭ୍ରମର କୁହେଳି ନୁହଁ ବୋଲି ତୁମେ ମଧ୍ୟ ନିଜେ ଅନୁଭବ କରିପାରିବ । ବାସ୍ତବ ଦୃଶ୍ୟ ଓ ଦୃଷ୍ଟିଭ୍ରମ ଭିତରେ ପାର୍ଥକ୍ୟ ଜାଣିବା ସେମିତି କିଛି ଜଟିଳ ନୁହେଁ ପୁଷ୍ପିତା ।

"ମୁଁ ଆପଣଙ୍କ ସହିତ ପୂରାପୂରି ଏକମତ ସାର୍ ।" ଦୂରବୀକ୍ଷଣଠାରୁ ଆଖି ବାହାର କରୁ କରୁ ଡକ୍ଟର ଏଟକିନ୍‌ସନ୍ କହିଲେ । "ମୋତେ ଜଣା ପଡୁଛି ଏହି ସଙ୍ଗହୀନ ମହାକାଶ ଯାନଟି କୃତ୍ତିକା ନକ୍ଷତ୍ରରୁ ବାହାରି ପୃଥିବୀ ଆଡ଼କୁ ଆଗେଇ ଆସୁଛି ।"

"ଆଉ ସେ ଗଣନା ଦେଖିଲଣି, ଏଟ୍‌କିନ୍‌ସନ୍ ? ଯାନଟିର ବେଗ କେତେ ଜାଣିଛ ? ସେଠି ଦେଖ, ଗଣନା କରାଯାଇ ବାହାର କରାଯାଇଛି, ଯାନଟି ପୃଥିବୀ ଆଡ଼କୁ ଆଗେଇ ଆସୁଛି ସେକେଣ୍ଡକୁ ଲକ୍ଷେ ଷାଠିଏ ହଜାର ମାଇଲ ବେଗରେ ।"

"ଆଁ, ସେକେଣ୍ଡକୁ ଲକ୍ଷେ ଷାଠିଏ ହଜାର ମାଇଲ ?" ଚମକି ପଡ଼ିଲି ମୁଁ, ତା ହେଲେ ଆଲୋକ ବେଗର ପାଖାପାଖି । ତା ଯଦି ହୁଏ, ତେବେ ଏହାତ ସଙ୍ଗେ ସଙ୍ଗେ ଆମ ପୃଥିବୀର ସନ୍ନିକଟ ହୋଇଯିବ ।

ପୁଣି ହସିଲେ ବୃଦ୍ଧ ମାଇକେଲସନ୍ । "ତୁମର ଏଭଳି ବାଳିକାସୁଲଭ ଚପଳତା ବେଶ୍ ଆଦରଣୀୟ ହେଲେ ବି ଜଣେ ଜ୍ୟୋତିର୍ବିଜ୍ଞାନୀଠାରେ ଏଭଳି ଆଶା କରାଯାଏନି ପୁଷ୍ପିତା । କୌଣସି ବିଷୟକୁ ଯଥାଯଥ ଭାବରେ ଚିନ୍ତା ନ କରି ହଠାତ୍ ଏଭଳି ଟିପ୍‌ପଣୀ ଦେଇଦେବା ତୁମ ପକ୍ଷରେ ସମ୍ମାନଜନକ ନୁହେଁ । ଜଣେ ସାଧାରଣ ଲୋକ କୌଣସି କଥାରେ ଯେମିତି ଆଶ୍ଚର୍ଯ୍ୟତା ପ୍ରକାଶ କରେ, ତୁମେ ଯଦି ସେଭଳି କର, ତେବେ ଜଣେ ଉଚ୍ଚଶିକ୍ଷିତା ଜ୍ୟୋତିର୍ବିଦ୍ ଓ ସାଧାରଣ ଲୋକ ମଧ୍ୟରେ ପାର୍ଥକ୍ୟ କେଉଁଠି ରହିଲା ମୁଁ ବୁଝି ପାରୁନି ।"

Digitized by srujanika@gmail.com

ପ୍ରଧାନ ଜ୍ୟୋତିର୍ବିଦ୍‌ଙ୍କଠାରୁ ଏଭଳି କଡ଼ା ତାଗିଦ୍ ଶୁଣି ଲଜ୍ଜିତ ତଥା ଅନୁତପ୍ତ ହେଲି । ନିଜକୁ ଦୋଷୀଭଳି ମଣି ବୃଦ୍ଧଙ୍କ ଆଗରେ ଚୁପକରି ଠିଆହୋଇ ରହିଲି ।

ବୃଦ୍ଧ କହି ଚାଲିଲେ, "ସେଇ ବ୍ଲାକ୍‌ବୋର୍ଡରେ ପରା ମୁଁ କଷି ଦେଇଛି ଯେ ଯାନଟିର ଦୂରତ୍ୱ ପୃଥିବୀଠାରୁ ଯାହା ଅଛି, ଯାନଟି ଯଦି ସେକେଣ୍ଡକୁ ଲକ୍ଷେ ଷାଠିଏ ହଜାର ମାଇଲ ବେଗରେ ଆସେ, ତେବେ ପୃଥିବୀରେ ପହଞ୍ଚିବାକୁ ଲାଗିବ ଅନ୍ୟୂନ ଅଢ଼େଇ ଘଣ୍ଟା ।

"ବର୍ତ୍ତମାନ ସମସ୍ୟା ହେଉଛି, ଏହି ଯାନଟି ଯଦି ପୃଥିବୀ ଆଡ଼କୁ କୌଣସି ଶତ୍ରୁତା ପରବଶ ହୋଇ ଆସୁଥାଏ, ତେବେ ଏହା ଆମ୍ଭମାନଙ୍କର ନିଶ୍ଚୟ କିଛି କ୍ଷତି ଘଟାଇବ । ତେଣୁ ଏତିକିବେଳୁ ପୃଥିବୀବାସୀଙ୍କୁ ଆମର ସଜାଗ କରି ରଖିବା ଉଚିତ ନୁହେଁ କି ? ଯେହେତୁ ଆମର ଦୂରବୀକ୍ଷଣ ଯନ୍ତ୍ର ପୃଥିବୀରେ ସବୁଠାରୁ ଶକ୍ତିଶାଳୀ, ମହାକାଶ ଆକ୍ରମଣରୁ ପୃଥିବୀକୁ ଜଗିବା କାମ ପ୍ରଧାନତଃ ହିଁ ଆମର ।" କହିଲେ ଡକ୍ଟର ମାଇକେଲସନ୍ ।

"ହଁ ସାର୍, ଆପଣ ଯାହା ବିଚାରୁଛନ୍ତି ତାହା ପୂରାପୂରି ଠିକ୍ । ସାନ୍‌ଫ୍ରାନ୍‌ସିସ୍କୋଠାରେ ଅନୁଷ୍ଠିତ ଗତ ଆନ୍ତର୍ଜାତିକ ଜ୍ୟୋତିର୍ବିଦ୍ ସମ୍ମିଳନୀରେ ମାର୍କିନ ବିଶେଷଜ୍ଞ ବାରନାର୍ଡ ଓ ଅଲିଭର କ'ଣ କହିଥିଲେ ମନେ ନାହିଁ ସାର୍ ? ସେମାନେ ପରା କହିଥିଲେ ମହାକାଶ ଆକ୍ରମଣରୁ ପୃଥିବୀକୁ ଜଗିବା କାମ ମୋଟାମୋଟି ମାନମନ୍ଦିରର । ଦୂର ମହାକାଶରୁ ପୃଥିବୀ ଆଡ଼କୁ କ'ଣ ଆସିଲା, କିଏ ଆସିଲା, ସେମାନେ ଯେମିତି ଧରିପାରିବେ, ଅନ୍ୟ କେହି ସେଭଳି ଧରି ପାରିବେନି । ଏହି ବିଶ୍ୱରେ ପୃଥିବୀ ତିଷ୍ଠି ରହିବାକୁ ହେଲେ ଆମ ମାନମନ୍ଦିର ଭଳି ଗୁଡ଼ିଏ ମାନମନ୍ଦିର ରହିବା ଦରକାର । ତା ନ ହେଲେ ଅନ୍ୟ ଗ୍ରହ ଗ୍ରହାନ୍ତରରେ କ'ଣ ଘଟୁଛି, ଆମେ ପୃଥିବୀରୁ ଥାଇ ଜାଣିପାରିବା ନାହିଁ । ସେ ପରା ଆହୁରି ସୂଚାଇଥିଲେ ପୃଥିବୀର ବିଭିନ୍ନ ସ୍ଥାନରେ ଅନ୍ୟୂନ ପାଞ୍ଚହଜାର ଗୋଟି ବେତାର ଦୂରବୀକ୍ଷଣ ଯନ୍ତ୍ର ଯଦି ବସାଯାଆନ୍ତା ଓ ପ୍ରତ୍ୟେକରେ ଯଦି ଅନ୍ତତଃ ଶହେଫୁଟ ବ୍ୟାସ ବିଶିଷ୍ଟ ପ୍ରତିଫଳକ ଥାଆନ୍ତା, ତେବେ ଆମେ ବିଶ୍ୱର ଅନ୍ୟ କୌଣସି ଗ୍ରହ ଓ ଉପଗ୍ରହର ପ୍ରାଣୀମାନଙ୍କ ଫୁସ୍‌ଫାସ୍ ଶବ୍ଦ ଓ କଥାବାର୍ତ୍ତା ବି ଶୁଣିପାରନ୍ତୁ ।"

ହସିଲେ ବୃଦ୍ଧ ମାଇକେଲସନ୍, "ଅଲିଭର ଓ ବାରନାର୍ଡ୍‌ଙ୍କର କ'ଣ ଠିକଣା ଥାଏ କଥା କହିଲା ବେଳେ । ସେମାନେ କହୁ କହୁ କ'ଣ ଯେ କହିଯାଆନ୍ତି ମୁଁ ବୁଝି ପାରେନି । ଜଣେ ବାସ୍ତବବାଦୀ ବୈଜ୍ଞାନିକ ଯଦି ଭାବପ୍ରବଣ ହୋଇଯାଏ, ତେବେ ସବୁ ଗଲା । ମୋତେ ବାରନାର୍ଡ୍‌ର ଅନେକ ଗୁଣ ଭଲ ଲାଗେ, କିନ୍ତୁ

Digitized by srujanika@gmail.com

ତାର ଏହି ଭାବପ୍ରବଣତାକୁ ମୁଁ ପସନ୍ଦ କରିପାରେନି । ଭାବପ୍ରବଣତାରେ ଭାସିଯାଇ କହୁ କହୁ ମୁହଁରୁ ଯଦି କେତୋଟି ଅସ୍ୱାଭାବିକ କଥା ବାହାରି ପଡ଼ିଲା, ତାହା ଭାଷଣର ଗୁରୁତ୍ୱକୁ କେତେ କମାଇ ଦିଏ, ସେମାନେ ଭାବିପାରନ୍ତି ନାହିଁ । ମୁଁ ଏହି କିଛି ସମୟତଳେ ଠିକ୍ ଏହିଭଳି କାରଣ ଯୋଗୁଁ ପୁଷିତାକୁ ପରା ଗାଳି ଦେଇଥିଲି ।

× × × ×

ଫୋନ୍ ବାଜି ଉଠିଲା, ଆରପାଖରୁ ଆମେରିକାର ମହାକାଶ ବିଶେଷଜ୍ଞ ଫୋନ୍‌ରେ କହିଲେ; "ହଁ, ହଁ, ମୁଁ ଡକ୍ଟର ହ୍ୟାରିଙ୍ଗଟନ୍ । ହିଉଷ୍ଟନ ମହାକାଶ ଗବେଷଣା କେନ୍ଦ୍ରରୁ କହୁଛି, "ହଁ ଆପଣ ? ଏଟ୍‌କିନ୍‌ସନ୍ ତ ?"

"ହଁ, ହଁ, ମୁଁ ଏଟ୍‌କିନ୍‌ସନ୍ ।"

"କଥା କ'ଣ, ହଠାତ୍ କେମିତି ଆମ କଥା ମନେ ପଡ଼ିଲା"

"ନା, ନା ମୋର ଆପଣଙ୍କ ସହିତ ଏକ ଗୁପ୍ତ କଥାବାର୍ତ୍ତା ଅଛି ।" ଏଟକିନସନ କହିଲେ ।

"କେଉଁ ବିଷୟରେ କହିବେ ? ସୋୟୁଜ-୧୧ ମହାକାଶଯାନ କଥା ତ କହିବେ ? ଆଉ କ'ଣ ? ଆପଣଙ୍କଠାରୁ ସୋୟୁଜ-୧୧ ମହାକାଶଯାନର କୃତିତ୍ୱ କଥା ଶୁଣି ଶୁଣି ମୋ କାନ ବଧିରା ପାଲଟି ଗଲାଣି । ସୋୟୁଜ-୧୧ ମହାକାଶଯାନ ଏ କୃତିତ୍ୱ ହାସଲ କଲା; ଏମିତି ଦକ୍ଷତା ଦେଖାଇଲା, ସେମିତି କାମରେ ସର୍ବପ୍ରଥମ, ସୋୟୁଜ-୧୧ ମହାକାଶଯାନ ଯାହା କରିପାରିଛି, ଅନ୍ୟ କୌଣସି ମହାକାଶଯାନ ସେମିତି କରି ପାରିବନି, ଏହିଭଳି କଥାଗୁଡ଼ିଏ ତ କହିବେ ? ଆପଣମାନଙ୍କୁ ସୋଭିଏଟ୍‌ମାନେ କ'ଣ ଇଂଲଣ୍ଡରେ ସେମାନଙ୍କ ମୁଖପାତ୍ର ଭାବରେ ରଖିଛନ୍ତି ? ସେମାନେ ଯଦି ମହାକାଶରେ ସାମାନ୍ୟ କିଛି କୃତିତ୍ୱ ଅର୍ଜନ କଲେ, ଆପଣମାନେ ପୃଥିବୀସାରା ଡିଣ୍ଡିମ ପିଟିବେ । ସେମିତି କାମ ଅନ୍ୟ କେହି କଲେ, ଆପଣମାନେ ଚୁପ୍ । ସେଥିପାଇଁ ମୁଁ କହେ ଆପଣମାନେ ହେଲେ ସୋଭିଏଟ୍ ଜ୍ୟୋତିର୍ବିଜ୍ଞାନୀ ସମାଜର ମୁଖପାତ୍ର । ନୁହେଁ ? ମୁଁ କ'ଣ ଭୁଲ କହୁଛି ?"

"ଆପଣଙ୍କର ସବୁବେଳେ ସେଇ ଗୋଟିଏ କଥା । ମୁଁ ଫୋନ୍ ଧରିଲେ ଆପଣ ସବୁବେଳେ ଠିକ ଏଇ କଥାଟି କହନ୍ତି । ଆପଣ ନିଜେ କହୁଛନ୍ତି, କି ଡିକ୍‌ଟାଫୋନ୍‌ରେ ରେକର୍ଡିଂ କରି ବଜାଇ ଦିଅନ୍ତି ମୁଁ ଜାଣିପାରେ ନାହିଁ, ହେଉ ଛାଡ଼ନ୍ତୁ ସେକଥା । ମୁଁ ବର୍ତ୍ତମାନ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଆପଣଙ୍କୁ କହିବାକୁ ଯାଉଛି । ଏଠି ନିକଟରେ ପ୍ରଧାନ ଜ୍ୟୋତିର୍ବିଦ୍ ଡକ୍ଟର ମାଇକେଲସନ୍

Digitized by srujanika@gmail.com

ବସିଛନ୍ତି । ଶୁଣନ୍ତୁ, ଆମ ଦୂରବୀକ୍ଷଣରେ ବର୍ତ୍ତମାନ ଧରାପଡ଼ିଛି ଯେ ଏକ ଅଜଣା ମହାକାଶଯାନ ଖୁବ୍ ଦୂର ମହାକାଶରୁ ପୃଥିବୀ ଆଡ଼କୁ ଧାବମାନ ହେଉଛି ସେକେଣ୍ଡକୁ ଲକ୍ଷେ ଷାଠିଏ ହଜାର ମାଇଲ ବେଗରେ । ଆଶା କରାଯାଉଛି ଏହା ଆଉ ମାତ୍ର ଅଢ଼େଇଘଣ୍ଟା ପରେ ପୃଥିବୀ ନିକଟରେ ପହଞ୍ଚିଯିବ । ଏହା ଯଦି ଶତ୍ରୁତା ପରବଶ ହୋଇ ଆସୁଥାଏ, ତେବେ ପୃଥିବୀ ପ୍ରତି ମହାବିପଦ ।''

''ଆଁ, ମହାକାଶଯାନ ଆଲୋକର ପାଖାପାଖି ବେଗରେ, ପୁଣି ପୃଥିବୀ ଆଡ଼କୁ ଆସୁଛି । ଆପଣ କ'ଣ ଯେ କହୁଛନ୍ତି ମୁଁ ବୁଝିପାରୁନି ଡକ୍ଟର । ଯଦି ଏହା ସତ୍ୟ ହୋଇଥାଏ, ତେବେ ଆଗମନର ଉଦ୍ଦେଶ୍ୟ ?

''ତାହା ତ ଆମେ ଜାଣିପାରୁନୁ । ଆପଣମାନଙ୍କୁ ଜଣାଇଦେବା ଉଚିତ ମନେ କରି ଫୋନ୍ କଲୁ । ସୋଭିଯେଟ୍ ସରକାରଙ୍କୁ ମଧ୍ୟ ଜଣାଇ ଦେଇଛୁ । ଯେତେବେଳେ ପୃଥିବୀକୁ ଜଗିବା ଦାୟିତ୍ୱ ଆମକୁ ଦିଆଯାଇଛି; ଆମର ଆଉ ଚାରା କ'ଣ ? ଏହା ସତ୍ ଉଦ୍ଦେଶ୍ୟ ନେଇ ଆସୁଛି କି ଅସତ୍ ଉଦ୍ଦେଶ୍ୟ ନେଇ ଆସୁଛି; ସେକଥା ଆପଣମାନେ ବୁଝିବେ'' ଏଟ୍‌କିନ୍‌ସନ୍ କହିଲେ ।

''କିନ୍ତୁ ଆମ ମାନମନ୍ଦିରଗୁଡ଼ାକ କିଛି ନ କରି ଚୁପ୍ ହୋଇ ବସି ରହିଛନ୍ତି କାହିଁକି ? କାହିଁ; ସେମାନେତ ଏପର୍ଯ୍ୟନ୍ତ ଆମକୁ ସେ ସମ୍ବନ୍ଧରେ କିଛି ଶୁଣାଇ ନାହାନ୍ତି ? ମୁଁ ବର୍ତ୍ତମାନ ବୁଝୁଛି କ'ଣ ହୋଇଛି । ହେଉ ଏହି ଗୁରୁତ୍ୱପୂର୍ଣ୍ଣ ଖବର ପାଇଁ ଅଶେଷ ଧନ୍ୟବାଦ ।''

ଆମେରିକାର ମହାକାଶ କେନ୍ଦ୍ର ହିଉଷ୍ଟନ୍‌ରେ ଜ୍ୟୋତିର୍ବିଜ୍ଞାନବିତ୍ ଓ ଅନ୍ୟ ବୈଜ୍ଞାନିକମାନଙ୍କର ଏକ ସମ୍ମିଳନୀ । ମାର୍କିନ୍ ବୈଜ୍ଞାନିକମାନେ ମଧ୍ୟ ସେହି ମହାକାଶଯାନ ଆସିବା କଥା ଆବିଷ୍କାର କରି ସାରିଲେଣି । ପୃଥିବୀର ନିକଟ ହେବା ଆଉ ଅଧଘଣ୍ଟାଏ ସମୟରୁ ଅଧିକ ନାହିଁ । ଏହି ଯାନଟି କାହାର ଓ କେଉଁ ଉଦ୍ଦେଶ୍ୟ ନେଇ ଆସୁଛି, ଜାଣିବାପାଇଁ ସମସ୍ତେ ବ୍ୟଗ୍ର । ସେମାନଙ୍କ ଉଦ୍ଦେଶ୍ୟ ଶାନ୍ତିମୂଳକ କି ବିଦ୍ୱେଷମୂଳକ ତାହା ନିର୍ଣ୍ଣୟ କରିବାପାଇଁ କେତେ ବାଗ୍‌ବିତଣ୍ଡା ହୋଇଗଲାଣି । କୌଣସି ଗୋଟିଏ କଥା ଉପରେ ବୈଜ୍ଞାନିକମାନେ ଏକମତ ହୋଇ ପାରୁ ନାହାନ୍ତି । ସମସ୍ତେ ଏକରକମ ଆଶୁ ବିପଦର ସମ୍ଭାବନାରେ ମ୍ରିୟମାଣ ।

ମାର୍କିନ୍‌ମାନଙ୍କ ଭଳି ରୁଷୀୟମାନେ ମଧ୍ୟ ଏହି ଆଶୁ ବିପଦର ଆଶଙ୍କାରେ ଅତ୍ୟଧିକ ବିବ୍ରତ ହୋଇ ପଡ଼ିଥାନ୍ତି । ସେମାନଙ୍କ ''ଭାବନା'' ଏହା ଯଦି କୌଣସି ବିଦ୍ୱେଷମୂଳକ ଉଦ୍ଦେଶ୍ୟ ନେଇ ପୃଥିବୀ ଆକ୍ରମଣ କରିବାକୁ ଆସୁଥାଏ ତେବେ ଆହୁରି ବିପଦ । ପୃଥିବୀରେ ନିଜ ନିଜ ମଧ୍ୟରେ ନାନାପ୍ରକାର ଦ୍ୱେଷମୂଳକ

Digitized by srujanika@gmail.com

ମନୋଭାବ ଥିବାବେଳେ ସମସ୍ତଙ୍କୁ ଏକାଠି କରି ଏହି ଯାନର ପ୍ରତିରୋଧ କରିବା କ'ଣ ସମ୍ଭବ ? ତାହା ଯଦି ନ ହୁଏ; ତେବେ ବିଜ୍ଞାନରେ ଉନ୍ନତ ସେହି ଯାନଟିକୁ ପ୍ରତିରୋଧ କରିବା କ'ଣ କେବଳ ରୁଷୀୟମାନଙ୍କ ପକ୍ଷରେ ଏକା ସମ୍ଭବ ହେବ ? ରୁଷୀୟମାନେ ପୃଥିବୀ ଆକ୍ରମଣ ପ୍ରତି ଯେତେ ଆଶଙ୍କା କରୁ ନ ଥାନ୍ତି; ସେମାନଙ୍କ ଅଧିକ ଆଶଙ୍କା ଥାଏ ସୋୟୁଜ ଏକାଦଶ ମହାକାଶଯାନ ଓ ସେଲ୍ୟୁଟ ମହାକାଶ ଷ୍ଟେସନ ପାଇଁ । ସେମାନଙ୍କ ଆଶଙ୍କା ଏହି ନବାଗତ ମହାକାଶଯାନଟି ସେମାନଙ୍କ ସୋୟୁଜ ଏକାଦଶ ଓ ସେଲ୍ୟୁଟ ମହାକାଶ ଷ୍ଟେସନକୁ ଆକ୍ରମଣ କରି ଯଦି ନଷ୍ଟ କରିଦିଏ; ତେବେ ସେମାନେ କରିବେ କଅଣ ? ମହାଶୂନ୍ୟରେ ଥାଇ ସେମାନଙ୍କୁ ପ୍ରତିରୋଧ କରିବା କ'ଣ କେବେ ସମ୍ଭବ ହେବ ?

ନବାଗତ ମହାକାଶଯାନଟି ନେଇ ସୋଭିୟେଟ ବିଜ୍ଞାନୀ ମହଲରେ ଯେତେ ଚହଳ ପଡ଼ି ନ ଥାଏ; ତା'ଠାରୁ ଅଧିକ ପଡ଼ିଥାଏ ମହାକାଶ କେନ୍ଦ୍ରରେ । ସୋଭିୟେଟ୍ ମହାକାଶ ଗବେଷଣାର ନିର୍ଦ୍ଦେଶକମାନେ ଠିକ୍ କରିପାରୁ ନ ଥାନ୍ତି ଏଭଳି ଏକ ବିପଦ ଘନେଇ ଆସୁଥିବା ବେଳେ ସେମାନେ ସେମାନଙ୍କ ସୋୟୁଜ-୧୧ ମହାକାଶଯାନ ଓ ସେଥି ଭିତରେ ଥିବା ମହାକାଶଚାରୀମାନଙ୍କୁ ମହାଶୂନ୍ୟରେ ସେଭଳି ଅରକ୍ଷଣୀୟ ଅବସ୍ଥାରେ ଛାଡ଼ି ଦେବା ଉଚିତ ହେବକି ନାହିଁ ? ସେମାନଙ୍କର ପ୍ରଧାନ ଚିନ୍ତା; ନବାଗତ ମହାକାଶଯାନଟି ଯଦି ପୃଥିବୀକୁ ଆକ୍ରମଣ କରେ, ତେବେ ପୃଥିବୀବାସୀମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ବଳରେ ହୁଏତ ସେହି ଯାନର ମୁକାବିଲା କରିପାରିବେ; କିନ୍ତୁ ନବାଗତ ଯାନଟି ଯଦି ପୃଥିବୀକୁ ଆସିବା ପୂର୍ବରୁ ସେମାନଙ୍କ ସେଲ୍ୟୁଟ୍ ମହାକାଶ ଷ୍ଟେସନ ଓ ସେଥିସହ ସୋୟୁଜ-୧୧ ମହାକାଶଯାନକୁ ଆକ୍ରମଣ କରେ, ତେବେ ସେଥିରେ ଥିବା ନିରସ୍ତ୍ର ମହାକାଶଯାତ୍ରୀମାନେ ନିଜ ନିଜ ଜୀବନକୁ ରକ୍ଷା କରିପାରିବେ କେମିତି ? ସେମାନେ ତ ମହାଶୂନ୍ୟ ଅଭିଯାନରେ ଗଲାବେଳେ ନିଜ ସହିତ ସେମିତି କିଛି ଉନ୍ନତ ଅସ୍ତ୍ରଶସ୍ତ୍ର ନେଇ ଯାଇନାହାନ୍ତି, ଯାହା ସାହାଯ୍ୟରେ ସେମାନେ ଆତ୍ମରକ୍ଷା କରିପାରିବେ । ମହାକାଶଚାରୀମାନଙ୍କୁ ଫେରାଇ ଆଣିବେ କି ସେଠାରେ ସେମାନଙ୍କୁ ରହିବାକୁ ଦେବେ, ନିର୍ଦ୍ଦେଶକମାନେ ସ୍ଥିରକରି ପାରୁ ନ ଥାନ୍ତି । ସୋୟୁଜ-୧୧ ଜୁନମାସ ୬ ତାରିଖରୁ ମହାକାଶକୁ ଗଲାଣି । ସେମାନେ ଏଥିପୂର୍ବରୁ ମହାକାଶକୁ ଛଡ଼ା ଯାଇଥିବା ସେଲ୍ୟୁଟ୍ ମହାକାଶ ଷ୍ଟେସନ ସହିତ ଯେଉଁ ସଫଳତାର ସହିତ ସଂଯୋଗସ୍ଥାପନ କରିପାରିଛନ୍ତି ଓ ସେଲ୍ୟୁଟ୍ ମହାକାଶ ଷ୍ଟେସନ ଅପ୍ରେଲ ମାସ ୧୯ ତାରିଖରୁ ମହାକାଶରେ ଛଡ଼ା ଯାଇଥିଲେହେଁ ଏମାନେ ଯେମିତି ଭାବରେ ସେଲ୍ୟୁଟ୍ ମହାକାଶ ଷ୍ଟେସନ ଭିତରକୁ ଯାଇ ପାରିଛନ୍ତି ଓ ସେଥିଭିତରେ ମୃତ୍ତିକା ଆଦି ନେଇ ମଞ୍ଜିପୋତି ଯେଉଁକି

Digitized by srujanika@gmail.com

ଭାବରେ ଚାଷ କରିବା ଆରମ୍ଭ କରିଦେଇଛନ୍ତି, ତାହା ସେମାନଙ୍କର କମ୍ ଗୌରବ ବୃଦ୍ଧି କରୁନି । ମହାକାଶରେ ପରିକ୍ରମା କଲାବେଳେ ସେମାନେ ଏହି ଉଦ୍ଭିଦର ଆଶ୍ଚର୍ଯ୍ୟଜନକ ବୃଦ୍ଧି ହେବା ଦେଖି ସେମାନେ ଯେଉଁ ଆହ୍ଲାଦିତ ହେଉଛନ୍ତି, ତା'ର ସୀମା ନାଇଁ । ଏତଦ୍‌ବ୍ୟତୀତ ମହାକାଶ ସମ୍ବନ୍ଧୀୟ ଆହୁରି ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଗବେଷଣା ସେମାନେ ଚଳାଇଛନ୍ତି, ସେହି ଗବେଷଣାକୁ ବନ୍ଦକରି ଦେଇ ସେମାନଙ୍କୁ ପୃଥିବୀକୁ ଫେରାଇ ଆଣିବା କ'ଣ ଉଚିତ ହେବ ? ଏକ ମାସରୁ ଅଧିକ କାଳପାଇଁ ମହାକାଶଚାରୀମାନେ ମହାଶୂନ୍ୟରେ ରହିବା ପ୍ରୋଗ୍ରାମ ପ୍ରସ୍ତୁତ ହୋଇଥିଲାବେଳେ ଏକମାସ ନ ପୂରୁଣୁ ସେମାନଙ୍କୁ ହଠାତ୍ ପୃଥିବୀକୁ ଘେନି ଆସିବା କ'ଣ ବିଜ୍ଞତାର ବିଷୟ ହେବ ? ତେବେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ମହାକାଶଚାରୀମାନଙ୍କ ସହିତ ଆଲୋଚନା କରିନେବା ଉଚିତ ହେବ ।

"ହ୍ୟାଲୋ; ହ୍ୟାଲୋ; କିଏ କର୍ଣ୍ଣେଲ ଭବ୍ରଭଲସ୍କି ?" ମହାକାଶ ଗବେଷଣାର ନିର୍ଦ୍ଦେଶକ ଡକ୍ଟର ଡକ୍ଷୋଭସ୍କି ପାଟିକରି ଉଠିଲେ; "ମୁଁ ଡକ୍ଷୋଭସ୍କି କହୁଛି । ତୁମେ ଆଉ ଭଲକୋଭ୍ ଓ ଭିକ୍‌ଟର୍ କେମିତି ମହାକାଶଯାନରେ ଅଛ ? ଭଲ ଅଛ ତ ? ତୁମମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅଛି । ତୁମେମାନେ ବର୍ତ୍ତମାନ ପାଇଁ ଆମ ସହିତ ଆଲୋଚନା କରିପାରିବତ ।

"ହଁ ହଁ, ମୁଁ ଭବ୍ରଭଲସ୍କି କହୁଛି । ଆମେ ଏଠାରେ ଖୁବ୍ ଭଲରେ ଅଛୁ । ଆପଣ କେଉଁ ବିଷୟରେ ଆଲୋଚନା କରିବାକୁ ଚାହୁଁଛନ୍ତି, ଆମେ ଅନୁମାନ କରିପାରୁଛୁ । ପର୍ଯ୍ୟବେକ୍ଷଣାଗାରର ବୈଜ୍ଞାନିକ ଓ ମାର୍କିନ ବୈଜ୍ଞାନିକମାନଙ୍କ ଭିତରେ ଏହି କିଛି ସମୟତଳେ ଯେଉଁ ଗୁପ୍ତ ବେତାର ଆଲୋଚନା ଚାଲିଥିଲା ଆମେ ତାକୁ ଏଠାରେ ଧରିପାରିଛୁ । ଆପଣ ଯେଉଁ ମହାକାଶଯାନ ନେଇ ବ୍ୟତିବ୍ୟସ୍ତ ହୋଇ ପଡ଼ିଛନ୍ତି, ଆମେ ସେହି ମହାକାଶଯାନ ଉପରେ କଡ଼ା ଦୃଷ୍ଟି ରଖିଛୁ । ଆପଣମାନେ ସେହି ମହାକାଶଯାନକୁ ଯେତେ ଭଲ ଭାବରେ ଦେଖି ପାରୁନାହାନ୍ତି, ଆମେ ତା'ଠାରୁ ଢେର ଅଧିକ ପରିଷ୍କାର ଦେଖିପାରୁଛୁ । ଯାନଟି ବେଶ୍ ଦ୍ରୁତଗତିରେ ପୃଥିବୀ ଆଡ଼କୁ ଆଗେଇ ଆସୁଛି । ଆମ ଗଣନାରୁ ଆମେ ଏଠି ଯାହା ଜାଣିପାରୁଛୁ ଯାନଟିର ବେଗ ସେକେଣ୍ଡକୁ ଦେଢ଼ଲକ୍ଷ ମାଇଲରୁ କମ୍ ନୁହେଁ । ତେଣୁ ଆମେ ଆଶା କରୁଛୁ ଏହା ଖୁବ୍ କମ୍ ସମୟ ମଧ୍ୟରେ ପୃଥିବୀର ଢେର ନିକଟକୁ ଚାଲିଆସିବ । ସେହି ଯାନଟି ଅନ୍ୟ କୌଣସି ଗ୍ରହ ଉପଗ୍ରହରେ ଥିବା ସୁସଭ୍ୟ ମଣିଷ ସମାଜର ଯାନ ଭଳି ଜଣାପଡୁଛି । ଏହା ଯେଉଁ ଭୀମବେଗରେ ଆଗେଇଆସୁଛି ଏହା ଆମ ଯାନଠାରୁ କେତେ ସହସ୍ର ଗୁଣ ଯେ ଅଧିକ ଉନ୍ନତ, ଏଥିରେ

Digitized by srujanika@gmail.com

ତିଳେମାତ୍ର ସନ୍ଦେହ ନାହିଁ । ତେବେ ଏହା ଦ୍ୱେଷ ମନୋଭାବ କି ବନ୍ଧୁ ମନୋଭାବ ନେଇ ଆସୁଛି, ଜାଣିବା ପୂର୍ବରୁ ଆମେ ଅଯଥା ଭୟଭୀତ ହୋଇପଡ଼ିବା ଅନୁଚିତ ।''

କିନ୍ତୁ ତୁମେ ଜାଣିଛ କର୍ଣ୍ଣେଲ, ଆମେ ଏଠି ସିଦ୍ଧାନ୍ତ କରି ସାରିଲୁଣି ସୋୟୁଜ୍-୧୧କୁ ପୃଥିବୀକୁ ଫେରାଇ ଆଣିବାକୁ ପଡ଼ିବ । ଏଭଳି ଏକ ବିପଦ ଘନେଇ ଆସୁଥିବାବେଳେ ଆମେ ତୁମମାନଙ୍କୁ ସେଠି ଅସହାୟ ଅବସ୍ଥାରେ ଛାଡ଼ିଦେବା ଉଚିତ ମନେକରୁନୁ । ପ୍ରକୃତ ମନୋଭାବ ଜାଣିଲା ବେଳକୁ ହୁଏତ ଢେର ବିଳମ୍ବ ହୋଇଯାଇଥିବ । ସେତେବେଳେ ତୁମମାନଙ୍କୁ ରକ୍ଷାକରିବାକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆମପକ୍ଷରେ ସମ୍ଭବ ହୋଇ ନ ପାରେ । ତେବେ ମୁଁ ପାଞ୍ଚମିନିଟ୍ ସମୟ ଦେଉଛି, ତୁମେ ଭଲକୋଭ୍ ଓ ଭିକ୍ଟର ତିନିଜଣଯାକ ନିଜ ନିଜ ମଧ୍ୟରେ ଆଲୋଚନା କରି ତୁମମାନଙ୍କ ମୀମାଂସା ମୋତେ ଜଣାଅ । ଆମ ସିଦ୍ଧାନ୍ତ ତ ମୁଁ ତୁମମାନଙ୍କୁ ଜଣାଇଦେଲି ।

''ରୁଷ ମହାକାଶଚାରୀମାନେ ସେମାନଙ୍କ ମହାକାଶ କାର୍ଯ୍ୟକ୍ରମ ହଠାତ୍ ବାତିଲ କରିଦେଇ ପୃଥିବୀକୁ ଫେରିଆସିବେ ।'' ଏହି ବାର୍ତ୍ତା ଯେତେବେଳେ ସୋଭିଏଟ୍ ଇଉନିୟନରେ ପ୍ରଚାର କରି ଦିଆଗଲା, ସାରା ସୋଭିୟେଟ୍ ଇଉନିୟନରେ ଚାଞ୍ଚଲ୍ୟ ଖେଳିଗଲା । ସୋଭିୟେଟ୍ ସରକାର ଗତ ତିନିଘଣ୍ଟା ତଳେ ଯେଉଁ ପ୍ରଚାର କରିଥିଲେ ଯେ ସୋୟୁଜ-୧୧ ମହାକାଶ ଯାନ ମହାକାଶରେ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ, ସେହି ପ୍ରୋଗ୍ରାମରେ ହଠାତ୍ ଏଭଳି ଭାବରେ ନାଟକୀୟ ପରିବର୍ତ୍ତନ କାହିଁକି ? ସୋଭିୟେଟ୍ ଅଧିବାସୀମାନେ ଏହାର କୌଣସି କାରଣ ଖୋଜି ପାଇବାପାଇଁ ଯେଭଳି ଅକ୍ଷମ, ସାଧାରଣ ମାର୍କିନବାସୀ ତଥା ଇଉରୋପ ବାସୀମାନେ କାରଣ ଖୋଜି ପାଇବାକୁ ସେଭଳି ଅକ୍ଷମ । କେଇ ଘଣ୍ଟା ତଳେ ସାରା ପୃଥିବୀକୁ ଯେଉଁ ସରକାର ଜଣାଇ ଦେଇଥିଲା ସୋୟୁଜ-୧୧ର ବିରାଟ ପ୍ରୋଗ୍ରାମ, ସେହି ସରକାର ହଠାତ୍ ଏଭଳି ନିର୍ଦ୍ଦେଶ ଦେଲା କେମିତି ? ସୋଭିୟେଟ୍ ସରକାରଙ୍କର ଏହି ସିଦ୍ଧାନ୍ତରେ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ଲାଗିଲେ ।

କିନ୍ତୁ ମାର୍କିନ ଜ୍ୟୋତିର୍ବିଜ୍ଞାନୀ ମହଲ ବା ଜ୍ୟୋତିର୍ବିଜ୍ଞାନୀମାନଙ୍କଠାରେ ଏହାର କାରଣ ଅଜଣା ରହିଲାନି । ସେମାନେ ମନେ ମନେ ସୋଭିୟେଟ୍ ସରକାରଙ୍କର ଏହି ସିଦ୍ଧାନ୍ତକୁ ସ୍ୱାଗତ କରୁଥିଲେ । ମହାକାଶଚାରୀମାନଙ୍କ ନିଷ୍ପତ୍ତି ଯେ ନବାଗତ ଯାନଟି ଦ୍ୱେଷ ମନୋଭାବ ନେଇଆସୁଛି ବୋଲି ନ ଜାଣିଲା ପର୍ଯ୍ୟନ୍ତ ସେମାନେ ପୃଥିବୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେନି, ଏହି ନିଷ୍ପତ୍ତି ସେମାନଙ୍କୁ ଭଲ ଲାଗୁ ନ ଥିଲା ।

Digitized by srujanika@gmail.com

ସୋୟୁଜ-୧୧ ମହାକାଶଯାନର ଶକ୍ତିଶାଳୀ ଦୂରବୀକ୍ଷଣ ସାହାଯ୍ୟରେ କର୍ଣ୍ଣେଲ ଉବ୍ରଭଲସ୍କି ନବାଗତ ଯାନଟିକୁ ନିରୀକ୍ଷଣ କରୁଥାନ୍ତି । ଚାହୁଁ ଚାହୁଁ ଏହା ଭୀମବେଗରେ ପୃଥିବୀ ଆଡ଼କୁ ମାଡ଼ି ଆସୁଥାଏ । ଏହାର ଭୀମବେଗ ଦେଖି ଉବ୍ରଭଲସ୍କି ଅଜଣା ବିପଦର ଆଶଙ୍କା କରି ଶିହରି ଉଠୁଥାନ୍ତି । ଏହା ପୃଥିବୀକୁ ଆକ୍ରମଣ ନ କରି ଯଦି ସେମାନଙ୍କ ମହାକାଶଯାନକୁ ଆକ୍ରମଣ କରେ, ତେବେ ମହାଶୂନ୍ୟରେ ସେମାନଙ୍କର ସମାଧି ନେବାହିଁ ସାର ହେବ । ଏହା ଯେଉଁ ଭୀମବେଗରେ ଆସୁଛି ପୃଥିବୀକୁ ଆକ୍ରମଣ ନ କରି କେବଳ ଯଦି ପୃଥିବୀ ସହିତ ବାଧାପାଏ, ତେବେ ପୃଥିବୀର ଏକ ବିରାଟ ଅଂଶ ଛିଟିକି ଯାଇ ମହାଶୂନ୍ୟରେ ଲୀନ ହୋଇଯାଇପାରେ । ଏହି କଥା ଭାବିଦେଲା ବେଳକୁ ଉବ୍ରଭଲସ୍କିଙ୍କ ଆଖିକୁ ସବୁ ଚହଲିଗଲା ଭଳି ଦିଶୁଥାଏ । ସେ ସେହି ନବାଗତ ଯାନଟିକୁ ପରିଷ୍କାର ଦେଖି ପାରୁ ନ ଥାନ୍ତି ।

ଚାହୁଁ ଚାହୁଁ ନବାଗତ ଯାନଟି ପାଖେଇ ଆସିଲା । ବେଶ୍ ସ୍ପଷ୍ଟ ଦିଶିଲା । ଏହାର ଭୀମବେଗ ଓ ବିରାଟତା ଦେଖି ସୋୟୁଜ–୧୧ର ମହାକାଶଚାରୀମାନେ ଭୟରେ ଥରିବାକୁ ଲାଗିଲେ । ଭୂ-ଷ୍ଟେସନ ସହିତ ସଂଯୋଗ ସ୍ଥାପନ କରି ସେମାନେ ଜଣାଇଦେଲେ ଯେ ସେମାନଙ୍କ ପକ୍ଷରେ ମହାକାଶରେ ଆଉ ରହିବା ନିରାପଦ ନୁହେଁ । ତେଣୁ ସେମାନଙ୍କ ଫେରିବାର ସମସ୍ତ ଆୟୋଜନ କରାଯାଉ । ତେବେ ପୃଥିବୀକୁ ଫେରିବା ପୂର୍ବରୁ ସେମାନେ ମହାକାଶଯାନର ଝରକା ଦେଇ ଯାହା ଦେଖିଲେ ସେମାନଙ୍କ ଚକ୍ଷୁ ସ୍ଥିର ହୋଇଗଲା । ଆଲୋକର ପାଖାପାଖି ବେଗରେ ଆସୁଥିବା ମହାକାଶ-ଯାନଟି ହଠାତ୍ ବେଗ ବଦଳାଇ ସାଧାରଣ ବେଗକୁ ଆସିବା ଦେଖି ସେମାନଙ୍କ ମସ୍ତିଷ୍କ ବିଭ୍ରମ ହୋଇଗଲା । ଏଭଳି ଅସମ୍ଭବ କାର୍ଯ୍ୟ ସେହି ମହାକାଶଯାନଟି କେମିତି ସଂପାଦନ କରିପାରୁଛି, ସେମାନେ କଳ୍ପନା କରିପାରିଲେନି । ମହାକାଶଯାନର ଅଧିବାସୀମାନେ ବିଜ୍ଞାନରେ ସେମାନଙ୍କଠାରୁ ଯେ ଢେର ଉନ୍ନତ ଏଥିରେ ସନ୍ଦେହ କରିବାର କିଛି ରହିଲାନି । ଏହି ମହାକାଶଯାନ ଠାରୁ ଯେତେ ଦୂରେଇ ଯାଇହେବ ସେତେ ଭଲ । ଏହା ଭାବି ସେମାନେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ ପାଇଁ ନିର୍ଦ୍ଦିଷ୍ଟ ଥିବା ରକେଟଗୁଡ଼ିକୁ ଠିକ୍ ଚଳାଇ ଦେଇଛନ୍ତି, ନବାଗତ ଯାନର ସନ୍ନିକଟରେ ହଠାତ୍ ଦେଖାଦେଲା ଏକ ବିସ୍ଫୋରଣ । ସଙ୍ଗେ ସଙ୍ଗେ ସୋୟୁଜ-ଯାନର ସମସ୍ତ କିଛି ଯନ୍ତ୍ରପାତି ଅଚଳ ହୋଇପଡ଼ିଲା । ମହାକାଶଚାରୀମାନେ ଯନ୍ତ୍ରଗୁଡ଼ିକୁ ଯେତେ ମୋଡ଼ାମୋଡ଼ି କଲେ ବି କିଛି ହେବାକୁ ନାହିଁ । ସେମାନଙ୍କ କୋଠରିର ଶୀତତାପ ନିୟନ୍ତ୍ରକ, ବାୟୁଚାପ ନିୟନ୍ତ୍ରକ ଆଦି ଯନ୍ତ୍ର ମଧ୍ୟ କାମ କରିବାକୁ ଅକ୍ଷମ । ଏ ଅବସ୍ଥା ଦେଖି ମହାକାଶଚାରୀମାନେ କ'ଣ କରିବେ ଭାବିଲାବେଳକୁ ସେମାନଙ୍କ ମୁଣ୍ଡ ଘୂରାଇ ଯାଉଥାଏ ।

Digitized by srujanika@gmail.com

ଚାହୁଁ ଚାହୁଁ ସୋୟୁଜ-୧୧ ଭୀମ ବେଗରେ ପୃଥିବୀ ଆଡ଼କୁ ମାଡ଼ି ଆସିଲା । ଏଣେ ନବାଗତ ଯାନଟି ଆଉ ପୃଥିବୀ ଆଡ଼କୁ ଅଧିକା ନ ଆଗେଇ ପ୍ରତ୍ୟାବର୍ତ୍ତନ କରିବାକୁ ଆରମ୍ଭ କଲା । ଚାହୁଁ ଚାହୁଁ ଏହା ଭୀମବେଗରେ ଦୂରେଇଯାଇ ମହାଶୂନ୍ୟରେ କେଉଁଆଡ଼େ ଅଦୃଶ୍ୟ ହୋଇଗଲା । ସୋୟୁଜ-୧୧ ଯେତେବେଳେ ପୃଥିବୀର ବାୟୁମଣ୍ଡଳ ଭିତରକୁ ପଶିଆସିଲା, ଅଳ୍ପ କିଛି ଦୂର ଗଲାପରେ ଯାନଟିର ସମସ୍ତ ଯନ୍ତ୍ରପାତି ପୁଣି ଠିକ୍ ରୂପେ କାମ କରିବାକୁ ଆରମ୍ଭ କଲା । ଯେଉଁ କେତେ ମିନିଟ୍ ପାଇଁ ଯନ୍ତ୍ରଗୁଡ଼ିକ ଅଚଳ ହୋଇ ଯାଇଥିଲା ସେତିକି ଭିତରେ ମହାକାଶଯାନ କୋଠରିର ଉତ୍ତାପ ସାଧାରଣ ଉତ୍ତାପ ଠାରୁ ଏତେ ଅଧିକ ହୋଇ ଯାଇଥିଲା ଓ ଚାପ ଏତେ କମି ଯାଇଥିଲା, ଯାହାକୁ ସହ୍ୟ କରି ନ ପାରି ମହାକାଶଚାରୀମାନେ ମୃତ୍ୟୁବରଣ କରିବାକୁ ବାଧ୍ୟ ହେଲେ । ସେମାନଙ୍କର ମୃତ୍ୟୁକାଳୀନ ଚିତ୍କାର ଓ ଆର୍ତ୍ତନାଦରେ ହଠାତ୍ ମୋ ନିଦ ଭାଙ୍ଗିଗଲା ।

ଧୀରେ ଧୀରେ ଆଖି ମେଲିଲି । ମୁଁ ବର୍ତ୍ତମାନ କେଉଁଠି, ହାତବୁଲାଇ ଉପଲବ୍ଧି କରିବାକୁ ଚେଷ୍ଟାକଲି । ମନେପଡ଼ିଗଲା, ମୁଁ ନିଦରେ ଶୋଇ ଏକ ବିରାଟ ସ୍ୱପ୍ନ ଦେଖୁଥିଲି । ଏତେ ବଡ଼ ଦୁଃସ୍ୱପ୍ନଟାଏ କାହିଁକି ଦେଖିଲି ମନ ବଡ଼ ଗୁଡ଼େଇ ତୁଡ଼େଇ ହେଲା । ସେତେବେଳକୁ ପ୍ରାୟ ସକାଳ ହେବାକୁ ବସିଲାଣି । ମନେ ମନେ ବଡ଼ ବ୍ୟସ୍ତ ହୋଇପଡ଼ିଲି । ମନେପଡ଼ିଗଲା ଗତ ସନ୍ଧ୍ୟାବେଳେ କ୍ୟାଥି ରୁଷ ମହାକାଶଚାରୀମାନଙ୍କ ସମ୍ପର୍କରେ ଯେଉଁ ସବୁ ଅମଙ୍ଗଳ କଥା କହିଥିଲା, ଭାବିଲି ତାପାଇଁ କି ମୁଁ ଏଭଳି ଏକ ଦୁଃସ୍ୱପ୍ନ ଦେଖିଲି । ମୁଁ ବିଛଣାରେ ପଡ଼ିରହି ସେହି ସ୍ୱପ୍ନ କଥାଟା ଭାବୁଛି, ହଠାତ୍ ଖବରକାଗଜବାଲା ଦୁଆର ମୁହଁରେ ଖବରକାଗଜ ଥୋଇଦେଇ ଠକ୍ ଠକ୍ କରି ଦେଇଗଲା । ମୁଁ ଆଖି ପିଛୁଳାକେ ଶେଯରୁ ଉଠିପଡ଼ି ଦୁଆର ପାଖକୁ ଖବରକାଗଜ ପାଇଁ ଦୌଡ଼ିଗଲି । କାଗଜ ଖୋଲି ଦେଖିଲି ୧୯୭୧ ମସିହା ଜୁଲାଇମାସ ପହିଲା ତାରିଖ ଲଣ୍ଡନ ଟାଇମସର ସମ୍ମୁଖ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ବାହାରି ପଡ଼ିଛି । "ରୁଷର ତିନିଜଣଯାକ ମହାକାଶଚାରୀ ମୃତ । ମହାକାଶରେ ସେମାନେ ବେଶ୍ ସୁସ୍ଥ ଥିଲାବେଳେ ପୃଥିବୀକୁ ଅବତରଣ ବେଳେ ସେମାନେ ମୃତ୍ୟୁବରଣ କରିଛନ୍ତି । ସେମାନଙ୍କ ମୃତ୍ୟୁ ରହସ୍ୟ ଅଜ୍ଞାତ । ସେହି ରହସ୍ୟକୁ ଉଦ୍‌ଘାଟନ କରିବାପାଇଁ ରୁଷ ସରକାର ଏକ କମିସନ ବସାଇବା ଠିକ୍ କରିଛନ୍ତି । ସୋୟୁଜ-୧୧ ମହାକାଶଯାନ ସଫଳତାର ସହିତ ମହାକାଶ ପରିକ୍ରମା କରି ପୃଥିବୀକୁ ଫେରିଆସିଥିଲେ ହେଁ ତିନିଜଣଯାକ ମହାକାଶଚାରୀ ପୃଥିବୀରେ ପହଞ୍ଚିବା ପୂର୍ବରୁ ମୃତ୍ୟୁବରଣ କରିବା କମ୍ ବଡ଼ ଆଶ୍ଚର୍ଯ୍ୟର କଥା ନୁହେଁ ।"

Digitized by srujanika@gmail.com

ଖବରଟି ପଢ଼ି ମୁଁ ହଠାତ୍ ସ୍ତମ୍ଭୀଭୂତ ହୋଇ ବସିଗଲି । ମୁଁ ସ୍ୱପ୍ନ ଦେଖୁଛି କି ବାସ୍ତବତା ଭିତରେ ଅଛି, ଠିକ୍ କରିବା କଷ୍ଟକର ହୋଇପଡ଼ିଲା । ତିନିଜଣ ଯାକ ରୁଷ ମହାକାଶଚାରୀ ମୃତ ଏକଥା ଭାବିଲା ବେଳକୁ ମୋତେ ସ୍ୱପ୍ନ ଦେଖିଲା ଭଳି ବୋଧ ହେଉଥାଏ । ମନେହେଉଥାଏ, ସତେ ଯେମିତି ଏହି ଖବରକାଗଜ ମିଛ କଥାଟାଏ ପ୍ରଚାର କରୁଛି । ସଙ୍ଗେ ସଙ୍ଗେ କ୍ୟାଥିକୁ ଫୋନ୍ ଉଠାଇଲି ।

ନିଦରୁ ଉଠି କ୍ୟାଥି ଫୋନ୍ ଧରିଲା । ମୁଁ ଏକ ନିଃଶ୍ୱାସରେ ସବୁ କଥା କହିଗଲି । ମୋ କଥା ଶୁଣୁ ଶୁଣୁ ତା ହାତରୁ ଫୋନ୍ ରିସିଭରଟା ଖସି ପଡ଼ିଲା । ସେ ଥର ଥର ଗଳାରେ ପଚାରିଲା "ତୁ ତ ସ୍ୱପ୍ନ ଦେଖୁନୁ ପୁଷ୍ପିତା । ତୁ ଯାହା କହୁଛୁ, ତାହା କ'ଣ ସତ' ? ମୋତେ ତୋ କଥା ସ୍ୱପ୍ନ ଦେଖିଲା ଭଳି ବୋଧ ହେଉଛି ।"

ଡକ୍ଟର ଏଟକିନ୍‌ସନ୍‌ଙ୍କୁ ଫୋନ୍ କଲି । ସେ ବି ସେ ପର୍ଯ୍ୟନ୍ତ ନିଦରୁ ଉଠି ନ ଥିଲେ । ମୋଠାରୁ ଖବରପାଇ ସେ ନିଜ ଡ୍ରଇଁରୁମ୍‌କୁ ଦୌଡ଼ିଲେ ସକାଳ ଖବରକାଗଜ ଦେଖିବାପାଇଁ । ଖବରଟା ପଢ଼ି ସେ କିଛି ସମୟ ବାକ୍‌ରୁଦ୍ଧ ହୋଇ ବସିଗଲେ ।

କିଛି ସମୟ ପରେ କହିଲେ "କ୍ୟାଥିର ସେହି ଆଶଙ୍କାଟା ଶେଷରେ ଠିକ୍ ହେବ ବୋଲି ମୁଁ ଆଶା କରି ନ ଥିଲି ପୁଷ୍ପିତା । ଓଃ କେଡ଼େ ବଡ଼ ଦୁଃସମ୍ବାଦଟାଏ ସତେ ?

ମୁଁ କହିଲି, "କ୍ୟାଥି ସିନା ଆଶଙ୍କା କରିଥିଲା ଗତ ସନ୍ଧ୍ୟାବେଳେ । କିନ୍ତୁ ମୁଁ ପୂରା ରାତିଟା ସେମାନଙ୍କ ଅଭିଯାନକୁ ନେଇ ଏକ ବିରାଟ ସ୍ୱପ୍ନ ଦେଖିଛି । ସେମାନଙ୍କ ମୃତ୍ୟୁ ମୂଳରେ କିଏ ଅଛି, ମୁଁ ଭଲଭାବେ ଜାଣେ ।"

ଡକ୍ଟର ଏଟକିନ୍‌ସନ ଆହୁରି କୌତୂହଳୀ ହୋଇ ଉଠିଲେ । ମୁଁ ତାଙ୍କୁ ମୋ ସ୍ୱପ୍ନର ଟିକିନିଖି କାହାଣୀ ବର୍ଣ୍ଣନା କରିଗଲି । ସେସବୁ ଶୁଣିସାରି ଦୀର୍ଘ ନିଶ୍ୱାସଟାଏ ମାରି କହିଲେ "ସ୍ୱପ୍ନ ବି ବେଳେବେଳେ ଏମିତି ଭାବରେ ସତ ହୁଏ ପୁଷ୍ପିତା । ତୁମ କାହାଣୀକୁ ପୃଥିବୀ ବିଶ୍ୱାସ ନ କରିପାରେ କିନ୍ତୁ ମୁଁ ପୂରାପୂରି ବିଶ୍ୱାସ କରିବି । ସୋୟୁଜ–୧୧ ମହାକାଶଚାରୀମାନଙ୍କର ମୃତ୍ୟୁ ମୂଳରେ ତୁମେ ଯାହା କହୁଛ, କୌଣସି ଏକ ଅଜଣା ମହାକାଶଯାନର ଅଦୃଶ୍ୟ ହାତ ଯେ ରହିଛି, ଏହାକୁ ମୁଁ ଅବିଶ୍ୱାସ କରି ନ ପାରେ । ଏହାହିଁ ହେଉଛି ମହାଶୂନ୍ୟର ବିପଦ ।"

Digitized by srujanika@gmail.com

ସମୟରେ ଫାଟ

"କ'ଣ ଠିକ୍ କଲୁ ଧନଞ୍ଜୟ, ତୁ ବର୍ତ୍ତମାନ ଲୁଇସିଆନା ଫେରିଯିବୁ ନା ମୋ ସହିତ ନିଉୟର୍କ ଯିବୁ ?"

"ଆରେ, ତୋର କ'ଣ ବର୍ତ୍ତମାନ ନିଉୟର୍କ ଯିବା ପୂରାପୂରି ନିଶ୍ଚିତ ?"

"ତୁ କି କଥା କହୁଛୁ ଧନଞ୍ଜୟ ? ମୋର ପରା ଆଜି କଲମ୍ବିଆ ବିଶ୍ୱବିଦ୍ୟାଳୟର ଜ୍ୟୋତିଃ ପଦାର୍ଥବିଜ୍ଞାନବିତ୍ ଅଧ୍ୟାପକ ଷ୍ଟିଭେନ୍ସନ୍‌ଙ୍କ ସହିତ ଏକ ଏପଏଣ୍ଟମେଣ୍ଟ ଅଛି । ମୋତେ ଆଜି ତାଙ୍କୁ ଠିକ୍ ଦିନ ଏଗାରଟାରେ ଭେଟିବାକୁ ପଡ଼ିବ । ନିଉୟର୍କ ନ ଯାଇ ମୋର କ'ଣ ଚାରା ଅଛି ?"

"ତୁ କ'ଣ କହୁଛୁ, ମୁଁ ତୋ ସହିତ ନିଉୟର୍କ ଯିବି ?"

"ନା, ତା ତ ମୁଁ କହୁନି । ତୋର ଯଦି ଲୁଇସିଆନା ଫେରିଯିବାକୁ ଇଚ୍ଛା, ତେବେ ଯା, ମୋର ଆପତ୍ତି ନାହିଁ । ତୁ ଯଦି ମୋ ସହିତ ନିଉୟର୍କ ଯିବୁ ମନା କରିବିନି, କିନ୍ତୁ ତୁ ଯେଉଁ କାମ ପାଇଁ ନିଉକେରସି ଆସିଥିଲୁ, ସେ କାମ ହୋଇଗଲା ତ ?"

"ହଁରେ ଭାଇ ହୋଇଯାଇଛି । ଘରୁ ସାତଦିନ ହେଲା ଆସିଲିଣି । ଲୁଇସିଆନା ଫେରିଯିବାଟା ମୁଁ ଉଚିତ ମନେ କରୁଛି । ତୁ ଜାଣିନୁ ବିନୋଦ, ତୋ ଭାଉଜ ଯେମିତିକା ଲୋକ ନା, ମୁଁ ଗଲାବେଳକୁ ତାତିକରି ଥିବ । ଏମିତିକି ତା ଉପରେ ମୁଠାଏ ଧାନ ପକେଇଦେଲେ ଧାନ ଖଇ ଫୁଟି ପଡ଼ିବ । ତିନିଦିନ ପାଇଁ କହି ସାତଦିନ ହୋଇଗଲାଣି । କିଏ ଭଲା ନ ରାଗିବ କହିଲୁ ?"

"ଆରେ, ତୁ ତ ମନକରି ରହିଯାଇ ନାହୁଁ ? କାମ ସରୁ ନ ଥିଲା । କାମ ସରିଥିଲେ ତୁ କ'ଣ ନ ଯାଇ ରହିଥାନ୍ତୁ ? ଭାଉଜ ଯଦି ଏତକ ନ ବୁଝିବେ, ଆଉ କ'ଣ ବୁଝିବେ ?"

"ହଁ, କହିବ ନାହିଁ କାହିଁକି ?" କହୁ କହୁ ବୈଠକଖାନା ଭିତରକୁ ପଶିଆସିଲା ମଞ୍ଜୁଶ୍ରୀ । ସବୁକଥା ଖାଲି ସ୍ତ୍ରୀଲୋକେ ବୁଝୁଥିବେ । ତୁମେ ପୁରୁଷଗୁଡ଼ାକ ଖାଲି ଉପରେ ଉପରେ ହାୱା ଖାଇ ବୁଲୁଥିବ । ତୁମେ ଯେମିତି, ତୁମ ବନ୍ଧୁ ଧନଞ୍ଜୟବାବୁ ସେମିତି । ହଇହେ ! ତୁମ ବନ୍ଧୁ ସାତଦିନ ହେଲା ଘରୁ ଆସିଲେଣି, ଫୋନ୍‌ରେ ତ ଟିକିଏ ଜଣାଇଦେଇପାରିଥାନ୍ତେ, ଘରକୁ କାହିଁକି ଫେରିପାରୁ ନାହାନ୍ତି, କେବେ ଫେରିବେ । ଏହା କ'ଣ ତାଙ୍କର ଉଚିତ ନୁହେଁ ? ତୁମେ ବି ତ ସେଇଆ ।

Digitized by srujanika@gmail.com

ତୁମେ ଥରେ ଘରୁ ବାହାରିଗଲେ, ତୁମ ମନେଥାଏଟି ତୁମର ଘରସଂସାର ଅଛି, ତୁମର ପିଲାଛୁଆଏ ଅଛନ୍ତି ?''

''ତୁମ କଥା ଶୁଣିଲେ ମଞ୍ଜୁ, ତୁମ ସହିତ କଳିଆ କରିବାକୁ ଇଚ୍ଛା ହୁଏ । ତୁମେ ଆମକୁ ଯେତେ ଫୁଲାଫାଙ୍କିଆ ଭାବ, ତାହା ତମର ଭୁଲ ଧାରଣା । ଆମେ ଫୁଲାଫାଙ୍କିଆ ହୋଇଥିଲେ ଆମ୍ଭମାନଙ୍କ ସଂସାର ଚଳୁଥାନ୍ତାଟି ?''

''ଆଉ ସେକଥା କହନି । ତୁମେ କେମିତି ସଂସାର ଚଳାଉଛ, ମୁଁ ଜାଣେ ।''

''ଛାଡ଼ ସେକଥା । ଦେଖ ମଞ୍ଜୁ, ଆମେ ଦିହେଁ ବର୍ତ୍ତମାନ ନିଉୟର୍କ ବାହାରିଛୁ, ସନ୍ଧ୍ୟା ପୂର୍ବରୁ ନିଶ୍ଚୟ ଫେରିଆସିବୁ । ଆଜି ସନ୍ଧ୍ୟା ଫ୍ଲାଇଟ୍‌ରେ ଧନଞ୍ଜୟ ଲୁଇସିଆନା ଫେରିଯିବ ।''

''ତୁମେ ସତରେ ବର୍ତ୍ତମାନ ବାହାରିଲଣି ନା କଅଣ ?''

''ହଁ, କାହିଁକି ?''

''ପୁଅ ଦେହରେ ଆଜି ବି ତାତି ଅଛି । ମୁଁ କ'ଣ କହୁଥିଲି କି ଡାକ୍ତରଙ୍କ ପାଖକୁ ପୁଅକୁ ନେଇଯାଇଥାନ୍ତେ ।''

''କେତେ ତାତି ଅଛି ଦେଖିଛ ?''

''ବେଶି ନୁହେଁ, ଶହେ ପାଖାପାଖି । ତିନିଦିନ ହେଲା ତାତି ମୋଟେ ଓହ୍ଲାଇବାକୁ ନାହିଁ ।''

''ପୁଅ ବେଶ୍ ଖୁସି ଅଛି ତ ? ତେବେ ଚିନ୍ତା କରନି । ମୁଁ ଶୀଘ୍ର ଫେରିଆସିବି । ଆସିଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ।''

''କ'ଣ ପ୍ରସ୍ତୁତ ହୋଇଗଲୁ ଧନଞ୍ଜୟ ? ଆଉ ଡେରି କାହିଁକି ? ନଅଟା ବାଜିବାକୁ ପନ୍ଦର ମିନିଟ୍ ବାକି । ଶୀଘ୍ର ନ ଗଲେ ଆମେ ଏଗାରଟା ସୁଦ୍ଧା କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପହଞ୍ଚିପାରିବା ନାହିଁ । ବାଟରେ ପୁଣି ଲିଙ୍କନ୍ ସୁଡ଼ଙ୍ଗ ଅଛି । ହାତରେ ସମୟ ରଖି ନ ଗଲେ ସେଠି ଯଦି ଅଟକିଗଲେନା ସବୁ ଗଲା । ଗତଥର ମନେଅଛି ନା ଲିଙ୍କନ୍ ସୁଡ଼ଙ୍ଗ ଟ୍ରାଫିକ୍ ଜାମ୍ କଥା । କେମିତି ଆମେ ସେଦିନ ଦୁଇଘଣ୍ଟା ଅଟକିଗଲେ । ଏଥର ଯଦି ସେଇଆ ହେଲା ନା, ତେବେ ସବୁ ଗଲା । ତେଣୁ ହାତରେ ସମୟ ନେଇଯିବାକୁ ପଡ଼ିବ ।''

ବନ୍ଧୁ ଦୁହେଁ ବାହାରିପଡ଼ିଲେ । ମଞ୍ଜୁଶ୍ରୀ ଦୁଆର ପାଖକୁ ଆସିଲା ବାଟେଇଦେବାପାଇଁ । ବିନୋଦକୁ ଲକ୍ଷ୍ୟକରି କହିଲା, ''ଦେଖ ବିନୋଦ, ସନ୍ଧ୍ୟା ପୂର୍ବରୁ ଯେମିତି ଫେରିଆସିବ । ଡାକ୍ତରଙ୍କ କଥା ଯେମିତି ନ ଭୁଲ ! ମୁଁ ତୁମକୁ ଅନାଇ ବସିଥିବି ।''

Digitized by srujanika@gmail.com

"ମୁଁ କ'ଣ ଏଡ଼େ ଦାୟିତ୍ୱହୀନ ହୋଇଛି ମଞ୍ଜୁ, ଏତେବଡ଼ ଜରୁରୀ କଥାଟା ଭୁଲିଯିବି ?"

ଏତକ କହୁ କହୁ ବନ୍ଧୁ ଦୁହେଁ ବିନୋଦର ନୂଆ ହୋଇ କିଣା ହୋଇଥିବା ଆକାଶୀ ରଙ୍ଗର ଫୋର୍ଡ଼ ଫେଲ୍‌କନ୍ ଗାଡ଼ିରେ ବସି ବାହାରିଗଲେ । ଗାଡ଼ି ନିଉଜେର୍‌ସି ଟର୍ଣ୍ଣ ପାଇକ୍‌ରେ ତୀରବେଗରେ ଛୁଟିଚାଲିଲା ନିଉୟର୍କ ନଗରୀ ଅଭିମୁଖେ ।

"ମୋର ଏହି ନୂଆ ଗାଡ଼ିଟି ତୋର କେମିତି ପସନ୍ଦ ହେଉଛି ଧନଞ୍ଜୟ ?" ପଚାରିଲା ବିନୋଦ ।

"ଆଃ, ବଢ଼ିଆ ! ଆରେ ତୋ ଗାଡ଼ି ଯାହା ଚାଲୁଛି ନା ସାକ୍ଷାତ ଉଡ଼ାଜାହାଜ । ଭଲ ଗାଡ଼ିଟିଏ କିଣିଛୁ ବିନୋଦ । ବଢ଼ିଆ ବେଗ ନେଉଛି ସତେ ।"

"ମୋତେ ଧୀରେ ଗାଡ଼ି ଚଳାଇବାକୁ ଭଲ ଲାଗେନି ଧନଞ୍ଜୟ, ସେଥିପାଇଁ ବାଛି ଏହି ଗାଡ଼ିଟିକୁ କିଣିଲି ପରା । ମଞ୍ଜୁକୁ ଏ ଗାଡ଼ି ପସନ୍ଦ ନୁହେଁ । ସେ ଚାହୁଁଥିଲା କ'ଣ ଜାଣୁ ? ଇମ୍ପାଲା । ସେହି ଲମ୍ବା ଗାଡ଼ି ।"

"ତୋ ଗାଡ଼ିଟା ସିନା ମୋ ପସନ୍ଦ, କିନ୍ତୁ ତୋ ବେଗ ମୋଟେ ମୋ ପସନ୍ଦ ନୁହେଁ ବିନୋଦ । ଯାହା କହ ଭାଇ, ଏତେ ଜୋର୍‌ରେ ଗାଡ଼ି ଚଳେଇବାଟା ମୋଟେ ଭଲ ନୁହେଁ ।"

"କ'ଣ ତୋତେ ଡର ମାଡୁଛିକିରେ ? ଆରେ ବେଗରେ ନ ଚଳାଇଲେ ପହଞ୍ଚିବା କେମିତି ? ପୁଣି ବାଟରେ ପରା ଲିଙ୍କନ ସୁଡ଼ଙ୍ଗ ଅଛି !"

"ହେଲେ ସାବଧାନ ହୋଇ ଚଳା । ଦେଖୁଛୁନା, ଆମ ପଛରେ ଗୋଟିଏ ବଡ଼ ଭ୍ୟାନ୍ ଆସୁଛି । ପାଖ ଲେନ୍‌ଗୁଡ଼ାକ ତ ଗାଡ଼ିରେ ଭରା ।"

ବିନୋଦ ଗାଡ଼ିର ବେଗ ଆହୁରି ବଢ଼ାଇଦେଲା । ମୁଖରେ ତା'ର ସନ୍ତୋଷର ଅପୂର୍ବ ଚିହ୍ନ । ଏକ ଗୌରବ, ସେ ଗାଡ଼ି ବେଶ୍ ବେଗରେ ଚଳାଇପାରୁଛି ।

"ସାବଧାନ ବିନୋଦ । ଶହେ ମାଇଲକୁ ଟପିଲାଣି । ଆଉ ଯେମିତି ନ ବଢ଼େ । ଦେଖୁଛୁ ତ ନିଉଜେର୍‌ସି ଟର୍ଣ୍ଣ ପାଇକ୍ ଆଜି କେତେ ଭିଡ଼ ! ପ୍ରତ୍ୟେକ ଲେନ୍‌ରେ ପଛକୁପଛ ଗାଡ଼ି ବମ୍ପରକୁ ବମ୍ପର ଲାଗିଛି । ନିମିଷକ ପାଇଁ ଯଦି ଅସାବଧାନ ହୋଇପଡୁନା, ତେବେ ଆମ ପୈତୃକ ପ୍ରାଣଟା ବାଏଁ ବାଏଁ ଏଇବାଟେ ଚାଲିଯିବ ।"

"ଆରେ, ତୁ ଏଡ଼େ ଡରୁଆ ଧନଞ୍ଜୟ ! ଗାଡ଼ିକୁ ଖୁବ୍ ବେଗରେ ଚଳାଇଲେ ଯେଉଁ ମଜା ଲାଗେ ତୁ ଜାଣିବୁ କୁଆଡୁ ? ଅଧିକ ବେଗରେ ଗଲେ ଗାଡ଼ି ଉଡ଼ିଲାଭଳି ଲାଗେ । ତୁ ତୋ ଗାଡ଼ି କେଉଁ ବେଗରେ ଚଳାଉକିରେ ? ବଳଦଗାଡ଼ି ନା ଘୋଡ଼ାଗାଡ଼ି ବେଗରେ ?"

Digitized by srujanika@gmail.com

"ନା ଭାଇ, ହାତଟଣା ରିକ୍ସା ବେଗରେ । ତୁ ଆଉ ଏତେ ବଢ଼ାଇକରି କହନା । ମଣିଷ ଭାଗ୍ୟରେ କେତେବେଳେ କଅଣ ଅଛି କହିହେବନି । ଭୁଲିଯାଅନା ବିନୋଦ, ସବୁ ସମୟ ମଣିଷ ହାତରେ ସମାନ ଭାବରେ ନ ଥାଏ ।"

"ହେଉ, ଛାଡ଼ ସେ କଥା । ତୁ ମୋ ସହିତ ବର୍ତ୍ତମାନ କଲମିଆ ଯିବୁ ନା ବାଟରେ ଆଉ କେଉଁଠି ଓହ୍ଲାଇ ପଡ଼ିବୁ ?"

"ତୁ କ'ଣ ଚାହୁଁଛୁ ? ମୁଁ ତୋ ସହିତ ପ୍ରଫେସର ଷ୍ଟିଭେନ୍‌ସନ୍‌ଙ୍କ ଗବେଷଣାଗାରକୁ ଯିବି ?"

"ଗଲେ କ୍ଷତି କଅଣ ? ତୋର ଯଦି କେଉଁଠି କାମ ଅଛି, ଯା', ଯଦି ନାହିଁ, ତେବେ ମୋ ସହିତ ଚାଲ ।"

"ମୁଁ ସେଠିକି ଯାଇ କ'ଣ କରିବି ଶୁଣେ ? ତୁ ସିନା ସେଠି ଆଲୋଚନାରେ ରହିଯିବୁ । ମୁଁ କ'ଣ ବାରଣ୍ଡାରେ ଠିଆ ହୋଇ ସାମନା ବ୍ରଡ଼୍‌ୱେ ରାସ୍ତାରେ ଯାଉଥିବା ମଟରଗାଡ଼ି ଗଣିବି ?"

"ଆରେ, ତୁ ପରା ଜଣେ ଆମ ଓଡ଼ିଶାର ପ୍ରସିଦ୍ଧ ବୈଜ୍ଞାନିକ ଲେଖକ ? ଆମ ଓଡ଼ିଶାର ଯେଉଁ ମାଗାଜିନ୍ ଖୋଲିଦେଲେ ତୋ ନାଁ । ଏଠୁ ତୋ ଲେଖା ସବୁଦିନେ ପରା ଓଡ଼ିଶା ଅଭିମୁଖେ ଚାଲିଛି ।"

"ହଁ, ଲେଖେ ଯେ, କେମିତି ଲେଖେ, ତୁ କ'ଣ ଜାଣିନୁ ? ଗୋଟିଏ ବିଷୟରେ ପାଞ୍ଚ ଜାଗାରେ ପଢ଼ିଲ, ଯାହା ବୁଝିଲ, ନିଜ ଭାଷାରେ ଲେଖି ପକାଇଲ । ଏଇ ତ ହେଲା ଆମ ଲେଖକ ବାହାଦୁରି ।"

"ତୋ ଭଳି ଜଣେ ଲୋକପ୍ରିୟ ବୈଜ୍ଞାନିକ ଲେଖକ ପକ୍ଷରେ ଆଜିକାର ସାକ୍ଷାତକାରକୁ ଛାଡ଼ିବା କଥା ନୁହେଁ ଧନଞ୍ଜୟ ! ଆଜି ଯେଉଁ ଯେଉଁ ବିଷୟରେ ଆଲୋଚନା ହେବ, ଶୁଣିଲେ ତୁ ସେଠାକୁ ନ ଯାଇ ରହି ପାରିବୁନି ।"

"ହେଉ, କେଉଁ ବିଷୟରେ ଆଲୋଚନା ହେବ ଶୁଣେ ?"

"ବିଜ୍ଞାନର ସବୁ ବଡ଼ ବଡ଼ କଥା, ଯେଉଁଗୁଡ଼ିକ ବିଜ୍ଞାନରେ ବର୍ତ୍ତମାନ ପ୍ରହେଳିକା ସୃଷ୍ଟି କରିଛି, ସେହିସବୁ ବିଷୟରେ, ଯଥା– ସମୟରେ ଫାଟ, ଗ୍ରେଭିଟେସନ୍ ଟ୍ରାପ୍, ଗ୍ରେଭିଟେସନାଲ କୋଲାପ୍ସ, ବ୍ଲାକ୍ ହୋଲ୍ ଆଦି ।"

ସେଗୁଡ଼ିକ ମୁଁ କିଛି ବୁଝେନା ବିନୋଦ ! ମୋ ମତରେ ସେଗୁଡ଼ିକ ବୈଜ୍ଞାନିକ ଔପନ୍ୟାସିକମାନଙ୍କ ପାଇଁ ଗୋଟିଏ ଗୋଟିଏ ମାନସିକ ଖୋରାକ । ସତରେ ତୁ କ'ଣ ଭାବୁଛୁ ବିନୋଦ, ଏହି ବିଶ୍ୱରେ ସମୟରେ ଫାଟ, ମହାକର୍ଷଣ ଟ୍ରାପ୍, ଗ୍ରେଭିଟେସନାଲ କୋଲାପ୍ସ ଆଦି କେଉଁଠିନା କେଉଁଠି ଘଟୁଛି ?"

Digitized by srujanika@gmail.com

"ଦେଖ୍ ଧନଞ୍ଜୟ, ଗଣନା ଦ୍ୱାରା ଯାହା ପ୍ରମାଣ କରାଯାଇଛି, ତୁ ତାକୁ କଳ୍ପନାତ୍ମକ କହି ଉଡ଼ାଇଦେବାକୁ ଚେଷ୍ଟା କରନା । ସମୟରେ ଫାଟ, ଗ୍ରେଭିଟେସନାଲ ଟ୍ରାପ୍ ତୁ ସିନା ଧାରଣା କରିପାରୁନୁ, ଏହା ଯେ ବାସ୍ତବିକ୍ ସମ୍ଭବ– ଏଥିରେ ସନ୍ଦେହ କରିବାର କିଛି ନାହିଁ ।"

"ହେଉ, ଗାଡ଼ିର ବେଗ ଏଥର ଟିକିଏ କମା ! ଲିଙ୍କନ ସୁଡ଼ଙ୍ଗ ପାଖେଇ ଆସିଲାଣି । ଆମ ହାତରେ ଆହୁରି ଢେର୍ ସମୟ ଅଛି । ଏତେ ତରତର ହୋଇ ଲାଭ ନାହିଁ ।"

"ଆରେ, ତୁ ଜାଣିଛୁ, ପ୍ରୋଫେସର ଷ୍ଟିଭେନ୍‌ସନ୍‌ଙ୍କ ସମୟଜ୍ଞାନ ଓ ସମୟାନୁବର୍ତ୍ତିତା କଳ୍ପନାତୀତ । ଜାଣ ସେ ଯେମିତି ଗୋଟିଏ ପରମାଣୁ ଘଣ୍ଟା, ମାନେ ଆଟମିକ୍ କ୍ଲକ୍ । ସକାଳ ଏଗାରଟା ମାନେ ଠିକ୍ ଏଗାରଟା । ଗୋଟାଏ ସେକେଣ୍ଡ ଏପଟସେପଟ ହେବନି ।"

"ମୁଁ ଭାବୁଛି ବିନୋଦ, ଆମେ ଲିଙ୍କନ ସୁଡ଼ଙ୍ଗ ବାଟେ ନ ଯାଇ ୱାସିଙ୍ଗଟନ୍ ପୋଲ ଦେଇ ହଡ଼ସନ୍ ନଦୀକୁ ପାର ହେଲେ କ୍ଷତି କଅଣ ? ବର୍ତ୍ତମାନ ସମୟରେ ୱାସିଙ୍ଗଟନ୍ ପୋଲରେ ଭିଡ଼ ନ ଥିବ । ପୋଲ ପାର ହୋଇ ସେଠୁ ବ୍ରଡ଼୍‌ୱେରେ କଲମ୍ବିଆ ବିଶ୍ୱବିଦ୍ୟାଳୟକୁ ଚାଲିଯିବା ।"

"ମନ୍ଦ ଧାରଣା ନୁହେଁ ଧନଞ୍ଜୟ ! ତା'ହେଲେ ଆମେ ଆଗରୁ ଭାଙ୍ଗିବା ଉଚିତ ଥିଲା । ବର୍ତ୍ତମାନ...."

"କିଛି ଅସୁବିଧା ହେବନି । ଆମେ ସାମନା ବାଁପଟ ରାସ୍ତାଦେଇ ମାଇଲିଏ ଖଣ୍ଡେ ଗଲେ ୱାସିଙ୍ଗ୍‌ଟନ୍ ପୋଲ ଉପର ରାସ୍ତାକୁ ପାଇଯିବା । ଏହି ରାସ୍ତାଟିରେ ପୁଣି ଭିଡ଼ କମ୍ । ବର୍ତ୍ତମାନ ସେମିତି ଯାନବାହନ ନଥିବ । ଶୀଘ୍ର ଯାଇ ହେବ ।"

ବିନୋଦ ବାଁ ପାଖକୁ ଭାଙ୍ଗି ଏକ ଛୋଟ ରାସ୍ତାରେ ପଶିଲା । ଏହି ଛୋଟ ନିଛାଟିଆ ରାସ୍ତାଟି ଦେଇ ଶୀଘ୍ର ବଡ଼ ରାସ୍ତାକୁ ଯାଇହେବ । ରାସ୍ତାଟି ଶୂନ୍‌ଶାନ୍, ଦୁଇପାଖରେ ଖାଲି ପଡ଼ିଆ ରହିଛି ।

ଯାଉଁ ଯାଉଁ ଗାଡ଼ିଟି ହଠାତ୍ ଧଡ଼୍‌କରି ଅଟକିଗଲା । ବୋଧହେଲା ସତେ ଯେମିତି କାହା ସହିତ ଧକ୍‌କା ଲଗାଇଲା । ଗାଡ଼ିଟି ବନ୍ଦ ହେବା ପୂର୍ବରୁ ବିନୋଦକୁ ବୋଧହେଲା ଯେମିତିକି ଗାଡ଼ିର ଚକରେ ପଙ୍କଭଳି କ'ଣ ଏକ ପଦାର୍ଥ ଲାଖିଯାଇ ଗାଡ଼ିଟିକୁ ବନ୍ଦ କରି ଦେଇଛି । ବିନୋଦ ଗାଡ଼ିର ଏକ୍‌ସେଲେଟରକୁ ଯେତେ ଦାବିଲେହେଁ ଗାଡ଼ିଟି ପାଦେ ଆଗକୁ ଯିବାକୁ ନାରାଜ । ମନେହେଲା ସତେ ଯେମିତି ଗାଡ଼ି ଭିତରକୁ ଏକପ୍ରକାର ବହଳିଆ ତରଳ ପଶିଆସୁଛି ଓ ସେହି ତରଳରେ ସେ ବୁଡ଼ି ଯାଉଛି ।

Digitized by srujanika@gmail.com

ହଠାତ୍ ପରମୁହୂର୍ତ୍ତରେ ପୁଣି ଆଉ ଏକ ପ୍ରକାର ବିଚିତ୍ର ଅନୁଭୂତି । ବିନୋଦ ବୁଝିପାରିଲାନି କ'ଣ ଘଟିଗଲା । ଚାହୁଁ ଚାହୁଁ ଆଉ କେଇ ସେକେଣ୍ଡ ଭିତରେ ଘନ ତରଳରେ ବୁଡ଼ିଯିବା ଧାରଣାଟା ତା'ର ବଦଳିଗଲା । ସେ ଏଥର ଚାରିଆଡ଼କୁ ଅନାଇ ଲକ୍ଷ୍ୟ କଲା, ଦେଖିଲା ନିଜ ଗାଡ଼ିଟି ପୂରାପୂରି ବିପରୀତ ଦିଗକୁ ମୁହଁକରି ଠିଆ ହୋଇଛି । ପୁଣି ରାସ୍ତାର ଏପଟେ ନୁହେଁ ସେପଟେ । ଯେଉଁ ମୁହୂର୍ତ୍ତରେ ଗାଡ଼ିଟି ଏକ ନରମ ପଦାର୍ଥ ସହିତ ଚାପି ଦେଲାଭଳି ଅନୁଭବ କଲା, ସେହି ମୁହୂର୍ତ୍ତରୁ ବିନୋଦର ମୁଣ୍ଡଟା ପୂରାପୂରି ଫାଙ୍କା । ମନରେ କିଛି ଧାରଣା ନାହିଁ ।

ହଠାତ୍ ଏସବୁ କ'ଣ ଘଟିଗଲା, ଧନଞ୍ଜୟ କିଛି ଭାବିପାରିଲାନି । ସେ ପାଟିକରି ପଚାରିଲା –

"ବିନୋଦ ତୋର କିଛି ହୋଇ ନାହିଁ ତ ? ତୁ ଠିକ୍ ଅଛୁ ତ ? ମୁଁ ବୁଝିପାରୁନି, ହଠାତ୍ ଏ କ'ଣ ହେଲା ? ଗାଡ଼ିଟା ବନ୍ଦ ହୋଇଗଲା କାହିଁକି ? ଗାଡ଼ିଟା କାହା ସହିତ ଧକ୍କା ଲାଗିଲା ନା କଅଣ ? ମୁଁ ତୋତେ କେତେଥର କହିଛି କହିଲୁ, ଗାଡ଼ିକୁ ଟିକିଏ ଧୀରେ ଚଳା । ତୁ କ'ଣ ମୋ କଥା ଶୁଣିଲୁ ? ଫଳରେ ଆମର ଏ ଦଶା । ଭାଗ୍ୟ ଭଲ, ଆମେ ରକ୍ଷା ପାଇଗଲେ । ଆମର କିଛି ହୋଇ ନାହିଁ ।"

ନା ଧନଞ୍ଜୟ, ଧକ୍କା ତ ହୋଇନି । ମୋତେ ଜଣାପଡ଼ିଲା ଯେମିତି ଆମ ଗାଡ଼ି ଗୋଟିଏ ସ୍ପଞ୍ଜ ଗଦା ଉପରକୁ ଚଢ଼ିଯାଉଛି । ଫଳରେ ଗାଡ଼ିଟି ଧୀରେ ଧୀରେ ତା'ରି ଭିତରେ ବୁଡ଼ିଯାଉଛି ।"

ବିନୋଦ ଏଥର ଗାଡ଼ିରୁ ବାହାରିଆସି ଚାରିଆଡ଼କୁ ଲକ୍ଷ୍ୟ କଲା । ଦେଖିଲା କେଉଁଠି କିଛି ନାହିଁ । ସେହି ରାସ୍ତାଟି ବେଶ ପରିଷ୍କାର । ଗାଡ଼ି କାହା ସହିତ ଧକ୍କା କରିନି । ଧକ୍କା ଲାଗିବାର ଚିହ୍ନ ଟିକିଏ ବି କେଉଁଠି ନାହିଁ ।

"ଆଶ୍ଚର୍ଯ୍ୟ" ପାଟିକରି ଉଠିଲା ବିନୋଦ । ମୁଁ ବୁଝିପାରୁନି ଧନଞ୍ଜୟ ! କ'ଣ ହେଲା ସତେ ! କାହା ସହିତ ତ ଧକ୍କା ଲାଗିନି । ଗାଡ଼ିରେ ତ କେଉଁଠି ଟିକିଏ ଦାଗ ବି ଲାଗିନି । ହଠାତ୍ ଆମ ଗାଡ଼ିଟି ଦିଗ ବଦଳାଇ ରାସ୍ତାର ଆରପାରିରେ ଠିଆ ହେଲା କେମିତି ?"

"ଆଁ, ଆରପାରିରେ ? କ'ଣ କହୁଛୁ ତୁ ?"

"ଆରେ ତୁ ଦେଖୁନୁ ! ଆମେ କେଉଁଦିଗକୁ ଯାଉଥିଲେ ? ବର୍ତ୍ତମାନ ଆମ ଗାଡ଼ି କେଉଁ ଦିଗକୁ ମୁହଁକରି ଠିଆ ହୋଇଛି ?"

"ହଁ, ସତେତ ! ଏ କିପରି ହେଲା ?"

Digitized by srujanika@gmail.com

ମନେ ମନେ କେତେ କ'ଣ ବିଶ୍ଳେଷଣ କରିବାକୁ ଚେଷ୍ଟାକଲା ବିନୋଦ । କିନ୍ତୁ କିଛି ଥଳକୂଳ ପାଇଲାନି ।

ଡାକିଲା ଧନଞ୍ଜୟ, "ବିନୋଦ ଆଉ କ'ଣ ଭାବୁଛୁ ? ଚାଲ, ଯା. ହେବାର ତ ହେଲାଣି । ଡେରେ ଡେରି ହୋଇଯିବ ଯେ !"

ବିନୋଦ ଧନଞ୍ଜୟ କଥା ନ ଶୁଣି ଗାଡ଼ି ଚାରିପାଖରେ ଆଉଥରେ ବୁଲି ଆସିଲା । ଆଶା, କାଳେ କିଛି କ୍ଲୁ ପାଇଯିବ । କିନ୍ତୁ କେଉଁଠି କିଛି ପାଇଲାନି । ବାଧହୋଇ ଗାଡ଼ି ଭିତରକୁ ଆସି ପୁଣି ଷ୍ଟାର୍ଟ ଦେଲାବେଳକୁ ଇଞ୍ଜିନ୍ ଷ୍ଟାର୍ଟ ଧରୁନି । ଇଞ୍ଜିନ୍‌କୁ ଦେଖିବାପାଇଁ ବିନୋଦ ଦରଜା ଖୋଲୁଛି ହଠାତ୍ ଆଖି ପଡ଼ିଗଲା ଫୁଏଲ ମିଟର ଉପରେ । ସୂଚକ କଣ୍ଟା ଦେଖାଉଛି ଟାଙ୍କିରେ ପେଟ୍ରୋଲ ବିଲ୍‌କୁଲ୍ ନାହିଁ ।

"ଏ କ'ଣ ଧନଞ୍ଜୟ ?" ପାଟିକରି ଉଠିଲା ବିନୋଦ । "ଟାଙ୍କିରେ କ'ଣ ପେଟ୍ରୋଲ ନାହିଁ ?"

"କ'ଣ ହେଲା, କାଲି ବୋଧେ ଟାଙ୍କିରେ ପେଟ୍ରୋଲ ପୂରାଇବାକୁ ଭୁଲି ଯାଇଥିବୁ ।"

"ନା, ମୋଟେ ନୁହେଁ । ମୋର ଠିକ୍ ମନେଅଛି, ମୁଁ କାଲି ସନ୍ଧ୍ୟାବେଳେ ଘରକୁ ଫେରିଲାବେଳେ ଆମ ଘରପାଖ ପେଟ୍ରୋଲ ପମ୍ପରୁ ଟାଙ୍କିରେ ପେଟ୍ରୋଲ ଭର୍ତ୍ତି କରିଥିଲି ।"

"ତେବେ ପେଟ୍ରୋଲ ସବୁ ଗଲା କୁଆଡ଼େ ? ଆମେ ତ ମୋଟେ ୨୦।୨୨ ମାଇଲ ବାଟ ଆସିଛୁ ।"

"ସେଇତ ହେଉଛି କଥା, ଆମେ ତ ଅନ୍ୟଆଡ଼େ ଯାଇନାହୁଁ ! ତା'ହେଲେ ପେଟ୍ରୋଲ କୁଆଡ଼େ ଗଲା ?"

"ହୋଇପାରେ ବିନୋଦ । ଟାଙ୍କିରେ କେଉଁଠି ଲିକ୍ ଥିଲା । ସେଇବାଟେ ପେଟ୍ରୋଲ ସବୁ ବୋହିଯାଇଛି !"

"କିନ୍ତୁ କାହିଁ, ରାସ୍ତାରେ ତ କେଉଁଠି ବୁନ୍ଦାଏ ହେଲେବି ପେଟ୍ରୋଲ ପଡ଼ିନି, ପେଟ୍ରୋଲ କ'ଣ ଏତେଶୀଘ୍ର ଶୁଖିଗଲା ! ରାସ୍ତାଟି ପୂରାପୂରି ଶୁଖିଲା !"

"ତା'ହେଲେ ବର୍ତ୍ତମାନ ଉପାୟ ?"

"ଆରେ ରହ, ଗାଡ଼ି ପଛ ଟ୍ରଙ୍କ୍‌ରେ ପେଟ୍ରୋଲ ଟିଣଟିଏ ରଖିଥିଲି । ସେହି ତେଲ ପକାଇ ଆମେ ଯାଇପାରିବା ।"

Digitized by srujanika@gmail.com

ବିନୋଦ ସଙ୍ଗେ ସଙ୍ଗେ ଗାଡ଼ିର ପଛପାଖ ଟ୍ରଙ୍କ ଖୋଲି ପେଟ୍ରୋଲ ଆଣି ଟାଙ୍କିରେ ପକାଇଲା । ଷ୍ଟାର୍ଟ୍ କଲାରୁ ଗାଡ଼ିଟି ପୁଣି ଗର୍ଜିଉଠିଲା । ଚାହୁଁ ଚାହୁଁ ଗାଡ଼ିଟି ଓ୍ୱାସିଙ୍ଗଟନ୍ ପୋଲ ରାସ୍ତାକୁ ଧରିବା ପାଇଁ ଦୌଡ଼ିଲା ।

କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପହଞ୍ଚି ବିନୋଦ ଓ ଧନଞ୍ଜୟ ଗାଡ଼ିରୁ ଓହ୍ଲାଇ ବାରଣ୍ଡାକୁ ଉଠିଲେ । ଧନଞ୍ଜୟକୁ ବାରଣ୍ଡାରେ ଛାଡ଼ି ବିନୋଦ ଭିତରକୁ ପଶିଲା । କିଛିବାଟ ଗଲାପରେ ଷ୍ଟିଭେନ୍‌ସନ୍‌ଙ୍କ ରୁମ୍ ପଡ଼ିବା ଆଗରୁ ତାଙ୍କ ସେକ୍ରେଟେରୀଙ୍କ ରୁମ୍ ପଡ଼ିଲା । ବିନୋଦ ସେକ୍ରେଟେରୀଙ୍କ ରୁମ୍ ଭିତରକୁ ପଶିଯାଇ ପଚାରିଲା, "କ୍ଷମା କରିବେ ମେଡେମ୍, ମୁଁ ହେଉଛି ବିନୋଦ ରାଉତରାୟ । ପ୍ରଫେସର ଷ୍ଟିଭେନ୍‌ସନ୍‌ଙ୍କ ସହିତ ମୋର ସାକ୍ଷାତ ପାଇଁ ଆଜି ଏକ ସମୟ ଧାର୍ଯ୍ୟ ହୋଇଥିଲା ।"

ଟାଇପ୍‌ରାଇଟର ଉପରୁ ମୁହଁ ଉଠାଇ ସେକ୍ରେଟେରୀ ପଚାରିଲେ, "କ'ଣ ପ୍ରଫେସରଙ୍କ ସହ ?" ମୁହଁରେ ତାଙ୍କର ଆଶ୍ଚର୍ଯ୍ୟର ଚିହ୍ନ ।

"ହଁ" ବିନୋଦ ଉତ୍ତର ଦେଲା ।

"କିନ୍ତୁ ପ୍ରଫେସର ତ ନାହାନ୍ତି । ସେ ତ କାଲିରାତିରେ ନିଉୟର୍କ ବାହାରକୁ ଚାଲି ଯାଇଛନ୍ତି ।"

"ଏହା କେମିତି ହେଲା ମେଡେମ୍ ? ମୁଁ ତାଙ୍କ ସହିତ ଫୋନ୍‌ରେ କଥାବାର୍ତ୍ତା କରି ଆପଏଣ୍ଟମେଣ୍ଟ ଠିକ୍ କରିଥିଲି ।"

"ହଁ ! ମୁଁ ତ ଜାଣିଛି, ସେ ତ ମୋତେ ସେକଥା କହିଥିଲେ । କିନ୍ତୁ—କିନ୍ତୁ ସେ ତ ଗତ ସପ୍ତାହ କଥା । ତୁମେ ତ ଦିଆଯାଇଥିବା ତାରିଖରେ ଆସିଲ ନାହିଁ ।"

"ନା ନା ମେଡେମ୍, ଗତ ସପ୍ତାହରେ ନୁହେଁ । ଗତକାଲି ମଙ୍ଗଳବାର ଦିନ ଦୁଇଟାବେଳେ ମୁଁ ତାଙ୍କୁ ଫୋନ୍ କରିଥିଲି ।"

"କାଲି ?" ମନେ ମନେ ହସିଲେ ସେକ୍ରେଟେରୀ । "ପ୍ରଫେସର ତ କାଲି ଦିନସାରା କନଫରେନ୍‌ସରେ ଥିଲେ । କାଲି ତ କେହି ତାଙ୍କୁ ଫୋନ୍ କରି ନାହାନ୍ତି ।"

"ନା ମେଡେମ୍, ମୋତେ ବିଶ୍ୱାସ କରନ୍ତୁ । ମୁଁ ମିଛ କହୁନି, ମୁଁ ଫୋନ୍ କରିଥିଲି ।"

"ହୋଇପାରେ, ମୋର ଭୁଲ୍ ହୋଇଥିବ । କିନ୍ତୁ ପ୍ରଫେସର ତ ଆଜି ନାହାନ୍ତି ।"

"ମୁଁ ତାହାହେଲେ କ'ଣ କରିବି ମେଡ଼େମ୍ ?" ବିନୋଦ ତା' ହତାଶାଭାବକୁ ଆଉ ଲୁଚାଇ ରଖି ପାରିଲାନି ।

Digitized by srujanika@gmail.com

"ହେଉ, ତୁମେ କାଲି ଦଶଟାରେ ଆସ । ମୁଁ ତୁମକୁ ସାହାଯ୍ୟ କରିବି । ପ୍ରଫେସରଙ୍କ ସହ ତୁମକୁ ସାକ୍ଷାତ କରାଇଦେବି ।"

ଏହାଶୁଣି ବିନୋଦ ଧୀରେ ଧୀରେ ରୁମ୍‌ରୁ ବାହାରିଆସିଲା । ମନ ତା'ର ବିଷାଦରେ ପୂର୍ଣ୍ଣ । କେତେ ଆଶା ଓ ଆକାଙ୍‌କ୍ଷା ନେଇ ସେ ପ୍ରଫେସରଙ୍କ ପାଖକୁ ଆସି ନ ଥିଲା ସତେ ? କିନ୍ତୁ ହେଲା କ'ଣ, ନିଜକୁ ଶତ ଧିକ୍‌କାର ଦେଇ ପିଣ୍ଡାକୁ ଚାଲିଆସିଲା ।

ବିନୋଦକୁ ମୁହଁ ଶୁଖାଇ ଫେରିଆସିବାର ଦେଖି ଧନଞ୍ଜୟ ପଚାରିଲା, "କ'ଣ ହେଲା କିରେ ବିନୋଦ ? ତୁ ଏମିତି ଫେରିଆସିଲୁ ଯେ ? ପ୍ରଫେସର କ'ଣ ନାହାନ୍ତି କିରେ ?"

"ନା ଧନଞ୍ଜୟ ! ବଡ଼ ଖରାପ ଦିନ ଆଜି ମୋ ପକ୍ଷରେ । ପ୍ରଫେସର ବାହାରକୁ ଚାଲି ଯାଇଛନ୍ତି ।"

"କିରେ, ତୋତେ ପରା ସମୟ ଦେଇଥିଲେ ? କେମିତିକା ପ୍ରଫେସର ସେ କିରେ ? ଏଣେ ତୋତେ ସମୟ ଦେଇ ତେଣେ ନିଉୟର୍କରୁ ଚମ୍ପଟ । ଆମେରିକାରେ ତ ମୁଁ ଏମିତି ଲୋକ ଦେଖିନି । ବଡ଼ ଅଦ୍ଭୁତ ଲୋକ ତ ସେ ?"

କହୁ କହୁ ଧନଞ୍ଜୟ ବିନୋଦ ସହ ଫାଟକ ବାହାରକୁ ଚାଲିଆସିଲା । ଧନଞ୍ଜୟ ପାଟିରୁ ବାହାରିପଡ଼ିଲା, "ତାହାହେଲେ ବର୍ତ୍ତମାନ–?"

"ମୋତେ ପୁଣି କାଲି ଆସିବାକୁ ପଡ଼ିବ ଧନଞ୍ଜୟ ।"

ଏତକ କହୁ କହୁ ଅତି ଚିନ୍ତାର ସହ ଏଆଡ଼କୁ ସେଆଡ଼କୁ ଅନାଇଲା ବିନୋଦ । ହଠାତ୍ ନିକଟବର୍ତ୍ତୀ ଖବରକାଗଜ ଷ୍ଟାଣ୍ଡରେ ଖବରକାଗଜ ଉପରେ ତା'ର ଆଖି ପଡ଼ିଗଲା । କ'ଣ ଦେଖିଲା କେଜାଣି, କୌତୂହଳୀ ହୋଇ ଆଉ ଟିକିଏ ପାଖକୁ ଯାଇ ଭଲ କରି ଲକ୍ଷ୍ୟ କଲା । ଦେଖୁ ଦେଖୁ ପାଟିକରି ଡାକିଲା– "ଦେଖିଲୁ ଧନଞ୍ଜୟ ! ଦେଖିଲୁ, ଏଠି ଏ କ'ଣ ?"

"କ'ଣ ଆଉ, ଖବରକାଗଜ ? ତୁ ଏତେ ବିବ୍ରତ ହୋଇପଡୁଛୁ କାହିଁକି କହିଲୁ ?"

"ଆଜି କେତେ ତାରିଖ କହିଲୁ ଧନଞ୍ଜୟ ?" ଆମେ କେତେ ତାରିଖରେ ଘରୁ ବାହାରିଥିଲେ ମନେ ଅଛି ତ ?"

"ତୁ କ'ଣ ପାଗଳ ହୋଇଗଲୁ ବିନୋଦ ? ଏସବୁ ତୁ କ'ଣ ପଚାରୁଛୁ ମୁଁ ବୁଝିପାରୁନି । ଆଜି ପରା ଅଗଷ୍ଟ ମାସ ୧୭ ତାରିଖ । ଆଜି ସକାଳେ ତ ଆମେ ଘରୁ ବାହାରିଥିଲେ । ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?"

Digitized by srujanika@gmail.com

"ନା, ନା, ଧନଞ୍ଜୟ, ତା ଠିକ୍ ନୁହେଁ । ଏହି କାଗଜକୁ ଟିକିଏ ପଢ଼ । ଏଠି କ'ଣ ଲେଖାହୋଇଛି ଦେଖ ।"

ଅଗଷ୍ଟ ମାସ ୨୪ ତାରିଖ । ପଢୁ ପଢୁ ଆଶ୍ଚର୍ଯ୍ୟ ହୋଇଗଲା ଧନଞ୍ଜୟ । "ମୁଁ ବୁଝିପାରୁନି ବିନୋଦ ଏ କେମିତି ହେଲା । ଆଜି ୨୪ ତାରିଖ ନୁହେଁ, ଆଜି ତ ୧୭ ତାରିଖ ।"

"ଏହା ତ ଆଜିକାର ଖବରକାଗଜ, ଏହା କଦାପି ଆସନ୍ତା ସପ୍ତାହର ହୋଇ ନ ପାରେ ।" ବିନୋଦ କହିଲା ।

"ଅସମ୍ଭବ, ଏହା କଦାପି ଆଜିକାର ଖବରକାଗଜ ନୁହେଁ । ଭୁଲରେ ତାରିଖ ଛାପା ହୋଇଛି ।"

"ତୁ ଆଉ ଏକ ପାଗଳ ଧନଞ୍ଜୟ । ଖବରକାଗଜରେ ତାରିଖ ଭୁଲରେ ଛାପାଯିବ କାହିଁକି ? ଷ୍ଟିଭେନ୍‌ସନ୍‌ଙ୍କ ସେକ୍ରେଟେରୀ ମୋତେ ଠିକ୍ ସେଇକଥା କହିଲେ । ସେ କହିଲେ ଗତ ସପ୍ତାହରେ ମୋର ଷ୍ଟିଭେନ୍‌ସନ୍‌ଙ୍କ ସହ ସମୟ ଧାର୍ଯ୍ୟ ହୋଇଥିଲା । ଆଜି ନୁହେଁ, ଧାର୍ଯ୍ୟ ଦିନର ସାତଦିନ ପରେ ଆମେ ପ୍ରୋଫେସରଙ୍କ ପାଖକୁ ଆସୁଛେ ?"

ପାଖଦେଇ ସେଇ ରାସ୍ତାରେ ଯାଉଥିଲେ ଜଣୈକା ମାର୍କିନ୍ ଯୁବତୀ । ହାତରେ ଘଡ଼ି ପିନ୍ଧିଛନ୍ତି । ବିନୋଦ ଯୁବତୀଟିକୁ ଲକ୍ଷ୍ୟକରି ପଚାରିଲା, "କ୍ଷମା କରିବେ ମେଡେମ୍ । ଆଜି କେତେ ତାରିଖ ଟିକେ ଦୟାକରି କହିବେ କି ?"

ବିନୋଦକୁ ଏଭଳି ଏକ ପ୍ରଶ୍ନ ପଚାରିବାର ଦେଖି ଯୁବତୀଟି ଆଶ୍ଚର୍ଯ୍ୟ ହୋଇ ବିନୋଦକୁ ବଲ ବଲ କରି ଅନାଇଲା । ଭାବି ପାରିଲାନି ଏଇ ଭଦ୍ରଲୋକ ଜଣକ ଏମିତି କ'ଣ ପଚାରୁଛନ୍ତି ?

ସେ ବିନୋଦକୁ ଜିଜ୍ଞାସୁ ନୟନରେ ଅନାଇ ରହିଥିବାର ଦେଖି ନିଜ ଘଡ଼ିକୁ ଅନାଇ କହିଲା, "କାହିଁକି, ଆଜି ତ ଅଗଷ୍ଟମାସ ୨୪ ତାରିଖ । ଆପଣଙ୍କ ଘଡ଼ିରେ ଅନ୍ୟ କେଉଁ ତାରିଖ ଅଛି ନା କଅଣ ?"

ଯୁବତୀଟି ଉତ୍ତର ଦେଇ ଚାଲିଗଲା ସତ, କିନ୍ତୁ ଆଶ୍ଚର୍ଯ୍ୟ ହେଲା, ଏଭଳି ପ୍ରଶ୍ନ ତ କେହି କେବେ କାହାରିକୁ ପଚାରନ୍ତି ନାହିଁ ! ଆମେରିକାରେ ତ ଏମିତି ପଚାରିବା ଭଦ୍ରାମି ବିରୁଦ୍ଧ । ଏମାନଙ୍କ ମସ୍ତିଷ୍କ ଠିକ୍ ଅଛି ତ ? ଏମାନେ କୁଆଡ଼କାର ଲୋକ ? ଏମାନେ ପାଗଳ ହୋଇନାହାନ୍ତି ତ ?"

ଯୁବତୀଟି କଥା ଶୁଣି ଧନଞ୍ଜୟ ତା ଘଡ଼ିକୁ ଚଟ୍‌କରି ଅନାଇଦେଇ ଚମକିପଡ଼ିଲା । ଆଁ ! ୨୪ ତାରିଖ ?" ତା'ହେଲେ ନିଶ୍ଚୟ କେଉଁଠି ଭୁଲ୍ ରହିଯାଇଛି ବିନୋଦ– ଧନଞ୍ଜୟ କହିଲା ।

Digitized by srujanika@gmail.com

"ନା ଧନଞ୍ଜୟ, ଭୁଲ୍ କେଉଁଠି ନାହିଁ । ଆମର ଆଜି ସକାଳେ ୧୭ ତାରିଖ ଥିଲା । କିନ୍ତୁ ବର୍ତ୍ତମାନ ୨୪ ତାରିଖ ।"

"ପାଗଳ, ତା'ହେଲେ ମଝିରେ ସପ୍ତାହଟାଏ ଗଲା କୁଆଡ଼େ ? ତାଚ୍ଛଲ୍ୟ ଭାବ ଦେଖାଇ ପଚାରିଲା । "ଏହି ସାତଦିନ କ'ଣ ଧୂଆଁରେ ମିଳାଇଗଲା ?"

"ଆରେ, ଆମେ ସେହି ରାସ୍ତାରେ ଆସୁଥିଲାବେଳେ ସମୟର ଫାଟରେ ଚାପି ହୋଇଗଲେ । ସମୟର ଫାଟରେ ଆମର ସାତଦିନ କାଳ କେଉଁଆଡ଼େ ଲୁଚିଗଲା ।"

ବିଶ୍ୱର ବିଭିନ୍ନ ସ୍ଥାନରେ ଏହି ସମୟର ଫାଟ ବେଳେ ବେଳେ ଏହିଭଳି ଘଟଣା ଘଟାଏ । ଭବିଷ୍ୟତର ମହାକାଶଚାରୀଙ୍କ ପାଇଁ ଏହା ଏକ ବଡ଼ଧରଣର ବିପଦ ।

ଧନଞ୍ଜୟ ହସିଉଠି କହିଲା, "ମୁଁ ଦେଖୁଛି, ତୁ ଗୋଟାଏ ବଦ୍ଧ ପାଗଳ । ତୋ ମୁଣ୍ଡ ଆଉ କାମ କରୁନି ବୋଧହୁଏ ।"

"ହସିଲୁ କାହିଁକି ଧନଞ୍ଜୟ ? ସମୟର ଗତି ସମ୍ବନ୍ଧରେ ତୋର କି ଧାରଣା ଅଛି ଶୁଣେ ?"

"ନା ଭାଇ, ମୁଁ ତ ପଦାର୍ଥବିଜ୍ଞାନବିତ୍ ନୁହେଁ ତୋ ଭଳି, ଜାଣିବି କେମିତି ? ତେବେ ମୋର ଧାରଣା ଅଛି କେଉଁଟା ସମ୍ଭବ, କେଉଁଟା ଅସମ୍ଭବ ।"

"ଦୁନିଆରେ ବହୁ ଘଟଣା ଘଟେ ଧନଞ୍ଜୟ, ଯାହାକୁ ଆମେ ସହଜରେ ବୁଝିପାରିବା ନାହିଁ ।"

"ତୁ ଭାବ ନା ବିନୋଦ, ମୁଁ ନିପଟ ମୂର୍ଖଟାଏ । ତୁ ମୋତେ ଏତେ ସହଜରେ ବୋକା ବନାଇବାକୁ ଚେଷ୍ଟା କର ନା ।"

"ହେଉ, ଆମ ଗାଡ଼ିରେ ପେଟ୍ରୋଲ କୁଆଡ଼େ ଗଲା କହିଲୁ ?"

"ବାଷ୍ପୀଭୂତ ହୋଇଗଲା ।"

"କେମିତି ?"

"କହିପାରିବିନି ।"

"ନା ଧନଞ୍ଜୟ, ତା ନୁହେଁ । ପେଟ୍ରୋଲ ଇଞ୍ଜିନ୍ ଭିତରେ ସାଧାରଣ ଭାବରେ ଜଳିଯାଇଛି ।"

"କେମିତି ?"

Digitized by srujanika@gmail.com

"ଇଞ୍ଜିନ୍‌ରେ ଯେତେ ସମୟ ପର୍ଯ୍ୟନ୍ତ ପେଟ୍ରୋଲ ଥିଲା, ତାହା ଚାଲୁଥିଲା । ଆମେ ସମୟର ଫାଟରେ ପଡ଼ି ସେଇଠି ଅଟକି ଯାଇଥିଲେ । ଆମେ ଜାଣିପାରୁ ନ ଥିଲେ । ଆମ ଅଜଣାରେ ଗାଡ଼ି ଚାଲୁଥିଲା । ଆମେ ସେଇଠି ଘୂରିହେଉଥିଲେ । ଯେତେବେଳେ ପେଟ୍ରୋଲ ସରିଗଲା, ଇଞ୍ଜିନ୍ ମନକୁମନ ବନ୍ଦ ହୋଇଗଲା । ଏହି ସମୟ ଫାଟ ଭିତରେ ଆମେ ପଡ଼ିଗଲାରୁ ପେଟ୍ରୋଲତକ ଜଳିଗଲା, ଆମେ ଜାଣିପାରିଲେନି ।"

"ତୁ ମୋତେ ନିର୍ବୋଧ ବୋଲି ଭାବନା ବିନୋଦ । ସେ ଗାଲୁଗପ ରଖିଥା, ଆଉ କାହା ଆଗରେ କହିବୁ ।"

"ହେଉ, ସେକ୍ରେଟେରୀଙ୍କ କଥା ? ସେ ତ କହିଲେ, ସାତଦିନ ତଳେ ପ୍ରୋଫେସରଙ୍କ ସହିତ ସମୟ ଧାର୍ଯ୍ୟ ହୋଇଥିଲା । ସେ କ'ଣ ଭୁଲ୍ ?"

"ହଁ, ସେ ତୋରି ପରି ଆଉ ଏକ ପାଗଳ ।"

"ହେଉ, ସେ ଖବରକାଗଜ ? ଏହା ତ ନିଶ୍ଚୟ ଆଜିକାର କାଗଜ । ଏହାକୁ ତ ଫାଙ୍କିଦେଇ ପାରିବୁନି । ଏହି ସାତଦିନ ଗଲା କୁଆଡ଼େ ?"

"ସେଇତ ହେଉଛି କଥା ।" ଧନଞ୍ଜୟ ଭାରୀ ଗଳାରେ କହିଲା ।

"ତୁ ବୁଝିପାରୁନୁ ଧନଞ୍ଜୟ, ଭଗବାନ୍‌ଙ୍କୁ ଧନ୍ୟବାଦ ଦେବା କଥା । ଆମେ ସମୟର ଏକ ଅତି ବିପଦଜନକ ଫାଟରେ ପଡ଼ି ଯାଇଥିଲେ । ଆମର ସୌଭାଗ୍ୟ ଆମେ ମରି ପାଉଁଶ ନ ହୋଇ ବଞ୍ଚି ରହିଛେ ।"

"ତୁ କ'ଣ ଏ ସବୁକୁ ବିଶ୍ୱାସ କରୁ ବିନୋଦ ? ଏମିତି ଅନାଉ ଅନାଉ ସାତଦିନ କାଳ ଏ ଭିତରେ କଟିଗଲା, ଆମେ ଜାଣିପାରିଲେନି ?"

ବିଶ୍ୱାସ କରିବା ଛଡ଼ା ଅନ୍ୟ ଉପାୟ ନାହିଁ ଧନଞ୍ଜୟ । ଏହାକୁ ତ ଆମେ ଏଇଲେ ଅଙ୍ଗେ ନିଭାଇଲେ । ଅବିଶ୍ୱାସର ସ୍ଥାନ କେଉଁଠି ଅଛି କହିଲୁ ?"

"କିନ୍ତୁ ମୁଁ ତ ବିଶ୍ୱାସ କରିପାରୁନି ବିନୋଦ ।"

"ମୁଁ ମଞ୍ଜୁକୁ କହି ଆସିଥିଲି ଧନଞ୍ଜୟ, ସନ୍ଧ୍ୟା ପୂର୍ବରୁ ଫେରିବି ବୋଲି । ଏ ଭିତରେ ଦେଖୁଛୁ ତ, ସାତଦିନ ଗତ ହୋଇଗଲାଣି । ପୁଅର ଅବସ୍ଥା ତେଣେ କ'ଣ ହୋଇଥିବ କେଜାଣି ? ମଞ୍ଜୁ ସତେ କ'ଣ ଭାବୁଥିବ ମୋତେ ?"

"ହେଉ, ହେଉ, ରହ ବିନୋଦ, ତୁ ଯେ କହୁଛୁ ସାତଦିନ ଏହା ଭିତରେ ଚାଲିଗଲା, ଆମେ ଜାଣିପାରିଲେନି । ଏହି ସାତଦିନ କାଳ ନ ଖାଇ ନ ପିଇ ନ ଶୋଇ ଆମେ ବଞ୍ଚିଲେ କେମିତି ? ଆମେ ତ ସାତଦିନ କାଳ ନ ଖାଇଥିଲେ ଆମ ଗୋଡ଼ହାତ ଚାଲୁ ନ ଥାନ୍ତା ? ଆମେ ତ କାହିଁ ସେମିତି ଦୁର୍ବଳ ଅନୁଭବ କରୁ ନାହାନ୍ତି ?"

Digitized by srujanika@gmail.com

"ଆରେ, ଆମର ମୋଟେ ସମୟ ଖର୍ଚ୍ଚ ହୋଇଛି ଦଶ ପନ୍ଦର ମିନିଟ୍ । କିନ୍ତୁ ଫାଟ ବାହାରେ ଦୁନିଆ ପାଇଁ ସମୟ ଗତି କରିଯାଇଛି ସାତଦିନ । ସମୟର ଫାଟରେ ପଡ଼ି ଯାଇଥିଲେ ବୋଲି ଆମର ମାତ୍ର ଦଶ ପନ୍ଦର ମିନିଟ୍ ଖରଚ ହୋଇଛି । ତେଣୁ ଏହି ଦଶ ପନ୍ଦର ମିନିଟ୍ ଭିତରେ ଆମକୁ ଭୋକଶୋଷ କାହିଁକି ହେବ ? ଆମେ ଦୁର୍ବଳ ଅନୁଭବ କରିବା କାହିଁକି ?"

"ହଁ, ସେଇତ ହେଉଛି ସମୟରେ ଫାଟ । ତା ଭିତରେ ସାଧାରଣ ସମୟର ଗତି ଲୁଚିଯାଏ ।"

"ଆରେ, ତୁ ଆଶ୍ଚର୍ଯ୍ୟ ହେଉଛୁ କଅଣ ? ଆଇନ୍‌ଷ୍ଟାଇନ୍‌ଙ୍କ ଆପେକ୍ଷିକ ତଥ୍ୟ ପରା କହେ, ଯେଉଁମାନେ ଆଲୋକ ବେଗର ପାଖାପାଖି ବେଗରେ ଯିବେ, ସେମାନଙ୍କ ପାଇଁ ସମୟ ଧୀର ହୋଇଯାଏ । ସାଧାରଣଙ୍କ ପାଇଁ ସମୟ ଠିକ୍ ଚାଲିଥାଏ । ତୁ ଆଲୋକ ବେଗର ପାଖାପାଖି ବେଗରେ ଗୋଟିଏ ପାଖ ନକ୍ଷତ୍ରଠାକୁ ଯାଇ ଫେରିଆସିଲେ ତୋତେ ଦୁଇ ତିନି ବର୍ଷ ଲାଗିପାରେ । କିନ୍ତୁ ପୃଥିବୀରେ ଫେରି ଆସି ପହଞ୍ଚିଲାବେଳକୁ ୫୦।୬୦ ବର୍ଷ ଚାଲି ଯାଇଥାଏ ବୋଲି ଜଣାପଡ଼େ । ଏଠି କ'ଣ ସେମିତି ହେଲା ବିନୋଦ ।"

"ହଁ ରେ ଭାଇ, ସମୟର ଫାଟରେ ସମୟର ଗତି ଏତେ ଧୀର ହୋଇଗଲା । ଫଳରେ ଆମର ଯିଏ ୧୦।୧୫ ମିନିଟ୍, ଆମ ବାହାରେ ତାହା ସାତଦିନ ।

ଦୁହେଁ ଆଉ ଡେରି ନ କରି ଘର ଅଭିମୁଖେ ଗାଡ଼ି ଛୁଟାଇଦେଲେ । ଗାଡ଼ିକୁ ଘର ସାମନାରେ ରଖିଦେଇ ବିନୋଦ ପାହାଚ ଉପରକୁ ଉଠୁଛି, ମଞ୍ଜୁ ବିନୋଦକୁ ଦେଖି କହିଲା, "ତୁମେ ତା'ହେଲେ ଶେଷରେ ଫେରିଆସିଲ ? ମଞ୍ଜୁ କହିଲାବେଳେ ତା'ର ବ୍ୟଥାଭରା ସ୍ୱର ତା' ହୃଦୟର କୋହକୁ ସୂଚାଉଥାଏ । ବିନୋଦ ଉପରକୁ ଉଠୁ ଉଠୁ କହିଲା, "ମୁଁ ଖୁବ୍ ଖୁସି ମଞ୍ଜୁ, ଆମେ ଜୀବନ ନେଇ ଫେରି ଆସିଛୁ । ନଚେତ୍ ଆମେ ଏତେବେଳକୁ—"

"ଆଉ କିଛିଦିନ ରହିଲନି ।" ମଞ୍ଜୁ ବ୍ୟଥାଭରା କଣ୍ଠରେ କହିଲା ।

"ପୁଅ କେମିତି ଅଛି ମଞ୍ଜୁ ?" ଭଲ ହୋଇଯିବଣି ବୋଧେ ?"

"ଯାହାହେଉ ବଡ଼ ଭାଗ୍ୟ । ପୁଅ ପାଇଁ ତୁମ ମନରେ ଏତେ ଚିନ୍ତା ଅଛି ! ତୁମେ ତା'ର ବାପା ହୋଇ ତା ପ୍ରତି ଏତେ ନିଷ୍ଠୁର ହୋଇପାରିଲ ? ମୋତେ ତୁମେ ପଚାରି ନ ପାର । ତୁମେ ଯାହାକୁ ଜନ୍ମ ଦେଇଛ, ତା'ର ଏ ଅବସ୍ଥାରେ ତାକୁ ଯେ କେମିତି ଭୁଲିଗଲ ମୁଁ ଭାବିପାରୁନି ।" କହୁ କହୁ କାନ୍ଦି ପକାଇଲା ମଞ୍ଜୁ ।

Digitized by srujanika@gmail.com

ପୁଅ ଘରେ ବେମାର । ମୁଁ ଏଠି ଏକା । ତୁମେ ମାର୍ଗାରେଟଙ୍କୁ ଧରି ସାତଦିନ କାଳ ବୁଲି ବାହାରିଗଲ । ଟିକିଏ ବି ତୁମର ମନେପଡ଼ିଲାନି ରୁଗ୍‌ଣ ପୁଅ କଥା । ମୋ କଥା ମନେ ପଡ଼ି ନ ପାରେ । ଯେତେହେଲେ ମୁଁ ତ ମାର୍ଗାରେଟ ଭଳି ସୁନ୍ଦରୀ ହୋଇପାରିବିନି । ପୁଅ ପାଇଁ ପରା ତମେ ଏତେ ପାଗଳ । ମାର୍ଗାରେଟଙ୍କୁ ପାଇ ତୁମେ ତା'କୁ ବି ସାତଦିନ କାଳ ଭୁଲିଗଲ ?'' କାନ୍ଦୁ କାନ୍ଦୁ କହିଲା ମଞ୍ଜୁ ।

ତୁମେ କ'ଣ ଯେ ସବୁ ବାଜେକଥା ବକି ଯାଉଛ ମୁଁ ବୁଝିପାରୁନି ମଞ୍ଜୁ । ମାର୍ଗାରେଟ କଥା ତୁମେ କ'ଣ କହୁଛ ? କେଉଁ ମାର୍ଗାରେଟ ?

''ତୁମେ ନିଜକୁ ଏତେ ସରଳିଆ ଦେଖାଅନି ବିନୋଦ । ତୁମେ ନିଜେ ଭାବ କେଉଁ ମାର୍ଗାରେଟକୁ ନେଇ କୁଆଡ଼େ ଯାଇଥିଲ ।''

''ତୁମେ ବୁଝି ପାରିବନି ମଞ୍ଜୁ । ଆମେ ଯେଉଁ ଅପୂର୍ବ ଅଭିଜ୍ଞତା ନେଇ ଫେରିଆସିଛୁ, ତୁମ ଶଙ୍ଖା ସିନ୍ଦୂର ଟାଣ ନ ଥିଲେ ଆମେ କେତେବେଳୁ ସମୟର ଫାଟରେ ପଡ଼ି ପାଉଁଶରେ ପରିଣତ ହୋଇ ସାରନ୍ତୁଣି । ତୁମେ ବିଶ୍ୱାସ କରିବନି ମଞ୍ଜୁ ଆମର ସାତଦିନକାଳ କଟିଗଲା ମାତ୍ର ଦଶ ପନ୍ଦର ମିନିଟ୍ ଭିତରେ ।''

''ତୁମେ ମୋତେ ନିର୍ବୋଧ ବୋଲି ଭାବନି ବିନୋଦ । ମୋର ସବୁକଥା ବୁଝିପାରିବାର ଯଥେଷ୍ଟ ଶକ୍ତି ଅଛି ।''

''ତୁମର ଯଦି ମୋ କଥାକୁ ବିଶ୍ୱାସ ଆସୁନି, ତେବେ ଧନଞ୍ଜୟକୁ ପଚାରିପାର । ସେ ତ ମୋ ସହିତ ସବୁବେଳେ ଥିଲା ।''

''ତୁମେ ସବୁ ପୁରୁଷଯାକ ଏକା । ଶୁଣି ସାକ୍ଷୀ ମାତାଲ । ଜଣେ ଜଣକୁ ରକ୍ଷା କରିବାକୁ ବେଶ୍ ଭଲ ଭାବରେ ଦକ୍ଷ ।

ମଞ୍ଜୁଶ୍ରୀ ହାତକୁ ଧରି ପକାଇ ବିନୋଦ କହିଲା, ''ତୁମ ରାଣ ମଞ୍ଜୁ, ମୋତେ ବିଶ୍ୱାସ କର । ଆମେ ଦୁହେଁ ସମୟର ଏକ ଫାଟ ଭିତରେ ପଡ଼ି ଯାଇଥିଲୁ । ତା' ଭିତରେ ସାତଦିନ କାଳ କୁଆଡ଼େ ଲୁଚିଗଲା ।

''ସେହି ଗାଲୁକଥା ଆଉ କେତେ ଶୁଣେଇବ ?

''ନା ମଞ୍ଜୁ, ମୋତେ ବିଶ୍ୱାସ କର । ଯଦି ବିଶ୍ୱାସ ଆସୁନି, ଚାଲ ପ୍ରଫେସର ଷ୍ଟିଭେନ୍‌ସନ୍‌ଙ୍କ ପାଖକୁ ଯିବା, ସେ ତୁମକୁ ବୁଝାଇଦେବେ, ଏହା କେମିତି ସମ୍ଭବପର ।

''ମୋର କାହା ପାଖକୁ ଯିବା ଦରକାର ନାହିଁ ।''

ଏତକ କହି ସେ କାନ୍ଦ କାନ୍ଦ ହୋଇ ଉପରମହଲାକୁ ଉଠିଯାଇ ଧଡ଼୍‌କିନା କବାଟ କିଳିଦେଇ ଘର ଭିତରେ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା ।

Digitized by srujanika@gmail.com

ବିନୋଦ 'କବାଟ ଫିଟାଇବା ପାଇଁ ଖୁବ୍ ଜୋରରେ କବାଟକୁ ଯାଇ ଧଡ଼ଧଡ଼ କଲା ।

ହଠାତ୍ ନିଦ ଭାଙ୍ଗିଗଲା । ବିନୋଦ ଦେଖିଲା କବାଟ ଫବାଟ କିଛି ନାହିଁ । ଆମେରିକା, ନିଉୟର୍କ, ଧନଞ୍ଜୟ, ଫୋର୍ଡ଼ ଫେଲ୍‌କନ୍ ଆଦି କିଛି ନାହିଁ । ସେ ନିଜର ତୁଳସୀପୁରସ୍ଥ ନବନିର୍ମିତ କୋଠାଘରେ ଶୋଇଛି । ମଞ୍ଜୁ ତା'ରି ପାଖରେ ବେଶ୍ ଗାଢ଼ ନିଦରେ ଶୋଇଯାଇଛି । ପାଖ ଖଟରେ ପୁଅ ଶୋଇଛି । ହଠାତ୍ ସେ ଏ କି ସ୍ୱପ୍ନ ଦେଖିଲା ଭାବିପାରିଲାନି । ସେ ଭାବୁ ଭାବୁ ଉଠି ବସିଲା । ମଞ୍ଜୁକୁ ହଲାଇ ଉଠାଇବା ପାଇଁ ଯାଉଥିଲା । ହଠାତ୍ କ'ଣ ଭାବି ବନ୍ଦ ହୋଇଗଲା । ଝରକା ଦେଇ ଦେଖିଲା ପୂର୍ବ ଆକାଶରେ ସିନ୍ଦୂରା ଫାଟିବା ଉପରେ । ଚାରିଆଡ଼ ବେଶ୍ ଫରଚା ପଡ଼ିଗଲାଣି ।

Digitized by srujanika@gmail.com

ମୃତ୍ୟୁରଶ୍ମି

ବୈଜ୍ଞାନିକ ପତ୍ରିକା 'ଫିଜିକାଲ ଆବ୍‌ଷ୍ଟ୍ରାକ୍ଟସ୍' ବସି ପଢୁଛି, ହଠାତ୍ ରୁମ୍ ଭିତରକୁ ପଶି ଆସିଲା ମୋ ସହକାରୀ ରେଖା ଧଇଁସଇଁ ହୋଇ । ଭୟ ଓ ବିପଦ ଆଶଙ୍କାରେ ତା ମୁହଁ ପୂରାପୂରି କଳାକାଠ ପଡ଼ିଯାଇଥାଏ । କପାଳ ଉପରେ ଟୋପା ଟୋପା ଝାଳ ତା'ର ନିଃସହାୟତାର ସ୍ୱଷ୍ଟ ପରିଚୟ ଦେଉଥାଏ । ଥର ଥର ଗଳାରେ ଆସି କହିଲା, "ସାର୍, ବଡ଼ ବିପଦ । ସିନକ୍ରୋଟ୍ରୋନର ମେଗ୍‌ନେଟିକ୍ ଫିଲ୍‌ଡ କେମିତି କେଜାଣି ହଠାତ୍ ବଦଳିଗଲା । ମୁଁ ସେଥିରେ କାମ କରୁଥିଲି । କୁଆଡୁ କିଛି ନାହିଁ ଫିଲ୍‌ଡଟା ଚଟ୍‌କରି ଓଲଟିଗଲା । ଏଆଡୁ ସେଆଡୁ ଯେତେ ମୋଡ଼ାମୋଡ଼ି କଲି, ଆଉ ବଦଳାଇ ପାରିଲିନି । ଏହାକୁ ଯଦି ଏଭଳି କିଛି ସମୟ ଛାଡ଼ି ଦିଆଯାଏ, ତେବେ ସାରା ଯନ୍ତ୍ରଟି ତ ଅଳ୍ପ ସମୟ ଭିତରେ ପୋଡ଼ିଜାଳି ପାଉଁଶ ହୋଇଯିବ ।"

"ଆଁ, ମେଗ୍‌ନେଟିକ୍ ଫିଲ୍‌ଡ ?" ରେଖା କଥା ଶୁଣି ଚମକିପଡ଼ିଲି । "ତେବେ ବର୍ତ୍ତମାନ ଉପାୟ ? ଯନ୍ତ୍ରଟିକୁ ତ ସମ୍ଭାଳି ହେବନି, ତା'ହେଲେ ? ତୁମେ ଲାଇନ୍ କାଟି ଦେଇଛ ରେଖା ?"

"ନାଇଁ ସାର୍ ।" ମୁଣ୍ଡ ହଲାଇ ନାସ୍ତି କଲା ରେଖା ।

"ଆଁ, ଲାଇନ୍ କାଟିନ ? ଆଉ ମୋଠାକୁ ଦୌଡ଼ିଆସିଛ କାହିଁକି ? ତୁମେ ତ ବର୍ତ୍ତମାନ ସବୁ ନଷ୍ଟ କରି ପକାଇବ ଦେଖୁଛି ? ସିନକ୍ରୋଟ୍ରୋନ୍ ଯଦି ଧ୍ୱଂସ ପାଇଯାଏ, ତେବେ ଗବେଷଣାଗାରର ଆଉ କିଛି ରହିବଟି ? ତୁମେ ତ ବଡ଼ ଦାୟିତ୍ୱହୀନା ରେଖା । ତୁମକୁ ନେଇ ଗବେଷଣା ଚଳାଇହେବନି ଆଉ । ଏତକ ବୁଦ୍ଧି କ'ଣ ତୁମ ମୁଣ୍ଡକୁ ପଶିଲାନି ?"

ଭୟ ଓ ବିରକ୍ତିରେ ସଙ୍ଗେ ସଙ୍ଗେ ଦୌଡ଼ିଲି ସିନକ୍ରୋଟ୍ରୋନ୍ ଆଡ଼େ, ରେଖାର ଉତ୍ତର ପ୍ରତି ଦୃଷ୍ଟି ନ ଦେଇ ।

ସିନକ୍ରୋଟ୍ରୋନ ଭିତରେ ତେଜସ୍କ୍ରିୟ କାଲିଫର୍ଣ୍ଣିୟମ୍ ଥୋଇ, କାଲିଫର୍ଣ୍ଣିୟମ୍ ଉପରେ ଧୀର ମେସନ୍‌ର ପ୍ରଭାବ ପରୀକ୍ଷା କରୁଥିଲା ରେଖା । ଅଶୀଲକ୍ଷ ଭଲ୍‌ଟ ଉପରେ ଚାଲୁଥିଲା ବିରାଟ ଯନ୍ତ୍ରଟି । ବଡ଼ ଭୟଭୀତ ହୋଇ କୁଆଡୁ କିଛି ନ ପାଇ ଲାଇନ୍ କାଟିଦେବାକୁ ଯାଉଛି, ହଠାତ୍ ପଛଆଡୁ ରେଖା ମୋ ହାତ ଧରି ପକାଇ କହିଲା ।

Digitized by srujanika@gmail.com

"ହଁ, ହଁ, ଏ କ'ଣ କରୁଛନ୍ତି ସାର୍ ? କାଲିଫର୍ଣ୍ଣିୟମ୍ ପରା ଯଥେଷ୍ଟ ମେସନ୍ ଧରି ସାରିଲାଣି । ବର୍ତ୍ତମାନ ମେସନ୍ ସ୍ରୋତ ବନ୍ଦ କରିଦେଲେ କାଲିଫର୍ଣ୍ଣିୟମ୍ ଟେଣ୍ଟାଲେକ୍ସିୟମ୍‌କୁ ପରିବର୍ତ୍ତିତ ହୋଇଯିବ । ସାମାନ୍ୟ ପରିମାଣରେ ଟେଣ୍ଟାଲେକ୍ସିୟମ୍ ତିଆରି ହୋଇଗଲେ ଆମ ଗବେଷଣାଗାର ଆଉ ରହିବଟି ?"

ରେଖା କଥାରେ ହଠାତ୍ ମୋର ମନେ ପଡ଼ିଗଲା ମୌଳିକବସ୍ତୁ ଟେଣ୍ଟାଲେକ୍ସିୟମ୍ କଥା । ସତେତ ବର୍ତ୍ତମାନ ତା'ହେଲେ କରାଯିବ କ'ଣ ? ସିନକ୍ରୋଟ୍ରୋନ ବନ୍ଦ କଲେ ବିପଦ, ନ କଲେ ମଧ୍ୟ ବିପଦ । କ'ଣ କରିବି ଭାବି ପାରିଲିନି । ଆଉ କିଛି ସମୟ ପରେ ତ ଯୁକ୍ତରାଷ୍ଟ୍ର ସରକାରଙ୍କ ଏହି ବିରାଟ ଗବେଷଣାଗାର ଆଖିପିଛୁଳାକେ କୁଆଡ଼େ ଉଭେଇଯିବ । ସେଥି ସଙ୍ଗେ ସଙ୍ଗେ ଆମେ ସମସ୍ତେ ଧୂଳିକଣାରେ ପରିଣତ ହୋଇ କେଉଁଆଡ଼େ ଯେ ଲୀନ ହୋଇଯିବୁ, ସେତକ ଅନୁମାନ କରିବାକୁ ମୋତେ ବେଶୀ ସମୟ ଲାଗିଲାନି । ଏଭଳି ବିପଦ ସମୟରେ ସିନକ୍ରୋଟ୍ରୋନ ଛାଡ଼ି ଅଧକ୍ଷ ରବର୍ଟ ହାଇମର୍‌ଙ୍କୁ ଖବର ଦେଉଛି ବା କେମିତି ? ଖବର ଦେବାପାଇଁ ରେଖାକୁ ମଧ୍ୟ ପଠାଇପାରୁନି । ମୋର ସେତେବେଳକୁ ମୁଣ୍ଡ ଏକରକମ ପାଗଳ । ଛେପ ଅଭାବରୁ ପାଟି ଶୁଖି ଅଠା ଅଠା ହୋଇଗଲାଣି । ଆଖି ଆଗରେ ଶହ ଶହ ନିଆଁହୁଳା ଚାରିଆଡ଼େ ଛୁଟିଗଲା ଭଳି ଲାଗୁଥାଏ । ବିରାଟ ଯନ୍ତ୍ରଟିକୁ ଏପାଖ ସେପାଖ ଢେର୍ ମୋଡ଼ାମୋଡ଼ି କଲି, କିନ୍ତୁ ମେଗ୍‌ନେଟିକ୍ ଫିଲ୍‌ଡକୁ ପୂର୍ବାବସ୍ଥାକୁ ଆଣି ପାରିଲିନି । କ'ଣ କରିବି – କିପରି ସଜାଡ଼ିବି, ମୁଣ୍ଡ ମୋର ଘୂରିଗଲା ।

ସୂକ୍ଷ୍ମ ଦ୍ୱାର ଦେଇ ସିନକ୍ରୋଟ୍ରୋନ ଭିତରକୁ ଅନାଇଲି । ଯା' ଦେଖିଲି, ସେଥିରେ ଆଖି ମୋର ଖୋସି ହୋଇଗଲା । ଉତ୍ତାପର ବୃଦ୍ଧି ହେତୁ ଯନ୍ତ୍ର ଭିତରେ କାଲିଫର୍ଣ୍ଣିୟମ୍ ଧୀରେ ଧୀରେ ତରଳିବାକୁ ଆରମ୍ଭ କଲାଣି । ତରଳ କାଲିଫର୍ଣ୍ଣିୟମ୍ ଉପରେ ଚାରିଆଡୁ ଘନ ଘନ ବିଦ୍ୟୁତ୍ ସ୍ଫୁଲିଙ୍ଗ ସିନକ୍ରୋଟ୍ରୋନ ଭିତରେ ସୃଷ୍ଟି କରୁଥାଏ ଆଶୁ ପ୍ରଳୟର ପୂର୍ବ ସଙ୍କେତ । କାଲିଫର୍ଣ୍ଣିୟମ୍ ଯଦି ଏହିଭଳି ତରଳି ବାଷ୍ପ ହେବାକୁ ଆରମ୍ଭ କରେ ଓ ଏହି ବାଷ୍ପ ଯଦି ଯଥେଷ୍ଟ ମେସନ୍ ଧରି ପକାଏ, ତେବେ ସମସ୍ତ ଯନ୍ତ୍ରଟି ବିସ୍ଫୋରିତ ହୋଇଉଠିବ ଠିକ୍ ପରମାଣୁ ବୋମା ଭଳି । ମୋ ଆଖିଆଗରେ ଏହି ଘଟଣାଗୁଡ଼ିକ ସ୍ୱପ୍ନଭଳି ନାଚି ଯାଉଥାଏ । ମୁଁ ସେ ଆଡ଼କୁ ଦୃଷ୍ଟି ନ ଦେଇ ସେଇ ଘନ ଘନ ଅଗ୍ନିସ୍ଫୁଲିଙ୍ଗମାଳା ଭିତରେ ଚାହିଁ ରହିଥାଏ କାଲିଫର୍ଣ୍ଣିୟମ୍ ଆଡ଼େ ଆଗାମୀ ମୃତ୍ୟୁକୁ ଅପେକ୍ଷା କରି । ବିସ୍ଫୋରଣ ଆଉ ଅଳ୍ପ ସମୟ ବାକି । ଭୟରେ ମୋ ତଣ୍ଟି ଶୁଖିଗଲାଣି । ଛାତି ଭିତରେ ହୃଦ୍‌ଯନ୍ତ୍ରର ସ୍ପନ୍ଦନ ହେଉଛି କି କଅଣ ଜାଣିପାରୁ ନ ଥାଏ । ପିଣ୍ଡରେ ପ୍ରାଣ ଅଛି କି କଅଣ ଭାବିବାକୁ ତର ନ ଥାଏ ମୋତେ ।

Digitized by srujanika@gmail.com

ବିସ୍ଫୋରଣ ଓ ମୃତ୍ୟୁକୁ ଅନାଇ ବସିଛି, ହଠାତ୍ କ'ଣ ହେଲା କେଜାଣି ମେଗ୍ନେଟିକ୍ ଫିଲଡ ଚଟ୍କରି ପୂର୍ବାବସ୍ଥାକୁ ପୁଣି ଫେରିଆସିଲା । ହଠାତ୍ ଏ କ'ଣ ହେଲା ଭାବିପାରିଲିନି । ମେଗ୍ନେଟୋମିଟରରୁ ସିନକ୍ରୋଟ୍ରୋନର ଫିଲ୍ଡ ପୂର୍ବାବସ୍ଥାକୁ ଚାଲିଆସିବା ଦେଖି ହଠାତ୍ ରେଖା ମୋ'ଠାକୁ ଦୌଡ଼ିଆସିଲା । "ଆଁ, ମେଗ୍ନେଟିକ୍ ଫିଲ୍ଡ ବଦଳିଗଲା ?" ମୁଖରେ ତା'ର ଅପୂର୍ବ ଉତ୍ସାହ ଓ ଆନନ୍ଦ । ସଙ୍ଗେ ସଙ୍ଗେ ଦୌଡ଼ିଆସି ସୂକ୍ଷ୍ମଦ୍ୱାର ଦେଇ ସିନକ୍ରୋଟ୍ରୋନ୍ ଭିତରକୁ ଅନାଇଲା ।

ସେତେବେଳପର୍ଯ୍ୟନ୍ତ ମୋ ହୃଦୟର ସ୍ପନ୍ଦନ ଟିକିଏ ସୁଦ୍ଧା କମି ନ ଥାଏ । ରେଖା କାନ୍ଧ ଉପରେ ହାତ ପକାଇ ଦୀର୍ଘନିଃଶ୍ୱାସ ଛାଡ଼ି କହିଲି, "ଓଃ, ମଣିଷ ବଞ୍ଚିଗଲା ରେଖା, ବଞ୍ଚିଗଲା । ସିନକ୍ରୋଟ୍ରୋନ୍ ଯେଉଁ ଅବସ୍ଥାକୁ ଆସି ଯାଇଥିଲା ନା, ଫିଲ୍ଡ ବଦଳି ନ ଥିଲେ ଆମେ ସମସ୍ତେ କେତେବେଳୁ ବାଷ୍ପ ହୋଇ କେଉଁଆଡ଼େ ଉଡ଼ିଯାଇ ସାରନ୍ତେଣି ।"

ରେଖା ଲେନ୍ସ ଉପରୁ ଆଖି ଉଠାଇ କହିଲା, "ଏଥର ଆଉ ଭୟ ନାହିଁ ସାର୍ । କାଲିଫର୍ଣ୍ଣିୟମ୍ ପୁନଶ୍ଚ କଠିନ ହେବାକୁ ଆରମ୍ଭ କଲାଣି । କାଲିଫର୍ଣ୍ଣିୟମ୍ ଉପରେ ଆମ ପରୀକ୍ଷା ଏବେ ପୂର୍ବଭଳି ଚାଲିପାରିବ ।"

"ହଁ ରେଖା, ଆମ ସୌଭାଗ୍ୟ ଆମକୁ ବଞ୍ଚାଇଦେଲା ଆଜି, ସେଥିସହିତ ରକ୍ଷା ପାଇଗଲା ଯୁକ୍ତରାଷ୍ଟ୍ରର ଏହି ଶ୍ରେଷ୍ଠ ପରମାଣୁ ଗବେଷଣାଗାର ଓ ତା'ର ଉତ୍କୃଷ୍ଟତମ ବହୁ ବୈଜ୍ଞାନିକ ଯନ୍ତ୍ରପାତି ।"

ଲକ୍ଷ୍ୟକଲି, ରେଖାର ସେହି ଶୁଷ୍କ ଓ ମ୍ଳାନ ମୁଖ ପୁଣି ସରସ ସୁନ୍ଦର ହୋଇ ଉଠିଲାଣି । ସେ ହସ ହସ ମୁଖରେ ମୋ ଆଡ଼କୁ ଅନାଇ ତା'ର ସୁନ୍ଦର ଯୁବତୀସୁଲଭ ନୟନରେ ମୋ ମତକୁ ସମର୍ଥନ କରୁଥାଏ । ରେଖାକୁ ଟିକିଏ ଛାତି ଆଡ଼କୁ ଆଉଜାଇ ଆଣି କହିଲି, "ଏହିଭଳି ମୁହୁର୍ମୁହୁଃ ଜୀବନମରଣ ଘଟଣା ଭିତରେ ମଣିଷ ଆଉ କେତେଦିନ ଖଟିବ ରେଖା ? ଏଣେ ତ ଏଭଳି ଗବେଷଣାଗାରରେ କାମ କଲେ ଶହେବର୍ଷର ପରମାୟୁ ପଚାଶକୁ ଖସିଆସେ । ବାସ୍ତବିକ୍ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଏହିଭଳି ମୃତ୍ୟୁକୁ ଅପେକ୍ଷା କରି କରି ଜୀବନ ବଡ଼ ତିକ୍ତ ଓ ଦୁର୍ବିସହ ହୋଇଉଠିଲାଣି ରେଖା ।"

ରେଖା ମୋ କୋଳରେ ମୁଣ୍ଡରଖି ଛାତି ଉପରର କୋଟ ବୋତାମକୁ ଏପଟସେପଟ କରୁଥିଲା । ମୋର ଏ କଥାରେ ସେ ଛାତି ଉପରୁ ମୁଣ୍ଡଟେକି ମୋ ମୁହଁକୁ ଅନାଇ ଫିସ୍ ଫିସ୍ କରି ହସିଦେଇ କହିଲା, "ଇସ୍, ତିକ୍ତ ?"

Digitized by srujanika@gmail.com

ସେ ଏତକ କହୁଥିଲାବେଳେ ତା'ର ଆଖି ନାଚି ଉଠୁଥିଲା ଏକ ଅପୂର୍ବ ମାଦକତା ନେଇ । ତାକୁ ଆଉ ଟିକିଏ ଛାତି ସହିତ ଭିଡ଼ି ନେଲାବେଳକୁ କହିଲା, "ସାରା ରାଜ୍ୟର ଧନସମ୍ମାନ ଆଜି କା' ଗୋଡ଼ତଳେ ଲୋଟିପଡୁଛି ସାର୍ ? ଆପଣମାନଙ୍କ ଭଳି ବୈଜ୍ଞାନିକମାନଙ୍କ ଗୋଡ଼ତଳେ ତ ? ସାରା ପୃଥିବୀ ଆଜି କେଉଁମାନଙ୍କ କାମକୁ ଅନାଇ ବସିଛି ? ପୃଥିବୀର ଭବିଷ୍ୟତ ରୂପରେଖ କେଉଁମାନଙ୍କ ହାତରେ ସାର୍ ? ଏସବୁ ମୂଳରେ ଆପଣମାନଙ୍କ ଭଳି ବୈଜ୍ଞାନିକମାନେ ଅଛନ୍ତିତ ?"

"ସେସବୁ ପ୍ରହେଳିକା, ଖାଲି ପ୍ରହେଳିକା ରେଖା । ସେହି ଧନ, ଦୌଲତ, ସମ୍ମାନ ପଛରେ ଲୁଚି ରହିଛି, ଯେଉଁ ତୀକ୍ଷ୍ଣ ବିଷାକ୍ତ ଛୁରିକା ତାକୁ ତୁମେ ଦେଖିପାରୁ ନାହଁ ବୋଧେ, ନଚେତ୍ ଆଜି ଏକଥା କହନ୍ତନି । କେତେବେଳେ ଯେ ସେହି ତୀକ୍ଷ୍ଣ ଛୁରିକା ବୈଜ୍ଞାନିକର ହୃଦୟକୁ ଖିନ୍‌ଭିନ୍ କରି ଚିରି ପକାଇବ, ତାହା ତୁମେ ଭାବିପାରିବନି ରେଖା ।"

ମୋର ଏଇ କଥା କେଇପଦରେ ରେଖା ଟିକିଏ ବିଚଳିତା ହେଲାଭଳି ଜଣାପଡ଼ିଲା । ଗବେଷଣା ପ୍ରତି ତା'ର ଯେଉଁ ବିରାଟ ଉତ୍ସାହ ଥିଲା, ତାହା ଜମାଟ ବନ୍ଧା ବରଫ ତରଳିଲା ଭଳି ମିଳେଇଯିବାକୁ ଆରମ୍ଭ କଲା । ନିଜକୁ ଅତି ନିଃସହାୟ ମନେକରି ସେ ସମ୍ବନ୍ଧରେ ଆଉ ଅଧିକ ଆଲୋଚନା କରିବାକୁ ତା'ର ସାହସ ହେଲାନି । ସେ ଏଥର କଥାର ମୋଡ଼ ବଦଳାଇ ମୋତେ ପଚାରିଲା, "ବାସ୍ତବିକ୍ ଏ କ'ଣ ହେଲା କୁହନ୍ତୁ ତ ସାର୍ ? ମୁଁ ତ ଏହାର କାରଣ କିଛି ଭାବିପାରୁନି । ଆମକୁ କ'ଣ ବର୍ତ୍ତମାନର ଏହି ଘଟଣା କଥା ଅଧକ୍ଷ ରବର୍ଟ ହାଇମର୍‌ଙ୍କୁ ଜଣାଇବାକୁ ପଡ଼ିବ ?"

"ନିଶ୍ଚୟ, ଏଥିରେ ଆଉ ସନ୍ଦେହ ଅଛି ? ତାଙ୍କୁ ଏହି ମୁହୂର୍ତ୍ତରେ ଖବର ଦେବା ଦରକାର । ସାରା ଗବେଷଣାଗାରର ଦାୟିତ୍ୱ ଯେ ତାଙ୍କରି ମୁଣ୍ଡରେ । ତୁମେ ସିନକ୍ରୋଟ୍ରୋନ୍ ଉପରେ ଦୃଷ୍ଟି ରଖିଥାଅ ରେଖା, ମୁଁ ଅଧକ୍ଷ ରବର୍ଟ ହାଇମର୍‌ଙ୍କୁ ଏଇ ବିଷୟରେ ଜଣାଇ ଦେଇ ଆସେ ।"

ଏତକ କହି ରେଖାର ସେହି ପୁଷ୍ପନିନ୍ଦୀ କୋମଳ କପୋଳ ଉପରେ ମଧୁର ଚୁମ୍ବନର ଏକ ସୁନେଲି ଦାଗ ଆଙ୍କିଦେଇ ଅଧକ୍ଷଙ୍କ କକ୍ଷ ଆଡ଼କୁ ଯିବାକୁ ଉଦ୍ୟତ ହେଲି ।

ରେଖା ମୋର ବାହୁବନ୍ଧନରୁ ମୁକ୍ତ ହୋଇ ତା'ର ଗବେଷଣା କକ୍ଷକୁ ଚାଲିଗଲା । ଗଲାବେଳେ ଖାଲି କହିଦେଇଗଲା, "ଶୀଘ୍ର ଫେରିଆସିବେ ସାର୍ । ଆମର ସେହି ଏନ୍‌ଗେଜ୍‌ମେଣ୍ଟଟା ସେ ଦିନପରି ଆଜି ଭୁଲି ନ ଯାଆନ୍ତି ଯେପରି ।"

Digitized by srujanika@gmail.com

"ଯଦି ଭୁଲିଯାଏ..." ଯାଉ ଯାଉ ଠିଆ ହୋଇଯାଇ ପଚାରିଲି, ରେଖାକୁ ଟିକିଏ ଖୁସି କରିବା ପାଇଁ ।

"ତେବେ ଦଣ୍ଡ ପାଇବେ ନିଶ୍ଚୟ ।" ଅଳ୍ପ ହସି ହସି ଉତ୍ତର ଦେଲା ରେଖା ତା'ର ଯୁବତୀସୁଲଭ ନୟନକୁ ନଚାଇ ନଚାଇ ।

"ତୁମ ଦଣ୍ଡ ମୋ ପକ୍ଷରେ ଯେ ଆଶୀର୍ବାଦ ସୁନ୍ଦରୀ ।"

"ଥାଉ, ଥାଉ ସେ ବାକ୍‌ଚାତୁରୀ । ଆପଣ କବି ନ ହୋଇ ବୈଜ୍ଞାନିକ ହେଲେ କାହିଁକି କହନ୍ତୁ ତ ? ଆପଣଙ୍କର କବି ପ୍ରତିଭା ପ୍ରତି ଯଥେଷ୍ଟ ଅବମାନନା କରିଛନ୍ତି ନିଶ୍ଚୟ । ଯାଆନ୍ତୁ, ଯାଆନ୍ତୁ ତେଣେ ଅଧ୍ୟକ୍ଷ ନ ହେଲେ କୁଆଡ଼େ ବାହାରିଯିବେ ।"

ମୋ ଉପରେ ଟିକିଏ ମୃଦୁବିଦ୍ରୁପ ଦେଖାଇ କହିଲା ରେଖା ।

× × × ×

"ଡକ୍ଟର ରବର୍ଟ ହାଇମର୍ କ'ଣ ଭିତରେ ଅଛନ୍ତି ମିସ୍ ମାର୍ଗାରେଟ୍ ?"

"ହଁ, ଭିତରେ ଅଛନ୍ତି ।"

"ଭିତରେ ଆଉ କେହି ଅଛନ୍ତି ମିସ୍ ?"

"ନାଇଁ, ଜେନେରେଲ କ୍ରୁକ୍‌ସ ଆସିଥିଲେ । ସେ ଏଇ ବର୍ତ୍ତମାନ ବାହାରିଗଲେ ।"

ଭୟ ଓ ସନ୍ଦେହରେ ଧୀରେ ଧୀରେ ଭିତରକୁ ପଶିଲି । ବଡ଼ ସନ୍ଦେହ ହେଉଥାଏ ଅଧ୍ୟକ୍ଷଙ୍କୁ ଠିକ୍ କରି ବୁଝାଇପାରିବି ତ ?

× × × ×

"ମୁଁ ଆପଣଙ୍କ କଥା କିଛି ବୁଝିପାରୁନି ଡକ୍ଟର ପଟ୍ଟନାୟକ । ସିନକ୍ରୋଟ୍ରୋନ୍‌ର ଫିଲ୍‌ଡ ବଦଳିବାର ତ କୌଣସି କାରଣ ମୁଁ ଦେଖୁନି ?" ଡକ୍ଟର ରବର୍ଟ ହାଇମର୍ କିଞ୍ଚିତ ବିସ୍ମିତ ହୋଇ ପଚାରିଲେ ମୋତେ ।

"ଆପଣ ମୋତେ ବିଶ୍ୱାସ କରନ୍ତୁ ସାର୍ ! ମୁଁ ଈଶ୍ୱରଙ୍କ ଦ୍ୱାହି ଦେଇ କହୁଛି ଯେ, ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ସିନକ୍ରୋଟ୍ରୋନର ମେଗ୍‌ନେଟିକ୍ ଫିଲ୍‌ଡ ବଦଳି ଯାଇଥିଲା । ମୋ ସହକାରୀ ରେଖା ମୋତେ ଯେତେବେଳେ ଏହି ଖବର ଦେଲା, ମୁଁ ତା କଥାକୁ ପ୍ରଥମେ ବିଶ୍ୱାସ କରିପାରି ନ ଥିଲି । କିନ୍ତୁ ପ୍ରକୃତରେ ସିନକ୍ରୋଟ୍ରୋନ ଠାକୁ ଯାଇ ପରୀକ୍ଷାକଲାରୁ ମୋର ସେହି ଭ୍ରମ ଦୂର ହେଲା । ସିନକ୍ରୋଟ୍ରୋନର ଫିଲ୍‌ଡ ଯଦି ପୁନର୍ବାର ବଦଳି ନ ଥାନ୍ତା, ତେବେ ଏତେବେଳକୁ ସାରା ଗବେଷଣାଗାରଟି ବିସ୍ଫୋରିତ ହୋଇ ଧୂଳିକଣାରେ ପରିଣତପୂର୍ବକ କେଉଁଆଡ଼େ ଉଭେଇଯାଇ ସାରନ୍ତାଣି ସାର୍ ।"

Digitized by srujanika@gmail.com

କିନ୍ତୁ ଡକ୍ଟର, ଫିଲ୍‌ଡ ବଦଳିବାର ତ କୌଣସି କାରଣ ମୁଁ ଦେଖୁନି । ଆପଣଙ୍କର ଭ୍ରମ ହୋଇ ନାହିଁ ତ ? ସେତେବେଳେ ସିନକ୍ରୋଟ୍ରୋନରେ ଭୋଲ୍‌ଟେଜ୍ କେତେ ଥିଲା ?'' ଆହୁରି ଅଧିକ ବିସ୍ମିତ ହୋଇ ପଚାରିଲେ ଡିରେକ୍ଟର ରବର୍ଟ ହାଇମର୍ ।

''ଅଶୀ ଲକ୍ଷ ଭଲ୍‌ଟ ।'' ଉତ୍ତର ଦେଲି ।

ହଠାତ୍ ଟେବୁଲସ୍ଥିତ ଟେଲିଫୋନ୍ ବାଜିଉଠିଲା । ଅଧ୍ୟକ୍ଷ ଫୋନ୍ ଧରିଲେ, ''ହଁ, ହଁ, ମୁଁ । ଆପଣ କିଏ, କେଉଁଠାରୁ କହୁଛନ୍ତି ?''

''ମୁଁ ଇନ୍‌ସପେକ୍ଟର ଜେନେରେଲ ମରିସନ୍, ସଲ୍‌ଟଲେକ୍ ସିଟି ପୋଲିସ ଷ୍ଟେସନରୁ କହୁଛି । ଏକ ଅଦ୍ଭୁତ ଘଟଣା ଘଟିଯାଇଛି ଏଠାରେ । ଏହି ସହରଠାରୁ ସାତ ଆଠ ମାଇଲ ଦୂର ଗୋଟିଏ ସ୍ଥାନରେ ପାଞ୍ଚ ବର୍ଗମାଇଲ ପରିମିତ ସ୍ଥାନର ବିଲ, ପଡ଼ିଆ, ଗଛ, ବୃକ୍ଷ ଆଦି ପୋଡ଼ିଜଳି ପାଉଁଶ ହୋଇଯାଇଛି । ସେ ସ୍ଥାନର ଭୂଇଁଟା ତରଳି ଏକରକମ ପଥର ପାଲଟିଯାଇଛି କହିଲେ ଚଳେ । ସେ ସ୍ଥାନଟି ଏତେ ଉତ୍ତପ୍ତ ଯେ ତା ପାଖ କେହି ମାଡ଼ିପାରୁ ନାହାନ୍ତି । ସ୍ଥାନଟିକୁ ଚାରିଆଡ଼ୁ ଯୁକ୍ତରାଷ୍ଟ୍ରର ପଞ୍ଚମ ପଦାତିକ ବାହିନୀ ଘେରାଉ କରି ରଖିଛନ୍ତି । ଆପଣ ଦୟାକରି ଏଠାକୁ ଟିକିଏ ଆସିପାରିଲେ ଘଟଣାଟା କଅଣ ଜଣାପଡ଼ନ୍ତା । ଏ ଘଟଣାଟା ଦେଖି ଆମେ କେହି କିଛି ଭାବିପାରୁନୁ । ଆପଣଙ୍କ ଅପେକ୍ଷାରେ ବସି ରହିଛୁ । ରାଜଧାନୀକୁ ଏହି ଖବର ସଙ୍ଗେ ସଙ୍ଗେ ପଠାଇ ଦିଆଯାଇଛି । ଆପଣ ବର୍ତ୍ତମାନ ସେଠାରୁ ଖବର ପାଇଯିବେ ନିଶ୍ଚୟ ।''

ଡକ୍ଟର ରବର୍ଟ ହାଇମର୍ ଟେଲିଫୋନ୍ ଥୋଇ ଦେଇଛନ୍ତି କି ନାହିଁ, ହଠାତ୍ ପୁଣି ଆଉ ଏକ ଟେଲିଫୋନ୍ ବାଜିଉଠିଲା ।

''ଏଥର ରାଜଧାନୀରୁ ଖବର ଆସିଗଲା ବୋଧହୁଏ ଡକ୍ଟର ପଟ୍ଟନାୟକ । ପ୍ରସ୍ତୁତ ହୋଇଯାନ୍ତୁ, ଆମକୁ ବର୍ତ୍ତମାନ ଯିବାକୁ ପଡ଼ିବ ସଲ୍‌ଟଲେକ୍ ସିଟି ଅଭିମୁଖେ । ଶୁଣିଲେ ତ ସେଠାକାର ଅଦ୍ଭୁତ ଘଟଣା ? ଡକ୍ଟର ନିକ୍ସନ୍, ଡକ୍ଟର ରିଚାର୍ଡ଼୍, ଡକ୍ଟର ମଣ୍ଟଗୋମେରୀ ଓ ଡକ୍ଟର ଟେଡ୍‌ଉଡ୍‌ଙ୍କୁ ବାହାରି ପଡ଼ିବାକୁ କହି ଦିଅନ୍ତୁ । ଅତି ଜରୁରୀ ।''

ମୁଁ ଯିବାକୁ ଉଠୁଛି, ଫୋନ୍‌ଟାକୁ କାନ ପାଖରେ ଧରି ଡିରେକ୍ଟର ଟିକିଏ ବିରକ୍ତ ହେଲାଭଳି ଜଣାପଡ଼ିଲେ । ଟେବୁଲ ଉପରସ୍ଥିତ ସ୍ପିକରକୁ ଅନ୍ କରିଦେଲେ ମୁଁ ଟେଲିଫୋନ୍ ବାର୍ତ୍ତା ଶୁଣିବାପାଇଁ ।

''ଆପଣ କ'ଣ ଯେ କହୁଛନ୍ତି, ମୁଁ ବୁଝିପାରୁନି । ଦୟାକରି ଆଉଥରେ କହନ୍ତୁ ।'' ଅଧ୍ୟକ୍ଷ ଟେଲିଫୋନ୍‌ରେ କହିଲେ ।

Digitized by srujanika@gmail.com

"ଆଜ୍ଞା, ମୋର ଏହି ମଟରଗାଡ଼ି କାରଖାନାରେ ଏକ ଅଦ୍ଭୁତ ଘଟଣା ଘଟିଛି । କିଛି କୁଆଡ୍ତୁ ନାହିଁ, କାରଖାନାର ସମସ୍ତ ଲୌହ ଅଂଶ ହଠାତ୍ ଚୁମ୍ବକ ପାଲଟିଯାଇଛି । ମଟରଗାଡ଼ିର ଗୋଟିଏ ଅଂଶକୁ ଅନ୍ୟ ଅଂଶ ଉପରେ ବସାଇଲାବେଳକୁ ଯେ ଅଂଶଟି ନ ବସି ଅନ୍ୟଆଡ଼େ ପଳାଇ ଯାଉଛି । କାରଖାନାର କଣ୍ଟା, ବୋଲ୍ଟ, ସ୍କ୍ରୁ, ମଟର ଇଞ୍ଜିନ୍ ଓ ଏହାର ବିଭିନ୍ନ ଅଂଶଗୁଡ଼ିକ ଚୁମ୍ବକ ପାଲଟିଯାଇଛି ସାର୍ । ସେଗୁଡ଼ାକୁ ଏଣେତେଣେ ପଳାଇଯିବାର ଦେଖିଲେ ଯେ କେହି ଲୋକ ଭାବିବ, ସେଗୁଡ଼ାକ ସତେ ଯେପରି ଜୀବନ ପାଇଗଲେଣି । ମୁଁ ଏ ସବୁକୁ ଦେଖି ଦେଖି ଜଡ଼ ପାଲଟି ଗଲିଣି ଆଜ୍ଞା । ଏ ସବୁ କ'ଣ ହେଉଛି ବୁଝି ହେଉନି । ସତେ ଯେପରି ଏସବୁ ଭୂତପ୍ରେତଙ୍କ କୁହୁକ କ୍ରିୟା । ଅନୁରୋଧ ସଙ୍ଗେ ସଙ୍ଗେ ଜଣେ ସହକାରୀଙ୍କୁ ଏଠାକୁ ପଠାଇବେ ପ୍ରକୃତ ବିଷୟ କ'ଣ ଜାଣିବା ପାଇଁ । ଦେଖନ୍ତୁ ଆଜ୍ଞା, ମୁଁ ବିପଦରେ ପଡ଼ିଛି । ପାଞ୍ଚଘଣ୍ଟା ହେଲା ମୋ କାରଖାନାର କାମ ବନ୍ଦ । ଘଣ୍ଟାଟିଏ କାମ ବନ୍ଦ ହେଲେ ମୋର ଯେଉଁ କ୍ଷତି ହୁଏ, ଆପଣ ଅନୁମାନ କରି ପାରିବେନି ଆଜ୍ଞା । ଆଶା ମୋତେ ଏ ବିପଦରୁ ଶୀଘ୍ର ଉଦ୍ଧାର କରିବେ । କେନ୍ଦ୍ର ସରକାରଙ୍କଠାକୁ ମୁଁ ଏହି ଖବର ପଠାଇ ଦେଇଛି ।"

"ଟେଲିଫୋନ୍‌ର ଏ ଅଦ୍ଭୁତ ଖବର ଶୁଣିଲେ ତ ଡକ୍ଟର ପଟ୍ଟନାୟକ ! ଏସବୁ କ'ଣ ହେଲା ମୁଁ ବୁଝିପାରୁନି । ଦୁନିଆଟା ସତେ ପାଗଳ ହୋଇଗଲାନା କଅଣ ?"

× × × ×

କାଲିଫର୍ଣ୍ଣିଆର ସେହି ଗୁପ୍ତ ପରମାଣୁ ଗବେଷଣାଗାରରେ ପରମାଣୁ ଗବେଷଣା ପରାମର୍ଶଦାତା ବୋର୍ଡ଼ର ବୈଠକ ବସିଥାଏ । କାଲିଫର୍ଣ୍ଣିଆର ଆଖପାଖ ସାତ ଆଠଗୋଟି ସ୍ଥାନରେ ଯେଉଁସବୁ ଅଦ୍ଭୁତ ଘଟଣା ଘଟିଯାଇଛି ତହିଁ ଉପରେ ଆଲୋଚନା ଚାଲିଥାଏ । ସେଦିନ ଆଲୋଚନା ସଭାରେ ପରାମର୍ଶଦାତା ବୋର୍ଡର ପ୍ରାୟ ସମସ୍ତ ସଭ୍ୟ, ପରମାଣୁ କମିସନର କେତେକ ସଭ୍ୟ ଓ ଆମ ଗବେଷଣାଗାରର ସମସ୍ତ ମୁଖିଆ ମୁଖିଆ କର୍ମକର୍ତ୍ତାମାନେ ଯୋଗଦେଇଥାନ୍ତି । ଡକ୍ଟର ରବର୍ଟ ହାଇମର୍‌ଙ୍କ ପଛକୁ ବସିଥାଏ ମୁଁ । ମୋ ବାମପାଖକୁ ଡକ୍ଟର ନିକ୍‌ସନ୍ ଓ ଡକ୍ଟର ରିଚାର୍ଡ଼ ବସିଥାନ୍ତି । ଡାହାଣ ପାଖରେ ଡକ୍ଟର ମଣ୍ଟଗୋମେରୀ ଓ ଡକ୍‌ଟର ଟେଡ୍‌ଉଡ୍ । ଆମଠାରୁ କିଛି ଦୂରରେ ବସିଥାଏ ରେଖା ।

ଏହିସବୁ ଘଟଣାର କାରଣ କ'ଣ ହୋଇପାରେ, ତହିଁ ଉପରେ ତୁମୂଳ ଆଲୋଚନା ଚାଲିଥାଏ । ଆଲୋଚନା ସଭାରେ ସଭାପତିତ୍ୱ କରୁଥାନ୍ତି ପରମାଣୁ କମିସନର ସହକାରୀ ସଭାପତି ଜେନେରେଲ କ୍ରୁକ୍‌ସ । ପରମାଣୁ ଶକ୍ତି ପରାମର୍ଶଦାତା ବୋର୍ଡ଼ର

Digitized by srujanika@gmail.com

ସେକ୍ରେଟେରୀ ଡକ୍ଟର ଜେନିଙ୍ଗସ୍ ଉଠି କହିଲେ– "ମୋତେ ଯାହା ଜଣାପଡୁଛି, ଏହା ମୃତ୍ୟୁରଶ୍ମିର ପ୍ରଭାବ ଛଡ଼ା ଆଉ କିଛି ହୋଇ ନ ପାରେ ଓ ଆମକୁ ଭୟଭୀତ କରିବା ପାଇଁ ସୋଭିଏଟ୍ ଇଉନିୟନ ଯେ ଏହାକୁ ଖୁବ୍ ଦକ୍ଷତାର ସହିତ ଆମ ଦେଶରେ ପରୀକ୍ଷା କରିଛି ଏଥିରେ ମୋର ତିଳେମାତ୍ର ସନ୍ଦେହ ନାହିଁ ।

ଆପଣମାନଙ୍କର ମନେଥିବ, ୧୯୪୯ ମସିହାରେ ମାର୍ଶାଲ ଷ୍ଟାଲିନ୍‌ଙ୍କ ଆଦେଶରେ ପୂର୍ବ ଜର୍ମାନୀର ଜାଇସ୍ ଅପ୍‌ଟିକାଲ ଇନ୍‌ଷ୍ଟ୍ରୁମେଣ୍ଟ କାରଖାନାରେ ୧୪୯ ଗୋଟି ମୃତ୍ୟୁରଶ୍ମି ଉତ୍ପାଦକ ଯନ୍ତ୍ର ତିଆରି ହୋଇ ସୋଭିଏଟ୍ ଋଷିଆକୁ ପ୍ରେରିତ ହୋଇଥିଲା । ୧୯୫୦, ୧୯୫୧, ୧୯୫୨ ଓ ୧୯୫୩ ମସିହାରେ ଆମର ଗୁପ୍ତ ଗୋଇନ୍ଦା ବିଭାଗ ଜଣାଇଥିଲେ ଯେ, ସୋଭିୟେଟ୍ ଋଷିଆ ତା'ର ଏହି ମୃତ୍ୟୁ-ରଶ୍ମିର ପ୍ରଭାବ ସାଇବେରିଆର ବହୁ ଅଞ୍ଚଳରେ ଏକାଧିକବାର ପରୀକ୍ଷା କରି ଏହାର ଦକ୍ଷତା ପ୍ରମାଣିତ କରି ସାରିଛି ।"

ସଙ୍ଗେ ସଙ୍ଗେ ସେ ସମ୍ମୁଖସ୍ଥ ଫାଇଲରୁ କାଗଜ ସବୁ ଖେଳାଇ ତହିଁ ଭିତରୁ ଖଣ୍ଡିଏ କାଗଜ ବାହାର କରି ପଢ଼ିଲେ, "ଏଇ ଦେଖନ୍ତୁ, ମୃତ୍ୟୁରଶ୍ମିର ସର୍ବପ୍ରଥମ ପରୀକ୍ଷା କିପରି କରାଯାଇଥିଲା ତହିଁର ବିବରଣୀ । ଏହି ପରୀକ୍ଷା ଦେଖିବାକୁ ସ୍ୱୟଂ ସୋଭିଏଟ୍ ଶାସକ ଷ୍ଟାଲିନ୍ ସେଠାକୁ ଯାଇଥିଲେ । ଏହି ପରୀକ୍ଷା ଫଳରେ ସେଇ ସ୍ଥାନର ତିନି ବର୍ଗମାଇଲ ପରିମିତ ସ୍ଥାନ ତରଳି ପଥର ପାଲଟି ଯାଇଥିଲା ଓ ଏହା ହେବାକୁ ସମୟ ଲାଗିଥିଲା ମୋଟେ ପାଞ୍ଚ ମିନିଟ୍ ।

ପୁଣି ୧୯୫୧ ମସିହା ଡିସେମ୍ବର ମାସ ୩ ତାରିଖରେ ମୃତ୍ୟୁରଶ୍ମିର ଦ୍ୱିତୀୟବାର ପରୀକ୍ଷା କରାଯାଇଥିଲା ଉତ୍ତରମେରୁର ନିକଟବର୍ତ୍ତୀ ଭାୟଗା ଦ୍ୱୀପରେ ଯେଉଁଠାରେ କି ଜମି ଯାଇଥିବା ବରଫର ଗଭୀରତା ଅଧମାଇଲରୁ କମ୍ ହେବନି । ଏଠାରେ ମୃତ୍ୟୁରଶ୍ମିକୁ ୨୦ ମିନିଟ୍ ଧରି ପକାଇବା ଫଳରେ ସେହି ସ୍ଥାନର ବରଫ ବାଷ୍ପ ହୋଇ ଉଡ଼ି ଯାଇଥିଲା ଓ ତଳର ଭୂମି ତରଳି ପଥର ପାଲଟି ଯାଇଥିଲା ।

ପୁଣି ୧୯୫୨ ମସିହା ରିପୋର୍ଟରୁ ଜଣାଯାଉଛି ଯେ ତୃତୀୟଥର ପାଇଁ ମୃତ୍ୟୁରଶ୍ମିର ପରୀକ୍ଷା ହୋଇଥିଲା ଉତ୍ତରମେରୁର ଅତି ନିକଟବର୍ତ୍ତୀ ନର୍ଥଲାଣ୍ଡ ଦ୍ୱୀପରେ । ଏଠାକାର ଏକ ମାଇଲରୁ ଅଧିକ ଗଭୀର ବରଫକୁ ତରଳାଇ ଭୂମିର କେତେକ ଅଂଶକୁ ତରଳାଇ ପକାଇଥିଲା ଏହି ରଶ୍ମି ଓ ସେଥିପାଇଁ ଅଧଘଣ୍ଟାଏ ସମୟ ବି ଲାଗି ନ ଥିଲା ।

ସୋଭିୟେଟ ଋଷିଆର ସାଇବେରିଆରେ ବନ୍ଦୀ ଥିବା ଷ୍ଟାଲିନ୍‌ବିରୋଧୀମାନଙ୍କର ଏକ କନ୍‌ସେନ୍‌ଟ୍ରେସନ୍ କେମ୍ପ ଉପରେ ମୃତ୍ୟୁରଶ୍ମିବାହୀ ଏକ ଉଡ଼ାଜାହାଜକୁ ଉଡ଼ାଇ

Digitized by srujanika@gmail.com

ନେଲାରୁ ଦେଖାଗଲା ଯେ, ସେହି କେମ୍ପର ସମସ୍ତେ ସଙ୍ଗେ ସଙ୍ଗେ ମରି ଯାଇଥିଲେ । ଜଣେସୁଦ୍ଧା ଲୋକ ବଞ୍ଚିପାରି ନ ଥିଲା । ମରିବା ପୂର୍ବରୁ ସେମାନେ ବେଶ୍ ସୁସ୍ଥ, ସବଳ ଓ କାର୍ଯ୍ୟଦକ୍ଷ ଥିଲେ ଓ ସେଠାକାର କୃଷିକ୍ଷେତ୍ରରେ ନାନା କାର୍ଯ୍ୟରେ ଲିପ୍ତ ଥିଲେ । ସୋଭିୟେଟମାନେ ଯଦି ଏହି ମୃତ୍ୟୁରଶ୍ମି ଯନ୍ତ୍ରକୁ ଆମ ଦେଶ ବିରୋଧରେ ବ୍ୟବହାର କରନ୍ତି, ତେବେ ଆମ ଦେଶ ଆଖିପିଛୁଳାକେ ଶ୍ମଶାନଭୂମିରେ ପରିଣତ ହୋଇଯିବ । ଏଥିପାଇଁ ସୋଭିୟେଟ ଇଉନିୟନକୁ ଆମର କମ୍ ଭୟ କରିବା କଥା ନୁହେଁ । ସେମାନଙ୍କ ବୈଜ୍ଞାନିକମାନେ ଯେ ଆମ ଅପେକ୍ଷା ଢେର୍ ଅଧିକ ଦକ୍ଷ, କର୍ମଠ ଓ ବୁଦ୍ଧିମାନ୍, ଏହା ସ୍ୱୀକାର କରିବାକୁ ପଡ଼ିବ ।

ଭ୍ଲାଡିଭଷ୍ଟକରୁ ଆମର ଛଦ୍ମବେଶୀ ଗୁପ୍ତଚର କୁପୋରସ୍କି ଜଣାଇଛନ୍ତି ଯେ ମୃତ୍ୟୁରଶ୍ମିର ପଞ୍ଚମ ପରୀକ୍ଷା ହୋଇଥିଲା ବେରିଙ୍ଗ୍ ପ୍ରଣାଳୀ ନିକଟବର୍ତ୍ତୀ ଆନାଡ଼ିର ଉପସାଗରରେ ଆମ ଆଲାସ୍କା ରାଜ୍ୟର ସୀମାଠାରୁ ମାତ୍ର ୫୦ ମାଇଲ ଦୂରରେ । ଏଥରର ପରୀକ୍ଷା ଅନ୍ୟାନ୍ୟ ପରୀକ୍ଷା ଭଳି ଖୁବ୍ କୃତକାର୍ଯ୍ୟ ହୋଇଥିଲା । ସୋଭିଏଟ ବୈଜ୍ଞାନିକମାନେ ମୃତ୍ୟୁରଶ୍ମିର ବାରମ୍ବାର ପରୀକ୍ଷା କରି ସିଦ୍ଧାନ୍ତରେ ପହଞ୍ଚି ସାରିଛନ୍ତି ଯେ, ଏହାଦ୍ୱାରା ଆଖିପିଛୁଳାକେ ସମସ୍ତ ସହର, ନଗର, କୋଠାବାଡ଼ି, କୃଷିକ୍ଷେତ୍ର, ଜନପଦ ଅଞ୍ଚଳକୁ ଖୁବ୍ ସହଜରେ ପୋଡ଼ିଜାଳି ପାଉଁଶ କରିଦେଇ ହେବ । ଏମିତିକି ସେଠାକାର ଲୋକେ ଧ୍ୱଂସ ପାଇଯାଉଛନ୍ତି ବୋଲି ଜାଣିବାକୁ ସମୟ ପାଇବେନି । ଶତ୍ରୁପକ୍ଷର ଲୋକଙ୍କୁ ଧ୍ୱଂସ କରିବାରେ କୌଣସି ନିଉକ୍ଲିୟାର୍ ବୋମା ଏହାର ସମକକ୍ଷ ନୁହେଁ । ଏହା ଶତ୍ରୁଦେଶର କିଛିମାତ୍ର କ୍ଷତି ନ ଘଟାଇ ଶତ୍ରୁପକ୍ଷର ସୈନ୍ୟସାମନ୍ତଙ୍କୁ ଧ୍ୱଂସ କରିବା କମ୍ ବଡ଼ କଥା ନୁହେଁ ।

ମୃତ୍ୟୁରଶ୍ମି ସାଙ୍ଗକୁ ସୋଭିଏଟମାନେ ଯେଉଁ ଅଦୃଶ୍ୟ ଆକାଶଯାନ ଉଡ଼ନ୍ତାଥାଳିଆ ଉଦ୍ଭାବନ କରିଛନ୍ତି ତାହା ବିନା ଚାଳକରେ ଘଣ୍ଟାକୁ ୧୮ ହଜାର ମାଇଲ ଊର୍ଦ୍ଧ୍ୱବେଗରେ ଯାଇପାରେ । ଆକାଶରେ ଏହି ଯାନକୁ ଠାବ କରିବା ମଧ୍ୟ ଅସମ୍ଭବ । ଏପରିକି ଖୁବ୍ ଶକ୍ତିଶାଳୀ ରେଡ଼ାର ଯନ୍ତ୍ର ମଧ୍ୟ ଏହାକୁ ଠାବ କରିପାରେନି । ଏହି କେତେଦିନ ହେଲା ଏହି ଉଡ଼ନ୍ତା ଥାଳିଆ ଆମଦେଶରେ କେମିତି ଚହଳ ପକାଇଥିଲା ଏହା ସମସ୍ତେ ଜାଣନ୍ତି ।

ଆମ ଛଦ୍ମବେଶୀ ଗୁପ୍ତଚରମାନେ ମଧ୍ୟ ଆହୁରି ଜଣାଇଛନ୍ତି ଯେ ମୃତ୍ୟୁରଶ୍ମିର ଯନ୍ତ୍ରକୁ ସେମାନେ ଦେଖି ନ ଥିଲେହେଁ ବର୍ଣ୍ଣନାରୁ ଯାହା ଶୁଣିଛନ୍ତି, ତାହା ବିରାଟ ଓ ଅତି ଭାରୀ ଚୁମ୍ବକରୁ ତିଆରି । ଏଥିରେ ଥିବା ଚୁମ୍ବକ ଏତେ ଶକ୍ତିଶାଳୀ ଯେ, ଏହାଦ୍ୱାରା କିଛିଦୂରରେ ଥିବା ଲୌହ ବା ଲୌହଜାତୀୟ ପଦାର୍ଥ ଚୁମ୍ବକତ୍ୱ ପ୍ରାପ୍ତ ହୋଇଯାଇପାରେ । ବର୍ତ୍ତମାନ ଏହିସବୁ ଖବରରୁ ଯାହା ଜଣାପଡୁଛି–

Digitized by srujanika@gmail.com

କ୍ରେମ୍‌ଲିନ୍‌ର ନେତାମାନେ ଆମକୁ ଭୟଭୀତ କରିବା ପାଇଁ ଆମ ଦେଶକୁ ଆକ୍ରମଣ ନ କରି ଏହି କାଣ୍ଡଗୁଡ଼ିକ ଘଟାଇଛନ୍ତି । ସେମାନେ ଏହାଦ୍ୱାରା ଆମ ନୈତିକବଳକୁ ଭାଙ୍ଗି ଦେବାକୁ ଚାହାନ୍ତି ।''

ପରମାଣୁ ପରାମର୍ଶଦାତା ବୋର୍ଡର ସଭାପତି ମେଜର ଜେନେରାଲ ଆଛୋନି ଉଠି କହିଲେ, ''ଡକ୍ଟର ଜେନିଙ୍ଗସ୍ ଯାହା କହିଲେ ସେଥିରେ ମୁଁ ପୂରାପୂରି ଏକମତ । ଏହିସବୁ ଘଟଣା ସୋଭିଏଟମାନଙ୍କ ମୃତ୍ୟୁରଶ୍ମିର ପ୍ରଭାବ ଛଡ଼ା ଆଉକିଛି ହୋଇ ନ ପାରେ । ମୃତ୍ୟୁରଶ୍ମି ଉତ୍ପାଦକ ଯନ୍ତ୍ରକୁ ଘେନି ସେମାନଙ୍କର ଆକାଶଯାନ ଉଡ଼ନ୍ତାଥାଳିଆ ଅଦୃଶ୍ୟ ଭାବରେ ଏହି ଗବେଷଣାଗାର ଉପରେ ଉଡ଼ି ଯାଇଥିବା ସମୟରେ ସିନକ୍ରୋଟ୍ରୋନ୍‌ର ଫିଲ୍‌ଡ କିଛି ସମୟ ପାଇଁ ବଦଳି ଯାଇଥିବା ସମ୍ଭାବନା । ପୁଣି କାର୍‌ସନ୍ ସିଟିର ସେହି ମଟରଗାଡ଼ି କାରଖାନାର ବିଭିନ୍ନ ଯନ୍ତ୍ରପାତି ଓ ମଟରଗାଡ଼ିର ବିଭିନ୍ନ ଅଂଶ ଚୁମ୍ବକ ପାଲଟିଯିବାର କାରଣ ମଧ୍ୟ ସେଇଆ । ବର୍ତ୍ତମାନ ଆପଣ କ'ଣ ଭାବୁଛନ୍ତି ଡକ୍ଟର ରବର୍ଟ ହାଇମର୍ ?''

ଆଲୋଚନାରେ ପଠିତ ଏହିସବୁ ରିପୋର୍ଟ ଶୁଣି ରବର୍ଟ ହାଇମର୍ ଏକରକମ ଜଡ଼ ପାଲିଟିଗଲା ଭଳି ଦିଶୁଥାନ୍ତି । ସେ ଧୀରେ ଧୀରେ ଉଠି କହିଲେ— ''ଡକ୍ଟର ଜେନିଙ୍ଗସ୍‌ଙ୍କ ଦ୍ୱାରା ସଂଗୃହୀତ ଆମ ଗୁପ୍ତଚରମାନଙ୍କ ରିପୋର୍ଟ ଶୁଣିଲି କିନ୍ତୁ ସେଗୁଡ଼ିକ ମୋତେ କାହିଁକି ନିହାତି ଅବାସ୍ତବ ଓ ସନ୍ଦେହଜନକ ବୋଲି ଜଣାପଡୁଛି । ସୋଭିୟେଟ୍ ରାଷ୍ଟ୍ରରେ ଯେ ମୃତ୍ୟୁରଶ୍ମି ଉତ୍ପାଦକ ଯନ୍ତ୍ର ତିଆରି ହୋଇ ପରୀକ୍ଷିତ ହୋଇସାରିଛି, ଏହା ମୋର ବିଶ୍ୱାସ ନୁହେଁ ।''

ହଠାତ୍ ବୈଠକରେ ପାଣିତୁଣ୍ଡ ଶୁଭିଲା । ଡକ୍ଟର ଜେନିଙ୍ଗ୍‌ସ ଉଠି କହିଲେ, ''ଆପଣ ବିଶ୍ୱାସ ନ କରିବେ ବୋଲି ଯେ ଏହା ସୋଭିୟେଟ ରାଷ୍ଟ୍ରରେ ତିଆରି ହୋଇନି, ଏ ଧାରଣା ନିହାତି ଅମୂଳକ । ଆମ ଗୁପ୍ତଚରମାନଙ୍କ ରିପୋର୍ଟକୁ ଅବିଶ୍ୱାସ କରିହେବନି । ମୃତ୍ୟୁରଶ୍ମି ଯନ୍ତ୍ର ପ୍ରକୃତରେ ସମ୍ଭବ କି ସମ୍ଭବ ନୁହେଁ, ଆମର ରଶ୍ମି ବିଶେଷଜ୍ଞ ଡକ୍ଟର ଗିଲ୍‌ଡଙ୍କୁ ପଚରାଯାଉ ।''

''ଆପଣଙ୍କର ମତ କ'ଣ କୁହନ୍ତୁ ତ ଡକ୍ଟର ଗିଲ୍‌ଡ ? ମୃତ୍ୟୁରଶ୍ମି ଉତ୍ପାଦକ ଯନ୍ତ୍ର କ'ଣ କେବେ ସମ୍ଭବ ନୁହେଁ ?'' ଡକ୍ଟର ଗିଲ୍‌ଡଙ୍କୁ ଲକ୍ଷ୍ୟ କରି ଜେନିଙ୍ଗ୍‌ସ ପଚାରିଲେ ।

ଜେନିଙ୍ଗସ୍‌ଙ୍କ ପ୍ରଶ୍ନରେ ଡକ୍ଟର ଗିଲ୍‌ଡ ଟିକିଏ ଥତମତ ହୋଇ ଆରମ୍ଭ କଲେ । ତାଙ୍କ ମୁଖମଣ୍ଡଳ ଉପରେ ଚିନ୍ତାର ଏକ ଗଭୀର ଛାୟା ଖେଳିଯିବା ସଙ୍ଗେ ସଙ୍ଗେ ତାଙ୍କର ବାକ୍‌ରୁଦ୍ଧ ହେଲାଭଳି ଜଣାପଡୁଥାଏ । କିଛି ସମୟ ଚିନ୍ତାକରି

Digitized by srujanika@gmail.com

ସେ କ'ଣ ଉତ୍ତର ଦେବେ ଠିକ୍ କରି ପାରିଲେନି । ହଁ, ନା, ନା, ହଁ ହୋଇ ସେ ଆରମ୍ଭ କଲେ –

"ସୋଭିଏଟ ରାଷ୍ଟ୍ରରେ ମୃତ୍ୟୁରଶ୍ମି ଯନ୍ତ୍ର ତିଆରି ହେବା ଖବର ଶୁଣିଲା ଦିନଠାରୁ ଏହି ଯନ୍ତ୍ର କିପରି ହୋଇଥିବ, ମୁଁ ସର୍ବଦା ଚିନ୍ତାକରି ଆସୁଛି । ଏତେଦିନ ଧରି ଭାବି ଭାବି ମୁଁ ଯାହା ସ୍ଥିର କରିଛି, ମୃତ୍ୟୁରଶ୍ମି ଉତ୍ପାଦକ ଯନ୍ତ୍ର ତିଆରି କରିବା କିଛି ଅସମ୍ଭବ ନୁହେଁ । ମୋ ମତରେ ଏହି ଯନ୍ତ୍ରରେ ଗାମାରଶ୍ମି, ଅତି ଶକ୍ତିଶାଳୀ ଲେଜର ରଶ୍ମି ସମେତ ମେଗ୍‌ନେଟୋ ତାପ ରଶ୍ମି ଓ ତୀବ୍ର ରଞ୍ଜନ ତଥା ବିଶ୍ୱ ରଶ୍ମି ଏକତ୍ର ବ୍ୟବହୃତ ହେବାର ବନ୍ଦୋବସ୍ତ ଥିବ ।

ଏହି ପାଞ୍ଚଗୋଟି ରଶ୍ମି ଏକତ୍ର ମିଳିତ ହୋଇ ପ୍ରକ୍ଷିପ୍ତ ହେଲେ ଏହା ଯେ କୌଣସି ପଦାର୍ଥକୁ ପୋଡ଼ିଜାଳି ପାଉଁଶ କରିପକାଇବ । ଏହି ରଶ୍ମି ସଂସ୍ପର୍ଶରେ ସେକେଣ୍ଡକର ଏକଲକ୍ଷ ଭାଗରୁ କମ୍ ସମୟପାଇଁ ଆସିଲେ କୌଣସି ପ୍ରାଣୀ ମୃତ୍ୟୁବରଣ ନ କରି ରହିପାରିବନି । ଏହି ପାଞ୍ଚଗୋଟି ରଶ୍ମି ମୃତ୍ୟୁରଶ୍ମିର ଯେ ଗୋଟିଏ ଗୋଟିଏ ଅଙ୍ଗ ଏହାକୁ ଉଡ଼ାଇ ଦିଆଯାଇ ନ ପାରେ । ଏହି ରଶ୍ମିରେ ପ୍ରତ୍ୟେକର ଭାଗ କେତେ ହୋଇଥିବ ଜାଣିବା କଷ୍ଟକର, ବିନା ପରୀକ୍ଷାରେ କିଛି କହିହେବନି । ତେବେ ଏହି ଭାଗମାପ ଯେ ଅତ୍ୟଧିକ ଗୋପନୀୟ, ଏଥିରେ ସନ୍ଦେହ କରିବାର କିଛି ନାହିଁ ।

ତେବେ ମୋର ବିଶ୍ୱାସ, ମୃତ୍ୟୁରଶ୍ମି ଯନ୍ତ୍ର ପୂରାପୂରି ଅସମ୍ଭବ ଓ ସୋଭିୟେଟମାନଙ୍କ ହାତରେ ଯେ ଏଭଳି ଅସ୍ତ୍ର ନାହିଁ ଏହାମଧ୍ୟ ନିର୍ଧାର୍ଯ୍ୟ ଭାବରେ କୁହାଯାଇ ନ ପାରେ ।"

"ଏଥର ଆପଣଙ୍କ ସନ୍ଦେହ ଦୂର ହେଲା ତ ଡକ୍ଟର ? ମୁଁ ଭାବୁଛି ଆମର ଏହି ଗବେଷଣାଗାରରେ ଏବେ ଏଣିକି ଡକ୍ଟର ଗିଲ୍‌ଡଙ୍କ ଅଧୀନରେ ଓ ଆପଣଙ୍କ ତତ୍ତ୍ୱାବଧାନରେ ମୃତ୍ୟୁରଶ୍ମି ଯନ୍ତ୍ର ତିଆରି ଦିଗରେ ଗବେଷଣା କରାଯାଉ । ଆମକୁ ଯେକୌଣସି ଉପାୟରେ ମୃତ୍ୟୁରଶ୍ମି ଉତ୍ପାଦନକାରୀଯନ୍ତ୍ରର ଅଧିକାରୀ ହେବାକୁ ପଡ଼ିବ । ସୋଭିୟେଟମାନେ ଯଦି ଆମଠାରୁ ଅଧିକ ଆଗେଇଯାନ୍ତି, ତେବେ ଆନ୍ତର୍ଜାତିକ କ୍ଷେତ୍ରରେ ଆମ ସ୍ଥିତି କେତେ ଶୋଚନୀୟ ହୋଇପଡ଼ିବ, ତାହା ଭାବି ପାରୁଛନ୍ତି ତ ଡକ୍ଟର ? ସାରା ପୃଥିବୀବାସୀଙ୍କ ସମ୍ମୁଖରେ ଆମ ସମ୍ମାନ ଆଉ ରହିବଟି ?

ପରମାଣୁ ଶକ୍ତି କମିସନ୍‌ର ସହକାରୀ ସଭାପତି ଜେନେରାଲ କ୍ରୁକସ୍ ଉଠି ଏତକ କହିଲେ ।

Digitized by srujanika@gmail.com

"ଆପଣମାନେ ଏତେ ବ୍ୟସ୍ତ ହୋଇପଡ଼ନ୍ତୁନି ଜେନେରେଲ ।" ଆରମ୍ଭକଲେ ଅଧ୍ୟକ୍ଷ ରବର୍ଟ ହାଇମର୍, "ମୋତେ ଆପଣମାନେ ବିଶ୍ୱାସ କରନ୍ତୁ, ସୋଭିଯେଟମାନେ ଆମ ଭଳି ବିଜ୍ଞାନରେ ଏତେ ଆଗେଇପାରି ନାହାନ୍ତି । ମୃତ୍ୟୁରଶ୍ମି ଯନ୍ତ୍ର ଯେ ସେମାନେ ତିଆରି କରିପାରି ନାହାନ୍ତି, ସେଥିରେ ମୋର ତିଳେମାତ୍ର ସନ୍ଦେହ ନାହିଁ । ମୃତ୍ୟୁ–ରଶ୍ମିର ଯେଉଁ ପ୍ରଧାନ ଅଂଶୀଦାର ମେଗ୍‌ନେଟୋ ତାପରଶ୍ମି ସେଥିରେ ସୋଭିଯେଟ ରୁଷିଆ ଆମଦେଶ ଭଳି ଏତେ ଆଗେଇନି । ଏହି ରଶ୍ମି ଉପରେ ସେମାନଙ୍କ ଦେଶରେ ଗବେଷଣା ଆରମ୍ଭ ହୋଇଛି ମାତ୍ର ଏହି କେତେଦିନ ତଳେ । ଦେଖନ୍ତୁ, ବର୍ତ୍ତମାନ ପୃଥିବୀରେ ମାନବ ବିଧ୍ୱଂସୀ ଅସ୍ତ୍ରଶସ୍ତ୍ରର ଉତ୍ପାଦନ କମ୍ ହେଉଥିବାବେଳେ ଆମେ ଆହୁରି ମାରାତ୍ମକ ମୃତ୍ୟୁରଶ୍ମି ଯନ୍ତ୍ର ଉତ୍ପାଦନ ଦିଗରେ ଚେଷ୍ଟାକରି ପୃଥିବୀକୁ ଆହୁରି ଆତଙ୍କିତ କରିବା ଉଚିତ ହେବନି ।"

"ଆପଣ କ'ଣ ଯେ କହୁଛନ୍ତି ଆମେ ବୁଝିପାରୁନୁ ଡକ୍ଟର ।" ଜେନେରେଲ ଆଣ୍ଟୋନି ଉଠି କହିଲେ, "ଆପଣ କ'ଣ ଚାହୁଁଛନ୍ତି, ସୋଭିଯେଟ ରାଷ୍ଟ୍ର ତେଣେ ତା'ର ଶକ୍ତି ସାମର୍ଥ୍ୟ ବଢ଼ାଉଥିବାବେଳେ ଆମେ ଆଦର୍ଶ ନାଁରେ ଏଠାରେ ଚୁପ୍ ହୋଇ ବସି ରହିଥିବା ? ଆଉ କିଛିବର୍ଷ ପରେ ଆମ ଦେଶ ରହିବଟି ? ଆପଣ କ'ଣ ଚାହାନ୍ତି, ଶେଷରେ ଆମ ଦେଶ ସୋଭିଯେଟମାନଙ୍କର ପଦାନତ ହେବ ?"

"ଆପଣ ଏତେ ଦୂରକୁ ଭାବି ଯାଆନ୍ତୁନି ଜେନେରେଲ । ମୁଁ ଆମ ଦେଶକୁ ଅନ୍ୟ ଦେଶର ପଦାନତ ହେବାକୁ ସ୍ୱପ୍ନରେ ସୁଦ୍ଧା ଭାବିପାରେନା । ଆପଣ ଆଉଥରେ ଭାବି ଦେଖନ୍ତୁତ, ସାମାନ୍ୟ ଏକ ଅସମର୍ଥିତ ରିପୋର୍ଟ ଉପରେ ଆମେ ତରବର ହୋଇ ଅତି ମାରାତ୍ମକ ଗବେଷଣା ଚଳାଇବାଟା ଉଚିତ ହେବ କି ? ପୁଣି ଯେଉଁ ମୁହୂର୍ତ୍ତରେ ପୃଥିବୀ ଚାହୁଁଛି ପରମାଣୁ ବୋମା ଭଳି ମାରଣାସ୍ତ୍ରକୁ ବେଆଇନ କରିବା ପାଇଁ ଓ ଆମର ପ୍ରତିନିଧିମାନେ ଯେତେବେଳେ ସେମାନଙ୍କ ସହିତ ସେଭଳି ଆଲୋଚନାରେ ଯୋଗଦେବାକୁ ଆରମ୍ଭ କଲେଣି ?" ପରମାଣୁ ବୋମା, ଉଦଜାନ ବୋମା ଭଳି ମାରଣାସ୍ତ୍ର ତିଆରି କରି ଆମେ ଯେଉଁ ଭୁଲ କରିଛେ, ମୃତ୍ୟୁରଶ୍ମି ଯନ୍ତ୍ର ତିଆରି କରି ସେହି ଭୁଲକୁ ଆଉଥରେ ଦୋହରାଇବା ଉଚିତ ହେବକି ? ଆଜି ମାର୍କିନ୍ ଜାତି ତା'ର ପୂର୍ବ ଭୁଲ ପାଇଁ ପ୍ରାୟଶ୍ଚିତ୍ତ କରିବା ଉଚିତ । ପ୍ରାୟଶ୍ଚିତ୍ତ ବଦଳରେ ପୁଣି ଏକ ଅପରାଧ କଲେ, ମାର୍କିନ୍ ଜାତିକୁ ଆନ୍ତର୍ଜାତିକ କ୍ଷେତ୍ରରେ କେହି କ୍ଷମା ଦେବେନି ଜେନେରେଲ ।

"ଆନ୍ତର୍ଜାତିକ କ୍ଷେତ୍ରରେ କ'ଣ ଚାଲିଛି ବା କ'ଣ ନ ଚାଲିଛି, ପୃଥିବୀ କ'ଣ ଚାହୁଁଛି ବା ନ ଚାହୁଁଛି, ସେସବୁ ଆପଣଙ୍କର ଭାବିବା ବିଷୟ ନୁହେଁ

Digitized by srujanika@gmail.com

ଡକ୍ଟରେ ! ପରମାଣୁ ଶକ୍ତି କମିସନ, ପରମାଣୁ ଶକ୍ତି ପରାମର୍ଶଦାତା ବୋର୍ଡ଼ ଯାହା ଚାହୁଁଛି, ତାହା କରିବା ଆପଣଙ୍କ କର୍ତ୍ତବ୍ୟ ।''

କଡ଼ା କଡ଼ା ଭାବରେ ଏତକ କହିଦେଲେ ଜେନେରେଲ ଆଣ୍ଟୋନି ।

ଜେନେରେଲ ଆଣ୍ଟୋନିଙ୍କ କଥା ଶୁଣି ମୋତେ ବଡ଼ ରାଗ ଲାଗିଲା । ମନେ ମନେ ଭାବିଲି, ''ବାଃ, ବେଶ୍ ନ୍ୟାୟତ ! ଯେଉଁମାନେ ପରମାଣୁ ବୋମା, ହାଇଡ୍ରୋଜେନ ବୋମା ପ୍ରଭୃତି ମାରଣାସ୍ତ୍ର ତିଆରି କରିବେ, ସେମାନେ ଏହାର ଭଲ ମନ୍ଦ, ବ୍ୟବହାର ଅବ୍ୟବହାର କଥା ବିଚାର କରିବାକୁ ହକ୍‌ଦାର ନୁହନ୍ତି । ଏହା ଭଲ ଦିଗରେ କି ମନ୍ଦ ଦିଗରେ ବ୍ୟବହୃତ ହେବ, ସେ ବିଷୟରେ ପାଟି ଫିଟାଇବାକୁ ସେମାନଙ୍କର ଅଧିକାର ନାହିଁ । ଅଥଚ ଯେଉଁମାନେ ପରମାଣୁ ବୋମା ଗବେଷଣାର ଧାର ଧାରନ୍ତି ନାହିଁ, ଦିନ ରାତି କେବଳ ଯୁଦ୍ଧ, ଆକ୍ରମଣ, ଧ୍ୱଂସ ଆଦି ଛଡ଼ା ଅନ୍ୟକିଛି ଚିନ୍ତାକରି ପାରନ୍ତି ନାହିଁ, ସେହିମାନଙ୍କ ଆଦେଶରେ ସବୁ ଚାଲିବ ? ବୈଜ୍ଞାନିକଗୁଡ଼ାକ କ'ଣ ମଣିଷ ନା ପଶୁ ? ମାଲିକ ଯାହା ଆଦେଶ ଦେବ, ଏମାନେ ଠିକ୍ ତା' ପାଳନ କରିବେ ? ଟିକିଏ ବି ପାଟି ଫିଟାଇପାରିବେ ନାହିଁ ।''

ପରମାଣୁ ପରାମର୍ଶଦାତା ବୋର୍ଡ଼ ଓ ସେଥି ସଙ୍ଗେ ସଙ୍ଗେ ଜେନେରେଲ ଆଣ୍ଟୋନିଙ୍କ ଉପରକୁ ମୋତେ ଏତେ ରାଗ ଲାଗିଲା ଯେ ମୁଁ ଯଦି ଡକ୍ଟର ରବର୍ଟ ହାଇମର୍‌ଙ୍କ ସ୍ଥାନରେ ଥା'ନ୍ତି, ତେବେ ଜେନେରେଲ ଆଣ୍ଟୋନିଙ୍କୁ ଖୁବ୍ କଡ଼ା କଡ଼ା ଦି'ପଦ ଶୁଣାଇଦେଇ ସଙ୍ଗେ ସଙ୍ଗେ ଇସ୍ତଫା ଦେଇ ଏଠୁ ବିଦା ହୋଇଯାନ୍ତି । ଓଃ, ଏଗୁଡ଼ାକ କି ମାରାତ୍ମକ । ଦେଶର ବୈଜ୍ଞାନିକମାନଙ୍କୁ ସମ୍ମାନଦେବା ତ ଦୂରର କଥା, ପଶୁଠାରୁ କମ୍ ହୀନ ମଣୁ ନାହାନ୍ତି ! ମୁଁ ଖାଲି ଚାହୁଁଥାଏ, ଡକ୍ଟର ରବର୍ଟ ହାଇମର୍ ସେମାନଙ୍କ କଥାର ପ୍ରତିବାଦ କରନ୍ତେ କି ?

''ଆପଣମାନେ ଯଦି ଏତେ ଜିଦ୍ ଧରନ୍ତି, ତେବେ ମୁଁ ନାଚାର ।'' ବଡ଼ ନମ୍ର ହୋଇ ଆରମ୍ଭ କଲେ ଡକ୍ଟର ରବର୍ଟ ହାଇମର୍, ''ମୋ ଇଚ୍ଛା ବିରୋଧରେ ଆପଣମାନେ ଯଦି ଏ ଗବେଷଣାଗାରରେ ମୃତ୍ୟୁରଶ୍ମି ଯନ୍ତ୍ର ସମ୍ବନ୍ଧରେ ଗବେଷଣା ଚଳାଇବାକୁ ଇଚ୍ଛା କରନ୍ତି ତେବେ ଚଳାଇପାରନ୍ତି, ମୋର ସେଥିରେ ଆପତ୍ତି ନାହିଁ । ଏ ଗବେଷଣା ମୋ ତତ୍ତ୍ୱାବଧାନରେ ନ ହୋଇ ଡକ୍ଟର ଗିଲ୍‌ଡ ନିଜେ ସ୍ୱାଧୀନ ଭାବରେ ଚଳାନ୍ତୁ । ତାଙ୍କ କାର୍ଯ୍ୟ ପାଇଁ ଯାବତୀୟ ସୁବିଧା ଓ ସୁଯୋଗ ଏହି ଗବେଷଣାଗାର ଯୋଗାଇ ଦେଇପାରେ । ତେବେ ଏତିକି ମନେରଖନ୍ତୁ, ନିଜ ଦେଶର ସ୍ୱାର୍ଥରକ୍ଷା ପାଇଁ ଆପଣମାନେ ଯାହା କରୁଛନ୍ତି, ତାହା ଶେଷରେ ସାରା ମଣିଷ ସମାଜର ଏକ ପ୍ରଧାନ କଣ୍ଟକ ହେବ, ଠିକ୍ ପରମାଣୁ ଓ ହାଇଡ୍ରୋଜେନ ବୋମା ଭଳି ।''

Digitized by srujanika@gmail.com

ଏତକ କହିଲାବେଳେ ଦୁଃଖରେ ତାଙ୍କ ପ୍ରାଣ ସତେ ଯେପରି କାନ୍ଦି ଉଠୁଥାଏ ।

"ଦେଖନ୍ତୁ ଡକ୍‌ଟର", ଅତ୍ୟନ୍ତ ନମ୍ର ହୋଇ ଆରମ୍ଭ କଲେ ଜେନେରେଲ କ୍ରୁକ୍‌ସ, "ଆପଣ ହେଉଛନ୍ତି ଆମ ଦେଶର ଶ୍ରେଷ୍ଠତମ ବୈଜ୍ଞାନିକ । ଆପଣ ଗତ ମହାଯୁଦ୍ଧବେଳେ ପରମାଣୁ ବୋମା ତିଆରିରେ ସାହାଯ୍ୟ କରି ଆମ ଦେଶକୁ ଯେପରି ଭାବରେ ବିଜୟୀ କଲେ ତାହା ଯୁକ୍ତରାଷ୍ଟ୍ରର ଇତିହାସରେ ଚିରଦିନପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ । ଆମ ପରେ ପରେ ସୋଭିଯେଟ ରାଷ୍ଟ୍ର ପରମାଣୁ ବୋମା ତିଆରି କରି ପକାଇଲାରୁ ଆପଣଙ୍କ ସାହାଯ୍ୟରେ ଆମ ଦେଶରେ ତିଆରି ହେଲା ହାଇଡ୍ରୋଜେନ ବୋମା, ଯା' ଫଳରେ ଆମେ ଆନ୍ତର୍ଜାତିକ କ୍ଷେତ୍ରରେ ଆହୁରି କିଛିଦିନ ପାଇଁ ଆମ ପ୍ରାଧାନ୍ୟ ବଜାୟ ରଖିପାରିଲୁ । ବର୍ତ୍ତମାନ ସୋଭିଯେଟ ରାଷ୍ଟ୍ର ହାଇଡ୍ରୋଜେନ ବୋମା ତିଆରି କରିପାରିଥିବାରୁ ଓ ସେମାନେ ଆମ ଅପେକ୍ଷା ଆଗତୁରା ମୃତ୍ୟୁରଶ୍ମି ଉତ୍ପାଦକ ଯନ୍ତ୍ର ଉଦ୍ଭାବନ କରିପାରିଥିବାରୁ, ସେମାନେ ଆମକୁ ପଛରେ ପକାଇ ଢେର୍ ଆଗକୁ ଚାଲି ଯାଇଛନ୍ତି । ତେଣୁ ଏଭଳି ଏକ ସଂକଟ ସମୟରେ ଆମେ ଏ ଦିଗରେ ଗବେଷଣା କରି ଆମ ଦେଶର ପ୍ରାଧାନ୍ୟ ବଜାୟ ରଖିବା କ'ଣ ଉଚିତ ନୁହେଁ ଡକ୍‌ଟର ?" ମୃତ୍ୟୁରଶ୍ମି ଯନ୍ତ୍ର ଆମ ହାତରେ ନ ରହିଲେ ସୋଭିଯେଟମାନଙ୍କ ତୁଳନାରେ ଆମେ କେତେ ହୀନବଳ ହୋଇଯିବା ଭାବନ୍ତୁ ତ ?

"ଆପଣ ସେଇଠି ଭୁଲ କରୁଛନ୍ତି, ଜେନେରେଲ" କ୍ରୁକ୍‌ସଙ୍କ ଆଡ଼କୁ ଅନାଇ ଆରମ୍ଭ କଲେ ଡକ୍‌ଟର ରବର୍ଟ ହାଇମର୍, "ଆମ ମଧ୍ୟରେ ଓ ସୋଭିଯେଟ ରୁଷ ମଧ୍ୟରେ ଯଦି ଏହିଭଳି ମାରାତ୍ମକ ଅସ୍ତ୍ରଶସ୍ତ୍ରର ପ୍ରତିଯୋଗିତା ଚାଲେ, ତେବେ ପୃଥିବୀର ଅବସ୍ଥା କ'ଣ ହେବ, ସେ ଆଡ଼କୁ ଟିକିଏ ଦୃଷ୍ଟି ଦେଇଛନ୍ତି ତ ? ଆନ୍ତର୍ଜାତିକ କ୍ଷେତ୍ରରେ ସୋଭିଯେଟ୍ ରାଷ୍ଟ୍ର ଆମର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ଥିଲାବେଳେ ଆପଣମାନେ କ'ଣ ଭାବୁଛନ୍ତି ଯେ ଆମେ ସର୍ବଦା ସେମାନଙ୍କ ଉପରେ ପ୍ରାଧାନ୍ୟ ବଜାୟ ରଖି ଚାଲିଥିବା ? ସେମାନଙ୍କ ବୈଜ୍ଞାନିକମାନେ ତ ଆମଠାରୁ କୌଣସି ଗୁଣରେ ହୀନ ନୁହନ୍ତି, ଯା' ଫଳରେ ଆମର ପ୍ରାଧାନ୍ୟକୁ ଚିରଦିନ ବଜାୟ ରଖିହେବ । ଏହି ପ୍ରତିଯୋଗିତାରେ ସେମାନେ କେତେବେଳେ ଆମ ଆଗରେ ତ ଆମେ କେତେବେଳେ ସେମାନଙ୍କ ଆଗରେ ରହିବା ସ୍ୱାଭାବିକ । ଅଯଥା ଆମ ଦୁଇ ଦେଶର ପ୍ରତିଯୋଗିତାରେ ସାରା ପୃଥିବୀ ଆତଙ୍କିତ ହେବ କାହିଁକି ? ମୋ ମତରେ ଆମେ ମୃତ୍ୟୁରଶ୍ମି ଦିଗରେ ଗବେଷଣା ନ କରି ଧୀରେ ଧୀରେ ବିଭିନ୍ନ ମାରଣାସ୍ତ୍ର ଗବେଷଣାରୁ ବିରତ ହେବା ଉଚିତ ।

Digitized by srujanika@gmail.com

ପୃଥିବୀର କୋଟି କୋଟି ଶାନ୍ତିକାମୀ ଲୋକେ ତ ଆଜି ଠିକ୍ ସେଇଆ ଚାହୁଁଛନ୍ତି ଜେନେରେଲ ! ସୋଭିଏଟମାନେ ଯଦି ଭ୍ରମଧାରଣାର ବଶବର୍ତ୍ତୀ ହୋଇ ଆମଭଳି ମାରଣାସ୍ତ୍ର ପ୍ରସ୍ତୁତି ଦିଗରେ ଗବେଷଣା ଚଳାଉଥାନ୍ତି, ତେବେ ଆପଣମାନେ ଦେଖିବେ ଆମେ ବିରତ ହେଲେ ସେମାନେ ମଧ୍ୟ ବାଧ୍ୟ ହୋଇ ସେ ଦିଗରେ ଗବେଷଣା କମାଇଦେବେ । ତେବେ ମୋର ବ୍ୟକ୍ତିଗତ ବିଶ୍ୱାସ, ସୋଭିଏଟ ବୈଜ୍ଞାନିକମାନେ ଶାନ୍ତିକାମୀ ଓ ପରମାଣୁ ଶକ୍ତିକୁ ଶାନ୍ତିକାଳୀନ କାମରେ ଲଗାଇବାକୁ ଅତ୍ୟଧିକ ବ୍ୟଗ୍ର । ତା' ନ ହୋଇଥିଲେ ସବୁଠାରୁ ବଡ଼ ପରମାଣୁଚାଳିତ ବିଦ୍ୟୁତ୍ କାରଖାନା ଆଜି ସୋଭିଏଟ ଭୂମିରେ ଗଢ଼ି ଉଠି ନ ଥାନ୍ତା । ମୁଁ ମଧ୍ୟ ଆହୁରି ବିଶ୍ୱାସ କରେ, ସେମାନେ ଆମର ମାରଣାସ୍ତ୍ର ତିଆରି ଗବେଷଣାରେ ଭୟଭୀତ ହୋଇ ଏ ଦିଗରେ ଗବେଷଣା ଚଳାଇବାକୁ ବାଧ୍ୟ ହୋଇଛନ୍ତି । ନୋହିଲେ ସେମାନେ କେଉଁଦିନରୁ ଏ ଧ୍ୱଂସମୂଳକ ଗବେଷଣା ବନ୍ଦ କରି ସାରନ୍ତେଣି ।

ଯୋସେଫ୍ ଷ୍ଟାଲିନ୍ ଦ୍ୱିତୀୟ ମହାଯୁଦ୍ଧ ପରେ ଯେତେବେଳେ ସୋଭିଏଟ ରୁଷିଆରେ ପରମାଣୁ ବୋମା ତିଆରି କରିବାର ଯୋଜନା କଲେ, ସେଥିରେ ବାଧା ଦେଇଥିଲେ ଲିଓପୋଲ୍ଡ କେପିଜା । ସେ ସେତେବେଳେ ଥା'ନ୍ତି ସୋଭିଏଟ ଇଉନିୟନ୍‌ର ଏକନମ୍ବର ପରମାଣୁ ତତ୍ତ୍ୱବିତ୍ । ତାଙ୍କୁ ପରମାଣୁ ବୋମା ତିଆରି ଯୋଜନାର ଅଧ୍ୟକ୍ଷ ଭାବରେ ଷ୍ଟାଲିନ୍ ନିମନ୍ତ୍ରଣ କଲାରୁ ସେ ପରମାଣୁ ବୋମା ତିଆରି ଦିଗରେ ଦାୟିତ୍ୱ ନେବାପାଇଁ ରୋକ୍‌ଠୋକ୍ ମନା କରି ଦେଇଥିଲେ । ଷ୍ଟାଲିନ୍ ଆମର ପରମାଣୁ ବୋମା ତିଆରିରେ ଏତେ ଭୟଭୀତ ହୋଇ ପଡ଼ିଥିଲେ ଯେ କେପିଜାଙ୍କ ପରାମର୍ଶ ନ ଶୁଣି ତାଙ୍କୁ ଓଲଟି କାରାଗାରରେ ଆବଦ୍ଧ ରଖିବାକୁ ଆଦେଶ ଦେଇଥିଲେ । ତାଙ୍କର ଭୟ ଥିଲା, ତାଙ୍କ ଦେଶ ଯଦି ପରମାଣୁ ବୋମା ତିଆରି ନ କରୁଛି ତେବେ ମାର୍କିନ୍ ପୁଞ୍ଜିବାଦ ଦିନେ ସୋଭିଏଟ ସାମ୍ୟବାଦକୁ ଧ୍ୱଂସ କରି ପୃଥିବୀପୃଷ୍ଠରୁ ସେମାନଙ୍କୁ ନିଶ୍ଚିହ୍ନ କରି ଦେଇପାରେ । କେପିଜା ମନାକଲାପରେ କୁର୍‌ଚାଟୋଭଙ୍କ ଅଧୀନରେ ଏହି ଗବେଷଣା ଚାଲିଲା ସତ, କିନ୍ତୁ ପରମାଣୁ ବୋମାର ବିସ୍ଫୋରଣ ପରୀକ୍ଷା ଦେଖି କୁର୍‌ଚାଟୋଭ ଦିନେ ପାଗଳ ହୋଇଯାଇ କହିଥିଲେ, "ହେ ଭଗବାନ୍ ଆମକୁ କ୍ଷମା ଦିଅ । ଆମେ କରୁ କରୁ କ'ଣ ଯେ କରି ପକାଇଲୁ ଆମ ଧାରଣା ବାହାରେ । ଏଥିପାଇଁ ପୃଥିବୀ ଆମକୁ କ୍ଷମା ଦେଇ ନ ପାରେ । ଏହି ଅସ୍ତ୍ର ଯେତେଶୀଘ୍ର ବେଆଇନ ହେବ, ସାରା ମଣିଷ ସମାଜ ପାଇଁ ସେତେ ମଙ୍ଗଳ ।

ପୃଥିବୀରେ ଶାନ୍ତି ପ୍ରତିଷ୍ଠା ଦିଗରେ ଆମେରିକା ଅନ୍ୟ ଦେଶକୁ ଅପେକ୍ଷା ନ କରି ଯଦି ଏହି ଆଦର୍ଶ ଦେଖାଇପାରେ ଓ ମାରଣାସ୍ତ୍ର ଗବେଷଣାରୁ ବିରତ

Digitized by srujanika@gmail.com

ହୁଏ, ତେବେ ପୃଥିବୀର କୋଟି କୋଟି ଜନତା ଆମେରିକାକୁ ଧନ୍ୟ ଧନ୍ୟ କହନ୍ତେ ଜେନେରଲ ! ଯୁଦ୍ଧ ବିଭୀଷିକା ପୃଥିବୀପୃଷ୍ଠରୁ ଲୋପ ପାଇଲେ କେତେ ଲୋକଙ୍କ ପିଣ୍ଡରେ ପ୍ରାଣସଞ୍ଚାର ହୁଅନ୍ତା କହନ୍ତୁ ତ ? ଯୁକ୍ତରାଷ୍ଟ୍ରର ଏହି ବନ୍ଦସତ୍ତ୍ୱେ ସୋଭିଯେଟମାନେ ଯଦି ସେମାନଙ୍କ ମାରଣାସ୍ତ୍ର ଗବେଷଣା ଚାଲୁ ରଖନ୍ତେ, ତେବେ ପୃଥିବୀର ଜନସାଧାରଣଙ୍କ ଆଖିରେ ସୋଭିଯେଟ ହୁଅନ୍ତା ଯୁଦ୍ଧଖୋର । ପୃଥିବୀର ଶାନ୍ତିକାମୀ ଲୋକେ ଆମେରିକାକୁ ଆଜି ଯେଉଁ ଯୁଦ୍ଧଖୋର ଆଖ୍ୟା ଦେଉଛନ୍ତି, ତାହା ପରିଶେଷରେ ପ୍ରଯୁଜ୍ୟ ହୁଅନ୍ତା ସୋଭିଯେଟମାନଙ୍କ ଉଦ୍ଦେଶ୍ୟରେ ।''

ଅଧ୍ୟକ୍ଷ ରବର୍ଟ ହାଇମର୍ ତାଙ୍କର ଏହି ବକ୍ତୃତା ଦେଉଥିଲାବେଳେ ପରାମର୍ଶଦାତା ବୋର୍ଡ଼ର ଦୁଇ ତିନିଜଣ ସଦସ୍ୟ ରବର୍ଟ ହାଇମର୍‌ଙ୍କୁ ଲକ୍ଷ୍ୟକରି କ'ଣ ଭିତିରି କଥାବାର୍ତ୍ତା ଚଳାଇଥାନ୍ତି, ଜଣାପଡୁ ନ ଥାଏ । ସତେ ଯେପରି ଅଧ୍ୟକ୍ଷଙ୍କ ବିରୋଧରେ କିଛି ଗୋଟାଏ ବିରାଟ ଗୁପ୍ତ ଷଡ଼ଯନ୍ତ୍ର ଚାଲିଛି ସେଠି ।

ଅଧ୍ୟକ୍ଷ ତାଙ୍କ ବକ୍ତୃତା ଶେଷ କରିଛନ୍ତି କି ନାହିଁ ହଠାତ୍ ଅଦୂରରେ ଥିବା ମେଗ୍‌ନେଟୋକାଉଣ୍ଟର ଘିର୍ ଘିର୍ ହୋଇ ବାଜି ଉଠିଲା । ପରେ ପରେ ଗବେଷଣାଗାରର ବିଭିନ୍ନ ସ୍ଥାନରେ ଯେଉଁସବୁ କାଉଣ୍ଟର ଥିଲା, ସେଗୁଡ଼ିକ ଏକସ୍ୱରରେ ବାଜି ଉଠିଲା, ଆଶୁ ପ୍ରଳୟର ଏକ ସୂଚନା ଦେଇ । ଏକ ବିରାଟ ଚୁମ୍ବକଝଡ଼ର ଆବିର୍ଭାବ । ସଙ୍ଗେ ସଙ୍ଗେ ଚୁମ୍ବକ ପରଦାକୁ ଦେଖାଇ ଝଡ଼ର କେନ୍ଦ୍ର ନିର୍ଣ୍ଣୟ କଲାରୁ ଜଣାପଡ଼ିଲା ଯେ ଏହାର କେନ୍ଦ୍ର ହେଉଛି ଗବେଷଣାଗାରଠାରୁ ତିନିଶହ ମାଇଲ ଦୂର ଉତ୍ତର-ପୂର୍ବ କୋଣରେ । ଏହି କେନ୍ଦ୍ରଟି ଗବେଷଣାଗାର ଆଡ଼କୁ କ୍ଷିପ୍ର ବେଗରେ ଆଗେଇ ଆସୁଛି । ଆଉ ପ୍ରାୟ ୫୦ ସେକେଣ୍ଡ ପରେ ଏହା ଠିକ୍ ଗବେଷଣାଗାର ଉପରେ ପହଞ୍ଚିଯିବ । ତେବେ ଏ କ'ଣ ସେହି ମୃତ୍ୟୁରଶ୍ମି ଯା' ଉପରେ ଏତେ ସମୟ ଧରି ଆଲୋଚନା ହୋଇଗଲା ? ସମସ୍ତଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନ । ବେଳକୁବେଳ ମେଗ୍‌ନେଟୋ କାଉଣ୍ଟରଗୁଡ଼ିକ ଆହୁରି ଜୋରରେ ବାଜିବାକୁ ଲାଗିଲା ସତେ ଯେପରି ଆସନ୍ନ ପ୍ରଳୟର ଠିକ୍ ପୂର୍ବାଭାସ । ସୋଭିଯେଟ ରାଷ୍ଟ୍ରର ମୃତ୍ୟୁରଶ୍ମି ଯନ୍ତ୍ର ଆସିଗଲା ବୋଲି ଚିତ୍କାର କରି କେହି କେହି ପ୍ରାଣ ବିକଳରେ ଏଣେତେଣେ ଦୌଡ଼ାଦୌଡ଼ି ଆରମ୍ଭ କରିଦେଲେ । ପରିଶେଷରେ କିଛି ନ ପାଇ ଆତ୍ମରକ୍ଷା ଉଦ୍ଦେଶ୍ୟରେ ସେମାନେ ସମସ୍ତେ ଭୂମିତଳ କକ୍ଷ ବଙ୍କର ଭିତରକୁ ପଶିବାକୁ ଆରମ୍ଭ କଲେ । ମୁଁ ମଧ୍ୟ ସେମାନଙ୍କ ସଙ୍ଗେ ବଙ୍କର ଭିତରକୁ ପଶି ଯାଉଥିଲି । ମୋ ପଛେ ପଛେ ପଳାଇ ଆସୁଥିଲା ରେଖା । ହଠାତ୍ ପାହାଚରେ ମୋ ଗୋଡ଼ ଖସିଗଲାରୁ ମୁଁ ତଳେ ଯାଇ କଚାଡ଼ି ହୋଇ ପଡ଼ିଲି । କଂକ୍ରିଟ ଚଟାଣ ସହିତ ମୋ ପିଠି ଏତେ ଜୋରରେ ବାଡ଼େଇ ହୋଇଗଲା ଯେ, ମୁଁ କଷ୍ଟରେ 'ରେଖା', 'ରେଖା', କହି ଚିତ୍କାର କରି ଉଠିଲି ।

Digitized by srujanika@gmail.com

ମୋ ଚିତ୍କାରରେ ମୋ ସ୍ତ୍ରୀଙ୍କର ନିଦ ହଠାତ୍ ଭାଙ୍ଗିଗଲା । ସେ ଉଠିପଡ଼ି ମୋତେ ହଲାଇଦେଲେ । ମୁଁ ଚିତ୍କାର କରି କହିଲି, "ଓଃ, ମୁଁ ପଡ଼ିଗଲି ରେଖା, ପଡ଼ିଗଲି । ମତେ ଟିକିଏ ଧର ଭଲା, ମୁଁ ଉଠେ ।"

ଏତକ କହି ମୁଁ ମୋ ପ୍ରସାରିତ ହାତ ଦୁଇଟିକୁ ରେଖା ଆଡ଼କୁ ବଢ଼ାଇଦେଲି । ଚନ୍ଦ୍ରା ମୋ ହସ୍ତ ପ୍ରସାର ଓ ରେଖା, ରେଖା ଡାକ ଶୁଣି ରାଗିଯାଇ କହିଲା, "ହଁ, ସ୍ୱପ୍ନରେ ବି ରେଖା ! ରେଖା କିଏ, କାହାକୁ ଡାକୁଛ ତମେ ?"

ଏତକ କହି ସେ ମୋତେ ଖୁବ୍ ଜୋରରେ ହଲାଇଦେଲା ।

"ଆଁ—", ଚନ୍ଦ୍ରା ହଲାରେ ମୋ ନିଦ ଭାଙ୍ଗିଗଲା । ଆଖିମେଲି ଦେଖିଲି ମୁଁ ଶେଯ ଉପରେ ବେଶ୍ ଆରାମରେ ଶୋଇଛି । ଶେଯରୁ ଉଠି ମୋ ନିକଟରେ ଏକ ରଣଚଣ୍ଡୀ ମୂର୍ତ୍ତି ଧାରଣ କରି ଠିଆ ହୋଇଛି ସ୍ତ୍ରୀ ଚନ୍ଦ୍ରା । ଝରକା ଦେଇ ସକାଳ ସୂର୍ଯ୍ୟଙ୍କର ସୁନେଲି କିରଣ ବେଶ୍ ଝରି ପଡୁଥାଏ ମୋର ଦୁଗ୍ଧଫେନନିଭ ଶଯ୍ୟା ଉପରେ ଶ୍ରାବଣ ମାସର ଅବାରିତ ବାରିରାଶି ପରି । ଅମାନିଆ ପଶ୍ଚିମାପବନ ଚନ୍ଦ୍ରାର ରାଗ ପ୍ରତି ଗୁରୁତ୍ୱ ନ ଦେଇ ତାର ମୁଖ ଉପର ଚୂର୍ଣ୍ଣକୁନ୍ତଳ ସହିତ ଖେଳୁଥାଏ ଅପୂର୍ବ ଲୁଚକାଳି ।

ଟିକିଏ ଆଶ୍ଚର୍ଯ୍ୟ ହୋଇ ପଚାରିଲି, "ମୁଁ ବର୍ତ୍ତମାନ କେଉଁଠି ଚନ୍ଦ୍ରା ? ଆମ ଘରେ ତ ?"

"ନା, ନା, ଆମ ଘରେ ନୁହେଁ, ତୁମର ସ୍ୱପ୍ନର ନାୟିକା ରେଖା ଘରେ ।" ଏହି କଥା କେଇପଦରୁ ତା' ମନର ରାଗ ବେଶ୍ ଜଣାପଡୁଥିଲା ।

ଚନ୍ଦ୍ରାକୁ କୋଳକୁ ଟାଣି ଆଣି ଛାତି ସହିତ ଭିଡ଼ିଧରି କହିଲି, "କ'ଣ ଗୁଡ଼ାଏ କହୁଛ ମ, ମୁଁ କିଛି ବୁଝିପାରୁନି ତୁମ କଥାରୁ ?"

"କାହିଁକି ବୁଝିବ ? ଛାଡ଼, ଛାଡ଼, ମୋତେ । ଶୋଇବ ମୋ ପାଖରେ, ଆଉ ସ୍ୱପ୍ନ ଦେଖିବ ରେଖାକୁ ? କେଉଁ ସ୍ତ୍ରୀ ଏହାକୁ ସହ୍ୟ କରିବ କହିଲ ?"

"ଆଉ ତମେ କ'ଣ କହୁଛ, ତୁମଠାରେ ଶୋଇ ମୁଁ ତୁମକୁ ସ୍ୱପ୍ନ ଦେଖିଥାନ୍ତି ?"

"ମୋତେ ନ ଦେଖି ସେହି ରେଖାକୁ ଦେଖ ।" ସେ ରାଣ୍ଡୀ ମୋ ଘର ଭାଙ୍ଗିବ ଦେଖୁଛି ।

"ମୁଁ କେତେବଡ଼ ଦୁଃସ୍ୱପ୍ନଟାଏ ଦେଖିଲି, ସେ କଥା ନ ପଚାରି ରେଖା, ରେଖା କ'ଣ ହେଉଛମ ।"

"ଦୁଃସ୍ୱପ୍ନ ଦେଖିଲ ! କାହିଁକି" କ'ଣ ହେଲା କି ? ତୁମର ସ୍ୱପ୍ନର ନାୟିକା ପ୍ରେୟସୀ ରେଖା କ'ଣ ପ୍ରତ୍ୟାଖ୍ୟାନ କଲା ତୁମର ପ୍ରେମନିବେଦନକୁ ? ତୁମେ

Digitized by srujanika@gmail.com

କେତେଦିନ ହେଲା ଏ ଲୀଳା ଲଗାଇଲଣି ଶୁଣେ ? ଛିଃ, ଛିଃ, କେଡ଼େ ଅଲାଜୁକୀଟାଏ ସିଏ ! ତେଣେ ନିଜ ସ୍ୱାମୀକୁ ଛାଡ଼ପତ୍ର ଦେଇ ଏଠି ଲୀଳା ଲଗାଇଛି । ଆଜି ସେ ରାଣ୍ଡୀକି ଦେଖନ୍ତିକି, ତା ପିଠିରେ ଦି'ପାହାର ଦିଅନ୍ତି । ଭାରତରୁ ଆସି ଭଲ ନାଁ ପକାଉଛି ଏଠି ।'' ଏତକ କହି ଚନ୍ଦ୍ରା ମୋ କୋଳରୁ ମୁକୁଳିବାକୁ ଚେଷ୍ଟା କଲା ।

ଚନ୍ଦ୍ରାକୁ ଆହୁରି ଟିକିଏ ଜୋରରେ ଭିଡ଼ିଧରି ତା'ର ସୁକୋମଳ ଗାଲକୁ ଟିପିଦେଇ କହିଲି, ''ବିଶ୍ୱାସ କର ମୋତେ ଚନ୍ଦ୍ରା ମୁଁ ଲୀଳା ଲଗାଇନି କେଉଁଠି । ଅଯଥାରେ ରେଖାକୁ ଗାଳିଦେଉଛ କାହିଁକି ? ସେ ବିଚାରୀ କେଡ଼େ ଦୁଃଖିନୀ, କେଡ଼େ ଅଭାଗିନି କହିଲ ? ତା'ର ସୁଖର ସଂସାର କେମିତି ଉଜୁଡ଼ିଗଲା ଦେଖୁନ ।''

''ଓଃ, ଉଜୁଡ଼ିଗଲା ? ଉଜୁଡ଼ି ଯିବ କାହିଁକି ? ତୁମେ ଯାଇ ତା ସଂସାରରେ ପହଞ୍ଚିଯାଉନ, ପୁଣି ସରସ ସୁନ୍ଦର ହୋଇ ଉଠିବ ତା ଭଙ୍ଗାରୁଜା ସଂସାର । ସୁନ୍ଦରୀଟାଏ ତ ହୋଇଛି । କେତେ ଲୋକଙ୍କ ଘର ଯେ ଭାଙ୍ଗିବ ସେହି ସୌନ୍ଦର୍ଯ୍ୟ ପାଇଁ କହି ହେବନି । ଆଜି ତା'ରି ଯୋଗୁଁ ମୋ ଘର ଭାଙ୍ଗିଯିବାକୁ ବସିଛି । ହଉ, ମୋତେ ଛାଡ଼ିଲ ମୁଁ ଯାଏ ।''

''କେଉଁଆଡ଼େ ?''

''ଓକିଲ ପାଖକୁ ।''

''କ'ଣ ପାଇଁ ?''

''ତଲାକ୍, ମାନେ ଛାଡ଼ପତ୍ରର କାଗଜ ପ୍ରସ୍ତୁତ କରିବା ପାଇଁ ।''

''ଆଁ, ତଲାକ୍ ?''

ଏତକ କହି ଚନ୍ଦ୍ରାକୁ ନିଜ କୋଳକୁ ଆହୁରି ଜୋରରେ ଟାଣିନେଇ କହିଲି, ''ତୁମଭଳି ଷୋଡ଼ଶୀ ତରୁଣୀ ଘରେ ଥାଉ ଥାଉ କାହାର କ'ଣ ଆଉ କେଉଁଠି ମନ ହେବ ଚନ୍ଦ୍ରା । ଆଜି ରେଖାକୁ ତୁମେ ସୁନ୍ଦରୀ ବୋଲି କହୁଛ, ସେ କ'ଣ କେବେ ତୁମଠାରୁ ଅଧିକ ସୁନ୍ଦରୀ ହୋଇପାରେ ? ତୁମେ ଆଜି ମୋତେ କେଡ଼େ ସୁନ୍ଦର ଦିଶୁଛ ତୁମେ ନିଜେ ଜାଣିପାରୁନ ଚନ୍ଦ୍ରା ! ଜାଣ, ସାକ୍ଷାତ ସ୍ୱର୍ଗର ଅପ୍‌ସରୀ ଉର୍ବଶୀ କି ମେନକା ।''

ଏତକକହି ଚନ୍ଦ୍ରାର ସେହି ପ୍ରାତଃକାଳୀନ ସରସ ସୁନ୍ଦର କପୋଳ ଉପରେ ଆଙ୍କିଦେଲି ନିଶାନ୍ତ ଚୁମ୍ବନର ଏକ ସଜ, ଅମଉଳା ଗାର ।

ରାଗ ଟିକିଏ ଶାନ୍ତ କରି ମୋ ନାଇଟ୍ ଗାଉନ୍‌ର ବୋତାମକୁ ଏପଟ ସେପଟ କରୁ କରୁ ଚନ୍ଦ୍ରା ପଚାରିଲା, ''ତୁମକୁ ମୋର ଆଜିକାଲି କାହିଁକି ଭାରି ସନ୍ଦେହ

Digitized by srujanika@gmail.com

ହେଉଛି । ସତ କରି କହିଲ, ମୋ ରାଣ, ତୁମେ ରେଖା ସହିତ...'' କହିପାରିଲାନି ସେ । କିଛି ସମୟ ପରେ ଥର ଥର ଗଳାରେ କହିଲା, ''ତୁମେ ମୋତେ ପ୍ରତାରଣା କରୁନାହଁ ତ ?''

ଏତକ କହିଲାବେଳେ ଚନ୍ଦ୍ରା ମନ ଭିତରର ଅଭିମାନ ଓ ଉଦ୍‌ବେଗ ବାହାରକୁ ବେଶ୍ ଜଣାପଡୁଥାଏ ।

ବାହାରେ କଲିଙ୍ଗବେଲ ଶବ୍ଦରେ ଚନ୍ଦ୍ରାକୁ ଛାଡ଼ିଦେଲି । ସେ ଦୌଡ଼ିଯାଇ କବାଟ ଫିଟାଇଲାବେଳକୁ ଜଣେ ପତ୍ରବାହକ । ହାତରେ ଆଣିଥିଲା ଖଣ୍ଡିଏ ଜଉମୁଦ ଚିଠି, ପରମାଣୁ ଶକ୍ତି ପରାମର୍ଶଦାତା ବୋର୍ଡ଼ ଅଫିସ୍‌ରୁ । ଏ ଅସମୟରେ ପତ୍ରବାହକକୁ ଦେଖି ମନରେ ମୋର ଶତ ଦୁଶ୍ଚିନ୍ତା ଖେଳିଗଲା । ଚନ୍ଦ୍ରା ହାତରୁ ଚିଠିଟି ନେଇ ଖୋଲିଲି । ସେଥିରେ ଲେଖାଥିଲା –

''...ଏତଦ୍ଦ୍ୱାରା ଆପଣମାନଙ୍କୁ ସମସ୍ତଙ୍କୁ ଜଣାଇ ଦିଆଯାଉଛି ଯେ କେତେକ ଆଭ୍ୟନ୍ତରୀଣ କାରଣବଶତଃ ପରମାଣୁ ଗବେଷଣାଗାରର ଅଧ୍ୟକ୍ଷ ଡକ୍ଟର ରବର୍ଟ ହାଇମର୍‌ଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇ ତାଙ୍କ ସ୍ଥାନରେ ନିଯୁକ୍ତ କରାଗଲା ସହକାରୀ ଅଧ୍ୟକ୍ଷ ଡକ୍ଟର ମଣ୍ଟ୍‌ଗୋମେରୀଙ୍କୁ । ଆଜିଠାରୁ ଗବେଷଣାଗାରର କୌଣସି ବିଷୟ ରବର୍ଟ ହାଇମର୍‌ଙ୍କୁ ନ ଜଣାଇ ଡକ୍ଟର ମଣ୍ଟ୍‌ଗୋମେରୀଙ୍କୁ ଜଣାଇ ଦିଆଯିବ... ।''

ଚିଠିଟି ପଢ଼ି କାଠ ହୋଇଗଲି । ଏ କ'ଣ ହେଲା ବୁଝି ପାରିଲିନି । ଦେଶର ଏତେବଡ଼ ବୈଜ୍ଞାନିକଙ୍କୁ...

ଆଉ ଭାବି ପାରିଲିନି ।

ଇତ୍ୟବସରରେ ଖବରକାଗଜବାଲା ଖବରକାଗଜ ଥୋଇ ଦେଇଗଲା ଟେବୁଲ ଉପରେ । ଦାନ୍ତ ଘଷୁ ଘଷୁ କାଗଜ ଖୋଲି ଦେଖିଲି, ବଡ଼ ବଡ଼ ଅକ୍ଷରରେ ଲେଖାଥିଲା –

''ପରମାଣୁ ବୋମା ଗବେଷଣାଗାରର ଅଧ୍ୟକ୍ଷ ବହିଷ୍କୃତ ।

ଯୁକ୍ତରାଷ୍ଟ୍ରର ଗୁପ୍ତ ପରମାଣୁ ଗବେଷଣାଗାରର ଅଧ୍ୟକ୍ଷ ଡକ୍ଟର ଏଇଚ. କେ. ରବର୍ଟ ହାଇମର୍‌ଙ୍କୁ କେତେକ ବିଷୟରେ ସନ୍ଦେହ କରି ବର୍ତ୍ତମାନ ପାଇଁ କାର୍ଯ୍ୟରୁ ଅନ୍ତର କରାଯାଇଛି । ଯୁକ୍ତରାଷ୍ଟ୍ରର ଗୋଏନ୍ଦା ବିଭାଗ ଆଜକୁ କେତେବର୍ଷ ହେଲା ତାଙ୍କ ଉପରେ ଆଖିରଖି ଆସୁଥିଲେ । ତାଙ୍କର ଅତୀତ ଜୀବନ ବିଶ୍ଳେଷଣ କଲାରୁ ଜଣାଗଲା ଯେ, ସେ ତାଙ୍କ ଯୁବା ସମୟରେ ରାଷ୍ଟ୍ରବିରୋଧୀ କମ୍ୟୁନିଷ୍ଟ ଦଳ ସହିତ ସଂପର୍କ ରଖି ଥିଲେ ଓ ବେଳେ ବେଳେ ସେହି ଦଳକୁ ଆର୍ଥିକ ସାହାଯ୍ୟ ଦେଉଥିଲେ । ପରେ ସେ ଜଣେ କମ୍ୟୁନିଷ୍ଟ ବାଳିକାକୁ ବିବାହ କରିଥିଲେ ।

Digitized by srujanika@gmail.com

କଲମ୍ବିଆ ବିଶ୍ୱବିଦ୍ୟାଳୟକୁ ଆସିବା ଦିନଠାରୁ ସେ କମ୍ୟୁନିଷ୍ଟ ଦଳ ସହିତ ସମସ୍ତ ସମ୍ପର୍କ ତୁଟାଇ ଦେଇଥିଲେ ମଧ୍ୟ ଓ ବର୍ତ୍ତମାନ ସେହି ଦଳ ସହିତ କୌଣସି ସମ୍ପର୍କ ନ ଥିଲେ ସୁଦ୍ଧା, ଯୁକ୍ତରାଷ୍ଟ୍ରର ଏତେବଡ଼ ଗୋପନୀୟ ଓ ଦାୟିତ୍ୱପୂର୍ଣ୍ଣ ସ୍ଥାନରେ ତାଙ୍କୁ ରଖିବା ପାଇଁ ଯୁକ୍ତରାଷ୍ଟ୍ର ସରକାର ନିରାପଦ ମଣୁ ନାହାନ୍ତି । ତେଣୁ ତାଙ୍କୁ ସେହି ସ୍ଥାନରୁ କାଢ଼ି ନିଆଯାଇ ତାଙ୍କ ସ୍ଥାନରେ ଯୁକ୍ତରାଷ୍ଟ୍ରର ଅତି ବିଶ୍ୱସ୍ତ, ଗୁପ୍ତ ପରମାଣୁ ଗବେଷଣାଗାରର ସହକାରୀ ଅଧ୍ୟକ୍ଷ ଡକ୍‌ଟର ମଣ୍ଟ୍‌ଗୋମେରୀଙ୍କୁ ନିଯୁକ୍ତ କରାଗଲା । ଏବଠାରୁ ଯୁକ୍ତରାଷ୍ଟ୍ରର ଗୁପ୍ତ ପରମାଣୁ ଗବେଷଣାର କୌଣସି ବିଷୟ ଡକ୍‌ଟର ରବର୍ଟ ହାଇମର୍‌ଙ୍କୁ ଜଣାଇ ଦିଆଯିବନି । ରବର୍ଟ ହାଇମର୍‌ଙ୍କୁ ତାଙ୍କ ପୂର୍ବ ସ୍ଥାନ କଲମ୍ବିଆ ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତରିତ କରଯାଇଛି ।

ଖବର ପଢ଼ି ମୋ ଆଖି ଆଗରେ ନାଚିଗଲା ଗତରାତ୍ରିର ସ୍ୱପ୍ନର ଘଟଣାଗୁଡ଼ିକ । ମନକୁମନ ମୋ ପାଟିରୁ ବାହାରିପଡ଼ିଲା, "ସ୍ୱପ୍ନ କ'ଣ ବେଳେବେଳେ ସତ ହୁଏ ଚନ୍ଦ୍ରା ?"

ଅଦୂରରେ ଡ୍ରେସିଂ ଟେବୁଲ ପାଖରେ ଠିଆହୋଇ ମୁଣ୍ଡବାଳକୁ ସଜାଡୁଥିଲା ଚନ୍ଦ୍ରା । ସେ ମୋ କଥାର ମର୍ମ ବୁଝିଲା କି ନାହିଁ, ବାଳ ସଜାଡ଼ିବା ଛାଡ଼ି ମୋ ମୁହଁକୁ ବଲବଲ କରି ଅନାଇ ରହିଲା ।

Digitized by srujanika@gmail.com

ଡକ୍ଟର ଗୋକୁଳାନନ୍ଦ ମହାପାତ୍ର

ଓଡ଼ିଶାର ବିଜ୍ଞାନସାହିତ୍ୟ କ୍ଷେତ୍ରରେ ଆଦିଲେଖକ ନ ହେଲେହେଁ ତାଙ୍କଠିଠାରୁ ଅର୍ଥାତ୍ ୧୯୪୬ ମସିହାଠାରୁ ବିଜ୍ଞାନ ଉପରେ ବିଧିବଦ୍ଧଭାବରେ ଲେଖା ଆରମ୍ଭ ହେଲା । ବିଜ୍ଞାନସାହିତ୍ୟରେ ସେ କେବଳ ପ୍ରବନ୍ଧ ଲେଖକ ନୁହନ୍ତି, ମାତ୍ର ବୈଜ୍ଞାନିକ ଗଳ୍ପ, ବୈଜ୍ଞାନିକ ଉପନ୍ୟାସ, ବୈଜ୍ଞାନିକ ରମ୍ୟରଚନା, ବୈଜ୍ଞାନିକ କବିତା, ବୈଜ୍ଞାନିକ ନାଟକ ଓ ବୈଜ୍ଞାନିକ ଶିଶୁସାହିତ୍ୟ ଆଦିର ସର୍ବପ୍ରଥମ ସ୍ରଷ୍ଟାଭାବରେ ସେ ପରିଚିତ । ତାଙ୍କ ରଚିତ ସର୍ବପ୍ରଥମ ବୈଜ୍ଞାନିକ ଉପନ୍ୟାସ "ପୃଥିବୀ ବାହାରେ ମଣିଷ" ଓ ବୈଜ୍ଞାନିକ ଗଳ୍ପପୁସ୍ତକ "ଉଡ଼ନ୍ତା ଥାଳିଆ" ଆଜକୁ ଅର୍ଦ୍ଧଶତାବ୍ଦୀ ତଳେ ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା । ବର୍ତ୍ତମାନ ତାଙ୍କର ସେହି ଲେଖନୀରୁ ସୃଷ୍ଟି ହୋଇଛି "ମୃତ୍ୟୁରଶ୍ମି" । ସେ ବର୍ତ୍ତମାନ ଆଠରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଉପନ୍ୟାସ, ପାଞ୍ଚରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଗଳ୍ପପୁସ୍ତକ, ଦଶରୁ ଊର୍ଦ୍ଧ୍ୱ ଶିଶୁ ବିଜ୍ଞାନପୁସ୍ତକ, ଷାଠିଏରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ପ୍ରବନ୍ଧପୁସ୍ତକ ବହୁ ଜଟିଳ ବୈଜ୍ଞାନିକ ତତ୍ତ୍ୱ, ଆବିଷ୍କାର, ଉଦ୍ଭାବନ ଉପରେ ରଚନା କରିଛନ୍ତି । ତାଙ୍କର ପ୍ରବନ୍ଧଲେଖାର ବିଶେଷତ୍ୱ ହେଉଛିଯେ ସେ ବହୁ ଜଟିଳ ତତ୍ତ୍ୱକୁ ସରଳିକରଣ କରି ଲେଖିପାରନ୍ତି, ଯାହା ସର୍ବଜନାଦୃତ ହୁଏ । ଜଟିଳ ବୈଜ୍ଞାନିକ ତତ୍ତ୍ୱକୁ ହୃଦୟଙ୍ଗମ କରିବାରେ କିଛି ଅସୁବିଧା ହୁଏ ନାହିଁ ।

ବିଜ୍ଞାନଭାରତୀ
କଟକ

Digitized by srujanika@gmail.com